# ଓଡ଼ିଆ ଶିଶୁ ସାହିତ୍ୟ ସଂକଳନ

ଓଡ଼ିଶା ସାହିତ୍ୟ ଏକାଡେମୀ

# ଓଡ଼ିଆ
# ଶିଶୁ ସାହିତ୍ୟ ସଂକଳନ

ଓଡ଼ିଶା ସାହିତ୍ୟ ଏକାଡ଼େମୀ

ଭୁବନେଶ୍ୱର—୧୪

ଓଡ଼ିଆ
ଶିଶୁ ସାହିତ୍ୟ ସଂକଳନ
ସଂକଳକ :—ଶ୍ରୀ ରାମକୃଷ୍ଣ ନନ୍ଦ
ପ୍ରକାଶକ :—ଓଡ଼ିଶା ସାହିତ୍ୟ ଏକାଡେ଼ମୀ,
ଭୁବନେଶ୍ୱର—୭୫୧୦୧୪
ପ୍ରଥମ ପ୍ରକାଶ :—୧୯୮୨
ମୁଦ୍ରଣ :—କୋଣାର୍କ ପ୍ରିଣ୍ଟର୍ସ,
ଖଟବାନ ସାହି; କଟକ-୮
ମୂଲ୍ୟ—ଟ୩୦-୦୦ ( ତିରିଶି ଟଙ୍କା )

Oriya
Sishusahitya Sankalan
Compelor :—Sri Ramkrushna Nanda
Published by :—Orissa Sahitya Akademi,
Bhubaneswar-14
First Publication :—1982
Printed at :—Konark Printers,
Khatatbin Sahi, C.T.C-8
Price—Rs. 30/- ( Rupees thirty only )

# ଶିଶୁ ସାହିତ୍ୟ ସଂକଳନ ଅବସରରେ

ଶିଶୁ ସାହିତ୍ୟ ଶିଶୁମାନଙ୍କ ସମ୍ବନ୍ଧରେ ସାହିତ୍ୟ, ଶିଶୁମାନଙ୍କ ପାଇଁ ସାହିତ୍ୟ । "ଶିଶୁ" ଆସନ୍ତା କାଲିର ମଣିଷ । ଆମର ସମ୍ଭାବନା ଓ ଭବିଷ୍ୟତ । ଦେଶର ସମ୍ଭାବନା ଓ ଭବିଷ୍ୟତ । ଆମର ସ୍ୱପ୍ନ । ଦେଶର ସ୍ୱପ୍ନ । ଭବିଷ୍ୟତର ଅଙ୍କୁର । ଆସନ୍ତା କାଲିର ବିଶ୍ୱକର୍ମା । ସୁତରାଂ "ଶିଶୁ" ଓ "ଆସନ୍ତା କାଲି"କୁ ନେଇ ଶିଶୁ ସାହିତ୍ୟ ।

ବର୍ତ୍ତମାନର ସୁଖ, ଦୁଃଖ, ଆଶା, ଆକାଂକ୍ଷା, ଉଦ୍ୟମ, ପ୍ରେରଣା, ପ୍ରବିଣତା ନେଇ ଭବିଷ୍ୟତ । ଆଜିର ମୂଳଦୁଆ ଉପରେ ଆସନ୍ତା କାଲି ଠିଆ ହୋଇଛି । ତେଣୁ, ଆସନ୍ତା କାଲି ଖାଲି କଳ୍ପନା ବିଳାସ ନୁହେଁ, ଖାଲି "କାଗଜରେ ଫୁଲ ଆଙ୍କିବା" ନୁହେଁ । ଏହା ଆଜିକୁ ପ୍ରେୟ ବା ବାଞ୍ଛିତ ଢଙ୍ଗରେ ପରିଚାଳିତ କରି, ଏ ଧରାକୁ ନୂଆ କରି ଗଢ଼ି, ନୂତନ ପୃଥିବୀ ଓ ନୂତନ ଜଗତ ଗଢ଼ିବାର ଭିତ୍ତିଭୂମି । ତେଣୁ ଉଦ୍ୟମ ଏବଂ ଆଶା ଓ ଆକାଂକ୍ଷାକୁ ନେଇ ଶିଶୁ ସାହିତ୍ୟ ।

ଆମ ଶିଶୁମାନେ ଆମର "ଶଙ୍ଖାଳି" । "କଳାମାଣିକ" । "ଦୁଃଖି-ଧନ" । "ନସ୍ୟନ ପିତୁଳା" । "ଟେକା ତଉଧୁଗି" । "ଗୁଣ୍ଡୁ ଣୀହାଙ୍ଗି" । "ବାଇଧନ" । ଆମର ଆଶା । ଆମର ଭରସା । ଆମ ଦେଶର ଶୀତ-ବାରେଣୀ (୧) ତଳେ ଆମେ ତାଙ୍କୁ ଚନ୍ଦ୍ର ଉହାଡ଼ କରି, ଢଙ୍କି ଘୋଡ଼େଇ ରଖିବାକୁ ଚାହୁଁ । ଆମେ ଚାହୁଁ ସେମାନେ ହସନ୍ତୁ, ହସୁଥାନ୍ତୁ; ବରଫ ପରି ଦାନ୍ତ ମୂଳରେ ମିଳେଇ ଯିବା ନକଲି ହସ ନୁହେଁ, ନାହି ମୁଣ୍ଡାରୁ ଉଠୁଥିବା ଜୁଆର ପରି ମାଡ଼ି ଆସୁଥିବା ଅସଲି ହସ (୨) ହସନ୍ତୁ । ସେମାନେ ପାଠ ପଢ଼ନ୍ତୁ । କାଳିଆ ଘୋଡ଼ାରେ ଚଢ଼ନ୍ତୁ । ମଧୁ ବାରିଷ୍ଟର ସାଙ୍ଗରେ ଲଢ଼ନ୍ତୁ । (୩) ପଣ୍ଡିତ ହୁଅନ୍ତୁ । ବୁଦ୍ଧିଆ ହୁଅନ୍ତୁ । (୪) ଜ୍ଞାନ ଅର୍ଜନ କରନ୍ତୁ । ତା ସାଙ୍ଗକୁ ସାଧାରଣ ଜ୍ଞାନ ବି ଅର୍ଜନ କରନ୍ତୁ । ଏ ଜଗତ ବହୁ ରଙ୍ଗରେ ଭରା । (୫) ଶବ୍ଦ, ଗନ୍ଧ, ରୂପ, ରସରେ ଭରପୂର । ଏଠି ଛବିର ମେଳା ।

ସେମାନେ ସେଇ ଜଗତକୁ ଚିହ୍ନନ୍ତୁ । ତା'ର ଚିହ୍ନର ଗବାକ୍ଷ ହୁଅନ୍ତୁ । ଆମ ଗାଆଁ ଗୁଡ଼ିକର ଲୋକ ହୁଅନ୍ତୁ । ଘାସକଟା ଓ ଘୋଡ଼ାଚଢ଼ା ଶିଖନ୍ତୁ । ଆମ ଗାଆଁକୁ ସେଇଭଳି ପିଲା ଲୋଡ଼ା, ଯିଏ ଘାସ କଟା ଓ ଘୋଡ଼ାଚଢ଼ା ଉଭୟ ଜାଣିଥିବ । (୬) । ତେଣୁ ଆମେ ଚାହୁଁ ସେମାନେ ଯେତେବେଳେ ସାନ ଅଛନ୍ତି, ସେତେବେଳେ ବଙ୍କା, ସିଧା, ଟେଙ୍ଗା, ଗେଡ଼ା ଯାହା ଆମ ମନ, ସେହିଭଳି ତାଙ୍କୁ ଗଢ଼ିବୁ । (୭) । ନା-ବଙ୍କା ନୁହେଁ, କି ଗେଡ଼ା ନୁହେଁ; ତାଙ୍କୁ ସିଧା ଓ ଟେଙ୍ଗା କରି ଗଢ଼ିବୁ । ଡଉଲ ଡାଉଲ । ଆଖି ପୁରି ଯାଉଥିବ । ନୟନ ଲୋଭା । ମନ ଓ ହୃଦୟ ଭରି ଯାଉଥିବ । ତେଣୁ ଆମେ ତାଙ୍କ ହୃଦୟରେ ହେମନ୍ତ, ଆଉ ତାଙ୍କ ଜୀବନରେ ବିଶ୍ୱାସ ଭରି ଦବାକୁ ଚାହୁଁ । ଚାହୁଁ ସେମାନେ ଦେଶରେ ଚେତନାର ନବୀନ ଧାରା ବୁହାଇ ଦିଅନ୍ତୁ (୮) ।

ଚେତନାର ନବୀନ ଧାରା !! ଚେତନାର ଧାରା । ପୁଣି ନୂଆ ଧାରା । ପୁଣି ଏକ ଗତିଶୀଳ ଧାରା । ଆମେ ଚାହୁଁ ଆମ ଶିଶୁ, ଆମର ଦାୟାଦ, ଆମର ଦେଶର ଭବିଷ୍ୟତ ଏକ ନୂତନ ଦ୍ୟୋତନାରେ ଅନୁପ୍ରାଣିତ ହୋଇ ନୂତନ ଚେତନାର ମାଧ୍ୟମ ହୁଅନ୍ତୁ, ବାହକ ହୁଅନ୍ତୁ । ସେ ଚେତନା ଗତିଶୀଳ ହେଉ । ନିତ୍ୟ ପ୍ରବୃତ୍ତି ବର୍ତ୍ତମାନ ହେଉ । ଆସୁ ନୂତନ ବ୍ୟଞ୍ଜନା ଆଉ ନୂତନ ଅବବୋଧ ।

ପ୍ରଫେସର ମାକ୍‌କ୍ଲେଲଣ୍ଡ ଅର୍ଥନୈତିକ ଉନ୍ନତି ପାଇଁ "n-achieve ment" ବା "କୃତକାର୍ଯ୍ୟତା-ସ୍ଫୂର୍ତ୍ତି" ଧାରଣାର ପ୍ରୟୋଗ କରିଥିଲେ । ଏହା କିଛି ଭଲ କରିବାର ଇଚ୍ଛା, ଏକ ନିର୍ଦ୍ଦିଷ୍ଟ "ମାନ"କୁ ଅତିକ୍ରମ କରିଯିବା ପାଇଁ ଏକ ପ୍ରକାରର ପ୍ରଣୋଦନା । କୌଣସି ଏକ ନିର୍ଦ୍ଦିଷ୍ଟ ସଂସ୍କୃତିରେ ଯେଉଁ ସବୁ କଥା ବା କାହାଣୀ ଗୁଡ଼ିକ ଖୁବ୍ ବେଶି ପ୍ରଚଳିତ, ସେଗୁଡ଼ିକ ସେହି ସଂସ୍କୃତିର "ପ୍ରଣୋଦନା" ମାପର ସୂଚକ । କୌଣସି ଏକ ସଂସ୍କୃତିର ଶିଶୁ ସାହିତ୍ୟ ଅନୁଶୀଳନ କଲେ ଏହି କୃତକାର୍ଯ୍ୟତା ସୂଚକ କେତେ ଗୁଡ଼ିଏ ସାଧାରଣ ପ୍ରଣୋଦନା, ମୂଲ୍ୟବୋଧ ବା ରୂପକଳ୍ପ ଦେଖିବାକୁ ମିଳେ । ଏହାଛଡ଼ା ଉକ୍ତ ସଂସ୍କୃତିର ପ୍ରାଚୀନ ସାହିତ୍ୟ ଅନୁଶୀଳନ କଲେ ସେହି

ସାହିତ୍ୟରେ ବ୍ୟକ୍ତ ସାଧାରଣ ମାନବର ଆଚରଣ ଓ ପ୍ରଶ୍ନୋଦନାରୁ "କୃତକାର୍ଯ୍ୟତା-ସୂଚୀ" ସମ୍ବନ୍ଧରେ କିଛିଟା ଧାରଣା ମିଳିଥାଏ । ଏହି ଉପାୟରେ ମାକ୍‌କ୍ଲେଲାଣ୍ଡ ଗ୍ରୀକ୍ ସାହିତ୍ୟର ଅନୁଶୀଳନ କରି ଗ୍ରୀକ୍ ସମାଜ ଓ ସଂସ୍କୃତିରେ "କୃତକାର୍ଯ୍ୟତା-ସୂଚୀ"ର ମୂଲ୍ୟାୟନ କରିଥିଲେ । ପରେ ଏଭରେଟ୍ ହାଜେନ୍ ଏହି ଧାରଣାକୁ ଆଉ ଟିକିଏ ପରିବର୍ଦ୍ଧିତ ଓ ପରିମାର୍ଜିତ କରି ଦେଇଥିଲେ । ୯ ।

ଏହି କୃତକାର୍ଯ୍ୟତା ( achievement )ର ରୂପରେଖ କିପରି ? ଏହାକୁ ଏକ ସୂଚୀ-ଚୁମ୍ବକ ରୂପେ ଗ୍ରହଣ କରାଯାଇପାରେ । ଏକ ଦିଗ ନିର୍ଦ୍ଦେଶକ ବା ପଥ ପ୍ରଦର୍ଶକ ରୂପେ । ଆମେ କଣ ଚାହୁଁଚୁ, କି ଉପାୟରେ ତାହା ପାଇବାକୁ ଚାହୁଁଚୁ, ତାହା ଦର୍ଶାଇ ଦିଏ । ହୋୱାର୍ଡ଼ ଫାଷ୍ଟ ତାଙ୍କର "ସାହିତ୍ୟ ଓ ବାସ୍ତବତା" ପୁସ୍ତକରେ ତାହାର ଏହିପରି ଏକ ବର୍ଣ୍ଣନା କରିଛନ୍ତି ।—"ମୁଁ ଭବିଷ୍ୟତର ନାଗରିକ । ମାନବ ଜାତିର ଭବିଷ୍ୟତର ଗାଥାକାର । ଆମେ ଅବିନାଶୀ । କାରଣ ଆମେ ମଣିଷ ଜାତିର ଆଶା ଓ ଆକାଂକ୍ଷାର ବାହକ" । ସୁତରାଂ "ଭବିଷ୍ୟତ" ପାଇଁ ଅନନ୍ତ ଆଶା ଓ ଜୀବନ ଧାରଣାର ଧାରରେ ଅନନ୍ତ ବିଶ୍ୱାସ ଏବଂ ଏହି ଦୁଇଟିର ସମ୍ମିଳନରେ ମଣିଷର ସୁଖ ସମ୍ଭୋଗ ପାଇଁ ଅନନ୍ତ ସମ୍ଭାବନା ।୧୦।

ସୁତରାଂ ଶିଶୁ ସାହିତ୍ୟରେ ଆମେ ଶିଶୁ ଜରିଆରେ ଭବିଷ୍ୟତ ଗଢ଼ିବାର ପ୍ରୟାସୀ । ଶିଶୁକୁ ଗଢ଼ିବୁ । ଭବିଷ୍ୟତକୁ ଗଢ଼ିବୁ । ଶିଶୁକୁ ଭବିଷ୍ୟତ ପାଇଁ ଉପଯୋଗୀ କରିବୁ । ଭବିଷ୍ୟତକୁ ଆଜିର ଶିଶୁ ପାଇଁ ଉପଯୋଗୀ କରିବୁ । ବର୍ତ୍ତମାନର ତ୍ରୁଟି ପ୍ରମାଦ ପୋଛି ତାକୁ ଆଶା, ଆକାଂକ୍ଷା, ଉଦ୍ୟମ, ଆଶା ଓ ଜୀବନଧାରର ସ୍ଥଳୀ ରୂପେ, ସୂଚୀ ଚୁମ୍ବକ ରୂପେ ନିଯୋଗ କରି ଭବିଷ୍ୟତକୁ ସୁନେଲି କରିବୁ ।

ସେହି କାରଣରୁ ଶିଶୁ ସାହିତ୍ୟ ଶେଷ ପର୍ଯ୍ୟନ୍ତ ଆବେଦନଧର୍ମୀ ହେବାକୁ ବାଧ୍ୟ । ଏଇ ଆବେଦନ ଧର୍ମ କଅଣ ସେ ବିଷୟରେ ବି ଧାରଣା ସ୍ପଷ୍ଟ ହୋଇଯିବା ଆବଶ୍ୟକ । ଶ୍ରୀ ଚିତ୍ତରଞ୍ଜନ ଦାସ ତାଙ୍କର "ଓଡ଼ିଆ ସାହିତ୍ୟର ସାଂସ୍କୃତିକ ବିକାଶ ଧାରା" ପୁସ୍ତକରେ ଆବେଦନଧର୍ମୀ ସାହିତ୍ୟର ଯେଉଁ ସବୁ ଗୁଣ ନିର୍ଣ୍ଣୟ କରିଛନ୍ତି, ଶିଶୁ ସାହିତ୍ୟ ପାଇଁ ବି ତା ପ୍ରଯୁଜ୍ୟ ।

ଶିଶୁ ସାହିତ୍ୟ ଶିଶୁମାନଙ୍କ ଲାଗି "ଆଗକୁ ବାଟ ଫିଟାଇ ଦେଇ ପାରୁଥିବ ।×। ପାଚେରୀ ଗୁଡ଼ାକ ଭାଙ୍ଗି ପାରୁଥିବ । ଗଣ୍ଠି ଗୁଡ଼ାକ ଫିଟାଇ ଦେଇ ଆମକୁ ଅଧିକ ପଥଚାରଣା ଲାଗି ପ୍ରସ୍ତୁତ କରିପାରୁଥିବ ।×। ଆମକୁ ଆମ ଆକାଶ ଗୁଡ଼ିକର ସ୍ପର୍ଶ ଦେଇ ଯାଇ ପାରୁଥିବ । ଆମର ଭିତରେ ଆମ ନିସ୍ୱତ୍ତ ଗୁଡ଼ିକୁ ଅବତୀର୍ଣ୍ଣ କରାଇ ଆଣି ପାରୁଥିବ ।××। ଆମ ଭବିଷ୍ୟତର ପ୍ରତିଶ୍ରୁତି ଗୁଡ଼ିକ କହି ପାରୁଥିବ" ।୧୧।

ସୁତରାଂ ଶିଶୁ ସାହିତ୍ୟରେ ଏକ ନିର୍ଦ୍ଦିଷ୍ଟ ଫଳଶ୍ରୁତି ରହିଛି । ରହିବା ଉଚିତ । କାବ୍ୟ-ପ୍ରୟୋଜନ ବା କୃତ ପ୍ରୟୋଜନ ପରେ ଏହାର ପ୍ରୟୋଜନ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ।

ଭାରତୀୟ କାବ୍ୟ ତନ୍ତ୍ରରେ ରତି, ହାସ, ଶୋକ, କ୍ରୋଧ, ଉତ୍ସାହ, ଭୟ, ଜୁଗୁପ୍ସା, ବିସ୍ମୟ ଓ ଶାନ୍ତକୁ ସାଧାରଣତଃ ମାନବର ସ୍ଥାୟୀ-ଭାବ ଭାବେ ଗ୍ରହଣ କରାଯାଇଛି । ତେଣୁ ନବରସ ମଧ୍ୟରେ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ କୌଣସି ସ୍ଥାୟୀ-ଭାବର ନିର୍ଦ୍ଦେଶ ନଥିଲା । ଆଚାର୍ଯ୍ୟ ରୁଦ୍ରଟ [ ନବମ—ଦଶମ ଶତାବ୍ଦୀ ] ଓ ଭୋଜ [ ଏକାଦଶ—ଦ୍ୱାଦଶ ଶତାବ୍ଦୀ ] "ପ୍ରେୟାନ" ଶୀର୍ଷକ ଏକ ରସର ନିର୍ଦ୍ଦେଶ ଦେଇଥିଲେ, ଯାହାର ସ୍ଥାୟୀଭାବ "ସ୍ନେହ" । ବିଶ୍ୱନାଥ କବିରାଜ ,ଚତୁର୍ଦ୍ଦଶ ଶତାବ୍ଦୀ "ବତ୍ସଳ" ନାମକ ଏକ ନୂତନ ରସର ଉଲ୍ଲେଖ କରିଥିଲେ, ଯାହାର ସ୍ଥାୟୀଭାବ "ବାତ୍ସଲ୍ୟ" । ଅଭିନବ ଗୁପ୍ତ ସ୍ନେହ ରସର ନିର୍ଦ୍ଦେଶ ଦେଇଥିଲେ, ଯାହାର ସ୍ଥାୟୀଭାବ "ଆର୍ଦ୍ରତା" । ଭରତଙ୍କ ବର୍ଣ୍ଣିତ "ବତ୍ସଳ" ଲକ୍ଷଣ ଅନୁସାରେ, ବତ୍ସଳତା ରୂପ ସ୍ନେହ ହେଉଛି ଏହାର ସ୍ଥାୟୀ ଭାବ । ପୁତ୍ର, ଅନୁଜ, କନ୍ୟା ପ୍ରଭୃତି ଏହାର ଆଲମ୍ବନ । ସେହିମାନଙ୍କର ଶୋଭନ କାର୍ଯ୍ୟକଳାପ, ବିଦ୍ୟା, ଶୂରତା, ଧନୋପାର୍ଜନାଦି ଉନ୍ନତି ପ୍ରଭୃତି ଉଦ୍ଦୀପନା; ଆଲିଙ୍ଗନ, ଅଙ୍ଗସ୍ପର୍ଶ, ମସ୍ତକ ଚୁମ୍ବନ, ବହୁଦିନ ପରେ ଦର୍ଶନ, ରୋମାଞ୍ଚ, ଆନନ୍ଦରେ ଲୋତକ ପ୍ରଭୃତି ଅନୁଭାବ । ଅନିଷ୍ଟ, ଶଙ୍କା, ହର୍ଷ, ଗର୍ବ ପ୍ରଭୃତି ବ୍ୟଭିଚାରୀଭାବ । ପଙ୍କଜ କୋଷ ବର୍ଣ୍ଣ ପରି ବର୍ଣ୍ଣ । ଗୌରୀ ପ୍ରଭୃତି ଷୋଡ଼ଶ ମାତୃଗଣ ଏହାର ଦେବତା ।୧୨।

ଭାରତୀୟ ସମାଜର ବିବର୍ତ୍ତନର ପରିପ୍ରେକ୍ଷୀରେ ବହୁକାଳ ପର୍ଯ୍ୟନ୍ତ ବାତ୍ସଲ୍ୟ ପ୍ରଭୃତି ମନୀଷର କେତେକ ସ୍ୱାଭାବିକ ପ୍ରବଣତା ଓ ସମ୍ବେଦନ ଗୌଣ ସ୍ଥାନ ଅଧିକାର କରିଥିଲା । ବିଶେଷତଃ ସାହିତ୍ୟରେ । ସୁତରାଂ ପ୍ରାଚୀନ ସାହିତ୍ୟରେ ଶିଶୁମାନଙ୍କ ପାଇଁ ବା ଶିଶୁମାନଙ୍କ ସମ୍ବନ୍ଧରେ ରଚନାର ସ୍ୱଳ୍ପତା । ବହୁକାଳ ଧରି ତାହା ଅନ୍ୟ "ରସ" ନେଇ ବିସ୍ମୃତ ଥିଲା । କେତେକ ସ୍ଥଳରେ "ଶିଶୁମାନଙ୍କ ପାଇଁ" ପରିବର୍ତ୍ତେ, ବତ୍ସଳ ରସର ସ୍ୱାଭାବିକ ଆତ୍ମପ୍ରକାଶ ରୂପେ "ଶିଶୁମାନଙ୍କ ସମ୍ବନ୍ଧରେ" ରଚନାମାନ ରଚିତ ହୋଇଥିଲା । କିନ୍ତୁ ତନ୍ମଧ୍ୟରୁ ଅଧିକ ଅଂଶ ଦେବତାଙ୍କୁ ଆଶ୍ରୟ କରି ।

ଏହା ହେବା ବରଂ ସ୍ୱାଭାବିକ ଥିଲା । ଦେବତାଙ୍କ ପରମ୍ପରା ବହୁ ପୁରାତନ । ବେଦ, ପୁରାଣ, ଉପନିଷଦ, ଧର୍ମସୂତ୍ର ଛାଡ଼ିଦେଲେ ମଧ୍ୟ ଏହି ପରମ୍ପରା ବହୁ ପୁରାତନ । ପଞ୍ଚମ ଶତାବ୍ଦୀରେ କଳିଙ୍ଗର ମାଠରବଂଶ ( ପ୍ରଭଞ୍ଜନ ବର୍ମା ), ନଳବଂଶ ( ସ୍କନ୍ଦ ବର୍ମା ), ଷଷ୍ଠ ଓ ସପ୍ତମ ଶତାବ୍ଦୀରେ କଳିଙ୍ଗର ଦୁର୍ଜ୍ଜୟ ବଂଶ ଓ କଙ୍ଗୋଦର ଶୈଳୋଦ୍ଭବ ବଂଶ, ତ୍ରିକଳିଙ୍ଗର ନଳ ଓ କୋଶଳର ଶରଭପୁରୀୟ ରାଜାମାନଙ୍କ ମଧ୍ୟ ଦେଇ, ସୋମବଂଶୀ ରାଜା ( ବାଳାର୍ଜ୍ଜୁନ ), ଭୌମକର ବଂଶ ରାଣୀ ( ପୃଥ୍ୱୀ ଓ ତ୍ରିଭୁବନ ମହାଦେବୀ ପ୍ରଭୃତି ) ମାନଙ୍କ ମଧ୍ୟ ଦେଇ ସାମ୍ରାଜ୍ୟବାଦୀ ଗଙ୍ଗଙ୍କ ପର୍ଯ୍ୟନ୍ତ ଏହାର ଲମ୍ବଧାରା ଅନୁସରଣ କରାଯାଇପାରେ । ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ରାମାନୁଜ, ବିଷ୍ଣୁ ସ୍ୱାମୀ, ନିମ୍ବାର୍କ, ମାଧ୍ୱାଚାର୍ଯ୍ୟ, ଶ୍ରୀଧର ସ୍ୱାମୀ, ଶ୍ରୀ ଚୈତନ୍ୟଙ୍କ ଧର୍ମ ପ୍ରଚାରର ଭିତରେ ଅନୁସରଣ କରାଯାଇପାରେ । ସର୍ବଶେଷରେ ସାରଳା ଦାସଙ୍କ ସାଂସ୍କୃତିକ ବିପ୍ଳବର ପୃଷ୍ଠଭୂମିରେ ପଞ୍ଚସଖାଙ୍କ ଜ୍ଞାନମିଶ୍ରା ଭକ୍ତିତତ୍ତ୍ୱ ପର୍ଯ୍ୟନ୍ତ ଅନୁସରଣ କରାଯାଇପାରେ ।

ଏହି ହେତୁ ଓଡ଼ିଆ ସାହିତ୍ୟର ଉନ୍ମେଷ କାଳରେ ଶିଶୁମାନଙ୍କ ସମ୍ବନ୍ଧରେ ରଚନା ମଧ୍ୟରେ ଆମେ ଦେଖିବାକୁ ପାଉ ମାର୍କଣ୍ଡ ଦାସଙ୍କ କେଶବ କୋଇଲି, ଜଗନ୍ନାଥ ଦାସଙ୍କ କାଳୀୟ ଦଳନ, ବଳରାମଙ୍କ କମଳ ଲୋଚନ ଚଉତିଶା ଇତ୍ୟାଦି । ତା ମଧ୍ୟରେ ବଳରାମଙ୍କ ଶ୍ରୀପଞ୍ଚମୀ ଗୀତ ପରି ବ୍ୟତିକ୍ରମ ଓ ଶିଶୁମାନଙ୍କ ପାଇଁ ଗୀତ ବି ଥିଲା । କିନ୍ତୁ ଅଷ୍ଟାଦଶ-ଉନବିଂଶ

ଶତାବ୍ଦୀ ପର୍ଯ୍ୟନ୍ତ ସେହି ପରମ୍ପରା ଓ ଧାରା "କଳାମାଣିକ", "କଳା-କଳେବର ଚଉତିଶା", "ଉଠିଲୁ କେଡ଼େ ବେଗି କାହିଁକି" ପ୍ରଭୃତି ରଚନା-ମାନଙ୍କ ମଧ୍ୟରେ ବହି ଆସିଥିଲା ।

ଊନବିଂଶ ଶତାବ୍ଦୀରେ ଏ ମୋଡ଼ ବଦଳିଯାଇ "ଶିଶୁମାନଙ୍କ ପାଇଁ" ରଚନା ଦେଖାଦେଲା । ଏହି ଶତାବ୍ଦୀରେ ସାମାଜିକ ଓ ରାଜ-ନୈତିକ କ୍ଷେତ୍ରରେ ନବ ଜାଗରଣର ପ୍ରତିଫଳନ ସ୍ୱରୂପ ଆସିଥିଲା ଏକ ବିପ୍ଳବ ଓ ଏହି ଧାରା ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ପଶି ଆସିଥିଲା ।୧୩। ନନ୍ଦ-କିଶୋର ( ୧୮୭୫-୧୯୨୮ ) ଙ୍କୁ ତାର ପ୍ରତୀକ ଭାବରେ ନିଆଯାଇ-ପାରେ । ତାଙ୍କର ନାନାବାୟା ଗୀତ ବା ଶିଶୁରଞ୍ଜନ ଗୀତିକା, ଦୋଳି-ଗୀତ, ନାଚ ଗୀତ, ହୋଉରେ ବାଇଆ ହୋଉ, କକଣ୍ଟୁଆ ପ୍ରଭୃତି ଗୀତ ମଧ୍ୟରେ ପିତା ହୃଦୟର ବାତ୍ସଲ୍ୟ ଭାବ ଓ ମାତୃ ସ୍ନେହ ସହ ଶିଶୁମାନସ ସହିତ ଆତ୍ମୀୟତା ଥିବା ଏ ଦେଶର ଗାଁ ମାଟିର ବାୟା ଚଢ଼େଇ, ବଣି ଚଢ଼େଇ, ପୋଷାକୁକୁର, ବିଲେଇ ନାନୀ, ଚୁଟିଆ ମୂଷା, ବେଙ୍ଗୁଲିରାଣୀ, ଡାମରାକାଉ, କୁଜିକାଉ, ପାରା, ଘରଚଟିଆ, କକଣ୍ଟୁଆ ଇତ୍ୟାଦିର ଚିତ୍ର ଫୁଟି ଉଠିଥିଲା । ଫୁଟି ଉଠିଥିଲା ପରମ୍ପରା ପ୍ରତି ଏକ ଗଭୀର ଅନୁରାଗ ସହ ଶିଶୁମାନଙ୍କ ପାଇଁ ଓ ତାଙ୍କର ମନୋରଞ୍ଜନ ପାଇଁ ଜୀବନସ୍ପନ୍ଦନ ଦ୍ୟୋତକ ସାର୍ଥକ ରୂପ ବିଭବର ଆତ୍ମପ୍ରକାଶ ।୧୪।

ପରମ୍ପରା ପ୍ରତି ଅନୁରାଗ ଥିଲା ଗୋଟିଏ ପୁରାତନ ଯୁଗର ଜଡ଼ତା । ଏହାକୁ ଶିଶୁମାନଙ୍କ ପାଇଁ ବିନିଯୋଗ କରିବାର ଏହି ଆଭିମୁଖ୍ୟ, ପ୍ରୟୋଗାତ୍ମକ ଦୃଷ୍ଟିରୁ ଏହି ଦୃଷ୍ଟି ଥିଲା ଏକ ବିହଙ୍ଗ ଦୃଷ୍ଟି । ଉପରୁ ଦେଖିବାର ଦୃଷ୍ଟି । ବଡ଼ ମଣିଷଙ୍କର ନିଜର ନୈତିକତା ଓ ସାମାଜିକ ବାଧ୍ୟତାର ଦୃଷ୍ଟି । କୁମ୍ଭାରଶାଳରେ କଞ୍ଚାମାଟିରେ ହାଣ୍ଡି ଗଢ଼ିବାର ଦୃଷ୍ଟି । ପାଶ୍ଚାତ୍ୟ ଜଗତରେ ଏହିପରି ଦୃଷ୍ଟିଭଙ୍ଗୀ ଆସିଥିଲା ଦାର୍ଶନିକ ଲକ୍ ( ୧୬୩୨-୧୭୦୪ ) ଙ୍କର ଭାବଧାରା ମଧ୍ୟରୁ । ଆରିଷ୍ଟ-ଟଲଙ୍କ ଭାଷାରେ ମଣିଷର ମନ ଏକ ଅଂଲେଖା ସିଲଟ । ଲକ୍ ଏହି ଅଲେଖା ସିଲଟରେ ଲେଖାହେବାର ପ୍ରଣାଳୀ ସମ୍ବନ୍ଧରେ ତାଙ୍କର ତତ୍ତ୍ୱ ପ୍ରଚାର କରି ଯାଇଥିଲେ । ଅଭିଜ୍ଞତାର ହରଫରେ ଲେଖାହୁଏ ମନର ସିଲଟ । ମଣିଷର

ଅଶେଷ ଅକଳନ କଳ୍ପନାର ବିଷୟବସ୍ତୁ, ଯୁକ୍ତି ଓ ଜ୍ଞାନର ସମସ୍ତ ଉପାଦାନ ଆସେ ଅଭିଜ୍ଞତାରୁ । "ଭାବ" ( Idea ) ଗୁଡ଼ିକର ସମ୍ମିଳନ (Association )ର ନିର୍ଦ୍ଦିଷ୍ଟ ନିୟମମାନ ରହିଛି । ଏହି "ସମ୍ମିଳନ" ଅନୁସାରେ ଅକଳନ ନୂତନ ଭାବ ସୃଷ୍ଟି ହୁଏ । ଶିଶୁମାନଙ୍କ ପ୍ରତି ଏହି ଚିନ୍ତାଧାରା ବିଶେଷ ଭାବେ ପ୍ରଯୁଜ୍ୟ । ଶିଶୁ କଞ୍ଚାମାଟି । ଓଦା କାଦୁଅ । ମୁରବିମାନେ କୁମ୍ଭାର । ସୁତରାଂ ଶିଶୁମାନଙ୍କୁ ନିଜର ଇଚ୍ଛା ମୁତାବକ ଗଢ଼ିହେବ । ଗଢ଼ିସାରି ମଳକୁଟି ପୋଡ଼ାଇ ଦେଇହେବ ।

ତେଣୁ ଏହି ଅବସ୍ଥାର ଶିଶୁ-ସାହିତ୍ୟରେ କେତୋଟି ନିର୍ଦ୍ଦିଷ୍ଟ ଭାବରାଜି ଦେଖିବାକୁ ମିଳେ । ରୂପ କଥା । ପୁରାଣ ଗପ । ପ୍ରାର୍ଥନା । ଈଶ୍ୱର ମହିମା । ଧର୍ମର ଜୟ । ଗପ ବା କବିତା ଛଳରେ ନୀତିକଥା । ଜୀବନୀ । ଇତ୍ୟାଦି, ଇତ୍ୟାଦି । ମହାଜନ ଯେନୋ ଗତଃ ସ ପନ୍ଥା । ମହାଜନମାନେ ଯେଉଁ ବାଟରେ ଯାଇଛନ୍ତି ସେହି ବାଟହିଁ ଶ୍ରେୟ । ସେମାନେ ସମୟର ବାଲି ଉପରେ ଯେଉଁ ପଦଚିହ୍ନ ଛାଡ଼ି ଯାଇଛନ୍ତି ସେହି ପଦାଙ୍କ ଅନୁସରଣ କରିବା ଶ୍ରେୟ । ବଡ଼ ମଣିଷମାନେ ସର୍ବ ଜାଣ ଓ ସର୍ବଦର୍ଶୀ । ନ୍ୟାୟ ଚୋପୁଣ ଓ ଭଲ । ସବୁ ନୀତି ଓ ନିୟମର ଆଧାର । ୧୫ ।

ସୁତରାଂ ଏ ଯୁଗରେ ଶିଶୁ ଏକ ଗ୍ରାମୋଫୋନ ରେକର୍ଡ଼ । କଳ ଗାଉଣା । ପୁରାଣ, ପ୍ରାର୍ଥନା, ନୀତିକଥା, ଜୀବନୀ ଇତ୍ୟାଦି କେତୋଟି ଗୀତ-ଦେଇ ଦେଲେ ଶିଶୁ ଭବିଷ୍ୟତର ଯୋଗ୍ୟ ଦାୟିତ୍ୱବାନ ଆଉ ଉତ୍ତମ ନାଗରିକ ହୋଇ ବାହାରି ଆସିବ ।

କିନ୍ତୁ ଆଧୁନିକ ଯୁଗ ଆଉ ଆଧୁନିକ ମନସ୍ତତ୍ତ୍ୱ ଓ ସମାଜ ତତ୍ତ୍ୱ ଏହି ଚିନ୍ତାଧାରାରେ ଭଙ୍ଗା ପକାଇ ଦେଲା । ଶିଶୁ ଏକ ମହମ ( Wax ) ନୁହେଁ—ଯାହା ଉପରେ ନିଜର ଇଚ୍ଛା ମୁତାବକ ଛାପ ରଖିଦେଇ ହେବ । ଜନ୍ମହେବା ପରଠାରୁ ଶିଶୁ ଏକ ଗତିଶୀଳ ଧାରା । ଶିଶୁ ଏକ ଗ୍ରାମୋଫୋନ ରେକର୍ଡ଼ ନୁହେଁ । ଏହା ଏକ Internal combustion Engine, ଏକ ସ୍ୱୟଂକ୍ରିୟ ଗତିଶୀଳ ସଂସ୍ଥା । ୧୬ ।

ଏବଂ ଏ ଯୁଗରେ ଅଭିଭାବକ, ପିତାମାତା ଓ ମୁରବିମାନଙ୍କ ପାଇଁ ବି କେତେକ ଗୁଳାବାଟ ପଡ଼ିଗଲା । ସେମାନେ ଶିଶୁମାନଙ୍କୁ ସ୍ନେହ

ଆଜି ପ୍ରେମ ଦେଇ ପାରିବେ, କିନ୍ତୁ ସେମାନଙ୍କର ଭାବନା ଦେଇ ପାରିବେ ନାହିଁ । କାରଣ ଶିଶୁମାନଙ୍କର ନିଜର ଭାବନା ଓ ଚିନ୍ତା ଅଛି । ସେମାନେ ଶିଶୁମାନଙ୍କ ଦେହକୁ ଆଶ୍ରୟ ଦେଇପାରିବେ, କିନ୍ତୁ ମନକୁ ନୁହେ । କାରଣ ଶିଶୁମାନଙ୍କ ମନ ଆସନ୍ତା କାଲିର ଘରେ ବିଚରଣ କରେ, ଯେଉଁଟିକି ମୁରବିମାନେ ସ୍ୱପ୍ନରେ ବି ଯାଇ ପାରିବେ ନାହିଁ । ସେମାନେ ଶିଶୁମାନଙ୍କ ପରି ହେବାକୁ ଚେଷ୍ଟା କରିପାରନ୍ତି, କିନ୍ତୁ ଶିଶୁମାନଙ୍କୁ ସେମାନଙ୍କ ପରି କରିବାକୁ ଚେଷ୍ଟା କରନ୍ତୁ ନାହିଁ । କାରଣ ଜୀବନ ପଶ୍ଚାତ୍‌ଗାମୀ ହୁଏ ନାହିଁ କିମ୍ବା ଗତକାଲି ସହ ସାଲିସ୍ କରେନାହିଁ ବା ସେହିଠାରେ ସ୍ଥଗିତ ରହି-ଯାଏ ନାହିଁ । ୧୭ ।

ସୁତରାଂ ଏ ଯୁଗରେ ଆସିଲା "ଶିଶୁମାନଙ୍କ ପାଇଁ" ରଚନା । ଆମେ ଆମର ପୁରୁଣା ସ୍ମୃତି ନେଇ, ପୁରୁଣା ଅଭିଜ୍ଞତା ନେଇ, ପୁରୁଣା ଭାବରାଜି ନେଇ ସେମାନଙ୍କୁ ଯେମିତି ଗଢ଼ିବାକୁ ଚାହୁଁଛୁ ସେମିତି ନୁହେଁ; ଜ୍ଞାନର ବିସ୍ଫୋରଣ ଦୃଷ୍ଟିରୁ, ଶିଶୁ ମନସ୍ତତ୍ତ୍ୱର ନୂତନ ଦିଗନ୍ତ ଉନ୍ମୋଚନ ଦୃଷ୍ଟିରୁ, ମନସ୍ତତ୍ତ୍ୱ ଓ ସମାଜ ତତ୍ତ୍ୱର ଆବିଷ୍କୃତ ନୂତନ ନୂତନ ଭାବରାଜି ଦୃଷ୍ଟିରୁ, ଯେମିତି ସେମାନେ ହେବା ଉଚିତ ସେହିପରି । ଏକ ଆଦର୍ଶାନ୍ୱିତ ବାସ୍ତବ । ଏଇ ପରିପ୍ରେକ୍ଷିରେ ଶିଶୁ ସାହିତ୍ୟରେ ଦେଖା ଦେଇଥିଲା ଅନେକ ନୂତନ ବିଭବ— ଜ୍ଞାନ ଗରିମାର ବିଭିନ୍ନ ଦିଗ ସମ୍ବନ୍ଧରେ ଶିଶୁ ଉପଯୋଗୀ ପୁସ୍ତକ, ଆଡ୍‌ଭେଞ୍ଚର ଗପ ଓ ଉପନ୍ୟାସ, କେତେକ ନିର୍ଦ୍ଦିଷ୍ଟ ପ୍ରକାରର ଫାଣ୍ଟାସି, ସୃଜନଶୀଳ ଓ କାଳ୍ପନିକ ରଚନା, ବୈଜ୍ଞାନିକ ରଚନା ଇତ୍ୟାଦି ଇତ୍ୟାଦି । ଶିଶୁ ସାହିତ୍ୟ ଆସିଲା ବହୁ ରଙ୍ଗର, ବହୁ ଆଙ୍ଗିକର ବହୁ ପରୀକ୍ଷା ନିରୀକ୍ଷାର ଏକ ବର୍ଣ୍ଣାଳୀ ଭାବରେ ।

ଏଠି ଏକ ଗତିଶୀଳ ଧାରାର କ୍ରିୟାଶୀଳତା ଦେଖିବାକୁ ମିଳେ । ଗୋଟିଏ ସାମଗ୍ରୀକ ଦୃଷ୍ଟିଭଙ୍ଗୀର ପରିପ୍ରେକ୍ଷୀରେ, ଏକ ପୂର୍ଣ୍ଣ ପଚାଶର ବିସ୍ତୃତ ଭୂମି ଉପରେ ଏଠି ଆମେ ଦେଖୁ "ଯହିଁ ପଢ଼ିଥିଲି ପ୍ରଥମ କଥା"କୁ, "ଶ୍ରେଷ୍ଠ ମୋର ଗାଆଁଟିକୁ । ୧୮ । ସେଠି ଶିଶୁ ମନରେ ଉଠେ ସହସ୍ର ପ୍ରଶ୍ନବାଚୀ, ସପ୍ତର୍ଷି ମଣ୍ଡଳ ପରି । ଉଠେ "କାହିଁକି" ( ୧୯ )ର ବହୁ ଅଡୁଆ ଚଡୁଆ କିନ୍ତୁ ପ୍ରାସଙ୍ଗିକ ପ୍ରଶ୍ନ । ସେଇ ଗତିଶୀଳତାରୁ ସ୍ୱୟଂ-

ନ୍ଧିତ୍ସୁତା, କୌତୂହଳ, ଉଦ୍ୟମ, ଆଶା, ଆକାଂକ୍ଷା, ସବୁ ଶିଶୁ ଭିତରେ ଫୁଟିଉଠେ ସ୍ୱାଭାବିକ ଭାବରେ । ଶିଶୁ-କାଳର ମଣିଷ—ଖରାତରା ମାନେ ନାହିଁ । ପାରାଡାଇଜ ପରି ଦେଶକୁ ସଜାଇ ଦେବାପାଇଁ ଲାଗିପଡ଼େ । ୨୦ ।

ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଶିଶୁ ସାହିତ୍ୟ ସଂକଳନ, ଶିଶୁମାନଙ୍କ ସମ୍ବନ୍ଧରେ ଓ ଶିଶୁ ମାନଙ୍କପାଇଁ ରଚନାର ସଂକଳନ ପ୍ରକାଶ ପାଇଲା । ଏହି ସଂକଳନ ଏ ଦିଗରେ ଏକ ନୂତନ ଉଦ୍ୟମ । ଏହା ସର୍ବଜନ ଆଦୃତ ହେବ ବୋଲି ଆମର ବିଶ୍ୱାସ ରହିଛି ।

**ରାଇଚରଣ ଦାସ**
ସମ୍ପାଦକ,
ଓଡ଼ିଶା ସାହିତ୍ୟ ଏକାଡେମୀ ।

ମିଉଜିଅମ୍ ବିଲ୍‌ଡିଙ୍ଗ୍‌ସ୍ ।
ଭୁବନେଶ୍ୱର—୭୫୧୦୧୪ ।

## —ସୂଚନା—


| ବିଷୟ | ନାମ | ପୃଷ୍ଠା |
|---|---|---|
| ୧ । ଭଲ କି କରିନି ମୁହିଁ ?— | କୃଷ୍ଣଚନ୍ଦ୍ର କର | ୧୬୭ |
| ୨ । ବାଇଆ ରଜା— | ବିଦ୍ୟୁତ୍‌ପ୍ରଭା ଦେବୀ | ୨୬୨ |
| ୩ । ପାଠ ଓ ଶାଠ— | ଚିଦାନନ୍ଦ କର | ୨୮୨ |
| ୪ । ବୋକା ପଣ୍ଡିତ— | ବିଭୂତି ପଟ୍ଟନାୟକ | ୩୪୩ |
| ୫ । ରଙ୍ଗ— | ଯଦୁନାଥ ଦାସ ମହାପାତ୍ର | ୨୮୦ |
| ୬ । ସେଇଭଳି ପିଲା ଲୋଡ଼ା— | ଗୋଦାବରୀଶ ମହାପାତ୍ର | ୧୧୬ |
| ୭ । ଟେକାବର— | କାଳୀଚରଣ ପଟ୍ଟନାୟକ | ୧୧୪ |
| ୮ । ମଣିଷ ପରି ମଣିଷଟାଏ | ପଦ୍ମଚରଣ ପଟ୍ଟନାୟକ | ୮୧ |

୯ । (a) Economic Development, Principles, Problems and Policies—by Benjamin Higgins, Part-4 Chap-13, pp 295-298.

(b) Contemporary Approaches to Psychology—Edited by H. Helson and W. Bevan, East-West Edition, 1964, pp 261-262

(c) Introduction to Psychology—Morgan and king, T. M. H. Edition, pp 241-244.

୧୦ । Literature and Reality—Howard Fast, Peoples Publishing House Ltd. Delhi, 1950, p 98, 96.

୧୧ । ଓଡ଼ିଆ ସାହିତ୍ୟର ସାଂସ୍କୃତିକ ବିକାଶ—ଚିତ୍ତରଞ୍ଜନ ଦାସ । ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୧୯୮୧ ।

ପୃ ୬ ଓ ୮୩ ।

୧୨ । ସାହିତ୍ୟ ଦର୍ପଣ—ବିଶ୍ୱନାଥ କବିରାଜ, ଅନୁବାଦ—ପଣ୍ଡିତ ନାରାୟଣ ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ପୃ-୨୬୨ ।

୧୩ । ତତ୍କାଳୀନ ସାମାଜିକ ପରିସ୍ଥିତି ପାଇଁ "ଓଡ଼ିଶୀ ବୈଷ୍ଣବଧର୍ମ"— ଡ. କାହ୍ନୁ ଚରଣ ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ୧୯୮୦, ପୃ "ଘ" ରୁ "ଞ" ଦ୍ରଷ୍ଟବ୍ୟ ।

୧୪ । ନନ୍ଦକିଶୋର ସାହିତ୍ୟ ସମୀକ୍ଷା — ଡ. ନଟବର ସାମନ୍ତରାୟ । ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୬୪ ପୃ ୧୩୫—୧୩୮ ।

୧୫ । The adult is omniscient, omnipresent, just and good, the source of the uniformities of nature and of the laws of morality.
Tha moral judgement of the child—by Jean Piaget, Penguin Books, 1977 page 363.

୧୬ । The new born child is no longer regarded as a piece of wax upon which impressions are to be made, every child is born a going concern. Far from being a gramphone record, whose function is simply to record and to reproduce what is recorded, the child is an internal combustion engine, capable of spontaneous activity.
Childhood and Adolescence, by J. A. Hadfield, Penguin Books, 1978 page 28.

୧୭ । ଲେବାନନର କବି Kahlil Gibranଙ୍କ ଏକ କବିତାର ସାରାଂଶ ।
Quated in Childhood and Adolescence—J. A. Hadfield—pp 281.

୧୮ । (କ) ଯହିଁ ପଢ଼ିଥିଲି ପ୍ରଥମ କଥା—କାଳିନ୍ଦୀ ଚରଣ ପାଣିଗ୍ରାହୀ ପୃ ୧୨୭ ।

(ଖ) ଶ୍ରେଷ୍ଠ ମୋର ଗାଆଁଟି—ସଚ୍ଚିଦାନଂଦ ରାଉତରାୟ
ପୃ ୨୧୩ ।
୧୯ । କାହିଁକି—ରାମକୃଷ୍ଣ ନନ୍ଦ ପୃ ୧୭୨ ।
୨୦ । ମୋ ଦେଶ—ବାଞ୍ଛାନିଧି ଦାସ ପୃ ୨୩୧ ।

●

# ସଂକଳନ ବିଷୟରେ ପଦେ

ଅତ୍ୟନ୍ତ ସୁଖର କଥା, ଓଡ଼ିଶା ସାହିତ୍ୟ ଏକାଡେମୀ ଏତେ ଦିନେ ଓଡ଼ିଆ ଶିଶୁ ସାହିତ୍ୟର ଏକ ସଂକଳନ ପ୍ରକାଶ କରୁଅଛନ୍ତି । ଏପରି ଏକ ପୁସ୍ତକର ଆବଶ୍ୟକତା ବହୁଦିନରୁ ଅନୁଭୂତ ହେଉଥିଲା । ଯେଉଁ ସାହିତ୍ୟରଥୀମାନେ ଶିଶୁ-ସାହିତ୍ୟ-ସୌଧର ଭିତ୍ତି ସ୍ଥାପନ କରିଯାଇଥିଲେ ଏବଂ ପରବର୍ତ୍ତୀ କାଳରେ ଯେଉଁମାନେ ସେହି ନିର୍ମାଣ କାର୍ଯ୍ୟକୁ ଆଗେଇ ନେଇଅଛନ୍ତି, ସେ ସମସ୍ତଙ୍କୁ ଗୋଟିଏ ଗ୍ରନ୍ଥର ପୃଷ୍ଠା ମଧ୍ୟରେ ସମ୍ମିଳିତ କରାଇ ସେମାନଙ୍କ ସାନ୍ନିଧ୍ୟ ଲାଭ କରିବା କମ୍ ଆନନ୍ଦର କଥା ନୁହେଁ । ଏପରି ଏକ ମହତ୍ କାର୍ଯ୍ୟସଙ୍ଗେ ସଂପୃକ୍ତ ହେବାଦ୍ୱାରା ମୁଁ ନିଜକୁ ଭାଗ୍ୟବାନ୍ ମନେକରୁଛି ।

ସ୍ୱାଧୀନତାପ୍ରାପ୍ତି ପରେ ବିଭିନ୍ନ ଭାରତୀୟ ଭାଷାରେ ଶିଶୁସାହିତ୍ୟର ଦ୍ରୁତ ଉନ୍ନତି ଘଟିଥିଲେହେଁ ଓଡ଼ିଶାରେ ଏହା ଅପେକ୍ଷାକୃତ ମନ୍ଥର । କେତେକଙ୍କ ମତରେ ଏହା ସାହିତ୍ୟର ଅଙ୍ଗ ନୁହେଁ, ଯେ କେହି ଲେଖକ ପିଲାମାନଙ୍କ ପାଇଁ ଲେଖିପାରନ୍ତି । ବିଦଗ୍ଧ ସାହିତ୍ୟ ରଚନାରେ ଯେଉଁ ଉନ୍ନତ କଳ୍ପନା, ରସବୋଧ, କଳାନୈପୁଣ୍ୟ ଓ ପ୍ରକାଶଭଙ୍ଗୀର ପ୍ରୟୋଜନ, ଶିଶୁସାହିତ୍ୟରେ ତାହା ଆବଶ୍ୟକ ନାହିଁ । କିନ୍ତୁ ଏହା ଠିକ୍ କି ? ବୟସ୍କ ପାଠକମାନଙ୍କ ପାଇଁ ଉଦ୍ଦିଷ୍ଟ ସାହିତ୍ୟକୁ କେବଳ ସରଳ ଭାଷାରେ ପ୍ରକାଶ କରିଦେଲେ ଯେ ତାହା ଶିଶୁ-ସାହିତ୍ୟ ପଦବାଚ୍ୟ ହୋଇଯିବ ଏପରି ଭାବିବା ଭୁଲ୍ । ସାହିତ୍ୟ ଏକପ୍ରକାର ମାନସିକ ଖାଦ୍ୟ । ଶାରୀରିକ ଅବସ୍ଥାକୁ ବିଚାର କରି ଯେପରି ଖାଦ୍ୟ ପ୍ରସ୍ତୁତ କରାଯାଏ, ସେହିପରି ମାନସିକ ଅବସ୍ଥା ଓ ସାମର୍ଥ୍ୟକୁ ଦୃଷ୍ଟି ଦେଇ ବିଭିନ୍ନ ସ୍ତରର ସାହିତ୍ୟ ସୃଷ୍ଟି କରାଯାଇଥାଏ । ତେଣୁ ଶିଶୁ-ସାହିତ୍ୟର ଭାଷା ତ ସରଳ

ଓ ସୁବୋଧ ହେବା ସର୍ବାଦୌ ଆବଶ୍ୟକ; କିନ୍ତୁ କେବଳ ସହଜ ଭାଷା ଉତ୍ତମ ଶିଶୁ-ସାହିତ୍ୟର ମାନଦଣ୍ଡ ନୁହେଁ । ମଧୁସୂଦନଙ୍କ 'ଆକାଶପ୍ରତି' କବିତାର 'ତୋ ପରି ବୁଝିବ କିଏ ପୃଥିବୀ ବେଦନା ?' କିମ୍ବା ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ନ ରୁହିଁଲ ହୋଇ, ପୋଥିଏ କଥା ନୟନେ କହଇ'ରେ କୌଣସି କଠିନ ଶବ୍ଦ ପ୍ରଯୁକ୍ତ ହୋଇ ନ ଥିଲେ ସୁଦ୍ଧା ଏହାର ମର୍ମ ବୁଝିବା ଶିଶୁପକ୍ଷରେ ସହଜ କି ? ବିଷୟଟି ତାର ଅନୁଭୂତି ଓ ଅବଧାରଣା-ସାପେକ୍ଷ ହେବା ବାଞ୍ଛନୀୟ ।

ତାହାଛଡ଼ା ଏହି ମୂଲ୍ୟବିଚାରର ଅନ୍ୟ ଏକ ଦିଗ ମଧ୍ୟ ଅଛି । କେବଳ ସୁପାଚ୍ୟ ଖାଦ୍ୟକୁ ସୁଖାଦ୍ୟ କୁହାଯାଏ ନାହିଁ । ଖଇ ଲଘୁପାକ ଖାଦ୍ୟ ହୋଇପାରେ; ମାତ୍ର ଉତ୍ତମ ସ୍ୱାସ୍ଥ୍ୟ ବା ଶରୀରବୃଦ୍ଧିର ସହାୟକ ନୁହେଁ । କେବଳ ଖଇ ଖାଇ କେହି ସୁସ୍ଥ ସବଳ ହୋଇପାରିବ ନାହିଁ । ସେଥିପାଇଁ ସୁଷମ ଖାଦ୍ୟର ପରିକଳ୍ପନା । ମାନସିକ ଖାଦ୍ୟର ମୂଲ୍ୟାୟନ କଲାବେଳେ ଅନୁରୂପ ବିଚାର ଆବଶ୍ୟକ । ଯେଉଁ ସାହିତ୍ୟ ଶିଶୁମାନଙ୍କ ଚରିତ୍ର ଓ ମନୋବୃତ୍ତିର ବିକାଶ ଘଟାଇ ସେମାନଙ୍କୁ ସମାଜର ସୁନାଗରିକ କରି ଗଢ଼ିବାରେ ସାହାଯ୍ୟ କରେ, ତାହାହିଁ ଉପଯୁକ୍ତ ଶିଶୁସାହିତ୍ୟ । କେବଳ ମନୋରଞ୍ଜନ ଏହାର ଲକ୍ଷ୍ୟ ନୁହେଁ । ମଜା ଲାଗିବ ବୋଲି କୌଣସି ଅବାଞ୍ଛିତ କଥା ଏଥିରେ ରହିବା ଉଚିତ ନୁହେଁ । ଶିଶୁସାହିତ୍ୟର ଲେଖକ ଓ ବିଚାରକ ଉଭୟଙ୍କର ଶିଶୁ ମନସ୍ତତ୍ତ୍ୱ ବିଷୟରେ ଜ୍ଞାନ ଥିବା ଆବଶ୍ୟକ । ବର୍ତ୍ତମାନ ପୃଥିବୀର ପ୍ରତ୍ୟେକ ଉନ୍ନତ ରାଷ୍ଟ୍ରରେ ଶିଶୁର ଶିକ୍ଷା ଓ ସାହିତ୍ୟକ୍ଷେତ୍ରରେ ବିଜ୍ଞାନସମ୍ମତ ରୀତି ଅନୁସୃତ ହେଉଛି । ଆମର ଶିଶୁ ସାହିତ୍ୟ ମଧ୍ୟ ଗତାନୁଗତିକ ଧାରା ଛାଡ଼ି ସେହି ବୈଜ୍ଞାନିକ ପଦ୍ଧତିକୁ ଗ୍ରହଣ ନ କଲେ ଅନ୍ୟାନ୍ୟ ଭାରତୀୟ ବା ବିଶ୍ୱସାହିତ୍ୟର ସମକକ୍ଷ ହୋଇପାରିବ ନାହିଁ ।

ସାଂପ୍ରତିକ ଓଡ଼ିଆ ଶିଶୁସାହିତ୍ୟ କେତେ ଦୂର ଏହି ନୂତନ ଯୁଗ-ଧାରାକୁ ଅନୁସରଣ କରିଛି ବା କରୁଛି, ତାହା ଆଲୋଚନା କରିବାପୂର୍ବରୁ ତାର ଜନ୍ମର ଇତିହାସ ପର୍ଯ୍ୟାଲୋଚନା କରି କେଉଁ କେଉଁ ଅବସ୍ଥା ଦେଇ ତାହା ଗତି କରିଛି, ବା କି କି ସାମାଜିକ, ରାଜନୈତିକ ଅଥବା ଅନ୍ୟାନ୍ୟ

ପରିସ୍ଥିତିଦ୍ୱାରା ପ୍ରଭାବିତ ହୋଇ ବର୍ତ୍ତମାନର ରୂପ ଗ୍ରହଣ କରିଛି, ତାହା ଅଧ୍ୟୟନ କରିବା ଆବଶ୍ୟକ ।

ସଂକଳନ କାର୍ଯ୍ୟରେ ଯେଉଁ କେତୋଟି ସମସ୍ୟା ଦେଖାଦେଇଛି, ତାହା ନ କହିଲେ ମୋ ନିଜ କଥା ଅପୂର୍ଣ୍ଣ ରହିଯିବ । ପ୍ରଥମତଃ ସହାୟକ ପୁସ୍ତକର ଅଭାବ । ଓଡ଼ିଆ ସାହିତ୍ୟର ଇତିହାସମାନଙ୍କରେ ଶିଶୁ ସାହିତ୍ୟର ବିକାଶଧାରା ସମ୍ପର୍କରେ ସ୍ୱତନ୍ତ୍ର ଉଲ୍ଲେଖ ଥିବା ମୋତେ ଜଣାନାହିଁ । କେବଳ ଡକ୍ଟର ମମୀନ୍ଦ୍ର ମହାନ୍ତିଙ୍କ ଗବେଷଣାଲବ୍ଧ ତଥ୍ୟାବଳୀ ମୋତେ ଯଥେଷ୍ଟ ସାହାଯ୍ୟ କରିଛି । ସେଥିପାଇଁ ମୁଁ ତାଙ୍କ ନିକଟରେ କୃତଜ୍ଞ ।

ଦ୍ୱିତୀୟ ସମସ୍ୟାଟି ହେଲା—ଶିଶୁସାହିତ୍ୟର ସଂଜ୍ଞା ନିରୂପଣ । ଅବଶ୍ୟ ଶିଶୁ ପାଇଁ ଲିଖିତ ସାହିତ୍ୟକୁ ଏଠାରେ ଶିଶୁସାହିତ୍ୟ କୁହାଯାଉଛି । କିନ୍ତୁ ଶିଶୁ କିଏ ? ଯେଉଁ ଅର୍ଥରେ 'ଶିଶୁ-ଖାଦ୍ୟ' କଥାଟି ବ୍ୟବହୃତ, ସେ ଅର୍ଥରେ ଶିଶୁସାହିତ୍ୟର ପ୍ରଶ୍ନ ଉଠେ ନାହିଁ । ଇଂରାଜୀରେ Child ବୋଲି ଯେଉଁ ଶବ୍ଦଟି ଅଛି, ତାର ଓଡ଼ିଆ ପ୍ରତିଶବ୍ଦ 'ପିଲା' । ତେଣୁ Children's Literature ଅର୍ଥ 'ପିଲାଙ୍କ ସାହିତ୍ୟ' ଯାହାକୁ ବଙ୍ଗଳାରେ କହନ୍ତି 'ଛେଲେଦେର ସାହିତ୍ୟ' । ଆମ ଭାଷାରେ 'ପିଲା' ବ୍ୟାପକ ଅର୍ଥରେ ବ୍ୟବହୃତ ; ଶିଶୁ, ବାଳକ, କିଶୋର—ସମସ୍ତେ ପିଲା, କିଏ ଛୋଟ, କିଏ ବା ବଡ଼ । ସବୁ ଶିଶୁ ପିଲାପଦବାଚ୍ୟ, ମାତ୍ର ସବୁ ପିଲା ଶିଶୁ ନୁହନ୍ତି । ଏପରି ସ୍ଥଳେ ଶିଶୁସାହିତ୍ୟର ସୀମା କେଉଁଠି, ମନରେ ଏ ପ୍ରଶ୍ନ ଉଠିବା ସ୍ୱାଭାବିକ ।

କେନ୍ଦ୍ର ଏବଂ ରାଜ୍ୟସ୍ତରରେ ଶିଶୁସାହିତ୍ୟର ଯେଉଁ ପ୍ରତିଯୋଗିତାମାନ ଅନୁଷ୍ଠିତ ହେଉଛି, ତାର ବୟସ ସୀମା ୭—୧୦ ବୋଲି ଧରାଯାଇଛି । ତା' ଭିତରେ ଅବଶ୍ୟ ଛୋଟ ପିଲା, ବଡ଼ ପିଲା—ଏପରି ଦୁଇଟି ବିଭାଗ ଅଛି । ଏହି ବିଚାରକୁ ଦୃଷ୍ଟି ଆଗରେ ରଖି ଏ ସଂକଳନରେ ବିଷୟ ନିର୍ବାଚନ କରାଯାଇଛି । ତେଣୁ ନନ୍ଦକିଶୋର ବଳଙ୍କ 'ହୋ ରେ ବାଆ ହୋ' ସହିତ ପଣ୍ଡିତ ଗୋଦାବରୀଶଙ୍କ 'କାଳୀଜାଈ' କବିତାକୁ ଦେଖି ବିସ୍ମିତ ହେବାର କାରଣ କିଛି ନାହିଁ । ଏଭଳି ସ୍ତରବୈଷମ୍ୟ ଏ କ୍ଷେତ୍ରରେ ଅପରିହାର୍ଯ୍ୟ ।

ଅନ୍ୟ ଏକ ସମସ୍ୟା ହୋଇଛି ଲେଖା-ନିର୍ବାଚନ ପ୍ରସଙ୍ଗରେ । ଅନେକ ପ୍ରତିଷ୍ଠିତ ଲେଖକଙ୍କୁ ବର୍ତ୍ତମାନ ଶିଶୁ-ସାହିତ୍ୟିକ କହିବା ସମୀଚୀନ ହେବ ନାହିଁ; କିନ୍ତୁ ସେମାନଙ୍କ ସାହିତ୍ୟ କୃତି ମଧ୍ୟରେ ଉତ୍କୃଷ୍ଟ ଶିଶୁ-ଉପଯୋଗୀ ରଚନା ରହିଛି, ଯାହାକି ଏ ସଂକଳନରେ ସଂଗ୍ରଥିତ ହେବା ବାଞ୍ଛନୀୟ । ଆଉ କେତେକ ବ୍ୟକ୍ତି ଉତ୍ତରଜୀବନରେ ସାହିତ୍ୟେତର କ୍ଷେତ୍ରରେ ବ୍ୟସ୍ତ ରହି ଏବେ ଲେଖାଲେଖି କରୁନାହାନ୍ତି, କିନ୍ତୁ ଦିନେ ହୁଏତ ତାଙ୍କର ଲେଖନୀ ଶିଶୁ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଥିଲା । ସେମାନଙ୍କୁ ଏଥିରେ ସ୍ଥାନ ଦେବ କି ନାହିଁ ? ବିଚାରିଲି, ଏହା ଶିଶୁ-ସାହିତ୍ୟର ସଂକଳନ; ସାହିତ୍ୟିକଙ୍କର ନୁହେଁ । ତେଣୁ ଲେଖକଙ୍କୁ ବିଚାର ନ କରି ସେମାନଙ୍କ ଲେଖାକୁ ବିଚାରକୁ ନିଆଯାଇ ଏ ପୁସ୍ତକଟି ପ୍ରସ୍ତୁତ କରାଯାଇଛି ।

ଏ ସଂକଳନରେ ସର୍ବମୋଟ ଶହେ ଦୁଇଜଣ ଲେଖକ-ଲେଖିକାଙ୍କର ଏକଶହ ପଞ୍ଚାବନଟି ରଚନା ସନ୍ନିବିଷ୍ଟ ହୋଇଛି । ସେଥିମଧ୍ୟରୁ ଶହେ ଛବିଶଟି କବିତା, ଅବଶିଷ୍ଟ ଗଳ୍ପ, ଏକାଙ୍କିକା ଓ ସଂଗୀତରୂପକ । ବର୍ଣ୍ଣାନୁକ୍ରମିକ ସୂଚୀରୁ ଲେଖକମାନଙ୍କୁ ପାଇବାପରେ ସେମାନଙ୍କ କୃତିଗୁଡ଼ିକୁ ଖୋଜିନେବା କଷ୍ଟକର ହେବନାହିଁ । ଗ୍ରନ୍ଥମଧ୍ୟସ୍ଥ ବିଷୟସଜ୍ଜା ଅବଶ୍ୟ କାଳାନୁକ୍ରମିକ ।

ଶିଶୁସାହିତ୍ୟ-ସ୍ରୋତର ପ୍ରବାହକୁ ମୋଟାମୋଟି ପାଞ୍ଚଗୋଟି ବିଭାଗରେ ବିଭକ୍ତ କରାଯାଇ ଯେଉଁ ସଂକ୍ଷିପ୍ତ ବିବରଣୀ ଦିଆଯାଇଅଛି, ସେଥିରେ ସ୍ଥାନାଭାବରୁ ସମସ୍ତ ଲେଖକଙ୍କୁ ସ୍ଥାନ ଦେବା ସମ୍ଭବ ହୋଇନାହିଁ । ଏପରିକି କେତେକଙ୍କର ନାମୋଲ୍ଲେଖ ମଧ୍ୟ ନ ଥାଇପାରେ । ଯେଉଁମାନଙ୍କୁ ଏହା ଭିତରକୁ ଅଣାଯାଇଛି, ସେମାନଙ୍କ କୃତିର ସାମଗ୍ରିକ ଚିତ୍ର ମଧ୍ୟ ଦିଆଯାଇପାରିନାହିଁ । ନାନା ବିଚାରରୁ ସଂକଳନର କାର୍ଯ୍ୟ-ପରିସର ସୀମିତ । ଏହା ପ୍ରଥମ ଉଦ୍ୟମ ହୋଇଥିବାଦୃଷ୍ଟିରୁ ତ୍ରୁଟିମୁକ୍ତ ହେବା ସମ୍ଭବ ନୁହେଁ ; କିନ୍ତୁ କୌଣସି ତ୍ରୁଟି ଇଚ୍ଛାକୃତ ନୁହେଁ । ଏଣୁ ସହୃଦୟ ପାଠକବୃନ୍ଦ ଏହାକୁ ଭାବୀ ସଂକଳୟିତାମାନଙ୍କର ପଥପ୍ରଦର୍ଶକରୂପେ ଗ୍ରହଣ କଲେ ମୋର ଶ୍ରମ ସାର୍ଥକ ହୋଇଛି, ମନେକରିବି ।

ଏହି ସଂକଳନ କାର୍ଯ୍ୟରେ 'ମନପବନ' ପତ୍ରିକାର ସଂପାଦକ ଶ୍ରୀ ମହେଶ୍ୱର ମହାନ୍ତ ଏବଂ ଖ୍ରୀଷ୍ଟ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଶ୍ରୀ ପଠାଣି ପଟ୍ଟନାୟକ ମୋତେ ଆବଶ୍ୟକ ପରାମର୍ଶ ଦେଇ-ଅଛନ୍ତି । 'ମାତୃଭୂମି'ର ସଂପାଦକ ଶ୍ରୀ ବଚସାନନ୍ଦ କର ମୋତେ 'ଜହ୍ନମାମୁ'ର ପୁରୁଣା ସଂଖ୍ୟାଗୁଡ଼ିକୁ ଦେଖିବାର ସୁବିଧା ଦେଇଥିବାରୁ ମୁଁ ତାଙ୍କଦ୍ୱାରା ବିଶେଷ ଭାବରେ ଉପକୃତ ହୋଇଛି ।

ଏମାନଙ୍କ ବ୍ୟତୀତ ଲେଖକରତ୍ନ ଡକ୍ଟର କୁଞ୍ଜବିହାରୀ ଦାଶ, ଡକ୍ଟର ମନୀନ୍ଦ୍ର ମହାନ୍ତି, ବହୁ ସହୃଦୟ ଶିଶୁସାହିତ୍ୟପ୍ରେମୀ ବନ୍ଧୁ ଓ ପାଠାଗାର କର୍ତ୍ତୃପକ୍ଷ ମୋତେ ଏ କାର୍ଯ୍ୟରେ ସାହାଯ୍ୟ କରିଅଛନ୍ତି । ଏ ସମସ୍ତଙ୍କୁ ମୁଁ ହୃଦୟର କୃତଜ୍ଞତା ଜ୍ଞାପନ କରୁଅଛି ।

ସଙ୍କଳୟିତା

# ଶିଶୁ-ସାହିତ୍ୟର ବିକାଶଧାରା

## ପୃଷ୍ଠଭୂମି

ଅତୀତହିଁ ବର୍ତ୍ତମାନର ଜନକ । କେବଳ ଭାଷା ଓ ସାହିତ୍ୟରେ ନୁହେଁ, ଜୀବନର ସକଳ କ୍ଷେତ୍ରରେ ପୂର୍ବପୁରୁଷମାନଙ୍କର ରୀତିନୀତି, ବେଶଭୂଷା, ସାମାଜିକ ବିଧି-ବିଧାନ ଓ ଲୋକସଂସ୍କୃତିର ଚିହ୍ନ କେଉଁଠି ସ୍ପଷ୍ଟ, କେଉଁଠି ବା ଅସ୍ପଷ୍ଟ ଭାବରେ ରହିଥିବାର ଦେଖାଯାଏ । ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ପୂର୍ବରୁ ଓଡ଼ିଆ ପିଲାମାନଙ୍କ ପାଇଁ ଯେଉଁ ଶିକ୍ଷାନୁଷ୍ଠାନସବୁ ଥିଲା, ତାହାକୁ ଚାଟଶାଳୀ ଆଖ୍ୟା ଦିଆଯାଉଥିଲା । ଗବେଷକମାନଙ୍କ ମତରେ ଆଧୁନିକ ଓଡ଼ିଆ ଲିପି ଷୋଡ଼ଶ ଶତାବ୍ଦୀରୁ ଜନ୍ମ ନେଇଥିଲା ଏବଂ ଓଡ଼ିଆ ସାହିତ୍ୟର ପ୍ରଥମ ଉନ୍ମେଷ ଘଟିଥିଲା ଚତୁର୍ଦ୍ଦଶ ଶତାବ୍ଦୀରେ, ବତ୍ସା ଦାସଙ୍କ 'କଳସା ଚଉତିଶା' ରଚନା କାଳରେ । ଶୂଦ୍ରମୁନି ଶାରଳାଦାସଙ୍କ ମହାଭାରତ ସର୍ବଶ୍ରେଷ୍ଠ ପ୍ରାଚୀନ ଓଡ଼ିଆ ଗ୍ରନ୍ଥରୂପେ ସ୍ୱୀକୃତ ।

ଯେ କାଳରେ ମୁଦ୍ରିତ ପୁସ୍ତକ ନ ଥିଲା । ଯାହା କିଛି କାବ୍ୟ କବିତା ରଚିତ ହେଉଥିଲା, ତାହା ତାଳପତ୍ର ପୋଥିରେ ଲେଖା ହୋଇ ରହୁଥିଲା । ଆଧୁନିକ ଯୁଗର ସାହିତ୍ୟ ଯେପରି ଜନଜୀବନ ସହିତ ଘନିଷ୍ଠ ସଂପର୍କ ରଖି ଗତି କରୁଛି, ସେତେବେଳେ ସେପରି ନ ଥିଲା । ତାହା ଥିଲା ମୌଖିକ ସାହିତ୍ୟର ଯୁଗ । ମୁଷ୍ଟିମେୟ ଲୋକ ଲେଖି ପଢ଼ି ଜାଣିଥିଲେ; ଅନ୍ୟମାନେ ଶୁଣି ଶୁଣି ମନେ ରଖୁଥିଲେ । ଏହି କାରଣରୁ ପୂର୍ବର ସାହିତ୍ୟ ଥିଲା ଛନ୍ଦୋବଦ୍ଧ; କାବ୍ୟକବିତା ଓ ସଂଗୀତରେ ଆବଦ୍ଧ । ଏପରିକି ଚାଟଶାଳୀର ଗାଣିତିକ ସୂତ୍ର ମଧ୍ୟ ଗୀତମାଧ୍ୟମରେ ଶିକ୍ଷା ଦିଆଯାଉଥିଲା । ଅତି ଦୀର୍ଘ କାବ୍ୟ-କବିତାକୁ ମନେ ରଖିବା କଷ୍ଟକର; କିନ୍ତୁ ଅପେକ୍ଷାକୃତ କ୍ଷୁଦ୍ର ରଚନାକୁ ବାଳକ, ଯୁବକ ଓ ବୃଦ୍ଧ ସମସ୍ତେ ମନେ ରଖି ଆବୃତ୍ତି କରିପାରୁଥିଲେ ।

ଆମର ବହୁ ଲୋକଗୀତ, ଢଗଢମାଳି ଆଦି ସେହି ଦୂର ଅତୀତର ସୃଷ୍ଟି । ତାର ରଚୟିତାମାନେ ଅଜ୍ଞାତ । ତଥାପି ସାହିତ୍ୟରେ ସେଗୁଡ଼ିକର ଚିରନ୍ତନ ମୂଲ୍ୟ ରହିଛି । 'ଓଡ଼ିଆ ସାହିତ୍ୟର ଇତିହାସ ଢଗରୁ ଆରମ୍ଭ । ଢଗ ଗୋଟାଏ ଜାତିର ଅଲିଖିତ ସାଂସ୍କୃତିକ ଇତିହାସ'—'ଲୋକବାଣୀ ସଞ୍ଚୟନ'ରେ ଡକ୍ଟର କୁଞ୍ଜବିହାରୀ ଦାଶଙ୍କର ଏ ଉକ୍ତି ବାସ୍ତବିକ ଯଥାର୍ଥ । ଶିଶୁ-ସାହିତ୍ୟର ଆଲୋଚନାପ୍ରସଙ୍ଗରେ ଏହାର ଅବତାରଣା ଅପ୍ରାସଙ୍ଗିକ ନୁହେଁ; କାରଣ କେତେକ ପଲ୍ଲୀଗୀତ ଓ ଢଗଢମାଳି ଏତେ ସରଳ ଓ ସୁବୋଧ ଯେ ଓଡ଼ିଆ ସାହିତ୍ୟର ଆଦ୍ୟ ଯୁଗରେ ପିଲାମାନେ ଏଥିରୁ କିଛି କିଛି ଶିଖି ଆବଶ୍ୟକବେଳେ ଯେ ଆବୃତ୍ତି କରୁ ନ ଥିବେ, କିଏ କହିବ ? ଏହି ବିଚାରରେ ଅଳ୍ପ କେତୋଟି ମୌଖିକ ସାହିତ୍ୟକୁ ଏହି ସଂକଳନର ପ୍ରଥମ ପର୍ଯ୍ୟାୟରେ ସ୍ଥାନ ଦିଆଯାଇଅଛି ।

ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣ କେତେକ ଢଗଢମାଳି ସଂଗ୍ରହ କରି ୧୮୭୭ ମସିହାରେ ପ୍ରଥମେ ପୁସ୍ତକାକାରରେ ପ୍ରକାଶ କରିଥିଲେ । ପରବର୍ତ୍ତୀ କାଳରେ ଗୋବିନ୍ଦ ରଥ, ଗୋପାଳଚନ୍ଦ୍ର ପ୍ରହରାଜ ଓ ପୀତାମ୍ବରୀ ଦେବୀଙ୍କ 'ଢଗଢମାଳି ବଚନ' ଏବଂ ଚକ୍ରଧର ମହାପାତ୍ରଙ୍କ 'ଗାଉଁଲି ଗୀତ ସଂଗ୍ରହ' ପ୍ରକାଶିତ ହୋଇଥିଲା । ଏହାପରେ ଡକ୍ଟର କୁଞ୍ଜବିହାରୀ ଦାଶ 'ପଲ୍ଲୀଗୀତି ସଞ୍ଚୟନ' ଏବଂ 'ଲୋକବାଣୀ ସଞ୍ଚୟନ' ନାମ ଦେଇ ଓଡ଼ିଶାର ବିଭିନ୍ନାଞ୍ଚଳରୁ ସଂଗୃହୀତ ସେହି ଅଲିଖିତ ସାହିତ୍ୟକୁ ପୁସ୍ତକାକାରରେ ପ୍ରକାଶ କରିଛନ୍ତି । ଲୋକଗୀତର ସେହି ବିରାଟ ଭଣ୍ଡାର ମଧ୍ୟରେ ବହୁ ଶିଶୁ-କବିତା ରହିଛି । ଖେଳ ଓ ନାଚ ଗୀତ, ଛୋଟ ପିଲାଙ୍କୁ ଖୁଆଇବା ଏବଂ ଶୁଆଇବା ବେଳର ଗୀତ, ଜହ୍ନମାମୁ ଦେଖାଇବା ଗୀତ ପ୍ରଭୃତି ଯେତେ ସେ ସଂଗ୍ରହ କରିଛନ୍ତି, ସେଥିରୁ ଅଳ୍ପ କେତୋଟି ମାତ୍ର ଏ ସଂକଳନରେ ଦିଆଯାଇଛି । କେତେକ ଗୀତ ଅର୍ଥହୀନ ହେଲେହେଁ ପଦଲାଳିତ୍ୟ ଓ ଗୀତିମାଧୁର୍ଯ୍ୟଯୋଗୁଁ ଶିଶୁମାନଙ୍କର ଆଦରଣୀୟ ହୋଇଥାଏ ।

(୧) ଖରା କରୁଛି, ମେଘ ବରଷୁଛି,
ବିଲୁଆଙ୍କର ବାହା ହେଉଛି ।

(୨) ଖଣ୍ଡା ମା ଖରେଇ ଦେ,
ଚନ୍ଦନ କାଠି ଘୂରେଇ ଦେ ।

(୩) ଖାଇଁକ ଝୁମ୍ପା, ବେଲଖୋଳପା
ବେଲ ଗଛ ମୂଳେ ବାଣ୍ଡି
କୋଚିଲା ଗୁଞ୍ଜିଲା କାଣ୍ଡି,
କୋଚିଲା ଗୁଞ୍ଜିଲା ପିଡା
ପଧାନ ମୁଣ୍ଡରେ ଚଡା ।
ପଧାନ ଯାଇଚି ଧାନବିଲକୁ
ଧରି ଆଣି ଦବ ଖେଁଚଲକୁ
ଖେଁଚଲ କଲା ବସା,
ପାଇକାଣୀଙ୍କର ଏଡ଼େ ଭରସା
ସମ୍ବଲପୁରିଆ ଖୋସା ।

ଇଂରାଜୀ ଏବଂ ଅନ୍ୟାନ୍ୟ ଭାଷାରେ ମଧ୍ୟ ଏହିପ୍ରି ଜାତୀୟ ଅର୍ଥହୀନ ଗୀତ (Nonsense Songs) ରହିଛି । ଏ ସବୁ ଗୀତର ରଚନା ଶିଶୁର ମନୋବିଜ୍ଞାନଉପରେ ଆଧାରିତ ହୋଇଥିବାରୁ ଅଜ୍ଞାତ କାଳରୁ ଆଜପର୍ଯ୍ୟନ୍ତ ସେଗୁଡ଼ିକର ଆଦର ହ୍ରାସ ପାଇନାହିଁ । ବିଭିନ୍ନ ଧ୍ୱନିର ଅନୁକରଣ, ପୁନରାବୃତ୍ତି ଏବଂ ଗାଇବାକୁ ସହଜ ସ୍ୱର ଓ ଛନ୍ଦ ଏହି ଗୀତଗୁଡ଼ିକର ବିଶେଷତ୍ୱ ।

(୧) ବିଲୁଆନନା ରେ ବିଲୁଆନନା
ଘର ପୋଡ଼ିଗଲା ଡହିକୁ ଅନା ।

(୨) ବେଙ୍ଗୁଲୀ ବେଙ୍ଗୁଲୀ ପାଣି ଦେ
ନଣ୍ଡ ପୋଖରୀକି ଭସେଇ ଦେ ।

(୩) ଝୁଲ୍‌ରେ ହାଣ୍ଡି ଝୁଲ, ବାଆପାଣି ଖାଇ ଫୁଲ ।

(୪) ମେଘ ବରଷିଲା ଝିପିରି ଝିପିରି କେଶୁରି ମାଇଲା ଗଜା,
ଇତ୍ୟାଦି ।

ସଂକଳନର ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ କେତୋଟି ପ୍ରାଚୀନ ଛାନ୍ଦ, ଚଉତିଶା, କୋଇଲି ଆଦି କବିତାର ଉଲ୍ଲେଖ କରିଯାଇଅଛି, ସେଗୁଡ଼ିକ ପିଲାମାନଙ୍କ ଲାଗି ରଚିତ ହୋଇ ନ ଥିଲେ ମଧ୍ୟ ଚଟଶାଳୀର ପିଲାମାନେ ତାହାକୁ ହିଁ ବହୁକାଳ ପର୍ଯ୍ୟନ୍ତ ଆବୃତ୍ତି କରୁଥିଲେ । ୧୮୩୭ ଖ୍ରୀଷ୍ଟାବ୍ଦରେ ମିସନାରୀମାନେ ପ୍ରଥମେ କଟକ ମିସନ ପ୍ରେସ ସ୍ଥାପନ କରି ଧର୍ମପ୍ରଚାରର ଉଦ୍ଦେଶ୍ୟରେ ଓଡ଼ିଆରେ ବାଇବେଲ ଏବଂ କେତେଖଣ୍ଡ ପାଠ୍ୟପୁସ୍ତକ ପ୍ରକାଶ କରିଥିଲେ । ଏହି ପାଠ୍ୟ ପୁସ୍ତକଗୁଡ଼ିକ ମୁଖ୍ୟତଃ ବଙ୍ଗଳା ବହିର ଆଦର୍ଶରେ ରଚିତ ହୋଇଥିବାରୁ ସେଥିରେ ଓଡ଼ିଆ ଜାତିର ପ୍ରାଣ ପ୍ରତିଫଳିତ ହୋଇ ନ ଥିଲା । ତେଣୁ ପ୍ରାୟ ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ରାମାୟଣ, ମହାଭାରତ ଓ ଭାଗବତ ସାଙ୍ଗକୁ ସେହି ପ୍ରାଚୀନ ଛାନ୍ଦ ଓ ଚଉତିଶାଗୁଡ଼ିକ ଚଟଶାଳୀରେ ପଢ଼ାଯାଉଥିଲା । ସେଗୁଡ଼ିକର ପଦଲାଳିତ୍ୟ ଓ ମଧୁର ଛନ୍ଦ ଏବଂ ସର୍ବୋପରି ଭଗବାନ ଶ୍ରୀକୃଷ୍ଣଙ୍କ ଚରିତବର୍ଣ୍ଣନା ଧର୍ମପ୍ରାଣ ଗ୍ରାମବାସୀମାନଙ୍କର ଅତ୍ୟନ୍ତ ଆଦରଣୀୟ ଥିଲା । କୋମଳମତି ଶିଶୁମାନେ ସେହି ପଦ୍ୟଗୁଡ଼ିକୁ ମଧୁର କଣ୍ଠରେ ଗାନ କରି ଏବଂ ପିତାମାତାଙ୍କୁ ଶୁଣାଇ ପରମ ସନ୍ତୋଷ ଲାଭ କରୁଥିଲେ । ଅବଶ୍ୟ ସେହି ଗୀତଗୁଡ଼ିକର ଭାବ ଓ ଭାଷା ଅନେକ ସ୍ଥଳରେ ଶିଶୁ-ଉପଯୋଗୀ ନ ଥିଲା । ଭକ୍ତଚରଣଙ୍କ 'ମନବୋଧ ଚଉତିଶା' ବୈରାଗ୍ୟ ଭାବ ଉଦ୍ରେକକାରୀ କବିତା; ଦନାଇ ଦାସଙ୍କ ଗୋପୀଭାଷାରେ ଶ୍ରୀକୃଷ୍ଣଙ୍କ ବିରହରେ ଗୋପାଙ୍ଗନାମାନଙ୍କ ବିଳାପ ବର୍ଣ୍ଣିତ ହୋଇଅଛି; ଜଗନ୍ନାଥ ଦାସଙ୍କ ଭାଗବତ ପୂରାପୂରି ଭକ୍ତିତତ୍ତ୍ୱମୂଳକ । ବର୍ତ୍ତମାନ ଯୁଗର ବିଚାରରେ ଏ ଜାତୀୟ କବିତା ଶିଶୁପାଠ୍ୟ ହୁଅନ୍ତା ନାହିଁ । ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି' କିମ୍ବା 'ମଥୁରାମଙ୍ଗଳ'ର ଯଶୋଦାବିଳାପ ଛାନ୍ଦ 'ଆରେ ବାବୁ ଶ୍ୟାମଘନ……' ବାତ୍ସଲ୍ୟରସାଶ୍ରିତ ହେଲେହେଁ ସବୁଠାରେ ଶିଶୁବୋଧ ନୁହେଁ ।

ଏ ସବୁ ବ୍ୟତୀତ ଶ୍ରୀପଞ୍ଚମୀ ଏବଂ ହରିତାଳିକା (ଗଣେଶପୂଜା)ରେ ଅଧିକାଂଶ ଚଟଶାଳୀରେ ଦୁଇ ଚାରୋଟି ଗୀତ ପିଲାମାନଙ୍କୁ ଶିଖି ଆବୃତ୍ତି କରିବାକୁ ପଡ଼ୁଥିଲା । ମଧୁସୂଦନଙ୍କ ପାଠ୍ୟପୁସ୍ତକ ଯୁଗର ଆରମ୍ଭ ପର୍ଯ୍ୟନ୍ତ ଉପରୋକ୍ତ ଛାନ୍ଦ ଓ ସଂଗୀତଗୁଡ଼ିକ ହିଁ ଥିଲା ଓଡ଼ିଆ ପିଲାମାନଙ୍କର ଶିକ୍ଷଣୀୟ ଏବଂ ଆଦରର ସାହିତ୍ୟ ।

ଏ ପ୍ରସଙ୍ଗରେ ଲୋକକାହାଣୀ ବିଷୟ ଉଲ୍ଲେଖ ନ କଲେ ଅସମ୍ପୂର୍ଣ୍ଣ ରହିଯିବ । କାରଣ ଏଗୁଡ଼ିକ ମଧ୍ୟ ଅଲିଖିତ ସାହିତ୍ୟର ଅନ୍ତର୍ଗତ । ଲୋକଗୀତ ଏବଂ ଲୋକକଥା ହିଁ ଶିଶୁସାହିତ୍ୟର ମୂଳ । ପିଲାମାନେ ଏହି କାହାଣୀଗୁଡ଼ିକୁ ଆଈ ଓ ଜେଜେମା' ଏବଂ କେଉଁଠି କେଉଁଠି 'ଗଳ୍ପସାଗର'-ମାନଙ୍କଠାରୁ ଶୁଣି ଅପାର ଆନନ୍ଦ ଲାଭ କରୁଥିଲେ । ଏବେ 'ଗଳ୍ପସାଗର' ବୃତ୍ତି ଲୋପ ପାଇଲାଣି । ରଜାପୁଅ, ମନ୍ତ୍ରୀପୁଅ, ସାଧବପୁଅ, କଟୁଆଳ ପୁଅ, ବୁଢ଼ୀଅସୁରୁଣୀ, ବାଘମାମୁଁ, ଅଗନାଅଗେନ ବନସ୍ତ, କଲ୍ପଗଛବେଣ୍ଟ, ବାରହାତ ଖଣ୍ଡା ଇତ୍ୟାଦି ଶିଶୁ ମନକୁ ସପନରାଇଜକୁ ଟାଣିନେଇଯାଏ । ଗଳ୍ପ ଆରମ୍ଭରେ 'କଥାଟିଏ କହୁଁ, କଥାଟିଏ କହୁଁ, କସ୍ କଥା, ବେଙ୍ଗ୍ ଲି କଥା···' ଏବଂ ଶେଷରେ 'ମୋ କଥାଟି ସରିଲା, ଫୁଲଗଛଟି ମରିଲା···' ସେ ସ୍ୱପ୍ନପୁରୀର ପ୍ରବେଶ ଏବଂ ପ୍ରସ୍ଥାନଦ୍ୱାରରେ ଦୁଇଟି କୁହୁକ ପରଦା ପରି କାମ କରେ । ବିଭିନ୍ନ ଦେଶରେ, ବିଭିନ୍ନ ଭାଷାରେ ଏହିପରି ଅସଂଖ୍ୟ ଲୋକକାହାଣୀ ରହିଛି । ପରୀଗଳ୍ପ **(Fairy Tales)** ଏବଂ ରୂପକଥା, ସୃଷ୍ଟିର ଆଦିକାଳରେ ଆଦିମରଚନାକାରଙ୍କ ଦ୍ୱାରା କଳ୍ପିତ ହୋଇଥିଲା; ତେଣୁ ସରଳବିଶ୍ୱାସୀ ଶିଶୁମାନଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ । ଏ ପ୍ରସଙ୍ଗରେ ଜଣେ ପାଶ୍ଚାତ୍ୟ ଶିକ୍ଷାବିତ୍‌ଙ୍କର ଉକ୍ତି ପ୍ରଣିଧାନଯୋଗ୍ୟ । ସେ କହନ୍ତି, **'They are the source out of which all later literature has sprung. Made originally as spoken stories, and polished by the telling of story-tellers through the ages, these tales have simplicity of form and vivid dramatic beauty of language. ✻**

ଗୋପାଳଚନ୍ଦ୍ର ପ୍ରହରାଜ ଊନବିଂଶ ଶତାବ୍ଦୀର ଶେଷଭାଗରେ ଏହି କାହାଣୀଗୁଡ଼ିକ ସଂଗ୍ରହ କରି ପ୍ରଥମେ 'ଉତ୍କଳ-ସାହିତ୍ୟ'ରେ ଏବଂ ପରେ ତାଙ୍କ 'ଉତ୍କଳ କାହାଣୀ' ପୁସ୍ତକରେ ପ୍ରକାଶ କରିଥିଲେ । ସେହି ଲୋକ-ଗଳ୍ପରୁ ଗୋଟିଏ ଏବଂ କେତୋଟି ଲୋକ-ଗୀତ ଏହି ସଂକଳନରେ ସଂଗ୍ରଥିତ ହୋଇଅଛି ।

---

**✻ From 'Children's Reading' by Bertha E. Mahony —Boston.**

# ଉନ୍ମେଷ କାଳ

## ( ୧୮୬୬—୧୮୯୭ )

ମୁଦ୍ରାଯନ୍ତ୍ରର ଆବିଷ୍କାର ଫଳରେ ପୃଥିବୀର ସବୁ ଦେଶରେ ଲିଖିତ ସାହିତ୍ୟର ଦ୍ରୁତ ଉନ୍ନତି ସାଧିତ ହେଲା । ଆମର ପ୍ରଥମ ମୁଦ୍ରାଯନ୍ତ୍ର ମିଶନାରୀମାନଙ୍କ ଦ୍ୱାରା ୧୮୩୭ ମସିହାରେ ସ୍ଥାପିତ ହୋଇଥିଲେହେଁ ୧୮୮୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଆଧୁନିକ ଓଡ଼ିଆ ସାହିତ୍ୟ କୌଣସି ଅଗ୍ରଗତି କରିପାରି ନ ଥିଲା । ୧୮୬୬ ର ନ'ଅଙ୍କ ଦୁର୍ଭିକ୍ଷ ଏବଂ ତତ୍‌କାଳୀନ ଭାଷା-ବିଲୋପ ଆନ୍ଦୋଳନର ପ୍ରତିକ୍ରିୟାରୁ ଜାତ ହେଲା ନୂତନ ସାହିତ୍ୟ ସୃଷ୍ଟି ପାଇଁ ପ୍ରବଳ ଉଦ୍ଦୀପନା । ସାହିତ୍ୟରେ ଆସିଲା ନୂତନ ଦୃଷ୍ଟିଭଙ୍ଗୀ । ଏହା ପୂର୍ବରୁ ପରମ୍ପରାବଦ୍ଧ କାବ୍ୟକବିତା ହିଁ ଥିଲା ଆବାଳବୃଦ୍ଧବନିତା ସମସ୍ତଙ୍କର ସାହିତ୍ୟ । କିନ୍ତୁ ଏହିଠାରୁ ରାଧାନାଥ, ମଧୁସୂଦନ ଓ ଫକୀର-ମୋହନ ସାହିତ୍ୟର ଧାରାକୁ ବଦଳାଇଦେଲେ । ନୂତନ ରୁଚିର ପାଠ୍ୟ ପୁସ୍ତକମାନ ରଚିତ ହେଲା ଏବଂ ଶିଶୁମାନେ ବର୍ଣ୍ଣପରିଚୟ ପରେ ଆଉ ଛାନ୍ଦଚଉତିଶାରେ ଆବଦ୍ଧ ନ ରହି ନୂତନ ରୀତିରେ ଶିକ୍ଷା ଆରମ୍ଭ କଲେ ।

୧୮୬୬ ମସିହାରେ ରାଧାନାଥ ଓ ମଧୁସୂଦନଙ୍କ ମିଳିତ ଉଦ୍ୟମରେ 'କବିତାବଳୀ' ପ୍ରଥମ ଭାଗ ଏବଂ ୧୮୮୦-୮୧ରେ 'ଛାନ୍ଦମାଳା' ପ୍ରଥମ ଭାଗ ପ୍ରକାଶିତ ହେଲା । 'କବିତାବଳୀ'ର ଦ୍ୱିତୀୟ ଭାଗ ପ୍ରକାଶ ପାଇଲା ୧୮୮୬ ମସିହାରେ । ଏ ସବୁଥିରେ ରାଧାନାଥଙ୍କର ଯେଉଁ କବିତାଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା, ତାହାକୁ ଶିଶୁ ସାହିତ୍ୟ କୁହାଯାଇପାରିବ ନାହିଁ । ସେଥିରେ ଥିବା ଅପେକ୍ଷାକୃତ ସହଜ 'ଶିବାଜୀଙ୍କ ଉତ୍ସାହବାଣୀ' କୈଶୋରୋତ୍ତର ଶ୍ରେଣୀର ଉପଯୋଗୀ; 'ପବନ' ଓ 'ଦୀନବନ୍ଧୁ' ସହଜ ହେଲେହେଁ ରାଧାନାଥଙ୍କ ପ୍ରତିଭାର ସ୍ୱାକ୍ଷର ବହନ କରେ ନାହିଁ । ଏହି କାରଣରୁ ରାଧାନାଥଙ୍କୁ ଏ ସଂକଳନକୁ ଅଣାଯାଇନାହିଁ ।

ମଧୁସୂଦନହିଁ ଥିଲେ ଯଥାର୍ଥରେ ଓଡ଼ିଆ ଶିଶୁ ସାହିତ୍ୟର ଜନକ । 'କବିତାବଳୀ' ଓ 'ଛାନ୍ଦମାଳା'ରେ ପ୍ରକାଶିତ ତାଙ୍କର ପ୍ରଭାତ, ସନ୍ଧ୍ୟା, ଛଅଟି ଋତୁଗୀତ, ପୃଥିବୀପ୍ରତି, ଜନ୍ମଭୂମି, ପରିବାର, ନଦୀ ପ୍ରତି,

ସୀତାବନବାସ, ନିର୍ବାସିତର ବିଳାପ, ପଦ୍ମ ପ୍ରଭୃତି କବିତା ଅତି ଲୋକପ୍ରିୟ ହୋଇଉଠିଥିଲା । ମଧୁସୂଦନଙ୍କ କବିତା ଗଭୀର ଭକ୍ତିଭାବ ଓ ଈଶ୍ୱର-ବିଶ୍ୱାସର ସ୍ପଷ୍ଟ ସୂଚନା ଦିଏ ।

'ଯାହା ମୁଁ କରଇ, ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ,
ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ ।'

ତାଙ୍କ ରଚିତ 'ବର୍ଣ୍ଣବୋଧ'ରେ ମଧ୍ୟ ଉପଦେଶପୂର୍ଣ୍ଣ ବହୁ ସରଳ ପଦ ମଧ୍ୟ ଦେଖିବାକୁ ମିଳେ ।

'ମଧୁର ବିନୟ ବଚନ, କହି ତୋଷିବ ଜନମନ ।'
'ମିଥ୍ୟାକୁ ପାପ ବୋଲି ଜାଣି, ସଦା କହିବ ସତ୍ୟବାଣୀ ।'

ପ୍ରକୃତିର ନିପୁଣ ଆଲେଖ୍ୟ ଚିତ୍ରଣ କରି ତାର ମନୋହର ସୌନ୍ଦର୍ଯ୍ୟପ୍ରତି ପିଲାମାନଙ୍କ ମନକୁ ଆକର୍ଷିତ କରିବାରେ ମଧ୍ୟ ସେ ସିଦ୍ଧହସ୍ତ ଥିଲେ । ଶିଶୁସାହିତ୍ୟରେ ଏଭଳି ଦୃଷ୍ଟିଭଙ୍ଗୀ ପ୍ରଥମ ମନେ ହୁଏ । 'ବର୍ଣ୍ଣବୋଧ'ରେ ତାହା ଆରମ୍ଭ ହୋଇଛି—

'ପ୍ରଜାପତିଟି ହରଷରେ, ବସିଛି ଫୁଲର ଉପରେ ।'

'ବର୍ଷା' କବିତାରେ,

'ଶ୍ୟାମଳ ଦୂର୍ବାଦଳେ ଶୋଭିତ ମହୀ,
ସାଧବବୋହୂ ତଥିପରେ ଶୋଭଇ ।'

ମଧୁସୂଦନଙ୍କ ଶିଶୁକବିତାର ଏକ ବିଶେଷତ୍ୱ ଥିଲା ତାର ଛନ୍ଦ । ସମସାମୟିକ ଯୁଗର ଯେଉଁ ଛନ୍ଦଗୁଡ଼ିକ ଅପେକ୍ଷାକୃତ ସରଳ, ଯଥା—ରାଗ ବଙ୍ଗଳାଶ୍ରୀ, ରାମକେରୀ, କଳହଂସ କେଦାର, ଚୋଖି, ରସକୁଲ୍ୟା ପ୍ରଭୃତି, ସେହିଗୁଡ଼ିକୁ ସେ ତାଙ୍କ ଗୀତିରଚନାରେ ବ୍ୟବହାର କରିଥିଲେ । ତେଣୁ ପିଲାମାନେ ତାହାକୁ ଆବୃତ୍ତି କରି ଆନନ୍ଦ ଲାଭ କରୁଥିଲେ । ସୁଲଳିତ ରଚନାଶୈଳୀ ଓ ସାଙ୍ଗୀତିକ ମୂଲ୍ୟଯୋଗୁ ତାଙ୍କର ଏହି ପଦ୍ୟଗୁଡ଼ିକ ଏପର୍ଯ୍ୟନ୍ତ ଓଡ଼ିଆ ଶିଶୁସାହିତ୍ୟର ଅମୂଲ୍ୟ ସଂପଦ ହୋଇ ରହିଅଛି ।

ମଧୁସୂଦନ ବିଦ୍ୟାଳୟର ଶ୍ରେଣୀ-କ୍ରମାନୁସାରେ ତାଙ୍କର 'ବର୍ଣ୍ଣବୋଧ', 'ଶିଶୁବୋଧ', 'ବାଳବୋଧ, 'ସାହିତ୍ୟକୁସୁମ' ଓ

'ସାହିତ୍ୟପ୍ରସଙ୍ଗ' ପ୍ରଣୟନ କଲେ । ନୂତନ ରୁଚି ଓ ଗଦ୍ୟ ସାହିତ୍ୟ ସଙ୍ଗେ ପିଲାମାନେ ଏହି ସମୟରେ ପରିଚିତ ହେଲେ । ମାତ୍ର ତାଙ୍କ ପଦ୍ୟ ଅପେକ୍ଷା ଗଦ୍ୟ ଥିଲା ଅଧିକ କଠିନ ଏବଂ ସଂସ୍କୃତାନୁସାରୀ, ସନ୍ଧି ସମାସ ଦ୍ୱାରା ଭାରାକ୍ରାନ୍ତ । ସେତେବେଳେ ମାଇନର ସ୍କୁଲର ପାଠ୍ୟ 'ସାହିତ୍ୟ ପ୍ରସଙ୍ଗ'ରେ ଥିବା 'ରାଣୀ ଦୁର୍ଗାବତୀ', 'ହିମାଳୟ' ପ୍ରଭୃତିର ଭାଷା ଏହାର ପ୍ରକୃଷ୍ଟ ପ୍ରମାଣ । ତାହା ସତ୍ତ୍ୱେ ମଧୁସୂଦନ ଯେ ଆଧୁନିକ ପ୍ରବନ୍ଧ-ସାହିତ୍ୟର ପ୍ରବର୍ତ୍ତକ ଏବଂ ଶିଶୁଗଳ୍ପର ଜନ୍ମଦାତା ଏହା ନିଃସନ୍ଦେହରେ କୁହାଯାଇପାରେ ।

ନୂତନ ସାହିତ୍ୟର ସ୍ରଷ୍ଟାତ୍ରୟୀଙ୍କ ମଧ୍ୟରୁ ଅନ୍ୟତମ ସାଧକ ଫକୀରମୋହନଙ୍କୁ କଥାସାହିତ୍ୟର ସମ୍ରାଟ କୁହାଯାଇଥାଏ; ମାତ୍ର ସେ 'ବ୍ୟାସକବି' ନାମରେ ମଧ୍ୟ ପରିଚିତ । ଶିଶୁ ଓ କିଶୋର ଉପଯୋଗୀ ବହୁ କବିତା ସେ ରଚନା କରିଥିଲେ । ତାଙ୍କର ଗୀତିକବିତାଗୁଚ୍ଛ 'ପୁଷ୍ପମାଳା' (୧୮୯୪) ଓ 'ଅବସରବାସରେ' ( ୧୯୦୮ ) ପୁସ୍ତକ ଦୁଇଟି ସେତେବେଳେ ବେଶ୍ ଆଦୃତ ହୋଇଥିଲା । ଏଥିରେ ଥିବା ତାଙ୍କର ଡାଆଣୀ ଆଳୁଅ, ଚକୁଆ ଚକୋଈ କଥା, ଗର୍ଦ୍ଦଭର ସୂକ୍ଷ୍ମ ବୁଦ୍ଧି, ଶଂଖୀବିରାଡ଼ି, ଚୂଡ଼ାମଣିର ଅଙ୍ଗା ପ୍ରଭୃତି ଯେପରି ସୁବୋଧ୍ୟ, ସେହିପରି ମନୋରଂଜକ ।

ଲକ୍ଷ୍ୟ କରିବାର କଥା, ଊନବିଂଶ ଶତାବ୍ଦୀର ଶେଷ ଭାଗରେ ମଧୁସୂଦନଙ୍କ ପାଠ୍ୟପୁସ୍ତକ ହିଁ ଆଧୁନିକ ଶିଶୁ-ସାହିତ୍ୟକୁ ଏକ ପ୍ରତିଷ୍ଠିତ ରୂପ ଦେଇଥିଲା । ଲେଖକ ଧର୍ମପ୍ରାଣ ଥିବାରୁ ତାଙ୍କର ପ୍ରାୟ ସମସ୍ତ ଶିଶୁ ରଚନା ଭକ୍ତିରସସିକ୍ତ । ସେ ଜଣେ ଶିକ୍ଷାବିତ୍ ଥିବା ଯୋଗୁ ତାଙ୍କ ଲେଖା ନୀତିଉପଦେଶାତ୍ମକ । ଜନ୍ମଭୂମି, ଉତ୍କଳଗାଥା, ଜାତୀୟ ସଙ୍ଗୀତ ପ୍ରଭୃତି ଦେଶାତ୍ମବୋଧକ । ଅବଶ୍ୟ 'ଚନ୍ଦ୍ର ଓ ତାରା', 'ଲିସ୍‌ବନ୍ ଭୂମିକମ୍ପ', 'ନିର୍ବାସିତର ବିଳାପ' ଇତ୍ୟାଦିରେ ପାଶ୍ଚାତ୍ୟ ପ୍ରଭାବ ପରିଲକ୍ଷିତ ହୁଏ । 'ରାଧାନାଥ ଏବଂ ମଧୁସୂଦନ ପାଶ୍ଚାତ୍ୟ ଓ ପ୍ରାଚ୍ୟ ସଭ୍ୟତାର ପ୍ରତୀକ, ମାତ୍ର ଫକୀରମୋହନ ଥିଲେ ଓଡ଼ିଆ ପ୍ରାଣର ଯଥାର୍ଥ ପ୍ରତିନିଧି ।'*

---

* ଡକ୍ଟର ନଟବର ସାମନ୍ତରାୟ—'ଓଡ଼ିଆ ସାହିତ୍ୟର ବିକାଶକ୍ରମ'; ରାଷ୍ଟ୍ରଭାଷା ରଜତ ଜୟନ୍ତୀ ଗ୍ରନ୍ଥ, ୨୦୭ ପୃଷ୍ଠା

ଆଲୋଚ୍ୟ କାଳର ଅନ୍ୟତମ ଲେଖକ ବାର୍କୀର ଗୋବିନ୍ଦ ରଥଙ୍କ ନାମ ଏଠାରେ ସ୍ମରଣ କରାଯାଇପାରେ । ସେ ସହଜ ସରଳ ଭାଷାରେ ନିକ ଶ୍ରେଷ୍ଠ ଶ୍ରେଷ୍ଠ ବହି ରଚନା କରିଥିଲେ ଏବଂ ୧୮୬୪ ମସିହାରେ 'ବର୍ଣ୍ଣବୋଧକ' ନାମରେ ଖଣ୍ଡେ ବର୍ଣ୍ଣପରିଚୟ ପୁସ୍ତକ ମଧ୍ୟ ଛପାଇଥିଲେ; ମାତ୍ର ସାହିତ୍ୟିକ ଉପାଦାନ ଅଭାବରୁ ତାହାର ସ୍ଥାୟୀ ମୂଲ୍ୟ ରହିଲା ନାହିଁ ।

ଏ ଯୁଗର ଅନ୍ୟ ଦୁଇଜଣ ବିଶିଷ୍ଟ ଲେଖକ ହେଉଛନ୍ତି ଗଙ୍ଗାଧର ମେହେର ଓ ଚିନ୍ତାମଣି ମହାନ୍ତି । ମେହେର ଥିଲେ ପ୍ରଧାନତଃ କାବ୍ୟ-ଶିଳ୍ପୀ । ତେଣୁ ସରଳ ଶିଶୁ-କବିତା ଦିଗରେ ସେ ବେଶି ଧ୍ୟାନ ଦେଇ ନ ଥିଲେ । ଶିକ୍ଷକ-ସାହିତ୍ୟିକ ଚିନ୍ତାମଣି ମହାନ୍ତି ଖ୍ରୀ: ୧୯୪୩ ପର୍ଯ୍ୟନ୍ତ ବଞ୍ଚିଥିଲେ । ସେ ବହୁ କାବ୍ୟକବିତା ଲେଖିଛନ୍ତି, କିନ୍ତୁ ତାଙ୍କ ଗୀତି କବିତା ଅପେକ୍ଷା କାବ୍ୟକୃତି ଅଧିକ । ୧୯୨୯ ମସିହାରେ ପ୍ରକାଶିତ ତାଙ୍କର 'ଶିଶୁଧର୍ମନୀତି ଶିକ୍ଷା' ଉପଦେଶଦ୍ୱାରା ଭାରାକ୍ରାନ୍ତ ଏବଂ ନୀରସ । ମୋଟାମୋଟି ଦେଖିଲେ, ବିଂଶ ଶତାବ୍ଦୀର ପ୍ରଥମ ଦଶକ ପର୍ଯ୍ୟନ୍ତ ମଧୁସୂଦନଙ୍କ ପାଠ୍ୟପୁସ୍ତକ ବ୍ୟତୀତ ଲୋକପ୍ରିୟ ଶିଶୁ ସାହିତ୍ୟ ଅନ୍ୟ କିଛି ନ ଥିଲା ।

## ପ୍ରାଣ-ପ୍ରତିଷ୍ଠା କାଳ

### ( ୧୮୯୮—୧୯୧୯ )

ଊନବିଂଶ ଶତାବ୍ଦୀର ଶେଷଭାଗରେ ସ୍ଥାପିତ ଓଡ଼ିଆ ଶିଶୁ-ସାହିତ୍ୟର ଭିତ୍ତିକୁ ବିଂଶ ଶତାବ୍ଦୀର ପ୍ରଥମ ଏବଂ ଦ୍ୱିତୀୟ ଦଶକରେ ଯେଉଁ କେତେଜଣ ଲେଖକ ଦୃଢ଼ୀଭୂତ କରିଥିଲେ, ସେମାନଙ୍କ ମଧ୍ୟରେ ଗୋପାଳଚନ୍ଦ୍ର ପ୍ରହରାଜ ଓ ନନ୍ଦକିଶୋର ବଳ ଅଗ୍ରଗଣ୍ୟ । ଏହି ସମୟ ମଧ୍ୟରେ ଶିଶୁସାହିତ୍ୟ ପାଠ୍ୟ-ପୁସ୍ତକର ନିଗଡ଼ ମଧ୍ୟରୁ ମୁକ୍ତିଲାଭ କରି ସାହିତ୍ୟର ଏକ ନୂତନ ବିଭାଗରୂପେ ବିବେଚିତ ହେଲା । ୧୯୧୯ ଖ୍ରୀଷ୍ଟାବ୍ଦରେ 'ଭାଷାକୋଷ' ସଂକଳନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଗୋପାଳଚନ୍ଦ୍ର ପ୍ରହରାଜ 'ଉତ୍କଳ ସାହିତ୍ୟ' ଏବଂ 'ମୁକୁର' ମାସିକ ପତ୍ରିକାରେ ଲେଖାଲେଖି କରୁଥିଲେ । ଯେଉଁ ଲୋକକାହାଣୀଗୁଡ଼ିକ ଅଜା-ଆଈଙ୍କ ସ୍ମୃତିପଟରେ ଏପର୍ଯ୍ୟନ୍ତ ସାଇତା ହୋଇ ରହିଥିଲା, ସେଗୁଡ଼ିକୁ ସେ

୧୯୦୦ ରୁ ୧୯୦୯ ଖ୍ରୀଷ୍ଟାବ୍ଦ ମଧ୍ୟରେ ସଂଗ୍ରହ କରି 'ଉତ୍କଳ ସାହିତ୍ୟ'ରେ ପ୍ରକାଶ କରିଥିଲେ ଏବଂ ପରେ ତାହା 'ଉତ୍କଳ କାହାଣୀ' (ପ୍ରଥମ ଭାଗ) ନାମରେ ୧୯୧୦ ମସିହାରେ ପୁସ୍ତକାକାରରେ ପ୍ରକାଶ ପାଇଲା । ପରେ ଏହାର ଦ୍ୱିତୀୟ ଭାଗ ଏବଂ 'ଆମ ଜେଜେବାପାଙ୍କ କାହାଣୀ' ମଧ୍ୟ ପ୍ରକାଶିତ ହେଲା । ଗାଁଗହଳରୁ ପ୍ରହେଳିକା ଓ ଡଗଡମାଳି ସଂଗ୍ରହ କରି ସେ ଓ ପୀତାମ୍ବରୀ ଦେବୀ ତାହାର ସଂକଳନ ପ୍ରକାଶ କରିଥିଲେ । ମାତ୍ର ପ୍ରହରାଜଙ୍କ ସାହିତ୍ୟସାଧନା କେବଳ ସଂଗ୍ରହରେ ଆବଦ୍ଧ ନ ଥିଲା । ସରଳ, ହାସ୍ୟରସାତ୍ମକ ରଚନାରେ ସେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ଶିଳ୍ପୀ । ସେ ଯଦି 'ଭାଷାକୋଷ' କାର୍ଯ୍ୟରେ ହାତ ଦେଇ ନ ଥାନ୍ତେ, ତେବେ ଆମ ଭାଷାରେ ସରଳ ଏବଂ ବ୍ୟଙ୍ଗାତ୍ମକ ଶିଶୁସାହିତ୍ୟର ଅଭାବ ନ ଥାନ୍ତା । ତାଙ୍କର ଗୀତିଗୁଚ୍ଛ 'ଧୋ ରେ ବାୟା ଧୋ' ସାହିତ୍ୟ ଭଣ୍ଡାରର ଏକ ଅମୂଲ୍ୟ ସମ୍ପଦ । ଏଥିରେ ଥିବ ତେରଟି କବିତା ମଧ୍ୟରୁ ବାରଟି 'ଉତ୍କଳ ସାହିତ୍ୟ'ରେ ପୂର୍ବରୁ ପ୍ରକାଶ ପାଇଥିଲା । 'ଝୁଲ୍ ରେ ହାଣ୍ଡି ଝୁଲ୍' କବିତାଟି ଏତେ ଆଦରଣୀୟ ଥିଲା ଯେ ଚନ୍ଦ୍ରମୋହନ ମହାରଣାଙ୍କ 'କଥାବଳି' ଏବଂ ମଧୁସୂଦନଙ୍କ 'ବାଳବୋଧ'ରେ ତାହା ସନ୍ନିବେଶିତ ହୋଇଥିଲା ।

ନନ୍ଦକିଶୋର ବଳ ଓଡ଼ିଆ ଶିଶୁ ସାହିତ୍ୟର ପ୍ରାଣପ୍ରତିଷ୍ଠା କରିଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ସେ ସମୟରେ ମଧୁସୂଦନଙ୍କ ପାଠ୍ୟପୁସ୍ତକକୁ ଛାଡ଼ିଦେଲେ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ସାହିତ୍ୟ ପୁସ୍ତକ ବିଶେଷ କିଛି ନ ଥିଲା । ସେତିକିବେଳେ ଶିଶୁର ଭାଷା, ଛନ୍ଦ ଓ ସରଳ ବିଶ୍ୱାସକୁ ନେଇ ୧୯୧୫ ମସିହାରେ ପ୍ରକାଶ ପାଇଲା ବଳଙ୍କର 'ନାନାବାୟା ଗୀତ' । ଇଂରାଜୀ ଭାଷାରେ Lullaby ପରି ଏଗୁଡ଼ିକ ସୁଶ୍ରାବ୍ୟ ଏବଂ ଶିଶୁର ମନୋରଂଜକ । ପଲ୍ଲୀରେ ନନ୍ଦକିଶୋରଙ୍କ ଜନ୍ମ ଏବଂ ସେ ଶିକ୍ଷକ ଓ ସ୍କୁଲ ପରିଦର୍ଶକ ଥିଲେ । ତେଣୁ ଓଡ଼ିଶାର ପଲ୍ଲୀପ୍ରକୃତି ସଙ୍ଗେ ସେ ଉତ୍ତମରୂପେ ପରିଚିତ ଥିଲେ । ତାଙ୍କର ପଲ୍ଲୀଚିତ୍ର (୧୮୯୮), ନିର୍ଝରିଣୀ (୧୯୦୦) ଓ ବୁରୁଚିତ୍ର (୧୯୦୨) ରେ ମଧ୍ୟ କେତେକ ସୁନ୍ଦର ଶିଶୁଗୀତ ରହିଛି । 'ମେଘ ବରଷିଲ ଟପର ଟପର...', 'ଡାମବାକାଉ', 'ହୋ ରେ ବାୟା ହୋ' ପ୍ରଭୃତିରେ ପୂର୍ବକାଳର ଅଲକ୍ଷିତ ଶିଶୁସାହିତ୍ୟ ପ୍ରତିଫଳିତ । ''ଯେଉଁ ଶିଶୁସଙ୍ଗୀତ ସହିତ ଏ ଜାତି ଯୁଗ ଯୁଗ ଧରି ଘନିଷ୍ଠ ଭାବେ

ପଣ୍ଡିତ, ସେହି ସଙ୍ଗୀତର ଅନୁସରଣ ଫଳରେ ନନ୍ଦକିଶୋରଙ୍କ କବିତା ଅତୀବ ଚିତ୍ତାକର୍ଷକ ହୋଇଉଠିଛି ।"*

୧୯୦୨ ମସିହାରେ ବାମଣ୍ଡାଧିପତି ସୁଡ଼ଳ ଦେବଙ୍କ ଆର୍ଥିକ ସହାୟତାରେ 'ଜହ୍ନମାମୁଁ' ନାମକ ଏକ ଶିଶୁ କବିତା ସଂକଳନ ପ୍ରକାଶ ପାଇଥିଲା । ସେଥିରେ ବାରଜଣ କବିଙ୍କର ବାରଟି କବିତା ସନ୍ନିବିଷ୍ଟ ଥିଲା; ମାତ୍ର ସେଗୁଡ଼ିକ ନୂତନ ଶୈଳୀ ଓ ଭାବଧାରା ଗ୍ରହଣ ନ କରି ପ୍ରାଚୀନ ଆଳଂକାରିକ ରୀତିରେ ରଚିତ ହୋଇଥିବାରୁ ସେତେ ଆଦୃତ ହୋଇ-ପାରିଲା ନାହିଁ ।

ଆଲୋଚ୍ୟ ସମୟର ଦୁଇଟି ପ୍ରଧାନ ଘଟଣା ହେଉଛି ଉତ୍କଳ ସମ୍ମିଳନୀ ଏବଂ ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା (୧୯୦୩) । ରାଧାନାଥ, ମଧୁସୂଦନ ଏବଂ ଫକୀରମୋହନଙ୍କ ଦ୍ୱାରା ରୋପିତ ଚାରୁଟି ନୂତନ ଓଡ଼ିଆପ୍ରେମୀ ଲେଖକମାନଙ୍କ ଆଦରଯତ୍ନ ଲାଭ କରି କ୍ରମେ ପଲ୍ଲବିତ ଓ ପୁଷ୍ପିତ ହେବାକୁ ଲାଗିଲା । ପ୍ରହରାଜ ଏବଂ ବଳଙ୍କ ବ୍ୟତୀତ ଅନ୍ୟ କେତେଜଣ ଲେଖକ ମଧ୍ୟ ଏହି ତରୁମୂଳରେ ଅର୍ଘ୍ୟ ଢାଳିଥିଲେ । ଏଠାରେ ସମସ୍ତଙ୍କର ନାମୋଲ୍ଲେଖ ନ କରି କେବଳ ବିଶିଷ୍ଟ ଶିଶୁସାହିତ୍ୟିକମାନଙ୍କ ବିଷୟରେ କିଛି କୁହାଯାଉଅଛି ।

ଚନ୍ଦ୍ରମୋହନ ମହାରଣା ଜଣେ ଆଦର୍ଶ ଶିକ୍ଷକ ଥିଲେ; ତେଣୁ ପାଠ୍ୟପୁସ୍ତକ ମାଧ୍ୟମରେ ପିଲାମାନଙ୍କୁ ସାହିତ୍ୟାନୁରାଗୀ କରାଇବା ଉଦ୍ଦେଶ୍ୟରେ ସେ 'କଥାବଳି' (୧୯୧୬-୧୭) ଏବଂ ଓଡ଼ିଆ ବ୍ୟାକରଣ ରଚନା କରିଥିଲେ । ଭାଷାର ଶୁଦ୍ଧତା ରକ୍ଷାପ୍ରତି ତାଙ୍କର ସତର୍କ ଦୃଷ୍ଟି ଥିଲା । ମଧୁସୂଦନଙ୍କ ଶୈଳୀର ପ୍ରଭାବ ତାଙ୍କ ଗଦ୍ୟ ଓ ପଦ୍ୟରେ ସୁସ୍ପଷ୍ଟ । 'କଥାବଳି'ର ଦୁଇ ଭାଗରେ ଯେଉଁ ଚଉଦକୋଡ଼ି କବିତା ଥିଲା, ସେଥିରୁ ଛଅଟି ଥିଲା ଋତୁବର୍ଣ୍ଣନା । ଗଦ୍ୟଭାଗର ବିଷୟଗୁଡ଼ିକୁ ସେ ପୁରାଣ, 'ପଞ୍ଚତନ୍ତ୍ର', 'ଏସପ୍‌ସ ଫେବଲସ୍' **(Aesop's Fables)** ଏବଂ ଅନ୍ୟାନ୍ୟ ବହିରୁ ସଂଗ୍ରହ କରିଥିଲେ ।

---

*'ନନ୍ଦକିଶୋର ସାହିତ୍ୟ ସମୀକ୍ଷା'—ଡ଼ଃ ନଟବର ସାମନ୍ତରାୟ, ପୃ ୧୩୬

ଅନ୍ୟ ଜଣେ କୃତୀ ସାହିତ୍ୟିକ ଥିଲେ ମୃତ୍ୟୁଞ୍ଜୟ ରଥ । ସେ ମଧ୍ୟ ଶିକ୍ଷକତା କରୁଥିଲେ । ଅର୍ଥାଭାବ ତାଙ୍କ ସାହିତ୍ୟସାଧନାର ପ୍ରଧାନ ଅନ୍ତରାୟ ଥିଲା । ତାଙ୍କର ଅନ୍ୟାନ୍ୟ କୃତିମଧ୍ୟରେ ପାଠ୍ୟପୁସ୍ତକ 'ରସାବଳୀ', ବାଳିକାପାଠ୍ୟ 'ନୀତିଦର୍ପଣ' ଏବଂ ଅନ୍ୟ ଦୁଇଖଣ୍ଡି 'ପ୍ରବନ୍ଧପାଠ' ଓ 'ସାହିତ୍ୟ ପାଠ' ଉଲ୍ଲେଖଯୋଗ୍ୟ । ଏହି ସଂକଳନରେ ଅନ୍ତର୍ଭୁକ୍ତ ତାଙ୍କର ଦୁଇଟି ଶିଶୁକବିତା ତାଙ୍କ ସାବଲୀଳ ରଚନାଶୈଳୀର ପରିଚାୟକ ।

ମାସିକ ପତ୍ରିକା 'ଉତ୍କଳ ସାହିତ୍ୟ' (୧୮୯୭) ର ପ୍ରତିଷ୍ଠାତା-ସଂପାଦକ ବିଶ୍ୱନାଥ କର ଏବଂ ଅନ୍ୟତମ ମାସିକ 'ମୁକୁର'(୧୯୦୫)ର ସଂପାଦକ ବ୍ରଜସୁନ୍ଦର ଦାସ ଶିଶୁମାନଙ୍କ ପାଇଁ ଲେଖି ନ ଥିଲେ ସୁଦ୍ଧା ସାହିତ୍ୟର ଇତିହାସରେ ସ୍ମରଣୀୟ । ବହୁ ଶିଶୁସାହିତ୍ୟିକ ତାଙ୍କଠାରୁ ପ୍ରେରଣା ଲଭ କରି ଉତ୍କଳ ସାହିତ୍ୟ ଭଣ୍ଡାରକୁ ପୁଷ୍ଟ କରିଅଛନ୍ତି । ତେଣୁ ଶିଶୁସାହିତ୍ୟର ଉତ୍ସାହଦାତା ଭାବରେ ସେ ଦୁହିଁଙ୍କର ଅବଦାନ ଭୁଲି-ହେବନାହିଁ ।

## ଅଭ୍ୟୁଦୟ କାଳ

### ( ୧୯୨୦—୧୯୪୭ )

୧୯୨୧ ମସିହାରେ ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ ଏବଂ ୧୯୪୭ ରେ ଭାରତ ବିଦେଶୀ ଶାସନରୁ ମୁକ୍ତ ହେଲା । ଏହି ଦୁଇ ସୀମାର ମଧ୍ୟବର୍ତ୍ତୀ କାଳ ଥିଲା ଅଶାନ୍ତ ଓ ବିକ୍ଷୁବ୍ଧ । ଆନ୍ତର୍ଜାତିକ କ୍ଷେତ୍ରରେ ଦ୍ୱିତୀୟ ମହାସମର ଏବଂ ଭୌତିକ ବିଜ୍ଞାନର ପ୍ରସାର ଲୋକମାନଙ୍କ ଚିନ୍ତାଧାରାରେ ନାନା ପ୍ରତିକ୍ରିୟା ସୃଷ୍ଟି କରିଥିଲା ।

ଓଡ଼ିଶାବାସୀଙ୍କ ପକ୍ଷରେ ଏହି ସମୟର ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ (୧୯୩୬) ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା (୧୯୪୦) । ପ୍ରଥମଟିଦ୍ୱାରା ଉତ୍କଳବାସୀଙ୍କର ବହୁଦିନର ଆକାଂକ୍ଷା ଚରିତାର୍ଥ ହେଲା ଏବଂ ଦ୍ୱିତୀୟଟିଦ୍ୱାରା ଶିକ୍ଷା ଓ ସଂସ୍କୃତି କ୍ଷେତ୍ର ସ୍ୱୟଂଶାସିତ ହେଲା । ଏତଦ୍‌ବ୍ୟତୀତ ଶିଶୁସାହିତ୍ୟ

କ୍ଷେତ୍ରରେ ବିପୁଳ ସମ୍ଭାବନାର ଦ୍ୱାର ଉନ୍ମୁକ୍ତ କରିଥିଲେ ଦୁଇଟି ମାସିକ ଶିଶୁପତ୍ରିକା 'ପଞ୍ଚାମୃତ' (୧୯୨୦) ଏବଂ 'ଜହ୍ନମାମୁଁ' (୧୯୩୨) ।

ଚିନ୍ତାମଣି ଆଚାର୍ଯ୍ୟ ମୁଖ୍ୟତଃ ଆଇନଜ୍ଞ ଥିଲେ ହେଁ ଜଣେ ଶିକ୍ଷାବିତ୍ ଏବଂ ସାହିତ୍ୟପ୍ରେମୀ ଥିଲେ । ଶିକ୍ଷକ ଅଗଣି ଦାସଙ୍କ ସହାୟତାରେ ୧୯୨୦ରେ ସେ କଟକରୁ 'ପଞ୍ଚାମୃତ' ନାମକ ଏକ ଶିଶୁ ପତ୍ରିକା ପ୍ରକାଶ କରି ଓଡ଼ିଆ ସାହିତ୍ୟର ଏକ ନୂତନ ମାର୍ଗ ଉନ୍ମୋଚନ କଲେ । ଏହାପୂର୍ବରୁ ଖ୍ରୀ ୧୯୦୯ ରେ ସ୍ୱଳ୍ପକାଳପାଇଁ ରେବା ରାୟଙ୍କ ସଂପାଦନାରେ 'ପ୍ରଭାତ' ନାମରେ ଯେଉଁ ଶିଶୁପତ୍ରିକା ଜନ୍ମଲାଭ କରିଥିଲା, ସେଥିରେ ପ୍ରାୟ ଅନୁବାଦ ଗଳ୍ପ ଅଧିକ ଥିଲା; ମାତ୍ର 'ପଞ୍ଚାମୃତ' ମୌଳିକ ଓ ସ୍ୱାଭାବିକ ରଚନାଦ୍ୱାରା ସମୃଦ୍ଧ ହୋଇଥିବାରୁ ସର୍ବଜନାଦୃତ ହେଲା । ସଂପାଦକଦ୍ୱୟଙ୍କ ବ୍ୟତୀତ ବାଳକୃଷ୍ଣ କର, ଲକ୍ଷ୍ମୀକାନ୍ତ ମହାପାତ୍ର, ରାଧାମୋହନ ଗଡ଼ନାୟକ, ଉପେନ୍ଦ୍ର ତ୍ରିପାଠୀ, ଗୋଦାବରୀଶ ମିଶ୍ର, କୃଷ୍ଣଚନ୍ଦ୍ର କର, ଭିକାରୀଚରଣ ପଟ୍ଟନାୟକ ପ୍ରମୁଖ ବହୁ ଲେଖକ ଏହାର କଳେବରକୁ ଶ୍ରୀସମ୍ପନ୍ନ କରିଥିଲେ । ଏହି ପତ୍ରିକାରେ ଯୁଗ-ରୁଚିକୁ ଗ୍ରହି ବିଭିନ୍ନ ବିଷୟକ ଲେଖା ପ୍ରକାଶିତ ହେଉଥିଲା । ଓଡ଼ିଆ ଶିଶୁସାହିତ୍ୟର ଇତିହାସରେ 'ପଞ୍ଚାମୃତ'ର ସ୍ଥାନ ଅତି ଗୁରୁତ୍ୱପୂର୍ଣ୍ଣ ।

'ପଞ୍ଚାମୃତ' ପ୍ରକାଶ ପାଇବାର ବାର ବର୍ଷପରେ ବାଳକୃଷ୍ଣ କରଙ୍କ ସଂପାଦନାରେ ଦ୍ୱିତୀୟ ଶିଶୁପତ୍ରିକା 'ଜହ୍ନମାମୁଁ' ଜନ୍ମଲାଭ କଲା । ବାଳକୃଷ୍ଣବାବୁଙ୍କୁ ବ୍ୟକ୍ତିବିଶେଷ ନ କହି ଏକ ଅନୁଷ୍ଠାନ କହିଲେ ଭୁଲ ହେବ ନାହିଁ । ସେ ଥିଲେ ଏକାଧାରରେ ଜଣେ ଶିକ୍ଷକ, ଲେଖକ, ପ୍ରକାଶକ, ମୁଦ୍ରାକର, ସାମ୍ବାଦିକ ଏବଂ ବ୍ୟବସାୟୀ । ଶିଶୁସାହିତ୍ୟକୁ ତାଙ୍କର ଦାନ ଅବିସ୍ମରଣୀୟ । ପରବର୍ତ୍ତୀ କାଳରେ କୃତୀ ସାହିତ୍ୟିକଭାବରେ ପ୍ରତିଷ୍ଠା ଅର୍ଜନ କରିଥିବା ବହୁ ବ୍ୟକ୍ତିଙ୍କୁ 'ଜହ୍ନମାମୁଁ' ଉତ୍ସାହ ଓ ପ୍ରେରଣା ଦେଇଛି । ଗଳ୍ପ ଓ କବିତା ବ୍ୟତୀତ ଏଥିରେ ମନୋରଂଜନ ପାଇଁ ଗୋଲକଧନ୍ଦା, ପ୍ରଶ୍ନୋତ୍ତର, ସୁନାପରୁଆ, ରଙ୍ଗରସ, ଜ୍ଞାନବିଜ୍ଞାନ ଆଦି ବହୁ ବିଭାଗ ସଂଯୋଜିତ ହୋଇଥିଲା । ଏହାର ଲେଖକଗୋଷ୍ଠୀ ମଧ୍ୟରେ ଥିଲେ-କୁଞ୍ଜବିହାରୀ ଦାଶ, ଗୋଦାବରୀଶ ମହାପାତ୍ର, ଉପେନ୍ଦ୍ର ତ୍ରିପାଠୀ, ଲକ୍ଷ୍ମୀକାନ୍ତ ମହାପାତ୍ର, ଚକ୍ରଧର ମହାପାତ୍ର, ବଂଶୀଧର ସାମନ୍ତରାୟ,

କୃଷ୍ଣଚନ୍ଦ୍ର କର, ଭଗବାନ ପତି, ଅନନ୍ତଚରଣ ଶତପଥୀ, ସତ୍ୟାନନ୍ଦ ମହାନ୍ତି, ରାମପ୍ରସାଦ ସିଂହ, କୁବେର ଦଳାଇ, ରାଧାଚରଣ ପଣ୍ଡା, ଶ୍ରୀଧର ଦାସ, ମଦନମୋହନ ପଟ୍ଟନାୟକ ପ୍ରଭୃତି ସାହିତ୍ୟିକଗଣ ।

ଏହି ସମୟ ମଧ୍ୟରେ ପ୍ରକାଶିତ ବାଳକୃଷ୍ଣ କରଙ୍କ ତଥ୍ୟସମ୍ବଳିତ ଜ୍ଞାନକୋଷ 'ଶିଶୁ ସଂଖାଳ' ଏକ ନୂତନ ପଦକ୍ଷେପ । ଏହାପୂର୍ବରୁ ଓଡ଼ିଆ ଭାଷାରେ ଶିଶୁମାନଙ୍କ ପାଇଁ ଜ୍ଞାନକୋଷ ନ ଥିଲା । ପରିକଳ୍ପିତ ଆଠ ଖଣ୍ଡ ମଧ୍ୟରୁ ତିନି ଖଣ୍ଡ ମାତ୍ର ପ୍ରକାଶ ପାଇଥିଲା । ତଥାପି ସରଳ ଭାଷାରେ ଲିଖିତ ଏହି ତଥ୍ୟପୂର୍ଣ୍ଣ ଗ୍ରନ୍ଥର ଉପାଦେୟତାକୁ ଅସ୍ୱୀକାର କରିହେବ-ନାହିଁ ।

୧୯୪୭ ମସିହାରେ ବାଳକୃଷ୍ଣବାବୁଙ୍କ ଦ୍ୱାରା ସଂପାଦିତ ଅନ୍ୟ ଏକ କିଶୋର ଉପଯୋଗୀ ମାସିକ ପତ୍ରିକା 'ମଧୁକୋଷ' ପ୍ରକାଶ ପାଇଥିଲା । ପତ୍ରିକା ସଂପାଦନା ସଙ୍ଗେ ସଙ୍ଗେ ସେ 'ନୂଆପାଠ' ଓ 'ଗୁରୁପାଠ' ନାମକ ଦୁଇଖଣ୍ଡି ଶିଶୁପାଠ୍ୟପୁସ୍ତକ ଏବଂ 'ଫୁଲଝୁଙ୍ଗୁଡ଼ି', 'ସେ ଦେଶର ପୁରାଣ କଥା', 'ବୀରଚରିତମାଳା', 'ସପନପୁରୀ' ପ୍ରଭୃତି କେତେଖଣ୍ଡ ଶିଶୁଗଳ୍ପ ପୁସ୍ତକ ମଧ୍ୟ ପ୍ରଣୟନ କରିଥିଲେ ।

ଶିଶୁସାହିତ୍ୟରେ ଅନ୍ୟ ଏକ ନୂତନ ବିଭାଗର ସୃଷ୍ଟି ଏହି ସମୟରେ ହୋଇଥିଲା । 'ପଞ୍ଚାମୃତ'ରେ ଧାରାବାହିକ ଭାବରେ ପ୍ରକାଶିତ ବାଳକୃଷ୍ଣ କରଙ୍କ 'ସପନପୁରୀ' ଏବଂ 'ଜହ୍ନମାମୁଁ'ରେ ପ୍ରକାଶିତ ଚନ୍ଦ୍ରଧର ମହାପାତ୍ରଙ୍କ ପକ୍ଷୀବିଷୟକ ଗଳ୍ପ 'ଚୁଆଁ ଚୁଇଁ'କୁ ଶିଶୁ ଉପନ୍ୟାସ ଭାବରେ ଗ୍ରହଣ କରାଯାଇପାରେ ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ୧୯୩୭ ମସିହାରେ ତାଙ୍କ 'ଡଗର' ମାସିକ ପତ୍ରିକାରେ ଶିଶୁମାନଙ୍କ ଲାଗି 'ନାଗବଛାଦଳ' ନାମରେ ଏକ ସ୍ୱତନ୍ତ୍ର ବିଭାଗ ଉନ୍ମୋଚନ କଲେ । ଏହାଦ୍ୱାରା ଶିଶୁସାହିତ୍ୟର ପ୍ରଭୂତ ଉନ୍ନତି ସାଧିତ ହେଲା । ବିଶେଷତଃ 'ନାଗବଛାଙ୍କ କଲମରୁ' ଏହି ଶୀର୍ଷକରେ ସେ ପିଲାମାନଙ୍କ ରଚନାକୁ ପ୍ରକାଶ କରି ଶିଶୁଲେଖକ-ମାନଙ୍କୁ ଉତ୍ସାହିତ କରିଥିଲେ ।

ଅସହଯୋଗ ଆନ୍ଦୋଳନ (୧୯୨୧) ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ-ଗଠନର ପରୋକ୍ଷ ପ୍ରଭାବ ଅନୁଭୂତ ହେଲା ପାଠ୍ୟପୁସ୍ତକ ପ୍ରଣୟନ କ୍ଷେତ୍ରରେ । ଜାତୀୟ ଚେତନା ଏବଂ ଗ୍ରନ୍ଥସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ସାହେବୀ ମ୍ୟାକ୍‌ମିଲାନ୍ କମ୍ପାନୀଙ୍କ ସ୍ଥାନରେ ବହୁ ସ୍ଥାନୀୟ ପ୍ରକାଶକ ନୂତନ ଆଭିମୁଖ୍ୟର ପାଠ୍ୟପୁସ୍ତକମାନ ପ୍ରସ୍ତୁତ କଲେ । ପୂର୍ବରୁ କେବଳ ମଧୁସୂଦନ ରାଓଙ୍କ ପୁସ୍ତକମାନ ସ୍କୁଲରେ ଚଳୁଥିଲା । ନୂତନ ଲେଖକଶ୍ରେଣୀରେ ଗୋଦାବରୀଶ ମିଶ୍ର, ବାଳକୃଷ୍ଣ କର, ଗୋଦାବରୀଶ ମହାପାତ୍ର, ରାମକୃଷ୍ଣ ନନ୍ଦ, ଭୁବନେଶ୍ୱର ମିଶ୍ର, ରାଧାମୋହନ ଗଡ଼ନାୟକ ପ୍ରଭୃତି ପାଠ୍ୟ-ପୁସ୍ତକମାନ ପ୍ରଣୟନ କରିବା ଫଳରେ ଉକ୍ତ କ୍ଷେତ୍ର ସମୃଦ୍ଧ ଓ ପ୍ରସାରିତ ହେଲା ।

ମୁଦ୍ରଣାଳୟ ଓ ପ୍ରକାଶନ ସଂସ୍ଥାର ଉନ୍ନତି ଘଟିବାରୁ ପାଠ୍ୟପୁସ୍ତକ ବ୍ୟତୀତ ଅନ୍ୟାନ୍ୟ ଶିଶୁପୁସ୍ତକ ମଧ୍ୟ ଅଧିକ ସଂଖ୍ୟାରେ ପ୍ରକାଶିତ ହେଲା । ବ୍ରହ୍ମପୁର ଷ୍ଟୁଡେଣ୍ଟସ୍ ଷ୍ଟୋର ଏବଂ କଟକ ଟ୍ରେଡ଼ିଂ କମ୍ପାନୀ ଏ ଦିଗରେ ଅଗ୍ରଣୀ ଥିଲେ । ମହାପୁରୁଷ ଜୀବନୀ, ଆବିଷ୍କାର ଓ ଉଦ୍ଭାବନ କାହାଣୀ, ଜୀବଜନ୍ତୁ ଗଳ୍ପ, ଦେଶବିଦେଶର ଲୋକକଥା, ପୁରାଣ ଓ ଜାତକ କଥା, ମଜାଗଳ୍ପ ପ୍ରଭୃତି ସିରିଜ୍ ଆକାରରେ ପ୍ରକାଶିତ ହୋଇ ଶିଶୁସାହିତ୍ୟର ଅଭାବ କେତେକାଂଶରେ ଦୂର କଲା ।

ସ୍ୱାଧୀନତା ଆନ୍ଦୋଳନ ଫଳରେ କେତେକ ନୂତନ ଲକ୍ଷଣ ଦେଖାଦେଲା ସାହିତ୍ୟ କ୍ଷେତ୍ରରେ । ଜାତୀୟ ଚେତନା ଏବଂ ବିପ୍ଳବାତ୍ମକ ମନୋବୃତ୍ତି ଶିଶୁ ସାହିତ୍ୟରେ ମଧ୍ୟ ପ୍ରତିଫଳିତ ହେଲା । ବିଦେଶୀ ଶାସନ ବିରୁଦ୍ଧରେ ଜନ ଅସନ୍ତୋଷ ନାନା ଭାବରେ ରୂପ ନେଲା । ବନ୍ଦୀ ଜୀବନର ଚର୍ଖା, ଖଦୀ ଏବଂ ସ୍ୱଦେଶୀ ଦ୍ରବ୍ୟ ପ୍ରତି ମମତା, ମାଦକ ଦ୍ରବ୍ୟର ଅପକାରିତା, ଲବଣ ସତ୍ୟାଗ୍ରହ, ଅସ୍ପୃଶ୍ୟତା ଦୂରୀକରଣ ସମ୍ବନ୍ଧରେ ଅନେକ ଲେଖା ପ୍ରକାଶ ପାଇଲା । ଗୋପବନ୍ଧୁଙ୍କ 'ବନ୍ଦୀର ଆତ୍ମକଥା', 'କାରା କବିତା', 'ବନ୍ଦୀର ସ୍ୱଦେଶଚିନ୍ତା', ବାଞ୍ଛାନିଧି ମହାନ୍ତିଙ୍କର ଜାତୀୟ ସଙ୍ଗୀତ, ଜାତୀୟ କବି ବୀରକିଶୋରଙ୍କ 'ମୋହନ ବଂଶୀ', 'ବିଦ୍ରୋହୀ ବୀଣା', 'ରଣଭେରୀ', 'ଯୁଗଯାତ୍ରୀ' ପ୍ରଭୃତି ଏବଂ ଅସ୍ପୃଶ୍ୟତା ସମ୍ବନ୍ଧୀୟ 'ସବୁଜ ସାଥୀ' ପୁସ୍ତକ ଏହି ସମୟର ରଚନା ।

ଉତ୍କଳ ସମ୍ମିଳନୀ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସଙ୍ଗେ ସଂପୃକ୍ତ ବହୁ ରଚନା ଦ୍ୱାରା ଶିଶୁସାହିତ୍ୟରେ ଜାତୀୟ ଚେତନା ଉଦ୍ବୁଦ୍ଧ ଲାଭ କରିଥିଲା । ମଧୁସୂଦନ ରାଓଙ୍କ ସୁପରିଚିତ କବିତା 'ଉତ୍କଳ ସନ୍ତାନ', ଉପେନ୍ଦ୍ର ତ୍ରିପାଠୀଙ୍କର 'ନୂଆ ଓଡ଼ିଶା' ଗୀତ, ରାମକୃଷ୍ଣ ନନ୍ଦଙ୍କ 'ଓଡ଼ିଆ ମୁହିଁ, ଓଡ଼ିଆ ମୁହିଁ, ଓଡ଼ିଶା ମୋର ଦେଶ' ଏବଂ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଓ 'ବାଳଚର ବୋଲ'ରେ ଥିବା

'ଓଡ଼ିଶା ଦେଶ ମୋ ଜନମଭୂଇଁ ଲୋ ଓଡ଼ିଶା ଭୂଇଁ ମୋ ଘର,
ଏ ଦେଶର ଲୋକ ମୋ ଭାଇଭଉଣୀ, କେହି ତ ନୁହନ୍ତି ପର ।'

ପ୍ରଭୃତି କବିତା କେତୋଟି ମାତ୍ର ଦୃଷ୍ଟାନ୍ତ ।

ଶିଶୁସାହିତ୍ୟ କ୍ଷେତ୍ରକୁ ସତ୍ୟବାଦୀ-ଗୋଷ୍ଠୀର ପଣ୍ଡିତ ଗୋପବନ୍ଧୁ, ନୀଳକଣ୍ଠ ଓ ଗୋଦାବରୀଶଙ୍କ ଅବଦାନ କମ୍ ନୁହେଁ । ସତ୍ୟବାଦୀର ବନବିଦ୍ୟାଳୟ ପ୍ରତିଷ୍ଠା, ସ୍ୱାଧୀନତା ଆନ୍ଦୋଳନ ଏବଂ ଅନ୍ୟାନ୍ୟ ଜନସେବାମୂଳକ କାର୍ଯ୍ୟରେ ବ୍ୟାପୃତ ଥିଲେ ସୁଦ୍ଧା ସେମାନେ ବାଣୀ ଆରାଧନାକୁ ପାସୋରି ନ ଥିଲେ । ତିନିଜଣଯାକ ଥିଲେ ସରସ୍ୱତୀଙ୍କର ବରପୁତ୍ର । ଗୋପବନ୍ଧୁ ବ୍ରିଟିଶ ସରକାରଦ୍ୱାରା ବହୁବାର ବନ୍ଦୀ ହୋଇଥିଲେ । ତାଙ୍କ ବନ୍ଦୀଜୀବନର ସାହିତ୍ୟ କୃତି ବିଷୟ ପୂର୍ବରୁ ସୂଚିତ ହୋଇଅଛି । 'ଧର୍ମପଦ' ମଧ୍ୟ ସେହି ଜାତି-ପ୍ରେମ ଉଚ୍ଛ୍ୱାସର ଆଲେଖ୍ୟ ।

ପଣ୍ଡିତ ନୀଳକଣ୍ଠଙ୍କ 'ପିଲାଙ୍କ ରାମାୟଣ', 'ପିଲାଙ୍କ ମହାଭାରତ' ଏବଂ 'ପିଲାଙ୍କ ଭାଗବତ' ଏହି ପୁସ୍ତକ ତିନିଖଣ୍ଡି ଓ 'ଋଷି ଜୀବନୀ' ଅତି ସରଳ ଏବଂ ଚିତ୍ତାକର୍ଷକ । ତାଙ୍କ ଶିଶୁକବିତା ଅପେକ୍ଷା ଗଦ୍ୟଭାଗ ଶିଶୁର ଅଧିକ ଉପଭୋଗ୍ୟ ।

ପଣ୍ଡିତ ଗୋଦାବରୀଶଙ୍କ ଶିଶୁରଚନାରେ ତାଙ୍କ ଶିକ୍ଷକ-ଜୀବନର ପ୍ରଭାବ ପଡ଼ିଥିବା ଅନୁମିତ ହୁଏ । ପିଲାଙ୍କ ପାଇଁ ସେ କେତେଖଣ୍ଡ ପାଠ୍ୟ ପୁସ୍ତକ ମଧ୍ୟ ଲେଖିଥିଲେ ଏବଂ ସେଥିଯୋଗୁ ସେ ଶିଶୁସାହିତ୍ୟିକ ଭାବେ ସମ୍ମାନିତ ହେଉଥିବା କଥା ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି ।

ଶିଶୁର ପରିଚିତ ବିଷୟବସ୍ତୁ, ଯଥା—ଢୋଲ, ପିଠା, ଛତା, ପ୍ରଜାପତି, ମୂଷା, ପାରା ପ୍ରଭୃତି ଉପରେ ତାଙ୍କର ବହୁ ଗୀତିକବିତା ଆଧାରିତ । 'କାଳୀଜାଈ' ପରି କେତେକ ଗାଥା-କବିତା ମଧ୍ୟ ସେ ଲେଖିଛନ୍ତି । ଗଦ୍ୟରଚନା ମଧ୍ୟରେ ତାଙ୍କ ପୁରାଣ ଗଳ୍ପ ଏବଂ ମଜାକଥା 'ଚଠଣି' ଉଲ୍ଲେଖଯୋଗ୍ୟ ।

ଶିଶୁସାହିତ୍ୟିକମାନଙ୍କ ମଧ୍ୟରେ ଆଜୀବନ ଶିକ୍ଷକ ଏବଂ ଲେଖକ ଉପେନ୍ଦ୍ର ତ୍ରିପାଠୀଙ୍କ ନାମ ସୁପରିଚିତ । ତାଙ୍କ ରଚନାବଳୀ ୧୯୭୯ ମସିହାରେ ଗ୍ରନ୍ଥାବଳୀ ଆକାରରେ ପ୍ରକାଶ ପାଇଛି । ସେ ଗଦ୍ୟ-ରାଜ୍ୟକୁ ପସନ୍ଦ କରିନାହାନ୍ତି । ପଚାଶ ବର୍ଷରୁ ଅଧିକ କାଳ ଲେଖି ଚାଲିଛନ୍ତି କେବଳ ଗୀତି ଗୀତି କବିତା । ଓଡ଼ିଶାର ଶିଶୁମାନଙ୍କୁ ସେ ଯେଉଁ ଆନନ୍ଦ ଦେଇଛନ୍ତି, ତାହାହିଁ ତାଙ୍କ ସାଧନାର ଶ୍ରେଷ୍ଠ ପୁରସ୍କାର ।

କାନ୍ତକବି ଲକ୍ଷ୍ମୀକାନ୍ତ ଥିଲେ ଜଣେ ନିପୁଣ ବ୍ୟଙ୍ଗଶିଳ୍ପୀ ଏବଂ ଗୀତିକାର । ତାଙ୍କ ମଜାଗୀତ 'ଅଜା ଆଈ ବାହାଘର', 'ଫୁଲେଇ ବେଙ୍ଗୁଲି' ଏବଂ 'ଆ ଜହ୍ନମାମୁ' ପ୍ରଭୃତି କବିତା ବେଶ୍ ଆମୋଦଦାୟକ । ଶିଶୁପୁସ୍ତକ 'ପିଲାଙ୍କ କଥା', 'ଚଢ଼ଆଖାନା', 'ଧର୍ମସଂଗୀତ', 'ସୁନାପୁଅ' ଏବଂ 'ବାଳଚରବୋଲି' ତାଙ୍କ ସରଳ ଶିକ୍ଷାପ୍ରଦ ରଚନାର ପରିଚୟ ଦିଏ । ବାଳକାମାନଙ୍କ ଉଦ୍ଦେଶ୍ୟରେ ଫୁଲ, ଗଛ ଏବଂ ଚଢ଼େଇ ବିଷୟରେ ଲିଖିତ କେତୋଟି କବିତା 'କୁମାରୀ' ପୁସ୍ତକରେ ସ୍ଥାନ ପାଇଛି ।

କବିଚନ୍ଦ୍ର କାଳୀଚରଣଙ୍କର ଶିଶୁଗୀତ ପୁସ୍ତକ 'କଳାହାଣ୍ଡିଆ ମେଘ' ୧୯୧୭ ମସିହାରେ ପ୍ରକାଶ ପାଇଥିଲା । ୧୯୨୧ରେ ନୀତିଶିକ୍ଷାମୂଳକ 'ବାଇଧନଟି' ଏବଂ 'ବଉଳବେଣୀ' ପ୍ରକାଶିତ ହେବା ପରେ ୧୯୪୧ ରେ ତାଙ୍କ 'ଶିଶୁଖେଳାଗୀତ' ପ୍ରକାଶ ପାଇଲା । ଏଥିରେ ଥିବା ପୁଁଚିଖେଳ ଗୀତ, ଡାଳଖାଇ ଗୀତ, ଲୁଚୁକାଳି ଖେଳ ଗୀତ ପ୍ରଭୃତିରେ ଅଭିନୟ ପାଇଁ ବହୁ ଉପାଦାନ ରହିଛି ।

ସ୍ୱାଧୀନତା ଆନ୍ଦୋଳନ କାଳରେ ଯେଉଁ ଦୁଇଜଣ କବିଙ୍କର ଲେଖନୀ ଜାତୀୟତାଭାବର ପ୍ରସାର ପାଇଁ ଉତ୍ସର୍ଗୀକୃତ ହୋଇଥିଲା, ସେ

ଦୁଇଜଣ ହେଉଛନ୍ତି ବାଞ୍ଛାନିଧି ମହାନ୍ତି ଏବଂ ଗିରିକିଶୋର ଦାସ । ବାଞ୍ଛାନିଧି ନିଜେ ଜଣେ ସୁକଣ୍ଠ ଗାୟକ ଥିଲେ ଏବଂ ସ୍ୱରଚିତ ସଙ୍ଗୀତ ଗାନ କରି ଜନତାକୁ ଉଦ୍‌ବୁଦ୍ଧ କରୁଥିଲେ । ଜାତୀୟକବି ଗିରିକିଶୋରଙ୍କ ରଚନାବଳୀ ସଂପର୍କରେ ପୂର୍ବରୁ ସୂଚନା ଦିଆଯାଇଅଛି । ତାଙ୍କ ଦ୍ୱାରା ସଂପାଦିତ 'ମୋ ଦେଶ' ପତ୍ରିକା ବିଷୟ ଯଥାସ୍ଥାନରେ ଆଲୋଚିତ ହେବ ।

ଏ ଯୁଗର ଅନ୍ୟତମ ପ୍ରତିଭାବାନ୍ ଲେଖକ ଗୋଦାବରୀଶ ମହାପାତ୍ର ଗଳ୍ପ ଓ କବିତା ଉଭୟ ରଚନାରେ ସିଦ୍ଧହସ୍ତ ଥିଲେ । ତାଙ୍କର ଶିଶୁ-ପୁସ୍ତକ 'ଟିକି ମହାଭାରତ', 'ଶିଶୁ କଥାମାଳା', 'ଛବିର କବିତା', 'କୁନିର ହାଣ୍ଡି', 'ଠେକୁଆ ଭାଇ' ଏବଂ ଶିଶୁପତ୍ରିକା 'ଟୁଆଁ ଟୁଇଁ' ପ୍ରଭୃତି ଖୁବ୍ ଚିତ୍ତାକର୍ଷକ ଏବଂ ସୁପାଠ୍ୟ । ତାଙ୍କ ଲେଖାରେ ଗରିବଦୁଃଖୀ ପ୍ରତି ସମବେଦନା ଏବଂ ସମାଜବାଦୀ ଚିନ୍ତାଧାରାର ପ୍ରତିଫଳନ ଦେଖାଯାଏ । 'ଦେଶ ଓ ଜାତିର ପ୍ରୟୋଜନ ପ୍ରତି ଶିଶୁର ରୁଚି ଆକର୍ଷଣ' ଏବଂ 'ଶିଶୁମନର କଳ୍ପନାପ୍ରବଣତା ଉପରେ ଗୁରୁତ୍ୱ ଆରୋପ' ତାଙ୍କ ରଚନାର ବିଶେଷତ୍ୱ । ❋

ସବୁଜଗୋଷ୍ଠୀର କବିମାନଙ୍କ ମଧ୍ୟରେ କାଳିନ୍ଦୀ ଚରଣ ପାଣିଗ୍ରାହୀ ହିଁ ଏପର୍ଯ୍ୟନ୍ତ ଶିଶୁସାହିତ୍ୟ ବିଭାଗରେ ଲେଖନୀଚାଳନା କରୁଅଛନ୍ତି । ସେ ମୁଖ୍ୟତଃ ବୟସ୍କ ସାହିତ୍ୟର ଶିଳ୍ପୀ ହେଲେହେଁ ଶିଶୁ-କିଶୋର-ଉପଯୋଗୀ ତାଙ୍କର ବହୁ ଉତ୍କୃଷ୍ଟ ରଚନା ରହିଛି । ତାଙ୍କର 'ଗାନ୍ଧୀଙ୍କର ଆଶୀର୍ବାଦ', 'ବର୍ଦ୍ଦୋଲିର ସର୍ଦ୍ଦାର', 'ଜୟହିନ୍ଦ ବାଜି ଉଠୁ' ପ୍ରଭୃତି କବିତା ଖୁବ୍ ଚିତ୍ତାକର୍ଷକ ।

ବର୍ତ୍ତମାନ ସାହିତ୍ୟକ୍ଷେତ୍ରରେ ସୁପ୍ରତିଷ୍ଠିତ କୁଞ୍ଜବିହାରୀ ଦାଶଙ୍କ ଗଦ୍ୟ ସାହିତ୍ୟଭଣ୍ଡାର ଦେଖିଲେ ସେ ଶିଶୁକବିତା ଲେଖନ୍ତି ବୋଲି ମନେ ହୁଏ ନାହିଁ । କିନ୍ତୁ ସେ 'ଜହ୍ନମାମୁ'ରେ ବହୁ କବିତା ଲେଖୁଥିଲେ । ତାଙ୍କ ସଞ୍ଚୟନରେ ଥିବା ଶିଶୁକବିତାରୁ କେତୋଟି ଏ ସଙ୍କଳନରେ ଗ୍ରଥିତ

❋ 'ଗୋଦାବରୀଶ ମହାପାତ୍ର ପରିକ୍ରମା'—ଅଧ୍ୟାପକ ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ

ହୋଇଛି । ଶିଶୁମନର ସରଳତା ଏବଂ କଳ୍ପନା-ପ୍ରୀତି ସେଥିରେ ପରିସ୍ଫୁଟ ।

ରାଧାମୋହନ ଗଡ଼ନାୟକଙ୍କ ଚମତ୍କାରିତା ଛନ୍ଦମାଧୁରୀ ଏବଂ ଭାବର ସରସତାଯୋଗୁ ସେ ପାଠକମହଲରେ ବେଶ୍ ଆଦୃତ । ଅତି ଅଳ୍ପ ବୟସରୁ ସେ କବିତା ଲେଖା ଆରମ୍ଭ କରିଥିଲେ । ତାଙ୍କର ଅଧିକାଂଶ ରଚନା କିଶୋର-ଉପଯୋଗୀ ।

ସଚ୍ଚିଦାନନ୍ଦ ରାଉତରାୟ ପିଲାଙ୍କ ଉଦ୍ଦେଶ୍ୟରେ ଲେଖି ନ ଥିଲେ ସୁଦ୍ଧା ତାଙ୍କ 'ପଲ୍ଲୀଶ୍ରୀ'ର କବିତାଗୁଡ଼ିକ ପିଲାମାନଙ୍କର ହୃଦୟଗ୍ରାହୀ ହୋଇପାରିଛି । 'ଗ୍ରେଟ ମୋର ଗାଁଟି' ତନ୍ମଧ୍ୟରେ ସର୍ବଶ୍ରେଷ୍ଠ ମନେହୁଏ । 'ଲବଣ ସତ୍ୟାଗ୍ରହ' ବେଳର ଏକ ଘଟଣାଉପରେ 'ଗ୍ରାମସଭା' କବିତାଟି ଆଧାରିତ ।

ବଶିଷ୍ଠ ଶିଶୁସାହିତ୍ୟିକ ଉଦୟନାଥ ଷଡ଼ଙ୍ଗୀ ଗଦ୍ୟ ଓ ପଦ୍ୟ ଉଭୟ ରଚନାରେ ସିଦ୍ଧହସ୍ତ । ତାଙ୍କର ବହୁ ଶିଶୁପୁସ୍ତକ ମଧ୍ୟରୁ 'ବାଦୁଡ଼ି ମହାସଭା', 'କୁତୁକୁତୁ', 'କୁଳୁର ମୁଲକବୁଲା' 'ହରଭାଇଙ୍କ ଘରବାହୁଡ଼ା', 'ବେଦୁଇନ୍', 'ଝୁନ୍‌କୁମୁନି' 'ପିଲାଙ୍କ ଜୀବନୀ' ସିରିଜ, ଗ୍ରହଜଗତ୍ ଆଦି କେତୋଟି ମାତ୍ର । ତାଙ୍କର ଅନେକ ଶିଶୁଗଳ୍ପ ପତ୍ରପତ୍ରିକାରେ ପ୍ରକାଶ ପାଏ । 'ସମାଜ'ର 'ଶିଶୁରାଇଜ' ବିଭାଗ ସେ କିଛିଦିନ ପରିଚାଳନା କରିଥିଲେ ।

ଚକ୍ରଧର ମହାପାତ୍ରଙ୍କ ବହୁମୁଖୀ ଶିଶୁରଚନା ମଧ୍ୟରେ ତାଙ୍କ ଶିଶୁ-ଉପନ୍ୟାସ 'ଝୁଆଁ-ଝୁଲି', 'ସାନଙ୍କ ରାମାୟଣ', 'ଗୋଲାପପରୀ', 'କଥାଟିଏ କହୁଁ' ଏବଂ 'ପାନଭୁଆ-ନମକ', 'ଗୁଡ଼' ଓ 'କଞ୍ଚି' ଗୀତିକବିତା ବିଶେଷ ଆଦୃତ ।

ଏହି ସମୟର ଅନ୍ୟ ଜଣେ ଶିଶୁସାହିତ୍ୟିକ କୃଷ୍ଣଚନ୍ଦ୍ର କର ଛାତ୍ରାବସ୍ଥାରୁ ଲେଖନୀଚାଳନା କରିଆସୁଛନ୍ତି । ତାଙ୍କର ଅନେକ ରଚନା ପୁସ୍ତକାକାରରେ ପ୍ରକାଶ ପାଇଛି । ତାଙ୍କ ଜାତକ ଓ ପୁରାଣ କାହାଣୀ-ଗୁଡ଼ିକ ବ୍ୟତୀତ 'କୁହୁକ ରାଇଜ' ଓ 'ସୁନାରାଇଜ' ବେଶ୍ ସୁଖପାଠ୍ୟ ।

ଏହାଙ୍କ ସମସାମୟିକ ଭଗବାନ ପତି ( ବସନ୍ତକୋକିଳ ) ପ୍ରାୟ କୋଡ଼ିଏ ଖଣ୍ଡ ଶିଶୁ ଓ କିଶୋର ଉପଯୋଗୀ ପୁସ୍ତକ ରଚନା କରିଛନ୍ତି । ଗଦ୍ୟ ଓ ପଦ୍ୟ ଉଭୟ ବିଭାଗରେ ତାଙ୍କର ଦକ୍ଷତା ଅଛି । 'ଚତୁର ବାନର', 'କୁଆ କୋଇଲି', 'ଘରବର କଥା' ପ୍ରଭୃତି ବହୁ ଗଳ୍ପ, ଗୀତି-କବିତା, ଜୀବନୀ ଏବଂ ତଥ୍ୟମୂଳକ ପ୍ରବନ୍ଧ ସେ ପିଲାଙ୍କ ପାଇଁ ଲେଖିଛନ୍ତି ।

ଏମାନଙ୍କ ବ୍ୟତୀତ ପଦ୍ମଚରଣ ପଟ୍ଟନାୟକ, ଭିକାରୀଚରଣ ପଟ୍ଟନାୟକ, ବଂଶୀଧର ସାମନ୍ତରାୟ, କୃଷ୍ଣମୋହନ ପଟ୍ଟନାୟକ, ଚନ୍ଦ୍ରଶେଖର ମିଶ୍ର, ସତ୍ୟାନନ୍ଦ ମହାନ୍ତି ପ୍ରମୁଖ ଅନେକ ଲେଖକ 'ଜହ୍ନମାମୁଁ'ରେ ନିୟମିତ ଲେଖୁଥିଲେ । କୃଷ୍ଣମୋହନଙ୍କ କବିତାର ସାବଲୀଳ ରଚନାଭଙ୍ଗୀ 'ମୋ ମାଆ', 'ନୂତନ ଶିଶୁ ସଙ୍ଗୀତ' ପ୍ରଭୃତିରେ ସୁସ୍ପଷ୍ଟ । ଭିକାରୀଚରଣ ପଟ୍ଟନାୟକ 'ପଞ୍ଚାମୃତ' ପତ୍ରିକାର ଜଣେ ଜଣାଶୁଣା ଲେଖକ ଥିଲେ । ସତ୍ୟାନନ୍ଦ ମୁଖ୍ୟତଃ ଗଳ୍ପ ଲେଖୁଥିଲେ । ତାଙ୍କର 'ମୁକୁତା ଫଳ', 'ବାରୁଣୀବୁଢ଼ୀ', 'ଅସଲ ଅକଲ', 'ହାତେ ହାତେ ଫଳ' ପ୍ରଭୃତି ଗଳ୍ପ ସୁପାଠ୍ୟ । ଚନ୍ଦ୍ରଶେଖରଙ୍କ ରଚନା ମଧ୍ୟରେ 'କନଫୁସିୟସ୍', 'ଗଲିଭର କଥା', 'ସତ୍ୟ ହରିଶ୍ଚନ୍ଦ୍ର' ପ୍ରଭୃତି ଉଲ୍ଲେଖଯୋଗ୍ୟ ।

ପ୍ରାକ୍-ସ୍ୱାଧୀନତା ଯୁଗରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ମୁକ୍ତିସଂଗ୍ରାମ-ଜନିତ ରାଜନୈତିକ ଅସ୍ଥିରତା ଲାଗିରହିଥିଲେ ସୁଦ୍ଧା ଓଡ଼ିଆ ଶିଶୁ-ସାହିତ୍ୟ ସ୍ଥାଣୁ ରହି ନ ଥିଲା । ଉପରେ ଯେଉଁମାନଙ୍କ ନାମୋଲ୍ଲେଖ କରାଯାଇଛି, ସେମାନଙ୍କ ବ୍ୟତୀତ ଆଉ ଅନେକଙ୍କ ରଚନାଦ୍ୱାରା ମଧ୍ୟ ଶିଶୁସାହିତ୍ୟ ପରିପୁଷ୍ଟ ହୋଇଥିଲା । ବାଳକୃଷ୍ଣ ପଟ୍ଟନାୟକଙ୍କ 'ଫୁଲବଉଲବେଣୀ', ରାମଚନ୍ଦ୍ର ଆଚାର୍ଯ୍ୟଙ୍କର 'ବ୍ରତକଥା', ନିତ୍ୟାନନ୍ଦ ସିଂହଙ୍କର 'ଗାନ୍ଧୀଗଳ୍ପ' ( ୧୯୪୭ ) ଏହି ସମୟ ମଧ୍ୟରେ ପ୍ରକାଶ ପାଇଥିଲା । ଅନ୍ୟ ଲେଖକମାନଙ୍କ ମଧ୍ୟରେ ଶିବପ୍ରସାଦ ଦାସ, ପ୍ରାଣକୃଷ୍ଣ ପରିଜା, ରଘୁନାଥ ପାଣିଗ୍ରାହୀ, ଦିବ୍ୟସିଂହ ପାଣିଗ୍ରାହୀ, ଉମ୍ବରଧର

ପରିଡ଼ା, ହରିଶ୍ଚନ୍ଦ୍ର ବଡ଼ାଲ, ନିତ୍ୟାନନ୍ଦ ମହାପାତ୍ର, ହରିହର ମହାପାତ୍ର, ରାଜକିଶୋର ରାୟ, ବନମାଳୀ ବ୍ରହ୍ମଗୁପ୍ତ ପ୍ରଭୃତିଙ୍କ ନାମ ଉଲ୍ଲେଖ କରାଯାଇପାରେ ।

## ବିକାଶପଥେ ଓଡ଼ିଆ ଶିଶୁସାହିତ୍ୟ
( ୧୯୪୭— )

ସ୍ୱାଧୀନତାଲାଭ ପରେ ପରେ ଜାତୀୟ ଚେତନାର ଯେଉଁ ପ୍ରବଳ ସ୍ରୋତ ଦେଶସାରା ପ୍ରବାହିତ ହେଲା, ତାହା ଫଳରେ ଲେଖକମାନେ ଭାଷା ଓ ସାହିତ୍ୟକୁ ପାଶ୍ଚାତ୍ୟ ଶୃଙ୍ଖଳରୁ ମୁକ୍ତ କରି ଆମ ପ୍ରାଚୀନ ସଂସ୍କୃତି ଓ ପରମ୍ପରା ଉପରେ ନୂତନ ଯୁଗର ସାହିତ୍ୟ-ସୌଧ ନିର୍ମାଣ କରିବାକୁ ଆଗେଇଆସିଲେ । ଏକ ଦିଗରେ ଜାତୀୟ ସଂହତି ଓ ସୁସ୍ଥ ସମାଜ ଗଠନ ଏବଂ ଅପର ଦିଗରେ ଶିଳ୍ପବିଜ୍ଞାନର ଦ୍ରୁତ ବିକାଶପ୍ରତି ଦୃଷ୍ଟି ଦେଇ ଦେଶର ଶିଶୁମାନଙ୍କୁ ନୂତନ ଯୁଗର ଭାବଧାରା ସଙ୍ଗେ ଖାପ ଖୁଆଇବା ଲକ୍ଷ୍ୟରେ ଶିକ୍ଷାନୀତିରେ କେତେକ ପରିବର୍ତ୍ତନ କରାଗଲା । ପରିବର୍ତ୍ତିତ ଶିକ୍ଷାନୀତି ସାଙ୍ଗକୁ ନିମ୍ନଲିଖିତ ଘଟଣାଗୁଡ଼ିକ ମଧ୍ୟ ଶିଶୁ-ସାହିତ୍ୟକୁ ପ୍ରଭାବିତ କଲା ।

(୧) ପ୍ରାଥମିକ ଶିକ୍ଷାର ପ୍ରସାର ଓ ପାଠ୍ୟପୁସ୍ତକର ଜାତୀୟକରଣ
(୨) ଅଧିକ ସଂଖ୍ୟକ ପୁସ୍ତକ ଓ ଶିଶୁପତ୍ରିକାର ପ୍ରକାଶନ
(୩) ଶିଶୁସାହିତ୍ୟରେ ପ୍ରତିଯୋଗିତା, ପୁରସ୍କାର ଓ ସମ୍ବର୍ଦ୍ଧନା
(୪) ସାମୟିକ ପୁସ୍ତକମେଳା ବା ପ୍ରଦର୍ଶନୀ
(୫) ଶିଶୁ ପାଠାଗାର ସ୍ଥାପନ ଓ ସରକାରୀ ସହାୟତା
(୬) ବେତାର ଓ ଦୂରଦର୍ଶନ କେନ୍ଦ୍ର ପ୍ରତିଷ୍ଠା
(୭) ବିଜ୍ଞାନର ଅଗ୍ରଗତି— ମହାକାଶଯାନ
(୮) ଭାରତୀୟ ଏବଂ ବିଦେଶୀୟ ସାହିତ୍ୟରୁ ଅନୁବାଦ

ଶିଶୁସାହିତ୍ୟ ଉପରେ ଉଲ୍ଲିଖିତ ଘଟଣାବଳୀର ପ୍ରଭାବ ପ୍ରସଙ୍ଗ-କ୍ରମେ ଆଲୋଚିତ ହେବ ।

**ଜାତୀୟ ସଂହତି** —ଆଞ୍ଚଳିକ ମନୋବୃତ୍ତି ପରିବର୍ତ୍ତେ 'ଆମେ ଭାରତୀୟ', 'ଭାରତ ଆମର ଦେଶ' ଏହି ଅଖଣ୍ଡ ଭାରତୀୟ ଭାବ ଏଣିକି ହେଲା ଆମ ଶିକ୍ଷା ଓ ସାହିତ୍ୟର ଆଭିମୁଖ୍ୟ । ଆମ **ଶିଶୁସାହିତ୍ୟରେ** ମଧ୍ୟ ଏହି ଭାବ ଫୁଟିଉଠିଲା ।

'ନବ ଭାରତର ବଢ଼ାଇବୁ ମାନ
କାମ୍ୟ ଏତିକି ମାତ୍ର,
ଉଦୟପଥର ଯାତ୍ରୀ ଆମେ ରେ
ନବ ଭାରତର ଛାତ୍ର ।'
( ରାଧାମୋହନ ଗଡ଼ନାୟକ )

'ନୂଆ ଯୁଗ ପାଠ ପଢ଼ି ସୁନାର ଭାରତ ଗଢ଼ି
ଜଗତରେ ରଖିଯିବା ଏ ଦେଶରେ ଯଶ ରେ
ଆସ ଭାଇ ଆସ ରେ ।'
( 'ମୋ ଦେଶ'—ରାମକୃଷ୍ଣ ନନ୍ଦ )

କିମ୍ବା,

'ସ୍ୱାଧୀନ ଦେଶର ସନ୍ତାନ ଆମେ
ଭାରତ ଆମର ଜନମଭୂଇଁ,
ଖେଳି ବୁଲି ବଢ଼ୁ ତାହାରି କୋଳରେ
ତାର ନନ୍ଦନପରି କାନନ ଛୁଇଁ ।'
( ସାହିତ୍ୟ—୨ୟ ଗ୍ରେଡ୍ )

**ପାଠ୍ୟ-ପୁସ୍ତକର ଜାତୀୟକରଣ**—୧୯୬୨-୬୩ ମସିହାରେ ପାଠ୍ୟପୁସ୍ତକର ଜାତୀୟକରଣ ହେବାଦ୍ୱାରା ପରୋକ୍ଷଭାବରେ ଶିଶୁ-ସାହିତ୍ୟର ଉନ୍ନତି ସାଧିତ ହେଲା । ପୁସ୍ତକ **ପ୍ରକାଶକମାନେ** ସାଧାରଣ ପାଠାଗାର ଉପଯୋଗୀ ପୁସ୍ତକମାନ **ପ୍ରସ୍ତୁତ କରିବାରେ ଅଧିକ** ଧ୍ୟାନ ଦେଲେ । ଏହି ସମୟରେ ଶିଳ୍ପବିଜ୍ଞାନ ସମ୍ବନ୍ଧୀୟ ଅନେକ ନୂଆ **ବହି ସିରିଜ୍** ଆକାରରେ ପ୍ରକାଶ ପାଇଲା । ଗୋକୁଳାନନ୍ଦ ମହାପାତ୍ରଙ୍କ **'ଅଜାଙ୍କ ମଜା କଥା'**, **ଉଦୟନାଥ** ଷଡ଼ଙ୍ଗୀଙ୍କ 'ଆମ ଗ୍ରହ-ଉପଗ୍ରହ' ଏବଂ 'ଜଳଜନ୍ତୁ **ସିରିଜ୍'**, **ବିଶ୍ୱନାଥ** ପାଇକରାୟଙ୍କ 'ଜଳଜନ୍ତୁ କଥା', ଗୋଦାବରୀଶ **ମିଶ୍ରଙ୍କ**

'ପିଲାଙ୍କ କାହିଁକି ?' ଶିବପ୍ରସାଦ ଦାସଙ୍କ 'ଆମ ଦେଶ' ସିରିଜ୍ ଏବଂ ବିନୋଦ କାନୁନ୍‌ଗୋଙ୍କ '୩୬୫ ଦିନ ଗ୍ରନ୍ଥମାଳା' ପ୍ରଭୃତି ଉଲ୍ଲେଖଯୋଗ୍ୟ ।

ଅନ୍ୟାନ୍ୟ ଗଦ୍ୟ ପୁସ୍ତକ ମଧ୍ୟରେ ମହାପୁରୁଷ ଜୀବନୀ, ଦେଶବିଦେଶର ପରିଚୟ ଏବଂ ଲୋକକଥା ବହୁସଂଖ୍ୟାରେ ପ୍ରକାଶ ପାଇଲା । ରଘୁନାଥ ମହାପାତ୍ରଙ୍କ 'ନୋବେଲ ପୁରସ୍କାର' ସିରିଜ୍, ଉଦୟନାଥ ଷଡ଼ଙ୍ଗୀଙ୍କ 'ପିଲାଙ୍କ ଜୀବନୀ' ଗ୍ରନ୍ଥମାଳା, ଜନଶକ୍ତି ପୁସ୍ତକାଳୟ ଦ୍ୱାରା ପ୍ରକାଶିତ 'ବିଜ୍ଞାନ ଆବିଷ୍କର୍ତ୍ତାଙ୍କ ଜୀବନୀ' ପ୍ରଭୃତି ଏବଂ ବାସୁଦେବ ତ୍ରିପାଠୀଙ୍କ 'ଦେଶ ପରିଚୟ', ମନୋଜ ଦାସଙ୍କ 'ଦେଶବିଦେଶର ଲୋକକଥା' ଏବଂ ରାମକୃଷ୍ଣ ନନ୍ଦଙ୍କ 'ଛଅଟି ଗଛ ସିରିଜ୍' ଓ ଅନ୍ୟାନ୍ୟ ବହୁ ଶ୍ରେଷ୍ଠ ବଡ଼ ପୁସ୍ତକର ପ୍ରକାଶଦ୍ୱାରା ଶିଶୁସାହିତ୍ୟ ଋଦ୍ଧିମନ୍ତ ହେଲା ।

**ଶିଶୁପତ୍ରିକା**— ଆଲୋଚ୍ୟ କାଳମଧ୍ୟରେ ଶିଶୁପତ୍ରିକାର ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଲା । ୧୯୪୭ ମସିହାରେ ଜାତୀୟକବି ବୀରକିଶୋରଙ୍କ ସଂପାଦନାରେ ପ୍ରକାଶ ପାଇଲା 'ମୋ ଦେଶ' । ଏହା କିଛି ଦିନପରେ ବନ୍ଦ ହୋଇଯାଇ ୧୯୬୯ଠାରୁ ରାମପ୍ରସାଦ ମହାନ୍ତିଙ୍କ ଦ୍ୱାରା ପୁନଃ ପ୍ରକାଶିତ ହେଉଛି । ରାମପ୍ରସାଦ ଜାତୀୟ କବିଙ୍କର ସହକାରୀ ଭାବରେ ଶିଶୁସାହିତ୍ୟ-ରାଜ୍ୟରେ ପ୍ରବେଶ କରି ସାଧନା ଓ ଶକ୍ତି ବଳରେ ଜଣେ ପ୍ରତିଷ୍ଠିତ ଶିଶୁ-ସାହିତ୍ୟିକ ହୋଇପାରିଛନ୍ତି । ୧୯୪୮ ମସିହାରେ ପ୍ରଥମେ 'ପ୍ରଜାତନ୍ତ୍ର'ର କ୍ରୋଡ଼ପତ୍ର ରୂପେ ଏବଂ ପରେ ମାସିକ ରୂପେ ପ୍ରକାଶ ପାଇଥିଲା 'ମୀନାବଜାର' । ସେତେବେଳେ ଏହାକୁ ମଧ୍ୟ ପରିଚାଳନା କରୁଥିଲେ ରାମପ୍ରସାଦ 'ଜହ୍ନରା ଭାଇ' ଛଦ୍ମନାମରେ ।

'ମୀନାବଜାର'ର ପ୍ରତିଷ୍ଠାତା ହରେକୃଷ୍ଣ ମହତାବଙ୍କର ଶିଶୁ-ସାହିତ୍ୟ ପ୍ରତି ଯଥେଷ୍ଟ ଅବଦାନ ରହିଛି । ସେ ନିଜେ ଜଣେ ବିଶିଷ୍ଟ ସାହିତ୍ୟିକ ଏବଂ ପିଲାଙ୍କ ପାଇଁ ଲେଖିବାରେ ମଧ୍ୟ ଆଗ୍ରହୀ । ବର୍ତ୍ତମାନ 'ମୀନାବଜାର'ର ସଂପାଦନା ଦାୟିତ୍ୱ ନେଇଛନ୍ତି ମହେଶ୍ୱର ମୂଳିଆ । ପ୍ରଜାତନ୍ତ୍ର ପ୍ରଚାର ସମିତିର ବାର୍ଷିକ ବିଷୁବ-ମିଳନ ଉତ୍ସବରେ ଏବେ କେତେକ ଶିଶୁସାହିତ୍ୟିକଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯିବାର ବ୍ୟବସ୍ଥା ହୋଇଛି ।

( ଅଣଅଶିରଣ )

୧୯୫୧ ମସିହାରେ ରାମକୃଷ୍ଣ ନନ୍ଦ ମୁଖ୍ୟତଃ କିଶୋରମାନଙ୍କ ଉଦ୍ଦେଶ୍ୟରେ ଜ୍ଞାନବିଜ୍ଞାନମୂଳକ 'ସଂସାର' ପତ୍ରିକା ପ୍ରକାଶ କରିଥିଲେ । ଏହା ୧୯୭୦ ପର୍ଯ୍ୟନ୍ତ ଜୀବିତ ରହିଥିଲା । ୧୯୫୪ରେ ବିନୋଦ କାନୁନ୍‌ଗୋଙ୍କ ସଂପାଦନାରେ 'ଶିଶୁସଂପଦ' ନାମକ ଏକ ଶିଶୁପତ୍ରିକା ପ୍ରକାଶ ପାଇଥିଲା । ୧୯୫୭ରେ ପ୍ରକାଶିତ 'ଟୁଆଁ ଟୁଇଁ'ର ସଂପାଦକ ଥିଲେ ସୁସାହିତ୍ୟିକ ଗୋଦାବରୀଶ ମହାପାତ୍ର । ୧୯୭୩ ମସିହାଠାରୁ ଗ୍ରନ୍ଥସାଥୀ ପ୍ରକାଶନ ତରଫରୁ ମାସିକ 'ମନପବନ' ନିୟମିତ ପ୍ରକାଶ ପାଉଛି । ଏହାକୁ ସଂପାଦନା କରୁଛନ୍ତି ଅଧ୍ୟାପକ ମହେଶ୍ୱର ମହାନ୍ତି । ଏବେ ଅଫ୍‌ସେଟ୍ ପଦ୍ଧତିରେ ମୁଦ୍ରିତ ହେଉଥିବାରୁ ଏଥିରେ ଥିବା ରଙ୍ଗିନ୍ ଛବିଗୁଡ଼ିକ ଏହାକୁ ସୁଦୃଶ୍ୟ କରିପାରିଛି ।

୧୯୭୧ ମସିହାଠାରୁ ଓଡ଼ିଶା ସରକାରଙ୍କ ଦ୍ୱାରା 'ଶିଶୁଲେଖା' ନାମକ ଏକ ପତ୍ରିକା ପ୍ରକାଶିତ ହେଉଛି । ଆକାରରେ ବଡ଼ ଓ ରଙ୍ଗିନ୍ ଛବିଯୁକ୍ତ ଏହି ପତ୍ରିକାର ସଂପାଦନା ଦାୟିତ୍ୱରେ ଅଛନ୍ତି ଅନନ୍ତ ପଟ୍ଟନାୟକ ।

ଉଲ୍ଲିଖିତ ଶିଶୁ ପତ୍ରିକାଗୁଡ଼ିକ ବ୍ୟତୀତ ଆଉ କେତେଗୋଟି ପତ୍ରିକା ମଧ୍ୟ ଆଲୋଚ୍ୟ କାଳ ମଧ୍ୟରେ ଆତ୍ମପ୍ରକାଶ କରିଥିଲା । ସେଥିମଧ୍ୟରେ କଟକରୁ ନିତ୍ୟାନନ୍ଦ ଷଡ଼ଙ୍ଗୀଙ୍କ ସଂପାଦନାରେ 'ମୋତିମାଣିକ', ଚିତ୍ତରଂଜନ ଦାସଙ୍କ 'ବିଶ୍ୱ-ଶିଶୁ', ଶରତ୍ ବେହୁରାଙ୍କ 'ବାଲୁଆନନ୍ଦ', ପ୍ରଶାନ୍ତ ମହାନ୍ତିଙ୍କ 'ଛିଟ ଦୁନିଆ', ପ୍ରମୋଦ ବିସ୍ୱାଳଙ୍କ 'ସୁନାପିଲା', ଅଶୋକ ବାନାର୍ଜିଙ୍କ 'କଳିଙ୍ଗ କିଶୋର', ବିଶ୍ୱଜିତ୍ ସାହୁଙ୍କ 'ଆ ଜହ୍ନମାମୁ ସରଗଶଶୀ', ରାଧାଦାସ ରାୟଙ୍କ 'ଚକା ଚକା ଭଉଁରୀ', ଶଶିଭୂଷଣ ରଥଙ୍କ 'ବାଘମାମୁଁ', ମାଧବଚନ୍ଦ୍ର ସ୍ୱାଇଁଙ୍କ 'ଚଢ଼ୁଘୋଡ଼ା', ଭୁବନେଶ୍ୱରରୁ ଉପେନ୍ଦ୍ର ଜେନାଙ୍କ ସଂପାଦନାରେ 'କୁନି ରାଇଜ', ବସନ୍ତ ପାଲଙ୍କ 'ଜହ୍ନରାଇଜ', ଶେଖ୍ ତାହେରୁଦ୍ଦିନ୍‌ଙ୍କ 'ବାରମଜା', ସମ୍ବଲପୁରରୁ ବ୍ରଜବିହାରୀ ପାଣିଗ୍ରାହୀଙ୍କ ସଂପାଦନାରେ 'ପରୀରାଇଜ', କେନ୍ଦୁଝରଗଡ଼ରୁ ଉମେଶ ଚନ୍ଦ୍ର ସାହୁଙ୍କ ଦ୍ୱାରା ସଂପାଦିତ 'ଗୌରବ', ଚରମ୍ପା, ଭଦ୍ରକରୁ ଶରତ୍ କୁମାର ନାୟକଙ୍କ 'ସରଗଶଶୀ' ପାଳଆବଡ଼ା, ବାଲେଶ୍ୱରରୁ ଡକ୍ଟର ମମାନନ୍ଦ ମହାନ୍ତିଙ୍କ ସଂପାଦନାରେ 'ଝୁମୁକା', ଢେଙ୍କାନାଳରୁ ରବିନାରାୟଣ ମହାରଣାଙ୍କ 'ବାଇଚଢ଼େଇ',

ବହ୍ମଗ୍ରାମରୁ ବିଶ୍ୱଜିତ୍ ମହାନ୍ତଙ୍କ 'ଗୁପ୍‌ଚୁପ୍', ଜୟପୁରରୁ ଶ୍ରୀମତୀ ପ୍ରତିଭା ଦେବୀଙ୍କ ଦ୍ୱାରା ସଂପାଦିତ 'ଶିଶୁ ରାଇଜ', ବାଲକୁଦାରୁ ଅନାଦି ଚରଣ ସ୍ୱାଇଁଙ୍କ 'ଶିଶୁ-ବୃନ୍ଦ' ଏବଂ ଆଉ କେତେଗୋଟି ପତ୍ରିକା ମଧ୍ୟ ପ୍ରକାଶ ପାଉଥିଲା, ଯଥା—'ଫୁଲଝରି', 'ବାଳବିନୋଦ', 'ଜ୍ଞାନସାଥି', 'କିଶୋର', 'ଟିକିଫୁଲ', 'ଟୁଇଙ୍କୁ ମୂଷି', 'ଝିଲିମିଲି' ଏବଂ 'ଶିଶୁ-ଫଉଜ' ପ୍ରଭୃତି । ଏଗୁଡ଼ିକ ସମସ୍ତେ ଅବଶ୍ୟ ନିୟମିତ ନୁହନ୍ତି, କେତେକ ପ୍ରାୟତଃ ଅସ୍ତମିତ ।

ଶିଶୁ ପତ୍ରିକାର କେବଳ ସଂଖ୍ୟାବୃଦ୍ଧି ଘଟିଲେ ଯେ ଶିଶୁ ସାହିତ୍ୟର ଉନ୍ନତି ଘଟିବ ଏପରି ଭାବିବା ଠିକ୍ ନୁହେଁ । ସେଗୁଡ଼ିକର ଉନ୍ନତ ଗୁଣାତ୍ମକ ମାନ ଏବଂ ନିୟମିତତା ମଧ୍ୟ କାମ୍ୟ । ପତ୍ରିକାର ମାନ ନିମ୍ନସ୍ତରୀୟ ହେଲେ ସାହିତ୍ୟର ଉନ୍ନତି ବ୍ୟାହତ ହେବାର ଆଶଂକା ରହିଛି ।

**ପ୍ରତିଯୋଗିତା, ପୁରସ୍କାର ଓ ସମ୍ବର୍ଦ୍ଧନା**—କେନ୍ଦ୍ର ଓ ରାଜ୍ୟ ସ୍ତରରେ ଶିଶୁସାହିତ୍ୟର ଉନ୍ନତିକଳ୍ପେ ପ୍ରତ୍ୟେକ ବର୍ଷ ପ୍ରତିଯୋଗିତା ସୂତ୍ରରେ ଶ୍ରେଷ୍ଠ ଶିଶୁପୁସ୍ତକଗୁଡ଼ିକୁ ପୁରସ୍କୃତ କରାଯାଉଅଛି । ଏହାଦ୍ୱାରା ଲେଖକ ଓ ପ୍ରକାଶକମାନେ ଉତ୍ସାହିତ ହେଉଛନ୍ତି । ଓଡ଼ିଶା ସାହିତ୍ୟ ଏକାଡେମୀ ଶିଶୁସାହିତ୍ୟକୁ ଏକ ସ୍ୱତନ୍ତ୍ର ବିଭାଗରୂପେ ସ୍ୱୀକୃତି ଦେଇ ପୁରସ୍କାର ପ୍ରଦାନ କରିବାଦ୍ୱାରା ଏହାର ମର୍ଯ୍ୟାଦା ବୃଦ୍ଧି ପାଇଛି । ରାଜ୍ୟ ସରକାରଙ୍କ ଶିକ୍ଷାବିଭାଗ ଅଧୀନସ୍ଥ ଶିଶୁସାହିତ୍ୟ ସମିତି 'ଶିଶୁଲେଖା' ଓ ଅନ୍ୟାନ୍ୟ ଶିଶୁପୁସ୍ତକ ପ୍ରକାଶନ ଏବଂ ସାମୟିକ ଆଲୋଚନାଚକ୍ର ଓ କର୍ମଶାଳା ମାଧ୍ୟମରେ ଶିଶୁସାହିତ୍ୟର ଉନ୍ନତି ଦିଗରେ ଉଦ୍ୟମ କରୁଛନ୍ତି । ବେସରକାରୀ ସାଂସ୍କୃତିକ ଅନୁଷ୍ଠାନମାନେ ମଧ୍ୟ ଏ ଦିଗରେ ନିଶ୍ଚେଷ୍ଟ ନ ରହି ସେମାନଙ୍କ ସୀମିତ ସମ୍ବଳ ମଧ୍ୟରେ ଆଲୋଚନାଚକ୍ର, ପ୍ରତିଯୋଗିତା ଏବଂ କୃତୀ ଲେଖକଙ୍କୁ ସମ୍ମାନିତ କରି ଶିଶୁସାହିତ୍ୟର ବିକାଶରେ ସାହାଯ୍ୟ କରୁଅଛନ୍ତି ।

**ପୁସ୍ତକମେଳା ବା ପ୍ରଦର୍ଶନୀ**—ସୁଖର କଥା, ନେସନାଲ୍ ବୁକ୍ ଟ୍ରଷ୍ଟ ପରିଚାଳିତ ନେହେରୁ ବାଲ ପୁସ୍ତକାଳୟ ସଂସ୍ଥା କେତେଖଣ୍ଡ ଶସ୍ତା ଓ ସଚିତ୍ର ଶିଶୁପୁସ୍ତକ ଓଡ଼ିଆ ଭାଷାରେ ପ୍ରକାଶ କରିଛନ୍ତି । ରାଜ୍ୟ

ସରକାରଙ୍କ ସହାୟତାରେ ବିଭିନ୍ନ ସ୍ଥାନରେ ଏବେ ଯେଉଁ ପୁସ୍ତକ ପ୍ରଦର୍ଶନୀମାନ ଅନୁଷ୍ଠିତ ହେଉଛି, ତାହାଦ୍ୱାରା ପୁସ୍ତକ ବିକ୍ରୟର ପଥ ସୁଗମ ହେଉଛି ।

**ପାଠାଗାର**—ପ୍ରାକ୍-ସ୍ୱାଧୀନତା କାଳରେ ସାଧାରଣ ପାଠାଗାରର ସଂଖ୍ୟା ଖୁବ୍ ଅଳ୍ପ ଥିଲା । ଏବେ ସରକାରଙ୍କ ଆର୍ଥିକ ସାହାଯ୍ୟ ଫଳରେ ଗ୍ରାମ୍ୟ ପାଠାଗାରର ସଂଖ୍ୟା ବୃଦ୍ଧି ପାଇଛି । ପ୍ରତ୍ୟେକ ବର୍ଷ ରାଜା ରାମମୋହନ ରାୟ ଫାଉଣ୍ଡେସନ ଲାଇବ୍ରେରୀ ପୁସ୍ତକ କ୍ରୟ କରିବା ଲାଗି ଯେଉଁ ଅର୍ଥ ସାହାଯ୍ୟ ଦେଉଛନ୍ତି, ତାହାକୁ ନିଜର ଅନୁଦାନ ସହିତ ମିଶାଇ ରାଜ୍ୟ ସରକାର ସେଥିରେ ପାଠାଗାରମାନଙ୍କୁ ବିନାମୂଲ୍ୟରେ ପୁସ୍ତକ ଯୋଗାଉଛନ୍ତି । ଏହାଦ୍ୱାରା ମଧ୍ୟ ଶିଶୁସାହିତ୍ୟର ପ୍ରଭୂତ ଉନ୍ନତି ସାଧିତ ହେଉଅଛି ।

**ବେତାର, ଦୂରଦର୍ଶନ ଏବଂ ଚଳଚ୍ଚିତ୍ର**—୧୯୪୫ ମସିହାରୁ ସର୍ବପ୍ରଥମେ କଲିକତା ବେତାର କେନ୍ଦ୍ରରୁ ଶିଶୁକାର୍ଯ୍ୟକ୍ରମ ପ୍ରବର୍ତ୍ତିତ ହେଉଥିଲା । ସେତେବେଳେ ଯଷ୍ଠୀନ ଦାସ ଏହା ପରିଚାଳନା କରୁଥିଲେ । ଏହାର ତିନି ବର୍ଷପରେ କଟକ କେନ୍ଦ୍ର ସ୍ଥାପିତ ହେଲା । ଓଡ଼ିଶାର ଶିଶୁ ଓ କିଶୋର ଶ୍ରୋତାମାନେ ଏବେ 'ଶିଶୁ ସଂସାର', 'ଟକାଟକା ଉଇଁଶି' ଏବଂ 'କିଶୋର ଚକ୍ର'ର କାର୍ଯ୍ୟକ୍ରମ ସଙ୍ଗେ ଉତ୍ତମରୂପେ ପରିଚିତ । ରେଡିଓର ବ୍ୟବହାର ବୃଦ୍ଧି ପାଇବାଫଳରେ ଗାଁଗହଳର ପିଲାମାନେ ମଧ୍ୟ ଆକାଶବାଣୀର ସୁବିଧା ପାଇପାରୁଛନ୍ତି । ନନ୍ଦକିଶୋର ବିହାରୀ ମହାନ୍ତି (ବଡ଼ଭାଇ) ଏବଂ ବୀଣାପାଣି ମହାନ୍ତି (ଅପା) ଶିଶୁ କାର୍ଯ୍ୟକ୍ରମ ପରିଚାଳନା କରନ୍ତି । ଉତ୍କୃଷ୍ଟ ଶିଶୁ ପୁସ୍ତକର ପରିଚୟ, ଗଳ୍ପକଥନ, କବିତା ଆବୃତ୍ତି ଏବଂ ସଙ୍ଗୀତଗାନ ଇତ୍ୟାଦି ସଙ୍ଗେ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଶିଶୁଶିଳ୍ପୀଙ୍କ ଅଭିନୟଦ୍ୱାରା ଶିଶୁସାହିତ୍ୟର ଆଦର ବଢ଼ିବାରେ ଲାଗିଛି ।

ଦୂରଦର୍ଶନ ଏବଂ ଶିଶୁ ଚଳଚ୍ଚିତ୍ର ଆଶାନୁରୂପ ଅଗ୍ରଗତି କରିପାରିନାହିଁ । ୧୯୭୫ ମସିହାଠାରୁ ପ୍ରତି ଶନିବାର ଦିନ ଦୂରଦର୍ଶନର 'ଶରଦଶଶୀ' କାର୍ଯ୍ୟକ୍ରମ ଶିଶୁମାନଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶିତ ହେଉଛି ।

**ବିଜ୍ଞାନର ଅଗ୍ରଗତି**—ଯୁଗର ଭାବଧାରା ସବୁକାଳେ ସାହିତ୍ୟରେ ପ୍ରତିଫଳିତ ହୁଏ । ଦ୍ରୁତ ପରିବର୍ତ୍ତନଶୀଳ ସମାଜ ଆଜି ସାହିତ୍ୟର ବହୁମୁଖୀ ବିକାଶରେ ସହାୟକ । ଯେଉଁ ଶିଶୁ ଶହେ ବର୍ଷ ତଳେ କେବଳ 'କୋଇଲି' 'ଗୋପୀଭାଷା'ର ପିଞ୍ଜରା ମଧ୍ୟରେ ଆବଦ୍ଧ ହୋଇ କେତୋଟି ଅବୋଧ ଗୀତ ଚଉତିଶା ଘୋଷି ସନ୍ତୁଷ୍ଟ ରହୁଥିଲା, ସେ ଆଜି ନିତ୍ୟ ପ୍ରସାରିତ ସାହିତ୍ୟ-ରାଜ୍ୟରେ ମୁକ୍ତ ବିହଙ୍ଗ ପରି ଉଡ଼ିବୁଲିବାକୁ ବ୍ୟାକୁଳ । ଯୁଗର ଚିନ୍ତାଧାରା ସଙ୍ଗେ ତାଳ ଦେଇ ବିଜ୍ଞାନ ମଧ୍ୟ ଶିଶୁସାହିତ୍ୟର ଅଙ୍ଗୀଭୂତ ହୋଇଛି । କଟକର ବିଜ୍ଞାନ ପ୍ରଚାର ସମିତି ସରଳ ଭାଷାରେ ଅନେକ ଲୋକବିଜ୍ଞାନ ପୁସ୍ତକ ପ୍ରକାଶ କରୁଛନ୍ତି । ଗୋକୁଳାନନ୍ଦ ମହାପାତ୍ର, ଶାନ୍ତନୁକୁମାର ଆଚାର୍ଯ୍ୟ, ବସନ୍ତକୁମାର ବେହୁରା, କୁଳମଣି ସାମଲ, ଦେବକାନ୍ତ ମିଶ୍ର, ଜଗନ୍ନାଥ ମହାନ୍ତି, ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ ପ୍ରଭୃତି ଏ ଦିଗରେ ଲେଖମା ରଚନା କରୁଛନ୍ତି । ବିନୋଦ କାନୁନ୍‌ଗୋ 'ଜ୍ଞାନମଣ୍ଡଳ' ସଂପାଦନା ସଙ୍ଗେ ସଙ୍ଗେ ପିଲାମାନଙ୍କ ପାଇଁ ତାଙ୍କ ସ୍ୱଭାବସୁଲଭ ଶୈଳୀରେ ଲିଖିତ ଅନେକ ପୁସ୍ତକ ପ୍ରକାଶ କରୁଛନ୍ତି ।

**ପ୍ରାନ୍ତୀୟ ଓ ବିଦେଶୀୟ ସାହିତ୍ୟରୁ ଆହରଣ**—

**ଅନୁବାଦ** ସାହିତ୍ୟ ଦ୍ୱିବିଧ:—ଆକ୍ଷରିକ **ଅନୁବାଦ** ଓ ମର୍ମାନୁବାଦ । ଶଂସିତ କାଳମଧ୍ୟରେ **ଅଧ୍ୟ** ରାଜମୋହନ ସେନାପତି, ଶ୍ରୀଧର ଦାସ, ମନୋଜ ଦାସ, ଜାନକୀବଲ୍ଲଭ ମହାନ୍ତି, ପଠାଣି ପଟ୍ଟନାୟକ, ଜଗନ୍ନାଥ ମହାନ୍ତି ପ୍ରମୁଖ ଦେଶବିଦେଶର ଲୋକକଥାକୁ ନିଜ ଭାଷାରେ ଓଡ଼ିଆ ପିଲାଙ୍କ ପାଇଁ ପ୍ରକାଶ କରିଛନ୍ତି । ନେହେରୁ ବାଳ ପୁସ୍ତକାଳୟଙ୍କଦ୍ୱାରା ପ୍ରସ୍ତୁତ କେତେକ ଉପାଦେୟ ପୁସ୍ତକ ଚିତ୍ତରଂଜନ ଦାସ, କାଳନ୍ଦୀଚରଣ ପାଣିଗ୍ରାହୀ, କ୍ଷୀରୋଦାନନ୍ଦ ପାଣିଙ୍କ ଦ୍ୱାରା ଓଡ଼ିଆରେ ଅନୂଦିତ ହୋଇ ପ୍ରକାଶ ପାଇଛି । 'ଚନ୍ଦାମାମା' ପତ୍ରିକାର ଓଡ଼ିଆ ଭାଷାନ୍ତର 'ଜହ୍ନମାମୁ' ଆତ୍ମିକ ଦୃଷ୍ଟିରୁ ନ ହେଲେ ସୁଦ୍ଧା ଆର୍ଥିକ ଦୃଷ୍ଟିରୁ ଏକ ଲୋଭନୀୟ ପ୍ରକାଶନ । ଶାନ୍ତନୁକୁମାର ଆଚାର୍ଯ୍ୟ ଓ ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ ଦ୍ୱାରା ସଂଗୃହୀତ ଶିକାର କାହାଣୀ ଏବଂ ଗଦାଧର ରାୟଙ୍କ ଶିକାର ଗଳ୍ପ ଶିଶୁସାହିତ୍ୟରେ ଏକ ନୂତନ ଦିଗ ଉନ୍ମୋଚନ କରିଛି । ନବଯୁଗ ଗ୍ରନ୍ଥାଳୟଙ୍କ ଦ୍ୱାରା

ପ୍ରକାଶିତ କେତେକ ରୁଷୀୟ ଗଳ୍ପର ଓଡ଼ିଆ ରୂପାନ୍ତର କରିଛନ୍ତି ଅନନ୍ତ ପଟ୍ଟନାୟକ ।

**ଶିଶୁ ଏକାଙ୍କିକା**—ଶିଶୁସାହିତ୍ୟର ଅନ୍ୟ ଏକ ଦିଗ ହେଉଛି ଶିଶୁ-ନାଟକ ଏବଂ ଏକାଙ୍କିକା । କଲିକତାର Children's Little Theatre ପରି କୌଣସି ଅନୁଷ୍ଠାନ ଓଡ଼ିଶାରେ ନାହିଁ; ତେଣୁ ପୂର୍ଣ୍ଣାଙ୍ଗ ଶିଶୁ ନାଟକର ଅଭିନୟ ଏଠାରେ ସୁବିଧାଜନକ ନୁହେଁ । କିନ୍ତୁ ଏକାଙ୍କିକାପାଇଁ ପ୍ରଶସ୍ତ କ୍ଷେତ୍ର ରହିଛି । ବେତାର, ଦୂରଦର୍ଶନ ଏବଂ ଶିକ୍ଷାନୁଷ୍ଠାନମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଶୁ ଏକାଙ୍କିକା ଅଭିନୀତ ହୋଇଥାଏ । 'କଳାଭବନ'ର ପ୍ରତିଷ୍ଠାତା ସଂଗୀତଗୁରୁ କସ୍ତୁରୀନିଧି ଦାସଙ୍କ ଶିଶୁ-ସୁଆଙ୍ଗଗୁଡ଼ିକ କେତେଥର ଆକାଶବାଣୀର 'ଇନ୍ଦ୍ରଧନୁ' କାର୍ଯ୍ୟକ୍ରମରେ ପ୍ରଚାରିତ ହୋଇଛି । ସୁଧାକର ଦାଶଙ୍କ 'ନୃତ୍ୟ-ନାଟିକା' ଏବଂ 'ବିଚିତ୍ରା' ପୁସ୍ତକର ନାମ ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ । ଶ୍ରୀମତୀ ସୁଲୋଚନା ମହାନ୍ତିଙ୍କ 'ଯାହା ପାଇଁ ଯାହା କରିଛି ଦଇବ' ଏବଂ ସୁଧାକର ଦାଶଙ୍କ 'ଗଣନାଥଙ୍କ କଟକଭ୍ରମଣ' ପାଲାଶ୍ରେଣୀୟ । ଏହାଛଡ଼ା ଆକାଶବାଣୀର ଶିଶୁକାର୍ଯ୍ୟକ୍ରମରେ ଅନେକ ଶିଶୁ ବେତାରରୂପକ ମଧ୍ୟ ପ୍ରଚାରିତ ହେଉଛି ।

**ଶେଷ କଥା**—ଆଲୋଚ୍ୟ କାଳରେ ଯେତେ ଶିଶୁ ସାହିତ୍ୟିକ ଲେଖନୀ ଚାଳନା କରୁଛନ୍ତି, ପ୍ରବନ୍ଧର କଳେବର ବୃଦ୍ଧି ଦୃଷ୍ଟିରୁ ସେମାନଙ୍କ ରଚନା ବିଷୟରେ ସ୍ୱତନ୍ତ୍ର ଆଲୋଚନା ସମ୍ଭବ ନୁହେଁ । ଏହା ସାଧାରଣ କଥା ଯେ ପିଲାମାନେ ଗଳ୍ପପ୍ରିୟ ଏବଂ ଚିତ୍ରପ୍ରିୟ । ସେମାନେ ବହି ବା ପତ୍ରିକାଟିଏ ପାଇଲେ ପ୍ରଥମେ ଗଳ୍ପ ଖୋଜି ପଢ଼ନ୍ତି । ଶହେବର୍ଷତଳେ ସାମାଜିକ ପରିବେଶ ଯାହା ଥିଲା, ବର୍ତ୍ତମାନ ତାହା ନାହିଁ । ସମାଜ ଆଜି ଦ୍ରୁତ ଗତିଶୀଳ । ଜ୍ଞାନର ପରିଧି ପ୍ରସାରିତ । ଏଣୁ ଯାହା କିଛି ଶିଶୁସାହିତ୍ୟରେ ଦେବାକୁ ହେବ, ଜୀବନୀ ହେଉ, ବିଜ୍ଞାନ ହେଉ କିମ୍ବା ନୀତିଶିକ୍ଷା ହେଉ, ଗଳ୍ପଚ୍ଛଳରେ ଦେଲେ ସେ ଆନନ୍ଦରେ ଗ୍ରହଣ କରିବ । ସେଥିପାଇଁ ବିଷ୍ଣୁଶର୍ମା, ଏଶପ୍, ଯୀଶୁ, ରାମକୃଷ୍ଣ ପରମହଂସ ପ୍ରଭୃତି ଗଳ୍ପର ଆଶ୍ରୟ ନେଇଥିଲେ ।

( ଚଉବିଶ )

ଶିଶୁ କବିତାରେ ମଧ୍ୟ ନୂତନ ଅଭିମୁଖ୍ୟ ଆବଶ୍ୟକ । ସାଂପ୍ରତିକ ଶିଶୁସାହିତ୍ୟରେ ମାର୍ଜିତ ରୁଚିର ମଜା ଗୀତ ଏବଂ ହାସ୍ୟରସାତ୍ମକ ଗଳ୍ପର ଅଭାବ ରହିଛି । ଏ ଦିଗରେ ହାଡ଼ିବଂଧୁ ମିଶ୍ର, ରାମପ୍ରସାଦ ମହାନ୍ତି ଏବଂ ନନ୍ଦସ୍ମୃତିହାରୀ ମହାନ୍ତି କେତେକାଂଶରେ କୃତକାର୍ଯ୍ୟ ହୋଇଛନ୍ତି । ପ୍ରକୃତି ସଙ୍ଗେ ପିଲାଙ୍କୁ ପରିଚିତ କରାଇବା ମଧ୍ୟ ସାହିତ୍ୟକର ଅନ୍ୟ ଏକ ଧର୍ମ । ଜୀବଜନ୍ତୁ, ବୃକ୍ଷଲତା, ନଦୀ, ଆକାଶ, ପର୍ବତ ଏ ସବୁରେ ଥିବା ସୃଷ୍ଟିର ବୈଚିତ୍ର୍ୟକୁ ଗଳ୍ପ ମାଧ୍ୟମରେ ପରିବେଷଣ କଲେ ଶିଶୁର ଅଧିକ ଉପଯୋଗୀ ହୁଏ ।

ହିନ୍ଦୀ, ବଙ୍ଗଳା, ତେଲୁଗୁ, ତାମିଲ ପ୍ରଭୃତି ପଡ଼ୋଶୀ ଭାଷାରେ ରଙ୍ଗୀନ ଚିତ୍ରବହୁଳ ଅନେକ ଶିଶୁ ପୁସ୍ତକ ଓ ପତ୍ରିକା ପ୍ରକାଶ ପାଉଥିଲେହେଁ ଓଡ଼ିଶାରେ ତାର ବିଶେଷ ଅଭାବ ପରିଦୃଷ୍ଟ ହୁଏ । ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ 'ଶିଶୁଲେଖା' ଓ ମାନ୍ଦ୍ରାଜରୁ ପ୍ରକାଶିତ ଓଡ଼ିଆ 'ଜହ୍ନମାମୁ', ଗ୍ରନ୍ଥସାଥୀ ପ୍ରକାଶନର 'ମନପବନ', ମହେଶ୍ୱର ମହାନ୍ତିଙ୍କ 'ଛବି କହୁଛି କଥା', ଅନନ୍ତ ପଟ୍ଟନାୟକଙ୍କ 'ଛବିଟିକି ଗପଟିଏ', ଏବଂ ରାମକୃଷ୍ଣ ନନ୍ଦଙ୍କ 'ଛଅଟି ଗଛ' ସିରିଜ୍‌ର ପୁସ୍ତକମାଳା କେତେକାଂଶରେ ଏହି ଅଭାବ ପୂରଣ କରିପାରିଛି ବୋଲି ମନେ ହୁଏ । ଗୁଣାତ୍ମକ ଦୃଷ୍ଟିରୁ ବିଚାର କଲେ ଓଡ଼ିଆ ଶିଶୁ ସାହିତ୍ୟ ଯେ ବିକାଶ ପଥରେ ଆଗେଇ ଚାଲିଛି ଏହା ନିଶ୍ଚିତ; ମାତ୍ର ଏହାର ଆଙ୍ଗିକ ପରିପାଟୀ ଆଦୌ ସନ୍ତୋଷଜନକ ନୁହେଁ । ଅଫ୍‌ସେଟ୍ ପଦ୍ଧତିରେ ଏକକାଳୀନ ଅଧିକ-ସଂଖ୍ୟକ ପୁସ୍ତକ ମୁଦ୍ରିତ ହୋଇପାରିଲେ ସେ ଅସୁବିଧା ଦୂର ହୋଇପାରନ୍ତା; କିନ୍ତୁ ଲୋକଙ୍କ କ୍ରୟଶକ୍ତିର ଅଭାବ ଏହାର ପ୍ରଧାନ ଅନ୍ତରାୟ ।

ଦୋଳପୂର୍ଣ୍ଣିମା

ତା ୨୦ । ୩ । ୧୯୮୧

ରାମକୃଷ୍ଣ ନନ୍ଦ

# ସୂଚୀ


ଅନନ୍ତ ପଟ୍ଟନାୟକ

ଟୁପୁରୁ ଟୁପୁ ... ୧୮୩
ଲୁଲୁ କହେ ଲାଲୁ ୧୮୫
କିଏ ଏଇ ଝୁଙ୍କୁଁରେ ୧୮୬

ଅନ୍ନଦା ପ୍ରସାଦ ରକ୍ଷିତ୍

କଣ୍ଢ ଚୋର କାହାଣୀ ୨୬୭

ଅପୂର୍ବ ରଂଜନ ରାୟ

ଟିକି ମନର ଆଶା ୩୮୮

ଅଭିମନ୍ୟୁ ସାମନ୍ତ ସିଂହାର

କଳାମାଣିକ ରେ ୧୭

ଉଦୟନାଥ ଷଡ଼ଙ୍ଗୀ

ପାଠ ପାଠ ପାଠ ୧୫୬
ଟିକିତରା ୧୫୮
ବାବୁଲାର ମୁଣ୍ଡ ୧୬୦

ଉପେନ୍ଦ୍ର ତ୍ରିପାଠୀ

ମୁଢ଼ି ନଡ଼ିଆ ୧୩୯
ବାଣୁଆ ଝିଅ ୧୪୨
ପାଚିଲା କ୍ଷେତ ୧୪୩

କାନନବାଳା ତ୍ରିପାଠୀ

ଇଟିକିଲି ମିଟିକିଲି ୩୮୩

କାଳନ୍ଦୀ ଚରଣ ପାଣିଗ୍ରାହୀ

ପଢ଼ିଥିଲି ସର୍ବ ପ୍ରଥମ କଥା ୧୨୭
ଦାଣ୍ଡଘରା ୧୩୦
ସମୁଦ୍ର ଓ ସରିତ ୧୩୨

କାଳୀଚରଣ ପଟ୍ଟନାୟକ

ଚେକା ବର ୧୧୩

କୁଞ୍ଜବିହାରୀ ଦାଶ

ରଜାପୁଅ ଯାଏ ପାରଧି କରି ୨୦୭
କାଠ ଘୋଡ଼ା ପାଣି ପି ୨୦୯
କଳା କାହ୍ନୁ ମୋର
ପଡ଼ିବ ଶୋଇ ୨୧୧

କୁନ୍ତଳା କୁମାରୀ ସାବତ୍

ଓଡ଼ିଆ ପୁଅ ୧୨୩

କୁଳମଣି ସାମଲ

ଆମେ ସବୁ ଭାଇ ଭାଇ ୨୭୫

କୃଷ୍ଣଚନ୍ଦ୍ର କର

ସୁନା ଜେଉଳ ୧୬୨
ଭଲ କି କରନ୍ତ ମୁହିଁ ? ୧୬୬

କୃଷ୍ଣଚରଣ ବେହେରା

ମା'ଟି ମା'ଆଟି ୩୧୧
କୌମୁଦୀ କଥା ୩୧୨

କୃଷ୍ଣମୋହନ ପଟ୍ଟନାୟକ

ସେ କାଳ ଓ ଏ କାଳ ୬୨
ବରଷା ହେଉ ୬୩

ଜାଡ ଘର ୬୪
ମିଳିମିଶି କାମ କର ୬୫

କ୍ଷୀରୋଦ ଚନ୍ଦ୍ର ଘୋଷାଲ
ରଜ ରଜ ରଜରେ ୩୫୪
ଅଜା ଭଣେ ମଜା କଥା
କହିଲେ ... ୩୬୫

ଗଙ୍ଗାଧର ମେହେର
ପରିଶ୍ରମ ୩୪

ଗୋକୁଳାନନ୍ଦ ମହାପାତ୍ର
ଆକବର ବାଦଶାହ ଓ
ଚେସ୍ ଖେଳ ... ୨୩୨

ଗୋଦାବରୀଶ ମହାପାତ୍ର
ସେଇ ଭଲ ପିଲା ଲୋଡ଼ା ୧୧୫
ଏଇ ଓଡ଼ିଶା ଭୂଇଁ ୧୧୬
ପାଣି ଗୋ ପାଣି ୧୧୮

ଗୋଦାବରୀଶ ମିଶ୍ର
କାକୀ କାଉ ୮୩
ଗଣେଶ ଓ କାର୍ତ୍ତିକଙ୍କ
ବିବାଦ ... ୯୧

ଗୋପବନ୍ଧୁ ଦାସ
ଧର୍ମପଦର ଆତ୍ମବଳି ୫୬

ଗୋପାଳକୃଷ୍ଣ ପଟ୍ଟନାୟକ
ଉଠିଲୁ ଏଡେ ବେଗି ୨୧

ଗୋପାଳଚନ୍ଦ୍ର ପ୍ରହରାଜ
କଲୁସାହେବଙ୍କ କଥା ୪୦
ଝୁଲ୍‌ରେ ହାତୀ ଝୁଲ୍ ୪୪

ଗୋପାଳଚନ୍ଦ୍ର ମିଶ୍ର
ଗୋ-ଧନ ୨୪୪
ବାଲୁଆ ନନାର ଝୁଙ୍କା ୨୪୬

ଗୋବିନ୍ଦ ମିଶ୍ର
ଅଳ୍ପ ବିଦ୍ୟା ଭୟଙ୍କରୀ ୨୮୪

ଗୋଲୋକ ବିହାରୀ ଧଳ
ମାଟିରୁ ଆକାଶ ୨୨୧

ଚକ୍ରଧର ମହାପାତ୍ର
ଆରେ ମୋର ଗୁଡ଼ ୧୦୨
କାଞ୍ଜି କଥା ୧୦୫

ଚନ୍ଦ୍ରମୋହନ ମହାରଣା
ବେଙ୍ଗରଜା ୩୮

ଚନ୍ଦ୍ରଶେଖର ମିଶ୍ର
ଶିଶୁର ସ୍ୱପ୍ନ ସଙ୍ଗୀତ ୧୨୫

ଚିନ୍ତାମଣି ମହାନ୍ତି
ବୁଢ଼ିଆଣୀ ଖେଳ ୩୬

ଜଗନ୍ନାଥ ଦାସ
କାଳୀୟ ଦଳନ ୧୫

ଜଗନ୍ନାଥ ମହାନ୍ତି
ସବୁବେ ଆମେ ଭାଇଭଉଣୀ ୩୪୩
ଯେତେ ସଳଖିଲେ
କୁକୁର ଲାଙ୍ଗୁଡ଼ ବଙ୍କା ୩୪୫

ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ)
କଣ କରିବା ? ୨୪୦

ଜମ୍ବୁଧର ପରିଡ଼ା
ବଉଳାର ସତ୍ୟରକ୍ଷା ୧୬୯
ଛଗଡମାଳ ଓ ଲୋକଗୀତ ୧

ଜମ୍ବୁକୃଷ୍ଣ ସାହୁ
ପିଇବ ନାହିଁ ସେ ବଙ୍କା କ୍ଷୀର ... ୨୨୭

ଦନାଇ ଦାସ
ଗୋପୀ ଭାଷା ୧୪

ଭଗବାନ ବ୍ରହ୍ମା
କୃପଣର ଦାନ ୩୯୫

ଦୁର୍ଗାପ୍ରସାଦ ପଟ୍ଟନାୟକ
ବିଲେଇ ଲାଞ୍ଜରେ ଘଣ୍ଟି ୨୧୮

ଦୁର୍ଗାମାଧବ ମିଶ୍ର
ଅସୁର ... ୨୭୦

ଧ୍ରୁବଚରଣ ପଣ୍ଡା
ଚମି-ଚମାଙ୍କ ଗଣେଶ ପୂଜା ୩୩୯

ନଟବର ସାହୁ
କମିତି ଆଜ ମୁଁ ଗାଇବ ଗୀତ ? ... ୩୬୭

ନଦ୍ୟା ବିହାରୀ ମହାନ୍ତି
କୁଣ୍ଢେଇବାଲ ୨୯୧
ଡାଃ କାଙ୍କୁ ଟିଙ୍କୁ ୨୯୫

ନନ୍ଦକିଶୋର ବଳ
ଚୁଟିଆ ମୂଷା ... ୪୬
ଚଅପୋଈ ... ୪୮
ଡାହାଣିଆ ଖପ୍ର ୫୦
ଡାମଗ୍ରାଜ ୫୧
ହୋ'ରେ ବାପୁ ହୋ? ୫୩

ନନ୍ଦକିଶୋର ସାମଲ
ଭାରି ଭଲ ଲାଗେ ମତେ ମୋ ଘର ... ୨୪୨

ନନ୍ଦକିଶୋର ସିଂହ
ସ୍କୁଲ ଯିବା ପିକ୍ନିକ୍ ୩୨୭

ନିକୁଞ୍ଜ କିଶୋର କାନୁନ୍‌ଗୋ
ସ୍କୁଲ ... ୩୨୩
ଫଗୁଣ ... ୩୨୪

ନିତ୍ୟାନନ୍ଦ ମହାପାତ୍ର
ନାନାବାଇ ... ୧୯୨

ନୀଳକଣ୍ଠ ଦାସ
ଚକାଫଳ ନ ଖାଉଁ ୭୨
ପିଲା ଓ ଚଢ଼େଇ ୭୪
ହନୁମାନର ଲଙ୍କାପୋଡ଼ି ୭୫

ପଠାଣି ପଟ୍ଟନାୟକ
ମେଘ ଉଠିଆସେ କଳାହାଣ୍ଡିଆ ... ୨୬୮

ପଦ୍ମଚରଣ ପଟ୍ଟନାୟକ
ମଣିଷ ପରି ମଣିଷଟାଏ ୮୦

ପରମାନନ୍ଦ ଅଧିକାରୀ
ପିଠି ଅରକ୍ଷିତ, ଭୁଣ୍ଡ ନରେନ୍ଦ୍ର ... ୩୦୮

ପରଶୁରାମ ଦାସ

ବୁବୁଲି ଭାଇର ଜନମ ଦିନ ୧୭୭

ପୁଣ୍ୟପ୍ରଭା ଦେବୀ

କଥାଟିଏ କହୁଁ କଥାଟିଏ ୩୬୨

ପ୍ରଫୁଲ୍ଲ କୁମାର ଗିରି

ମନ ଭେଳ ଫଳ ୩୮୫

ପ୍ରମିଳା ନାୟକ

ବରଷା ଝରେ ୩୬୪

ଫକୀରମୋହନ ସେନାପତି

ବୁନ୍ଦମଣିର ଅଙ୍କା ୨୩

ଗର୍ଦ୍ଦଭର ସୂକ୍ଷ୍ମବୁଦ୍ଧି ୨୫

ବଂଶୀଧର ସାମନ୍ତରାୟ

ସାଧକ ଗୀତ ୨୦୦

ବଟକୃଷ୍ଣ ଓଝା

ବୁଲୁର ଭୁଲ ୩୪୧

ବଟକୃଷ୍ଣ ସ୍ୱାଇଁ

ଭିନ ମାଆ ୩୮୧

ବନମାଳୀ ବ୍ରହ୍ମଷ୍ଟଗ

ସେଇ ବୁଢ଼ୀଟି ୧୫୧

ଛେଉଣ୍ଡ ପିଲାର ଭାଗ୍ୟ

ବଦଳଲ ... ୧୫୩

ବଳରାମ ଦାସ

ଶ୍ରୀପଞ୍ଚମୀ ଗୀତ ୧୦

କମଳ ଲୋଚନ ଚଉତିଶା ୧୨

ବସନ୍ତ କୁମାର ବେହୁରା

ହାତର ଅମର କାହାଣୀ ୨୨୫

ବାଞ୍ଛାନିଧି ଦାଶ

ପଲ୍ଲୀ ପଞ୍ଚକ ୨୨୮

ମୋ ଦେଶ ୨୩୦

ବାଞ୍ଛାନିଧି ମହାନ୍ତି

ଖଡ଼ ପିଞ୍ଜର ୧୧୨

ବାଳକୃଷ୍ଣ କର

ମୁଁ କିଏ ? ୯୩

ଦୁଇ ଭାଇ ୯୫

ବିଭବାନନ୍ଦ କର

ପାଠ ଓ ଶାଠ ୨୮୧

ବିଚ୍ଛନ୍ଦ ଚରଣ ପଟ୍ଟନାୟକ

ଜହ୍ନ ... ୧୩୪

ବିଦ୍ୟୁତ୍‌ପ୍ରଭା ଦେବୀ

ବାଇଆ ରଜା ୨୭୨

ମେଘ ଝୋପା ୨୭୪

ବିନୋଦ କାନୁନ୍‌ଗୋ

ବଡ଼ କିଏ, ସାନ କିଏ ? ୨୦୩

ବଳଦକୁ କୋଳଥ,

ଗଧକୁ ଘାସ ... ୨୦୫

ବିନୋଦ ରାଉତରାୟ

ସୁନାନାକୀ ଝିଅଟାଏ ଲୋ ୨୮୭

ବିଭୂତି ପଟ୍ଟନାୟକ

ବୋକା ପଣ୍ଡିତ ୩୪୮

ବୀର କିଶୋର ଦାସ
ଉତ୍କଳ ଜନନୀ ୧୦୭
ହାତକଡ଼ି ତାର ମଲ୍ଲିଫୁଲ
ହର ... ୧୧୧
ବୀର କିଶୋର ପାଢ଼ୀ
ଆମ ମୁଲକର ମନ୍ତ୍ରୀ ୨୮୯
ବୀରେନ୍ଦ୍ର କୁମାର ସାମନ୍ତରାୟ
ମାଆର ମମତା ୩୯୦
ବୈଷ୍ଣବ ପାଣି
ଦୁଃଖୀଧନ ନୀଳମଣିରେ ୭୦
ଭକ୍ତଚରଣ ଦାସ
କଳାକଳେବର ଚଉତିଶା ୧୯
ଭଗବାନ ପତି
କଲମ ଘେର ୧୩୫
ଭଗବାନ ପାଢ଼ୀ
ତୁଳସୀ ବାସଇ ଦୁଇପତରରୁ ୩୬୮
ଭିକାରୀ ଚରଣ ପଟ୍ଟନାୟକ
ମହୁମାଛି ୫୫
ମଙ୍ଗଳୁ ଚରଣ ବିଶ୍ୱାଳ
ପାହାଡ଼ ଓ ଧରଣୀ ୩୩୮
ମଦନ ମୋହନ ପଟ୍ଟନାୟକ
ଚକା ଚକା ଭଉଁରୀ ୧୦୧
ମଧୁସୂଦନ ରାଓ
ସୁନ୍ଦର ସଂସାର ୨୮
ସନ୍ଧ୍ୟା ... ୨୯
୩୦
ଜନ୍ମଭୂମି ... ୩୨
ମନୋଜ ଦାସ
ରାଜା ଓ ଗୁଣ୍ଡୁଚି ମୂଷା ୩୨୫
ମନୋରମା ମହାପାତ୍ର
ଇଞ୍ଚ ଚଢ଼େଇ ଓ ଭୂଆ
ବିଲେଇ ... ୩୩୧
ଖୁଡ଼ୀ ଓ କଙ୍ଗାରୁ ୩୩୫
ମହେଶ୍ୱର ମହାନ୍ତି
ଦୁଇଟି ଝିଲ ୩୭୩
ବରାଡ଼ି ବେକରେ ଘଣ୍ଟି ୩୭୪
ମାୟାଧର ମାନସିଂହ
ସାଧକ ପୁଅ ୧୪୭
ଶିଶୁର ପ୍ରଥମ ଦୁଃଖ ୧୫୯
ମାର୍କଣ୍ଡ ଦାସ
କେଶବ କୋଇଲି ୭
ମୃତ୍ୟୁଞ୍ଜୟ ରଥ
କୁନି ... ୭୭
ବେଙ୍ଗରଜା ... ୭୮
ଯଦୁନାଥ ଦାସ ମହାପାତ୍ର
ମାମୁଁନ ... ୨୭୭
ରଙ୍ଗ ... ୨୮୦
ରମେଶ ଚନ୍ଦ୍ର ଧଳ
କାଠୁରିଆ ବୁଢ଼ା ଓ ନାକ
କୁକୁଡ଼ା ... ୩୫୮
ରମେଶ ଚନ୍ଦ୍ର ଭଞ୍ଜ
ଆମର ପାଇଁ ୩୭୧

ରାଜ କିଶୋର ପାତ୍ରୀ

ହାତ ଓ ଗୋଡ଼ ୩୭୯

ରାଧାମୋହନ ଗଡ଼ନାୟକ

ଆମ ଲଖି ଲୁଗା ଏଇ ୧୮୭
ସୁଭଷ ଓ ଗୁଣିଆ ୧୯୦
ମାଆ ଓ ପୁଅ ୧୯୪

ରାମକୃଷ୍ଣ ନନ୍ଦ

ଆହେ ଦୟାମୟ ୧୭୧
କାହିଁକି ? ୧୭୩
ସାରଥିର ଜନ୍ମଦିନ ୧୭୫

ରାମପ୍ରସାଦ ମହାନ୍ତି

ମୋ ଭାଇ, ମୋ ଭଉଣୀ,
ମୋ ବନ୍ଧୁ ମୋ ସାଥୀ ୨୪୭
ଠୋକେଇ (ଏକାଙ୍କିକା) ୨୪୯

ଲକ୍ଷ୍ମୀକାନ୍ତ ମହାପାତ୍ର

ଫୁଲେଇ ବେଙ୍ଗୁଲି ୯୭
ବାଦୁଡ଼ି ... ୯୯
ଆ ଜହ୍ନମାମୁଁ ୧୦୭

ଶାନ୍ତନୁ କୁମାର ଆଚାର୍ଯ୍ୟ

ବୋତଲ ଭାଇ ଯେନ
ଆସିଲା ... ୩୧୯

ସୁରେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂହ

ସିଏ ମର ତକେ ଝୁରଇ ୩୧୭
ସ୍ଲେଟ୍ ଭିକ୍ଷା ୩୧୮

ସଚ୍ଚିଦାନନ୍ଦ ରାଉତରାୟ

ଛୋଟ ମୋର ଗାଁଟି ୩୨୧

ସତ୍ୟାନନ୍ଦ ମହାନ୍ତି

କଥାଟି ଯାକ 'କ' ୧୬୮

ସୁଧାକର ଦାଶ

ଗୃଭୁଷ ୩୦୧

ସ୍ନେହଲତା ମହାନ୍ତି

ଫୁଲ କୋଷ ୩୧୪

ହରିହର ମହାପାତ୍ର

ସେ ତ ସରଗପୁର ୧୪୫

ହରେକୃଷ୍ଣ ମହତାବ

ରଜା ହେବ କଏ ? ୧୨୦

## ଭଗତମାଳ ଓ ଲୋକଗୀତ

( ଡକ୍ଟର କୁଞ୍ଜବିହାରୀ ଦାଶଙ୍କ 'ପଲ୍ଲୀଗୀତି ସଞ୍ଚୟନ'ରୁ ଗୃହୀତ )

ଟିପି ଟିପି ପାଣି    କାନ୍ଥକୁ ଖୁଣ୍ଟେ
ଟୁପୁ ଟୁପୁ କଥା    କଲଜା କାଟେ ।

*

ତଳ ବରଡ଼ା ଖସୁଛି
ଉପର ବରଡ଼ା ହସୁଛି,
ମଝି ବରଡ଼ା ଥାଇ କହିଲା 'ମୋ ଦିନକାଳ ଆସୁଛି' ।

*

ଅଖ ଚଳୁଥିଲେ    ଚକ ଚଳୁଥାଏ
ବୁଲିଯାଉଥାଏ ପନ୍ଥ,
ସଂସାର ଭିତରେ    ଘର କରୁଥିଲେ
ପଥର ପଡ଼ିଲେ ସନ୍ଥ ।

*

ଅଇଲା କଳାପାହାଡ଼    ଭାଙ୍ଗିଲା ଲୁହାର ବାଡ଼
ପିଇଲା ମହାନଦୀ ପାଣି,
ସୁବର୍ଣ୍ଣ ଥାଳୀରେ    ଖୀର ପରଷିଲେ
ମୁକୁନ୍ଦ ଦେବଙ୍କ ରାଣୀ ।

*

ଏଇ ବାଟେ ଯାଉ                    କଥା ଭୁ ନ କହୁ
କଥା କ ମଣିଷ ଖାଇବ ?
ରଙ୍ଗ ଟହଟହ                    ଶିମିଳ ଫୁଲ
ସବୁଦିନେ ସେ କ ରହିବ ?
ବାଆ ମୁଠା କଲ                    ବାଆ ମୁଠା କଲ
ବାଆ କ ମୁଠାରେ ରହିବ ?
ଯେତେ ପରକାରେ                    ବୁଝାଇ କହିଲେ
ପର କ ଆପଣା ହୋଇବ ?

*

ପୁଅ ସଳଖା, ବାପ ବଙ୍କା
ନାତି ଟୋକାଟା ଅତି ଚରକା । ( ନାଁଦିଆ—ଧନୁଶର )
ବରଷକେ ଥରେ ଖାଏ
ମୁହଁ ମାଡ଼ି ପଡ଼ିଥାଏ ।          ( ନାଁଦିଆ—ଚୂଲ )

●

## ଦୋଳି ଗୀତ

ସରୁ ସରୁ ଧାନ ଶିଷ
ପ୍ରଥମେ ବନ୍ଦିବୁ ଧରସୁନ୍ଦରୀ
ମୋ ଗୀତ ନ ଯାଉ ସର ।
ଦୋଳିକ ଦଉଡ଼ି ସାଜେ
ତେଲଙ୍ଗା ଗଡ଼ରେ କ ବାଜା ବାଜେ
ବାଳ ଦେଇ ଖଡ଼୍ଗ ମାଜେ ।
ରାମଚନ୍ଦ୍ର ବଡ଼ଲୋକ
ସୀତାଙ୍କୁ ଯେବଣ ମାଗିଲେ ଭିକ
ଜାଣିଲେ ଜଗତ ଲୋକ ।

ନୂଆ ଲଙ୍ଗଳରେ ଈଷ
କାମ କରି କରି ଗଲା ବୟସ
ଗୀତ ମୁଁ ବାନ୍ଧିବି କିସ ?

*

ନଈରେ କେଞ୍ଚୁଆ ଗାତ
ବଡ଼ ବୋଜ ଦେଲା ପଖାଳ ଭାତ
ଧରନେଲା ସନ୍ନିପାତ ।
ପାକଲା ବାଉଁଶ ବାଡ଼
ରାମଚନ୍ଦ୍ର ଗଲେ ରାଇଜ ଛାଡ଼
ସୁବର୍ଣ୍ଣ କଠଉ ମାଡ଼ ।
ନଈ ତଳେ କଁଆ କେନ୍ଦୁ
ଆଷାଢ଼ ମାସରେ କୁଣିଆ ବାନ୍ଧୁ
ବେକ ଧରି କରି କାନ୍ଦୁ ।

●

## ଖେଳ ଗୀତ

ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ତୁମର ଆମର ନାଲି ପଇଁଚ ।
ନାଲ୍ ପେଁ ପେଁ ବାଜଇ ହୀରା
ଗୋଟିକ ଉପରେ ଗୋଟିଏ ଚୀରା;
ଅଇରି ମଇରି ଖଇରି କାଣ୍ଡି
ରଜାପୁଅ ଗଲେ ଡେଙ୍ଗରି ହାଣ୍ଡି, *
ପାଟହାଣ୍ଡିର ବହୁତ ଗୁଣ
ଘୁଙ୍ଗୁର ବାଜେ ରୁଣଝୁଣ ।

---

* ପାଠାନ୍ତର : ରଜାଙ୍କ ଘର ପାଟହାଣ୍ଡି

## ପୁଞ୍ଚ_ଗୀତ

ପୁଞ୍ଚ ଲୋ ଘୁଞ୍ଚ ଯା
ଗମ୍ଭୀର ବାଲରେ ଲୁଚ ଯା,
ଗମ୍ଭୀର ବାଲରେ ମଇଁଷି,
ଧାନ ମଚମଚ ଖାଉଚ ।
ଅଡ଼େଇ ଦେ'ରେ ଭାଇ ଗଉଡ଼
ବଜେଇ ଦେ'ରେ ବଇଁଶୀ ।

ମଇଁଷଆ ଭାଇ କଏ ରେ
ପାନ ବୋଡ଼କର ଗୁଆ ବୋଡ଼କର
ଭାଇଙ୍କ ସାଙ୍ଗରେ ନେଏ ରେ ।
ଭାଇ ବସିଛନ୍ତ ଉଞ୍ଚ ପିଣ୍ଡାରେ
ଭଗାର ବସିଛି ତଳେ,
ପାନ ଖାଇ ପିଙ୍କ ପକାଇଦେଲେ
ପଡ଼ଲା ଭଗାର ଶିରେ ।
ଭଗାର ପଛକେ ମରୁ
ଭଗାର ମୁଣ୍ଡରେ ଘିଅ ସଳତା
ହୁ-ହୁ ହୋଇ ଜଳୁ ।
ଗୋବର ଗାଡ଼ଆ ପୋକ
ଆମେ ଦ'ଭଉଣୀ ପୁଞ୍ଚ ଖେଳୁଥିଲୁ
ଝୁରି ମରୁଥିଲେ ଲୋକ ।
ବାରଆଡ଼େ ଧାନ କଆର ଲମ୍ବ ଲମ୍ବ ଶିଁସା
ଆମେ ଦ'ଭଉଣୀ ପୁଞ୍ଚ ଖେଳୁଥିଲୁ
ରାତି ହୋଇଗଲା ନଶା ।

*

କଳା ଧାନ କେଉ କେର
ବାପା ଦେଲେ ନାହିଁ ଗୋଡ଼କୁ ମୁଦ୍ଦ ମୁଁ
କେବେ ଯିବନାହିଁ ଖେଳ ଗୋ କଳାକାଇଁଚମାଳୀ ।

କଳା ଧାନ କେର କେର
ମାଆ ଦେଲେ ନାହିଁ ଝୋପି କୁଲେଇ ମୁଁ
କେବେ ଯିବ ନାହିଁ ଖେଳ ଗୋ କଳାକାଇଁଚମାଳୀ ।

କଳା ଧାନ କେର କେର
ଭାଇ ଦେଲେ ନାହିଁ ଅଣ୍ଟାକୁ ବସ୍ତ୍ର ମୁଁ
କେବେ ଯିବ ନାହିଁ ଖେଳ ଗୋ କଳାକାଇଁଚମାଳୀ ।

●

## ଫୁଲ ବଉଳବେଣୀ ( ପୁଷ୍ପ ଗୀତ )

କୁଆଁର ପୁନିଅଁ ଜହ୍ନ ଗୋ, ଫୁଲବଉଳବେଣୀ,
କୁଆଁରୀ ଝିଅଙ୍କ ଅପୂର୍ବ ଆନନ୍ଦ
ପୁଚ ଖେଳିବାକୁ ମନ ଗୋ, ଫୁଲବଉଳବେଣୀ ।

କରମଙ୍ଗା ଗଛ ଗ୍ଗୁଇ ଗୋ, ଫୁଲବଉଳବେଣୀ,
କଦମ୍ବ ମୂଳରେ ବଂଶୀ ବାଇ କୃଷ୍ଣ
ଅବଳାଙ୍କୁ କଲେ ବାଇ ଗୋ, ଫୁଲବଉଳବେଣୀ ।

ଖଜୁରି ଗଛର ଗ୍ଗୁଇ ଗୋ, ଫୁଲବଉଳବେଣୀ,
ଖରାବେଳେ ରାଧା ପାଣି ଆଣି ଗଲେ
କୃଷ୍ଣଙ୍କୁ ଭେଟିବା ପାଇଁ ଗୋ, ଫୁଲବଉଳବେଣୀ ।

ଗଙ୍ଗଶିଉଳିର ଗ୍ଗୁଇ ଗୋ, ଫୁଲବଉଳବେଣୀ,
ଗଲାଦିନୁ କୃଷ୍ଣ ମଥୁରାପୁରକୁ
ଝୁରିହେଲେ ଗୋପଗୋଈ ଗୋ, ଫୁଲବଉଳବେଣୀ ।

ଚମ୍ପାଫୁଲ ଗଛ ଛୁଇ ଗୋ, ଫୁଲବଉଲବେଣୀ
ଚନ୍ଦନଚୂଳିଆ  ଚିକଣ କାଳିଆ
ଗୋପେ କି ଆସିବେ ନାହିଁ ଗୋ, ଫୁଲବଉଲବେଣୀ ।

●

## ପିଲାଙ୍କୁ ଶୁଆଇବା ଗୀତ

ମୋ କୁନକ କିଏ ମାଇଲା ମାଡ଼ ଲୋ
ଭାଙ୍ଗି ପକେଇଲା ପଞ୍ଜରା ହାଡ଼
ନେଇ ମାମୁଘରେ ଛାଡ଼ ।

ମାମୁ ତ କହିଲେ ଏଇଟି କିଏ,
ମାଇଁ ତ କହିଲେ ଭଣଜାଟିଏ ।

ଝାଡ଼ିଝୁଡ଼ି କରି ଘରକୁ ନିଅ
ଦୁଧଭାତ କରି ଗୁଣ୍ଡିଏ ଦିଅ ।

ପୀତାମ୍ବରୀ ପାଟ ପିନ୍ଧାଇ ଦିଅ
ଖଟପଲଙ୍କରେ ଶୁଆଇ ଦିଅ ।

*

ବାଇଚଢ଼େଇ ରେ ବାଇଚଢ଼େଇ
ମୋ କୁନ ଯାଇଛି ଗାଈ ଚରେଇ ।

ଗାଈରୁ ଆଣିବ ପାଚିଲା ବେଲ
କୁଲାରେ ପକାଇ କରିବ ଗେଲ ।

●

ମାର୍କଣ୍ଡ ଦାସ ( ପଞ୍ଚଦଶ ଶତାବ୍ଦୀ )

## କେଶବ କୋଇଲି

କୋଇଲି, କେଶବ ଯେ ମଥୁରାକୁ ଗଲା,
କାହା ବୋଲେ ଗଲା ପୁଣ ବାହୁଡ଼ି ନଇଲା, ଲୋ କୋଇଲି ॥ ୧ ॥
କୋଇଲି, ଖଣ୍ଡକ୍ଷୀର ଦେବି ମୁଁ କାହାକୁ,
ଖାଇବାର ପୁଣ ଗଲା ମଥୁରାପୁରକୁ, ଲୋ କୋଇଲି ॥ ୨ ॥
କୋଇଲି, ଗଲା ପୁଣ ବାହୁଡ଼ି ନଇଲା,
ଗହନ ତ ବୃନ୍ଦାବନ ଶୋଭା ନ ପାଇଲା, ଲୋ କୋଇଲି ॥ ୩ ॥
କୋଇଲି, ଘର ମୋର ନ ମଣନ୍ତି ନନ୍ଦ,
ଘଟଣ ନ ଦିଶେ ପୁର ନ ଥିଲେ ଗୋବିନ୍ଦ, ଲୋ କୋଇଲି ॥ ୪ ॥
କୋଇଲି, ନନ୍ଦ ଦେହ ପାଷାଣେ ଗଢ଼ିଲା,
ନୟନେ କଜ୍ଜ୍ୱଳ ଦେଇ ରଥେ ବସାଇଲା, ଲୋ କୋଇଲି ॥ ୫ ॥
କୋଇଲି, ଚଳୁଥାଇ କଟିରେ ମେଖଳା,
ଚକିତ ହୋଇଲେ ଶୁଣି ଗୋପପୁର ବାଳୀ, ଲୋ କୋଇଲି ॥ ୬ ॥
କୋଇଲି, ଛୁଟେକ ମୁଁ ମାଇଲି ପୂରୁବେ,
ଛୁଞ୍ଚ ଅବା ଗଲେ କୃଷ୍ଣ ସେହି ପରଭବେ, ଲୋ କୋଇଲି ॥ ୭ ॥
କୋଇଲି, ଦୂତପଣେ ଅଇଲା ଅକ୍ରୁର,
ଯାହା ବୋଲି ଭଣ୍ଡି ନେଲା ବସାଇ ରଥର, ଲୋ କୋଇଲି ॥ ୮ ॥
କୋଇଲି, ଝୁରି ଝୁରି ଲୁହ ନ ରହିଲା,
ଝଗଡ଼ା ସାରଣ କୃଷ୍ଣ ମଥୁରା ରହିଲା, ଲୋ କୋଇଲି ॥ ୯ ॥

କୋଇଲି, ନିଶାକାଳେ ହରି ମାଗେ ଚନ୍ଦ,
ନୟନ ଠେକଣି ତାଙ୍କୁ ରଜଥାନ୍ତି ନନ୍ଦ, ଲୋ କୋଇଲି ॥ ୧୦ ॥

କୋଇଲି, ଠହଠହ ହସୁଥାନ୍ତି କୋଳେ,
ଠଳଠଳ ହେଉଥାନ୍ତି ଝୁଲିବାର ବେଳେ, ଲୋ କୋଇଲି ॥ ୧୧ ॥

କୋଇଲି, ଠଣ ଯେ ସୁନ୍ଦର ବେନି ପୋଏ,
ଠକ ଭଣ୍ଡି ଗଲେ କୃଷ୍ଣ ନଇଲେ ବେଢ଼ାଏ, ଲୋ କୋଇଲି ॥ ୧୨ ॥

କୋଇଲି, ଡାଳରେ ରବଇ ଯେହ୍ନେ ଶାରି,
ଡାଳରନ୍ତ ଶୁଆ ପ୍ରାୟେ ଭାଷୁଥାନ୍ତି ହରି, ଲୋ କୋଇଲି ॥ ୧୩ ॥

କୋଇଲି, ଢୁଲୁଛନ୍ତି ମାଏ ଯଶୋବନ୍ତୀ,
ଢାଳେ ହରାଇଲି ମୋର ପୁତ୍ର ଶିରପତି, ଲୋ କୋଇଲି ॥ ୧୪ ॥

କୋଇଲି, ଅନେକ ହିଂସିଲା ରାଯ଼ୁ କଂସ
ଅଣହେଲା କରଣେ ଆପଣେ ଗଲା ନାଶ, ଲୋ କୋଇଲି ॥ ୧୫ ॥

କୋଇଲି, ତନୁରେ ତା ଲେପଇ କୁଙ୍କୁମ,
ତନୟ ଖେଳାଉଥାନ୍ତି ଭାଇ ବଳରାମ, ଲୋ କୋଇଲି ॥ ୧୬ ॥

କୋଇଲି, ଥନ ଭାଙ୍ଗି କ୍ଷୀରପାନ ଦେଲି,
ଥଇର କାଳକୁ ପୁତ୍ର ଦେଖି ନ ପାରିଲି, ଲୋ କୋଇଲି ॥ ୧୭ ॥

କୋଇଲି, ଦଉଡ଼ିରେ ବାନ୍ଧିଲି ପୁତ୍ରକୁ,
ଦାମୋଦର ରାଗେ ଗଲେ ମଥୁରାପୁରକୁ, ଲୋ କୋଇଲି ॥ ୧୮ ॥

କୋଇଲି, ଧନ୍ୟ ସେହି ଦଇବକୀ ନାରୀ,
ଧର୍ମ ଥିଲା ପୁତ୍ର ଗୋଟି ହୋଇଲା ତାହାରି, ଲୋ କୋଇଲି ॥ ୧୯ ॥

କୋଇଲି ନ ଶୋଭଇ ଗୋପପୁର ମୋର,
ନାରାୟଣ ଗଲାଦିନୁଁ ମଥୁରାନଗର, ଲୋ କୋଇଲି ॥ ୨୦ ॥

କୋଇଲି, ପରବସ ପୁରୁଷ ମୋ ମାଧୋଇ,
ପରବସ ମୁଁ ହେଉଥିଲି କୃଷ୍ଣମୁଖ ଚାହିଁ, ଲୋ କୋଇଲି ॥ ୨୧ ॥

କୋଇଲି. ଫଳିବାକୁ ନାହିଁ ମୋର ଆଶ,
ଫଳିବାର ଫଳ ଗଲା ବସୁଦେବ ପାଶ, ଲୋ କୋଇଲି ॥ ୨୨ ॥

କୋଇଲି, ବହୁତ ସହିଲି ତାଙ୍କ ଅଳି,
ବଢ଼ାଇ ଶରଧା ଭାଙ୍ଗି ଗଲେ ବନମାଳୀ, ଲୋ କୋଇଲି ॥ ୨୩ ॥

କୋଇଲି, ଭଣ୍ଡି ମୋତେ ଗଲେ ବେନି ପୁଅ,
ଭାଇ ତାଙ୍କ ବଳରାମ ନଇଲେ ବେଢ଼ାଏ, ଲୋ କୋଇଲି ॥ ୨୪ ॥

କୋଇଲି, ମଥୁରାକୁ ଯିବ କି ମୁଁ ଧାଇଁ ?
ମାଧବ ମଧୁସୂଦନ ଆଣିବ କଢ଼ାଇ, ଲୋ କୋଇଲି ॥ ୨୫ ॥

କୋଇଲି, ଯିବେ ଯେ ଆସିବେ ବୋଲି ଗଲେ,
ଜଗତଜୀବନ ପ୍ରଭୁ ବେଢ଼ାଏ ନଇଲେ, ଲୋ କୋଇଲି ॥ ୨୬ ॥

କୋଇଲି, ରତ୍ନ ବସ୍ତ୍ର ଅଲଙ୍କାରମାନ,
ରାମକୃଷ୍ଣ ଶ୍ରୀଅଙ୍ଗକୁ ଦିଶେ ଶୋଭାବନ, ଲୋ କୋଇଲି ॥ ୨୭ ॥

କୋଇଲି, ଲକ୍ଷ୍ମୀବନ୍ତ ଅଟେ ନାରାୟଣ,
ଲଳାଟରେ ନାମ ଦେଲେ ସେ ଗର୍ଗବ୍ରାହ୍ମଣ, ଲୋ କୋଇଲି ॥ ୨୮ ॥

କୋଇଲି, ବୃନ୍ଦାବନ ନ ଶୋଭଇ ମୋର,
ବତ୍ସ କିଏ ଚରାଇବ ଯମୁନାର ତୀର, ଲୋ କୋଇଲି ॥ ୨୯ ॥

କୋଇଲି, ଶ୍ରୀମନ୍ତ ପୁରୁଷ ମୋ ମାଧୋଇ,
କ୍ଷୀରସାଗରଙ୍କ ଗଳାଦିକୁ ନନ୍ଦ ହେଲେ ବାଇ, ଲୋ କୋଇଲି ॥ ୩୦ ॥

କୋଇଲି, ଶଶୀ ଯେସନ୍ତେ ଦିନୁ ଦିନ କ୍ଷୀଣ
ସେହିମତ କ୍ଷୀଣ ହେଲେ ମୋ ନନ୍ଦରାଜନ, ଲୋ କୋଇଲି ॥ ୩୧ ॥

କୋଇଲି, ସାତଦିନ ଇନ୍ଦ୍ର ବୃଷ୍ଟି କଲା,
ସପତ ବରଷ ପୁଅ ମନ୍ଦର ଧଇଲା, ଲୋ କୋଇଲି ॥ ୩୨ ॥

କୋଇଲି, ହାଇ ଯେ ମାରଇ ପୁନବନ୍ତ,
ହୃଦରେ ଦିଶିଲା ତାର ସପତ ବ୍ରହ୍ମାଣ୍ଡ, ଲୋ କୋଇଲି ॥ ୩୩ ॥

କୋଇଲି, ଷଡ଼ଣି ବନ୍ଦଣି ଭୁଜଦଣ୍ଡ
କ୍ଷମା କର ଦୋଷ ମୋର ଭଣେ ମାରକଣ୍ଡ, ଲୋ କୋଇଲି ॥ ୩୪ ॥

ବଳରାମ ଦାସ

## ଶ୍ରୀପଞ୍ଚମୀ ଗୀତ

ବନ୍ଦଇ ହରି ଦେବ ମୁରାରି ଲକ୍ଷ୍ମୀ ଦେବୀଙ୍କର କାନ୍ତ
ଅଭୟ ବର ଦ୍ୟନ୍ତୁ କୁମର ସେ ପ୍ରଭୁ ଦେବ ଅନନ୍ତ ।

ବାର ମାସ ମଧ୍ୟେ ଅଟଇ ସାର
ମାଘ-ସ୍ନାହାନକୁ ହେଲେ ବାହାର ।
ମାଘସ୍ନାନକୁ ସେ ବାହାର ହୋଇ
ବସନ୍ତ ପଞ୍ଚମୀ ନାମ ବୋଲଇ ।

ଏହି ପଞ୍ଚମୀ ଯେ ଅଟଇ ଭଲ
ଆନ ପଞ୍ଚମୀ ନୁହେଁ ଏହା ତୁଲ ।
ପିତୁଳା ଲେଖାଇ ବୁଲି ସେ ଯାନ୍ତି
ଶ୍ରୀଫଳ ପୁସ୍ତକ ହସ୍ତେ ଘେନନ୍ତି ।

ମୋଡ଼ମୋଡ଼ିଆ କଣ୍ଠେ ଫୁଲ ବଳା
ଓଝା ଚଟଙ୍କର ଉତ୍ସବ ଲୀଳା ।
ଯାହାକୁ ଆସଇ ଶୋଳକ ଯୋଡ଼ା
ପଢ଼ ହେ ଚଟେ ହୋଇ ଯୋଡ଼ା ଯୋଡ଼ା ।

ପିତାଏ ଘଇ ବୋଇଲେ ଆମ୍ଭର
ଗୁରୁଙ୍କୁ ନିଅ ଇଷ୍ଟ ବନ୍ଧୁ ଘର ।
ଇଷ୍ଟ ବନ୍ଧୁ ଘର ମାଗିଣ ଯାଉ
ଯାହା ପାଉ ତାହା ଗୁରୁଙ୍କୁ ଦେଉ ।

ଗୁରୁଙ୍କ ନିମନ୍ତେ ଅଇଲୁ ଆମ୍ଭେ
ଲେଗୁକୋଚୁ ହୋଇ ନ ଘାଲ ତୁମ୍ଭେ ।

ତୁମ୍ଭେ ଯେ ଆମ୍ଭର ବନ୍ଧୁ ସୋଦର
ତେଣୁ ଯେ ଅଇଲୁ ତୁମ୍ଭର ଘର ।

ଅନ୍ଧଆ ବନ୍ଧୁର ପାଶେ ନ ଯାଉ
ଘରକୁ ଗଲେ  ପରଚୂଆ* ପାଉ ।
ଘରଲୋକଙ୍କୁ ସବୁ  କହିପୋଛୁ
ମନରେ ଆନ ନ ଧରବ କିଛୁ ।

ଟଙ୍କା ସୁନା ଲୁଗା ଧାନ କଉଡ଼ି ଯାହା ଦେବ ତାହା ଆଜ
ଆଜି ନ ଦେଲେ, ବାହୁଡ଼ି ଗଲେ, ପଛନ୍ତେ ପାଇବ ଲାଜ ।

ସାହୁ ନୋହୁ ଆମ୍ଭେ ନୋହୁ ଖାତକ
ଯାହା ଦେବ ତାହା ଦେଖିବେ ଲୋକ ।
ବରଷକେ ଥରେ ଆମ ମାଗୁଣି
ଭଲ ଭିଆଇଲେ ସାରଙ୍ଗପାଣି ।

ଶ୍ରୀମାଳଗିର ଶୀଖରେ ହର ତୁମ୍ଭଙ୍କୁ ଦିଅନ୍ତୁ ବର
ତୁମ୍ଭେ ଯେ ଆମ୍ଭଙ୍କୁ ପ୍ରସନ୍ନ ହେଲେ ଓଝା ଗୃହେ ଯିବୁ ଘର ।

ପଢ଼ି ପଢ଼ି କର ଲଗିଲା ଶୋକ
ତୁମ୍ଭେ କି ନ ଜାଣ ପଢ଼ିବା ଦୁଃଖ ?

ଅସ୍ତି  ନାସ୍ତି ବେନି ବଚନ କହ
ବେଗେ ଗୃହଯିବୁ  ମେଲାଣି ଦିଅ ।

ମେଲାଣି ଦେଲେ ଯିବୁ ଆମ୍ଭ ବାସ
ଭବେ ଭଣିଲେ ବଳରାମ ଦାସ ।

●

---

* ପରଚୂଆ—ନିନ୍ଦା

ପାଠାନ୍ତର : ପରଶୁଆ—ପ୍ରଶଂସା

ବଳରାମ ଦାସ ( ପଞ୍ଚଦଶ ଶତାବ୍ଦୀ )

## କମଳଲୋଚନ ଚଉତିଶା

କମଳଲୋଚନ ଶ୍ରୀହରି । କରେଣ ଶଙ୍ଖଚକ୍ରଧାରୀ ॥
ଖଗ ଆସନେ ଖଗପତି । ଖଟନ୍ତି ଲକ୍ଷ୍ମୀ ସରସ୍ୱତୀ ॥
ଗରୁଡ଼ ଆସନେ ମୁରାରି । ଗୋପରେ ରଖିଲେ ବାଛୁରି ॥
ଘନ କଠିନ କଳେବର । ଘଟଣ ଶ୍ରୀମୁଖ ସୁନ୍ଦର ॥
ନନ୍ଦନନ୍ଦନ ଗୋପୀନାଥ । ନିସ୍ତରି ଯିବା ନରେ ଚିନ୍ତ ॥
ଚନ୍ଦ୍ରମା ପ୍ରାୟେକ ବଦନ । ଚୁହିଁଲେ ଖଣ୍ଡେ ଦୁଃଖମାନ ॥
ଛତ୍ରୀ ଉତ୍ତମ ଶିରୋମଣି । ଛଟକେ ଆଣିଲେ ରୁକ୍ମିଣୀ ॥
ଜଗଜ୍ଜୀବନ ଦାଶରଥି । ଜାନକୀ ଦେବୀ ପ୍ରାଣପତି ॥
ଝିନପତମା ଅଙ୍ଗେ ଶୋଭା । ଝଟକ ବିଦ୍ୟୁ ପ୍ରାୟେ ଆଭା ॥
ମିଳେନ୍ଦ୍ର ଜଳେ ପଦ୍ମଆଖି । ନିସ୍ତରିଯିବା ନରେ ଦେଖି ॥
ଟେକିଲେ ଦ୍ରୁବ କରେ ଦାରୁ । ଟାଣପଣରେ ଭାଙ୍ଗେ ମେରୁ ॥
ଠଣ ସୁନ୍ଦର ଶିରୋମଣି । ଠିକେ କମଳା ଯାର ରାଣୀ ॥
ଡମ୍ବରୁଧର ଯାକୁ ସେବା । ଡରେ ଖଟନ୍ତି ସର୍ବ ଦେବା ॥
ଢମ ଯେ କଲା ରାୟେ କଂସ । ଢାଳେ ଅସୁର ଗଲା ନାଶ ॥
ଅନନ୍ତ ନାମେ ଅନ୍ତ ନାହିଁ । ଅଣଅକ୍ଷରେ ଯାର ଦେହୀ ॥
ତପନକୁଳେ ଅବତରି । ତାରିଲେ ଗଉତମ ନାରୀ ॥
ଥବିରପଣେ ମାୟାଗତି । ଥୟ ନ ଜାଣେ ବେଦପତି ॥
ଦରିଦ୍ର ଦାମୋଦର ମିତ୍ର । ଦଣ୍ଡିକେ ଦେଲେ କୋଟି ଅର୍ଥ ॥
ଧରଣୀଧର ଶିରୋମଣି । ଧ୍ରୁବଙ୍କୁ ନିସ୍ତାରିଲେ ପୁଣି ॥
ନୃସିଂହ ମାଧବ ମୁରାରି । ନଖେଣ ହିରଣ୍ୟ ବିଦାରି ॥

ପରମାନନ୍ଦ ପଦ୍ମପାଦ । ପୂରି ରହିଛି ସର୍ବ ଜୀବ ॥
ଫୁଲପଣକୁ ନୋହେ ସରି । ଫୁଲମାଳରେ ଦେହ ପୂରି ॥
ବାଳୀକି ବଧ କଲ ହେଳେ । ବନ୍ଧ ବାନ୍ଧିଲ ସିନ୍ଧୁ ଜଳେ ॥
ଭାଙ୍ଗିଲ ରତ୍ନମୟ ପୁର । ଭ୍ରାନ୍ତ ଗୁଣ୍ଡିଲ ଦେବଙ୍କର ॥
ମାଇଲ ଅକ୍ଷୟ ରାବଣ । ମହିମା କେ କରେ ବଖାଣ ॥
ଯାଦବବଂଶେ ଜାତ ହୋଇ । ଜଗତ ଉଦ୍ଧାରିବା ପାଇଁ ॥
ରଖିଲ ଜଳରେ ଗଜକୁ । ଚକ୍ରେଣ ଛେଦିଲ ଗ୍ରାହକୁ ॥
ଲାବଣ୍ୟମୂର୍ତ୍ତି ଲକ୍ଷ୍ମୀଧର । ଲୟ କରନ୍ତ ସୁର ନର ॥
ଶ୍ରୀପତି ଶ୍ରୀକର ଶ୍ରୀଧର । ଶ୍ରୀୟା ଦେବୀଙ୍କ ମନୋହର ॥
ସଂସାର ଭିତରେ ଉତ୍ତମ । ସାଧୁଙ୍କ ହିତରେ ଜନମ ॥
ଶ୍ୟାମସୁନ୍ଦର କଳେବର । ସକଳ ଦେବେ ପରିବ୍ରର ॥
ହରି ବୋଇଲେ ହରେ ଦୁଃଖ । ହରି ଆନନ୍ଦ ମହାସୁଖ ॥
କ୍ଷମାସାଗର ପୀତବାସ । କ୍ଷମିଲେ ବଳରାମ ଦାସ ॥

## ବର୍ଣ୍ଣଶିକ୍ଷା ଚଉତିଶାର କିୟଦଂଶ

କ, କ କାଳନ୍ଦୀତୀରେ, ଖ, ଖ ଖେଳନ୍ତ ଧୀରେ ।
ଛ, ଛ ଛଇଳ କାହ୍ନୁ, ଜ, ଜ ଜଗଜୀବନୁ ।
ଡ, ଡ଼ ଡମିଆମେରୁ, ଢ, ଢ ଢାଙ୍କଇ ଭୃରୁ ।
ବ, ବ ବାଙ୍କ ଚହାଣି, ଭ, ଭ ଭାଙ୍ଗଇ ଠାଣି ।
ର, ର ରସିକବନ୍ଧୁ, ଲ, ଲ ଲାବଣ୍ୟସିନ୍ଧୁ ।
ବ, ବ ବଂଶୀଧାରିଆ, ଶ, ଶ ଶ୍ୟାମଘନିଆ ।
ଷ, ଷ ସାରଙ୍ଗପାଣି, ସ, ସ ସୁନ୍ଦରମଣି ।
ହ, ହ ହରିଦାସିଆ, କ୍ଷ, କ୍ଷ କ୍ଷମାକାରିଆ ।

( ପ୍ରବନ୍ଧାବଳୀ—ଶ୍ୟାମସୁନ୍ଦର ରାଜଗୁରୁ )

ଧନେଇ ଦାସ

# ଗୋପୀଭାଷା

କୃଷ୍ଣ କଥା ପାଡ଼ି ଗୋପୀସକଳ
ଗୁଣ ସୁମରି ହୁଅନ୍ତି ବିକଳ ।
କାହୁଁ ଦାରୁଣ ଅକ୍ରୂର ଅଇଲା
କଂସ ଆଜ୍ଞା ବୋଲି ଗୋପେ କହିଲା ।
କୃଷ୍ଣ ଆସିବେ ବୋଲି ଗଲେ ଭଣ୍ଡି,
ତାହା ଜାଣିଲେ କମ୍ପା ଦ୍ୟନ୍ତୁ ଛାଡ଼ି ?
ରଥ ବେଢ଼ିଣ ସକଳ ତରୁଣୀ
ମାରି ମରନ୍ତୁ ଅକ୍ରୂରକୁ ପୁଣି ।
କଂସ ଯାହା କରୁ ପଛେ କରନ୍ତା
ଗୋପପୁରଯାକ ପଛେ ମାରନ୍ତା ।
ତହିଁ ମଲେ ସେ ହୁଅନ୍ତା କାରଣ
ଯାହା ଉପେକ୍ଷି ଗଲେ ନାରାୟଣ ।
ଯେବେ ଶ୍ରୀକୃଷ୍ଣ ଗୋପରେ ଥାଆନ୍ତେ
ଲକ୍ଷେ କଂସ ଆସି କସ କରନ୍ତେ ?
କେତେ ଅସୁର ଗୋପକୁ ଅଇଲେ
ମନ୍ଦ ବିଗ୍ରହି ସର୍ବେ ନାଶ ଗଲେ ।
ଯେବେ ସେହିରୂପେ କଂସ ମରନ୍ତା
କୃଷ୍ଣ ଆମ୍ଭ ସଙ୍ଗ କମ୍ପା ଛାଡ଼ନ୍ତା ?

× × × ×

ଜଗନ୍ନାଥ ଦାସ ( ୧୪୮୭—୧୫୪୭ )

[ ଜଣେ ପରମସିଦ୍ଧ ମହାଯୋଗୀ ଏବଂ ପ୍ରାଚୀନ ଓଡ଼ିଆ କବି— ଜନ୍ମ ପୁରୀ ଜିଲ୍ଲାର କପିଳେଶ୍ୱରପୁର ଶାସନ—ଏ ଶ୍ରୀଚୈତନ୍ୟଙ୍କଠାରୁ 'ଅତିବଡ଼ୀ' ଉପାଧି ପାଇଥିଲେ । ରଚିତ ଗ୍ରନ୍ଥ ମଧ୍ୟରେ 'ଭାଗବତ' ସର୍ବଶ୍ରେଷ୍ଠ—'ଅର୍ଥକୋଇଲି', 'ତୁଳାଭିଣା' 'ଗଜସ୍ତୁତି', 'ଗୁପ୍ତ ଭାଗବତ' ପ୍ରଭୃତି ଅନ୍ୟାନ୍ୟ ରଚନା ]

## କାଳିୟ ଦଳନ

ଭାର ନିବାରେ ନରହରି । ମନୁଷ୍ୟ ଦେହେ ଅବତରି ॥
ଦୁଷ୍ଟ ନିବାରି ସନ୍ଥ ପାଳି । ଦୟାସାଗର ବନମାଳୀ ॥
କାଳୟ ବିଷେ ଜଳନାଶ । ଜନ୍ତୁଏ ନ କରନ୍ତି ଗ୍ରାସ ॥
ଗରଳଯୋଗେ ଜଳବାୟୁ । ପକ୍ଷୀଏ ନ ଉଡ଼ନ୍ତି ଭୟେ ॥
ବିଶେଷେ ଗରଳ ଲହରୀ । ଜଳ ପିବନ୍ତେ ଜନ୍ତୁ ମରି ॥
ଦାସବତ୍ସଳ ହୃଷୀକେଶ । ଗାଢ଼େ ପିନ୍ଧିଲେ ପୀତବାସ ॥
ଆନନ୍ଦେ ବାହ୍ୱାସ୍ଫୋଟ ମାରି । କଦମ୍ବ ଡାଳ କରେ ଧରି ॥
ଜଳେ ପଡ଼ିଲେ କୃଷ୍ଣ ଡେଇଁ । ସ୍ୱର୍ଗେ ଦେଖନ୍ତି ଦେବେ ରହି ॥
ଜଳ ଯେ ଉଛୁଳିଲା ବେଗେ । ଶତେକ ଧନୁ ଗୁରଦଗେ ॥
ହରିର ବଳ ଅପ୍ରମିତ । ଯାହାର ମହିମା ଅନନ୍ତ ॥
ଖେଳନ୍ତି ବେନି ବାହା ଡାଡ଼ି । ଶବଦ ମେଘ ଘଡ଼ଘଡ଼ି ॥
କାଳୟ ଶୁଣିଲା ପାତାଳେ । କିସ ଶବଦ ମୋର ଜଳେ ॥
ଦେଖିବ ବୋଲି ବିଜେ କଲା । ସହସ୍ର ଫଣା ଉଭାରିଲା ॥

× × × ×

ନିଶ୍ଚିନ୍ତେ ଖେଳନ୍ତି ମୁରାରି । ସର୍ପ ·ଧାଇଁଲା କୋପ କରି ॥
କୋମଳ ଚରଣ ଦଂଶିଲା । ଦେହେ ନନ୍ଦଜେ ବନ୍ଦୀ କଲା ॥

× × × ×

ଗୋବିନ୍ଦ କୋପେ ଗୁରୁତର । ଉଠିଲେ କାଳିୟ ଉପର ॥
ସର୍ପର ଶିରେ ମଣି ଥିଲା । ଶ୍ରୀକୃଷ୍ଣ ଚରଣେ ଲାଗିଲା ॥
ମଣିର ତେଜ ରଙ୍ଗବର୍ଣ୍ଣେ । ସୁନ୍ଦର ଶ୍ରୀହରିଚରଣେ ॥
ତ୍ରିଭଙ୍ଗ ଛନ୍ଦେ ଉଭା ହୋଇ । ନାଚନ୍ତି ଗୋପାଳଙ୍କୁ ଗୃହ୍ନିଁ ॥

× × × ×

ଅଭିମନ୍ୟୁ ସାମନ୍ତସିଂହାର ( ଅଷ୍ଟାଦଶ ଶତାବ୍ଦୀ )

[ ଜନ୍ମସ୍ଥାନ କଟକ ଜିଲ୍ଲା ଯାଜପୁର ଅଞ୍ଚଳର ବାଲିଆ ଗ୍ରାମ । 'ବିଦଗ୍ଧ ଚିନ୍ତାମଣି' କାବ୍ୟ ଏହାଙ୍କର ଅମର କୃତି । ]

## କଳାମାଣିକ ରେ

ଧୀରେ ଧେନ କାନନରେ କୃଷ୍ଣ ବିଲମ୍ବିତ
ବାତ୍ସଲ୍ୟ ମମତା ଧେନ ଭାଳୁଛନ୍ତି ମାତ । କଳାମାଣିକ ରେ !

ନିଧନ ସଙ୍ଖାଳି ମୋର ଦରିଦ୍ରପସରା
ଅନ୍ଧର ଲଉଡ଼ି ବାବୁ ହୃଦରନ୍ନହାରା । କଳାମାଣିକ ରେ !

ମୋ ଜୀବ ଜୀବନ ତୁହି ନୟନ ପ୍ରତିମା
ତୋତେ କି ପାସୋରି ହେବ ମୋର ସୁଖସୀମା । କଳାମାଣିକ ରେ !

ଡରୁଥାଉ ଅନ୍ଧାରକୁ ରଖିଯାଉ ଗୋରୁ
ଜନକଜନନୀ ସୁଖ କାହିଁପାଇଁ ସାରୁ ? କଳାମାଣିକ ରେ !

ବୃଦ୍ଧକାଳେ ତୁ ମୋହର ଏକଇ ନନ୍ଦନ
ହୃଦ-ତାପ-ବିନାଶନେ ତୁ ହରି-ଚନ୍ଦନ । କଳାମାଣିକ ରେ !

ଗୋଟିକା ଅଧାମ ସର ନ ରୁଚଇ ତୋତେ
ନାଚି ଲଞ୍ଚ ମାଗୁଥାଉ ଲବଣୀ କେମନ୍ତେ । କଳାମାଣିକ ରେ !

ତୋଳି ମୁଁ ଧଇଲେ ଗୋଳି ହୋଇଯାଉ ତୁହି
ତୋ ଦୁର୍ବଳ ଦେଖି କାହିଁ ପଶିବଇଁ ମୁହିଁ ? କଳାମାଣିକ ରେ !

ଡାକିନୀ ଲେଉଛନ୍ତି ବୋଲି ଡରୁଥାଇ ମନେ
ବାର ବାର ବାରୁଥାଇ ଯିବାପାଇଁ ବନେ । କଳାମାଣିକ ରେ !

ନିଶାଚର ମାଡିବାର ଶୁଭୁଛି ଶ୍ରୁତିକି
ମୁଁ ଡକୁଣୀ ଛାଡିଦେଲ ବନକୁ କାହିଁକି ? କଳାମାଣିକ ରେ !

ଝାଳ ବହୁଥିବ ଅଙ୍ଗୁ ଲଗି ଝାଞ୍ଜି ଖରା
ଶ୍ରମ ପାଇ ତରୁତଳେ ବସୁଥିବୁ ପରା । କଳାମାଣିକ ରେ !

ନେଲୁନାହିଁ କାହିଁପାଇଁ ତୋ ଜଠାଉ ଛତା ?
ବନେ କଣ୍ଟା ଲଗି ହୋଏ ମୃଦୁ ପାଦଚଳା । କଳାମାଣିକ ରେ !

କାନ ଡେରିଥାଇ ଏକା ତୋ ବେଣୁସ୍ୱନକୁ
ଆଜ କମ୍ପା ଶୁଭୁନାହିଁ ବଳୁରେ ମନକୁ । କଳାମାଣିକ ରେ !

ତୋଠାରୁ ଅଧିକ ବାଇ ତୋର ବଡ଼ଭାଇ
ବୋଧ କରି ଗଲା ନାହିଁ କାହିଁକି ରଖାଇ ? କଳାମାଣିକ ରେ !

ତୋ ମାଧୁରୀ ସୁରୁଭୁରୀ ଦେଖି ସୁଖୀ ଆଖି
ଅନ୍ଧ କରି ଗଲୁ ବଳା କି ମମତା ରଖି ? କଳାମାଣିକ ରେ !

ଗୁଇଙ୍କ ଅନାଇ ଛାଡି ଫୁଲାଇ ତ୍ରିଭଙ୍ଗେ
ମୁରଲୀ ବଜାଉଥାଉ କି ସୁରୁଭୁରୀ ରଙ୍ଗେ । କଳାମାଣିକ ରେ !

କୋଳ ପାଇଁ ଅଳି କରି ଗଡ଼ୁ ତୁ ଧୂଳିରେ
ବେଶ ହୋଇଥାଉ ରସି କୁସୁମମାଳରେ । କଳାମାଣିକ ରେ !

ନଟବର ପଟପାଟୀ ବେଶ ମନୋହର
ରଙ୍ଗିମା ଅଧରେ ହାସ କି ଜାତି ସୁନ୍ଦର । କଳାମାଣିକ ରେ !

ନୟନ ହୃନ୍ଦର ମାନେ ଭୃଲତାନାଟକୁ
ଅଳକା ଆବୃତ ଶୋଭା ଲଲାଟପଟକୁ । କଳାମାଣିକ ରେ !

ନାକେ କାବ୍ୟତାରା ମୋତି ବସୁଣୀ କି ଶୋଭା
ମୋ ଆଖି ଦେଖିବା ପାଇଁ ନିରବଧି ଲୋଭା । କଳାମାଣିକ ରେ !

ଭକ୍ତଚରଣ ଦାସ ( ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ )

## କଳାକଳେବର ଚଉତିଶା

କଳା କଳେବର କହ୍ନାଇ ସଙ୍ଗେ ରୋହିଣୀସୁତ
କରନ୍ତୁ ମଥୁରା ବିଜୟେ ଦାଣ୍ଡେ ଦେଖ ସଙ୍ଗାତ ।

ଖସିପଡ଼ୁଛି କି ଆକାଶୁଁ କିଏ ଗଙ୍ଗା ଯମୁନା
ଖୀର ସଙ୍ଗେ ପ୍ରାଣ ଶୋଷିଲେ ନାଶ ଗଲା ପୂତନା ।

ଗହନ କାନନ ବନରେ ଘୋର ବରଷାକାଳ
ଗିରି ବାମକରେ ଧଇଲେ ନନ୍ଦ ଯଶୋଦାବାଳ ।

ଘରେ ନ ରହନ୍ତି ଗଉଡ଼େ ବଡ଼ ଅଧମ ଜାତି
ଧେନୁ ବତ୍ସାବୃନ୍ଦ ବାଳକେ ବନେ ବୁଲନ୍ତି ନିତି ।

ଙଇଁଆସୁଛି କି ପୂର୍ଣ୍ଣିମା ଶଶୀ ମଧୁସାଗରୁ
ଙଠ ମଧୁପୁର ଯୁବତୀ ଓଗାଳିବା ଆଗରୁ ।

× × ×

ଚୋପି ଚୋପି ଗୋପୀ ଚନ୍ଦନ ମଣ୍ଡି ଛନ୍ତି କି ସଜେ
ଚେକି ବାରେ ଗୁହାଁ ମଥୁରା ଦାଣ୍ଡେ ଗୋବିନ୍ଦ ବିଜେ ।

ଠାବେ ଠାବେ ଗୋଳ ଚହଳ ବାଜେ ଶିଙ୍ଗା ବଇଁଶୀ
ଠିଆ ହୋଇ ଭକ୍ତ ଦାସ ତା ଦାଣ୍ଡେ ଦେଖନ୍ତି ଆସି ।

ଡାକନ୍ତି ଏକକୁ ଆରେକ ଆସ ଜୀବଜୀବନ
ଡୋଳାରେ ଏ ରୂପ ଦେଖିବା ବିଜେ ମଧୁସୂଦନ ।

× × ×

ଅଳକାରେ ସରୁ କାଇଁଚ ମଣ୍ଡିଛନ୍ତି କି କରେ
ଅଣହେଳା ପାଉଥିବେ ଗୋ ନନ୍ଦ ଗଉଡ଼ ଘରେ ।
ତିଳକ ଉପରେ କସ୍ତୁରୀ ଗୋରୋଚନା ରଞ୍ଜିଛି
ଢେରଗୁଇ ଗୁହ୍ମିଁଦେବାରୁ ଛଇଳାଇ ଦେଉଛି ।

× × ×

ଦୁଃଖୀ ଲୋକଙ୍କର ଶଙ୍ଖାଳି ସେ ତ ଦରିଦ୍ରଧନ
ଦଧିଦୁଧ-ସରଖିଆ ଗୋ ତେଣୁ ବଡ଼ ଲାବଣ୍ୟ !
ଧରଣୀ ମଣ୍ଡିଲା ଘରସ୍ୟେ ହୋଇଛନ୍ତି କି ଉଷ
ଧଳା କଳା ବେଳ ଘାଇ ଗୋ ଦୁହେଁ ଦୁହିଁଙ୍କ ଶୋଭା ।
ନାସାବନ୍ଧା ଅସ୍ତ୍ରଭଆଖି ସେ ଗୋ ଯଶୋଦାସୁତ
ନ କଲା ଦଇବ ନରେନ୍ଦ୍ର ଘରେ ଏ ପୁଅ ଜାତ ।
ପୁଅ ହୋଇ ଏଡ଼େ ସୁନ୍ଦର ନାହିଁ କାହାର ଘରେ
ପାହିଲା କି ଯୋଗେ ରଜନୀ ଆଜ ମଧୁନଗରେ ।

× × ×

●

ଗୋପାଳକୃଷ୍ଣ ପଟ୍ଟନାୟକ ( ୧୭୮୫-୧୮୬୨ )

[ ଜନ୍ମସ୍ଥାନ ପାରଳାଖେମୁଣ୍ଡି—ମାତ୍ର ପିତୃପିତାମହ ଯାଜପୁର-ବାସୀ ଥିଲେ—ସଂସ୍କୃତ କାବ୍ୟ ବ୍ୟାକରଣ ଆଦି ଶିକ୍ଷା କରି ରାଧାଗୋବିନ୍ଦଙ୍କ ଲୀଳାମାଧୁର୍ଯ୍ୟ ବିଷୟକ ସଂଗୀତମାନ ରଚନା କରିଥିଲେ—'କୋଇଲି ଓ ଦୋଳଗୀତ' ଅନ୍ୟତମ ରଚନା । ]

## ଉଠିଲୁ ଏଡ଼େ ବେଗି କାହିଁକି

( ରାଗ—ମାଳବଗୌଡ଼ା : ରୂପକ ତାଳ )

ଉଠିଲୁ ଏଡ଼େ ବେଗି କାହିଁକି ରେ ଦୁଃଖୀଧନ
ଦଧି ମନ୍ଥାଇଦେବୁ ନାହିଁକି ରେ । ପଦ ।

ଦେହ ପାସୋରି ଦଣ୍ଡେ ନିଦ ନ ଗଲୁ ଏଡ଼େ
ବିଚ୍ଛୋଳ ହେଲୁ ମୋର ପାଇଁକି ରେ । ୧ ।

ଖେଳିବୁ ରାମ ଭୁଲେ ପଛେ ରାତି ପାହିଲେ
ଶୁଆଇଦେବି ଗୀତ ଗାଇକି ରେ । ୨ ।

ମନ୍ଥିବି ମୁଁ କେମନ୍ତ ଖୁଆଦଣ୍ଡିରୁ ହାତ
ଛୁଡ଼, ଦେଉଛୁ ସର ଖୋଇକି ରେ । ୩ ।

ଆହା ଏ କି ପ୍ରମାଦ ଛନ୍ଦନା ବାବୁ ପାଦ
ଡାକ ଯା ବଳରାମ ଧାଇକି ରେ । ୪ ।

ମଥନଘଟେ ହାତ ପୂରାଇ ନବନୀତ
କାଢ଼ୁ ବୋଲନ୍ତି ହେଲୁ ବାଇକି ରେ । ୫ ।

ଭୁଞ୍ଜା ହାତଠା ଖାଇ ନାଚୁଛୁ କାହିଁପାଇଁ
ଶୁଖିଯିବୁ ନ ଗୃହିଁ ଘୁଇକ ରେ । ୬ ।

ଗୃହକୃତ୍ୟ ପକାଇ ବସିଥିବ ଏକାଇ
ନଶିଦ୍ଧନ ତୋତେ କାଖେଇ କ ରେ । ୭ ।

ପଣନ୍ତରେ ବଦନ ପୋଛି ଦେଲେ ଚୁମ୍ବନ
ଗୋପାଳକୃଷ୍ଣ ଚନ୍ଦ୍ରେ ଦୁହିଁକ ରେ । ୮ ।

ଫକୀରମୋହନ ସେନାପତି ( ୧୮୪୩-୧୯୧୮ )

[ ଜନ୍ମସ୍ଥାନ—ବାଲେଶ୍ୱର ସହର ନିକଟସ୍ଥ ମଲ୍ଲିକାଶପୁର—ଜୀବନର ପ୍ରଥମ ବୃତ୍ତି ଶିକ୍ଷକତା—ଭାଷା-ଉଚ୍ଛେଦ ଆନ୍ଦୋଳନରେ ସେ ନେତୃତ୍ୱ ନେଇଥିଲେ । ନୀଳଗିରି, ଡମପଡ଼ା, ଢେଙ୍କାନାଳ, ଦଶପଲ୍ଲା, ପାଲଲହଡ଼ା, କେନ୍ଦୁଝର ପ୍ରଭୃତିରେ ଦେଓ୍ୱାନ ଥିଲେ—'ବ୍ୟାସକବି' ରୂପେ ପରିଚିତ—ଓଡ଼ିଆ ଉପନ୍ୟାସ 'ମାମୁ', 'ଲଛମା', 'ଛମାଣ ଆଠଗୁଣ୍ଠ', 'ପ୍ରାୟଶ୍ଚିତ୍ତ' ତାଙ୍କର ଅମର କୃତି । ଆତ୍ମଜୀବନୀ ଏବଂ ବହୁ କାବ୍ୟକବିତାର ଲେଖକ । ]

## ଚନ୍ଦ୍ରମଣିର ଅଙ୍ଗା

ଚନ୍ଦ୍ରମଣି ଦିନେ ଅଙ୍ଗାଟିଏ ପାଇଁ
ମାତାପାଶେ କଲେ ଅଳି,
ଶୁଣି ଶୁଣି ମାତା ବୋଇଲେ ପୁଅକୁ
ବହୁତ ହୋଇ ସେ ଚଳି—
ଆରେ ଦୁଷ୍ଟ ପିଲା ତୋ ଦେହ ମାପରେ
ଅଙ୍ଗା ଆଣିବି କିପରି ?
ନିତି ନିତି ତୁହି ପଦାକୁ ବାହାରୁ
ନାନାବିଧ ରୂପ ଧରି ।
ଦ୍ୱିତୀୟା ଦିନର ତୋହର ଆକାର
ନ ଥାଏ ତୃତୀୟା ଦିନେ,
ଚତୁର୍ଥୀ ପଞ୍ଚମୀ ଷଷ୍ଠୀରେ ତୋ ରୂପ
ହୋଇଯାଏ ଭିନେ ଭିନେ ।

ଜୁଆଁସ ଦିନରେ        ଏକା ଦିନରେ ତୁ
ପଦାକୁ ବାହାରୁ ନାହିଁ ।
ତୁଚ୍ଛାରେ ପଇସା        ଖରଚ କରି ମୁଁ
ଅଙ୍ଗା କଣିବ କପାଇଁ ?
ଶାଖାର ସମାନେ        ଆସନ୍ତେ ପିଲାମାନେ
ନ ଥିଲେ ମନ-ସ୍ଫୁର୍ତ୍ତି ରହା—
ତୁମ୍ଭ ପାଇଁ ଦ୍ରବ୍ୟ        କିଣିବା ବେଳକୁ
ହେବ ଗୃହମଣି କଥା ।

●

( 'ଅବସରବାସରେ' )

# ଗର୍ଦ୍ଦଭର ସୂକ୍ଷ୍ମବୁଦ୍ଧି

ଗୋଟାଏ ଗର୍ଦ୍ଦଭ        ଗୋଟାଏ କୁକୁର
ଥିଲେ ଏକ ଧୋବାଘରେ,
ପ୍ରତିଦିନ ଗଧ        ଗାଆଁ ଲୁଗାଯାକ
ଲଦିଲା ବହି ବହି ମରେ ।

ତୁଠରୁ ବାହୁଡ଼ି        ଧୋବା ଗଧଟାକୁ
ଖୁଣ୍ଟରେ ପକାଏ ବାନ୍ଧି,
ଏଣେ ଥକା ମକା        ତେଣେ ପେଟେ ଭୋକ
ଶୋଇପଡ଼େ କାନ୍ଦି କାନ୍ଦି ।

ଖା'ପାକୁ ଯୋଗାଡ଼        ଦିଏ ଦିନେ ଦିନେ
ଧୋବଣୀ ମୁଠାଏ ଘାସ,
ହେଲେ ତାହା କଣ୍ଟି        ସବୁ ଦିନେ ନୁହେ
ଅଧଦିନେ ଉପବାସ ।

ପଡ଼ିଆରେ ଚରି        ବୁଲିଲେ ଅଥବା
ଡଙ୍ଗରେ ପୂରନ୍ତା ପେଟ,
ସବୁବେଳେ ଧନ୍ଦା        ଲାଗି ରହିଅଛି
ଘାସ ସଙ୍ଗେ କାହୁଁ ଭେଟ ?

କୁକୁରର କଣ୍ଟି        କାମ ଦାମ ନାହିଁ
ସବୁବେଳେ ବୁଲୁଥାଏ,
ମଜା କରି ବସି        ଦୁଇ ଓଳି ମାଂସ
ଭାତ ପେଟେ ପେଟେ ଖାଏ ।

ବସୁରଲା ଗଧ, ଭୁଙ୍କା ବସି ବସି
କୁକୁର ଚେବାଏ ହାଡ଼,
କାମରେ ଅଳସ ଢିଲା ହୋଇଗଲେ
ମୋ ପିଠିରେ ପଡ଼େ ମାଡ଼ ।

କିପାଇଁ ସାଆନ୍ତ କୁକୁରକୁ ଏଡ଼େ
ସ୍ନେହରେ ଖୁଆନ୍ତି ଭାତ,
ଦିନଯାକ କାମ କରି କରି ମରେଁ
ମୋ ବେଳକୁ ଠେଙ୍ଗା ବେତ ।

ବସୁର ବସୁର ସ୍ଥିର କଲା ଗଧ
ଆପଣା ସୂକ୍ଷ୍ମ ବୁଦ୍ଧିରେ,
ଜଣାଗଲା କଥା, ସାଆନ୍ତେ ଶୋଇଲେ
କୁକୁର ଭୁକେ ରାତ୍ରରେ ।

ଲାଙ୍ଗୁଡ଼ି ହଲାଇ ଆଗ ଦୁଇ ଗୋଡ଼
ସାଆନ୍ତ ଉପରେ ମାରେ,
ସାଆନ୍ତଙ୍କ ଚେଣୁ ଏତେ ଦୂର ସ୍ନେହ
ଅଛି ସେ କୁକୁରଠାରେ ।

ସେହିପରି କଲେ ମୋ ଉପରେ ହେବେ
ସାଆନ୍ତ ନିଶ୍ଚୟ ଖୁସି,
ଲୁଗାଛେଲା ବନ୍ଧି- ବାକୁ ହେବ ନାହିଁ
ମଜାରେ ଖାଇବ ବସି ।

ଦିନକରେ ଧୋବା ଲୁଗା କାଚି କାଚି
ଥକିଥିଲା ଶୋଇପଡ଼ି,
ଅଧରାତି ବେଳେ ଗଧ ଉଠିପଡ଼ି
ଉଚ୍ଚରେ ଛାଡ଼ିଲା ରଡ଼ି ।

ରଡ଼ି ପରେ ରଡ଼ି      ପ୍ରହରେକ ଯାଏଁ
    କଲା ଚିତ୍କାର ଉତ୍କଟ,
କି କରିବ ଧୋବା      ନିଦ ଭାଙ୍ଗି ଗଲା
    ଦଣ୍ଡେ ହେଲା ଛଟପଟ ।

ଭାଳିଲା ମନରେ      ନିଶ୍ଚୟ ଗଧକୁ
    ହେଲାଣି ଉତ୍କଟ ପୀଡ଼ା,
ଆଖି ମଳି ମଳି      ଧୀରେ ଧୀରେ ଆସି
    ଗଧ ପାଖେ ହେଲା ଛିଡ଼ା ।

କୁକୁର ସମାନେ      ଆଗ ଦୁଇ ଗୋଡ଼
    ଟେକି ଗଧ ଆନନ୍ଦରେ,
ଲାଞ୍ଜକୁ ହଲାଇ      ହଲାଇ ପିଟିଲା
    ଧୋବା ଗୁଣ୍ଡରେ ମୁଣ୍ଡରେ ।

ବୋପା ଲୋ ! ମଲି ଲୋ !      ରଡ଼ି ଗୁଡ଼ି ଧୋବା
    ବାଉଁଶ ଠେଙ୍ଗା ଆଣି
ଦୁମ୍ ଦୁମା ଦୁମ୍      ଗଧର ପିଠିରେ
    ମୁଣ୍ଡରେ ପିଟିଲା ଟାଣି ।

ପଡ଼ିଗଲା ଗଧ      ଜଉଠାକୁ କାଡ଼ି
    ଭାଙ୍ଗିଲା ପଞ୍ଜରା ହାଡ଼,
ଅକର୍ତ୍ତବ୍ୟ କାମ      କଲେ ପିଲାମାନେ
    ଖାଇବ ଏପରି ମାଡ଼ ।

ଯାହାର ଯେ କାମ      ନିରୂପିତ ଅଛି
    ତାହାକୁ ସେ କାମ ସାଜେ,
ନ ଜାଣିଲା ଲୋକ      ତହିଁ ହାତ ଦେଲେ
    ପିଠିରେ ପାଞ୍ଚଣ ବାଜେ ।

('ଅବସରବାସରେ')

ମଧୁସୂଦନ ରାଓ (୧୮୫୩-୧୯୧୨)

[ ପୁରୀ ଜିଲ୍ଲା ଗୋପ ଜନ୍ମସ୍ଥାନ—ପ୍ରଥମେ ଶିକ୍ଷକତା—ଶେଷରେ ସ୍କୁଲସମୂହର ଇନ୍‌ସପେକ୍ଟର ପଦକୁ ଉନ୍ନୀତ ହୋଇଥିଲେ। ସେ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ । କଟକ ଭକ୍ତମଧୁ ବିଦ୍ୟାପୀଠର ସେ ସ୍ଥାପୟିତା । ଓଡ଼ିଆ ପାଠ୍ୟପୁସ୍ତକର ଜନକ ଏବଂ ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ପ୍ରବର୍ତ୍ତକ । ତାଙ୍କ ରଚନାରେ ଭକ୍ତିଭାବର ଆଧିକ୍ୟ ଥିବାରୁ ସେ 'ଭକ୍ତକବି' ରୂପେ ପରିଚିତ । ରଚନା :—'କବିତାବଳୀ', 'ଛାନ୍ଦମାଳା', 'ବସନ୍ତଗାଥା', 'କୁସୁମାଞ୍ଜଳି', 'ପ୍ରବନ୍ଧମାଳା' ପ୍ରଭୃତି । ]

## ସୁନ୍ଦର ସଂସାର

ଆକାଶ ଦର୍ଶନେ କି ସୁନ୍ଦର,  
ତାହାକୁ ରଚିଲେ ଈଶ୍ୱର ।  
ଉଜ୍ଜ୍ୱଳ ସୂର୍ଯ୍ୟ ଚନ୍ଦ୍ର ତାରା,  
ନୀଳ ସମୁଦ୍ର ଶ୍ୟାମ ଧରା,  
ପର୍ବତ ନଦୀ ତରୁମାନ,  
ସୃଜିଲେ ପ୍ରଭୁ ଭଗବାନ ।  
ନାନା ବର୍ଣ୍ଣର ଫୁଲ ଫଳ,  
ବୃକ୍ଷର ପଲ୍ଲବ କୋମଳ,  
ମନୁଷ୍ୟ ପଶୁ ପକ୍ଷୀ ଆଦି,  
ସକଳ ସୃଜିଲେ ଅନାଦି ।  
ତାଙ୍କର ଆଜ୍ଞାରେ ପବନ,  
ସର୍ବଦା କରେ ବିଚରଣ ।  
ଅଗ୍ନି ତାଙ୍କର ଆଦେଶରେ  
ଉତ୍ତାପ ତେଜ ଦାନକରେ ।  
ଈଶ୍ୱର ଦୟାର ସାଗର,  
ତାଙ୍କର ମହିମା ସୁନ୍ଦର ।

# ସନ୍ଧ୍ୟା

ପଶ୍ଚିମ ଦିଗରେ ବୁଡ଼ଇ ରବି,
ଆହା କି ସୁନ୍ଦର ଲୋହିତ ଛବି !
ପଶ୍ଚିମ ଆକାଶ ସିନ୍ଦୂରମୟ,
ଦେଖିଲେ ପ୍ରଫୁଲ୍ଲ ହୁଏ ହୃଦୟ ।
କ୍ରମେ ଅନ୍ଧକାର ଆସଇ ଘୋଟି,
ଉଇଁଲେଣି ତାରା ଗୋଟିକି ଗୋଟି ।
ଚରା ସାରି ପକ୍ଷୀ ଆକାଶେ ଉଡ଼ି,
ବସାକୁ ଆନନ୍ଦେ ଗଲେ ବାହୁଡ଼ି ।
ହଳକାମ ସାରି କୃଷକମାନେ,
ଫେରିଯାଉଛନ୍ତି ଦିବାବସାନେ ।
ବାଳକେ ଆସିଲେ ପାଠଶାଳାରୁ,
ହସ ହସ ମୁଖ ଦିଶେ ସୁନ୍ଦରୁ ।
ଲଗାଇଲେ ସଞ୍ଜଦୀପ ଘରଣୀ,
ଅନ୍ଧକାରେ ବୁଡ଼ିଗଲା ଧରଣୀ ।

# ପୃଥିବୀ ପ୍ରତି

( ରାଗ—ବଙ୍ଗଳାଶ୍ରୀ )

ତୁହି ମା ଧରଣୀ    ଜନମା ମୋହର
  ଧରିଛୁ ମା ମୋତେ କୋଳେ,
ଲୋଟୁଅଛି ନିତ୍ୟ    ଚରଣେ ତୋହର
  ଆହା କି ଉଲ୍ଲାସ-ହେଳେ ।
ରହିଛୁ ଅନାଇ    ଅନନ୍ତ ଗଗନେ
  ଆନନ୍ଦରେ ଅନୁକ୍ଷଣ,
ସେ ମହାଗଗନ    ମହା ଆନନ୍ଦରେ
  ନିରେଖଇ ତୋ ଆନନ ।
ବିମଳ ପ୍ରଭାତେ    ପୂର୍ଣ୍ଣ ସାୟଂକାଳେ
  ହିରାକଣି ଅବିରଳ
ତୋ ଶିରେ ଗଗନ    ଢାଳେ ଶୁଭ୍ରାଲୋକ
  ଅବା ସ୍ନିଗ୍ଧ ସୁଶୀତଳ ।
ତୋହର ସନ୍ତାନ    ଅଟେ ମୁଁ ଜନମା,
  ତୋର ଦରଶନେ ପ୍ରାଣ
ଉଛୁଳି ପଡ଼ଇ    ଆନନ୍ଦ-ଉଲ୍ଲାସେ
  ମଣଇ ମୁଁ ଭାଗ୍ୟବାନ ।
କେତେ କେତେ ଶୋଭା    ଧରିଛୁ ଜନମା
  ତୋହର ବିପୁଳ ଦେହେ,
ମାତୃସ୍ତନ୍ୟ ସମ    ନୀଳ ପର୍ବତରୁ
  ନିର୍ଝର ଝରଇ ସ୍ନେହେ ।

ସୁଧାଧାର ସମ ସରତର ସ୍ରୋତ
ବହୁଅଛି ତୋ ବକ୍ଷରେ,
ସେ ଅମୃତ ପାନ ସ୍ଥାବର ଜଙ୍ଗମ
କରୁଛନ୍ତି କି ସୁଖରେ ।

ନର ପଶୁ ପକ୍ଷୀ କୀଟ ତରୁଲତା
କାମଧେନୁ ତୁ ସବୁର,
ତୋହର ପ୍ରସାଦେ ସକଳ କାମନା
ପାଉଅଛି ମା ଗୋ ପୂର ।

ସ୍ନେହେ ରୋମାଞ୍ଚିତ ଦୂର୍ବାଦଳମୟ
ତୋ ଶ୍ୟାମଳ ଅଙ୍କସ୍ଥଳ,
ସେ କୋମଳ କୋଳ ଦେଖିଲେ ନୟନେ
ହୁଏ ହୃଦ ସୁଶୀତଳ ।

ସୁରୁଚିର କୁସୁମ ସୁଧାମୟ ଫଳ
ରଖିଛୁ ମା ବସୁମତି !
ବନେ ଉପବନେ ତରୁଲତା ଡାଳେ
ସଜାଇ ଯତନେ ଅତି ।

କାହାର ଆଦେଶେ କରିଛୁ ମା ଏତେ
ଜୀବ ପାଇଁ ଆୟୋଜନ,
ସେ ଆଦ୍ୟ-ଜନନୀ- ଦରଶନ ଲାଗି
ବ୍ୟାକୁଳ ସଦା ମୋ ମନ ।

# ଜନ୍ମଭୂମି

( ରାଗ—ଦେଶାକ୍ଷ )

ତୁହି ମା ଜନମଭୂମି          ପବିତ୍ର ଭାରତଭୂମି
ତୋହର ସନ୍ତାନ ଆମ୍ଭେ ଅଛୁଁ ସରବେ,
ତୋର ଶ୍ରୀଚରଣସେବା          ପାଇଁ ମନପ୍ରାଣ ଦେବା
ଗାଇବା ତୋହର ନାମ ଆନନ୍ଦ ରବେ ।
ତୋ ଆନନ୍ଦେ ହୋଇବା ସୁଖୀ,
କାନ୍ଦିବା ଦୁଃଖରେ ତୋର ହୋଇଣ ଦୁଃଖୀ ।

ଧନ୍ୟ ମହିମା ତୋହର          ନାହିଁ ତାର ପଟାନ୍ତର
ମସ୍ତକରେ ହିମାଳୟ ପର୍ବତବର,
ଦୁଇ ପାରୁଶେ ଜଳଧି          ବ୍ରହ୍ମପୁତ୍ର ସିନ୍ଧୁନଦୀ
ଚରଣରେ ବିରାଜିତ ମହାସାଗର ।
ବିନ୍ଧ୍ୟ ଗିରିବର କଟିରେ
ଗଙ୍ଗା ଆଦି କେତେ ନଦୀ ଶୋଭେ ଶରୀରେ ।

ଜନମିଲେ ତୋ କୋଳରେ          କେତେ ସୁର ବୀର ନରେ
ରାମଚନ୍ଦ୍ର, ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଅର୍ଜୁନ,
ମହାକବି ବେଦବ୍ୟାସ,          ବାଲ୍ମୀକି କାଳିଦାସ
ଗାଇଲେ ପବିତ୍ର କଣ୍ଠେ ତୋହର ଗୁଣ ।
ଚୈତନ୍ୟାଦି ମହାତ୍ମାଜନେ
ପ୍ରଚାରିଲେ ବିଭୁନାମ ଆନନ୍ଦମନେ ।

କେତେ କେତେ ପୁଣ୍ୟବତୀ     କେତେ ପତିବ୍ରତା ସତୀ
କେତେ ବୀରନାରୀ କେତେ ବୀରଜନନୀ,
ସମସ୍ତେ ତୋର ଦୁହିତା     ପଦ୍ମିନୀ, ସାବିତ୍ରୀ, ସୀତା,
ଦୁର୍ଗାବତୀ ଆଦି କେତେ ବୀରରମଣୀ ।
ନମଇ ମା ଭକତିଭରେ,
ଅଧମ ଅକ୍ଷମ ସୁତ ତୋ ଚରଣରେ ।

## ଗଙ୍ଗାଧର ମେହେର ( ୧୮୬୨-୧୯୨୪ )

[ ସମ୍ବଲପୁର ଜିଲା ବରପାଲି ଗ୍ରାମରେ ଜନ୍ମ । ତାଙ୍କର କୌଳିକ ବୃତ୍ତି ଥିଲା ବସ୍ତ୍ରବୟନ । ଅଳ୍ପ ଶିକ୍ଷା ପରେ ଅମିନ ଓ ମୋହରରର କାମ କରୁଥିଲେ । କିନ୍ତୁ କବିତ୍ୱ ଥିଲା ଜନ୍ମଗତ । ପୌରାଣିକ ବିଷୟକୁ ନେଇ ନୂଆ ରୀତିରେ କାବ୍ୟମାନ ରଚନା କଲେ । ରଚନାବଳୀ :—'ଅହଲ୍ୟା-ସ୍ତବ', 'ଇନ୍ଦୁମତୀ', 'କୀଚକବଧ'' 'ଉତ୍କଳଲକ୍ଷ୍ମୀ', 'ତପସ୍ୱିନୀ', 'ପ୍ରଣୟ ବଲ୍ଲରୀ' ପ୍ରଭୃତି । ]

### ପରିଶ୍ରମ

ଅବନୀ ଗରଭେ ରହିଛି ପୂରି ପ୍ରଚୁର ଜଳ,
ନେତେ ତାହାରିବ ଖୋଳିବ ଯେତେ ପ୍ରକାଶି ବଳ ।

ସେହି ଜଳ ଆଣି ପ୍ଲାବିତ କଲେ ଅବନୀଉର,
ଫଳମୂଳ ଶାକ ଅଳପ ବେଳେ ମିଳେ ପ୍ରଚୁର ।

ପରିଶ୍ରମ କରି ଅଧିକ ଅଳ୍ପଭୂମିରେ ମାଳୀ
ବାରମାସ ନିଜ କୁଟୁମ୍ବ ନିଏ ସ୍ୱଚ୍ଛନ୍ଦେ ପାଳି ।

ବିସ୍ତୃ ଭୂମି ଥାଇ କୃଷକ ହୋଇ ଶ୍ରମବିମୁଖ
ଇନ୍ଦ୍ରେ ଦୋଷ ଦେଇ ସଲିଳ ବିନା ଲଭଇ ଦୁଃଖ ।

ଇନ୍ଦ୍ରଦତ୍ତ ଜଳ ଯତନେ ପୁଣି ରଖଇ ନାହିଁ,
ଜଳାଭାବ ବେଳେ ସନ୍ତୁଷ୍ଟେ ଥାଏ ଶୂନ୍ୟକୁ ଚାହିଁ ।

ଅଳସ ଲୋକର ପାଶକୁ ନ ପଶଇ ସମ୍ପଦ,
ମଧୁ ଆସି ମୁଖେ ନ ପଶେ ଶୋଇଥିଲେ ଷଟ୍‌ପଦ ।

ଦେଶଦେଶାନ୍ତର ଚରର ପକ୍ଷୀ ପୋଷେ ଉଦର,
କ୍ଷୁଧାରେ ମରଇ ଅଳସ ତେଜି ନ ପାରି ଘର ।

ବାୟା ବିହଙ୍ଗମ କରଇ କେଡ଼େ ସୁନ୍ଦର ବସା,
କୁଟୀର ଅଭାବେ ଅଳସ ଭୁଞ୍ଜେ ଘୋର ଦୁର୍ଦ୍ଦଶା ।

ଘାସ ଖାଇ ପଶୁ ସତତ ନରେ ସାହାଯ୍ୟ କରେ,
ଓହୋ ! କି ବଚନ ତଥାପି ନର ଅଳସେ ମରେ ।

ନରକୁ ଦଇବ ଜଗତେ ଅଛି କିସ ନ ଦେଇ,
ଦ୍ୱାରେ ଦ୍ୱାରେ ବୁଲି ତଥାପି ବୋଲେ ସେ 'ଦେହି ଦେହି' ।

ନିଜ ନିଜ ପେଟ ପୋଷନ୍ତି କୀଟପତଙ୍ଗଗଣ,
ପେଟ ପାଇଁ ନର ଭିଖାରୀ ଧରେ ପର ଚରଣ ।

ଚିନ୍ତାମଣି ମହାନ୍ତି ( ୧୮୬୭-୧୯୪୩ )

[ ଜନ୍ମସ୍ଥାନ—ଭଦ୍ରକ । ପ୍ରଥମ ଜୀବନରେ ପ୍ରାୟ ୨୦ ବର୍ଷ ଶିକ୍ଷକତା କରିଥିଲେ—ପରେ କେତୋଟି ସାହିତ୍ୟ ପତ୍ରିକା ସମ୍ପାଦନା କରିଥିଲେ । କାବ୍ୟ-କବିତାର ଲେଖକ ରୂପେ ଖ୍ୟାତ । ରଚନାବଳୀ :— 'ମହୋଦଧି', 'ଉଦ୍ୟାନଖଣ୍ଡ', 'ଶିଶୁପାଳବଧ', 'ଆର୍ଯ୍ୟବାଳା' ପ୍ରଭୃତି କାବ୍ୟ ଏବଂ 'ଟଙ୍କାଗଛ', 'ରୂପାଚୁଡ଼ି' ଆଦି ଉପନ୍ୟାସ । ସେ ଅନେକ ଖଣ୍ଡକବିତା ମଧ୍ୟ ରଚନା କରିଥିଲେ । ]

## ବୁଢ଼ି ଆଣୀ ଖେଳ

ବୁଢ଼ି ଆଣୀଟିଏ ସୂତା କାଟୁଅଛୁ
ପକାଇ ଭଙ୍ଗା ଅରଟ,
ତେଲ ଅଭାବରେ ଡାକୁଛୁ ଅରଟ
କେଁ କଟ କେଁ କଟ ।

ତାକୁଡ଼ ତାକୁଡ଼ ସୂତା କାଟେ ବୁଢ଼ୀ
ଖିଅକ ଉପରେ ଖିଏ,
ଧାଇଁ ଧାଇଁ ଗଲ ସମସ୍ତେ ତାହାକୁ
ଛୁଇଁବ ଆଗରେ କିଏ ।

ପଛେ ଯେ ଛୁଇଁବ ସେହି ଚୋର ହେବ
ଦେଇ ତାହା ହାତେ ଧୂଳି,
ବୁଲାଇବା ତାକୁ ଦାଣ୍ଡରେ ବାନ୍ଧି ତା'
ଆଖିରେ ଅନ୍ଧପୁଟୁଳି ।

ଛୁଡ଼ଦେବା ତାକୁ  ସେ ଚୋର ଯାହାକୁ
ଛୁଇଁବ ସେ ଚୋର ହେବ,
ଚୋର ସଂସର୍ଗରେ  ଚୋର ପାଲଟିବେ
ହେଉନ୍ତୁ ପଣ୍ଡିତେ ଦେବ ।

ସାନ ଖୋଲଟିରେ  ଲୁଚି ରହିଅଛି
ଏତେ ଉପଦେଶ ଶୁଣି,
ରେଣୁ ପରମାଣ  ବରକୋଳି ଯଥା
ଅତି ବଡ଼ ବରଗଛ ।

( 'ସାନ୍ଧ୍ୟତାରା' )

ଚନ୍ଦ୍ରମୋହନ ମହାରଣା ( ୧୮୭୭-୧୯୨୮ )

[ ବାଲେଶ୍ୱର ଜିଲାର ରେମୁଣା ଗ୍ରାମରେ ଜନ୍ମ । ବହୁ ଦୁଃଖକଷ୍ଟ ମଧ୍ୟରେ କଟକରୁ ବି. ଏ. ପାଶ୍ କରି ପ୍ରଥମେ ସହକାରୀ ଶିକ୍ଷକ ଏବଂ ପରେ କଟକ ଟ୍ରେନିଂ ସ୍କୁଲର ପ୍ରଧାନ ଶିକ୍ଷକ ହୋଇଥିଲେ । ତତ୍କାଳୀନ 'ସାହିତ୍ୟ ଆଲୋଚନା ସଭା'ର ସେ ଥିଲେ ପ୍ରତିଷ୍ଠାତା । ରଚନାବଳୀ :— 'ନବୋଦ୍ୟମ', ଓଡ଼ିଆ ବ୍ୟାକରଣ', 'କଥାବଳି' ପ୍ରଭୃତି । ସେ କର୍ତ୍ତବ୍ୟନିଷ୍ଠ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ । ]

## ବେଙ୍ଗ ରଜା

ପାଣି ବରଷିଲା ଟପର ଟପର
କେଉଁର ମାଇଲା ଗଜା,
ସାରୁଗଛ ମୂଳେ ବେଙ୍ଗଟିଏ ବସି
ଆପେ ବୋଲଉଛି ରଜା ।

ଚଉପାଖେ ଛନ୍ତି ଆଉ ଯେତେ ବେଙ୍ଗ
ସେମାନଙ୍କୁ ପ୍ରଜା ମଣେ,
ତହିଁରୁ ଗୋଟିଏ ଆପଣା ପାଖରେ
ବସାଇଛି ମନ୍ତ୍ରୀପଣେ ।

ଦଳ ପୋଖରୀରେ                ଜଳ ସ୍ଥଳ ଦଳ
ଯେତେ ଆଜ ରାଜ୍ୟ ତାର,

ଚଉଦ୍ଧଗେ ଗୁହ୍ନିଁ-                ଦେଲେ ଜନମଇ
ମନେ ଆହ୍ଲାଦ ଅପାର ।

ମେଘ ବରଷିଲା                ଝପର ଝପର
ଅନ୍ଧାର ଅଇଲା ଘୋଟି,

ଆନନ୍ଦରେ ବେଙ୍ଗ-                ରଜା ବୋବାଇଲା
ଆନ ବେଙ୍ଗ ଗୋଟି ଗୋଟି ।

●

( 'କଥାବଳି' )

ଗୋପାଳଚନ୍ଦ୍ର ପ୍ରହରାଜ ( ୧୮୭୪-୧୯୪୫ )

[ କଟକ ଜିଲ୍ଲା ସିଦ୍ଧେଶ୍ୱରପୁର ଗ୍ରାମରେ ଜନ୍ମ—ବି.ଏ., ବି. ଏଲ୍. ପାଶ୍ କରି କଟକରେ ଆଇନ ବ୍ୟବସାୟ କରୁଥିଲେ । 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ତାଙ୍କର ଅମର କୃତି । ଅନ୍ୟାନ୍ୟ ରଚନାବଳୀ—'ବାଇ ମାହାତ୍ମ୍ୟ ପାଞ୍ଜି', 'ଭାଗବତ ଟୁଙ୍ଗୀରେ ସନ୍ଧ୍ୟା', 'ଉତ୍କଳ କାହାଣୀ', 'ଡଗଡମାଳି ବଚନ', 'ଧୋରେ ବାୟା ଧୋ' ପ୍ରଭୃତି । ]

## କଲ୍‌ଟ୍ରୀବେଣ୍ଟ କଥା

ଏକ ଗାଁରେ ଗୋଟିଏ ରାଣ୍ଡୀପୁଅ ଅନନ୍ତା ଥାଏ । ତା ମା' ଦିନଯାକ ଯା ଦୁଆର ତା ଦୁଆର ବୁଲି କେଉଁଠୁ ଧାନ କୁଟି ଚାଉଳ ସେରେ, କେଉଁଠୁ ଧାନ ଉସେଇଁ ଚାଉଳ ପାଏ, କାହା ଘରୁ ହଳଦୀ ବାଟି ଲୁଣ ପୋଷେ, ଏହିପରି ଆଣେ । ଏଣେ ରାଣ୍ଡୀପୁଅ ଅନନ୍ତା ପେଟେ ଗିଳି ଦିନ-ଯାକ ଯାକୁ ମାରି, ତାକୁ ଧରି, ଏହିପରି କରି ବୁଲୁଥାଏ । କୁଟା ଖଣ୍ଡିକ ଦି'ଖଣ୍ଡ କରେ ନାହିଁ । ଖାଇଲାବେଳକୁ ଆଜି ତିଅଣ ହେଲା ନାହିଁ, ଆଜି ଭଜା ନାହିଁ, ଏହିପରି ନାନାଦି ପଦ୍ଦ ଲଗାଏ । ମାଆକୁ ମାରେ । ହାଣ୍ଡି-କୁଣ୍ଡେଇ ବାଡ଼େଇ ଦିଏ । ଦିନେ ମାଆ କେତେଆଡ଼ୁ ମାଗି-ଯାଚି ସାତ ତିଅଣ ଆଠ ଭଜା କରି ଅନନ୍ତାକୁ ଖାଇବାକୁ ଦେଲା । ଅନନ୍ତା ଆଜି ଖାଇପିଇ ସାରି ଭାରି ଖୁସି । ଖାଇ ସାରିଲାରୁ ମା' ଅନନ୍ତାକୁ ସାକୁଲାଇ କରି କହିଲା, "ଆରେ ପୁତ, ଏ ଗାଁଆଁରେ ଲୋକେ ପରିବାରେ ଭାସୁଛନ୍ତି । ଆମର ଏତେ ବାଡ଼ି ପଡ଼ିଆ ପଡ଼ିଛି । ବୁଦାଏ ଖଣ୍ଡେ ପନିପରିବା ଲଗିଲେ ଆମେ ଆଉ କୁଆଡ଼େ ଖୋଜିବାକୁ ଯାଆନ୍ତୁ ନାହିଁ । ଅନନ୍ତା ତହିଁ ଆରଦିନ

ସକାଳୁ ଉଠି ମାଆକୁ ପଚରିବା ମଞ୍ଜି ମାଗିଲା । ମା' ଗୋଟିଏ କଲରାମଞ୍ଜି ଠଣାରେ ଗୋବର ଭିତରେ ସାଇତି ରଖିଥିଲା, ବାହାର କରି ଦେଲା । ଅନନ୍ତା ଖଣତି ନେଇ ସେ ମଞ୍ଜିଟି ପୋତି ଦେଇ ଆସିଲା । ସନ୍ଧ୍ୟାବେଳକୁ ଟୋପିଏ ପାଣି ଦେଇ ମଞ୍ଜିକି କହିଲା, "ଯେବେ କାଲିକି ଗଜା ହୋଇ ନ ଥିବୁ, ତେବେ ମାମୁଁ ଘର କଟୁରି ଆଣି ତତେ ସାତଖଣ୍ଡ କରି କାଟିବି ।"

ରାଣ୍ଡୀପୁଅ ଅନନ୍ତା ବଡ଼ ଦୁଷ୍ଟ । ତାକୁ ନ ଡରେ କିଏ ? ତହିଁ ଆରଦିନ ଦେଖିଲାବେଳକୁ ସତକୁ ସତ କଲରା ଗଜା ବାହାରିଲା । ଫେରି ସନ୍ଧ୍ୟାବେଳକୁ ଗଛରେ ପାଣି ଦେଲାବେଳେ ଅନନ୍ତା କହିଲା, "ଯେବେ କାଲିକି ଦି'ପତ୍ର ନ ହୋଇଥିବୁ, ତେବେ ମାମୁଁ ଘର କଟୁରି ଆଣି ତତେ ସାତଖଣ୍ଡ କରିବି ।" ସତକୁ ସତ ତହିଁ ଆର ଦିନକୁ ଗଜାରୁ ଦିଓଟି ପତ୍ର ହୋଇଛି । ଏହିପରି ନିତି ପାଣି ଦେଲାବେଳେ ସେ କଲରା ଗଛକୁ ଡରାଏ । ଗୁହ୍ମଁ ଗୁହ୍ମଁ ଦିନକୁ ଦିନ ଚାରି ପତ୍ର ହେଲା; ଲଟା ମାଡ଼ିଲା; କଲରା କଷିଟିଏ ହେଲା । ପଛକୁ କଲରାଟି ପାଚିଲା । ଅନନ୍ତାର ଆନନ୍ଦର ସୀମା ନାହିଁ । ଯେ ଦାଣ୍ଡରେ ଯାଏ, ତାକୁ ନେଇ କଲରାଟି ଦେଖାଏ । ଆଜି ଅନନ୍ତାର ଗୋଡ଼ ତଳେ ଲଗିବାକୁ ନାହିଁ ।

ପାଚିଲା କଲରାକୁ କୁଆ ବାଇ । ଡାମରା କୁଆଟାଏ ସେ କଲରାଟିକି ଦେଖିଲା । କଲରାକୁ କହିଲା, "ହେ କଲରା, ମୁଁ ତତେ ଖାଆନ୍ତି ?" କଲରା କହିଲା, "ଯା, ମାମୁଁ ଘର କୂଅରେ ଥଣ୍ଟ ଧୋଇ ଆସିବୁ; ତେବେ ମତେ ଖାଇବୁ ।"

କୁଆ ଯାଇ ମାମୁଁ ଘର କୂଅ ପାଖରେ ପହଞ୍ଚି ତାକୁ କହିଲା, "ରେ କୂଅ, ଦେ ପାଣି, ଧୁଏ ଥଣ୍ଟ, ଧାଇଁ ଧାଇଁ ଖାଏଁ କଲୁରାବେଣ୍ଟ ।"

କୂଅ କହିଲା, "ଯା କୁମ୍ଭାରଘରୁ କଳସୀଟିଏ ଆଣିବୁ, ପାଣି କାଢ଼ି ପିଇବୁ ।" କୁଆ କୁମ୍ଭାରଘରକୁ ଯାଇ କହିଲା, "ଦେ କୁମ୍ଭାର କଳସ ଗୋଟି, କାଢ଼େଁ ପାଣି, ଧୁଏଁ ଥଣ୍ଟ, ଧାଇଁ ଧାଇଁ ଖାଏ କଲୁରାବେଣ୍ଟ ।" କୁମ୍ଭାର କହିଲା, "ଯା, ବିଲରୁ ମାଟି ଆଣିବୁ, ମୁଁ କଳସୀ ଗଢ଼ିଦେବି ।"

କୁଆ ଯାଇ ବଳରେ ପହଞ୍ଚିଲା । କହିଲା, "ରେ ବଳ, ଦେ ମାଟି, କୁମ୍ଭାର ଗଢ଼ୁ କଳସ ଗୋଟି, କାଢ଼େଁ ପାଣି ଧୁଏଁ ଥଣ୍ଟ, ଧାଇଁ ଧାଇଁ ଖାଏଁ କଲୁସିବେଣ୍ଟ ।" ବଳ କହିଲା, "ଯା, ମିରଗ ପାଖରୁ ଶିଙ୍ଘ ଆଣ, ମାଟି ଖୋଳିବୁ, ନବୁ ।" କୁଆ ଯାଇ ମିରଗ ପାଖରେ ପହଞ୍ଚି ତାକୁ କହିଲା, "ରେ ମିରଗ, ଦେ ଶିଙ୍ଘ, ଖୋଳେ ମାଟି, କୁମ୍ଭାର ଗଢ଼ୁ କଳସ ଗୋଟି, କାଢେଁ ପାଣି, ଧୁଏଁ ଥଣ୍ଟ, ଧାଇଁ ଧାଇଁ ଖାଏଁ କଲୁସିବେଣ୍ଟ ।"

ମିରଗ କହିଲା, "ଯା, କାଳୀଗାଈଠଉଁ ଦୁଧ ଆଣି ଦେ, ମୁଁ ପିଇଲେ ଶିଙ୍ଘ ଦେବି ।" କୁଆ ତା'ପରେ ଯାଇ କାଳୀଗାଈକି କହିଲା, "ରେ କାଳୀଗାଈ, ଦେ ଦୁଧ, ପିଉ ମିରଗ ଦେଉ ଶିଙ୍ଘ, ଖୋଳେଁ ମାଟି, କୁମ୍ଭାର ଗଢ଼ୁ କଳସଗୋଟି, କାଢେଁ ପାଣି ଧୁଏଁ ଥଣ୍ଟ, ଧାଇଁ ଧାଇଁ ଖାଏଁ କଲୁସିବେଣ୍ଟ ।"

କାଳୀଗାଈ କହିଲା, "ମତେ ହିଡ଼ରୁ ଘାସ ଆଣି ଦେ, ମୁଁ ଦୁଧ ଦେବି ।" କୁଆ ହିଡ଼ ପାଖରେ ପହଞ୍ଚି କହିଲା, "ରେ ହିଡ଼, ଦେ ଘାସ, ଖାଉ କାଳୀଗାଈ ଦଉ ଦୁଧ, ପିଉ ମିରଗ, ଦଉ ଶିଙ୍ଘ, ଖୋଳେଁ ମାଟି, କୁମ୍ଭାର ଗଢ଼ୁ କଳସଗୋଟି, କାଢ଼େଁ ପାଣି, ଧୁଏଁ ଥଣ୍ଟ, ଧାଇଁ ଧାଇଁ ଖାଏଁ କଲୁସିବେଣ୍ଟ ।" ହିଡ଼ କହିଲା, "ଯା, କମାରଘରୁ ଦା' ଆଣ, ଘାସ କାଟି ନେଇ କରି ଯିବୁ ।" କୁଆ ତା'ପରେ ଯାଇ କମାରଶାଳରେ ପହଞ୍ଚିଲା । କମାରକୁ କହିଲା—

"ରେ କମାର, ଦେ ଦାଆ, କାଟେ ଘାସ
ଖାଉ କାଳୀଗାଈ, ଦେଉ ଦୁଧ,
ପିଉ ମିରଗ, ଦେଉ ଶିଙ୍ଘ,
ଖୋଳେଁ ମାଟି, କୁମ୍ଭାର ଗଢ଼ୁ କଳସଗୋଟି,
କାଢେଁ ପାଣି, ଧୁଏଁ ଥଣ୍ଟ,
ଧାଇଁ ଧାଇଁ ଖାଏଁ କଲୁସିବେଣ୍ଟ ।"

କମାର ମନେ ମନେ କହିଲା, "କୁଆଟାଏ, ତାର ଏତେ ଫିକର ! ରହ ଦଉଛୁ ଟେଁଖେ ।" ତାପରେ ସେ କୁଆକୁ କହିଲା, "ତୋର ତ ହାତ ନାହିଁ, କେଉଁଥିରେ ଦାଆ ନବୁ ?"

କୁଆ କହିଲା, "ମୋ ଥଣ୍ଟ ଭିତରେ ଥୋଇ ଦେ, ମୁଁ ନେବି ।"

କମାର ଦାଆ ଖଣ୍ଡିକ ଆଚ୍ଛା କରି ନିଆଁରେ ତତେଇ କୁଆ ଥଣ୍ଟରେ ରଖିଦେଲା । କୁଆଟି ଛଟ୍ ଛଟ୍ ହୋଇ ମରିଗଲା । ତହିଁ ଆରଦିନ ରାଣ୍ଡୀପୁଅ ଅନନ୍ତା ପାଚିଲା କଲରାଟି ଭଜା ସୁଖରେ ଖାଇଲା । ମୋ ପାଇଁ ଖଣ୍ଡେ ସୁଦ୍ଧା ରଖିଲା ନାହିଁ ।

ମୋ କଥାଟି ସରିଲା, ଫୁଲଗଛଟି ମଲା ।

( 'ଉତ୍କଳ କାହାଣୀ' )

# ଝୁଲ୍ ରେ ହାତୀ ଝୁଲ୍

ହାତୀ ଝୁଲୁଥାଏ ରଜା ବଗିଚାରେ
କଆକନ୍ଦା ଖାଇବାକୁ,
କଟେଇ ଝୁଲଇ ମୋହରି କୋଳରେ
ଦୁଧ କଳେ ଖାଇବାକୁ ।

ଝୁଲୁ ଝୁଲୁ ହାତୀ ଢଳାଇ ପଡ଼ୁଛି
ଧୂଳିରେ ଧୂସର ଦେହ,
ବାଆ ପାଣି ପିଇ ପଙ୍କେ ଲେଟି ହୋଇ
ଘୁଲୁଛି କପଟ କହ ।

ହାତୀ ବନସ୍ତରେ ଥିଲେ ରଜାଙ୍କର
ନାହିଁକି ରେ ତତେ ଜଣା,
ଭୁସ୍ତି ଖେଳ ହୋଇ ଧାଇଁଅଛି କାହିଁ
ଦେଖବୁ ପରା ବାଟବଣା ।

ହାତୀ ଝୁଲୁଥାଇ କୁକୁର ଭୁକଇ
ହାତୀକି ନ ମାଡ଼େ ଡର,
ହାତୀ ଉପରକୁ ମାହୁନ୍ତ ବସିଲେ
ହାତୀ ଚୁଲୁଥାଏ ଖର ।

ହାତୀ ଖୋଜତଳେ ପିମ୍ପୁଡ଼ି ନ ମରେ
ପାହୁଣ୍ଡ ପକାଏ ଧୀର,
ଝୁଲି ଝୁଲି ହାତୀ ଯାଉଥାଏ ଚାଲି
ନ ମାନି ବରଷା ଖରା ।

ଝୁଲ୍ ଝୁଲ୍ ହାତୀ      ଝୁଲୁଥା ଝୁଲୁଥା
ପିଉଥାଆ ବାଆ ପାଣି,
ମାହୁନ୍ତ ଆସିଲେ      ଲଦନ ପକାଇ
ଯିବୁ ବରଡାଳ ଆଣି ।

ରଜା ବଜେ କଲେ      ପାଟହାତୀ ଚଳେ
ଦେଖିବ କେ ଦେଖ ଚଳା ,
ଘଣ୍ଟି ଝୁଣୁ ଝୁଣୁ      ବାଜଇ ଦାଣ୍ଡରେ
ଚଳୁଥାଏ ଝଲ ଝଲ ।

ଗାଈଜଯାକରେ      ରଜା ନ ମିଳଲେ
ବାଜଇ ତେଲିଙ୍ଗି ବାଜା,
ସୁବର୍ଣ୍ଣ କଳସ      ଢାଳୁ ଯାହା ମୁଣ୍ଡେ
ସେହି ତ ହୁଅଇ ରଜା ।

ମନ ହେଲା ବେଳେ      ବାୟା ହେଉ ଭୁହି
ଦେଖିଲେ ମାଡ଼ଇ ଡର,
ପଲଶିଲା ବେଳେ      ପାହୁଣ୍ଡେକେ କୋଶେ
ଚଳୁଥାଉ ତରତର ।

ହାତୀ ପରା ଜୀବ      ଘୁର ମାହୁନ୍ତଙ୍କୁ
ଠୁଲେ କି ଡରନ୍ତା ସେହି,
ମନ ମାନିଅଛି      ବୋଲି ସେ ରହିଛି
ଆଙ୍କୁଶ ଶିକୁଳି ସହି ।

●

( ‘ଧୋରେ ବାୟା ଧୋ’ )

ନନ୍ଦକିଶୋର ବଳ ( ୧୮୭୫-୧୯୨୮ )

[ କଟକ ଜିଲା କୁସୁପୁର ଗ୍ରାମରେ ଜନ୍ମ—ପ୍ରଥମେ ସହକାରୀ ଶିକ୍ଷକ, ପରେ ସ୍କୁଲ ସବ୍‌ଇନ୍‌ସପେକ୍ଟର ଏବଂ କେତେକ ଜିଲାସ୍କୁଲରେ ପ୍ରଧାନ ଶିକ୍ଷକ ହୋଇଥିଲେ । ୧୯୨୦ ରେ ପୁରୀ ଜିଲାସମୂହର ଇନ୍‌ସ-ପେକ୍ଟର ରୂପେ ନିଯୁକ୍ତ ହେଲେ । ସେ 'ପଲ୍ଲୀକବି' ରୂପେ ପରିଚିତ । ତାଙ୍କ ରଚନା ମଧ୍ୟରେ 'ନାନାବାୟା ଗୀତ', 'ପଲ୍ଲୀଚିତ୍ର', 'ନିର୍ଝରିଣୀ', 'ଷ୍ଟରୁଚିତ୍ର', 'କୃଷ୍ଣକୁମାରୀ', 'କନକଲତା', 'ପ୍ରଭାତ ସଙ୍ଗୀତ', 'ସନ୍ଧ୍ୟା ସଙ୍ଗୀତ' ଆଦି ପ୍ରଧାନ । ]

## ଚୂଟିଆ ମୂଷା

ଚୂଟିଆ ମୂଷା ରେ ଚୂଟେଇ ମୂଷି,
ଧାନ ଅମାରକ ଖାଉଥା ବସି ।

କରୁଥା ଯାହା ତୋ ମନର ଖୁସି,
ଘର ଗୁଡ଼ ମୂହିଁ ଯାଉଛୁ ରୁଷି ।

ଟିକି ଟିକି ଧାନ ଶଏ ଭରଣ,
ସାତଟା ଅମାର କଲୁଣି ଶୂନ୍ୟ ।

ଗଣେଶବାହନ ଅଟୁ ରେ ମୂଷା,
ତୋତେ ମାରିବାକୁ ନାହିଁ ଭରସା ।

ପାଠ ନ ଆସିବ ମାରିଲେ ତୋତେ,
ଅବଧାନ ବେତ ମାରିବେ ମୋତେ ।

ଝୁଡ଼ିକୁ ମୂଷା ରେ ଝୁଡ଼ିକେଇ ମୂଷି,
ଖାଇବୁ ଯେତେକ ଖାଆ ରେ ଖୁସି ।

ଦୁଧ ପିଇବାକୁ କାନ୍ଦିଲେ କୃଷ୍ଣ,
କାନ କାଟି ନେଇ ଯିବୁ କ ଦୁଷ୍ଟ ?

ଅମାରେ ଯେତେକ ଧାନ ତୁ ଖାଉ,
ଗୁଡ଼ଲ ହାଣ୍ଡିରୁ ଗୁଡ଼ଲ ନେଉ ।

ବନ୍ଧନ ଓଳଆ କାହ୍ନୁ କପାଇଁ,
ଏତେ ଖାଇ ପେଟ ପୂରଇ ନାହିଁ ?

ଘରରେ ବାହାର ରୁଉଟୁ ରୁଟୁ,
କଖାରୁ ଗଛଟି ମୂଳରୁ କାଟୁ ।

ଝାଉଁଳ ପଡ଼ଇ ପିଡ଼ା କଖାରୁ,
କେତେ କଷିଫୁଲ ମୂଷା ରେ ମାରୁ !

ଖରା ଗଡ଼ିଯାଏ ବୁଡ଼ଇ ବେଳ,
ସାହି ପିଲମାନେ ହୋଇଣ ମେଳ

ଗୀତ ଗାଇ ଗାଇ ବୁଲନ୍ତ ଗାଆଁ—
"ଜହ୍ନି ଫୁଲ ଫୁଟେ ଠୋଓ-ଠାଆ ।

ଚୁଟିଆ ମୂଷା କହିଯାଇଛୁ
ଗୁଡ଼ଲ ମୁଠିଏ ଦେଇ ଯା ।"

( 'ନାନାବାୟା ଗୀତ' )

## ତଅପୋଇ

୧

ଟିକି ଟିକି ଧାନ ଶଏ ଭରଣ,
ବାପାଙ୍କ ଅଣ୍ଟାରେ ସୁନା ଲେଖନ ।
ଭାଇଙ୍କ ହାତରେ ସୁନା ଲେଖଣୀ,
ଭାଉଜଙ୍କ ଅଙ୍ଗେ ଝିନପଡଣୀ ।
ଏକ ଭଉଣୀ ମୁଁ ସାତ ଭାଇରେ,
ମୋ ପର ଅଛିଲ କଏ ମହୀରେ ?
ଶୁଣ ତଅପୋଇ ନ କର ଗର୍ବ,
ଗାଳି ସହନ୍ତୁ, ନ ସହନ୍ତୁ ଗର୍ବ ।

୨

ଆହା ମୋ ପିଅର କୁଆଡ଼େ ଗଲେ ?
ଜନକ ସଙ୍ଗତେ ଜନନୀ ମଲେ ।
ସାତ ଭାଇ ଗଲେ ବୋଇତ ବାହି,
ଆହା କରିବାକୁ ସାହା ମୋ ନାହିଁ ।
ଏ ଘୋର ବନସ୍ତେ ଛାଡ଼ିଲ ରଖିଲ,
କ ପରି ହେଲି ମୁଁ କ ପରି ଥିଲି !
ଶୁଣ ତଅପୋଇ ନ କର ଶୋକ,
ସୁଖ ଦୁଃଖେ ପୂର୍ଣ୍ଣ ଏ ଧରାଲୋକ ।

୩

ଏ ଘୋର ବନସ୍ତ ଘୋର ବରଷା,
ବାଘ ଭାଲୁଙ୍କର ଏ ବନେ ବସା ।

ଏକାକିନୀ ମୁହିଁ ଏ ଘନ ବନେ,
କେମନେ ବଞ୍ଚିବି ହୀନ ଜୀବନେ ?
କ୍ଷୁଧାରେ ମୋହର ଉଡ଼ଇ ହଂସା,
ହାଇରେ ଦଇବ ଦେଲୁ ଏ ଦଶା ।
ଶୁଣ ତଅପୋଇ ନ କର ଦୁଃଖ,
ସୁଖ ପରେ ଦୁଃଖ, ତାପରେ ସୁଖ ।

୪

ଗହଗହ ଡାକେ ଲତାପତର,
ଠକ ଠକ ପଡ଼େ ସ୍ୱର୍ଗପଥର ।
ଶିର ଶିର ବହେ ଶୀତପବନ,
ଶୀତେ ଥରୁଅଛି ମୋ ଅପଘନ ।
ଘଡ଼ଘଡ଼ ଶବ୍ଦେ କମ୍ପଇ ବନ,
ବିଜୁଳି ବୁଜାଇ ଦିଏ ନୟନ ।
ଶୁଣ ତଅପୋଇ ନ କର ଦୁଃଖ,
ଦୁଃଖ ପରେ ପୁଣି ଆସଇ ସୁଖ ।

୫

ପାରଧିରେ ବଳେ ରଜାର ପୁଅ,
ଦେଖିଲେ ବନସ୍ତେ ସାଧବଝିଅ ।
ସାତ ଭାଇ କାଳେ ଫେରିଲେ ଘରେ,
ଦେଲେ ସେ କନ୍ୟାକୁ ନୃପକୁମରେ ।
ତଅପୋଇ ହେଲା ରଜାର ବୋହୂ,
ଭାଉଜଙ୍କ ଦଶା ଶବ୍ଦୁଙ୍କୁ ନୋହୁ ।
ନ ହୁଅ ବିପତ୍ତି-ବେଳେ କାତର,
ନ କର ସମ୍ପତ୍ତି-ବେଳେ ଗର୍ବତର ।

●

( 'ସନ୍ଧ୍ୟା ସଙ୍ଗୀତ' )

## ଡାହାଣିଆ ଖରା

"ଡାହାଣିଆ ଖରା ପଡ଼ୁଛି ବେଳ ଯାଉଛି ବୁଡ଼ି,
କି ସୁନ୍ଦର ପାରା ଯୋଡ଼ାଏ ଯାଉଅଛନ୍ତି ଉଡ଼ି ।

ଆସ ଆସ ପାରାଯୋଡ଼ିକ ମୋର ପିଣ୍ଡାରେ ବସ
ଖାଇବାକୁ ଦେବି ତୁମ୍ଭଙ୍କୁ ମୁହିଁ ନଡ଼ିଆରସ ।

ପିଇବାକୁ ଦେବି ତୁମ୍ଭଙ୍କୁ ପଦ୍ମ-ପୋଖରୀ ପାଣି
ଶୋଇବାକୁ ଦେବି ଖଟୁଲି ମାମୁଘରୁ ମୁଁ ଆଣି ।

ମାଳଘର ଖଟୁଲିରେ ସେ ବାଉଁଶର ପାଛିଆ
ମାଆ ଝିଅଙ୍କର ଗୋଡ଼ରେ ରତନର ଝୁଣ୍ଟିଆ ।

ଶାଶୁ ପଚାରିଲା ଶୁଆ ରେ କେଉଁ ଦାଣ୍ଡରେ ଯିବା ?
ଶୁଆ ବୋଲେ ଶାଶୁ ଶୁଣ ଗୋ ବଡ଼ଦାଣ୍ଡରେ ଯିବା ।

ବଡ଼ ଦାଣ୍ଡେ ଦାଣ୍ଡେ ଯାଆନ୍ତେ ପାଉଁ ଗୋବରଲିଣ୍ଡି
ଲିପି ପୋଛି ଦେଇ ଯାଅ ମା' ପୂଜ ମଙ୍ଗଳଚଣ୍ଡୀ ।"

× × ×

●

( 'ନିର୍ଝରଣୀ' )

# ଡାମରାକାଉ

ଡାମରାକାଉ ରେ ଡାମରାକାଉ
ଉଞ୍ଚ ପରବତେ ବୋବାଉଥାଉ ।
ଉଞ୍ଚ ପରବତ ଘୁଞ୍ଚିଘୁଞ୍ଚିକା
ତହିଁରେ ବସିଚ୍ଛି ତିନ ମଞ୍ଜିକା ।

ତିନ ତିନ ପଣ ଅଠରପଣ,
ଭାଇଙ୍କୁଂ ଡକାଇ କଉଡ଼ି ଗଣ ।
କଉଡ଼ିଗଣାରେ ପାହିଲା ରାତି,
ଚୋର ନେଇଗଲା କଜଲପାତି ।

ଷାଠିଏ ଟଙ୍କାର ବଳଦ ମଲା,
ଏକା କାଳାଗାଈ ମଥାନ କଲା ।
ଆସ ଗୋ ସଙ୍ଗାତ ଗାଧୋଇଯିବା,
କଇଞ୍ଚିକାକୁଡ଼ି ତୋଳି ଆଣିବା ।

କଇଞ୍ଚିକାକୁଡ଼ି ମୁଣ୍ଡରେ ପିତା,
ଛଅ ବୋହୂଙ୍କର ଛଅ ଦୁହିତା ।
ମଝିଆଁ ବୋହୂ ଯେ ଲବଙ୍ଗଲତା,
ସବା ସାନବୋହୂ ଗଜମୁକୁତା ।

ଲବଙ୍ଗଲତାକୁ ଗଜମୁକୁତା
କହିଲେ, "ଭଉଣୀ, କହ ଲୋ କଥା ।"
ସୁଖ କହିବ କି ଦୁଃଖ କହିବ ?
ଅଙ୍ଗେ ଲାଗିଇବା କଥା କହିବ ।

ସାଧବଘରର ଛଅଟି ପୁଅ,
ରଜାଘରେ ଥିଲେ ଛଅଟି ଝିଅ ।
ଛଅ ଭାଇଯାକ ବୋଇତେ ଗଲେ,
ଦେଶବିଦେଶରେ ବଣିଜ କଲେ ।

ଅଷ୍ଟଧାତୁ ନବରତନ କେତେ
ଜାହାଜେ ଭରିଲେ ଯାହାକୁ ଯେତେ ।
ମଝିଦରିଆରେ ଝଡ଼ ବହିଲା,
ଅଥପା ମଣ୍ଡପେ ବୋଇତ ଗଲା ।

ଅଥପା ମଣ୍ଡପେ ଅସୁରପୁଅ
ଜଗିଅଛି ଛଅ ରଜାର ଝିଅ ।
ଅସୁରକୁ ମାରି ହୋଇଲେ ବାହା,
ଛଅ ଭଉଣୀ ଯେ ଛଅଟି ଯାଆ ।

ପରଶ ପଥର ମାଆ ଯେ ଦେଲେ,
ଛଅ ଝିଅଯାକ ପଣନ୍ତେ ନେଲେ ।
ପକ୍ଷୀରାଜ ଘୋଡ଼ା ଛଅଟି ଭାଇ
ରଜାଘରୁ ନେଲେ ଯୌତୁକ ପାଇ ।

ଛଅ ବରକନ୍ୟା ଚଢ଼ିଣ ଗଲେ,
ଆପଣା ଘରକେ ମିଳିଲେ ଭଲେ ।
ଦୁବ ବରକୋଳି ବନ୍ଧାଣଥାଳି,
ବନ୍ଧାଇଲେ ସାତ ସାଧବବାଳୀ ।

ଧନରତ୍ନ ଘେନି ଗଲେ ସେ ଘର,
ସରିଗଲା ଏଠି କଥା ମୋହର ।

( 'ନାନାବାୟା ଗୀତ' )

# ହୋଓ ରେ ବାଇଆ ହୋଓ

ବିଲରେ ପାଚଇ ରଙ୍ଗଣୀ ଧାନ ଗୋ
ହୋଓ ରେ ବାଇଆ ହୋଓ,
ଯେଉଁ କିଆରରେ ବହୁତ ଧାନ ଭୁ
ସେଇ କିଆରରେ ଶୋଓ ।

ଝୁଣୁ ଝୁଣୁ ପାଚ ବାସନା ଧାନ ଗୋ
ନାଲି ଗୁଲୁ ଗୁଲୁ ଦିଶେ,
ଆଳି ଭୁଲିଦେଲେ ଗୋଟିଏ ପାଖରୁ
ବୁଲିଣ ଆସିବ କି ସେ ।

ଭାଦ୍ରବ ମାସରେ ମାଣ୍ଡିଆ ପାଚଇ
ହୋଓରେ ବାଇଆ ହୋଓ,
ଯେଉଁ କିଆରରେ ଗହଳ ମାଣ୍ଡିଆ
ସେଇ କିଆରରେ ଶୋଓ ।

ମାଣ୍ଡିଆ ବାଡରେ ଶଲଗବାଡ ଗୋ
ଝୋଟକେଇକୁଣ୍ଢେଇ ଫୁଲ,
ଝୋପଲ ଧରଣ କୃଷ୍ଣ ତୋଳିବ ଗୋ
କିଏ ଦେବ ତାର ମୂଲ ?

ଥିର ଥିର କର ତୋଳିବୁ କୃଷ୍ଣ ରେ
କଣ୍ଟା ପଶିଯିବ ହାତେ,
ଲକ୍ଷେ ଟଙ୍କା ଦେଇ କେତେ ଆତୁରରେ
ଧନ ରେ ପାଇଛୁ ତୋତେ ।

ବାଡ଼ି ଗୁହଘାଟେ କଣ୍ଟେଇକୋଳି ଗୋ
କୃଷ୍ଣ ତୋଳିଥିବ କୋଳି,
କୋଳି ଖାଉଁ ଖାଉଁ ଶିଆଳି ଲଟାରେ
କୃଷ୍ଣ ଖେଳୁଥିବ ଦୋଳି ।

ଶିଆଳିବଣରେ ବାଇଆବସା ଗୋ
ହୋଉରେ ବାଇଆ ହୋଉ,
ଯେଉଁ କଥାରେ ଗହଳ ଧାନ ଭୁ
ସେଇ କଥାରେ ଶୋଉ ।

ବାଇଆପୁଅର କସ ଯାଉଛି ସେ
ବାଆ କଲେ ଦୋହଲୁଛି,
ଲମ୍ବ ତାଳଗଛ ବାଉଁ ବରଣ୍ଡାରେ
ବସାରେ ବସିଛି ଲୁଚି ।

ଗଛା ବଇଦକୁ ଖର ପବନ ଗୋ
ଉଡ଼ାଇ ନଏ ବହନ,
ଦାଣ୍ଡ ତାଳଗଛ ଦୋହଲି ଦୋହଲି
ବାୟୁ ସବେ ଘନ ଘନ ।

ଦୁଇ କୂଳ ଖାଇ ବଢ଼ିଅଛି ନଈ
ଘାଲରେ ଘାରଛି ଧାନ,
ଘଲ ବାନ୍ଧି ପକ୍ଷୀ ଆକାଶେ ଉଡ଼ନ୍ତି
ଶୁଭୁଥାଏ ତାଙ୍କ ଗାନ ।

ତା ଶୁଣି ପିଲାଏ ଗାଉଛନ୍ତି ଗୀତ
ହୋଉରେ ବାଇଆ ହୋଉ,
ଯେଉଁ କଥାରେ ଗହଳ ଧାନ ଭୁ
ସେଇ କଥାରେ ଶୋଉ ।

●

( 'ନାନାବାୟା ଗୀତ' )

ଭିକାରୀଚରଣ ପଟ୍ଟନାୟକ ( ୧୮୭୭-୧୯୬୨ )

[ ଜନ୍ମସ୍ଥାନ—କଟକ ଜିଲ୍ଲା କେନ୍ଦ୍ରାପଡ଼ା ସବ୍‌ଡିଭିଜନ୍ ଦାନପୁର ଗ୍ରାମରେ । କଟକରେ ଓକିଲାତି କରିବା ସଙ୍ଗେ ସଙ୍ଗେ ସମାଜ-ସଂସ୍କାର, କୁଟୀରଶିଳ୍ପର ଉନ୍ନତି ଏବଂ ସାହିତ୍ୟସେବାରେ ମନ ଦେଇଥିଲେ । ସେ ବହୁ ଅନୁଷ୍ଠାନ ସହିତ ସଂପୃକ୍ତ ଥିଲେ । ରଚନାବଳୀ :—'କଟକ ବିଜୟ', 'ରତ୍ନମାଳୀ', 'ରାଜା ପୁରୁଷୋତ୍ତମ', 'ସୁଶୀଳା', 'ନିରୁପମା' ପ୍ରଭୃତି ନାଟକ, 'ଭୋଟ ଭିକାରୀ,' 'କରଣ ସାଆନ୍ତଙ୍କ ଛମ', 'ଯୌତୁକ', 'ଗୃହଶିଳ୍ପ' ଏବଂ ଶତାଧିକ ଗୀତି-କବିତା । ]

## ମହୁମାଛି

କହ ମହୁମାଛି କିପାଁ ଏପରି
ବୁଲୁ ସବୁଆଡ଼େ ଭଅଁ-ଭଁ କରି ।

କେତେ ଫୁଲରୁ ତୁ ମହୁ ଗୋଟାଉ
ଧନେ ପେଟପୂରି ନିଜେ ନ ଖାଉ ।

ନିରାପଦ ମଣି ଗଛ ଅଗରେ
ଫେଣାଟିଏ ବାନ୍ଧୁ ଅତି ଉଚରେ ।

କେହି ନ ଦେଖିବେ ବିଚୁରି ମନେ
ମହୁଯାକ ତହିଁ ରଖୁ ଗୋପନେ ।

ପାଖେ ପାଖେ ତାର ଗାତଟି ଗଢ଼ୁ
ରାତିଯାକ ଜଗି ଗାତରେ ସଢ଼ୁ ।

ଭାଳୁଥାଉ ପର ଶେଷକୁ ବସି
ନ ଖଟି ଖାଇବୁ ଆନନ୍ଦେ ହସି ।
ନ ଜାଣୁ ସଞ୍ଚିତ ଧନର ଦୋଷ
କେତେ କାହାର ସେ ବଢ଼ାଏ ରୋଷ;
କେତେ ଖଣ୍ଡ କାହିଁ ବସନ୍ତି ଠାକ
ସଞ୍ଚିବା ଲୋକକୁ ଦେବାକୁ ଫାଙ୍କି ।
କେତେ କାଳ ଖରା-ଡରା ନ ବାରି
ଯେତେ ଯେତେ ଦୁଃଖ ଦେହରେ ମାରି
ଠିକ ଠିକ କରି ଗୋଠାଉ ମହୁ
ସଞ୍ଚି ରଖି ଭୋକ ଉପାସ ସହୁ ।

ନ ଭାଳୁ ଦୁଃଖରେ ସମ୍ପାଦୁ ଯାହା
କାହା ପେଟ ଲାଗି ହୋଇବ ତାହା ।
କିଏ କାହୁଁ ଦିନେ ଆସି ଛଳରୁ
ନାଆଁରେ ଯୋଡ଼ିବ ତୋତେ ମୂଳରୁ ।
ମହୁଯାକ ତୋର ସବୁ ହରିବ
ସଞ୍ଚିବା ଫଳେ ତୋ ଜୀବନ ଯିବ ।
ନ ଖାଇ କିପାଇଁ କହ ପେଟକୁ
କଲବଲ ହେବୁ ମଲବେଳକୁ ?

ଏହି ଦଶା ତୋର ଦେଖନ୍ତି ଲୋକେ
କେତେ ନିନ୍ଦା ତୋତେ କରନ୍ତି ଥୋକେ ।
କିନ୍ତୁ ନ ହେଜନ୍ତି ନିଜ ବେଳକୁ
ତଳେ ନ ଭାଳନ୍ତି ଶେଷ ଫଳକୁ ।
ନ ଖାଇ ସଞ୍ଚୟ ଯେ କରେ ଧନ
ବିପଦ-ସଙ୍କୁଳ ତାର ଜୀବନ ।

('ଜହ୍ନମାମୁଁ'—ଜ୍ୟେଷ୍ଠ, ୧୩୪୭ )

ଗୋପବନ୍ଧୁ ଦାସ ( ୧୮୭୭-୧୯୨୮ )

[ ପୁରୀ ଜିଲ୍ଲା ସୁଆଣ୍ଡୋ ଗ୍ରାମରେ ଜନ୍ମ ୧୯୦୭ରେ—ବି. ଏ. ପାସ୍ ପରେ ନୀଳଗିରିରେ ଶିକ୍ଷକତା—୧୯୦୯ରେ ସେ ସତ୍ୟବାଦୀରେ ବନ ବିଦ୍ୟାଳୟ ସ୍ଥାପନ କଲେ । କିଛିଦିନ ମୟୂରଭଞ୍ଜର ସରକାରୀ ଓକିଲ ଏବଂ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାର ସଭ୍ୟ ଥିଲେ । ଓଡ଼ିଶାରେ କଂଗ୍ରେସ୍ ବାର୍ତ୍ତାର ପ୍ରଥମ ପ୍ରଚାରକ ଏବଂ 'ସମାଜ' ପତ୍ରିକାର ସେ ପ୍ରତିଷ୍ଠାତା ଥିଲେ । ତାଙ୍କର ଜନସେବା ତାଙ୍କୁ ସ୍ମରଣୀୟ କରିଛି । ସାହିତ୍ୟକୃତି :— 'ଧର୍ମପଦ', 'ବନ୍ଦୀର ଆତ୍ମକଥା', 'କାରାକବିତା', 'ଅବକାଶ ଚିନ୍ତା' ପ୍ରଭୃତି । ]

## ଧର୍ମପଦର ଆତ୍ମବଳ

ବାପର ବିଷାଦ ଦେଖି ଧର୍ମପଦ
କହେ ସୁକୋମଳ ଭାଷା,
"'ବାରଣ' ବଢ଼େଇ ରହନ୍ତୁ ଜୀବନେ
ଗୁଡ଼ିଏ ଏବେ ମୋର ଆଶା ।

ଏ ଜଗତେ କାହା ପୁଅ ବା କାହାର
ସମସ୍ତ ମାୟା ଭିଆଣ,
ସାର୍ଥକ ଜନମ ତାର ଏକା ସିନା
ପରହିତେ ଯାର ପ୍ରାଣ ।

କହିଛନ୍ତି ମୁନି— 'କୁଳରକ୍ଷା ଘେନ
ହେବ ଯେବେ ପ୍ରୟୋଜନ
ତେଜିବ ଜଣକୁ ହେଲେ ହେଉ ପଛେ
ସେ ଯେତେ ସ୍ନେହଭାଜନ ।

ନ ହୋଇ ବ୍ୟାକୁଳ ଗ୍ରାମହିତେ କୁଳ
ବରଜନ୍ତି ସାଧୁଜନ,
ଦେଶହିତେ ଗ୍ରାମ, ଜଗତ କଲ୍ୟାଣେ
କର ଦେଶ ବିସର୍ଜନ ।'

ବାରଣ' ବଢ଼େଇ ଆମ ଜାତିଭାଇ
ଶିଳ୍ପି କୁଳ ଗଳାହାର
ପାଆନ୍ତୁ ଜୀବନ ମୋ ଜଣକ ଲାଗି
ମନେ କିଛି ନ ବିଚାର ।

ତେଜ ମୋ ମମତା ହେବନାହିଁ ବାପା
ଦେଖା ଆଉ ଏ ଜୀବନେ,
ଦିଅ ଅନୁମତି କର ଆଶୀର୍ବାଦ
ବିଦା ହେବି ଏହିକ୍ଷଣେ ।"

କହେ ବୃଦ୍ଧ, "ବାବୁ, ବାରବର୍ଷ ହେଲା
ଛାଡ଼ି ଆସିଅଛୁ ଘର,
ତେତେବେଳେ ତୁହି ହୋଇଥିଲୁ ମାତୃ-
ଗର୍ଭରେ ଛଅ ମାସର ।

ପୁଅ କିବା ଝିଅ ହେଲୁ କି ଅପତ୍ୟ
କିବା ଗର୍ଭ ଗଲା ନାଶ,
ଭାବିବାକୁ ମତେ କେବେହେଲେ ଦଣ୍ଡେ
ମିଳିନାହିଁ ଅବକାଶ ।

କି ଯୋଗରେ ବାବୁ      ପହଞ୍ଚିଲୁ ଆସି
କଲୁ ଅସାଧ୍ୟ ସାଧନ,
ଏପରି ସୁଯୋଗ୍ୟ      ପୁଅ ପାଏ କରେ
ଅଳପ ଭାଗ୍ୟରେ ଜନ !
କଜ୍ଜଳ ପର୍ବତେ      ଝଟକି ନିମିଷେ
ଏବେ ଲୁଚିଯିବୁ କାହିଁ ?
ଏତେ ଭାଗ୍ୟର କି      ଏହି ପରିଣାମ
ଏହା କି ମୁଁ ଥିଲି ଚାହିଁ ?
କେଉଁ ଜନ୍ମେ କାହା      ଖାଇବା ପତ୍ରରେ
ପକାଇଥିଲି ମୁଁ ଧୂଳି,
କାହା ଅଞ୍ଜଳିରୁ      ଧନ ହରିନେଇ
ଦେଲି ତା ହାତେ ଶାଙ୍କୁଳି ।

×      ×      ×

ବାରଣ କରେଇ      ଆମ ଜାତି ଭାଇ
ନୁହନ୍ତି ମୋ ପ୍ରୟୋଜନ,
କୁଳ ଗଉରବ      ସଦା ରହିଥିବ
ଥିଲେ ତୋ ପରି ନନ୍ଦନ ।
ଯାର ଗୁଣରାଶି      ଜଗତେ ପ୍ରକାଶି
ରଖେ ଜାତି କୁଳ ମାନ,
ସେପରି ଗୋଟିକ      ସଙ୍ଗତେ ନୁହନ୍ତି
ଆନ କୋଟିଏ ସମାନ ।"
ତହୁଁ ପୁଅ ବେଗେ      ବୋଲେ ଉଦବେଗେ
"ଅଧିକ ନ କହ ଆଉ,
ହେଉଛି ଉହୂର      ଯିବ ଏଠା ଛୁଡ଼ି
ଏବେ ରାତି ଥାଉଁ ଥାଉଁ ।"
"କାହିଁ ଯିବୁ ବାବୁ,      ଫେଡ଼ି କହ ସବୁ
ରହିବୁଟିକି ପରାଣେ ?

ବଞ୍ଚି ରହିଥିଲେ  କେବେ ହେଲେ ଦେଖା
 କାହିଁ ହେବ କିଏ ଜାଣେ ?"
କହେ ପୁଅ, "ବାପା,  ଜୀବନ ମରଣ
 ଲାଗିଅଛି ଅନୁକ୍ଷଣ,
ଜନମ ହୋଇଲେ  ଆଗେ ଅବା ପଛେ
 ଅବଶ୍ୟ ହେବ ମରଣ ।
କାପୁରୁଷ ପରି  ମରିବା ଜଗତେ
 ନୁହେ ନର-ପଉରୁଷ,
ପରହିତ ସାଧି  ମରେ ଯେ ମହୀରେ
 ସେହି ଏକା ସୁପୁରୁଷ ।
ମାନବ ଜୀବନ  ନୁହଇ କେବଳ
 ବର୍ଷ ମାସ ଦିନ ଦଣ୍ଡ,
କର୍ମେ ଜୀଏଁ ନର  କର୍ମ ଏକା ତାର
 ଜୀବନର ମାନଦଣ୍ଡ ।
ମୁହୂର୍ତ୍ତେ ମାତର  ଉଜ୍ଜ୍ୱଳ ପ୍ରଖର
 ଶିଖା ଟେକି ହୁତାଶନ
ଜଳି ଯେବେ କରେ  ଆଲୋକ ଉତ୍ତାପ
 ଚଉଦିଗେ ବିତରଣ,
ଲିଭି ସେ କ୍ଷଣକେ  ତଥାପି ଏ ଲୋକେ
 ରହେ ତା ଆଦର ଯଶ,
କି ଲୋଡ଼ା ତହିଁରେ  ରହେ ଯେ ମହୀରେ
 କୁହୁଳି ସହସ୍ର ବର୍ଷ ?
କହୁଛି ନିଶ୍ଚୟ  ଏ ଜୀବନେ ଆଉ
 ହେବନାହିଁ ଯେବେ ଦେଖା,
ଜୀଇଁବା ମରିବା  କପାଇଁ ପରିର
 ସେ ଦୁଇ କଥା ତ ଏକା ।

ଏ ମୋ ବଡ଼ ଭାଗ୍ୟ ଘଟିଲା ସୁଯୋଗ
ମିଳି ଏଥି ଯଥାବେଳେ,
ମୂଢ଼ଲି ଦେଉଳ କୂଟ ଶିଳ୍ପତନ୍ତ୍ରେ
ଶିଖିଲି ଯା ଶିଶୁଖେଳେ ।

ବାରଶ' ବଢ଼େଇ ମୋର ଜାତିଭାଇ
ସହି ନିନ୍ଦା ଅପମାନ
ମଲେ ଯେବେ ଏଥି କି ସୁଖ ମୋହର
କରି ମନ୍ଦିର ନିର୍ମାଣ ?

ବାରଶ' ବଢ଼େଇ ରକତ ରଞ୍ଜିତ
ଯଶ ସନମାନ ଧନ
ଯାଇ ରାଜଦ୍ୱାରେ କହ କି ପ୍ରକାରେ
ବଢ଼ିବ ମୋ ବଡ଼ପଣ ?

ଶାଢ଼ୀ ବାନ୍ଧି ମୁଣ୍ଡେ ପିନ୍ଧ ରାଜଦାଣ୍ଡେ
ଦେଖି ଜାତି-କୁଳ ନାଶ,
କି ରଙ୍ଗେ ରଞ୍ଜିବ ଏ ଜଘନ୍ୟ ଛବି
ଭବିଷ୍ୟତ ଇତିହାସ ?

ଦେଉଳ ଅମୂଦା ରହୁ ମଣିଥାନ୍ତେ
ଯେବେ ସବୁ କାରିଗରେ,
ମୋ କର୍ମ କୌଶଳେ ଲଜ୍ଜା ଅପମାନ
ନ ଥାନ୍ତା ତାଙ୍କ ମୁଖରେ ।

ଉତ୍କଳର ଶିଳ୍ପି- କୁଳ ଇତିହାସେ
ନ ରହୁ ଏ କଳାଦାଗ,
ତେଣୁ ସ୍ୱଚ୍ଛମନେ ଏ ଜୀବନ ଲାଗି
କର ବାପା ମୋତେ ତ୍ୟାଗ ।"

('ଧର୍ମପଦ')

କୃଷ୍ଣମୋହନ ପଟ୍ଟନାୟକ ( ୧୮୭୭-୧୯୪୦ )

[ ପୁରୀ ଜିଲା ଚଣାହଟା ଗ୍ରାମରେ ଜନ୍ମ—କଲକତାରେ ପଢ଼ୁଥିଲା-ବେଳେ ସ୍ୱଦେଶୀ ଆନ୍ଦୋଳନରେ ଯୋଗ ଦେଇ ଶ୍ରୀ ଅରବିନ୍ଦଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ବାଲ୍ୟାବସ୍ଥାରୁ ଗୀତ ରଚନା ପ୍ରତି ମନ ଥିଲା । ସେ ମଧ୍ୟ ଜଣେ ସୁକଣ୍ଠ ଗାୟକ ଥିଲେ । ତାଙ୍କର ପ୍ରଥମ ରଚନା ଜାତୀୟ ଭାବାତ୍ମକ । ତାଙ୍କର ଗୀତିକବିତାଗୁଡ଼ିକ ଗ୍ରନ୍ଥାବଳୀରେ ପ୍ରକାଶିତ । ]

## ସେକାଳ ଓ ଏକାଳ

ଶଙ୍ଖାଳ ଖୋଜଇ ପାଚିଲା ପାନ
ପାନ ଥାଉ ଘରେ ନାହିଁଟି ଧାନ ।
ନଗଦ ପଇସା ପାଇବ କାହିଁ ?
ବେଠି କଲେ ସିନା ମୂଲ ମିଳଇ ।
ଅଜାଙ୍କ ଅମଳୁ ଅଇଲା ଦେଖି
ବେଠି ଖଟା ବୁଦ୍ଧି ନ ଥିଲା ଶିଖି ।
ବଣିଜ ବେପାର କୃଷିବାସରେ
ଧାନ ଗୁଣ୍ଡଲ ଯେ ଭରଇ ଘରେ ।
ଗୁଣ୍ଡଲ ମୁଠାକୁ କଉଡ଼ି ପଣେ
କଉଡ଼ି କଡ଼ାକୁ ଚିଜ କାହାଣେ ।
ସେ କାଳ ବାପ ରେ କୁଆଡ଼େ ଗଲା !
ଆଖି ପୁଣି ଆଜ ଏହା ଦେଖିଲା !
ତୋହଠାରେ ବାପ, ରଖିଛୁ ଆଶ—
ଫେରାଇ ଆଣିବୁ ପୁରୁଣା ଦେଶ ।

# ବରଷା ହେଉ

ମେଘ ଉଠାଇଲା   କଳାହାଣ୍ଡିଆ
ବିଜୁଳି ଚମକେ   ଥରିଲା ହିଆ ।
ଗାଆଁ ଲୋକଯାକ   ହୋଇଣ ମେଳି
ହରିବୋଲେ ଦାଣ୍ଡ   ଦେଲେ ଉଚ୍ଛୁଳି ।
ନଣ୍ଡା ଦେଖି ତାହା   ଅଇଲା ଧାଇଁ
ପୁଚ୍ଛିଲା ଚଞ୍ଚଳେ,   "ହଇଲୋ ଆଈ,
ବର୍ଷା ହେଲେ ଭୂଇଁ   ହେବ କାଦୁଆ
ତା ଦେଖି ସରବେ   ଆନନ୍ଦ କିଆଁ ?"
ମାଆ ବୋଲେ,   "ଆରେ ନବଘନିଆ,
ତୁ ପୁଣି କହୁଛୁ   ଆନନ୍ଦ କିଆଁ ?
ଯାଅ ବାପ ଯାଅ   ଠାକୁର ଘରେ
ମୁଣ୍ଡିଆ ମାରିଣ   କହିବୁ ଥରେ
ଅସରାଏ ହେଲେ   ବରଷା ହେଉ
ଗରିବ ଜାତିର   ଜୀବନ ରହୁ ।"

# ଜାତିଭାଇ

ଘର ପୋଡ଼ିଗଲା ଆର ସାଇରେ,
ଆମ ସାଇପିଲା ଛୁଟିଲେ ଖରେ ।

ନିଆଁ ନିଭିଯାନ୍ତେ ଆସିଲେ ଫେରି,
ବାଟେ ଜଣେ ଲୋକ ଦେଲା ପଚାରି—

"ପରଘରେ ସେଣେ ଲାଗିଲା ନିଆଁ,
ତୁମେ ରେ ବାଉଳା ହୋଇଲ କିଆଁ ?"

ପିଲାଯାକ ଭଲି କଲେ ଉତ୍ତର—
"ସହଜ କଥାଟା ବୁଝି ନ ପାର ?

ଆମର ବିପତ୍ତି ପଡ଼ିବ ଯେବେ,
କିଏ କିମ୍ପା ଆଉ ଗୁହାରିବ ତେବେ ?

ଜାତିଭାଇ ଯେବେ ହୋଇଲା ପର,
କାହାକୁ ଯେବେ କେ କରିବ ଘର ?

ଅସମୟେ ଯଦି ଏକୁ ଆରେକ
ଖୋଜୁଥିବ, ଥିବ ଜାତିର ଟେକ ।"

# ମିଳମିଶ କାମ କର

ମିଳମିଶୀ କର ଖେଳ ରେ ପୁଅ,
ଭାଇରେ ଭାଇରେ ଭଗାର ନୁହ ।

କଉଡ଼ିକ ପାଇଁ କଜିଆ କଲେ
ବାଘମାମୁଁ ଆସି ମିଳବେ ଭଲେ ।

ଭଲଲୋକପର କଜିଆ ମେଣ୍ଟି
କଉଡ଼ି ଢେନଣ ଚପିବ ତଣ୍ଟି ।

ଏହି ଦୋଷୁଁ ବାପ ଦେଶ ଆମର
ଏତେ ସର ଆଜ କଲାଣୀ ପର ।

ମିଳମିଶି କାମ କଲେ ସକଳେ
କଡ଼ାକୁ ଢକଡ଼ା ହୋଇବ କାଳେ ।

( କୃଷ୍ଣମୋହନ ଗ୍ରନ୍ଥାବଳୀ )

ମୃତ୍ୟୁଞ୍ଜୟ ରଥ ( ୧୮୮୨-୧୯୨୪ )

[ ପୁରୀ ଜିଲ୍ଲା ଦକ୍ଷିଣ ବାଡ଼ସରେ ଜନ୍ମ—ପୁରୀ ଓ କଟକରେ ଶିକ୍ଷକ ଥିଲାବେଳେ 'ଉତ୍କଳ ସାହିତ୍ୟ', 'ମୁକୁର' ଓ 'ପ୍ରଜାବନ୍ଧୁ'ରେ ଲେଖୁଥିଲେ—ସେ 'ବାଣୀଭୂଷଣ' ଉପାଧିରେ ଭୂଷିତ ହୋଇଥିଲେ । ସେ ଉତ୍କଳ ସାହିତ୍ୟ ସମାଜର ସହ-ସମ୍ପାଦକ ମଧ୍ୟ ଥିଲେ । ରଚନାବଳୀ :—'ନବରଙ୍ଗ', 'କର୍ମଯୋଗୀ ଗୌରୀଶଙ୍କର', 'ଅଦ୍ଭୁତ ପରିଣାମ', କେତେକ ପାଠ୍ୟପୁସ୍ତକ ଏବଂ ସଂସ୍କୃତ କାବ୍ୟର ଅନୁବାଦ । ]

## କୁନି

ବିଶୀ ପୋଷିଥିଲି ଭଲ ପୁଷିଟିଏ
ତୁଳାପରି ତାର ଦେହ,
ଖୁଆଇ ପିଆଇ ନିତି ତାକୁ ସେହି
କରୁଥାଏ କେତେ ସ୍ନେହ ।

ଆଉଁଶି ଦିଅଇ ତା କୋମଳ ଅଙ୍ଗ
କୋଳରେ ବସାଇ ସୁଖେ,
ମ୍ୟାଉଁ ମ୍ୟାଉଁ କରି ଛୁଇଁ ସେ ପକାଏ
ନ ଡରି ତାହାର ମୁଖେ ।

ଘାଗୁଡ଼ିରୁ ମାଳେ ତା' ଗଳାରେ ଥାଏ
ଡାକଦେଲେ 'କୁନି' ବୋଲି,
ଝୁମୁରୁ ଝୁମୁରୁ ହୋଇ ମିଳେ ପାଶେ
କା ରଙ୍ଗେ ଲାଞ୍ଜକୁ ତୋଳି ?

ଖାଇବା ବେଳରେ ଦୁଧଭାତ ଗୋଳି
ଆଗେ ତାକୁ ଦିଏ ବଣି,
କେଡେ ଆହ୍ଲାଦରେ ଖାଇଦେଇ ସେହି
ସଙ୍ଗେ ଯାଉଥାଏ ମିଶି ।

ଖାଇବା ଆଗରୁ ଧାଇଁଯାଇ ଭୁନି
ଭୁନି ହୋଇ ଶୋଇପଡ଼େ,
ମୁତ୍ଲା ଉପରୁ ତଡ଼ିଦେଲେ ତାକୁ
ବସେ ଆସି ଖୁଣ୍ଟପରେ ।

ଗାଧୋଇବା ବେଳେ ଧୋଇ ମାଜି ବଣି
ଛୁଡ଼ିଦିଏ ତାକୁ କୂଳେ,
ଝାଡ଼ି ଦେଇ ଦେହ ଲୁହି ସୁଖେ ପୁଷି
ପିଠିକି ଫୁଲାଇ ଫୁଲେ ।

ଘୁଇପରି ନିତି ବୁଲୁଥାଏ ପଛେ
ଯେଣେ ବଣି ଯାଉଥାଏ,
ଅଳପେ ତା ପଦ ଚାଟୁଥାଏ ସ୍ନେହେ
ନଶପଟା ଖଡ଼ା ଥାଏ ।

ଖାଇବା ଦରବ ଦେଖାଇଲେ ହାତୁ
ଆଗ ଗୋଡ଼େ ନିଏ ମାରି,
ଦନ୍ତେ ନ ଦେଖିଲେ ବଣିକ ଦେଖ ପୁଷି
ହୁଏ ଆହା କେତେ ଖାରି !
ମ୍ୟାଉଁ ମ୍ୟାଉଁ ବୋଲି ଏଣେତେଣେ ବୁଲି
ଖୋଜୁଥାଏ ତା ପ୍ରିୟାକୁ,
ପଶୁ ହୋଇ ସୁଦ୍ଧା ସଙ୍ଗ ସ୍ନେହ ଗୁଣେ
ବଳିଯାଏ ମନୁଷ୍ୟକୁ ।

# ବେଙ୍ଗରଜା

ଦିନେ ହେଲା ଘୋର ବରଷା
ଗରଜିଲେ ସଘନେ,
ବିଜୁଳି ଚମକ ଦେଖାଇ
ଜଳଧରେ ଗଗନେ ।

ମୁଷଳଧାରରେ ଆକାଶୁଁ
ଖସି ପଡ଼ଇ ଜଳ,
କ୍ଷଣକେ ମଧ୍ୟରେ ଉଚ୍ଛୁଳି-
ପଡ଼େ ସ୍ରୋତ ପ୍ରବଳ ।

ବୁଡ଼ିଲେ ରଡ଼ିଲେ ପ୍ରଜାଏ
ଦେଖି ବେଙ୍ଗ ରାଜନ
ଗଛମୂଳ ଗାଦି ଉପରେ
ଉଭା ହୋଇ ବହନ ।

କଚୁପତ୍ର-ଛତ୍ର ତଳରେ
ରହି ସୁଖେ ତକ୍ଷଣେ
ଟଙ୍ଗ ଟଙ୍ଗ ବେଙ୍ଗ-ପ୍ରଜାଙ୍କୁ
ଦମ୍ଭ ଦେଲା ଏସନେ—

ଶୁଣ ଶୁଣ ମୋର ପ୍ରଜାଏ
ଡର କପାଁ ତୁମ୍ଭର ?
ଛୁର ଇନ୍ଦ୍ର ପରା ଦେଖାଏ
ଗର୍ବ ଆମ୍ଭ ପାଶର ।

ଏକସ୍ୱରେ ଡାକ ଗୁଡ଼ଡ଼ ରେ
ପଶୁ ଆକାଶେ ଯାଇ,
ସବୁ ଦେବତାଏ ଜାଣନ୍ତୁ
ଇନ୍ଦ୍ରର ଏ ବଡ଼ାଇ ।

ସୃଷ୍ଟି କି କଲେ ଯେ ବିଧାତା
ନଷ୍ଟେ ପ୍ରତିବିଧାନ
କରିବେ ଏଥର, ଶୁଣିଲେ
ତୁମ୍ଭ ଡାକକୁ ଜାଣ ।

ତୁହାଇ ତୁହାଇ ଡାକ ରେ !
କାନ ହେଉ ବହିରା,
ଏ ଗର୍ବୀ ମାନବେ ଦେଖନ୍ତୁ
ଘର ହୋଇଣ ଛିଡ଼ା ।

ରଡ଼ୁ ରଡ଼ୁ ଛାଡ଼ପଡ଼ିଲା
ବୁନ୍ଦୁ ବରଷା ଝରେ,
ଶ୍ରବଣ ବଧିର ହୋଇଲା
ତାଙ୍କ ଡାକ ନ ସରେ ।

( ‘ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ’ )

ବୈଷ୍ଣବ ପାଣି ( ୧୮୮୨-୧୯୫୬ )

[ ଜନ୍ମସ୍ଥାନ—କଟକ ଜିଲ୍ଲାର କୋଠପଦା ଗ୍ରାମ—ପ୍ରଥମେ ପାଲାଦଳରେ ଯୋଗଦେଇ ପରେ ଯାତ୍ରାଦଳର ଓସ୍ତାଦ୍ ହୋଇଥିଲେ । ଉଚ୍ଚଶିକ୍ଷା ନ ପାଇ ମଧ୍ୟ ବ୍ୟକ୍ତିଗତ ସାଧନାବଳରେ ଜଣେ ପ୍ରସିଦ୍ଧ ନାଟ୍ୟକାର ଓ କବି ହୋଇପାରିଥିଲେ । ସମାଜ ଜୀବନର ବାସ୍ତବ ଚିତ୍ରଣ, ଅପୂର୍ବ ହାସ୍ୟରସ ଏବଂ ଛନ୍ଦର ସରଳତା ଯୋଗୁ ତାଙ୍କ ଗୀତିନାଟ୍ୟଗୁଡ଼ିକ ଏତେ ଲୋକପ୍ରିୟ । ]

## ଦୁଃଖୀଧନ ନୀଳମଣି ରେ

ଦୁଃଖୀଧନ ନୀଳମଣି ରେ
ମାଆ ବୋଲି କିଏ ଡାକିବ ମୋତେ,
ଗୋରୁ ଧେନୁ ଫେରି ଆସିଲାବେଳକୁ
କାହାପାଇଁ ଜଗି ବସିବି ପଥେ ?

ଯେବେ ବକା ଆସିବ କୋଳ
କାନ୍ଧ କିଏ କରିବ ଅଳ ?

ଚାଲି ହେଉଥିଲେ ଧୂଳି ବୋଲିହୋଇ
ଦୋଳି କେ ଖେଳିବ କାନ୍ଧପଣତେ ?

ଯେବେ ଦହି ମୁହାଁ ହୋଇବ
କିଏ ସେ ଲବଣୀ ଖାଇବ

ହୋଇଣ ଆନନ୍ଦ ଗାଈ ଦୁହିଁବାକୁ
ଶିଁକା ଛନ୍ଦ ଘେନ କେ ଯିବ ହାତେ ?

ଖେଳ ଯାଇଥିଲେ ଦାଣ୍ଡରେ
ଧୂଳି ପଡ଼ଥାଇ ମୁଣ୍ଡରେ

କଳି କଲେ କେହ୍ନି ମାଆ ମାଆ କହି
କଇଁ କଇଁ ହୋଇ କାନ୍ଦବୁ କେତେ ?

ଯେବେ ଯିବୁ ମଧୁପୁରକୁ
ଅନାଇବ କାହା ମୁଖକୁ ?

କହେ ବଇଷ୍ଣବ ନଷ୍ଟେ ଜୀବ ଯିବ
ମୃରୁଛିବ ଗଳାମାଳି କେମନ୍ତେ ?

ନୀଳକଂଠ ଦାସ (୧୮୮୪—୧୯୬୭)

[ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟସ୍ଥ ଶ୍ରୀରାମଚନ୍ଦ୍ରପୁର ଶାସନରେ ଜନ୍ମ—କଲିକତାରୁ ଏମ୍. ଏ. ପାସ୍ କରିଥିଲେ । ସେ ଥିଲେ ଏକାଧାରରେ ଦାର୍ଶନିକ, ସଂସ୍କାରକ, ବ୍ୟବସ୍ଥାପକ, ସାହିତ୍ୟିକ ଓ ଶିକ୍ଷାବିତ୍—ସେ ପଣ୍ଡିତ ଗୋପବନ୍ଧୁଙ୍କ ସହ ମିଶି ସତ୍ୟବାଦୀର ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ସେ 'ସେବା' ସମ୍ବାଦପତ୍ର ଓ 'ନବଭାରତ' ମାସିକ ପତ୍ରିକାର ସଂପାଦକ ଥିଲେ । ରଚନାବଳୀ—'ଆର୍ଯ୍ୟଜୀବନ', 'ଖାରବେଳ', 'କୋଣାର୍କେ', 'ପ୍ରଣୟିନୀ', 'ପିଲାଙ୍କ ରାମାୟଣ', 'ପିଲାଙ୍କ ମହାଭାରତ' ପ୍ରଭୃତି । ତାଙ୍କ ଆତ୍ମଜୀବନୀ କେନ୍ଦ୍ର ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କୃତ । ]

## ଟକାଫଳ ନ ଖାଉଁ

ଅପଂତର ପାଠ ସେ ପାଖେ      ଆଂବତୋଠା ଗହଳ,
ଆଂବତୋଠା ଗଲେ ବନସ୍ତେ      ଦିଶେ ପାହାଡ଼ତଳ ।

ପାହାଡ଼ରୁ ଫିଟି ଝରଣା      ଢେଉଦିଯାଏ କିଆରୀ,
ସେ ବିଲେ ହୁଅଇ ରସାଳ      ଆଖୁ କଳା କଂତାରୀ ।

ପଲେ ପଲେ ଭାଲୁ ପାହାଡ଼ୁ      ଗଡ଼ି ଆସଂନ୍ତି ତଳେ,
ଆଂବ ଥିଲେ ତୋଠା ବୁଲଂନ୍ତି      ଆଖୁ ଖାଆଂନ୍ତି ବିଲେ ।

ଆଂବ ଖୋଜୁ ଖୋଜୁ ଚୋବାଂନ୍ତି      ଆଂବ ପତର କେତେ,
ଚୋବାଇ ଫୋପାଡ଼ି ଦିଅଂନ୍ତି      କଷା ଲାଗଇ ଯେତେ ।

ଖାଂଗି କରି ସବୁ ଗେଣ୍ଡୁବାଂଡି      ଆଖୁ ପତର ମିଶା,
ବଗୁରଂଡି ହେବ ଏ ଗଛ—      ଫଳ କେଡ଼େ ସରସା ।

ନିତି ନିତି ବୁଢ଼ା ଭାଲୁଏ      ଡଂଡି ବୁଲଇ ଫଳେ,
ବରୁଡ଼ି ଘର ସେ ଦେଖିଲା      ଆଖୁ ପତ୍ର ଗହଳେ ।

ଚକାଫଳ ଦେଖି ତୁଂଡରୁ      ତାର ବହିଲା ଲାଳ,
ଆଖୁ ତ ସଭିଏଁ ଗେଣ୍ଡୁବାଂଡି      ବୁଢ଼ା ଖାଇବ ଫଳ ।

କାହାକୁ ନ କହି ପାହାଡ଼େ      ଗଲା ସେ ରାତି ଫେରି,
ଦିନ ଥାଉଁ ଆସି ଏକାରେ      ମଜା ମାରିବ ବୋଲି ।

ଆର ଦିନ ସଞ୍ଜ ନ ବୁଡ଼ୁ      ଝଳେ ପଶିଲା ଲୁଚି,
ଆଗ ଗୋଡ଼ ଠେକ ଧଇଲା      ଫଳ ପ୍ରାଣ ମୁରୁଛି ।

ଧରୁ ଧରୁ ମୁହେଁ ପୂରାଇ—      ଦେଲା ଗୋଠାକଯାକ,
ମାଇଲେ ବରୁଡ଼ି ଫୁଟିଲା      ଆଖି, ଜଳିଲା ନାକ ।

ଜିଭ ତାଳୁ ସବୁ ପୋଡ଼ିଲା      ଭାଲୁ ଗଡ଼ିଲା ତଳେ,
ନ ଛୁଡଂତି କେଉଁ ବରୁଡ଼ି      ବୁଢ଼ା ଗର୍ଜେ ବକଳେ ।

ଦଉଡଂତି ଦଉଡଂତି ପଳାଉଁ      କହେ, "କେବେ ତ ଆଉ
ଆଖୁ ବାଡ଼ି ଆମେ ନ ପଶୁଁ,      ଚକାଫଳ ନ ଖାଉଁ ।"

( ନୀଳକଂଠ ଗ୍ରଂଥାବଳୀ )

## ପିଲା ଓ ଚଢ଼େଇ

ପିଲା— ଆସ ଆସ ଚଢ଼େଇ ମୋ ପିଂଡାରେ ବସ,
ଖାଇବାକୁ ଦେବି ତତେ ନଡ଼ିଆ ରସ;
ପିଇବାକୁ ଦେବି ବେଂଟପୋଖରୀ ପାଣି,
ରହିବାକୁ ଦେବି ସୁନା ପଂଜୁରି ଆଣି ।

ଚଢ଼େଇ— ବୁଲୁଛି ବନସ୍ତେ ମୁହିଁ ଡାଳକୁ ଡାଳ,
ଖାଇବାକୁ ଅଛି କେତେ ପାଚିଲା ଫଳ;
ପାହାଡ଼ ଝରଣା ପାଣି ପିଏ ମୁଁ ନିତି,
ପତ୍ରଗହଳରେ ଶୋଇ ପୁହାଏ ରାତି ।

ପିଲା— ଉଡ଼ି ଉଡ଼ି ବାହିବଟି ଡେଣାକୁ ତୋର,
ଶିକାରୀ ଛଂଚୁଣ ଦେଖି ମାଡ଼ିବ ଡର;
କିମିତି ରଖିବୁ ଛୁଆ ପତରତଳେ,
ପିଲା କିଏ ସଂଭାଳିବ ବୁଲି ତୁ ଗଲେ ?

ଚଢ଼େଇ— ବାଧିଯିବ ଯେବେ ଡେଣା କାହିଁକି ଅଛି ?
ଶିକାରୀ ଛଂଚୁଣ ଜଗି ସୁଖେ ବୁଲୁଛି ।
ଛୁଆ, ପିଲା ସଂଭାଳିବ କରି ମୁଁ ବସା,
ପିଲା ଯେ ଦେଇଛି, ସେହି ଏକା ଭରସା ।

ପିଲା— ଆସୁଛି ବରଷାକାଳ ଶ୍ରାବଣ ଧାର,
ଖାଇବାକୁ ନ ମିଳିବ ଦିବସସାରା;
ବସି ଗୀତ ଗାଉଥିବୁ ମୋ ଘରେ ସୁଖେ,
କଉତୁକେ ଧରିଥିବି ତତେ ମୁଁ ବୁକେ ।

ଚଢ଼େଇ— ଡେଣା ପିଟି ଖାଉଛି ମୁଁ ଇଛାରେ ଚରି,
ଉପାସ ବାଧିବ ନାହିଁ ବଂଧନ ପରି;
ଗୀତ ଗାଇ ପୋଷା ହେବା ନୁହେଁ ମୋ କାମ,
ପ୍ରଭୁ ମନ ଯୋଗାଇବା ବଡ଼ ବିଷମ ।

# ହନୁମାନ୍‌ର ଲଂକାପୋଡ଼ି

ଲଂକାରୁ ଫେରିବା ପୂର୍ବରୁ ହନୁମାନ ଭାବୁଥିଲା, 'ସୀତାଂକୁ ତ ଦେଖିଲି; ଏବେ ରାକ୍ଷସମାନଂକ ଯୁଦ୍ଧବିଦ୍ୟା କିପରି ଟିକିଏ ଦେଖିଗଲେ ମଂଦ ହବ ନାଇ ।' ଏହା ଭାବୁଥିବ ଦୁମ୍‌ଦାମ୍ ଭୁସ୍‌ଭାସ୍ କଡ଼୍‌ମଡ଼୍ କରି ଅଶୋକ ବଣଟି ଭାଂଗି ନାରଖାର କରିପକାଇ ଯାଇ ଗୋଟାଏ ସିଂହଦ୍ୱାର ଉପରେ କିଛି ନ ଜାଣିଲା ପରି ବସିରହିଲା । ମଝିରେ ମଝିରେ କାହାକୁ ଦେଖିଲେ ଖାଲି ଗୋଟାଏ ଗୋଟାଏ ହଂଟାଳ କରୁଥାଏ । ରାକ୍ଷସମାନେ ଏହା ଦେଖି ରାବଣ ପାଖକୁ ଦଉଡ଼ିଲେ; ଯାଇ କହିଲେ, "ମହାରାଜ, ଗୋଟାଏ ମାକଡ଼ କାହୁଁ ଆସି ଅଶୋକବନ ଭାଂଗି ନାରଖାର କରି ସାରିଲାଣି । ସେ ବୋଧହୁଏ ରାମର ଲୋକ ହବ । ସୀତା ସଂଗେ ସେ କଥାବାର୍ତ୍ତା ହୋଇଚି । ସୀତା ଯେଉଁଠାରେ ଥାଂନ୍ତି, ସେଠାଟିରେ ହାତ ଦେଇ ନାଇ ।"

ଏହା ଶୁଣି ରାବଣ ରାଗିଗଲା । କୋଡ଼ିଏଟା ଯାକ ଆଖି ତାର ନାଲ୍ ହୋଇ କୁଂଭାରଚକ ପରି ବୁଲିଗଲା । କୋଡ଼ିଏ ପାଟି ଦାଂତ କଡ଼ମଡ଼ କରି ସେ ହୁକୁମ ଦେଲା, "ବେଗେ ସେ ମାକଡ଼ଟାକୁ ବାଂଧି ଆଣ !" ରାକ୍ଷସମାନେ ବାଂଧିବେ କଣ ? ହନୁମାନ ସିଂହଦୁଆର କିଳଣିଟା କାଢ଼ି ସେଥିରେ ରାକ୍ଷସଗୁଡ଼ିକୁ ଏକାବେଳକେ ପେଷି ଚଟଣି କରିଦେଲା । ସେଠାରୁ ଯାଇ ଗୋଟାଏ ଘର ଭାଂଗିଦେଇ, ହନୁମାନ ପୁଣି ଆସି ଭଲ ମନୁଷ୍ୟ ପରି, ସେହି ସିଂହଦୁଆରେ ବସିରହିଲା ।

ଏ ମଧ୍ୟରେ ପୁଣି କେତେ ଜଗୁଆଳି ଆସିଲେ । ସମସ୍ତେ ସେହି ଭଂଗାଘରର ଗୋଟିଏ ଖଂବରେ ଚୂନା ହେଲେ । ଏଣେ ରାବଣ ଜାଂବୁମାଳିକୁ ଯୁଦ୍ଧ କରିବାକୁ ପଠାଇଲା । ତାପରେ ମଂତ୍ରି ପୁଅମାନେ ଆସିଲେ । ସମସ୍ତେ ହନୁମାନର ଗୋଟାଏ ଗୋଟାଏ ବିଧା ଗୃପୁଡ଼ାରେ

ଗଲେ । ହନୁମାନ ପୁଣି ସେଇ ସିଂହଦୁଆରେ ବସିଲା । ସେ ହାତୀରେ ହାତୀ, ଘୋଡ଼ାରେ ଘୋଡ଼ା, ରଥରେ ରଥ, ମନୁଷ୍ୟରେ ମନୁଷ୍ୟ ମାରି ସବୁ ପେଷି ଦେଉଥାଏ । ପୁଣି ସେହି ସିଂହଦୁଆରେ ଯାଇ କିଛି ନ ଜାଣିଲା ପରି ବସୁଥାଏ ।

ଲଂକାରେ ଭାରି ହୁଲସ୍ଥୁଲ ପଡ଼ିଗଲା । ଦୁର୍ଧର, ପ୍ରଘସ, ବିରୂପାକ୍ଷ, ଭାସକର୍ଣ, ଯୂପାକ୍ଷ—ଏମାନେ ଲଂକାରେ ବଡ଼ ବଡ଼ ବୀର; କିଂତୁ ହନୁମାନ ହାତରେ ସେ କି ବୀର ? ସମସ୍ତେ ଗୋଟି ଗୋଟି ହୋଇ ଗୁଂଡା ହେଲେ । ରାବଣପୁଅ ଅକ୍ଷ ଆଠଘୋଡ଼ା ରଥରେ ଚଢ଼ି ଆସିଲା । ସେ ଭାରି ଯୁଦ୍ଧ କରି ଜାଣେ । ହନୁମାନକୁ ଗୋଟାକେତେ ବାଣ ମାରିଦେଲା । ତା'ପରେ ରଥ ଉପରକୁ ହନୁମାନ ଯାଇ କେତେଟା ମୁଥରେ ରଥ ଘୋଡ଼ା ସୁଦ୍ଧା ଅକ୍ଷକୁ ଶେଷ କରିଦେଲା ଓ ପୁଣି ଆସି ସେହି ସିଂହଦୁଆରେ ବସିଲା ।

ଏଥର ରାବଣର ବଡ଼ପୁଅ ଇଂଦ୍ରଜିତ୍ ଆସିଲା । ଇଂଦ୍ରଜିତ୍ ସାମାନ୍ୟ ଯୋଦ୍ଧା ନୁହେଁ । ଲଂକାରେ ତା ପରି ଆଉ କେହି ନ ଥିଲେ । ସେ ଆସି ବାଣ ମାରୁଥାଏ; ହନୁମାନ ଟିକିଏ ବୁଲିଯାଉଥାଏ, ବାଣ ବାଜେ ନାଇ । ଇଂଦ୍ରଜିତ୍ ଭାରି ରାଗିଯାଇ ଶେଷକୁ ବ୍ରହ୍ମାସ୍ତ୍ର ଛାଡ଼ିଲା । ବ୍ରହ୍ମା ସେ ଅସ୍ତ୍ର ଇଂଦ୍ରଜିତ୍‌କୁ ଦେଇଥିଲେ । ସେ ତ ବୃଥା ହବ ନାଇ । ହନୁମାନ ଉପରେ ବାଜିଲା; କିଂତୁ ହନୁମାନକୁ ତ ପୁଣି ବ୍ରହ୍ମା ବର ଦେଇଥିଲେ, ସେ କୌଣସି ଅସ୍ତ୍ରରେ ମରିବ ନାଇ । ଏବେ ବ୍ରହ୍ମାସ୍ତ୍ର ଆସି ତାକୁ ଖାଲି ବାଂଧିପକାଇଲା । ହନୁମାନ୍ ବିଚାରିଲା, "ଭଲ ହେଲା । ଏଥର ଏମାନେ ମତେ ରାବଣ ପାଖକୁ ନେଇଯିବେ । ମୁଁ ବି ରାବଣ ସଂଗେ ଦୁଇପଦ କଥାବାର୍ତ୍ତା ହେବି ।"

ଏହା ଦେଖି ରାକ୍ଷସମାନେ ଆନଂଦରେ ନାଚିଲେ । ଧର ଧର ମାର ମାର କରି ହନୁମାନ୍‌କୁ ବଡ଼ ବଡ଼ ଦଉଡ଼ି ଆଣି ବାଂଧିଲେ । କିଏ କେତେ ଗାଳିଦେଲା, ମାଇଲା, ଘୋଷାରିଲା । ଏଣେ କିଂତୁ ବ୍ରହ୍ମାସ୍ତ୍ର ଫିଟି-ଗଲାଣି, କେହି ଜାଣଂତି ନାଇ । ଦଉଡ଼ିରେ ବାଂଧିଲେ ବ୍ରହ୍ମାସ୍ତ୍ର ବଂଧା ଫିଟିଯାଏ, ଏ କଥା ଖାଲି ଇଂଦ୍ରଜିତକୁ ଜଣା ।

ଖୁବ୍ ମଜବୁତ୍ କରି ବାନ୍ଧି, ପାଚି କରି ମାରି ମାରି ହନୁମାନ୍‌କୁ ଆଣି ରାବଣ ପାଖେ ହାଜର କରିଦେଲେ । କିଏ କହିଲା, "ମାରି ପକାଅ", କିଏ କହିଲା, "ପୋଡ଼ି ଦିଅ", କିଏ କହିଲା, "ଏଇଟାକୁ ଆଣ, କାଟି ଖାଇବା ।" ହନୁମାନ୍ କିଛି କହୁ ନ ଥାଏ । ଖାଲି ରାବଣକୁ ଓ ତାହାର ସଭାଘରକୁ ଚାହୁଁଥାଏ । ସେ ଦେଖିଲା, ରାବଣର ସ୍ଫଟିକ ସିଂହାସନ, ସେଥିରେ ମଣିମାଣିକ୍ୟ ବସିଚି । ତାହାର ଦଶ ମୁଣ୍ଡରେ ଦଶଟା ଚକ୍‌ଚକ୍ ମୁକୁଟ । ତା ଦେହ ହାଣ୍ଡିକଳା ପରି, ସେଥିରେ ରକ୍ତଚନ୍ଦନ ଚିତା ଓ ସୁନାର ହାରମାଳ । ମୁହଁଟାମାନ ଗୋଟାଏ ଗୋଟାଏ ଗାତ ପରି; ଦାନ୍ତଗୁଡ଼ାକ ଦାଡ଼ୁଆ, ଓଠସବୁ ମୋଟା । ଦେଖିଲେ ଭାରି ବୀର ବୋଲି ଜଣାଯାଉଚି ।

"ତୁ କିଏ ? କାହିଁକି ଆସିଚୁ ? ସତ କହିଲେ ଛାଡ଼ିଦବୁ ।" ଏହିପରି କିଏ କେତେ ପ୍ରଶ୍ନ ପଚାରୁଥାନ୍ତି । ଶେଷକୁ ହନୁମାନ୍ କହିଲା, "ରାଜା ରାବଣ, ମୁଁ ବାନର, ଲଙ୍କା ଦେଖି ଆସିଥିଲି । ତମକୁ ସହଜରେ ଦେଖା ନ ପାଇ ବଣ ଭାଙ୍ଗିଲି । ମୋ ସାଙ୍ଗେ ଯେ ଲାଗିଲା ତାକୁ ମାରିଲି । ମୁଁ ରାମଙ୍କ ଦୂତ, ପବନର ପୁଅ । ମୋ ନାଆଁ ହନୁମାନ୍ । ତମେ ଏଡ଼େ ରାଜା ହୋଇ ଅନ୍ୟାୟ କରୁଚ । ଭଲ କଥା କହୁଚି, ସୀତାଙ୍କୁ ଛାଡ଼ିଦେଇ ଆସ; ନ ହେଲେ ତମ ପ୍ରାଣ ଯିବ । ରାମ ମତେ କହିଥିଲେ ଏହିକ୍ଷଣି ମୁଁ ଲଙ୍କା ଗୁଣ୍ଡ କରି ଦିଅନ୍ତି; ତୁମେ ଜାଣନ୍ତ ।"

ରାବଣ ଏହା ଶୁଣି ନିଆଁ ହୋଇଗଲା । କହିଲା, "କିଏ ଅଛ ରେ, ଏଇଟାକୁ ଖଣ୍ଡ ଖଣ୍ଡ କରି କାଟିଦିଅ ।" କିନ୍ତୁ ବିଭୀଷଣ ତାକୁ ମନା କଲା । ବିଭୀଷଣ ରାବଣର ସାନଭାଇ; ସେ ବଡ଼ ଧାର୍ମିକ ବୁଦ୍ଧିମାନ୍ ଲୋକ । ସେ କହିଲା, "ଏ ରାମର ଦୂତ । ଦୂତକୁ ମାରିବା ଠିକ୍ ନୁହେ । ଏହାକୁ ମାରିଦେଲେ ରାମକୁ ଖବର ଦବ କିଏ ? ତା ନ ହେଲେ ରାମ ଲକ୍ଷ୍ମଣ ଏଠାକୁ ଆସିବେ କିପରି ? ଆମେ ବା ତାଙ୍କୁ ମାରିବା କିପରି ? ଦୂତକୁ ମାଡ଼ ଦିଆଯାଏ, ଲଣ୍ଡା କରି ଟୋପଟା କେମ୍ପା କରି ବା ନାକ କାନ କାଟି ଛାଡ଼ି ଦିଆଯାଏ । ତାକୁ ମାରିବାକୁ ମନା ।"

ରାବଣ ଶୁଣି କହିଲା, "ଠିକ୍ କଥା । ଏହାର ଲାଂଗୁଡ଼ଟା ପୋଡ଼ି ଛାଡ଼ିଦିଅ । ଦେଶକୁ ଯାଇ ଆଉ ମୁହଁ ଦେଖାଇ ପାରିବ ନାଇ ।" ଆଃ, ଏହା ଶୁଣି ରାକ୍ଷସଙ୍କର କି ଆନନ୍ଦ ! ସମସ୍ତେ ଯାଇ ବୋଝ ବୋଝ କନା ଆଣି ଯେତେ ପାରିଲେ, ହନୁମାନ୍ ଲାଂଗୁଡ଼ରେ ଗୁଡ଼ାଇଲେ । ଲଙ୍କାରୁ କନା ଆସି ସରିବାକୁ ବସିଲା । ସେଠାରୁ ତେଲ ଅଜାଡ଼ି ହନୁମାନ୍ ଲାଂଗୁଡ଼ରେ ନିଆଁ ଲଗାଇଦେଲେ ।

ଏତେବେଳକୁ ଲଙ୍କାରେ ଏ କଥା ଗୋଳ ହୋଇଗଲାଣି । ହନୁମାନ୍ ଲାଂଗୁଡ଼ରେ ରାକ୍ଷସଙ୍କୁ ପିଟୁଥାଏ । ସେମାନେ ତାକୁ ସାଇ ସାଇ ବୁଲାଉଥାଆନ୍ତି । ସୀତା ଶୁଣି ତାଙ୍କର ଭାରି ମନ ବ୍ୟସ୍ତ ହେଲା । ସେ ମନେ ମନେ କହିଲେ, "ହେ ଅଗ୍ନିଦେବତା, ମୁଁ ଯେବେ ଏ ଜୀବନରେ କିଛି ହେଲେ ଧର୍ମ କରିଥିବି, ତମେ ହନୁମାନ୍ ଦେହରେ ଶୀତଳ ହୋଇଯିବ ।" ଏଣେ ହନୁମାନ୍ ଦେହରେ ନିଆଁ ଜଳିଲା; ନିଆଁ ତାକୁ ପାଣିପରି ଶୀତଳ ଲାଗୁଥାଏ । ସେ ବିଚାରିଲା, 'ମୋର ପିତା ପବନ; ଆଉ ରାମସ୍ୱାମୀଙ୍କ ଦୟାରେ ଏପରି ହୋଇଥିବ ।'

ସେଠାରୁ ସେ ଦେହକୁ ସାନ କରିଦେଇ ବାନ୍ଧା ହୋଇଥିବା ଦଉଡ଼ିଯାକ ଖସାଇଦେଇ ଲାଂଗୁଡ଼ ଝାଡ଼ିଦେଇ ବସିପଡ଼ିଲା । ପାଖରୁ ଗୋଟେ ଦୁଆର କିଳଣି ଧରି ପାଖରେ ଥିବା ରାକ୍ଷସଗୁଡ଼ିକଙ୍କର ମୁଣ୍ଡଟିମାନ ଗୁଣ୍ଡା କରିଦେଲା । ସେଠାରୁ ତାକୁ ବୁଦ୍ଧି ଦିଶିଲା, "ସବୁ ତ ହେଲା, ଲାଂଗୁଡ଼ରେ ତ ନିଆଁ ଅଛି, ଆଉ ଲଙ୍କା ଘରଗୁଡ଼ାକ ବାକି ରହିବ କିଆଁ ?" ବିଚାରୁ ବିଚାରୁ ତ ଘରକୁ ଘର ଡେଇଁ ନିଆଁ ଲଗାଇଦେଲା । ରାଜାଙ୍କ ନଅର ବି ବାଦ୍ ପଡ଼ିଲା ନାଇ । ରାକ୍ଷସମାନେ ପାଟି କରି ଡକା ପାଡ଼ୁଥାଆନ୍ତି; ହନୁମାନ୍ ଲାଂଗୁଡ଼ ବାଡ଼େଇ ଚାଳକୁ ଚାଳ ଡିଆଁ ମାରୁଥାଏ । ଆଃ, କି ଚମତ୍କାର !

ଚାରିଆଡ଼େ ନିଆଁ ଲାଗିଗଲା । ଦୁର୍ ଦୁର୍ ହୋଇ ସହର ଜଳି ଉଠିଲା । କେତେ ରାକ୍ଷସ ବାଟ ନ ପାଇ ପୋଡ଼ି ମଲେ । ପାଟିତୁଣ୍ଡ, କାନ୍ଦ

ଗୋଲମାଲର କଥା ବା କିଏ କହିପାରିବ ? ଶେଷକୁ ହନୁମାନ୍ ଲଂକାକୁ ଘୂରିଘୂରି, ଖୁସିହୋଇ ସମୁଦ୍ରକୁ ଆସି ଲାଂଗୁଡ଼ରୁ ନିଆଁ ଲିଭାଇଦେଲା; କିଂତୁ ଲଂକାରେ କେହି ସେ କାଳଅଗ୍ନି ଲିଭାଇ ପାରିଲେ ନାହିଁ ।

ଏତିକିବେଳେ ସୀତାଙ୍କ କଥା ହନୁମାନ୍‌ର ମନେ ପଡ଼ିଲା; "ସବୁ ତ ପୋଡ଼ିଦେଲି, ସୀତା କଣ ହେଲେ ?" ପୁଣି ବିଚାରିଲା, "ସୀତା ପୋଡ଼ିଯିବେ, ଏହା କି ସଂଭବ ?" ସେତିକିବେଳେ ଆକାଶରୁ ତାକୁ ଶୁଭିଲା, "କି ଆଶ୍ଚର୍ଯ୍ୟ ! ଲଂକାତମାମ ପୋଡ଼ି ନାରଖାର ହେଲା; କିଂତୁ ସୀତାଙ୍କର ଯେ କିଛି ହୋଇନାହିଁ ।"

ଏହା ଶୁଣି ହନୁମାନ୍ ଭାରି ଖୁସିହୋଇ ଦି' ଖେପାରେ ଆସି ସୀତାଙ୍କ ପାଖେ ପହଂଚିଗଲା । ସେଠାରେ ତାଂକୁ ଅନେକ କଥା କହି, ଦଂଭ ଦେଇ, ପ୍ରଣାମ କରି ତାଂକ ପାଖରୁ ବିଦାହେଲା ।

●

( 'ପିଲାଂକ ରାମାୟଣ' )

ପଦ୍ମଚରଣ ପଟ୍ଟନାୟକ ( ୧୮୮୫—୧୯୫୫ )

[ ଜନ୍ମ ଭୁବନେଶ୍ୱର ନିକଟ ପାଞ୍ଚଗାଁରେ—କଲିକତାରୁ ବି· ଏଲ୍· ପାସ୍ କରି ପୁରୀରେ ଓକିଲାତି କରୁଥିଲେ । ତାଙ୍କର ସାହିତ୍ୟିକ କୃତି ଅଳ୍ପ ହେଲେହେଁ ଅପାସୋରା । ତାଙ୍କ ଗୀତି-କବିତାରେ ଉତ୍କଳର ଅତୀତ ଗୌରବ ଝଙ୍କୃତ । ରଚନାବଳୀ —'ପଦ୍ମପାଖୁଡ଼ା', 'ସୂର୍ଯ୍ୟମୁଖୀ', 'ଆଶାମଞ୍ଜରୀ' ପ୍ରଭୃତି । ]

## ମଣିଷପରି ମଣିଷଟାଏ

ମଣିଷପରି ମଣିଷଟାଏ
ପଡ଼ିଲା ଦେଖୁଁ ଖସି ରେ,
କିଏ ଭଲିବ ·ଦେଶର କଥା
ନିଭୃତରେ ବସି ରେ !

କାଙ୍ଗାଲ ମୋ ଦେଶର ସେହୁ
ଥିଲା ଦୀନବାନ୍ଧବ,
ଦମ୍ଭ ଧରି କଥା କହିବା
ତା'ଠାରେ ଥିଲା ସମ୍ଭବ ।

ସୁନାର କାଠି ଶରୀରେ ତାର
ଥିଲା ମହାଶକ୍ତି ରେ,
ଦେଖିଲେ ମନେ ଆସୁଥିଲା
ଆପେ ସ୍ନେହ ଭକ୍ତି ରେ ।

ବ୍ରାହ୍ମଣର ତେଜଃ ତାର
ଦେହେ ଥିଲା ପୂରି ରେ,
ସଭାରେ ତାର କଥା ଶୁଣିଲେ
ମଥା ଯାଏ ଘୂରି ରେ ।

ହୃଦୟେ ତାର ହେମନ୍ତ ଥିଲା,
ଜୀବନେ ଥିଲା ବିଶ୍ୱାସ,
ଲୋହିତ ଚକ୍ଷୁ ଭ୍ରୂକୁଞ୍ଚନେ
ଲଭିନାହିଁ ସେ ଆଶ୍ୱାସ ।

ଜୀବନ ଦାମ ବୁଝିଥିଲା ସେ,
ବରିଲା କାରା କଷଣ,
ହସି ହସି ସହିଛୁ ସେହୁ
କ୍ଷୁଦ୍ର-ଚେତା-ଧର୍ଷଣ ।

ସେଥିପାଇଁ ମନେ ବନେ
ଶୋଚନା ନାହିଁ କରି ରେ,
ଦେଶମାତୃକା ପଦେ ସେହୁ
ଦେଲା ଆତ୍ମବଳ ରେ ।

ଚେତନାର ନବୀନ ଧାରା
ବୁହାଇଥିଲା ଦେଶରେ,
ଦ୍ୱାରେ ଦ୍ୱାରେ ଘୂରିଲା ସେ
ସନ୍ନ୍ୟାସୀର ବେଶରେ ।

ଉପରେ ଭକ୍ତି, ମାଟେ ସୁମନ୍ତ
କଲା ଜୀବନ ସମ୍ବଳ,
କୁସୁମ କଲା ପାଷାଣ କାରା
କଠିନ ଲୌହ ଶୃଙ୍ଖଳ ।

କଲମ ତାର ହାତେ ଥିଲା
ମହାଶକ୍ତି ଉସ ରେ,
ଅଗ୍ନିବାଣ ବର୍ଷୁଥିଲା
ଜୀବନ ମଣି ଭୁଞ୍ଜ ରେ ।

ଜ୍ଞାନୀ ଥିଲା, ମାନ ମହତ୍ତ୍ୱ
ବୁଝୁଥିଲା ଜ୍ଞାନର,
ଗୁଣୀ ଥିଲା, ଗୁଣ ଦେଖି
କରୁଥିଲା ଆଦର ।

କବି ଥିଲା, ସ୍ରଷ୍ଟା ଥିଲା
ରଚିଛି ନାନା ଛନ୍ଦ ସେ,
ପଣ୍ଡିତର, ଦୁର୍ବଳର
ଥିଲା ପରମ ମିତ୍ର ସେ ।

ସ୍ନେହଭରା କଥାଟି ତାର,
କରୁଣାଭରା ଗୃହାଣୀ,
ଦମ୍ଭଭରା ବକ୍ଷ ତାର
ହୋଇବ ଦେଶେ କାହାଣୀ ।

ଦୁର୍ଭିକ୍ଷରେ ବନ୍ୟାବେଳେ
ତା ଛବି ଦେଶନୟନେ
ଭାସିବ, ତାର ନାମ ଝୁରିବେ
ଲୋକେ ଅଶ୍ରୁବର୍ଷଣେ ।

ଗାନ୍ଧୀ ମହାରାଜାଙ୍କର
ପଞ୍ଚଶିଷ୍ୟ ଉତ୍କଳେ,
ଆହା ରେ କାଳ ଅକାଳରେ
ନେଲୁ, ପ୍ରାଣ ବଦଳରେ ।

●

ଗୋଦାବରୀଶ ମିଶ୍ର ( ୧୮୮୬-୧୯୫୬ )

[ ପୁରୀ ଜିଲ୍ଲା ବାଣପୁରରେ ଜନ୍ମ—ଏମ୍. ଏ. ପାସ କରିସାରି ବନବିଦ୍ୟାଳୟ ଗଠନରେ ଗୋପବନ୍ଧୁଙ୍କର ସହକର୍ମୀ ଥିଲେ । ସେ ଥିଲେ ଏକାଧାରରେ କବି, ନାଟ୍ୟକାର, ଶିକ୍ଷାବିତ୍ ଓ ବ୍ୟବସ୍ଥାପକ—ତାଙ୍କ ଆତ୍ମଚରିତ କେନ୍ଦ୍ର ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କୃତ—ସରଳ ଭାଷାରେ ଗାଥା ସମ୍ବଳିତ ଗୀତି-କବିତା ତାଙ୍କର ବିଶେଷତ୍ୱ । ସାହିତ୍ୟ କୃତି :— 'ଆଲେଖିକା', 'କିଶଳୟ', 'ମୁକୁନ୍ଦଦେବ' ପ୍ରଭୃତି । ବିଚ୍ଛିନ୍ନାଞ୍ଚଳ ମିଶ୍ରଣ, ଉତ୍କଳ ବିଶ୍ୱବିଦ୍ୟାଳୟ ଗଠନରେ ତାଙ୍କ ଉଦ୍ୟମ ସ୍ମରଣୀୟ । ]

## କାଳୀଜାଈ

(୧)

"ଭଲ କରି ନାଆ ବୁହା ରେ ନାଉରି,
ଝିଅକୁ ମାଡ଼ୁଛି ଡର,
ଗଡ଼େ ଗଡ଼ଲୋକେ ଚୁହାଁ ବସିଥିବେ
ଝିଅ ଯିବ ଶାଶୁଘର ।"

ଭଲ କରି ନାଆ ବାହୁଛି ନାଉରି
ଟଳେଇ କରିଛି ଠିଆ,
ମାମୁଭଣଜାର କଣରୁ ଆସେ ଲୋ
ବୋହି ସୁଲୁ ସୁଲୁ ବାଆ ।

ଦିନ ଦଶଘଡ଼ି ହେଲାଣିଟି ଆସି
ଖରା ମାରେ ଚୁଇଁ ଚୁଇଁ,
ପାଞ୍ଚ କୋଶ ବାଟ ଯିବାକୁ ଅଛି ଲୋ
ବେଳ ତ ପାଇବ ନାହିଁ ।

(୨)

ନାଉର ବାପୁଡ଼ା କାତ ମାରୁଅଛି
ଉଦାସେ ଗାଉଛି ଗୀତ,
ନାଆ ଉଡ଼ିଯାଏ ପବନଗ୍ରାସ୍ତେ ଲୋ
ଜଣା ନ ପଡ଼ଇ ବାଟ ।

ମାଆ ଭଉଣୀଙ୍କୁ ସାଥୀ ସଙ୍ଗାତଙ୍କୁ
ଝିଅ ଯେ ଆସିଛି ଛାଡ଼ି,
ନାଆରେ ବସି ସେ ତାଙ୍କର କଥା ଟି
ହୁଏ ନିରନ୍ତର ଭାଳି ।

ମାଆ ଭଉଣୀଏ ସାଥୀ ସଙ୍ଗାତ ସେ
ରହିଲେ ଦୂରସ୍ଥେ କାହିଁ ?
ପରତେ ନୋହୁଛି, ଆଉ କା ଦିନେ ଲୋ
ଫେରି ସେ ଦେଖିବ ଯାଇ ।

ନାଆ ଚାଲିଅଛି ପବନ ସମାନେ,
ମୁହୂର୍ତ୍ତେ ନ ହୁଏ ଥୟ,
ଚାହିଁ ଯେତେ ତାର ବଣପାହାଡ଼ ଲୋ
ଅନାଇ ଦେଖନ୍ତା ଝିଅ ।

ଘଣ୍ଟଶୀଳା ଶିଖେ ଚାହିଁ ସେ କହନ୍ତା,
"ଦିଅ ରେ ମେଲାଣି ମୋତେ,
ଭେଟ ଆଉ ଦିନେ ନୋହିବ ଜୀବନେ
ଯାଉଛି ଘୋର ବନସ୍ତେ ।"

ଶାଳଆ ନଈ ତା ନନ୍ଦନ ସାଥୀ
ସୁଖେ ସେ ବୁଲଇ କୂଳେ,
ବେଳେ ସୁଏ ତାର ସ୍ନାହାନ ସାଙ୍ଗ ଲୋ
ହସି ଲେଉଟଇ ଘରେ ।

କାଳ ଅନ୍ଧାରୁ ସେ ଋଷି ଯେ ଆଇଲା
ଦେଖି ତ ନାହିଁଛୁ ତାକୁ,
ଭାରି ଖ୍ୟାତ ନଈ, ନାଆଁଟି ତାର ଲୋ
ଜନ କୋଡ଼ କୋଶେ ଡାକୁ ।

ମାଆ ଭଗବତୀ ପୀଠ କୂଳେ ତାର,
'ଜଗତ ତାରିଣୀ' ନାଆଁ,
ଡାକ କହୁଥାନ୍ତି, ନୋହିଲା ଆଉ ଲୋ,
"ସାହା ମୋ ଥିବୁଟି ମାଆ ।"

(ଗ)

ନାଆ ଆସି ହେଲା ଦଣ୍ଡକ ଭିତରେ
ଚଢ଼େଇହଗାର ତଳେ,
ଘଣ୍ଟଶିଳା ଆଉ ନ ଦିଶେ ଲୁଚି ଲୋ
ରହିଲା ଶାଳଆ ଦୂରେ ।
ଝୁହୁଁ ଝୁହୁଁ ଆସି ଛୁଇଁଲା ତ ନାଆ
ଗଣ୍ଡ ଚଢ଼ କଳାପାଣି,
ଝରେ ଝିଅ ଦୁଇ ଆଖିରୁ ଲୁହ ଲୋ
ଜନ୍ମ ପିଣ୍ଡା ଛୁଟେ କାନ ।
"ପାରିକୁଦ ବୋଲି ବାଇକ ପୁଣି ସେ
ଚିଲିକା ମଝିରେ କାହିଁ,
କେମନ୍ତେ ମୂର୍ଚ୍ଛିଲ ଝିଅକୁ ବାପା ହେ
ଏତେ ଦୂରେ ଦେବାପାଇଁ ?

ବର ବୋଲି ଯାର ଧରିଲ ହାତ
କି ତାର ଦେଖିଲ ଶିରୀ ?
ରୂପ ବିଦ୍ୟା ଆଉ ବିଭବ ବାପା ହେ
ଚିହ୍ନି ଏ ଚିହ୍ନି କି ବଳ ?

ମନ୍ତ୍ରୀମଣ୍ଡଳେ ତ ଥିବ ନାହିଁ ଜଣେ
ମୋ ଭଳି ନିରେଖ ଜନ,
ଏ ମହାସମୁଦ୍ର ମଝିରେ ବାପା ହେ
କେମନ୍ତେ ବଞ୍ଚିବ ଧନ ?

ଏତେ ଗ୍ଳାନିମାନ କରିବାକୁ ଯେବେ
ମନରେ ଥିଲା ବିଚାର,
ଏନୁଡ଼ିଶାଳେଟି କପାଇଁ ବାପା ହେ,
ତଣ୍ଟି ଚିପି ନ ମାରିଲ ?

ଝିଅକୁ ନିଶ୍ଚିନ୍ତେ ଦେଇଛୁ ପଠାଇ
ବନସ୍ତକୁ ଜାଣୁ ଜାଣୁ,
କପାଳ ଆଦର ଯାଉଛୁ, ବୋଉ ଲୋ
ପାସୋରି ନ ଦେବୁ ମନୁଁ ।"

(୪)

ନାଆ ଉଡ଼ିଯାଏ ପବନ ସମାନେ
ନାହିଁ କ୍ଷଣେ ହୁଏ ଥୟ,
ଝିଅ ବସିଅଛି ଭୁନଟି ହୋଇ ଲୋ
ନେତ୍ରୁ ବହିଯାଏ ଲୁହ ।

"ନାଆ ଗୁଳଅଛି ପବନ ସମାନେ
ନ ମାନେ ପାଣି ପଥର,
ଭୁନ ହୁଅ ଜାଇ ନ କାନ୍ଦ ଆଉ ଲୋ,
ଏଇ ଦିଶିଲାଣି ଗଡ଼ ।"

ଏତେ ବୋଲି ବାପା ଝିଅର ଆଖିରୁ
ଦେଲେ ଲୁହଧାର ପୋଛି,
ଯେତେ ପର ତାକୁ ବୁଝାନ୍ତ ବସି ଲୋ,
ଜାଇ ବୁଝୁନାହିଁ କିଛି ।

"ଭଲ କର ନାଆ ବୁଢ଼ା ରେ ନାଉରି
ଝିଅକୁ ମାଡ଼ୁଛି ଡର,
ଏତେ କାଳେ ଜାଇ ନାଆରେ ବସୁଛି
ଯିବ ବୋଲି ଶାଶୁଘର ।"

(୪)

ଭଲ କର ନାଆ ବାନ୍ଧୁଛି ନାଉରି
ଭିଡ଼ ମାରୁଅଛି କାତ,
ଝୁଲୁ ଝୁଲୁ ବାଆ ବୋହି ଆସୁଛି ଲୋ
ଜଣା ନ ପଡଇ ବାଟ ।

ନାଆ ଭାସି ଆସି ଦଣ୍ଡକ ଭିତରେ
ଗଣ୍ଡରେ ପଡ଼ିଲା ଯାଇ,
ଥିର ହୋଇ ହେଲା ନାଉରି ଠିଆ ଲୋ
କାତ ଆଉ ପାଉନାହିଁ ।

ଘଟେଲର ଶିଖରୁ କଳା ମେଘ ଖଣ୍ଡେ
ଉଠେଇ ଆସିଲା କାହୁଁ,
ଲୁଚିଗଲେ ତହିଁ ସୂର୍ଯ୍ୟଦେବତା ଲୋ
ଖବର ନ ପଡ଼ଇ ଆଉ ।

ମାଡ଼ି ଆସୁଅଛି ଅତି ବେଗେ ମେଘ
ଜଟିଆ ନାସିକା ଧରି,
ବରଷା ବତାସି ଗରଜୁଅଛି ଲୋ
ଢାନ ଢଣେ ରାତି ପରି ।

ନାଆ ପଡ଼ିଅଛି ମଝିଗଙ୍ଗେ ଆସି
ବୁଡ଼ିଯିବ ହାଣ୍ଡି ଛତି,
ଟଳମଳ ହୋଇ ଟଳୁଛି ନାଆ ଲୋ
ନାଉରିର ବଳ ଖଡ଼ି ।

"ଭଲ କରି ବେଗେ ବୁହା ରେ ନାଉରି,
ନାଆ ହେଲା ଟଳମଳ,
ବରଷା ବତାସି ଗରଜି ଆସୁଛି,
ଝିଅକୁ ମାଡ଼ୁଛି ଡର ।"

ବରଷା ବତାସି ଗରଜି ଆସିଲା
ନାଆ ନୁହେଁ ଥୟ କରି,
ଏକା ପବନକେ ପାହାଡେ ଯାଇ ଲୋ
ପିଟି ହୋଇଗଲା ଚୂରି ।

(୬)

ମେଘ ଗୁଳିଗଲା ମେଘର ବାଟେ ସେ
ବତାସି ହୋଇଲା ଥିର,
ପଡ଼ିଗଲା ଖରା ନିର୍ମଳ ହୋଇ ଲୋ
ପାଣି ହୁଏ କଳକଳ ।

ବାପା ପଚାରନ୍ତି ଖୋଜି ନାଉରି ରେ,
"ଝିଅ ମୋର ଗଲା କାହିଁ ?"
ବୁଜି ଆଖି ଠିଆ ନାଉରି ନିଜେ ଲୋ
ତୁଣ୍ଡି ତା ଫିଟଇ ନାହିଁ ।

ଚିଲିକା ପାଣିରେ ଦୋଳୁଛି ଲହରୀ
ବୋହୁଛି ଶୀତଳ ବାଆ
ସୋର ସୋର ଖରା ଢଳି ଯାଉଛି ଲୋ
ଖେଳୁଛି ସହସ୍ର ନାଆ ।

ପାହାଡ଼ ଚଢ଼େଇ ଉଡ଼ୁଅଛୁ ଗ୍ଵଳ
    ମନେ କି ଅଛୁ ତା ଧୋକା ?
ପାଣି ତଳେ ଘୁଇ ବୁଲଯାଉଛୁ ଲୋ
    ଜାଇଟି ନାହିଁଛୁ ଏକା ।

(୭)

ବାପା ଫେର ଆସି ବୋଉଙ୍କ ଆଗରେ
    କଥା ନ ପାରନ୍ତି କହି,
ଆଉ ଜନ ପୁଣି ନାଉରୀ ଗଲା ଲୋ
    ନାଆ ସେହି ବାଟେ ବାହି ।
କେତେ ଶ ବରଷ ହେଲାଣି ସେଦିନୁ
    ଗଣିକି କହିବ କିଏ ?
ନାହିଁ କହୁ ଆଉ ସେକାଳ କଥା ଲୋ
    ଜାଇ ରହିଅଛୁ ଜୀଏ ।

ବାଲୁଗାଆଁ କୂଳୁ ନାଆ ଗଲାବେଳେ
    ପାରିକୁଦ ଗଡ଼ଠାକୁ
ପାହାଡ଼ ସମୀପେ ମଣିଷ ଭୁଣ୍ଡି ଲୋ
    ନ ଶୁଣାଯାଏ କାହାକୁ ?

ବରଷା ବତାସି ଚିଲିକାରେ ଆଉ
    ହୁଏ ନାହିଁ ତେତେ ଭଳି,
ଆପଦେ ବିପଦେ ଜଣା ପଡ଼ଇ ଲୋ
    ସାହା କିଏ ଥିଲା ପରି ।

ନାଉରି କେଉଁଠି ପାହାଡ଼ ବାଟେ ତା
    ନାଆ ନେଇ ଗଲାବେଳେ
କାମେ ଆପଣାର ଶୁଭ ମନାସି ଲୋ
    ଜୁହାର କରଇ ଥରେ ।

(୮)

ତୋଳଲେ ପାହାଡ଼ଶିଖେ କାଳେ ଲୋକେ
ସୁନ୍ଦର ଦେଉଳଟିଏ,
ସେ ଦେଉଳେ ଲୁଣି ସମୁଦ୍ରେ ସତେ ଲୋ
ରହିବ ଦେବତା କିଏ ?

ସୂର୍ଯ୍ୟ ବୁଡ଼ିଗଲେ ନିଶବଦ ଯେବେ
ହୁଏ ସବୁ ସଞ୍ଜବେଳେ,
ଏକା ହୋଇ ଜାଇ ଲୋକେ କହନ୍ତି ଲୋ
ବୁଲୁ ଯେ ଥାଏ ପାହାଡ଼େ ।

ନେଇ ବୋହୁଥାଏ ଲହ ଦୁଇ ଧାର
ଶୁଖି ଯାଇଥାଏ ମୁହଁ,
ହେଲେ, ଠାରି ହାତ କାନ୍ଧ କାହାକୁ ଲୋ
ନିବଡ଼ାଇ କରେ ଥୟ ।

ସେ ଯୋଗେ ନୋହୁଛି କାଳିଜାଇ ଗଣ୍ଡେ
ଭଟଡ଼ି ଆଉ ଝଡ଼ ବାଆ,
ତହିଁ ବୁଡ଼ିବାର ଶୁଣା ନ ଯାଏ ଲୋ
ଯହିଁ ଯେତେ ବୁଡ଼ ନାଆ ।

କାଳିଜାଇ ବଡ଼ ପ୍ରତ୍ୟକ୍ଷ ଦେବତା
କୋଟି କୋଟି ଦଣ୍ଡବତ,
ପାହାଡ଼ର ନାଆଁ ରହିଛି ଖ୍ୟାତ ଲୋ
'କାଳିଜାଇ' ପରବତ ।

●

( 'ଆଲେଖିକା'—ରଚନାକାଳ : ୧୯୧୩—୧୯୧୯ )

# ଗଣେଶ ଓ କାର୍ତ୍ତିକଙ୍କ ବିବାଦ

ଗଣେଶ କାର୍ତ୍ତିକ ଦୁଇଭାଇ ଦିନେ
ପୁଚ୍ଛିଲେ ପିତାଙ୍କୁ, "କହନ୍ତୁ ଆଜି,
ଆପଣଙ୍କ ପୀଠେ କାହାକୁ ଥାପିବେ ?
ଆମେ ତ ଆସିଛୁ ପକାଇ ବାଜି ।"

ଶୁଣି ମହାଦେବ କହିଲେ, "ମୋ ଗାଦି
ସେ ପାଇବ ବେଶି ଯୋଗ୍ୟତା ଯାର,
କିଏ ବେଶି ଯୋଗ୍ୟ, ସ୍ଥିର କର ନିଜେ;
ମୋତେ ଆସି କିପାଁ ବୃଥା ପଚାର ?"

"ରୂପେ ମୁଁ ସୁନ୍ଦର", କହନ୍ତି କାର୍ତ୍ତିକ
ଗଣେଶ ବୋଇଲେ "ବଡ଼ ମୁଁ ଜ୍ଞାନେ,"
କଥାରେ କେ ନାହିଁ ହାରନ୍ତି କା ପାଶେ
ଚଳିଲ ଦୁହିଁଙ୍କ ବିବାଦ ଠାଣେ ।

ଦୁଇ ପୁଅ କଳି ତୁଟାଇବା ଲାଗି
ମହାଦେବ ତହୁଁ କହିଲେ ହସି,
"ବ୍ରହ୍ମାଣ୍ଡ ଯେ ବୁଲି ଫେରିବ ପ୍ରଥମେ,
ମୋ ପୀଠେ ସେ ଏକା ପାରିବ ବସି ।"

ଖୁସି ହୋଇଗଲେ କାର୍ତ୍ତିକ କ୍ଷଣକେ,
ମୟୂର ବାହନେ ଉଡ଼ିଲେ ନଭେ,
ଭାବିଲେ, "ମଲା ସେ ଗଣେଶ ଏଥର,
ଆଶା ତାର ଆଉ ନାହିଁ ତ ଲଭେ ।"

ଶରବେଗେ ଛୁଟେ ମୟୂର ଆକାଶେ,
ଦଣ୍ଡକେ ଚଳଇ ଅୟୁତ କୋଶ,
ସୂର୍ଯ୍ୟ ଚନ୍ଦ୍ର ତାରା ପଛେ ପଡ଼ିଯାନ୍ତି,
ନ ବାଧଇ ତାଙ୍କୁ ଭୋକ ବା ଶୋଷ ।

ଗଣେଶ ବାପୁଡ଼ା ଏଣେ କାହିଁ ଯିବେ ?
ମୂଷାଟି ଉପରେ ବସିଲେ ଚଢ଼ି,
ଠୁକୁ ଠୁକୁ ମୂଷା ଠୁକେଇ ଗ୍ଲଲେ ତ
ଶିବ ଚଉପାଶେ ବେଗଙ୍ଗ୍ଲା ପରି ।

ଶହେ କି ହଜାର ଥର ବୁଲଥିବ,
କେ କପାଁ ହିସାବ ରଖିବ ତାର ?
କେତେବେଳ ଅନ୍ତେ ଫେରଲେ କାର୍ତ୍ତିକ,
ପୁଚ୍ଛିଲେ, "ହୋଇଲ ଜଣା କାହାର ?"

ଗଣେଶ କହିଲେ, "ଥରେ ମାତ୍ର ତୁହି
ବ୍ରହ୍ମାଣ୍ଡଟା ସିନା ଆସିଲୁ ବୁଲି,
ମୁଁ ତ ବୁଲଥିବ ଦଶ ଶହ ଥର
ମୋ ମୂଷା ବାହନେ ନିଶ୍ଚିନ୍ତେ ଝୁଲି ।"

"କଞ୍ଚା ମିଛ ଏହା" ବୋଲନ୍ତି କାର୍ତ୍ତିକ,
ଗଣେଶ କହନ୍ତି ତାଙ୍କୁ ବୁଝାଇ,
"ଚଉଦ ବ୍ରହ୍ମାଣ୍ଡ ରଜା ପରା ଶିବ,
ଏ କଥା କି ତୁହି ମାନିବୁ ନାହିଁ ?

ଦେହେ ତାଙ୍କ ସବୁ ବ୍ରହ୍ମାଣ୍ଡ ରହିଛି,
ତାଙ୍କ ଚଉପାଶେ ବୁଲିଛି ମୁହିଁ,
ତାହିକ ମୋ ଦାବ ହୋଇଲ ସାବ୍ୟସ୍ତ
ତୋତେ ନ ମିଳିବ ଗୁଷ୍ଠେ ଭୁଇଁ ।"

ଶୁଣି ମହାଦେବ କହିଲେ କାର୍ତ୍ତିକେ,
"ଜାଣୁ ଅଟେ ବଡ଼ ଗଣେଶ ଜ୍ଞାନେ,
ଜ୍ଞାନବଳେ ତୋତେ ଜିଣିଲ ସେ ଏବେ,
ତାହି ତାର ହେଲ ନ୍ୟାୟ୍ୟ ପ୍ରମାଣେ ।"

ବାଳକୃଷ୍ଣ କର ( ୧୮୮୭—୧୯୫୭)

[ ଜନ୍ମ—କଟକ ଜିଲ୍ଲା ଜଗ୍ନୀପୁର ମୌଜା ସଲଗ୍ନ ଖାରବନ୍ଧା ଗ୍ରାମରେ । ସେ କିଛୁଦିନ ଶିକ୍ଷକତା କଲାପରେ କଟକରେ ପ୍ରେସଟିଏ କରି ସାହିତ୍ୟସେବା ଓ ସାମ୍ବାଦିକତାରେ ରତ ହେଲେ । 'ସହକାର' ଓ 'ଜହ୍ନମାମୁଁ' ମାସିକ ପତ୍ରିକା ଏବଂ 'ମାତୃଭୂମି' ଦୈନିକ ସମ୍ବାଦପତ୍ରର ସେ ଥିଲେ ପ୍ରତିଷ୍ଠାତା - ସମ୍ପାଦକ—'ଶିଶୁସଙ୍ଗୀତ', 'ଫୁଲଝୁଙ୍ଗୁଡ଼ି', 'ନୀତିମଞ୍ଜରୀ', 'ଶିଶୁରାମାୟଣ', 'ସପନପୁରୀ' ପ୍ରଭୃତି ତାଙ୍କର ସାହିତ୍ୟିକ କୃତି । ]

## ମୁଁ କିଏ ?

କାହିଁ କେତେ ଦୂରେ ଗହନ ବଣରେ
ଜନମିଥିଲି ମୁଁ ଦିନେ,
ସାହା ସାଥୀ ମୋର ନ ଥିଲେ କିଏ ସେ
କଠୋର ପଥର ବନେ ।

ଚାରିପାଖେ ମୋର ପଥର ପାଚେରି
ଘେରିଥିଲା ଅନ୍ଧକାର,
କୁହୁ କୁହୁ କୁହୁ ଡାକିଲି କିଏ ସେ
ନ ଶୁଣିଲେ ଡାକ ମୋର ।

ମୋ ବାହୁ ଫୁଲାଇ କେତେ ମୁଁ ଡାକିଲି
ଆହୁରି ଛୁଡ଼ିଲା ଡାକ,

ଭାଙ୍ଗିଗଲା ଘର  ପଥର ଦୁଆର
ହୋଇଲି ମୁଁ ଦଶଫାଙ୍କ ।

ଦୁଇ ପାଖେ ମୋର  ରହିଲେ ପଥର
କେତେ ତରୁଲତା କାହିଁ,
ହସି ହନ ଗତ  ବାଟେ ମୁଁ ଚାଲିଲି
ଖାଲି ଗୀତ ଗାଇ ଗାଇ ।

ମୋ ପାଇଁ ଲାଗିଲା  କେତେ ଲୀଳା ଖେଳା
ହୁଅନ୍ତେ ମୁଁ ବଣ ପାରି,
ମୋ ଯିବା ବାଟରେ  ସୁନା ପାଲଟିଲା
କେତେ ଯେ ପଥର ବାଲି ।

ଧାଇଁ ଧାଇଁ ଶେଷେ  ଭେଟନ୍ତେ ସାଗର
ସେଇଠି ହୋଇଲି ସ୍ଥିର,
ନଈ ମୋର ନାଆଁ  ଅଇଲାବେଳେ ମୁଁ
ନ ମାନିଲି ବାଧା କା'ର ।

( 'ଗୁରୁପାଠ'—୧୯୪୦ )

## ଦୁଇ ଭାଇ

ଦୁଇ ଭାଇ— ଆମେ ଅଟେଁ ଗୋ ଦୁଇଟି ଭାଇ
ସରଗ ଆମ ଘର,
ସବୁବେଳେ ହୋ କାମ ଆମର
ଉଚଳ ନାହିଁଟି ଡର ।

ବଡ଼ ଭାଇ— ସକାଳୁ ସଞ୍ଜ ବୁଲଇ ନିତି
ବୁଲେ ଦୁନିଆଁ ସାରା,
ଚଢ଼ଇଗଲେ ମୁଁ ଆଲୁଅ ବାଣ୍ଟେ
ଉଠିବାଯାଏ ତାରା ।

ସାନ ଭାଇ— ରାତି ହେଲେ ମୁଁ ଲଗାଏ ବତି
ଦେଖାଏ ଲୋକେ ବାଟ,
ପକ୍ଷେ ବଢ଼ଇ ଆଲୁଅ ମୋର
ପକ୍ଷେ ହୁଅଇ ଘାଟ ।

ଦୁଇ ଭାଇ— ଅନ୍ଧାର ଘୋର ଆମର ଡରେ
ପଳାଇଯାଏ କାହିଁ,
ଆମକୁ ଦେଖି ଧରଣୀବାସୀ
ଆନନ୍ଦେ ହୁଏ ବାଇ ।

ବଡ଼ ଭାଇ— ତେଜ ମୋହର ବଡ଼ ପ୍ରଖର
ଅଧିକଲେ ଦିଏ ଦୁଃଖ,
ସହିଲେ ପୁଣି ଦିଅଇ ବଳ
ଜୀବନେ କେତେ ସୁଖ ।

ସାନ ଭାଇ— କରଣ ମୋର ନୁହଇ ଟାଣ
ଯିଏ ଆନନ୍ଦେ ଧରୁ,
ବଣ ପାହାଡ଼ ଗଛ ପଥର
ସବୁଠି ଖୁସି ଭର ।

ଦୁଇ ଭାଇ— ପେଟ ଚିନ୍ତା ନାହିଁ ଆମ ଦୁହିଁଙ୍କ
ଲାଗିଛୁ ଘର ହିତେ,
ସକାଳୁ ସଞ୍ଜ ସଞ୍ଜୁ ସକାଳ
ନ ବନ୍ଧୁ କଷ୍ଟ ଚିତ୍ତେ ।

●

( 'ନୂଆପାଠ' ୨ୟ—୧୯୨୬ )

ଲକ୍ଷ୍ମୀକାନ୍ତ ମହାପାତ୍ର ( ୧୮୮୮—୧୯୫୩ )

[ ଘର ଭଦ୍ରକ ନିକଟସ୍ଥ ଡାଳପଦା ଗ୍ରାମରେ; ମାତ୍ର ଜନ୍ମ କଟକରେ—ଶିକ୍ଷା ଶେଷପରେ ସେ ସାହିତ୍ୟ-ସେବାରେ ବ୍ରତୀ ହେଲେ । ତାଙ୍କର ଅଧିକାଂଶ ରଚନା ହାସ୍ୟରସାତ୍ମକ—ସେ 'ଡଗର' ପତ୍ରିକାର ପ୍ରତିଷ୍ଠାତା । ତାଙ୍କ ରଚନାବଳୀ :—'ପିଲଙ୍କ କଥା', 'ଚଢ଼ଆଖାନା', 'କୁମାରୀ', 'ସୁନାପୁଅ' ଏବଂ ନାଟକ 'ଲକ୍ଷ୍ମୀ ଚଣ୍ଡାଳୁଣୀ' ପ୍ରଭୃତି—ତାଙ୍କର କେତେକ ରଚନା ଭକ୍ତି ଓ ଦେଶାତ୍ମବୋଧମୂଳକ । ]

## ଫୁଲେଇ ବେଙ୍ଗୁଲୀ

ବେଙ୍ଗୁଲୀଟି ଥିଲା ଗାତ ଭିତରେ ତା'
ପୁଅ ଯାଇଥିଲା ଚରି,
କାଳିଆ ବଳଦ ଗୋଟାଏ ଦେଖି ସେ
ପଳାଇ ଆଇଲା ଡରି ।

ମାଆ ପଚାରିଲା, "ହଇକି ରେ ପୁତ,
ଯାଇଥିଲୁ ଆଜି କାହିଁ ?
କି ହେଲା ତୋହର ପଳାଇ ଆଇଲୁ
ଧାଇଁ ସାଇଁ ହୋଇ ଧାଇଁ ?"

ତା ପୁଅ ବୋଇଲା, "ମାଆ ଲୋ ପଦାରେ
ଦେଖିଲି ଗୋଟାଏ କିସ,

ଗୁରିଗୋଡ଼ ତାର, ପେଟ ଏଡ଼େ ବଡ଼,
ମୁଣ୍ଡରେ ଯୋଡ଼ାଏ ଜଣ ।"

ପୁଅ କଥା ଶୁଣି କହିଲା ବେଙ୍ଗୁଲୀ,
ଆଖି କରି କଟମଟ,
"ହୋଇବ କି ସେନ୍ତ ଏଡ଼େ ଭଳି ବଡ଼ ?"
ଫୁଲାଇଣ ନିଜ ପେଟ ।

ତହୁଁ କହେ ବେଙ୍ଗ, "ନାହିଁ ନାହିଁ ମାଆ,
ଆହୁରି କେଡ଼େ ସେ ବଡ଼,"
ଏହା ଶୁଣି ପୁଣି ଫୁଲିଲା ବେଙ୍ଗୁଲୀ
ଦାନ୍ତ କରି କଡ଼ମଡ଼ ।

ପଶୁରେ ଆହୁରି ଫୁଲାଇ ପେଟକୁ,
ପୁଅ ନାହିଁ କରେ ଶୁଣି,
ଯେତେ ନାହିଁ କଲା ପୁଅଟି ତାହାର
ବେଙ୍ଗୁଲୀ ଫୁଲିଲା ପୁଣି ।

ଫୁଲି ଫୁଲି ଫୁଲି ବେଙ୍ଗୁଲୀଟି ଶେଷେ
ଆଁ କରିଦେଲା ପାଟି,
ଡୋଳା ଲେଉଟିଲା, ଗଲା ବେଙ୍ଗୁଲୀର
ଢୋଓ କରି ପେଟ ଫାଟି ।

ବାମନ ହୋଇ ସେ ବଢ଼ାଏଟି ହାତ
ସରଗକୁ ଗରବରେ,
ବେଙ୍ଗୁଲୀ ପରି ସେ ଶୁଣ ପିଲାମାନେ
ପୁଣ୍ଟି ଫଟା ହୋଇ ମରେ ।

( 'ପଞ୍ଚାମୃତ' )

## ବାଦୁଡ଼ି

ବାଦୁଡ଼ି, ବାଦୁଡ଼ି ଝତା-ଝତା,
ଯେ ଫଳ ଖାଇବୁ ସେ ଫଳ ପିତା ।

ରାତିଯାକ କାହିଁ ବୁଲି ବୁଲି
ତେନ୍ତୁଳି ଡାଳରେ ପଡ଼ିଛୁ ଝୁଲି ।

ଦିନରେ ତୋତେ କି ଦିଶଇ ନାହିଁ ?
ଆଲୁଅରେ ତୁ କି ନ ପାରୁ ଚାହିଁ ?

ପଖି ନାହିଁ, ଉଡ଼ିଉଡ଼ିକା ଯାଉ,
ଥଣ୍ଟ ନାହିଁ, ଦାନ୍ତେ ଚୋବାଇ ଖାଉ ।

ଅଣ୍ଡା ନାହିଁ, ତୋର ହୁଅଇ ଛୁଆ,
ଏ କଥା ତ ମୋତେ ଲାଗୁଛି ନୂଆ ।

ବାଦୁଡ଼ି ରେ ତୋର ଓଲଟା ସବୁ,
ପଶୁ ନା ପକ୍ଷୀ ତୁ କହି କି ଦବୁ ?

( 'ଚିଡ଼ିଆଖାନା' )

## ଆ ଜହ୍ନମାମୁ

ଆ ଜହ୍ନମାମୁ ଓହ୍ଲେଇ ଆ
ମୋ ଧନମଣିକି ଗେହ୍ଲେଇ ଯା,
ଟୀକାଟିଏ ଯା' ଦେଇ,
ମୁଣ୍ଡେ ଟୀକା ନାଇ ଧନମଣି ମୋର
ନାଚିବ ତା'-ଧେଇ-ଧେଇ ।

ଆ ଜହ୍ନମାମୁ ସରଗ ଶଶୀ
ମୁରୁକି ମୁରୁକି ଦଉଛି ହସି
ହସିବ ମୋ ଧନମଣି,
ତୋ ହସ ମିଠା କି ଧନ ହସ ମିଠା
ହେବା ସିନା ଜଣାଜଣି ।

ଆ ଜହ୍ନମାମୁ ଖେଳିବା ପୁଚି
ମେଘ ଜହାଜରେ ଯାଆନା ଲୁଚି
ଗଡ଼ି ଯାଉଅଛି ବେଳ,
ଧନମଣି ସଙ୍ଗେ ଖେଳିବୁ ନାହିଁକି
ଆସି ଲୁଚକାଳି ଖେଳ ?

ଆ ଜହ୍ନମାମୁ କେତକି ଧାଇଁ
ଧନ ଯଦି ତୋତେ ବସିଛି ଚାହିଁ—
ଅଗଣାରେ ଶେଯ ପାରି,
ଥକା ହୋଇ ଦୁହେଁ ଶୋଇପଡ଼ିବ ରେ
ନିଦ ଯେବେ ଦେବ ଘାରି ।

( 'ଜହ୍ନମାମୁ'—ଫାଲ୍‌ଗୁନ, ୧୩୩୯ ସାଲ )

ମଦନମୋହନ ପଟ୍ଟନାୟକ (୧୮୯୦—୧୯୬୭)

## ଚକା ଚକା ଭଉଁରୀ

ଚକା ଚକା ଭଉଁରୀ
ମାମୁ ଘର ଚଉଁରୀ

ଖେଳ ଖେଳ ଧନ ମୋର ପଡ଼ୁଅଛି ଢଳ ଗୋ
ସରଗରେ ଜହ୍ନମାମୁ ଯାଉଅଛି ଚଳ ଗୋ ।

ଘେରିଛନ୍ତି ଚଉପାଖେ ପାରିଜାତ ପଖୀ ଗୋ
ଭାସିଯାଏ ବଉଦରେ ଜହ୍ନମାମୁ ତଖୀ ଗୋ ।

ଗୃହ ଖେଳେ ଜହ୍ନମାମୁ ଚକା ଚକା ଭଉଁରୀ
ତାରକାର କୁଞ୍ଜେ ଉଠେ ମଙ୍ଗଳ ମହୁରୀ ।

ସରଗରେ ଜହ୍ନମାମୁ ମାଆ କୋଳେ ଶୁଦ ଗୋ
ଆମ୍ବଗଛ ଡାକେ ଆଜ ମଧୁମାସ ଫାନ୍ଦ ଗୋ ।

ଫଗୁଖେଳେ ମନ ନାହିଁ କାହ୍ନୁ ମୋର ଅଛଇ
ଆ' ଆ' ଜହ୍ନମାମୁ ଦେଖିଯାଆ ତା' ନାଚ ।

ସୁନୁଲି ରୂପୁଲି ବାଡ଼ି ଫାଇବୁ ତୁ ମୁକର
ଦରେଟି କଥାରେ ତାର କଣା ତୋର ଅନ୍ତର ।

ମାମୁ ଭଣଜାଙ୍କ ଭେଟ ଲଗିଥିବ କାଳେ କାଳେ
କୋକିଳ ତା କଳକଣ୍ଠେ ଗାଉଥିବ ତାଳେ ତାଳେ ।

ଚକା ଚକା ଭଉଁରୀ
ମାମୁଘର ଚଉଁରୀ ।

●

( 'ଜହ୍ନମାମୁ'—ଫାଲ୍‌ଗୁନ, ୧୩୩୯ ସାଲ )

ଚନ୍ଦ୍ରଧର ମହାପାତ୍ର (୧୮୯୫—୧୯୭୭ )

[ଜନ୍ମ—ବାଲେଶ୍ୱର ଜିଲ୍ଲା ସୋରୋ ଥାନା ଶୀରପୁର ଗ୍ରାମରେ—କଟକରୁ ବି. ଏ. ପାସ୍ କରିଥିଲେ । ହାଇକୋର୍ଟରେ ସରକାରୀ ଅନୁବାଦକ ଥାଇ ଚାକିରିରୁ ଅବସର ନେଲେ । 'ଜହ୍ନମାମୁ'ରେ ତାଙ୍କର ଅନେକ ଶିଶୁ-କବିତା ପ୍ରକାଶିତ ହୋଇଥିଲା । ସେ 'ସରସ ପାଠ', 'ହସଖେଳ', 'ଟୁଆଟୁଇଁ' ପ୍ରଭୃତି ପୁସ୍ତକର ଲେଖକ ।]

## ଆ' ରେ ମୋର ଗୁଡ଼ି

ଆ' ରେ ମୋର ଗୁଡ଼ି
ଯାଉଥା ଉଡ଼ି ଉଡ଼ି
ଯେତେ ଉଡ଼ିବୁ ଲଟାଇ ଧରି
ସୂତାକୁ ଦେବି ଛାଡ଼ି ।

ଝୁଲୁଝୁଲିଆ ବାଆରେ ଭାସି
ଦୋଳି ଖେଳିବୁ ହୋଇଣ ଖୁସି
ଉଡ଼ିବୁ ଘୂରି ଘୂରି;

ଉପରେ ଉଠି ଫର୍ ଫର୍ ଫର୍
ତଳକୁ ଖସି ସର୍ ସର୍ ସର୍
ଲୋଟଣି ପାରା ପରି
ଥର୍ ଥର୍ ଥର୍ ଥରି ।

ଜଣାଇ ଦେବ ତୋତେ ବାରତା
ଠାରରେ କହ୍ବ ଗୋପନ କଥା
ସୂତାକୁ ଟାଣି ଟାଣି,
ଯେଉଁ ଢଗ ମୁଁ ଦେବ ବତାଇ
ସେହ୍ବ ଢଗରେ ଉଡ଼ିବୁ ତୁହ୍ବ
ମୋ' କଥାକୁ ମାନ
ନୋହ୍ବଲେ ଦେବ କାନ ।

ସତରଙ୍ଗିଆ ଦେହଟି ତୋର
ଦିଶିବ ତହୁଁ କେଡ଼େ ସୁନ୍ଦର
ମେଘ ଦେହରେ ମିଶି,
ଟିକି ପିଲାଏ ଆସିବେ ଧାଇଁ
ପିଠି ଉପରେ ବେଣୀ ଝୁଲାଇ
ଘର ଛାତରେ ବସି
ଚାହିଁବେ ତୋତେ ହସି ।

ମୁହଁ ଘୂରାଇ ତଳକୁ ତୁହ୍ବ
ଆସିବୁ ଯେତେ ତହୁଁ ଓହ୍ଲାଇ
ଛୁଇଁବୁ ତାଙ୍କ ମଥା,
ଟିକି ହାତକୁ ବଢ଼ାଇ ଦେଇ
ତୋର ଆଡ଼କୁ ପଡ଼ିବେ ଡେଇଁ
ଧରିବା ପାଇଁ ସୂତା
କହ୍ବବେ କେତେ କଥା ।

ଶୁଣି ତାଙ୍କର ମଧୁର ବୋଲ
ପରାଣ ତୋର ହେବ ରେ ଭୋଳ
ହୋଇବୁ ତୁହ୍ବ ସୁଖୀ,

ଦେଖି ତାଙ୍କର ମୁଖର ଶିଷ୍ପ
ଶିଶିରଧୂଆ  ଗୋଲାପ ପରି
ଆଖି ରହିବ ଲାଖି
ତୁମାଟେ ଦେବୁ ଆଙ୍କି ।

ଆଉ ଡେରି ତୁ କରିବୁ ନାହିଁ
ସୂତାରେ ଠାରି ଦେବି  ଜଣାଇ
ଉଡ଼ିବୁ ପୁଣି ବେଗେ,

ଚାଲ ସଞ୍ଜାଣ ଗୁଡିକ ପାରି
ମଝିରେ ଥାଇ ଦଶିବୁ ତୋରି
ମିଶିବୁ ପୁଣି ମେଘେ
ଖେଳିବୁ କେତେ ରଙ୍ଗେ ।

( 'ଜହ୍ନମାମୁ', ୩ୟ ବର୍ଷ, ୭ମ ଖଣ୍ଡ, ସନ ୧୩୪୧ ସାଲ )

## କାଞ୍ଜି କଥା

ନାରଦ ଋଷି ବୋଇଲେ ହସି,
କାଞ୍ଜି, ତୁ ମୋର ବୋଲ କରସି,
ମାଟି କଳସି
ଭିତରେ ବସି
ମଞ୍ଚପୁରେ ଚାଲିଯାଅସି । ୧ ।

ମଞ୍ଚବାସୀ ତୋ ପାଶେ ଆସି
ତୋର ସୁଆଦେ ହୋଇବେ ଖୁସି,
ଠିକିବୁ ଯେତେ ବାସିବୁ ସେତେ
ଲୋକେ ତୋ ଗୁଣ ଗାଇବେ ଘୋଷି । ୨ ।

ସଭିଏଁ ତୋର କରିବେ ପୂଜା
ଛୁଇଁବେ ନାହିଁ ମନ୍ଦୁର ଭଜା
ପାଇ ତୋ ମଜା ଛାଡ଼ିବେ ଖଜା
ମାନିବେ ନାହିଁ ସିଜା ଅସିଜା । ୩ ।

ତୋ ସଙ୍ଗେ ମୂଳା କଖାରୁ ବଡ଼ି
କଅଁଳ ମଞ୍ଜା, ଭେଣ୍ଡି, କାକୁଡ଼ି
ଭୃଙ୍ଗ, ପୋଇ, ଲାଉ ମିଶାଇ
ଛୁଙ୍କିବେ ଦେଇ ରସୁଣ ଫଡ଼ି । ୪ ।

ଯେବେ ସେ ଛୁଙ୍କ ଦେବ ମହକ
ପେଟରେ ଜଳି ଉଠିବ ଭୋକ
ଅଥୟ ହୋଇ ଚାଖିବା ପାଇଁ
ମଞ୍ଚଲୋକେ ଛାଡ଼ିବେ ଡାକ । ୫ ।

କହିଲା କାଞ୍ଜି, "ଯାଉଛୁ ଆଜି
ତମ କଥା ମୋ ଶିରଧାରିଯି
ମଞ୍ଜେ ଯାଇ ଦେଖିବ ତହିଁ
କିଏ ମୋ ପାଇଁ ହୁଅନ୍ତ ହେଜ" ।୬।

ତହୁଁ ସେ କାଞ୍ଜି ଚଳିଲା ଖରେ
ପହଞ୍ଚିଗଲା ମଞ୍ଜପୁରେ,
ଗଛର ଛାଇ ତଳରେ ଥାଇ
ଗାଆଁ ଗହଳ ଦେଖିଲା ଦୂରେ ।୭।

ତହୁଁ ସେ କାଞ୍ଜି ଚଳିଲା ଖରେ
ପହଞ୍ଚିଗଲା ଗାଆଁ ଭିତରେ
ମଞ୍ଜବାସୀ ସକଳେ ଆସି
ହୋଇଲେ ରୁଣ୍ଡ କାଞ୍ଜି ପାଖରେ ।୮।

କିଏ ଆଣିଲା ପଥର ବେଲା
କିଏ ଆଣିଲା ପତରଠୋଲା
ହାଣ୍ଡି ଖୁପୁଲା, ହାତ ପାପୁଲା
କିଏ ବା ପାତି ବଢ଼ାଇଦେଲା ।୯।

ତହୁଁ ସେ କାଞ୍ଜି ଝରିଲା ଧୀରେ
ପିଇଲେ ଲୋକେ ଯେ ଯେତେ ପାରେ
ଗଲା ପିଆସ ଲଭି ସନ୍ତୋଷ
ହୋଇ ହରଷ ଫେରିଲେ ଘରେ ।୧୦।

●

( 'ଜହ୍ନମାମୁଁ', ଫାଲ୍ଗୁନ, ୧୩୪୨ ସାଲ )

ବୀରକିଶୋର ଦାସ (୧୮୯୭—୧୯୭୩)

[କଟକ ଜିଲାର ପୁନଙ୍ଗ ଗ୍ରାମରେ ଜନ୍ମ—୧୯୨୧ରେ ସରକାରୀ ଚାକିରି ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ ଏବଂ ରାଜଦ୍ରୋହ-ସୂଚକ କବିତା ଲେଖି ଜେଲ ଯାଇଥିଲେ । 'ମୋ ଦେଶ' ମାସିକ ପତ୍ରିକାର ପ୍ରତିଷ୍ଠାତା । ସେ ଓଡ଼ିଶା ବିଧାନସଭାର ସଭ୍ୟ ଥିଲେ (୧୯୫୭-୬୧ ) । ରଚନାବଳୀ :—'ମୋହନବଂଶୀ', 'ରଣଭେରୀ', 'ଯୁଗଯାତ୍ରୀ' ପ୍ରଭୃତି । ତାଙ୍କର ଜାତୀୟ କବିତା ପାଇଁ ସେ 'ଜାତୀୟ କବି' ରୂପେ ପରିଚିତ ।]

## ଉତ୍କଳ-ଜନନୀ

କେତେ ଉଳତଳ ହେବୁ ଗୋ ଜନନୀ
ଅଳି କି ଶୁଣିବୁ ନାହିଁ ?
ମାଡ଼ ଗାଳି ଖାଇ ସବୁ ଦୁଃଖ ସହି
ପଡ଼ିଛୁଁ ତୋ ପାଦ ଚୁମ୍ବି ।

ଜାତି-ପଦ୍ମବନେ ରାତି ପାହିଲାଣି
ଡାକ ଶୁଭେ ଭାଇ ଭାଇ,
ଆମେ ସବୁ ଆଜି ବାସି ଶେଯେ ବସି
ଅଳସେ ମାରୁଛୁଁ ହାଇ ।

ଭାରତ ବଗିଚା କର୍ମଫୁଲେ ଭରା
ଫୁଲ ଫୁଟେ ଗଛେ ଗଛେ,

ସବୁ ଭାଇ ମିଳି ଫୁଲ ତୋଳି ଗଲେ
ଆମେ ତ ରହିଲୁ ପଛେ ।

ନାହିଁ ମାଘ ମାସ ସେ ବାଘୁଆ ଜାଡ
ନାହିଁ ସେ ଶିଶିର ଭୟ,
କର୍ମବୃନ୍ଦ ପାଦ-ପଦ୍ମ ଲାଗି ଆଜ
ଭାରତେ ବହେ ମଳୟ ।

ଡାକନ୍ତି ରବୀନ୍ଦ୍ର, ଯୋଗୀ ଅରବିନ୍ଦ,
ଆଲ୍ଲି ଭାଇ, ଲଜପତ,
ପଣ୍ଡିତ ମଦନ, ଅନ୍ଧ୍ରୁ ତପୋଧନ,
ମୋତିଲାଲ ଦେଶଭକ୍ତ ।

ଗୟାରେ ଡାକନ୍ତି ସୁଧୀ ରାଜଇନ୍ଦ୍ର
ଗଙ୍ଗାକୂଳେ ଦେଶବନ୍ଧୁ,
ଆମେ କମ୍ପା ଆଜି ମୂକ ହେଲୁ ମା ଗୋ !
(ଆମ) ଅଙ୍ଗ କି ହୋଇଲା ପଙ୍ଗୁ ?

ଡାକନ୍ତି ଊର୍ମିଳା, ଦେବୀ ସରୋଜିନୀ,
ସରଳା, ସାବର୍ଣ୍ଣୀ, ସତୀ,
ଆମ ହୃଦ ଏତେ ପାଷାଣ ହେଲା କି
ନ ଚହ୍ଲିଲୁ ନାରୀ ଭକ୍ତି ।

ସାରଳାଦ୍ୟ କବି ବଳରାମ ଦାସ
ଉପଇନ୍ଦ୍ର, ଅଭିମନ୍ୟୁ,
ଜଗନ୍ନାଥ ଦାସ ଭାଗବତ କଥା
ଭୁଲିଗଲୁ ସବୁ ମନୁ ?

ଭକ୍ତକବି ତୋର ଦାସ ଦୀନକୃଷ୍ଣ
ସୁଲକ୍ଷଣା ତୋର ସୁତା,

ଋଷିପ୍ରାଣ ମଧୁସୂଦନଙ୍କ ପୂଜା
କରିବୁ କି ସବୁ ବୃଥା ?

ପିଆସ ତୋହର ପର-ଉପକାର
ଗଉରୀ ତୋ କର୍ମଧାର,
ଫକୀର କଥାକୁ ଭୁଲିଗଲୁ ମାଆ,
ତୋ ଯୋଗୁଁ ସିଏ ଫକୀର ।

ରାଧାନାଥ ପରି ତୋହରି ସନ୍ତାନ
ଚିଲିକା କୂଳରେ ବସି,
ଗୁନ୍ଦନୀ ରାତିରେ ଗାଇଲା ଯେ ଗୀତ
ଶୁଣୁଥିଲୁ ହସି ହସି ।

ଅନନ୍ତ ଆକାଶେ କୋଟି କୋଟି ତାରା
ଗୋଟି ଗୋଟି କରି ଗଣି,
ଭାରତୀ ମନ୍ଦିରେ ରଖି ଦେଇଗଲା
ସାମନ୍ତ ସେ ଶିରୋମଣି ।

ନୀଳ ଅମ୍ବୁକୂଳେ ଝଙ୍କା ଆମ୍ବ ମୂଳେ
ରହିଛି ତୋ କାରିଗର,
ଆମେ ଆଜି ମା ଗୋ ଦାନା-କନା ଲାଗି
ଖୋଜୁଛୁଁ କରାଜଗିର ।

କର୍ପୂର ଗଲାଣି ପଡ଼ିଅଛି କନା
କି କହିବୁ ଆମ କଥା ?
ହୃଦୟର ଜ୍ୱାଳା ହୃଦୟ ଜାଣଇ
ମନ ଜାଣେ ମନବ୍ୟଥା ।

ତୁ ତ ଧର୍ମରାଣୀ ସବୁ ଧର୍ମ ଆଣି
ସାଇତିଛୁ ସବୁ କାଳେ,

ଫୁଲ ଉପବନେ ବିଜନ କାନନେ
ଗିରି ପରବତମାନେ ।

ଆଜ ସେହି ଧର୍ମ-ଡାକ ଶୁଣି ମା ଗୋ,
ଡାକୁଛୁ ସରବେ ତୋତେ,
ଆଶିଷ କର ଗୋ, ଅବଗାହୁ ଆମେ
ଧର୍ମ ଯୋଗୁଁ କର୍ମସ୍ରୋତେ ।

ତୋହର ସନ୍ତାନ ବୋଲି ଯେହ୍ନେ ଆମ
ହୃଦୟରେ ଥାଉ ଜ୍ଞାନ,
ସତ୍ୟ ଯୋଗୁଁ ଆମ ଦେହ ଚଳିଯାଉ
ଧର୍ମଯୋଗୁଁ ଯାଉ ପ୍ରାଣ ।

●

( 'ମୋହନବଂଶୀ'—ରଚନାକାଳ : ୧୯୨୨ ସାଲ )

## ହାତକଡ଼ି ତାର ମଲ୍ଲି ଫୁଲ ହାର

ଦେଶଲାଗି ଯାର ଦେହ କାନ୍ଧଉଠେ
ଜାତିଲାଗି କାନ୍ଦେ ମନ,
ଲୋଡ଼ା ନାହିଁ ତାର ଯୋଡ଼ ଘୋଡ଼ାଗାଡ଼ି
( ଅବା ) କୁଆଁର ପୁନେଇଁ ଜହ୍ନ ।

ଉଆଁସ ଅନ୍ଧାର ତାର ବନ୍ଧୁବର୍ଗ
ଜଗହ୍ନଦେ ଭଗ୍ନ ଖ୍ରୀମର ଶକତି
ହାତକଡ଼ି ତାର ମଲ୍ଲୀଫୁଲ ହାର
ସୁଧାସମ ଅନଶନ ।

ନିଜ ନାମକୁ ସେ ନ କରେ ବିକାର
ଅହମିକା ଲାଗେ ତାକୁ ବିଷପର
ଦ୍ୱୀପାନ୍ତର ତାର ଦିଲ୍ଲୀ ସିଂହାସନ
ଫାଶୀ ବଇକୁଣ୍ଠ ଧାମ ।

ଦେହକୁ ଭାବେ ସେ ଦେବତା ମନ୍ଦିର
ଜୀବନକୁ ଭାବେ ଦେଶବାସୀଙ୍କର,
ଶତ ଅବିଶ୍ୱାସ ବାଧାରେ ସେ ଦେଖେ
ବିଶ୍ୱମୟ ଭଗବାନ ।

ବାଞ୍ଛାନିଧି ମହାନ୍ତି ( ୧୮୯୭—୧୯୩୮ )

[ ବାଲେଶ୍ୱର ଜିଲା ଇରମ୍ ଗ୍ରାମ ଏହାଙ୍କ ଜନ୍ମସ୍ଥାନ । ଅସହଯୋଗ ଆନ୍ଦୋଳନ କାଳରେ ଏ ଅନେକ ଜାତୀୟ ସଙ୍ଗୀତ ରଚନା କରିଥିଲେ ଏବଂ ନିଜେ ସେଗୁଡ଼ିକ ଗାନ କରି ଲୋକଙ୍କୁ ଉଦ୍‌ବୁଦ୍ଧ କରିଥିଲେ । ତାଙ୍କର ନିର୍ଭୀକତା ଓ ଦେଶପ୍ରେମ ତାଙ୍କୁ ଲୋକପ୍ରିୟ କରିଥିଲା । ]

## ଜାତୀୟ ସଙ୍ଗୀତ

( ଶ୍ୟାମ ଅପବାଦ ମୋତେ ହେଲେ ହେଉ—ବୃତ୍ତେ )

ଖଦି ପିନ୍ଧିବି ମୁଁ ସେ ଯେତେ ମୋଟ ହେଉ
ହସିବ ଦେଖି ଯେ ମୋତେ ହସୁଥାଉ ( ସେ ପଛେ ) । ଧ୍ରୁବ ।

ମୋ ଦେଶ ତିଆରି ଧନ
କରିବି ଅତି ଯତନ
ଆଦରେ କିଣିବି ଦର ଯେତେ ହେଉ ( ତା ଦର ) । ୧ ।

ଯା ଲାଗି ଶହେ ହଜାର
ଭୋଗିଲେ ହେ କାରାଗାର
ଭାସିଗଲା ଦେଶସାରା ତ୍ୟାଗ-ତେଜ ( ରେ ଭାଇ ) । ୨ ।

ନ ଖାଇ ଭାଇ ମରୁଛି
(ମୁଁ) ବିଳାସେ ଦିନ ସାରୁଛି
ବାବୁପଣିଆ ଚୁଲିକି ତେଣେ ଯାଉ ( ଚୁଲିକି ) । ୩ ।

କାଳୀଚରଣ ପଟ୍ଟନାୟକ ( ୧୮୯୭—୧୯୭୮ )

[ ଜନ୍ମ ବଡ଼ାମ୍ବାରେ—ବିଶିଷ୍ଟ ନାଟ୍ୟକାର ଓ ସଙ୍ଗୀତଜ୍ଞ ରୂପେ ୧୯୨୬-୨୭ ରେ ପୁରୀର ଗଜପତି ରାଜାଙ୍କଠାରୁ 'କବିଚନ୍ଦ୍ର' ଉପାଧି ପାଇଥିଲେ । ଓଡ଼ିଆ ରଙ୍ଗମଞ୍ଚର ରୂପ ପରିବର୍ତ୍ତନ, ନାଟ୍ୟମଞ୍ଚରେ ପ୍ରଥମ ନାରୀଶିଳ୍ପୀ ଗ୍ରହଣ, ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ସମ୍ବନ୍ଧୀୟ ପୁସ୍ତକ ରଚନା ଓ ପରିପ୍ରଚାର ଏହାଙ୍କୁ ସ୍ମରଣୀୟ ରଖିବ । ରଚନାବଳୀ—'ଭାତ', 'ଅଭିଯାନ,' 'ଚକ୍ରୀ,' 'ଜୟଦେବ,' ପ୍ରଭୃତି ନାଟକ ଏବଂ ଶିଶୁକବିତା 'କଳାହାଣ୍ଡିଆ ମେଘ' ଓ ବହୁ ଶିଶୁସଂଗୀତ । ]

## ଟେକା ବର

ଝଙ୍କା ମେଲି ଗାଆଁ ମୁଣ୍ଡେ ଥାଉ ଟେକାବର,
ଜଟାପରି ଓହଳଛି ଓହଳ ତୋହର ।
ପାଠ ପଢ଼ି ରାମ ନିତି ସେ ବାଟେ ଆସଇ,
ଦିନକରେ ଗଛକୁ ସେ ଗୃହାଁ ପଚାରଇ—

' ଆଈ କହେ—ଗଛ, ତୁମେ ବହୁକାଳ ବୁଢ଼ା,
କାହିଁକି ଭୂଇଁରେ ଲୋଟେ ତୁମ ଡାଳଗୁଡ଼ା ?
ଡେଙ୍ଗାରେ ନ ବଢ଼ି ହେଲ ଝାମ୍ପୁଡ଼ା କାହିଁକି ?
ଡାଳକୁ ତୁମର ଏବେ ସଳଖି ଦେଉ କି ?"

ହସି କହେ ଟେକାବର, "ଗଲାଣି ସେ କାଳ,
ପିଲାରୁ ସଳଖିଥିଲେ ମିଳିଥାନ୍ତା ଫଳ ।

ବଙ୍କା, ସିଧା, ଡେଙ୍ଗା, ଗେଡ଼ା, ଯାହା ତୁମ ମନ,
ସବୁ ହୋଇ ପାରଥାନ୍ତା ଥିଲ ଯେବେ ସାନ ।

ମୁଣ୍ଡ ମୋର ଝପିଥାନ୍ତା ଏଇ ଯେ ପାହାଡ଼,
ବୁଢ଼ାକାଳେ ସଳଖିଲେ ଭାଙ୍ଗିଯିବ ହାଡ଼ ।

ବଡ଼ ଯେବେ ହେବ ବାପା ମୋ ବୋଲଟି ମାନ,
ଏଇ ପିଲାଦିନୁ ପାଠେ ଦେଇଥାଅ ମନ ।

ଏ ବୟସ ନ ମିଳିବ ଆଉ ବୁଢ଼ାହେଲେ,
ଯାହା ଶିଖିଥିବ ବାବୁ ! ଏଇ ସାନବେଳେ ।"

●

( 'ସରସ ସାହିତ୍ୟ'—୨ୟ ଭାଗ, ୧୯୫୬ )

ଗୋଦାବରୀଶ ମହାପାତ୍ର (୧୮୯୮—୧୯୬୫)

[ ପୁରୀ ଜିଲ୍ଲା ବାଣପୁର ଥାନା କୁମାରୀଙ୍ଗ ଶାସନରେ ଜନ୍ମ—ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର ଥିଲେ । ଦୀର୍ଘ ୫୦ ବର୍ଷ ଧରି ସାହିତ୍ୟ-ସାଧନା କରିଛନ୍ତି—ଦେଶାତ୍ମବୋଧକ ଓ ବ୍ୟଙ୍ଗାତ୍ମକ ରଚନାରେ ସିଦ୍ଧହସ୍ତ ଥିଲେ । 'ନିଆଁଖୁଣ୍ଟା' ଓ 'ଢୁଆଁଢୁଇଁ' ମାସିକ ପତ୍ରିକାର ପ୍ରତିଷ୍ଠାତା—'କଣ୍ଟା ଓ ଫୁଲ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କୃତ । ଅନ୍ୟାନ୍ୟ ରଚନା :—'ମୁଣ୍ଡା ସାହାଡ଼ା', 'ଏବେ ମଧ୍ୟ ବଞ୍ଚିଛି', 'କୁନିର ହାଣ୍ଡି', 'ଛବିର କବିତା' ପ୍ରଭୃତି । ]

## ସେଇଭଳି ପିଲା ଲୋଡ଼ା

ଆମର ଗାଆଁରେ ସେ ପିଲା ସେକାଳେ ଥିଲା,
ଆମେ କହୁ ତାକୁ ସଭିଏଁ ଦୁଷ୍ଟ ପିଲା ।
ଯେତେ କାମ ପଡ଼େ ସବୁଥିକି ଆଗେ ଡାକୁ,
କିଏ କହେ ସାଥୀ, କିଏ କହେ ମିତ ତାକୁ ।

ମେଘ ବରଷିଲେ ନଈ ଉଠେ ଯେବେ ମାତି,
ଆମେ ଯେତେ ପିଲା ଗାଆଁରେ ତାହାର ସାଥୀ ।
ଧରି ସେ ଭେଳରେ ନଈକୂଳେ ଯାଏ ବୁଲି,
ବଢ଼ି ଗୁଳିଥାଏ ନଈ ଦୁଇ କୂଳ ଫୁଲି ।

ପାଣି ଝରଝର, ମେଘ ଗରଜନ କରେ,
ସେ ସାଥୀ, ସେ ମିତ କେଉଁଥିକି ନାହିଁ ଡରେ ।

ଆମେ କହୁଥାଉ  ସେ ଜଣେ ଦୁଷ୍ଟ ପିଲା !
ଆମର ଗାଆଁରେ ସେ ପିଲା ସେକାଳେ ଥିଲା ।

ସେଦିନୁ ଗଲାଣି କେତେ ଯେ ବରଷ ଗଡ଼ି,
କେତେ ଆସି କେତେ ଗଲାଣି ସେ ନଈବଢ଼ି ।

ଆମର ଗାଆଁକୁ ସେଇଭଳି ପିଲା ଲୋଡ଼ା
ଜାଣିଥିବ ଯିଏ ଘାସକଟା, ଘୋଡ଼ାଚଢ଼ା ।

●

('ଛବିର କବିତା'—୧୯୬୦)

# ଏଇ ଓଡ଼ିଶା ଭୂଇଁ

ମହାନଦୀର କାକର ପାଣି
ବରଗଡ଼ରେ ମାଡ଼େ
ଗଛରେ ଫଳେ ଫଳ,

ତୁମର ଆମର ହୋଇଲେ ସାଥୀ
ଆଉ କି ଡର ମାଡ଼େ ?
କାଢ଼ିବ କିଏ ଖଳ ?

କେଉଁଝରର ପାହାଡ଼ ତଳେ
ରହିଛି ସୁନାଖଣି,
ଖୋଳିବ ଭଲି କିଏ

ଆମ ଓଡ଼ିଶା ମାଟିରେ ଅଛି
ଅଷ୍ଟରତ୍ନ ମଣି,
ଆମେ ତାହାର ପୁଏ ।

କରାପୁଟରେ ଫୁଟିଲେ ଫୁଲ
ବାରିପଦାକୁ ବାସେ,
ଜାଣିଛ କିଏ ଭାଇ ?

ହୀରାକୁଦର ବିଜୁଳି ଆସି
ଘର ଆଲୁଅ ଦିଶେ—
ଏଇ ଓଡ଼ିଶା ଭୂଇଁ ।

●

ଆମେ କହୁଥାଉ  ସେ ଜଣେ ଦୁଷ୍ଟ ପିଲା !
ଆମର ଗାଆଁରେ ସେ ପିଲା ସେକାଳେ ଥିଲା ।

ସେଦିନୁ ଗଲାଣି କେତେ ଯେ ବରଷ ଗଡ଼ି,
କେତେ ଆସି କେତେ ଗଲାଣି ସେ ନଈବଢ଼ି ।

ଆମର ଗାଆଁକୁ ସେଇଭଳି ପିଲା ଲୋଡ଼ା
ଜାଣିଥିବ ଯିଏ ଘାସକଟା, ଘୋଡ଼ାଚଢ଼ା ।

●

('ଛବିର କବିତା'—୧୯୬୦)

## ଏଇ ଓଡ଼ିଶା ଭୂଇଁ

ମହାନଦୀର କାକର ପାଣି
ବରଗଡ଼ରେ ମାଡ଼େ
ଗଛରେ ଫଳେ ଫଳ,

ତୁମର ଆମର ହୋଇଲେ ସାଥୀ
ଆଉ କି ଡର ମାଡ଼େ ?
ବଢ଼ିବ ଶିକ୍ଷା ବଳ ?

କେଉଁଝରର ପାହାଡ଼ ତଳେ
ରହିଛି ସୁନାଖଣି,
ଖୋଳିବ କୁଲି କିଏ

ଆମ ଓଡ଼ିଶା ମାଟିରେ ଅଛି
ଅଷ୍ଟରତ୍ନ ମଣି,
ଆମେ ତାହାରି ପୁଏ ।

କରାପୁଟରେ ଫୁଟିଲେ ଫୁଲ
ବାରିପଦାକୁ ବାସେ,
ଜାଣିଚ କିଏ ଭାଇ ?

ହୀରାକୁଦର ବିଜୁଳି ଆସି
ଘର ଆଲୁଅ ଦିଶେ—
ଏଇ ଓଡ଼ିଶା ଭୂଇଁ ।

# ପାଣି ଗୋ ପାଣି

ପାଣି ଗୋ ପାଣି ସରଗ-ରାଣୀ,
କୁଆଡ଼ୁ ମେଘ ତୁମକୁ ଆଣି

ବରଷି ଗଲ ଆମର ଚାଳେ ?
ଚାଳରୁ ଗଡ଼ି ବହୁଚ ନାଳେ ।

ପାଣି, କି କଥା ଶୁଣିବ ନାଇଁ ?
ତୁମର ପାଇଁ ରହିଚ ଚାହିଁ ।

କରଚ ନାଆ କାଗଜେ ଏକ,
କାଗଜ ପାଲ ଟେକଚ ବେକ ।

ଧାଉଁଚ ତୁମେ କି ତରତରେ !
ଭସାଇ ଦେବ ତୁମର କୋଳେ ।

ଟିକିଏ ରହ, ଟିକିଏ ରହ,
କୁଆଡ଼େ ତୁମେ ଯାଉଚ କହ ?

ମୋଅ କଥା କି ଶୁଣିବ ନାଇଁ,
ମନର କଥା ଜାଣିବ ନାଇଁ ?

କୁଆଡ଼ୁ ଆସି କୁଆଡ଼େ ଯାଅ ?
ପାଣି ଫୋଟକା ତୁମର ଦେହ ।

ଜରୁରୀ କାମ ପଡ଼ିଛି ଏତେ ?
ଶୁଣୁ ତ ନାହିଁ ଡାକୁଛି ଯେତେ ।

ଖେଳିବା ପାଇଁ ଛୁଟି କି ନାଇଁ ?
ଜନମ ହେଲ ଧାଇଁବା ପାଇଁ ?

କେଉଁଠି ତୁମେ ରହିବ ଶେଷେ ?
ସେଇ କଥା ମୁଁ ଜାଣିନି ଲେଶେ ।

ସେଇ କଥାଟି କହିଯା ପାଣି,
ନେଉଛ ଯହିଁ ନାଆକୁ ଟାଣି ।

ହରେକୃଷ୍ଣ ମହତାବ ( ୧୮୯୯— )

[ ବାଲେଶ୍ୱର ଜିଲାର ଅଗରପଡ଼ାରେ ଜନ୍ମ—ବିଶିଷ୍ଟ କଂଗ୍ରେସ ନେତା, ବ୍ୟବସ୍ଥାପକ, ଲେଖକ ଓ ଐତିହାସିକ—ମୁକ୍ତିସଂଗ୍ରାମରେ ଯୋଗ ଦେଇ କାରାବରଣ କରିଥିଲେ । ସେ ଯଥାକ୍ରମେ କେନ୍ଦ୍ର ସରକାରଙ୍କ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ, ବମ୍ବେର ରାଜ୍ୟପାଳ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । 'ପ୍ରଜାତନ୍ତ୍ର' ପତ୍ରିକାର ପ୍ରତିଷ୍ଠାତା । ତାଙ୍କର ମୁଖ୍ୟ ସଂପାଦନାରେ 'ଇଷ୍ଟର୍ଣ୍ଣ ଟାଇମସ୍', 'ଝଙ୍କାର' ଓ 'ମୀନାବଜାର' ପ୍ରକାଶିତ । ରଚନାବଳୀ :—'ପ୍ରତିଭା', 'ଟାଉଟରେ', 'ଓଡ଼ିଶାର ଇତିହାସ' ଇତ୍ୟାଦି । ]

## ରଜା ହେବ କିଏ ?

ଏକ ରାଜ୍ୟରେ ଜଣେ ରଜା ଥିଲେ । ଦିନେ ହଠାତ୍ ରଜାଙ୍କର ମୃତ୍ୟୁ ଘଟିଲା । ତାଙ୍କର ପୁଅଝିଅ କେହି ନ ଥିଲେ । ରଜାଙ୍କର ମୃତ୍ୟୁ ଖବର ପାଇ ରାଣୀଙ୍କ ମନ ଏତେ ଖରାପ ହୋଇଗଲା ଯେ, ସେ ଅଳ୍ପ ସମୟ ମଧ୍ୟରେ ପ୍ରାଣ ହରାଇଲେ । ମନ୍ତ୍ରୀ ଓ ପ୍ରଜାମାନଙ୍କ ମଧ୍ୟରେ ଭାଳେଣି ପଡ଼ିଲା—ରଜା ହେବ କିଏ ? ଜଣେ କେହି ରଜା ନ ହେଲେ ରାଜ୍ୟ ଚାଲିବ ନାହିଁ । ଯେ ଯାହାକୁ ପାରିବ, ମାରିଦେବ; ଯେ ଯାହାର ପାରିବ, ସମ୍ପତ୍ତି ଲୁଟି କରିନେବ । ଅରାଜକ ରାଜ୍ୟରେ ଲୋକେ ରହିବେ କିପରି ? ସେଠୁ କଥା ହେଲା ଯେ ପ୍ରଜାମାନେ ସମସ୍ତେ ମିଶି ଜଣକୁ କାହାକୁ ରଜା ବାଛିବେ ଓ ତା'ର ମୁଣ୍ଡରେ ଶିରପା ବନ୍ଧାହେବ ।

ଏ କଥା ଶୁଣି ବହୁ ଲୋକ ବାହାରିଲେ ବଛାହେବା ପାଇଁ । କିଏ ଟଙ୍କା ଯାଚିଲା, କିଏ ବାଡ଼ି ଠେଙ୍ଗା ଦେଖାଇଲା, କିଏ ଯାଇ ଚୁପ୍‌ଚାପ୍ ନାନା କଥା ଲୋକଙ୍କୁ ଶିଖେଇଲା । ଏପରି ଯେତେବେଳେ ବହୁ ଲୋକ ରଜା ହେବାକୁ ବାହାରିଲେ, ସାଧୁ-ପ୍ରକୃତିର ଲୋକେ ପ୍ରମାଦ ଗଣିଲେ । ସେମାନେ ଭାବିଲେ, ଯଦି ଏହିପରି ଭାବରେ ରଜା ବଛାହୁଏ, ତେବେ ରାଜ୍ୟ ରହିବ ନାହିଁ । ସେମାନେ ସେଠୁ ଠିକ୍ କଲେ ଯେ ବଛାବଛି ନ କରି ସେ ରାଜ୍ୟରେ ଯେଉଁ ତପସ୍ୱୀ ବାବାଜୀ ଅଛନ୍ତି, ତାଙ୍କୁ ପଚରାଯାଉ । ସେ ଯାହାକୁ କହିବେ, ସେ ରଜା ହେବେ । ଏଥିରେ ସମସ୍ତେ 'ହଁ' ଭରିଲେ ।

ବାବାଜୀ ଏ କଥା ଶୁଣି ବଡ଼ ଚିନ୍ତାରେ ପଡ଼ିଲେ । ସେ ଭାବିଲେ— ସମସ୍ତେ ଯାହାକୁ ପସନ୍ଦ କରିବେ, ସେହି ଏକା ରଜା ହେଲେ ଭଲ । ଜଣେ ଲୋକକଥାରେ କେହି ରଜା ହେବା ଠିକ୍ ନୁହେଁ । କିନ୍ତୁ ସେ ଏକ ଉପାୟ ପାଇଲେ, ଯେଉଁଥିରେ ଭଲ ଲୋକ ଜଣେ ବଛାହୋଇଯିବ । ବାବାଜୀଙ୍କର ଗୋଟିଏ ଭଲ ବଗିଚା ଥିଲା । ସେ ବଗିଚାରେ ଭଲ ଫଳନ୍ତି ଗଛ କେତୋଟି ଥିଲା । ସେ ଗଛରୁ ଫଳ ତୋଳିବା ପାଇଁ ବାବାଜୀ କାହାକୁ ଛାଡ଼ନ୍ତି ନାହିଁ; କିନ୍ତୁ ଫଳ ଖାଇବା ପାଇଁ ସମସ୍ତଙ୍କର ଇଚ୍ଛା । ଥରେ ଅଧେ ଲୁଚାଇ କିଏ ଫଳ ଖାଇଦେଇଥିଲେ ଯେ ବାବାଜୀଙ୍କ ଅଭିଶାପରେ ସେମାନଙ୍କ ହାତଗୋଡ଼ ଖଣ୍ଡିଆ ହୋଇଗଲା । ସେହି ଭୟରେ ସେ ଗଛପାଖକୁ ଆଉ କେହି ଯାଆନ୍ତି ନାହିଁ । ବାବାଜୀ କହିଲେ ଯେ ରାଜ୍ୟସାରା ଲୋକ ତାଙ୍କ ବଗିଚାକୁ ଆସନ୍ତୁ । ଗଛରୁ ଫଳ ଖାଇବା ପାଇଁ ସମସ୍ତଙ୍କୁ ଛାଡ଼ । ଫଳ ଖାଇସାରିବା ପରେ ସମସ୍ତେ ବାବାଜୀଙ୍କ ପାଖରେ ରୁଣ୍ଡ ହେବେ; ତା ପରେ ରଜା ବଛାହେବ ।

ଏ କଥା ଶୁଣି ସମସ୍ତେ ଧାଇଁଲେ ବଗିଚାକୁ । ରଜା ବଛାହେବା କଥା ଯାହା ହେଉ, ଆଗେ ଫଳ ଖାଇବାକୁ ଲୋକେ ରୁଣ୍ଡ ହୋଇ ଫଳ ତୋଳିବାକୁ ଲାଗିଲେ । ଖାଇବା ଲୋଭରେ ଗଛପ୍ରତି ମମତା ନାହିଁ । କିଛି ସମୟପରେ ସୁନ୍ଦର ଫଳନ୍ତି ଗଛଟି ମର ମର ଅବସ୍ଥା ପରି ଥୁଣ୍ଟାଗଛ

ହୋଇଗଲା । ତା'ପରେ ସମସ୍ତେ ବାବାଜୀଙ୍କ ପାଖରେ ରୁଣ୍ଡ ହେଲେ । ବାବାଜୀ ସମସ୍ତଙ୍କୁ ପଚାରିଲେ—"କିଏ ରଜା ହେଲେ ଭଲ ହେବ ?" ଲୋକଙ୍କ ଭିତରୁ ତିନିଜଣଙ୍କ ନାମ ଆସିଲା । ସେ ତିନିଜଣଙ୍କୁ ଛିଡ଼ା ହେବା ପାଇଁ ବାବାଜୀ କହିଲେ । ତା'ପରେ ଜଣ ଜଣଙ୍କୁ ଗଛ ଫଳଖିଆ ସମ୍ବନ୍ଧରେ ପଚାରିଲେ ।

ଜଣାପଡ଼ିଲା ଯେ ତିନି ଜଣଙ୍କ ମଧ୍ୟରୁ ଜଣେ ଅନ୍ୟ ଅନେକଙ୍କୁ ଠେଲିପେଲି ବହୁତ ଫଳ ଖାଇଛି । ଅନ୍ୟ ଜଣେ ଠେଲାଠେଲି ଭୟରେ ଗଛପାଖକୁ ନ ଯାଇ ଫଳ ଖାଇପାରିନାହିଁ । ତୃତୀୟ ଜଣକ ଯେତେବେଳେ ଦେଖିଲା, ସେ ଗଛକୁ ନଷ୍ଟ କରିଦେବା ପାଇଁ କେତେକ ଯାଉଛନ୍ତି, ସେ ସେମାନଙ୍କୁ ଠେଲି ପଛପଟରୁ ହଟେଇ ଦେଇଛି । ସେଥିପାଇଁ କେତେକ ଦୁଷ୍ଟ ଲୋକ ତାକୁ ମାଡ଼ ମଧ୍ୟ ଦେଇଛନ୍ତି ।

ଏ ସବୁ ଶୁଣିସାରି ବାବାଜୀ ସମସ୍ତଙ୍କୁ ପଚାରିଲେ, "କିଏ ରାଜା ହେବ କହ । ଯେ ସୁବିଧା ପାଇଲେ ପରସମ୍ପତ୍ତିକୁ ନଷ୍ଟ କରିପକାଏ ସେ, ନା ଯେ ପରସମ୍ପତ୍ତି ନଷ୍ଟ ହୋଇଯାଉଥିଲେ ମଧ୍ୟ ସେଠିକି ଭୁଲରେ ଯାଏ ନାହିଁ ସେ, ନା ପରସମ୍ପତ୍ତିକୁ ରକ୍ଷା କରିବା ପାଇଁ ଯେ ନିଜେ ମଧ୍ୟ ମାଡ଼ ଖାଏ ସେ ? ମନ ଭିତରେ ଯାହାର ଯାହା ଥାଉ, ସମସ୍ତେ ହୁରି ପକାଇ କହିଲେ, ଯେ ପରସମ୍ପତ୍ତିକୁ ରଷା କରିବା ପାଇଁ ମାଡ଼ ପର୍ଯ୍ୟନ୍ତ ଖାଏ, ସେହି କେବଳ ରଜା ହେବା ପାଇଁ ଉପଯୁକ୍ତ । ତା'ପରେ ସେହି ତୃତୀୟ ଜଣକ ରଜା ବଚ୍ଛିହେଲା । ସେହି ଦିନଠାରୁ ବିଧି ଅନୁସାରେ ରାଜ୍ୟଶାସନ ଚାଲିଲା ।

●

( 'ମୀନାବଜାର' )

କୁନ୍ତଳାକୁମାରୀ ସାବତ ( ୧୯୦୦—୧୯୩୮ )

[ ବସ୍ତର ଜଗଦଲପୁରରେ ଜନ୍ମ—ବାଲ୍ୟଜୀବନ ପିତାଙ୍କ ସହ ବର୍ମାରେ କଟିଥିଲା । କଟକ ମେଡିକାଲ ସ୍କୁଲରେ ୪ ବର୍ଷ ପଢ଼ି ଦିଲ୍ଲୀରେ ଡାକ୍ତରୀ ବ୍ୟବସାୟ କରୁଥିଲେ । ବିବିଧ ନାରୀମଙ୍ଗଳ ଅନୁଷ୍ଠାନ ସହ ସଂପୃକ୍ତ ଥିଲେ । ଅନେକ ଗୀତିକବିତା ଓ ୬ଟି ଉପନ୍ୟାସର ଲେଖିକା । ରଚନାବଳୀ—'ଭ୍ରାନ୍ତି', 'ନଅତୁଣ୍ଡୀ', 'ପରଶମଣି' 'ଉଚ୍ଛ୍ୱାସ', ଏବଂ 'ସ୍ଫୁଲିଙ୍ଗ' ପ୍ରଭୃତି । ]

## ଓଡ଼ିଆ ପୁଅ

ଆଜ ବାପ ତତେ କହିବି କଥାଟି
ଶୁଣିବୁ ତୁ ଦେଇ ମନ,
କାହା କୁମର ତୁ କାହା କୁଳ-ମଣି
ଜାଣିଛୁ କି ଗର୍ଣ୍ଣ ଧନ ?

ନିରମଳ ଭୁଇଁ ସରଗ ତରାଟି
ସରଗର ଝୁରିଫୁଲ,
ହାସ ଭାଷ ତୋର କଉତୁକ ବାବୁ
କି ମଧୁର କି ଡଉଲ !

ଆଖି ଦୋ'ଟି ତୋର ଆନନ୍ଦ-ଉଜ୍ଜ୍ୱଳ
ଚଞ୍ଚଳ ତୁ ଅଙ୍ଗେ ଅଙ୍ଗେ,
ଲବଣୀ-ପିତୁଳା ସ୍ନେହ-ସୁଧାବୋଳା
ଖେଳୁ ଖେଳ ନାନା ରଙ୍ଗେ ।

ଧୂଳମାଟି ଘେନ
କ ସୁନ୍ଦର ଭୁଇଁ
ଗଢ଼ି ବସୁ ନାନା ଜାତି,
ପଶୁ, ପକ୍ଷୀ, ଜୀବ,
ଦେବତା, ଦେଉଳ
ସଙ୍ଗୀ ସଙ୍ଗେ ହର୍ଷେ ମାତି ।

କେବେ କରେ ବାପ
ଶୁଣିଛୁ ତୁ କାନେ
ବାପ ଗୋସିଁ ବାପ କଥା ?
କେତେ ସେ ମହତ
କରମ ସାଧିଲେ
ଶୁଣିଛୁ କ ସେ ବାରତା ?

× × ×

ମହା ମହା ରାଜା
ମହା ମହା ରଥୀ
ଥିଲେ ତୋର ବାପ ଜେଜେ,
କଏ ସରି ହେବ
ଗୁଣଜ୍ଞାନେ ତାଙ୍କୁ
କଏ ସରି ହେବ ତେଜେ ?

ଓଡ଼ିଆ ବୋଲି ତୁ
ମନେ ଗର୍ବ ବାନ୍ଧ
ଭୁଲରେ ଟେକ ତୋ ମଥା,
ନିତି ମନେ ମନେ
ଗୁଣି ହେଉଥାଆ
ପୂର୍ବପୁରୁଷର କଥା ।

●

( 'ପଞ୍ଚାମୃତ' ୨ୟ ଭାଗ—୧୩୩୩ ସାଲ )

ଚନ୍ଦ୍ରଶେଖର ମିଶ୍ର ( ୧୯୦୦— )

[ ଜନ୍ମସ୍ଥାନ—କଟକ ଜିଲ୍ଲା ଆଠଗଡ଼ର ରାଧାନାଥପୁର ଶାସନ—ଖ୍ରୀଷ୍ଟ କଲେଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ଥିଲେ—ଉତ୍କଳ ସାହିତ୍ୟ ସମାଜର ସଂପାଦକ ( ୧୯୪୮-୧୯୫୩ )—'ଉତ୍କଳ ସାହିତ୍ୟ', 'ନବଜୀବନ', 'ସହକାର', 'ଝଙ୍କାର', 'ପଞ୍ଚାମୃତ' ପ୍ରଭୃତି ପତ୍ରିକାରେ ତାଙ୍କର ବହୁ ରଚନା ପ୍ରକାଶିତ—'କନଫୁସିୟୁସ୍', 'ସରଃସୁନ୍ଦରୀ', 'ବୈଠକମହଲ' ପ୍ରଭୃତି ପୁସ୍ତକର ଲେଖକ । ]

## ଶିଶୁର ଶୟନ ସଂଗୀତ

ଶୋଇପଡ଼ ଶୋଇପଡ଼ ରେ    ବାସୁମଣି ମୋରବେ
ଘରେ ଘରେ ପିଲା ତୋ ପରି    ଶୋଇଲେଣି ସରବେ ।
ମାଡ଼ିଯାଉଅଛି ଅନ୍ଧାର    ଜଳ ସ୍ଥଳ ଗଗନ
ଦୂର ପରବତ ନ ଦିଶେ    ଲୁଚିଗଲାଣି ବନ ।
ଗଛେ ଗଛେ ଫୁଲ ଶୋଇଛି,    ପକ୍ଷୀ ମାଆର କୋଳେ
ଆରାମେ ଶୋଇଛି ଶାବକ    ସୁଖ-ସ୍ୱପନ-ଭୋଳେ ।
ଶୁଣ, ଡାକୁଅଛି ଅନ୍ଧାର    ସାଇଁ ସାଇଁ ଶବଦେ—
ଶୋଇପଡ଼ ବୋଲି ବାଳକେ    ମାଆକୋଳେ ଆନନ୍ଦେ ।
ରାତି ପାହିଗଲେ ଆସିବେ    ଦିନନାଥ ଗଗନେ
ଉଠାଇବେ ତୋତେ ଧନରେ !    ପକ୍ଷୀକଳ-ନିସ୍ୱନେ ।
ଖେଳ-ସାଥୀ ପଢ଼ା-ସାଥୀଏ    ତୋର ଆସିବେ ଧାଇଁ
ହସ-କଉତୁକେ ଖେଳିବ    ଧୀର ପବନେ ଯାଇଁ ।
ବାପା ପାଖେ ବସି ଶୁଣିବୁ    ଧନ, ପୂରୁବ କଥା
ଜାଗିବ ପରାଣ ତୋହର    ରବି ଜାଗଇ ଯଥା ।
କେତେ ସୁନା କେତେ ହୀରତି    ଥିଲା ଦିନେ ଏ ଦେଶେ
ଶୋହୁଥିଲା ପରା ଧରଣୀ    ଫଳ-କୁସୁମ-ବେଶେ ।

କେତେ ରାଜା ଥିଲେ ତୋ ଦେଶେ    ଜ୍ଞାନୀ ଶକତିଶାଳୀ
ରଖିଗଲେ ଯଶ ପରଜା    ସୁତ ସମାନ ପାଳି ।
ତୋଳିଲେ ଅତୁଳ ଦେଉଳ    ଏବେ ଅଛି ସରବ
ରାତି ପାହିଗଲେ ଦେଖିବୁ    ତୋ ଜାତିର ଗରବ ।
ଆହୁରି ଶୁଣିବୁ ବାବୁ ରେ !    କରି କେତେ ଲଢ଼ାଇ
ଜାତି-ଟେକ ଜାତି-ଜୀବନ    ରଖିଗଲେ ତୋ ଭାଇ ।
ଶୋଇଲେ ଦେଖିବୁ ସେ କାଳ    ରଣଲୀଳା ସ୍ୱପନେ
ଶୁଣିବୁ ସମର-ବାଇଦ    ତୂରୀ-ଭେରୀ-ନିସ୍ୱନେ ।
ଶୋଇପଡ଼ ଶୋଇପଡ଼ ରେ    ବାୟୁମଣି ନୀରବେ
ଘରେ ଘରେ ପିଲା ତୋ ପରି    ଶୋଇଲେଣି ସରବେ ।
ହାତୀ ଦେବ ଘୋଡ଼ା ଦେବ ମୋ    ଧନମାଳୀକି ଆଣି
ପୁଅ ମୋର ପାଠ ପଢ଼ିବ    ହେବ ଜଗତେ ଜ୍ଞାନୀ ।
ବାପା ପାଶେ ବସି ଶୁଣିବୁ    ଧନ, ପାହିଲେ ରାତି
ଦରିଆ ଡେଇଁଲେ କେସନେ    ସୁନା ଲାଗି ତୋ ଜ୍ଞାତି ।
ଭାସିଲା ବଣିଜ ବୋଇତ    ନଦୀ-ହ୍ରଦ-ସାଗରେ
ଭେଦିଲେ ବିଦେଶ ଭାଇଏ,    ଲକ୍ଷ୍ମୀ ଆସିଲେ ଘରେ ।
ଧନ ଲାଗି ଯିବୁ ତେସନ    ଦୂରେ, ନୋହିବୁ ଭୀତ
ଦରିଆ-ତେଉରେ ନାଚିବ    ତୋର ଭରା ବୋଇତ ।
ଶୋଇପଡ଼ ବେଗେ ଧନରେ !    ମାଡ଼ିଆସେ ଅନ୍ଧାର
ଲଢ଼ାଇକି ଯିବୁ ଉଠିଲେ    ହେବ ଦେଶ ଉଦ୍ଧାର ।
ଦପଦପ ହୋଇ ଜଳନ୍ତି    ଶୂନ୍ୟେ ଅସଂଖ୍ୟ ତାରା
ବରଷିବ ଧନ ଶିରେ ମୋ    ସାଧୁ-ଆଶିଷ-ଧାରା ।
ଶୋଇପଡ଼ ବାୟୁମଣି ରେ !    ରାତି ଆସୁଛି ଧାଇଁ
ଜଗତ-ଠାକୁର ରଖିବେ    ତୋତେ ଘଣ୍ଟ ଘୋଡ଼ାଇ ।

●

( 'ପଞ୍ଚାମୃତ'—ମାର୍ଚ୍ଚ, ୧୯୨୭ )

କାଳନ୍ଦୀଚରଣ ପାଣିଗ୍ରାହୀ ( ୧୯୦୧—          )

[ ଜନ୍ମସ୍ଥାନ—ପୁରୀ ଜିଲ୍ଲା ବିଶ୍ୱନାଥପୁର । କଟକରୁ ବି. ଏ. ପାସ୍ କରି ବାରିପଦାରେ 'ଭଞ୍ଜପ୍ରଦୀପ' ସମ୍ପାଦନା ଏବଂ ପରେ ଇଷ୍ଟର୍ଣ୍ଣ ଷ୍ଟେଟସ୍ ଏଜେନ୍‌ସିରେ ଓ କଟକ ବେତାର କେନ୍ଦ୍ରରେ କର୍ତ୍ତବ୍ୟ କାର୍ଯ୍ୟ କରିଥିଲେ । ଏ ଜଣେ ଉଚ୍ଚକୋଟୀର ସାହିତ୍ୟିକ—ଗଳ୍ପ, ଉପନ୍ୟାସ, କବିତା, ନାଟକ ଓ ସମାଲୋଚନା ପ୍ରତ୍ୟେକ କ୍ଷେତ୍ରରେ ଲେଖମୀ ଚାଳନା କରିଛନ୍ତି । ରଚନାବଳୀ—'ମାଟିର ମଣିଷ', 'ଅମରଚିତା', 'ମୁକ୍ତାଗଡ଼ର କ୍ଷୁଧା', 'ସୌମ୍ୟା', 'ପ୍ରିୟଦର୍ଶୀ' 'ସାଗରିକା' ପ୍ରଭୃତି—'ପଦ୍ମଭୂଷଣ' ଉପାଧିରେ ସମ୍ମାନିତ । ]

## ପଢ଼ିଥିଲି ଯହିଁ ପ୍ରଥମ କଥା

ମନେ ଅଛି ମୋର          ଗ୍ରାମ ଚାଟଶାଳୀ
ଚଳିଥିଲି ଯହିଁ ଅକ୍ଷର ଆଗେ,
ସରୁ ଦାଣ୍ଡି କଡ଼େ          ଚାଲଘର ଖଣ୍ଡି
ଯାଇଥିଲି ଦିନେ ବାପାଙ୍କ ସଙ୍ଗେ ।

ଡାକ ନେଇ ପାଖେ          ବସାଇଲେ ଗୁରୁ
ପଚାରିଲେ ନାମ ଆଦର କରି,
ତିନଗୋଟି ଶୂନ୍ୟ          ଲେଖିଦେଲେ ତଳେ
ଖଡ଼ିମୁଣ୍ଡା ଏକ ହାତରେ ଧରି ।

ତାହାର ଉପରେ ବୁଲଉଥିଲି ଖଡ଼ି
'ଅ' 'ଆ' 'କ' 'ଖ' ଶିଖିଲି ପାଠ,
ଭଲ ଗୁଣ ଲାଗି ପାଇଲି ପ୍ରଶଂସା
ମନ୍ଦ ପାଇଁ କେତେ ଖାଇଲି ଗୁଣ୍ଠ ।

ପଢ଼ିଲି ସାହିତ୍ୟ, ଅଙ୍କ, ଇତିହାସ,
ଭୂଗୋଳ, ବିଜ୍ଞାନ ଲାଗେ ନୂତନ,
ଜାଣିବାକୁ ବେଶୀ ଜାଗିଲା ଉତ୍ସାହ
ଶିଖିବାକୁ ବେଶୀ ବଳିଲା ମନ ।

ପଢ଼ିବାକୁ ଯେତେ ପାଉଥିଲି ସୁଖ
ପରୀକ୍ଷା ଲାଗିଲା ସେତିକି ମନ୍ଦ,
ସବୁଠାରୁ ବେଶୀ ସୁଖ ଲାଗିଥିଲା
ସେଦିନର ସାଥୀ ଖେଳ ଆନନ୍ଦ ।

ସୁଖ ଲାଗିଥିଲା ବସନ୍ତ-ପଞ୍ଚମୀ
ହରିତାଳିକାର ପୂଜା ଉତ୍ସବ,
ଗ୍ରାମ ଚାଟଶାଳୀ ଗୁରୁ ସହପାଠୀ
ଥିଲେ ସେ ମୋହର ମହା ବିଭବ ।

ଗ୍ରୀଷ୍ମ ଋତୁରେ ବୁଡ଼ୁଥିଲି କେତେ
ପଧାନ ପୋଖରୀ ଭିତରେ ଯାଇ,
କେତେ କାହିଁ ବୁଲି ତୋଟା ବଗିଚାରେ
ଜାମୁ ବରକୋଳି ଆସିଛି ଖାଇ ।

ଶୀତ ସକାଳରେ ଗୁହାଳୀ ଦୁଆରେ
ଖଇତଳେ ବସି କଷିଛି ଅଙ୍କ,
ବରଷା ସଞ୍ଜରେ ଫେରିଛି ଘରକୁ
ଗାଆଁ ଦାଣ୍ଡେ ମାଡ଼ି କାଦୁଅ ପଙ୍କ ।

ଗୁରୁ ସହପାଠୀ କେ ଗଲେଣି କାହିଁ
ଗୋଟି ଗୋଟି ତାହା ପଡ଼ୁଛି ମନେ,
ହସିଥିଲି କେଉଁ ବାଲି ପାହାଡ଼ରେ
କାନ୍ଦିଥିଲି ଆମ୍ବ ପୁନ୍ନାଗ ବନେ ।

ମନ୍ଦିର ସମାନ ଗ୍ରାମ ଚାଟଶାଳୀ
ସବୁ ସ୍ମୃତି ପରେ ଟେକୁଛି ମଥା,
ଶିଖିଥିଲି ଯହିଁ ପ୍ରଥମ ଅକ୍ଷର
ପଢ଼ିଥିଲି ଯହିଁ ପ୍ରଥମ କଥା ।

●

( 'ସାହିତ୍ୟ ସମ୍ପଦ' ୧ମ—୧୯୫୭ )

# ଦଶହରା

ଶରତ କାଳ ଜଳଦମାଳ
ନୀଳ ଗଗନେ ଭାସେ,
କାଦବା ପରେ ବରଷା ଝରେ
ଏବେ ଆଶିଣ ମାସେ ।
ଦିଶଇ ଶ୍ୟାମ ପ୍ରାନ୍ତର ଗ୍ରାମ
ଶଇଳ ଧାନକ୍ଷେତ,
ଉଜଳା ଦିବା ଧରଣୀ ଜବା
ଜୁଡ଼ାଏ ନୀଳ ନେତ୍ର ।
ମୃଦୁଳ ଅତି ପବନ ଗତି
ଦୋହଲେ ତରୁଲତା,
ବିହଗ ଗୀତ ହରଇ ଚିତ୍ତ
ଛୁଟାଇ ମନୁଁ ବ୍ୟଥା ।
ଶ୍ୟାମଳ ଘାସେ କୁସୁମ ହାସେ
ଉଠଇ ହସି ଧରା,
ଗାଙ୍ଗଶିଉଳି ପଡ଼େ ଝାଉଁଳି
ବାଜଲେ ଟାଣ ଖରା ।
ଅମଳ ଜଳେ କମଳ ତଳେ
ଖେଳନ୍ତି ହଂସ ମୀନ,
ବରଷେ ବାର ମାସରେ ସାର
ଆଜ ଗୋଟିକ ଦିନ ।
ଆନନ୍ଦ ଝରେ ସବୁରି ଘରେ
ଦାନ୍ତି ଆନନ୍ଦଭରି,
ମହା ଉତ୍ସବ ପୁଣ୍ୟ ପରବ
ଦଶମୀ ଦଶହରା ।

ପବନ ମନ୍ଦ          ଧୂପର ଗନ୍ଧ
ଆଣଇ ଧୀରେ ବହି,
ଶଙ୍ଖ ମଙ୍ଗଳ          ଶବଦେ ପୂରି
ଉଠେ ଆକାଶ ମହୀ ।
ନଗର ଗ୍ରାମ          ଗୁଞ୍ଜୁଛି କାମ
ସବୁରି ଆଜି ସୁଖ,
ପ୍ରବାସୀ ନରେ          ଫେରୁଛି ଘରେ
ଦେଖନ୍ତି ବନ୍ଧୁମୁଖ ।
ନବ ବସନ          ପିନ୍ଧି ଯତନ
ଖେଳଇ ଶିଶୁ ଆଗ,
ପୁରୁଷ ନାରୀ          ମୁଖେ କାହାରି
ଦୁଃଖର ନାହିଁ ଦାଗ ।
ଏଇ ଶରତେ          ଦିନେ ଭାରତେ
ରାଘବ ରାମଚନ୍ଦ୍ର
ସାଗର ଫେନିଲ          ଅଗାଧ ଜଳେ
ବାନ୍ଧିଲେ ସେତୁବନ୍ଧ ।
ଦେବୀ ଚରଣ          କରି ବରଣ
ଶୁଭ ଦିବସେ ଆଜ
ବିଜୟପଥେ          ଚଳିଲେ ସତେ
ବାନରସେନା ସାଜ ।
ସବଂଶେ ଅରି          ବିନାଶ କରି
ଲଙ୍କାରେ ଜାଳି ଚିତା
ସେ ସ୍ମୃତି ଆଜି          ଉଠେ ବିରାଜି
ଉଦ୍ଧରିଥିଲେ ସୀତା ।

( 'ନବସାହିତ୍ୟ—୧ମ ଭାଗ' )

# ସମୁଦ୍ର ଓ ସରିତ

ପର୍ବତ କନ୍ଦରୁ ସରିତ
ଝରି ଆସଇ ଡେଇଁ,
କେତେ ସ୍ଥଳ ବନ ପ୍ରାନ୍ତର
ଗ୍ରାମ ବୁଲଇ ସେହି ।
ଶେଷରେ ଭେଟଇ ଜଳଧି
ଅତି ଗଭୀର ତଳ,
'ସମୁଦ୍ରକୁ ଶଙ୍ଖେ' ସମାନ
ତହିଁ ଢାଳଇ ଜଳ ।
ମହା ଭୟଙ୍କର ଗରଜି
ଟେକି ଲହରୀ ଉଠେ
"କି ଲୋଡ଼ା ତୋହର ମୋଠାରେ ?"
କୋପେ ସାଗର ପୁଚ୍ଛେ ।
"ଜାଣିନାହୁଁ ମୋର ପ୍ରତାପ
ଯଶ ସମ୍ପଦ ସବୁ,
ତିନି ଭାଗ ଧରା ଉପରେ
ମୁହିଁ କେବଳ ପ୍ରଭୁ ।
'ରତ୍ନାକର' ନାମ ବହିଛି
ରତ୍ନ ଧରି ଗରଭେ,
ମୋଠାରୁ ଜନମ ଉଦ୍ଭିଦ
ପୁଣି ପ୍ରାଣୀ ସରବେ ।
ତରୁଲତା ପ୍ରାଣୀ ନ ଥିଲେ
ଯେବେ ନଥା ପର୍ବତ,
ମୋହରି ବିରାଟ ଗରଭେ
ବୁଡ଼ିଥିଲା ଜଗତ ।

ଧରାରେ ମୋର ଯେ ଶକତି
　　　　　　ତୁହି ନ ପାର ଜାଣି
ଠୋପିଏ ଠୋପିଏ ଢାଳୁଛୁ
　　　　　　କହ କପାଇଁ ପାଣି ?''

ଧୀରେ ଧୀରେ କହେ ତଟିନୀ,
　　　　　　"ତୋର ବିଶାଳ ଦାନ,
ଜାଣେ ମହୋଦଧି ! ତୋ ପାଶେ
　　　　　　ମୁହିଁ ଅତି ହିଁ ସାନ ।
ନ ପାରେ ଗରଜି ତୋ ପରି
　　　　　　ସିନା ଦିବସ ରାତି,
ତଥାପି ଜାଣେ ମୁଁ ଶାସଇ
　　　　　　ତୋତେ ମଣିଷ ଜାତି ।
ବକ୍ଷେ ପୋତ ବୁଲି, ଗରଭେ
　　　　　　ବୁଡ଼ି ଆଣେ ରତନ,
ନ ମାନି ବରଷା ତୋଫାନ
　　　　　　ଅବା ତୋ ଗରଜନ ।
କିନ୍ତୁ ଜଳନିଧି ! ତୋଠାରେ
　　　　　　ଯାହା ମିଳଇ ନାହିଁ,
କୃଶ ଅଙ୍ଗେ ମୋର ସେତିକି
　　　　　　ଘେନି ଆସେଁ ମୁଁ ଧାଇଁ ।
ନାହିଁ ଯାହା ତୋର ଭଣ୍ଡାରେ
　　　　　　ଦିଏଁ ତାହା ମୁଁ ଆଣି,
ମଣିଷ ପିଅଇ ଯାହାକୁ
　　　　　　ସେହି ଠୋପିଏ ପାଣି ।''

●

( 'ନବସାହିତ୍ୟ–୧ ମ ଭାଗ' )

ବଞ୍ଛାନିଧିଚରଣ ପଟ୍ଟନାୟକ (୧୯୦୧-୧୯୭୧)

[ ଜନ୍ମ—ପୁରୀ ଜିଲ୍ଲା ଜାଆଁଳା ଗ୍ରାମରେ । କଟକରୁ ବି. ଏଲ୍. ପାସ୍ କରି 'ପ୍ରାଚୀ' ଓ 'ବୈତରଣୀ' ପତ୍ରିକା ସମ୍ପାଦନା କରିଥିଲେ । ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ସମ୍ପାଦନାରେ ସହଯୋଗୀ ଏବଂ 'ପ୍ରାଚୀ ସମିତି'ର ଗବେଷକ ଥିଲେ । 'କଳିଙ୍ଗ ଭାରତୀ'ର ପ୍ରତିଷ୍ଠାତା—ଜଣେ ସୁଦକ୍ଷ ସଂଗଠକ । ରଚନାବଳୀ :—'ଶଶିରେଖା', 'ଚଉତିଶା ମଧୁଚକ୍ର', 'କବିତା କୁମୁଦ' ପ୍ରଭୃତି । ]

## ଜହ୍ନ

ଏ ଗୋରା କଅଁଳା ପୁଅଟି
ବୋଉ ! ଏକା ଆକାଶେ
ବସିଛି କାହିଁକି ? ତା ବୋଉ
ଭଲ ନାହିଁ ତା ପାଶେ ।
ବଉଦ ଯଦି ତା ବୋଉ ଲୋ
ତାକୁ କହ ତୁ ଡାକି,
କଅଁଳା ପୁଅକୁ ଛାଡ଼ି ସେ
ଉଡ଼ି ବୁଲେ କାହିଁକି ?
ଡାକି ଆଣ ତାକୁ ମୋ ପାଖେ
ହେବ ସାଥୀ ସେ ମୋର,
ଏତେ ଉଚେ ଏକା ବସିଣ
ତାକୁ ମାଡ଼ୁଛି ଡର ।
ଆମ ଘରେ ସେହୁ ରହିବ
ଏକା ଥାଳୀରେ ଖାଇ
ଏକା ବିଛଣାରେ ତୋ କୋଡ଼େ
ଦୁହେଁ ପଡ଼ିବୁଁ ଶୋଇ ।

ଭଗବାନ ପଣ୍ଡା (୧୯୦୩—        )

[ ଜନ୍ମ—କେନ୍ଦ୍ରାପଡ଼ା ନିକଟସ୍ଥ ଡଲବାରଙ୍ଗ ଗ୍ରାମରେ । ୧୯୨୩-୨୪ ରୁ ସାହିତ୍ୟିକ ଜୀବନ ଆରମ୍ଭ—'ସହକାର' ସଂପାଦନାରେ ସଂପୃକ୍ତ—ପ୍ରାଚୀ ସମିତିରେ ଯୋଗଦାନ—ବାଲକୃଷ୍ଣ କର ଓ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ସଙ୍ଗେ ସହଯୋଗ ଏବଂ 'ଗଣତନ୍ତ୍ର' ଓ 'ସମାଜ'ର ସହ-ସଂପାଦକ । ପ୍ରାୟ ୩୦ ଟି ପୁସ୍ତକର ଲେଖକ—'ମାଳବିକା', 'ମୁଦ୍ରାରାକ୍ଷସ', 'ସ୍ୱପ୍ନବାସବଦତ୍ତା' ପ୍ରଭୃତି । ]

## କଲମପେଷା

ଅଫିସ ଘରେ କମଳବାବୁ      କାମରେ ଆଜି ବାଇ,
ପଦାକୁ ଚାହିଁ ଛୁଡ଼ନ୍ତି ଡାକ      ପିଅନ ଗଲା କାହିଁ ?
ଝରି ପଡ଼ଇ କପାଳୁ ଝାଳ      ନିଃଶ୍ୱାସ ବହେ ଖର,
ରୁମାଲ କାଢ଼ି ପୋଛିବାପାଇଁ      ନ ମିଳେ ତାଙ୍କୁ ତର ।
ପଛର କେତେ ବାକିଆ କାମେ      ଧଇଆ ହୋଇନି ହାତ,
ଉପରବାବୁ ଜାଣିଲେ ନିଶ୍ଚେ      ମାଗିବେ କୈଫିୟତ ।
ପିଲାଛୁଆ ଯେ ଛଅଟି ଘରେ      ଘରଣୀ ପୁଣି ଚଣ୍ଡୀ,
ପୋଷିବେ ଅବା କପରି ତାଙ୍କୁ      ଗଲେ ଚାକିରିଖଣ୍ଡି !
ପିଅନ କାହିଁ ? କୁଆଡ଼େ ଗଲା ?      ଏ ଯାଏ ନାହିଁ ଦେଖା,
ଫାଇଲ ପରେ ଫାଇଲ ଗଦା      କି କରିବେ ସେ ଏକା !

× × × ×

ଗରଜି ରାଗେ କମଳବାବୁ ପାଗଳ ହୋଇ କାମେ
ପଦାକୁ ଚାହିଁ ଛୁଡ଼ିଲେ ଡାକ ରାମକୁ ଶାମ ନାମେ ।

ପକାଇନାହିଁ ଚପରାଶୀଟା ଡାକବହିରେ ଗାର,
ରୁଲବାଡ଼ିଟା ହାତରେ ଧରି ଟହଲିବା ତା ସାର ।

ନ ଦେଖି ବାବୁ ଉପାୟୁ କରୁଛୁ ରାଗରେ ଜଳିପୋଡ଼ି
ଟାଣିଲେ ଡାକ-ବହିରେ ଗାର ମୁହଁକୁ ବାବୁ ମୋଡ଼ି ।

ଲେଖିବେ ବୋଲି ତାପରେ ପୁଣି କକଥା ମନେ ଭାଳି
ଦରାଣ୍ଡି ହେଉଁ କଲମ ପାଇଁ ଇଡ଼ି ଯେ ଗଲା କାଳି ।

ବିଗିଡ଼ିଗଲା ବାବୁଙ୍କ ମୁଣ୍ଡ ହାତ ହୋଇଲା କଳା,
ଡାକିଲେ ଉଚ୍ଚେ ଚପରାଶୀକି ଫଟାଇ ନିଜ ଗଳା ।

"କି ଅବା ହେଲା କଲମ ଏଠୁଁ କେ ଅବା ନେଲା କାହିଁ,
କାମର ବେଳେ କାମିକା ଚିଜ କାମ ଉପରେ ନାହିଁ !"

× × × ×

ପାଖରେ ଯେତେ କିରାନି ଥିଲେ ଦେଖି ତାଙ୍କ ଏ ରୀତି
କହିଲେ ହସି— "କଲମ ତୁମ ନେଉଛି କିଏ ନିତି ?

ଦିନେ ନୁହେଁ କି ଦି'ଦିନ ନୁହେଁ ସବୁଦିନେ ଏ ଗୋଳ,
କଲମଟାକୁ କେଉଁଠି ରଖ କାମରେ ହୋଇ ଭୋଳ ?

ଟେବୁଲ ତଳେ ଦେଖ ହେ ନଇଁ ଯାଇଥିବ ବା ଗଡ଼ି,
ନ ହେଲେ ଦେଖ ଫାଇଲ ତଳେ ଥିଲେ ବା ଥିବ ପଡ଼ି ।

ନିଜର ଦୋଷ ନ ଦେଖି ନିଜେ ଧରୁଛ ଯାଇ ଆନେ,
କଲମଟାକୁ କାହିଁକି ଅବା ନ ରଖ ସାବଧାନେ ?"

× × × ×

ଟେବଲ୍ ପରେ କରୁଡ଼ି ହାତ କମଳବାବୁ ରାଗେ
'କଲମ କାହିଁ ? କଲମ କାହିଁ ?' ଖୋଜିଲେ ଜାଗେ ଜାଗେ ।

ଗାଲରେ ବାଜି ନିଜର ହାତ ଲାଗିଲା ତହିଁ କାଳି,
ହସିଲେ ଦେଖି କିରାନିଯାକ ବଜାଇ ହାତତାଳି ।

ନ ପାରି ବୁଝି ହସିବା ହେତୁ ହୋଇଲେ ବାବୁ ଖପା,
କହିଲେ ରାଗେ—"ଅଫିସ ଘରେ ଦେଉଛ ମୋତେ ଧପା !

ଲୁଚାଇ କାହିଁ କଲମ କଏ ଲଗାଇଅଛ ଖେଳ,
କାମ ଯେ ମୋର ପଡ଼ିଛି ବାକି, ଖୋଜାରେ ଗଲା ବେଳ ।

ଶୁଣୁଛ କଣ ଗୋପାଳବାବୁ, ଏଇଠି ସାରି ଲେଖା
ଥୋଇ ଯେ ଥିଲି କଲମ ମୋର ନ ମିଳେ ଆଉ ଦେଖା ।

ହେବ କି ନାହିଁ ମିନଟ୍ ପାଞ୍ଚ କହୁଛି ସତ ଭାଇ,
ଖୋଜିଲେ ଆଉ ମିଳଇ ନାହିଁ, ଉଭେଇଗଲା କାହିଁ ?

ଡେଣା ମେଲାଇ ଗଲା କି ଉଡ଼ି ? ନୁହଇ ସେ ତ ପକ୍ଷୀ,
କେତେ ଯେ କାହିଁ ଖୋଜି ଖୋଜି ମୁଁ ଗଲିଣି ଭାଇ ଥକି !

ହାତ କି ଗୋଡ଼ ଥିଲେ ବା ତାର ଯାଆନ୍ତା କାହିଁ ଚାଲି,
ନ ପାରେ ବୁଝି କେ ଅବା ନେଲା ଆଖିରେ ଫିଙ୍ଗି ବାଲି ।

କାଗଜ ଅବା ଫାଇଲ ତଳେ ପାଇଲି ନାହିଁ ଖୋଜି
ପଡ଼ି ତ ନାହିଁ ଟେବଲ୍ ତଳେ ନେଲା ସେ କେଉଁ ପାଜି ?

ଗଲାଣି ଉଡ଼ି ଏଣେ ଯେ ପୁଣି ଘଡ଼ିକପାକ କାଳ,
ରଖିଛ କଏ ଦିଅ ହେ ବାବୁ ! ନ ହେଲେ ଦେବି ଗାଳି ।

ରାଗିବି ଯେବେ କହୁଛି ଭାଇ ବାହାରିଯିବ ମଜା,
ସାହେବ ପାଖେ ରିପୋର୍ଟ କରି ସକାଳେ ଦେବି ସଜା ।

ବିଚ୍ଛୁ-ମନ୍ତର ନ ଜାଣି ତୁମେ ଲାଗ ଗୋଖର ସାଥେ,
ଗରଜି ଯେବେ ଟେକିବ ଫଣା ଫଳ ପାଇବ ହାତେ ।

ବିରାଡ଼ି ସିନା ଦେଖିଛ ତୁମେ ଦେଖି ତ ନାହଁ ବାଘ
ଅକଲ ସବୁ ଗୁଡ଼ୁମ ହେବ, ପଡ଼ିଗଲେ ତା ଆଗ ।"

× × × ×

ଏପରି କେତେ ଧମକ ଦେଇ କମଳବାବୁ ରାଗେ
ଚେଆର ଠେଲି ହୋଇଲେ ଉଭା ଯିବେ ସାହାବ ଆଗେ ।

ଏକାଳେ ଆହା ! ଦଇବ ଯୋଗେ କାନରେ ବାଜି ହାତ
ପଡ଼ିଲା ଖସି କଲମ ତହୁଁ ଏ କି ରେ ଆଚମ୍ବିତ !

ସବୁରି ଓଠେ ଫୁଟିଲା ହସ କମ୍ପି ଉଠିଲା ଘର,
କହିଲେ ସର୍ବେ—କମଳବାବୁ ନଟେ କଲମଚୋର !

ଝାଉଁଳିଗଲା ବାବୁଙ୍କ ମୁହଁ ମଉଳା ଫୁଲ ପରି,
ତଥାପି ସେ କି ହଟିବା ଲୋକ ? କହିଲେ ଆଗଭରି—

"ସାହେବ ନାମ ଶୁଣିଲାକ୍ଷଣି ଡରି ଯେ ଗଲା ଚୋର,
କଲମ ଅଣି ଖୋସିଦେଲା ସେ ଆଗହୁଁ କାନେ ମୋର ।"

( 'ଜହ୍ନମାମୁଁ—୧୯୩୪ )

ଉପେନ୍ଦ୍ର ତ୍ରିପାଠୀ ( ୧୯୦୩— )

[ ଜନ୍ମସ୍ଥାନ—କଟକ ଜିଲ୍ଲା ମୁଗରପୁର—୪୬ ବର୍ଷର ଶିକ୍ଷକତା—ପ୍ରଥମେ କୋଠପଦା ମି: ଇ: ସ୍କୁଲ୍, ତାପରେ ବଡ଼ଚଣା ଏବଂ ଶେଷରେ ମଧୁପୁର ମି: ଇ: ସ୍କୁଲରୁ ଅବସର ନେଲେ । ଦୀର୍ଘ ୫୦ ବର୍ଷର ସାହିତ୍ୟ-ସାଧନା—'ପଞ୍ଚାମୃତ', 'ଜହ୍ନମାମୁଁ', 'ମୋ ଦେଶ', 'ଶିଶୁଲେଖା' ଇତ୍ୟାଦି ଶିଶୁପତ୍ରିକାରେ ତାଙ୍କ କବିତା ପ୍ରକାଶିତ । ଶିକ୍ଷକ ଓ ଲେଖକ ଭାବରେ ବହୁବାର ସମ୍ବର୍ଦ୍ଧିତ ହୋଇଛନ୍ତି । ରଚନାବଳୀ ମଧ୍ୟରୁ କେତେକ ସରକାରଙ୍କ ଦ୍ୱାରା ପୁରସ୍କୃତ । ତାଙ୍କର 'ଗ୍ରନ୍ଥାବଳୀ' ପ୍ରକାଶ ପାଇଛି । ]

## ମୁଢ଼ି ନଡ଼ିଆ

ମୁଢ଼ି ନଡ଼ିଆ ରେ ମୁଢ଼ି ନଡ଼ିଆ
ତୁମେ ଦୁହେଁ କିଆଁ ଏଡ଼େ ବଢ଼ିଆ ?
ଭାଇ ପରି ହୋଇ ଆମେ ଯାଉଁ ଧାଇଁ
ଦାଣ୍ଡପଟେ ଯେବେ ଡାକେ ଗୁଡ଼ିଆ
ବଡ଼ ବଢ଼ିଆ ରେ ମୁଢ଼ି ନଡ଼ିଆ । ୧ ।

ମୁଢ଼ି ନଡ଼ିଆ ରେ ମୁଢ଼ି ନଡ଼ିଆ
ମୁଢ଼ି ଭାଜିବାକୁ ଲୋଡ଼ା ଚାଡ଼ିଆ
ବାଲି ଖରଖର ମୁଢ଼ି ଭରଭର
ଚୁଲି ନୋହିଲେ କି ଗୁଡ଼େ ନଡ଼ିଆ ?
ଅତି ବଢ଼ିଆ ରେ ମୁଢ଼ି ନଡ଼ିଆ । ୨ ।

ମୁଢ଼ି ନଡ଼ଆ ରେ ମୁଢ଼ି ନଡ଼ଆ
ଠିକ ଦାନ୍ତ ଆମ ଅତି ଦାଢ଼ୁଆ
ଫେର ଗୃହଶାଳୀ    କରୁଁ କେତେ ଅଳି
ତୁମ ପାଇଁ ଆମ ନିତ ଅଡ଼ୁଆ
ଦୁହେଁ ବଢ଼ିଆ ରେ ମୁଢ଼ି ନଡ଼ଆ । ୩ ।

ମୁଢ଼ି ନଡ଼ଆ ରେ ମୁଢ଼ି ନଡ଼ଆ
ମୁଢ଼ି ମୁଆଁ ବଳ ଆମେ ଗୁଡ଼ଆ
ମାଆ ଦିଏ କିଣି    ହୋଇ ଟଣାଟଣି
ଭାଇଙ୍କ ଭିତରେ ଲାଗୁଁ ବାଡ଼ିଆ
ତୁମେ ବଢ଼ିଆ ରେ ମୁଢ଼ି ନଡ଼ଆ । ୪ ।

ମୁଢ଼ି ନଡ଼ଆ ରେ ମୁଢ଼ି ନଡ଼ଆ
ଯେବେ ଖେଳୁଥାଉଁ ଦୂର ପଡ଼ିଆ
ତୁମ ନାଁ ଶୁଣି    ଆସୁ ସେହିକ୍ଷଣି
ନ ପାଇଲେ କରୁଁ ବଡ଼ ଅଡ଼ୁଆ
ମୁଢ଼ି ନଡ଼ଆ ରେ, ଦୁହେଁ ବଢ଼ିଆଁ । ୫ ।

ମୁଢ଼ି ନଡ଼ଆ ରେ ମୁଢ଼ି ନଡ଼ଆ
ଆଜିକାଲି ସିନା ବଡ଼ ବଢ଼ିଆ
ପୁରି ତରକାରି    ଗୁଡ଼ୁଛନ୍ତି ଦୂର
କାଲେ କାଲେ କିନ୍ତୁ ତୁମେ ବଢ଼ିଆ
ପିଲା-ଅଡ଼ୁଆ ରେ ମୁଢ଼ି ନଡ଼ଆ । ୬ ।

ମୁଢ଼ି ନଡ଼ଆ ରେ ମୁଢ଼ି ନଡ଼ଆ
ଚଷା ଭାଇ ଧର ନଆଁ ବଡ଼ଆ
କ୍ଷେତେ ଯାଉଥାଏ    ମୁଢ଼ି ଖାଉଥାଏ
ମିଶିଯାଇଥାଏ ଚୁନ ନଡ଼ଆ
ଅତି ବଢ଼ିଆ ରେ ମୁଢ଼ି ନଡ଼ଆ । ୭ ।

ମୁଡ଼ି ନଡ଼ଆ ରେ ମୁଡ଼ି ନଡ଼ଆ
ପଇସା ନ ଥିଲେ କର କାଡ଼ିଆ
ଘୋଷ ଦୁଇ ଗୁର                ମସ ମସ କର
ଖାଇଦେଇ ପିଲେ ମାରନ୍ତୁ ଡିଆଁ
ବଡ଼ ବଡ଼ିଆ ରେ ମୁଡ଼ି ନଡ଼ଆ ।୮।

# ବାଣୁଆ ଝିଅ

ଥିଲା ଏକ ବାଣୁଆ    ହାତ ତାର ଟାଣୁଆ,
ଉଡ଼ିଗଲା ଚଢ଼େଇ    ତଳେ ଥାଏ ଝଡ଼େଇ ।

ଶର ଯୋଖେ ଯାହାକୁ    କଏ ରଖେ ତାହାକୁ ?
ବାଧ ହେଲେ ହଟିବ    ମଲା ମଲା ରଟିବ ।

ପକ୍ଷୀଟିଏ ଗଛରେ    ବସି ଫୁଲ ପଛରେ,
ଦିନେ ଗୀତ ଗାଉଛି,    ଗୁଲୁ ଗୁଲୁ ଗୁହୁଁଛି ।

ଆସିଗଲା ଶିକାରୀ    ଧନୁ ତାର ଟଙ୍କାରି,
ମାରିଦେଲା ଶରଟା    ଛିଡ଼ିଗଲା ପରଟା ।

ପଡ଼ିଗଲା ଗଛରୁ;    କଏ ଆସି ପଛରୁ
ନେଇଗଲା ଘରକୁ    ଯୋଡ଼ିଦେଲା ପରକୁ !

ବୋଳିଦେଲା ମଲମ,    ଆଣି ନାଆଁ ପଲମ
ସେକିଦେଲା ହାତରେ,    ଦୁଧ ଗୋଳି ଭାତରେ
ଖୋଇଦେଲା ଯତନେ,    ପାଉଛି କି ରତନେ !

ଭଲ ହେଲା ଚଢ଼େଇ    ଦେଲା ତାକୁ ଉଡ଼େଇ ।
ଜାଣ ପିଲେ କଏ ସେ ?    ବାଣୁଆର ଝିଅ ସେ ।

## ପାଚିଲା କ୍ଷେତ

'ଧାନ ପାଚିଲା ଧାନ ପାଚିଲା' କୃଷୀ ଗାଇଲେ ଗୀତ,
ଆସରେ କିଏ କ୍ଷେତକୁ ଯିବ ମାଡ଼ି ଆସିଲା ଶୀତ ।
ଧାନ ପାଚିଲା କ୍ଷେତରେ
ଆମେ ଗାଇବା ଗୀତ ରେ
ତୁମେ-ଆମେ ଖୁସି ହୋଇବା କୃଷୀ ଭାଇଙ୍କ ହାତରେ । ୧ ।

'ଧାନ ପାଚିଲା ଧାନ ପାଚିଲା' କାକର ଗଲା ପଡ଼ି
ଶ୍ରାବଣ ପରି ନାହିଁ ରେ ଆଉ ବାଆ-ବରଷା-ଝଡ଼ି ।
କ୍ଷେତ ହୋଇଛି ସୁନେଲି,
କାକର ହୋଇ ରୂପେଲି
ଶୋଭା ପସରା ମେଲି ଦେଇଛି ଭରି ନେବା ରେ ଟୋପଲି । ୨ ।

'ଧାନ ପାଚିଲା ଧାନ ପାଚିଲା' ଚଢ଼େଇ ହେଲେ ଖୁସି
ଟିକି ଥଣ୍ଟରେ ଧାନ ଟୁଙ୍କିଲେ ହାଡ଼ ମୁଣ୍ଡରେ ବସି;
ପେଟ ପୂରିଲା ଘଡ଼ିକେ
ଉଡ଼ିଲା ଦେଇ ରଡ଼ିକେ,
ଧାନ ସାଉଁଟି ଖାଇବ ଆସ ଗୁଡ଼ିଆ ଘରୁ ମୂଢ଼ି କେ' । ୩ ।

'ଧାନ ପାଚିଲା ଧାନ ପାଚିଲା' ଦେଖିବୁ ଭାଇ ଆ'—
କୃଷୀଏ ବସି କମାରଶାଳେ ପଜାଉଛନ୍ତି ଦା' ।
ଧାନ କାଟିବେ ଦା'ରେ
ଦେଖିବୁ ଯେବେ ଆ'ରେ
ଶଙ୍କର ଓଝା କମାରଶାଳ ଶ୍ରୀମନ୍ତପୁର ଗାଁ'ରେ । ୪ ।

'ଧାନ ପାଚଲା ଧାନ ପାଚଲା' ଋଷୀ ମାଇଲେ ଖଡ଼ି
କଗାଳ ଯେତେ ସଭିଙ୍କ ହାତେ ନଆଁ ବଢ଼ଆ ବାଡ଼ି;
ପିଙ୍କା ଖାଇବେ ଶୀତରେ
ଠେଙ୍ଗାଟି ଥିଲେ ହାତରେ
ବାଘ ଭାଲୁଙ୍କ ଡର ନ ଥିବ ରାତିରେ ଦୂର ଖେତରେ ।

'ଧାନ ପାଚଲା ଧାନ ପାଚଲା' କଟାଳି ଗଲେ ଭାଇ
ମନ ଖୁସିରେ ଧାନ କାଟିଲେ କାକର ଶୀତ ନାହିଁ ।
କଟା ମୁକୁଳ ଧରି ସେ
ଫେରିଲେ ଘରେ ହରଷେ
ଏକକୁ ଆର କହିଲେ 'ଭାଇ, ବଞ୍ଚିଲେ ଆଉ ବରଷେ' ।

ହରିହର ମହାପାତ୍ର—(୧୯୦୪—      )

[ଜନ୍ମ-ସାକ୍ଷୀଗୋପାଳ ନିକଟସ୍ଥ ବିଶ୍ୱନାଥପୁର—ସ୍କୁଲ କଲେଜରେ ମେଧାବୀ ଛାତ୍ରରୂପେ ପରିଚିତ ଥିଲେ । ଅଳ୍ପ ବୟସରୁ ସାହିତ୍ୟ ପ୍ରତି ଆଗ୍ରହୀ—'ଜହ୍ନମାମୁଁ'ରେ ତାଙ୍କର ଶିଶୁରଚନା ନିୟମିତ ପ୍ରକାଶ ପାଉଥିଲା—'ସବୁଜ ଗୋଷ୍ଠୀ'ର ଅନ୍ୟତମ ସାହିତ୍ୟିକ—୧୯୫୯ରୁ ୧୯୬୯ ପର୍ଯ୍ୟନ୍ତ ପାଟନା ହାଇକୋର୍ଟର ବିଚାରପତି ଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବହୁ ସାଂସ୍କୃତିକ ଅନୁଷ୍ଠାନ ସହ ସଂପୃକ୍ତ ।]

## ସେ ତ ସରଗପୁର

ମାଆ—ଟପ ଟପ ମେଘ ବରଷେ    ଉଚ୍ଚେ ଗରଜେ ନିଶା
ଚକ ଚକ ମାରେ ବିଜୁଳି    ନାହିଁ ପ୍ରାଣେ ଭରସା ।

ଘଡ଼ ଘଡ଼ ରଡ଼ି କରଇ    ଦେଖ ମେଘ କପଟ
ଚଡ଼ ଚଡ଼ ମାରେ ଚଡ଼କ    ଦେହ ଯାଏଟି ଥର ।

ସୁଁ ସୁଁ ବହେ ପବନ    ଘର ଯିବ କି ଭାଙ୍ଗି !
ଗଣ୍ଠି ଧନ ଶୋଇପଡ଼ ରେ    ଅଳି ନ କର ଆଜି ।

ବାପା ଯାଇଛନ୍ତି ବିଦେଶ    ହେଲା ତିନି ବରଷ
ଆଣିବେ ତୋ ପାଇଁ ମିଠେଇ    କୋରା ନଡ଼ିଆ ରସ ।

ବଡ଼ ସୁନ୍ଦର ସେ ରାଇଜ    କେହି ନାହାନ୍ତି ଦେଖି
ସେଠାକୁ ଗଲେଟି ଧନ ରେ    ହେବ ସଂସାରେ ସୁଖୀ ।

ପୁଅ—ପିନ୍ଧାଇ ଦେ' ମା ମୋହର    ନୂଆ ପାଟପଟଡ଼ି,
ବାନ୍ଧଦେ ଅଣ୍ଟାରେ ମୋହର    ନୂଆ ରୁପା ଘାଗୁଡ଼ି ।

ଲଗାଇ ଦେ' ମା ବେକରେ    ମୀନକେତନ ମାଳି
ମନ ମୋ ହେଉଛି ଯିବ ମୁଁ    ସେହି ଦେଶକୁ ଚାଲି ।

ଯେଉଁ ଦେଶେ ପରା ମିଳଇ    କୋରା ନଡ଼ିଆ ରସ
ଝୁଲୁଥାଏ ଆମ୍ବ ଗଛରେ    ଫଳ ସାରା ବରଷ ।

ଖେଳବାକୁ ଥାଏ ଯେଠାରେ    ବହୁ ଖେଳ ପଡ଼ିଆ ।
ତାହାକୁ କି କହନ୍ତି ମାଆ ଲୋ    ସେହି ସୁଖ ଦୁନିଆ ?

ମାଆ—ନାହିଁ ନାହିଁ ଗଣ୍ଡି ଧନ ରେ    ତୋର ଭାବନା ଭୁଲ
ସେ ଦେଶ ସାଙ୍ଗରେ ନାହିଁଟି    ଏହି ସଂସାର ତୁଲ ।

ପୁଅ—କହର ସେ ଦେଶ ଗଢ଼ିଛି    ତାକୁ କେଉଁ ବିନ୍ଧାଣି ?
ସୁନା କବାଟ କି ଲଗିଛି,    ଅବା ଝୁଲୁଛି ମଣି !

ମାମୁଘର ପରି ଅଛି କି    ଅବା ଯେଉଁଠି ପକା
ସୁନାଖମ୍ବ ଦରେ ଉଡ଼ଇ    ଅବା ରୁପା ପତାକା ।

ତାହାକୁ କହନ୍ତି କି ମାଆ ଲୋ    ସେହି ଦୂର ବିଦେଶ
ଯିବି ମୁଁ ସେଠିକି ଖାଇବି    କୋରା ନଡ଼ିଆ ରସ ।

ମାଅ—ନାହିଁ ନାହିଁ ଗଣ୍ଡି ସଂଖାଳ    ଯାହା ଭାବୁଛୁ ମନେ
ତାଠାରୁ ଅଧିକ ସେ ଦେଶ    ପରା କହନ୍ତି ଜନେ ।

ଆଖି ଦେଖିନାହିଁ ତା ରୂପ,    ମନ ପାରିନି କଳି,
ରୋଗ ଶୋକ ସେହି ଦେଶରୁ    ଯାଇଅଛି ମଉଳି ।

ସୁଖ ଶାନ୍ତି ସଦା ବିରାଜେ,    ନାହିଁ ଆପଣା ପର
କାହୁଁ ଯିବୁ ବାବୁ ସେ ଦେଶେ, ସେ ତ ସରଗପୁର ।

( ଜହ୍ନମାମୁ, ୨ୟ ବର୍ଷ, ୭ମ ଖଣ୍ଡ, ସନ ୧୩୪୦ ସାଲ )

ମାୟାଧର ମାନସିଂହ ( ୧୯୦୫-୧୯୭୩ )

[ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଅନ୍ତର୍ଗତ 'ନନ୍ଦଲା' ଗ୍ରାମରେ ଜନ୍ମ— କଟକରୁ ବି. ଏ. ଏବଂ ପାଟନାରୁ ଏମ୍. ଏ. ପାସ୍ କଲାପରେ ବିଭିନ୍ନ ହାଇସ୍କୁଲରେ କିଛିଦିନ ଶିକ୍ଷକତା କରିଥିଲେ—ତାପରେ ଇଂଲଣ୍ଡରୁ ପି.ଏଚ୍. ଡି. କରି ଫେରିଆସି ଶିକ୍ଷା ବିଭାଗୀୟ ପରିଦର୍ଶକ, କଲେଜ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ । ସେ ଜଣେ ଉଚ୍ଚକୋଟୀର କବି ଥିଲେ । ରଚନାବଳୀ :—'ଧୂପ', 'ହେମପୁଷ୍ପ', 'କମଳାୟନ', 'ସାଧବଝିଅ', 'ପଶ୍ଚିମ ପଥିକ', 'ଓଡ଼ିଆ ସାହିତ୍ୟର ଇତିହାସ' ଇତ୍ୟାଦି । ]

## ସାଧବପୁଅ

ସାଧବ ପୁଅ କୁଆଡେ଼ ଯାଅ
ହୋଇ ଦରିଆ ପାର ?
ତମ ବୋଇତେ ନବ କା ମତେ
ଯିବି ମୁଁ ଘର ଛାଡ଼ି ।

କାଟି ଲହଡ଼ି ବୋଇତ ମାଡ଼ି—
ଚାଲିବ ସମୁଦରେ,
ଧବଳ ରଙ୍ଗ— ହଂସ ସଦୃଶ
ନୀଳ ଆକାଶ ତଳେ ।

ବୋଇତ ତବ ଯାଇ ଲଗିବ
ଅଜଣା ଘାଟେ କେବେ,
ନଅ ସାଥିରେ ଦେଖି ଆଖିରେ
ଆସନ୍ତୁ ଦେଶ ସେତେ ।

ଦରିଆ ପାରେ ଗଛରୁ ପଡେ
ଫଗୁ ମାଣିକ ଝୁଣ୍ଡ,
ପିଲଏ ଫଗୁ ଭୁଅନ୍ତୁ ପ୍ରୁର—
ମୁକୁତା ଛଡ଼ାଛଡ଼ି ।

ମାଳ ମାଣିକ ପର୍ବତ ଶିଖ—
ଉପରୁ ରୁପା ନଈ
ଆସଇ ବହି ସର୍ଗର ଗାଇ
କି ସୁଖ ଏଠି ରହି ?

ସାଧବ ପୁଅ ସାଥିରେ ନଅ
ସେଇ ଦରିଆ ପାରେ,
ବୋଇତ ଧରି ଆସନ୍ତୁ ଘୂରି
ସାରା ସଂସାର ବାରେ ।

ସଭିତା ତବ ଯାହା କି ଦେବ
ଝକଝ ଘାଟେ ଘାଟେ,
ବୋଲିବ ଯାହା ମାନବ ତାହା
ହୋଇବ ଯାହା ବାଟେ ।

# ଶିଶୁର ପ୍ରଥମ ଦୁଃଖ

ମାଆ ଆଜ ଚାହାଳୀକି ନ ପଠା ମତେ,
ଖେଳିବ ବାହାରେ ସାଂଗ ପିଲା ସଂଗତେ ।

ବାପା ଖାଲି କହୁଛନ୍ତି—'ପଢ଼ ତୁ ପଢ଼',
କେତେ ମୁଁ ପଢ଼ିବି ? ଲାଗେ କଷ୍ଟ ଯେ ବଡ଼ ।

କେତେ ସାଙ୍ଗ ପିଲା ଯାଇ ଜଗନ୍ତି ଗାଈ,
କୋଳି ଖାଇ, ଗୀତ ଗାଇ, ବଂଶୀ ବାଇ ।

ମତେ କାହିଁ ବନ୍ଦ କର ଚାଟଶାଳୀରେ ?
ମୋର କି ମା' ନୁହେଁ ଯାହା ଅଛି ବାହାରେ ?

ଗାଈଆଳ ସାଙ୍ଗେ ସବୁ ବଣ ଗହଳେ
ରାଜାପୁଅ ମନ୍ତ୍ରୀପୁଅ ଘୋଡ଼ା ଉପରେ

ଚଢ଼ି ଯିବା ବନସ୍ତରେ କେମାଙ୍କ ପାଇଁ,
ମାଆ ମୁଁ କି ଥରେ ହେଲେ ଦେଖନ୍ତି ନାହିଁ ?

ନିତି ବହି ଧରି ଯାଉଥିବ ଚାହାଳୀ,
ଡାକୁଥିବେ ଗଛଲତା, କେଦାର ଠାରି ।

ଯିବନି ମୁଁ, ମତେ ହେଲେ ଗପ ତୁ କହ,
କାହିଁରେ ନ ଲାଗି ପାଶେ ବସିବ ଥୟ ।

ପଠାନା କାଲୁ ଲୋ ମତେ ଇସ୍କୁଲେ ଆଜ,
ସେତି ଖାଲି ଇଚ୍ଛା ମୋର ମନରେ ଆଜ ।

ତୋ ପାଖକୁ ମନ ଧାଏଁ ନ ଥଣ୍ଟ ଘାଟ,
ଭୁଇ ପୁଣି ତଡ଼ୁ ମତେ ଦେଖାଇ ଘୁଠ !

ବାଘା ତ ଘରିଲେ ଖାଲି ଖେଳଲେ କାନ୍ଧେଁ—
ଏଇନେଲ ମା ଆଇଲେଣି···
କହିବୁ ନାଇଁ ।

ଯାଉଛି ଗୁହାଳୀ ବୋଉ, ବନ୍ଧ ଆଣି ଦେ,
ନ ଆସନ୍ତୁ ବାଘା, ମୁଁ ତ ଯାଉଛି ନଜେ !

ବନମାଳୀ ବ୍ରହ୍ମଚୂଳା—(୧୯୦୫—        )

[କଟକ ଜିଲା ଦୋହଲ ଗ୍ରାମରେ ଜନ୍ମ—ଦୋହଲ ସ୍କୁଲରେ ଶିକ୍ଷକତା ସଙ୍ଗେ ସଙ୍ଗେ ତାର ଉନ୍ନତି ଲାଗି କଠୋର ଉଦ୍ୟମ କରିଥିଲେ । ସେ ଜଣେ ସଂସ୍କାରକ, ସଂଗଠକ ଏବଂ ନାର୍ଥିକ ପରିଚାଳକ—ଶିକ୍ଷକକୁଳର କଲ୍ୟାଣ ଉଦ୍ଦେଶ୍ୟରେ 'ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ' ଗଠନ—'ଶିକ୍ଷକ ଦର୍ପଣ' ପତ୍ରିକାର ସଂପାଦନା—ରଚନାବଳୀ :—'ହୁଚେ ହୋ', 'ବନର ମନକଥା', 'ଚରିତ ଓ ଚରିତ୍ର' ପ୍ରଭୃତି ।]

## ସେଇ ବୁଢ଼ୀଟି

ସେତିକାର କଥା, ଯେତେବେ କବି ରାଧାନାଥ ରାୟ ସ୍କୁଲ ବିଭାଗର ଇନସ୍‌ପେକ୍‌ଟର ଥିଲେ । ଅଫିସ୍ କାମ ଚାଲିଥାଏ । ରାଧାନାଥ ନିଜ କାମରେ ବ୍ୟସ୍ତ ଥାନ୍ତି । ଏହି ସମୟରେ ବାହାରୁ ଗରିବ ବୁଢ଼ୀଟିଏ ଆସି 'ବାବୁ' 'ବାବୁ' ବୋଲି ଡାକ ଦେଲା । ପିଅନ ଦଉଡ଼ି ଆସି ନାଲି ଆଖି ଦେଖାଇ କହିଲା—"ଜଲେ ବୁଢ଼ୀ, ଏଇଟା ଅଫିସ୍ । ଏଠି ଭିକ ମିଳିବନି । ନିକାଲ୍ ଏଠୁ ।"

ରାଧାନାଥ ପିଅନର ପାଟିତୁଣ୍ଡ ଶୁଣି ବୁଢ଼ୀକୁ ପାଖକୁ ଡକାଇ ପଠାଇଲେ । ବୁଢ଼ୀ କହିଲା—"ମୋର ଦୁଇ ବଖରା ଘର ଆଉ ଚେକିଟା ପୋଡ଼ି ଯାଇଛି । ଛଅ ସାତ ଟଙ୍କା ହେଲେ ଘରଖଣ୍ଡିକ ଆଉ ଢେଙ୍କିଟେ ତିଆରି କରନ୍ତି ।"

ରାଧାନାଥ ନିଜ ପୁଅ ଶଶିଭୂଷଣ ପାଖକୁ ବୁଢ଼ୀକୁ ଦଶ ଟଙ୍କା ଦେବାକୁ ଖଣ୍ଡେ ଚିଠି ଲେଖିଦେଲେ । ବୁଢ଼ୀ ତାଙ୍କ ଘରକୁ ଗଲା । ଶଶିଭୂଷଣ ଚିଠି ଅନୁସାରେ ଦଶ ଟଙ୍କା ଦେବାରୁ ସେ କହିଲା—"ମ'ର ତ ଛଅ ସାତ ଟଙ୍କା ଦରକାର । ମୁଁ ଏତେ ଗୁଡ଼ାକ କାହିଁକି ନେବି ?"

ବୁଢ଼ୀ ପୁଣି ଯାଇ ରାଧାନାଥଙ୍କ ପାଖରେ ଘଟଣା ସବୁ କହିଲା । ଏକଥା ଶୁଣି ତ ସେ ଅବାକ୍ । ବୁଢ଼ୀ ଗରିବ ହେଲେ ବି ତାର ଲୋଭ ନ ଥିବା ଜାଣି ଖୁବ୍ ଖୁସି ହୋଇଗଲେ । ଆଉ ଖଣ୍ଡେ ଚିଠିରେ ବୁଢ଼ୀକୁ କୋଡ଼ିଏ ଟଙ୍କା ଦେବାକୁ ଲେଖିଲେ । ସେ ବୁଢ଼ୀକୁ କହିଲେ, "ତୁମେ ଧର୍ମର ସଲଖ ବାଟରେ ଚାଲିବାକୁ ଶିଖିଛ । ତେଣୁ ତୁମକୁ ତୁମର ଦରକାର-ଠାରୁ ଅଧିକ ଦେଲି । ଏହି କୋଡ଼ିଏ ଟଙ୍କାରେ ଦୁଇ ବଖରା ଘର ତିଆରି କରିବ । ଗୋଟିଏ ବଖରାରେ ନିଜେ ରହି ଢେଙ୍କିଟା ରଖିବ । ଅନ୍ୟ ବଖରାଟି ଭଡ଼ା ଲଗାଇ କିଛି ଟଙ୍କା ପାଇବ ।"

●

( 'ଝୁମୁକା'—୧୯୮୦ )

# ଛେଉଣ୍ଡ ପିଲାର ଭାଗ୍ୟ ବଦଳିଲା

"ଆଜ୍ଞା, ବିସ୍କୁଟ ନିଅନ୍ତୁ ।"

"ଆଜି ରେଜା ନାହିଁ, ତୁ ଯା ।"

"ରଖୁନାହାନ୍ତୁ ! କାଲି ଦେବେ ।"

"ତୋର ବିଶ୍ୱାସ ହେଉଛି ?"

"ଆଜ୍ଞା, ଆପଣଙ୍କୁ ବିଶ୍ୱାସ କରିବି ନାହିଁ ତ ଆଉ କାହାକୁ କରିବି ?" ବନ ପିଲାଟିଠାରୁ ଚାରି ଅଣାର ବିସ୍କୁଟ ରଖିଲା ।

ପିଲାଟି ବସିଥାଏ । ତାହାର କହିବାର ଢଙ୍ଗ ବନକୁ ଭାରି ଭଲ ଲାଗିଲା । ସେ ପିଲାଟି ସଙ୍ଗରେ କିଛି କଥାବାର୍ତ୍ତା କଲା ।

ବନ—ତୋ ନାଁ କ'ଣ, ଆଉ ତୋ ଘର କେଉଁଠି ?

ପିଲା—ମୋ ନାଁ ଶଙ୍କର । ଘର ଜଗତ୍‌ସିଂହପୁର ।

ବନ—ତୋ ଘରେ ଆଉ କିଏ ସବୁ ଅଛନ୍ତି ?

ପିଲା—କେହି ନାହିଁ, ଆଜ୍ଞା । ବଡ଼ଭାଇ କଲେଜରେ ପଢ଼ୁଥିଲେ, ମରିଗଲେ । ତାପରେ ବାପାଙ୍କ କାଳ ହୋଇଗଲା । ବାପାଙ୍କ ପଛେ ପଛେ ବୋଉ ବି ଚାଲିଗଲେ । ଭାଗ୍ୟ ଖରାପ । ଘରଖଣ୍ଡିକ ବି ପୋଡ଼ିଗଲା ।

ବନ—ଜମିବାଡ଼ି କିଛି ଅଛି ?

ପିଲା—ଘର ଡିହ ଦୁଇ ଗୁଣ୍ଠ ଛଡ଼ା ଆଉ କିଛି ନାହିଁ ।

ବନ—ବିସ୍କୁଟ ବେପାରରେ କେତେ ରୋଜଗାର କରୁଛୁ ?

ପିଲା—ଅଜ୍ଞା, ପାଞ୍ଚ ମାସ ହେଲା ଆସିଲିଣି । ଖାଇ ପିଇ ଟଙ୍କା ଗୃହ ପାଞ୍ଚଟା ବଳିଛି ।

ବନ—ତୁ କେତେ ପଢ଼ିଛୁ ?

ପିଲା—ଭାଇ ମରିଯିବାରୁ ସପ୍ତମ ଶ୍ରେଣୀରୁ ପଢ଼ା ଛାଡ଼ିଲି ।

ପିଲାଟିର କଥାଯାକ ଶୁଣି ବନ ମନେ ମନେ ଭାବିବାକୁ ଲାଗିଲା— ବାପ ନାହିଁ । ମା' ନାହିଁ । ଘରଦ୍ୱାର ନାହିଁ । ଜମିବାଡ଼ି ନାହିଁ । ପୁଣି ରୋଜଗାର ଯାହା କରୁଛି, ପେଟକୁ ନଅଣ୍ଟ । ଏପରି ଅବସ୍ଥାରେ ଏ କେମିତି ଜଣେ ମଣିଷ ହେବ ? ଯା ପରି ଧନହୀନ ତ ଦୁନିଆରେ ନ ଥିବେ !

ବନର ହୃଦୟ ଦୟାରେ ତରଳିଗଲା । ତାର ଆଖି ଦିଓଟି ଲୁହରେ ଛଳଛଳ ହୋଇଗଲା । ସେ ପିଲାଟିକୁ କହିଲା, "ଆଚ୍ଛା, ତୁ ଯା । କାଲି ନିଶ୍ଚେ ମୋତେ ଦେଖା କରିବୁ । ଜରୁରୀ କଥାବାର୍ତ୍ତା ଅଛି ।"

ବନ ଗୋଟିଏ ଛାପାଖାନାକୁ ଗଲା । ମାଲିକଙ୍କୁ ପଚାରିଲା, "ଗୋଟିଏ ପାଠୁଆ ପିଲା କେତେ ଦିନରେ ଅକ୍ଷର ଯୋଡ଼ି ଶିଖିବ ? ମାସକୁ କେତେ ରୋଜଗାର କରିପାରିବ ?"

ମାଲିକ କହିଲେ, "ଛଅ ମାସରୁ ବେଶି ଲାଗିବ ନାହିଁ । ଭଲ କମ୍ପୋଜିଟର ତ ମାସକୁ ଶହ ଶହ ରୋଜଗାର କରୁଛନ୍ତି ।"

ବନ ମନେ ମନେ ଭାବିଲା—ମୁଁ ତାକୁ ବସାରେ ଛଅଟି ମାସ ରଖିବି । ଖୁବ୍ ବେଶିରେ ତା ପିଛା ଦୁଇ ଶହ ଟଙ୍କା ଖରଚ ହେବ । ହାତ ପଛକେ, ସେ ତ ସଂସାରରେ ଚଳିବାଭଳି ମଣିଷଟିଏ ହୋଇପାରିବ ।

ତହିଁ ଆରଦିନ ଶଙ୍କର ଆସିଲା । ବନ ତାକୁ ସବୁ କଥା ବୁଝାଇ ଦେଇ ନିଜ ବସାରେ ରଖିଲା । ତା'ର ଯାହା ଦରକାର ପଡ଼ିଲା, ସବୁ ଯୋଗାଇଲା ।

ଛଅ ମାସରେ ତାହାର ହାତ ଦୋରସ୍ତ ହୋଇଗଲା । ସେ ଛାପାଖାନାରେ କାମ କରି କିଛି ରୋଜଗାର ମଧ୍ୟ କଲା ।

ବନ ତାକୁ କହିଲା, "ଦେଖ୍, ତୁ ଯାହା ରୋଜଗାର କରୁଛୁ, ସେ ସବୁ ତୋ'ର । ଯେତେବେଳେ ଯାହା ଖାଇବାକୁ ଇଚ୍ଛା ହେଉଛି, ଖାଇବୁ । ମନ ଇଚ୍ଛା ଭଲ ପେଣ୍ଟ୍, ଭଲ ଶାର୍ଟ କିଣିବୁ । ଭଲ ଚାକିରି ନ ଜୁଟିବା ପର୍ଯ୍ୟନ୍ତ ମୋ ବସାରେ ରହି ଖିଆପିଆ କରୁଥା ।"

କିଛିଦିନ ପରେ ବନ ଗୋଟିଏ ଭଲ ଛାପାଖାନାରେ ତାକୁ ଚାକିରି କରାଇଦେଲା । ସେ ମାସକୁ ଶହେ ଟଙ୍କା ରୋଜଗାର କରିପାରିଲା । ନିଜର ଘର ଉପରେ ଖଣ୍ଡିଏ ନୂଆ ଘର ସେ ତୋଳିଛି । ବିବାହ କରି ଆନନ୍ଦରେ ଅଛି ।

ସେ ମଝିରେ ମଝିରେ ବନ ସଙ୍ଗେ ଦେଖା କରିବାକୁ ଆସେ । ଗଲାବେଳେ ବନର ପାଦଧୂଳି ନେଇ କହେ, "ଆଜ୍ଞା, ଆପଣଙ୍କ ଯୋଗୁଁ ମଣିଷ ହେଲି । ଆପଣଙ୍କ ଋଣ ଶୁଝିପାରିବି ନାହିଁ ।"

ବନ ହସି ଦେଇ ତାକୁ କଲ୍ୟାଣ କରେ ।

( 'ବନର ମନ କଥା'ରୁ )

ଉଦୟନାଥ ଷଡ଼ଙ୍ଗୀ ( ୧୯୦୫— )

[ କଟକ ଜିଲ୍ଲା ଜଗତ୍‌ସିଂହପୁର ନିକଟ ସିପି ଗ୍ରାମରେ ଜନ୍ମ—୧୯୨୧ ରେ ଅସହଯୋଗ ଆନ୍ଦୋଳନରେ ଯୋଗଦାନ—ସତ୍ୟବାଦୀ ଏବଂ ଭକ୍ତମଧୁ ବିଦ୍ୟାପୀଠରୁ ଶିକ୍ଷା ଶେଷକରି ଦତ୍ତ ପ୍ରେସ ଏବଂ ୧୯୪୦ ଠାରୁ ସତ୍ୟବାଦୀ ପ୍ରେସରେ କାର୍ଯ୍ୟ—'ସମାଜ'ର ବାର୍ତ୍ତା ସମ୍ପାଦକ—ରଚନାବଳୀ :—'ଟମ୍‌କକାଙ୍କ କୁଟୀର,' 'କୁଲୁର ମୁଲକବୁଲା', 'ହରିଭାଇଙ୍କ ଘରବାହୁଡ଼ା', 'ଅଥ ନେତା ପୁରାଣମ୍' ଏବଂ ଅନ୍ୟାନ୍ୟ ବହୁ ଶିଶୁପୁସ୍ତକ । ]

## ପାଠ, ପାଠ, ପାଠ

ପାଠ, ପାଠ, ପାଠ,
ଏଇ କଥାଟା ପଡ଼ିଲେ କାନେ
ହୋଇଯାଏ ମୁଁ କାଠ ।

ଅଙ୍କଟା ବଡ଼ ଅଡ଼ୁଆ ଭାରି
ମନକୁ ମୋର ଦିଏ ସେ ଘାରି,
ତିଇନ ପରେ କାହିଁକି ଚାରି
ଚାରି ଦୁଇ ମିଶି କାହିଁରେ ଆଠ ?
ପାଠ ପାଠ ପାଠ ।

ନଳକୂଅକୁ ପାଏନା ବଳ
ଘଅର ଘଅର ବୁଲାଇ କଳ,

ଉପର କଏ, କଏ ସେ ତଳ
କହି ନ ପାରି ଖୋଜୁଛି ଗ୍ଲଟ;
ଘାଟ ଘାଟ ଘାଟ ।

ପୁଷିଟି ମୋର ମଉଜକେ ଖେଳେ
ଗୁଡ଼ୁରୁ ଗୁଡ଼ୁରୁ ଶୋଇବାବେଳେ,
ଖାଇବା ସାର ଦେଲେ ନ ଦେଲେ
ବୁଲେ ନ ମାଙ୍କ ଅବାଟ ବାଟ;
ଘାଟ ଘାଟ ଘାଟ ।

ଖୁସିରେ ଥାଏ ବଣି ଚଢ଼େଇ
ଆକାଶେ ଉଡ଼େ ଡେଣା ବାଡ଼େଇ,
ବାଲିରେ ପୁଣି ଗଡ଼ଗଡ଼େଇ
ଘନଟାଯାକ କରୁଛି ନାଟ;
ଘାଟ ଘାଟ ଘାଟ ।

କଆଁ ମୁଁ ହେଲ ମଣିଷ ପିଲା
ମୁଣ୍ଡ ମୋହର ହେଲଣି ଢିଲା,
କାନମୋଡ଼ାଟା ମୋ ଭାଗେ ଥିଲା
ବସୁଛି କେତେ ମୋ ଲାଗି ହାଟ,
ଘାଟ ଘାଟ ଘାଟ ।

# ଟିକି ତରା

ମିଟି ମିଟି ଚାହିଁଅଛ ଟିକି କୁନ ତରା ରେ
ଆଖି ଠାରି ଡାକୁଅଛ ମୋତେ ତୁମେ ପରା ରେ ।

ମଉଜେ ମୁଁ ଅଛି ରହି
କପର ରହିବ ତହିଁ ?
ଏକ ନୁହେଁ, ଦୁଇ ନୁହେଁ, ଆକାଶଟା ଭରା ରେ
ମିଟି ମିଟି ଚାହିଁଅଛ ଟିକି କୁନ ତରା ରେ ।
ସେଠି କି ଅଛନ୍ତି କହ ତୁମ ସାଙ୍ଗ ସାଥୀ ରେ
ମଉଜେ କି ରହିଥାଅ ଖେଳ ତୁମେ ମାତି ରେ ?

ଦିନ ହେଲେ ଯାଅ କାହିଁ
ମାଆ କି ଖୋଜନ୍ତି ନାହିଁ ?
ଦେଖା ଦିଅ ପୁଣି ଆସି ହୋଇଗଲେ ରାତି ରେ,
ସେଠି କି ଅଛନ୍ତି କହ ତୁମ ସାଙ୍ଗ ସାଥୀ ରେ ।
ତୁମର କି ଛନ୍ତି ବାପା ? କହ କହ ତରା ରେ
ଭାଇ କି ଦିଅନ୍ତି ଗାଳି ବୁଲଗଲେ ଖରାରେ ?

ମାଆ କି ଦିଅନ୍ତି ଆଣି
ଖାଇବାକୁ ମନ ଜାଣି ?
ଆଦର କରନ୍ତିକି ହୋଇ ଆତ୍ମହରା ରେ ?
ତୁମର କି ଛନ୍ତି ବାପା ? କହ କହ ତରା ରେ ।
ଯିବି ନାହିଁ ଯିବି ନାହିଁ ଡାକ ଦେଲେ ଯେତେ ରେ
ମୋ ସାନ ଭଉଣୀ ଝୁମ୍ପା କାନ୍ଦିବ ତ କେତେ ରେ ।

ବସିବ କେ ମାଆ କାଖେ
କାହାକୁ ଶୁଣାଇ ପାଖେ
ବୁଢ଼ୀ ମାଆ କହୁଥିବେ ଗପ ନାନା ମତେ ରେ,
ଯିବ ନାହିଁ ଯିବ ନାହିଁ ଡାକ ଦେଲେ ଯେତେ ରେ ।
ଲୋଡ଼ା ନାହିଁ ମୋର ସରଗର ସୁଖମାନ ରେ,
ମାଆଙ୍କ ଆଦର ପାଖେ ସେ ସକଳ ସାନ ରେ,

ବାପାଙ୍କ କଅଁଳ କାଖ
ଭଇଙ୍କ ଟେରଧା ଡାକ
ଠୁମାର ମଧୁର ହସ ଅଛୁଙ୍କ ରେ ଆନ ରେ,
ଲୋଡାନାହିଁ ମୋର ସରଗର ସୁଖମାନ ରେ ।

# ବାବୁଲର ମୁଣ୍ଡ

ବାବୁଲ ଆମର ସପନ ଦେଖିଲା
ଉଠି ବସି କଲା ପାଟି,
କାନ୍ଦ କାନ୍ଦ କହେ, "ନେଇଗଲା କିଏ
ମୁଣ୍ଡଟା ମୋହର କାଟି !

ମୁଣ୍ଡ କାହିଁ ମୋର, ରହିବ କିପର ?
ଖାଇବାକୁ ପାଟି ନାହିଁ,
ଆଖି କାନ ମୋର ନ ରହିଲା ଆଉ
ଦେଖି ଶୁଣିବାର ପାଇଁ ।

ବୁଝାଇଲେ ଯେତେ ନ ବୁଝଇ ବାବୁଲ
କହେ, "ନାହିଁ ମୁଣ୍ଡ ମୋର,
ଦେଖିଲି ସପନ, କାଟି ନେଇଗଲା
ଘରେ ପଶି ଗୋଟେ ଚୋର ।"

ହାତ ଧରି ନେଇ ମୁଣ୍ଡେ ଲଗାଇଲେ
କହିଲେ, "ଏଇ ତୋ ମୁଣ୍ଡ,
କାନ୍ଦୁଚୁ କିପରି, କଥା କହୁଅଛୁ,
ନାହିଁ ଯଦି ତୋର ତୁଣ୍ଡ ?

ଶୁଣୁଚୁ ମୋ କଥା, ଦେଖୁଚୁ ତ ମୋତେ
ରହିଚି ତୋ କାନ ଆଖି,
ଯାଇଥିଲେ କଟି ମୁଣ୍ଡଟା ତୋହର
ଆଖି କାନ ରହନ୍ତା କି ?"

ମୋର କଥା ସତ ନ ମଣେ ବାବୁଲି,
କାନ୍ଦୁଥାଏ କଇଁ କଇଁ,
କହେ, "ମୁଁ ଦେଖିଲି ସପନ ସତରେ
ମୁଣ୍ଡଟା ମୋହର ନାହିଁ ।"

ଦରପଣଟିଏ ତା ଆଗେ ଧଇଲି
କହିଲି, "ଦେଖିଲୁ ଥରେ,"
ଦରପଣେ ଦେଖେ ମୁଣ୍ଡଟିଏ ଅଛି
ତେବେ ବି ସତ ନ କରେ ।

କହେ, "ଦରପଣ-ମୁଣ୍ଡ ହୋଇଥିବ
ଏ ମୁଣ୍ଡ ମୋହର ନୁହେଁ,
ମୁଣ୍ଡ ମୋର ନାହିଁ" କହି କାନ୍ଦି କାନ୍ଦି
ଢଳାଇଲା ଶେଯ ଲୁହେ ।

କୃଷ୍ଣଚନ୍ଦ୍ର କର ( ୧୯୦୬— )

[ କଟକ ଜିଲ୍ଲା ମୂଳବସନ୍ତ ଗ୍ରାମରେ ଜନ୍ମ—ନର୍ମାଲ୍ ଟ୍ରେନିଂ ପାସ୍ କରି କଟକ ଟ୍ରେଡିଂ କମ୍ପାନୀରେ ପ୍ରକାଶନ ବିଭାଗ ଦାୟିତ୍ୱରେ ଥିଲେ—ପରେ ସାରସ୍ୱତ ପ୍ରେସ, ନବଭାରତ ପ୍ରେସ ଓ ଶେଷରେ କଟକ ସରକାରୀ ପ୍ରେସରେ ମୁଖ୍ୟ ପ୍ରୁଫ୍‌ରିଡର କାର୍ଯ୍ୟ କରି ଅବସର ନେଲେ । 'ପଞ୍ଚାମୃତ', 'ସହକାର', 'ଜହ୍ନମାମୁ', 'ଉତ୍କଳ ସାହିତ୍ୟ' ଓ 'ମୁକୁର'ରେ ତାଙ୍କ ରଚନାବଳୀ ପ୍ରକାଶିତ—'ଲବକୁଶ', 'ପରଶୁରାମ', 'ସୁନାରାଇଜ', 'ପୁରାଣପ୍ରଭା' ପ୍ରଭୃତି ବହୁ ପୁସ୍ତକର ଲେଖକ । ]

## ସୁନା ନେଉଳ

ଯୁଧିଷ୍ଠିର ଇନ୍ଦ୍ରପ୍ରସ୍ଥର ରଜା ହୋଇ ସୁଖରେ ପ୍ରଜା ପାଳୁଥାନ୍ତି । ଦିନକର କଥା । ସେ ପାତ୍ରମନ୍ତ୍ରୀଙ୍କ ଗହଣରେ ବସି ରାଜ୍ୟର ହାଲଚାଲ ବୁଝୁଥାନ୍ତି । ଦଳେ ଭାଟ ବି ସେଇ ଦରବାରର ଗୋଟାଏ ପାଖରେ ବସିଥାନ୍ତି । ରାଜାରାଜୁଡ଼ାଙ୍କ ବଡ଼ପଣ ଗାଇବା ଭାଟଙ୍କର କାମ । ତେଣୁ ସେମାନେ ଧର୍ମବନ୍ତ ଯୁଧିଷ୍ଠିରଙ୍କ ଦାତାପଣର ଅସରନ୍ତି ପ୍ରଶଂସା ଗାଉଥାନ୍ତି ।

ଠିକ୍ ଏତିକିବେଳେ ଗୋଟିଏ ନେଉଳ ଡଗଡଗ ହୋଇ ଦରବାର ଭିତରକୁ ପଶିଆସିଲା । ତା' ଦେହର ଦୁଇ କଡ଼ପଟ ସୁନାର । ସମସ୍ତଙ୍କ ଆଖି ହେଇ ବିଚିତ୍ର ଛୋଟ ଜୀବଟି ଉପରେ ଲାଖି ରହିଲା । ଗୁହୁଁ ଗୁହୁଁ ନେଉଳଟି ମଣିଷର ଭାଷାରେ ଭାଟମାନଙ୍କୁ କହିଲା, "ଯୁଧିଷ୍ଠିର

ଜଣେ ମାମୁଲି ଦାତା । ବଡ଼ ଧରଣରେ ଦାତା ନୁହନ୍ତି । ତାଙ୍କଠୁଁ ବଳି ବଡ଼ ଦାତା ଅଛନ୍ତି । ରାଜା ବୋଲି ଯେ ତାଙ୍କର ଦାନ ବଡ଼ ହେବ, ଏପରି ଭାବିବା ଭାରି ଭୁଲ୍ । ଜଣେ କାଙ୍ଗାଳ, ଯାହା ଘରେ ହପ୍ତାକେ ଥରେ ଚୂଲି ଜଳିବା କଷ୍ଟ, ସେ ଯଦି ନିଜର ସବୁ ଦେଇଦିଏ, ତାଙ୍କୁ ସିନା ବଡ଼ ଦାତା କହିବା ! ରାଜାମହାରାଜାଙ୍କ ଭଣ୍ଡାରସବୁ ପ୍ରଜାପାଠକଙ୍କ ହାଡ଼ଭଙ୍ଗା ମିହନ୍ତ ଯୋଗୁଁ ଧନଦଉଲତରେ ପୂରିଥାଏ । ରଜାମାନେ ବିସ୍ତର ଟଙ୍କାକଉଡ଼ି, ଜିନିଷ-ପତ୍ର ଦେଇପାରନ୍ତି; ହେଲେ, ନିଜ ପେଟର ଦାନାଟିକ କେବେ ଗରିବଦୁଃଖୀଙ୍କି ଦାନ କରନ୍ତି କି ? ରଜାରଜୁଡ଼ାଙ୍କ ଦାନ ବଡ଼ଲୋକିଆ ଦାନ; କିନ୍ତୁ ଦରିଦ୍ରଙ୍କ ଦାନ ବଡ଼ ମନର ଦାନ ।"

ନେଉଳ-ମୁହଁରୁ ଏପରି କଥା ଶୁଣି ଯୁଧିଷ୍ଠିର ଆଶ୍ଚର୍ଯ୍ୟ ହୋଇଗଲେ । ନେଉଳକୁ ପଚାରିଲେ, "ତୁମ କଥାଗୁଡ଼ିକ ମତେ ଭାରି ଭଲ ଲାଗୁଛି । ନିର୍ଭୟରେ କହ ତ ନେଉଳ, ଏ ଭଳି ବଡ଼ ଦାତା କାହାକୁ ଦେଖିଛ ?"

ନେଉଳ ଉତ୍ତର ଦେଲା, "ହଁ ମହାରାଜ, ଦେଖିଛି । ସେ ହେଉଛି କୁରୁକ୍ଷେତ୍ରର ଦୁଆର ଦୁଆରବୁଲା ଜଣେ ଭିକାରି ।"

ଯୁଧିଷ୍ଠିରଙ୍କ ଆଗ୍ରହ ବେଳକୁ ବେଳ ବଢ଼ିଲା । ସେ କହିଲେ, "ସେଇ ଭିକାରିଟିର ଦାନକଥା ମତେ ଶୁଣାଅ, ନେଉଳ !"

ନେଉଳ କହିଚାଲିଲା, "ଭିକାରିଟିର କୁଟୁମ୍ବ ବୋଇଲେ ତାକୁ ମିଶାଇ ଚାରିଜଣ । ସେ କାଳି କଥା ଆଜିଠୁଁ ଭାବେ ନାହିଁ । ବଡ଼ିସକାଳୁ ଖାଲିପେଟରେ ବାହାରେ ଭିକ ମାଗିବାକୁ । ଯାହା ପାଏ, କାନିରେ ବାନ୍ଧି ଘରକୁ ଫେରିଆସେ । ସେଇଆକୁ ଚାରି ପ୍ରାଣୀଯାକ ବାଣ୍ଟିକୁଣ୍ଟି ଖାଆନ୍ତି । ଯେଉଁଦିନ କିଛି ନ ମିଳେ, ସେଦିନ କୁଟୁମ୍ବଟିଯାକ ଖାଡ଼ା ଖାଡ଼ା ଉପାସ ରହନ୍ତି ।"

ଯୁଧିଷ୍ଠିର ଦୀର୍ଘ ନିଃଶ୍ୱାସଟିଏ ଛାଡ଼ି କହିଲେ, "ଆହା, କେଡ଼େ ଦୁଃଖୀ ସେମାନେ ! ଆଚ୍ଛା, ତାପରେ କଣ ହେଲା ?"

ନେଉଳ କହିବାକୁ ଲାଗିଲା, "ଦିନେ ଭିକାରୀକି ଚାଉଳ ମିଳିଲା ନାହିଁ କି ଟନପରିବା ଦି'ଟା ବି ମିଳିଲା ନାହିଁ । ମିଳିଲା ଯଅ କେଇ ମୁଠା । ସେତକ ନେଇ ସେ ଆଇଲା ଘରକୁ । ତା' ଘରଯା ସେଇ ଯଅରୁ ଛତୁ ତିଆରି କଲା । ଚାରିଜଣଯାକ ଟିକେ ଟିକେ ଖାଇ ଦିନ କଟାଇଦେବେ ବୋଲି ଠାଆରେ ବସିଲେ । ଠିକ୍ ସେତିକବେଳେ ଦାଣ୍ଡଦୁଆରୁ ଡାକ ଶୁଭିଲା,—"ମୁଠେ ଖାଇବାକୁ ମିଳୁ ଦାତା ! ଦି'ଦିନ ହେଲା ପେଟରେ ଆହାର ପଡ଼ିନାହିଁ ।" ଭିକାରୀ ଆଉ କି ସମ୍ଭଳା ପଡ଼େ ? ସାଙ୍ଗେ ସାଙ୍ଗେ ଠାଆରୁ ଉଠି ଦାଣ୍ଡଦୁଆରକୁ ଧାଇଁଗଲା । ଲୋକଟିକୁ ଆଦରରେ ଘର ଭିତରକୁ ଡାକିଆଣି ଠାଆରେ ବସେଇଲା । ସାରା କୁଟୁମ୍ବର ଭୋକିଲା ପେଟକଥା ପଛକୁ ପକେଇ ଦେଇ ସବୁତକ ଛତୁ ଠୁଳେଇ ଅତିଥିକୁ ଖାଇବାକୁ ଦେଲା । ଭୋକିଲା ଲୋକଟି ଖୁସି ହୋଇ ଭିକାରୀକୁ ବହୁତ ଆଶୀର୍ବାଦ କରି ଚାଲିଗଲା ।"

ମହାରାଜ ଯୁଧିଷ୍ଠିର ଏକଲୟରେ ସବୁ ଶୁଣୁଥିଲେ । ଏବେ ସେ ନେଉଳକୁ ପଚାରିଲେ, "ତୁମ ଦେହର ଦୁଇ କଡ଼ପଟ ସୁନା ହେଲା କିମିତି ?"

ନେଉଳ କହିଲା, "ମୁଁ ବାଡ଼ିଆଡ଼େ ଥାଇ ଏ ଘଟଣା ଦେଖୁଥାଏଁ । ଭୋକିଲା ଲୋକଟି ଖାଇସାରି ଚାଲିଯିବା ପରେ କୁଟୁମ୍ବଟିର ସମସ୍ତେ ପାଣି ମୁନ୍ଦାଏ ମୁନ୍ଦାଏ ପିଇ ଆନନ୍ଦରେ ବିଶ୍ରାମ ନେଲେ । ତହୁଁ ମୁଁ ତାଙ୍କ ଅଗଣାକୁ ଗଲି । ମହାଖୁସିରେ ସେଠି ଧୂଳିରେ ବହେ ଗଡ଼ିଲି । ଧୂଳି ଝାଡ଼ିହେଲାବେଳକୁ ଦେଖିଲି, ମୋ ଦେହର ଦୁଇ କଡ଼ ସୁନା ପାଲଟି-ଯାଇଛି । ଭିକାରୀଟିର ପୁଣ୍ୟ ଯେ କେତେ ବେଶୀ, ଏଥିରୁ ମୁଁ ବେଶ୍ ଜାଣିପାରିଲି । ମୋ ଦେହର ବାକି ଅଂଶତକ କିମିତି ସୁନା ହେବ, ସେଇ ଦିନୁଁ ଭାବୁଥାଏଁ । ଯୋଗକୁ ଅଳ୍ପ ଦିନ ତଳେ ମଣିମା ଗୋଟିଏ ବଡ଼ ଯଜ୍ଞ କଲେ । ସେଥିରେ ଅସୁମାରି ଦାନଦକ୍ଷିଣା ଦେଇ ଖୁବ୍ ନାଁ ଅର୍ଜିଲେ । ରାଜ୍ୟସାରା ମଣିମାଙ୍କ ପୁଣ୍ୟ କାହାଣୀ ଡବଡବ ବାଜିଲା । ଭାବିଲି, ମଣିମାଙ୍କ ଯଜ୍ଞାଗାର ଧୂଳିରେ ଗଡ଼ିଲେ ମୋ ଦେହର ଆଉତକ ଅଂଶ

ସୁନା ପାଲଟିଯିବ । ବନାକେତେ ନଉ ଆସି ସେ ଧୂଳରେ ଗଡ଼ିଲ । ମାତ୍ର ଟିକିଏ ସୁଦ୍ଧା ଫଳ ମିଳିଲା ନାହିଁ । ଦେହର ଚେନାଏ ହେଲେ କୋଉଠି ସୁନା ହେଲା ନାହିଁ । ଏବେ ଭଲ କରି ବୁଝିପାରିଲି, ସେଇ ଭିକାରୀଟିର ପୁଣ୍ୟ ପାଖରେ ମଣିମାଙ୍କ ପୁଣ୍ୟ ପାସଙ୍ଗରେ ବି ପଡ଼ିବନାହିଁ ।"

ଏତକ କହିଦେଇ ନେଉଳଟି ଆଖିପିଛୁଳାକେ ସେଠୁ ଚାଲିଗଲା । ଯୁଧିଷ୍ଠିର ମନେ ମନେ ତାକୁ ନିଜର ଗୁରୁ ବୋଲି ମାନିଲେ । ପ୍ରକୃତ ପୁଣ୍ୟ କିପରି ଅର୍ଜିବାକୁ ହୁଏ, ତା'ରିଠାରୁ ଶିଖିଲେ । ଆଉ, କି ଦାନ କି ପୁଣ୍ୟ, ସବୁଥିରେ ଯେ କୁରୁକ୍ଷେତ୍ରର ସେହି ଭିକାରୀଟି ତାଙ୍କ ଅପେକ୍ଷା ବଡ଼, ଏଥିରେ ଯୁଧିଷ୍ଠିରଙ୍କର ତିଳେ ହେଲେ ସନ୍ଦେହ ରହିଲା ନାହିଁ ।

●

( 'ପୁରାଣପ୍ରଭା' )

## ଭଲ କି କରିନ ମୁହିଁ ?

ବାଳୁତ ସୂରୁଯ ନ ଉଠୁଣୁ ଆଜ
ହସର ଆଲୁଅ ବୁଣି
ଧଡ଼ପଡ଼ ହୋଇ ଉଠିଲି, ବୋଉ ଲୋ !
ଶୁଆ, ସାରୀ ଡାକ ଶୁଣି ।

ପିଞ୍ଜରୁରୁ କାଢ଼ି ଦେଲି ଯେବେ ଛାଡ଼ି
ଡେଣା ଝାଡ଼ି କେଡ଼େ ସୁଖେ
ଉଡ଼ି ଉଡ଼ି ସେ ଯେ ମିଶିଗଲେ କାହିଁ
ଗହନ ବନର ବୁକେ ।

କହ, ବୋଉ ! କହ ଶୁଣି,
ଛଡ଼ାଇ ଦେଇ ତୋ ପୋଷା ଶୁଆ, ସାରୀ
ଭଲ କି କରିନି ମୁହିଁ ?

ଦମ ଧୁଡ଼ୁ ଧୁଡ଼ୁ ଘୁଁଘୁରା ବୁଢ଼ାଟି
ଦେଖିଲି ସଡ଼କ ପାଡ଼େ,
ଦେହ ଥରୁ ଥରୁ ଦାନ୍ତ ଘୁରୁଘୁରୁ
ମାଘର ବାଘୁଆ ଜାଡ଼େ ।
ଜାଲୁଆ ବାଆର ହାବୁକା-ମାଡ଼ରୁ
ବଞ୍ଚିବ ବୋଲି ସିଏ
ଦେହରୁ କାଢ଼ି ମୋ ନାଲି ଶାଲଟିକୁ
ଘୋଡ଼ାଇଦେଲି ତା ଦେହେ ।

କହ, ବୋଉ ! କହ ତୁହି,
ଅସାହା ବୁଢ଼ାକୁ    ଶାଲଟିଏ ଦେଇ
ଭଲ କି କରିନି ମୁହିଁ ?

ବଣ ଶୁଆ ସାରୀ    ବଣେ ଗଲେ ଉଡ଼ି
ଆପଣା ଜନମଥାନେ,
ସାଥିମେଳେ ଏବେ    ଗାଉଥିବେ ତାଳେ
ମନ-ଜଳପିଆ ତାନେ ।

ଶାଲ ପାଇ ବୁଢ଼ା    ଶୀତ ହେମାଳରୁ
ଏ ସାଲଟି ଯିବ ତରି,
ହେଲା ଜଣେତ ଘଞ୍ଚ    ଶୀତବାରଣୀ ମୋ,
ଶାଲ କି ହେବ ତା ସରି ?

କହ, ବୋଉ ! କହ ତୁହି,
ଅଆଶୀ ମନରେ    ସୁଖ ଟିକେ ଦେଇ
ଭଲ କି କରିନି ମୁହିଁ ?

●

( ଶିଶୁଲେଖା, ୧୯୭୨ )

ସତ୍ୟାନନ୍ଦ ମହାନ୍ତି ( ୧୯୦୭-୧୯୭୯ )

[ ଜନ୍ମ ଅନୁଗୋଳ ସହରରେ । ଡେପୁଟି କମିଶନର ଅଫିସରେ ସହକାରୀ ଥିଲେ—'ଜହ୍ନମାମୁଁ' ପତ୍ରିକାରେ ନିୟମିତ ଲେଖୁଥିଲେ । ସେ ଜଣେ ହାସ୍ୟରସ ଅଭିନେତା ମଧ୍ୟ—ବହୁ ଅନୁଷ୍ଠାନ ସହ ସମ୍ପୃକ୍ତ ଥିଲେ । 'ରେଶମୀ ରୁମାଲ' ( ଅନୁବାଦ ) ଓ କ୍ଷୁଦ୍ର ଗଳ୍ପର ଲେଖକ । ]

## କଥାଟିଯାକ 'କ'

କନକପୁର କଣ୍ଟୁରିଆ କେଉଁଠି କୁଆଡ଼େ ଥିଲା କେଜାଣି, କଥା କହୁଁ କହୁଁ କଥାବୁଢ଼ା କଣରୁ କାହୁଁ ଆସିଲା ପରି, କିଏ କେଉଁଠି କ'ଣ କରୁଥିବ, କାନେଇ କାନେଇ କାହିଁ ଧାଉଁଛି । କାନରେ କେତେ କଇଁଛଟାଏ; କଣ୍ଟିଆ, କେରାଣ୍ଡିରୁ କୋଞ୍ଚଏଟା ସରକ । କଅଣ କରବ କେମିତି କୁଆଡ଼କୁ ଗଲେ କାମ । ଟୋକାଟାକଲାଙ୍କର କେତେବେଳେ କୋଉ କଥା ।

କାଶୀ କବରାଜେ କକେଇଙ୍କ କୋଠାଘରୁ କଠଉ ମାଡ଼ି, କମର କଷି, ଟୋକେଇରେ କଖାରୁ, କଦଳୀ, କଲରା, କରମଙ୍ଗା, କଷି କାକୁଡ଼ି, କଞ୍ଚା କୁନ୍ଦୁରୁ, କଇଥ, କୋଶଳା, କଣ୍ଟାନେଉଟିଆ, କଳମଶାଗ ଓ କେତେ କୋଳି ଧରି କାଙ୍କଟପୁରକୁ ଏକମୁହାଁ ହୋଇଛନ୍ତି—କଣାବକା କଲେ କଣ୍ଟି କଟିଯିବ । କଣ୍ଟୁରିଆକୁ ଦେଖିପକେଇ କହିଲେ, "କିରେ କଣ୍ଟୁରି ! କୁଆଡ଼େ ? କଥା କଅଣ ? କାନରେ କଲକଲ ହେଉଛି କଣ କି ?" କଣ୍ଟୁରିର ଅକଲ ଥକାପଡ଼ିଲା । କଥା ଶେଷ ! କେତେ କଷ୍ଟରେ

କୁନ୍ଥେଇ କୁନ୍ଥେଇ କହିଲା, "କିଛି ନାହିଁ, କବିରାଜେ ! କେଇଟା କେରାଣ୍ଡି । କମଳୀ ଟୋକୀଟା କାନ୍ଦି କାନ୍ଦି ଚକେଇଥିବ ?"

କବିରାଜ କଣ କମ୍ କି ? ସେତକ କରଗତ କରିବା କଥା । କୌଶଳଟାଏ କଲେ । କହିଲେ, 'କୁଳକୁଟୁମ୍ବକୁ କାଳ,
ନ କହିଲେ କୁଳକାଳକା ସାର ।'

କୋହ କୋହ ହୋଇ କହିଲେ, "କଣ୍ଟୁର ! କରମ କଥା; କାହାକୁ କ'ଣ କହିବା ? 'କେତେଦିନକୁ କେଜାଣି, କମଳୀ କତରାଲଗା । କାଳ ହେଲା କାମୁଡ଼ା କୁକୁରଟା । କମଳୀର କାନମୁଣ୍ଡାରୁ କନା କାମୁଡ଼ି ଦେଇଛି । କେରା କେରା ରକତ । କନକ ପରି କାନ୍ତି, କଳା କାଠ ! କେଉଁ କୁଳ ରହିବ କି ? କୁକୁର କାମୁଡ଼ା ଡାକ୍ତର କଡକ କାଟେଇ କୁଣ୍ଡେଇ ନବା କଥା ।"

କଣ୍ଟୁରର କାଣ୍ଡଜ୍ଞାନ କୁଆଡ଼େ ଗଲା । କାନ କପାଳ ଧରି କୋଡ଼-କଚୁଡ଼ି ହେଲା । କଇଁକଇଁ କାନ୍ଦି କୁହାଟିଲା । କାଶୀ କବିରାଜଙ୍କ ଠେଇଁ କାନ ଝାଡ଼ି ଦେଇ କଣ୍ଟା କାଦୁଅ ନ ମାନି କେତେ କଲବଲରେ କୁଡ଼ିଆ-ଆଡ଼କୁ ଗଲା । କବିରାଜେ 'କଥା ମଜା' କହି କଇଁଛ, କେରାଣ୍ଡି, କଣ୍ଟିଆତକ କୋଠିନିଧି କରି କାନଗଣ୍ଡିରେ କାଗତଳେ ଜାକ କାକୁଡ଼ି କଥାର କଡ଼େ କଡ଼େ ଛୁ' ।

× × ×

କାହିଁ କିଛି କୁଆଡ଼େ ନାହିଁ । କୁଳବୁଡ଼ା କାଶିଆ କଥା ନ କୁହ । କମଳୀ କଇଁଫୁଲ ପରକା ଚକଚକ—କରକର ହୋଇ ହସି କଥା କହୁଛି । କାଶୀ କବିରାଜଟା କଅଣ ନ କଲା !

କରମ କଲାକୁ କଙ୍କର ହେଲ
କୁଳକ କେରାଣ୍ଡି କାଉକୁ ଦେଲ !

କେତେକାଳ କଟିଗଲା । କଣ୍ଟୁରିଆ କାଶିଆ କଥାକୁ କାନଗଣ୍ଡି କରିଥାଏ । କଣ୍ଟିଆ ମାଛ କଣ୍ଟା କଣ୍ଠରେ ଠାକଛି କହି କଣ୍ଟୁରିଆ କୁଟା-

କେବକରେ କନ୍ଥା କନା ଖଣ୍ଡେ ପକେଇ କଲବଲ । କୁଡ଼ଆର କଣି କବାଟ କଲା । "କଏ ଅଛ କ ?"

କାଶୀ କବରାଜଙ୍କୁ ଲୋକେ ଡାକଲେ । କବରାଜ କମିଆ କଲାପର କଟାପ କାଖରେ ଧର ଆସିଲେ । କେତେ କଷ୍ଟରେ କବାଟ କାଠି କଲଣି କଢ଼ାଗଲା । କଣ୍ଡ୍ରୁର କଣ୍ଠରୁ କେତେ କାଇଦା କଠକଣାରେ କବରାଜେ କଣ୍ଠା କାଢ଼ି ବସିଲେ । କଣ୍ଡ୍ରୁର କଥା କହୁଁ କହୁଁ କବରାଜଙ୍କ କାନକୁ କସି କରି କାମୁଡ଼ଦେଲା । କାଶୀ 'କଣ କଣ' କହୁକହୁକା କାକୁଡି ହେଲେ । କଣ୍ଡ୍ରୁର କୋଉ କାଳର କମଳୀକୁ କୁକୁର କାମୁଡ଼ିବା କଥା, କଇଁଛ କେରାଣ୍ଡି କଥା କହି ଦେଇ କହିଲା, "କବରାଜେ ! କେରାଣ୍ଡି ନା କଷି କାକୁଡ଼ି ? କଣ୍ଢିଆମାଛ କଣ୍ଠା କେମିତିକା ?" କାଶୀ କାନ କୁଣ୍ଡେଇ କୁଣ୍ଡେଇ କଣ୍ଡ୍ରୁର କଥାକୁ କବୁଲ କବୁଲ କଲେ । କୁଣ୍ଢେଇ ପକେଇ କସୁର ମାଗିଲେ ।

କଥାଟିଏ କହୁଁ,

କସ୍ କଥା ? କଇଁଛ କଥା ।
କ କଇଁଛ ? କଣ୍ଡ୍ରୁର କଇଁଛ ।
କ କଣ୍ଡ୍ରୁର ? କେରାଣ୍ଡି କଣ୍ଡ୍ରୁର ।
କ କେରାଣ୍ଡି ? କଣ୍ଠା କେରାଣ୍ଡି ।
କ କଣ୍ଠା ? କଣ୍ଢିଆ କଣ୍ଠା ।
କ କଣ୍ଢିଆ ? କଣ୍ଠୁ କଣ୍ଢିଆ ।
କ କଣ୍ଠୁ ? କାମୁଡ଼ା କଣ୍ଠୁ ।
କ କାମୁଡ଼ା ? କାଶୀ କାମୁଡ଼ା ।
କ କାଶୀ ? ଠକ କାଶୀ ।
କ ଠକ ? କଥା ଠକ ।
କ କଥା ? କଥାକୁ କଥା ।

କାଶିଆ କଣ୍ଡ୍ରୁର କଲ କରୁଥା ।

( 'ଜହ୍ନମାମୁ'—ଆଷାଢ଼, ୧୩୪୬ )

ରାମକୃଷ୍ଣ ନନ୍ଦ ( ୧୯୦୬— )

[ କଟକ ଜିଲ୍ଲା ଗୋବିନ୍ଦପୁର ଥାନା ବାଇରୋଇ ଗ୍ରାମରେ ଜନ୍ମ— ୧୯୨୧ରେ ଅସହଯୋଗ ଆନ୍ଦୋଳନରେ ଯୋଗଦେଲାପରେ ସତ୍ୟବାଦୀ ଜାତୀୟ ବିଦ୍ୟାଳୟରେ ଶିକ୍ଷା—ରେଭେନ୍‌ସା କଲେଜରୁ ବି. ଏ. ପାସ କଲା ପରେ ଶିକ୍ଷକତା—୧୯୪୭ ରେ ଚାକିରି ଛାଡ଼ି କଟକରେ ପ୍ରେସ ସ୍ଥାପନ ଓ 'ସଂସାର' ପତ୍ରିକାର ସଂପାଦନା । 'ତୁଳସୀଦାସ', 'ସଂଗ୍ରାମ ଓ ସାଧନା', 'ଓନ୍ କୁର୍ସି', 'ଝୁମ୍‌କା' ପ୍ରଭୃତି ପୁସ୍ତକର ଲେଖକ । ]

## ଆହେ ଦୟାମୟ ବିଶ୍ୱବିହାରୀ

ଆହେ ଦୟାମୟ ବିଶ୍ୱବିହାରୀ !
ଘେନ ଦୟା ବହି ମୋର ଗୁହାରି ।
ଜଳ, ସ୍ଥଳ, ବନ, ଗିରି, ଆକାଶ,
ତୁମ ଲୀଳା ସବୁଠାରେ ପ୍ରକାଶ ।

ତୁମେ ଶୁଭ ବୁଦ୍ଧି ପରି ଶିଖାଅ,
ତୁମେ ଭଲ ବାଟ ପରି ଦେଖାଅ ।
ମୋର କାମକୁ କରାଅ ସରସ,
ମୋର ମୁଖେ ଦିଅ ଚିରହରଷ ।

ତୁମ ଚରଣରେ ମୋର ଭକତି,
ଦିଅ ବିପଦେ ସାହସ, ଶକତି ।
କୁଟି କପଟ ସ୍ୱଭାବ ଯାହାର,
ତାଙ୍କୁ ଦୂରୁଁ ମୁଁ କରଇ ଜୁହାର ।

ମୋତେ ନ ମିଶାଅ ତାଙ୍କ ସାଥିରେ,
ସଦା ରଖ ସାଧୁଜନ କତିରେ ।
ଦୟା ବିନୟ ହେଉ ମୋ ଭୂଷଣ,
କାହା ମନେ ନ ଦିଏଁ ମୁଁ କଷଣ ।

ଦୁଃଖୀ ଅରକ୍ଷିତ ସେବା କାରଣେ
ବଳ ଦିଅ ମୋର କରଚରଣେ ।
ସତ କହିବାକୁ କିଆଁ ଡରିବ ?
ସତ କହି ପଛେ ମଲେ ମରିବ ।

ମୋତେ ଏତକ ଶିଖାଅ ସାଇଁ ହେ,
ମୋର ଧନଜନ ଲୋଡ଼ା ନାହିଁ ହେ ।

●

( 'ଝୁମୁକା' )

# କାହିଁକି ?

ବାବୁଲା ପଢ଼େ ଆମ ସାଥିରେ କହ ମାଆ !
କେଉଁଠୁ ଆଣେ ଏତେ ପୋଷାକ ନୂଆ ନୂଆ ?
ବଢ଼ିଆ ଜୋତା ମୋଜା କାମିଜ ଭଲ ଭଲ,
କଲମ ଚକଚକ ସୁନାରୁ ଦିଶେ ବଳି ।

ଫୁଟିଛି କଣ୍ଟା ମୋର ଏଇ ଯେ ପାଦତଳେ
ଝୁଣ୍ଟେଇ ଚାଲୁଅଛି ନ ଦେଉ ଜୋତା ହଲେ ।
ପୁରୁଣା ଜାମା ମୋର ହେଲାଣି ସାତସିଆଁ,
ଖଣ୍ଡିଏ ନୂଆ କିଣି ଦେଉନୁ ମତେ କିଆଁ ?

ବାବୁଲା ରହେ ଯେଉଁ ଦୋତାଲା କୋଠାଘରେ,
ଫୁଟେଇ କେତେ ଫୁଲ ତା ଆଗ ବଗିଚାରେ !
ମଟରଗାଡ଼ି ଚଢ଼ି ଭଉଣୀ ମାଆ ସାଥେ
ନିତି ସେ ବୁଲିଯାଏ ମଜାରେ କେଡ଼େ ସତେ !

ଆମର କିଆଁ ମାଆ ! ଖଣ୍ଡିଆ ଚାଳଘର
ବରଷା ହେଲେ ପାଣି ଗଳଇ ଝରଝର ?
ଯାଆନ୍ତି ମଶା ଚରି, ହୁଏନି ଭଲ ନିଦ,
ଖରାରେ ଚାଲି ଚାଲି ଫୋଟକା ହୁଏ ପାଦ ।

ଖାଇବା କଥା ତାର ଶୁଣିଛୁ କଲେ ମାଆ ?
ପରଟା ରସଗୋଲା ନିତି ତା ଜଳଖିଆ ।
ମାଉଁସ ଦୁଧ ମାଛ ଖେଚେଡ଼ି ସରୁ ଭାତ
ତା ସାଙ୍ଗେ ଡାଲି ଭଜା ତିଅଣ ପାଞ୍ଚ ସାତ ।

ଆମକୁ କାହିଁକି ମା ! ସେ ସବୁ ମିଳେ ନାହିଁ ?
ଯାଉଛୁ ଆମ ଦିନ ପଖାଳ ଶାଗ ଖାଇ ।
କେତେ ତ ରସଗୋଲା ରହିଛି ଦୋକାନରେ,
ଗୋଟିଏ ହେଲେ ମତେ ଦେଇଛୁ କେବେ ଥରେ ?

ଟୋପାଏ ତେଲ ଆମ ମୁଣ୍ଡରେ ବାଜେ ନାହିଁ,
ସାବୁନ ଖଞ୍ଜା ତାଙ୍କ କୁକୁରଛୁଆ ପାଇଁ !
କଣ୍ଢେଇ କିଣିବାକୁ କରୁଛି ଯେତେ ଅଳି,
ତୋ'ଠାରୁ ସବୁଥର ଖାଇଛି ମାଡ଼ଗାଳି ।

ଖେଳନା ନୂଆ ନୂଆ, ଭଲକି ଭଲ ବାଜା
କେଉଁଠୁ ପାଉଛି ସେ, କରୁଛି ଏତେ ମଜା ?

ବାବୁଲ ସାଥେ ମୁଁ ଯେ ପଢ଼ୁଛି ଏକା ପାଠ,
ଦୁହେଁ ତ ସାନ ପିଲା, ଦୁହେଁ ତ ଏକା ଗଢ଼;
କହ ମା ! ତେବେ ଆମେ କେଉଁଠି ବଡ଼ ସାନ,
କାହିଁକି ପୁଣି ଏତେ ରହିଛି ଅସମାନ ?

●

# ସାରଥିର ଜନ୍ମଦିନ

ଦୁଃଖୀ ଘରେ ତାର ଜନମ ତାର ନାମ ସାରଥି,
ବାପ-ମାଆଙ୍କର ଗୋଟିଏ ବୋଲି ଶରଧା ଅତି ।
ସାରଥିକୁ ଦିନେ ବୋଇଲେ ବାପା ପାଖକୁ ଡାକି,
"କାଲି ହେବ ତୋର ଜନମ-ଦିନ ଜାଣିଛୁଟିକି ?
ନୂଆ ଲୁଗା, ନୂଆ ଖେଳନା ମୁଁ ବା ପାଇବି କାହିଁ ?
କୋରା ଖଜା କିଣି ଦେବାକୁ ପାଖେ ପଇସା ନାହିଁ ।
ପିଠାପଣା ଯାହା ଅଳପ ମାଆ କରିବେ ଘରେ
ସ୍କୁଲ୍‌ଟି ଛୁଟି ନେବାକୁ ମନ ହେଉଛି କିରେ ?"

ସାରଥି ବୋଇଲା, "ବାପା ହେ, ଖାଲି ଛୁଟି କି ହେବ
ମନ ଇଚ୍ଛା ମୋତେ କାଲିକି ଯେବେ ଗୁଡ଼ି ନ ଦେବ ?
ଯାହା ମୋର ଖୁସି କରିବି କାଲି ଦିନକ ପାଇଁ,
ସବୁ ଦିନ ପରି ଆକଟ ମୋତେ କରିବ ନାହିଁ ।"

ଆଜି ସାରଥିର ଜନମ-ଦିନ ସ୍କୁଲ୍‌ ଛୁଟି,
ନଈକୂଳ ଆଡ଼େ ଧାଇଁଲା ସାର ସକାଳୁ ଉଠି ।
ନଈକୂଳ ଜାମୁଗଛରେ ଚଢ଼ି ଖାଇଲା କୋଳି,
କୋଳି ଖାଇସାରି ଡାଳରେ ଯାଇ ଖେଳିଲା ଦୋଳି ।
ଦୋଳି ଖେଳୁ ଖେଳୁ ଭାଙ୍ଗିଲା ଡାଳ ପଡ଼ିଲା ତଳେ,
ଝାଡ଼ିଝୁଡ଼ି ହୋଇ ଉଠି ସେ ପୁଣି ମନରେ ଭାଳେ—
'ଏ ଯେଉଁ କୁକୁର ଆସୁଛି ତାକୁ ମାରିବି ଟେକା';
ତାକୁ ଜଣାନାହିଁ କାମୁଡ଼ା, ସେଟା ବଡ଼ ଚରକା ।

ମାଇଲା ବୋଲୁଅ, କୁକୁର ରାଗେ ଆସିଲା ଧାଇଁ,
ସାରଥି ଗୋଡ଼କୁ କାମୁଡ଼ି ଦେଇ ଗଲା ପଳାଇ ।
ବହୁ କଷ୍ଟେ ଉଠି ସାରଥି ଗୃହେଁ ସଉକଟଲେ,
ନେଉଳ ଛୁଆଟି ପଶିଟୁ ବଣ ବୁଦା ଗହଳେ ।

ଧରିବାକୁ ତାକୁ ଧାଇଁଲା ସାର ପାଗଳ ପରି,
ବେଢନାସି ଲଗି ଗାମୁଛା ଖଣ୍ଡ ଗଲା ଯେ ଚିରି ।
ତହୁଁ ସେ ମନରେ ବିଚାରେ, 'ଏବେ ପାଇଲି ଦଗା,
ଖାଇଲି କଚଡ଼ା, କାମୁଡ଼ା, ଚିରିଗଲା ମୋ ଲୁଗା ।

ଜାଣିଲି ଏବେ ମୁଁ କାହିଁକି ପିତାମାତା ଯେ ମୋର
ଶାସନ କରନ୍ତି ମୋଠାରେ ହୋଇ ଏତେ କଠୋର ।

ପିତାମାତା ଗୁରୁ କହନ୍ତି ଅବା କରନ୍ତି ଯାହା,
ପିଲାଙ୍କ ମଙ୍ଗଳ ପାଇଁକି ନିଶ୍ଚେ ଜାଣିଲି ଏହା ।

ଆଉ ନ ଛାଡ଼ିବି ଏଣିକି ଗୁରୁଜନ-ବଚନ,
ଛାଡ଼ିଲେ ନିଶ୍ଚେ ମୁଁ ଭୋଗିବି ପଦେ ପଦେ କଷଣ ।'

## ପରଶୁରାମ ଦାସ ( ୧୯୦୮—୧୯୭୬ )

[ ଜନ୍ମ କଟକ ଜିଲ୍ଲା ବାଲିକୁଦା ନିକଟ ଅଲାବୋଲ ଗ୍ରାମରେ—ବି. ଏସ୍‌ସି. ପାସ କଲାପରେ କିଛି ଦିନ ଟାଟା କମ୍ପାନୀରେ କାର୍ଯ୍ୟ କରିଥିଲେ—ତା'ପରେ ଦୀର୍ଘ-ଜୀବନ ଶିକ୍ଷକତା—୧୯୬୯ ରେ ବାଲିକୁଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦରୁ ଅବସର ନେଲେ । ତାଙ୍କର ବହୁ ରଚନା ଅପ୍ରକାଶିତ ଅଛି । ପ୍ରକାଶିତ ପୁସ୍ତକ—'ସପନ ଫୁଲ' ]

### ବୁବୁଲି ଭାଇର ଜନମଦିନ

ବୁବୁଲି ଭାଇର ଜନମଦିନ
ବୋଉ କରୁଥିଲେ ପିଠା,
କାହାକୁ କାହାକୁ ଡକାଯିବ ହେବ
ଅପା କରୁଥିଲା ଚିଠା ।

ସିଏ ଯେଉଁ ନାଆଁ କହିଲେ ଭାବି
ସବୁ ହୋଇଗଲା ଲେଖା,
ମୁଁ ନାଆଁ ଟାଏ କହିଲି ବୋଲି
ସଭିଙ୍କର ନାକଟେକା ।

ଠିକା ରୁକ୍‌ଣୀ ମଦନା ମାଆ
କାଲି ତ ଆସିବ ବଳେ,
ବଳିଥିବ ଯାହା ନେବ ସେ ଦେଲେ
ନ ଡାକିଲେ ତାକୁ ଚଳେ ।

ବୋଉଙ୍କ ମୁହଁରୁ ଶୁଣି ଏ କଥ
ମନଟା ମୋ ଗଲା ମରି,
ଚାକରାଣୀ ଘରେ ବାସି ଅଇଁଠା
ଖାଇବ କୁକୁର ପରି !
ପେଟ ପାଇଁ ଘରେ ଚାକର ଝିଟି
ସେ କିଆଁ ହୋଇଲା ଶ୍ରେଷ୍ଠ ?
ସରକାର ଘରେ ଚାକର ବାପା
ମନଟା ଆମର ମୋଟ ।
ବୋଉକୁ କହିଲି, 'ବୋଉ ଲୋ ବୋଉ,
ଖାଇବି ନାହିଁ ମୁଁ ଆଜି,
ମଦନା ମାଆକୁ ଦେବୁ ମୋ ଭାଗ
ଡାକିବ ହେଲେ ତୁ ରାଜି ।'
'କି କଥା କହୁ ରେ ?' କହିଲା ବୋଉ,
'ଖାଇବୁ ନାହିଁ ତୁ କିଆଁ ?
ମନ ଯେବେ ତୋର ଡା'କେ ଯାଇ,'
ଶୁଣି ମୁଁ ମାରିଲି ଡିଆଁ ।
ମଦନା-ମାଆର ଦୁଆରେ ଯେବେ
କହିଲି ତାକୁ ମୁଁ ଡାକି
ମୁହରେ ତାର ଯେ ଫୁଟିଲା ହସ
ଆଖିରେ ଅଛି ମୋ ଲେଖି ।
ଯେତେ ଯେ ଆସିଲେ ଖାଇଲେ ଗଲେ
ମୁହଁରେ କହିଲେ ଭଲ,
ମଦନା-ମାଆର କଇଲଣଟି
ସେଇ ଦେଲା ମୋତେ ବଳ ।

●

[ 'ସପନ ଫୁଲ' (୧୯୭୬) ]

ଡମ୍ବରୁଧର ପରିଡ଼ା ( ୧୯୦୯— )

[ ଜନ୍ମ ପୁରୀ ଜିଲ୍ଲା ଖୋର୍ଦ୍ଧା ସବ୍‌ଡିଭିଜନ ଗୋଳବାଇ ଗ୍ରାମରେ —ବି. ଏ., ଡି. ଇଡ଼. ପାସ ପରେ ପ୍ରାୟ ୫୦ ବର୍ଷରୁ ଅଧିକ କାଳ ଶିକ୍ଷକତା କରିଛନ୍ତି । ସାହିତ୍ୟକୃତି :—'କବିତା ମଞ୍ଜରୀ', 'ପ୍ରଦୀପ', 'ତ୍ରିବେଣୀ' ପ୍ରଭୃତି କବିତା ପୁସ୍ତକ । ]

## ବଉଳାର ସତ୍ୟରକ୍ଷା

ଏ ଘୋର କଳିକାଳ କହିଲେ କଥା
କିଏ ସେ ଯିବ ଅବା ପରତେ,
ବଣର ପଶୁପକ୍ଷୀ ସତ୍ୟକୁ ପାଳି-
ଥିଲେ ସେ କାଳେ ଏହି ମରତେ ।

ପେଟଚିନ୍ତାରୁ ବଳି ବିବେକ ବୁଦ୍ଧି
ପଶୁପ୍ରାଣରେ ଥିଲା ପ୍ରବଳ,
ଶକ୍ତିର ଆଳ ଧରି ସବଳ ପ୍ରାଣୀ
ଗଞ୍ଜୁ ନ ଥିଲା କେବେ ଦୁର୍ବଳ ।

କାଞ୍ଚି ରାଇଜେ ଥିଲା ଅଖ୍ୟାତ ପଲ୍ଲୀ
କାଞ୍ଚନପୁରୀ ନାମ ତାହାର,
ବୁଢ଼ୀ ବ୍ରାହ୍ମଣୀଟିଏ ଥାଏ ସେ ଗ୍ରାମେ
ଏ ସାରା ଦୁନିଆରୁ ବାହାର ।

ସହାୟ ସମ୍ବଳ ତା ନ ଥିଲେ କେହି
ପୁଅ, ଝିଅ ବା ସ୍ୱାମୀ, ଶ୍ୱଶୁର,
ଦୁଃଖ-ଧନ୍ଦାରେ ଦିନ କଟାଇ ବୁଢ଼ୀ
ନିରତେ ଜପୁଥାଇ ଈଶ୍ୱର ।

ଜୀବନେ ଗଣ୍ଠି ଧନ ଧେନୁଟି ତାର,
ଶ୍ରଦ୍ଧାରେ ଡାକେ ବୁଢ଼ୀ ବଉଳା,
ବନ ଉପାନ୍ତେ ଚରି ଆସଇ ଆପେ
ନ ହେଉଁ ନିତି ସଞ୍ଜ ମଉଳା ।

କାଳେ ବଉଳା ଗର୍ଭ ହୋଇଲା ଭାରି,
ଜନ୍ମିଲା ଯଥାକାଳେ କୁମରୀ,
ସନ୍ତାନ ଗୁଡ଼ି ଘରେ ପଶଇ ବନେ
ଲୋଡ଼ି ନବୀନ ତୃଣ ପତର ।

ଦୁର୍ଗମ ଗିରିଦରୀ ସଞ୍ଚରେ କେବେ
ଧକା ନ ଥାଏ ତିଳେ ମନରେ,
ପହ୍ନାରୁ କ୍ଷୀରଧାର ପଡ଼ଇ ଝରି
ଫେରଇ ଘରେ ଯେବେ ସଞ୍ଜରେ ।

ଫେରୁଛି ଦିନେ ଧେନୁ ଉଚ୍ଛନ୍ନ ଚିତ୍ତ
ଭେଟିଲା ବନପଥେ ଶାର୍ଦ୍ଦୂଳ,
ବିରାଟ ଭୀମ ରୂପ, ବସିଛି ଜଗି
କ୍ଷୁଧାରେ ଚିତ୍ତବୃତ୍ତି ଆକୁଳ ।

କହିଲା ମହାବଳ, "ଯାଉ ତୁ କେଣେ ?
ମୁଁ ସାତଦିନ ହେଲି ଉପାସୀ,
ଦଇବ ଭେଟାଇଛି ଆହାର ଦ୍ରବ୍ୟ,
ଜୀବ ମୋ ରହୁ ତୋତେ ଗରାସି ।"

କହିଲା ବଉଳା, "ମୋ ରହିଛି ଘରେ
ସାତ ଦିନର ଶିଶୁ କୁମର,
ତୃଷାରେ କଣ୍ଠ ତାଲୁ ଯିବଣି ଶୁଖି
କ୍ଷୁଧାରେ ହେଉଥିବ ଅସ୍ଥିର ।

ପହ୍ନାରୁ କ୍ଷୀର ଦେଖ ପଡ଼ଇ ଝରି
ଦିଏଁ ତାହାକୁ କ୍ଷୀର ପହ୍ନଲେ,
ନିତାନ୍ତ ଉପବାସୀ ଯେବେ ରେ ବ୍ୟାଘ୍ର
ଭକ୍ଷିବୁ ମୋତେ ଘରୁ ଫେରିଲେ ।"

ନି ବାର ସତ୍ୟ କଲା ବଉଳା ଗାଈ,
ଛାଡ଼ିଲା ବ୍ୟାଘ୍ର ତାକୁ ସରଣୀ,
କ୍ଷୀର ପିଇ ସନ୍ତୋଷ ଲଭନ୍ତେ ଶିଶୁ
ଭାଷିଲା ଧୀରେ ତାକୁ ଜନନୀ,

"ପିଅ ରେ ଧନମଣି ପୂରାଇ ପେଟ
ଜନନୀ ସ୍ତନ କ୍ଷୀର ନିଃଶେଷି,
ତୋ ଲାଗି ସତ୍ୟ କରି ବାଘର ଆଗେ
ଆସିଛି ବନ୍ଧୁମତେ ଆଶ୍ୱାସି ।

କାଲି ତୋ ସଙ୍ଗେ ଆଉ ନାହିଁ ରେ ଭେଟ,
ଫେରିଲେ କରିବ ସେ ଆହାର,
ସାତଦିନ ଉପାସୀ ଥିବ ସେ ଗୃହିଁ
କ୍ଷୁଧାରେ ହେଉଥିବ ଆତୁର ।"

କହିଲା ଶିଶୁ, "ଯେବେ କରିଛୁ ସତ୍ୟ,
ରହିବି ଏକା କପାଁ, କପର ?
ତୋ ସଙ୍ଗେ ଖାଉ ମୋତେ ଉପାସୀ ବ୍ୟାଘ୍ର
ସତ୍ୟ ତୋ ରକ୍ଷା ହୁଏ ଯେପରି ।"

ଫେରିଲେ ମାଆ ପୁଅ କାନନପଥେ
ଗୃହିଁ ତାହାଙ୍କୁ ବ୍ୟାଘ୍ର ଚକିତ,
ତା କଣ୍ଠେ ଝରେ କାଳ କରୁଣା ଅବା,
କହିଲା କଥା ଧୀର, ସସ୍ମିତ;

"ଧନ୍ୟ ଧନ୍ୟ ତୁ ଧେନୁ, ଧନ୍ୟ ତୋ ଶିଶୁ,
ଧନ୍ୟ ତୋହର ସତ୍ୟ ବଚନ !
ପ୍ରାଣର ମାୟା ତେଜି ଆସିଲୁ ଆପେ
ସଙ୍ଗରେ ଘେନି ଶିଶୁ ନନ୍ଦନ ।

ପ୍ରାଣୀ ହିଂସାରେ ପୁଷ୍ଟ ଏ ପାପ ପ୍ରାଣ
ଯାଉ ପଞ୍ଚତ୍ୱେ ଆଜି କ୍ଷୁଧାରେ,
ରହୁ ତୋ ପୁଣ୍ୟ ପ୍ରାଣ, ଫେର ତୁ ଘରେ
ତୋ ଶିଶୁ ସଙ୍ଗେ ବିନା ଦ୍ୱିଧାରେ ।"

ଫେରିଲା ଶିଶୁ ସଙ୍ଗେ ବଉଳା ଘରେ,
କ୍ଷୁଧାରେ ଗଲା ବ୍ୟାଘ୍ର ମରଣ,
ପୁରାଣ କମ୍ବଦନ୍ତୀ ଆଜି ବି ଗାଏ
ସତ୍ୟ ତ୍ୟାଗର ମହିମା ମହାନ

ଅନନ୍ତ ପଟ୍ଟନାୟକ ( ୧୯୧୦— )

[ ଜନ୍ମ ପୁରୀ ଜିଲ୍ଲା ବାଲିପାଟଣା ଥାନା ଚଣାହଟ୍ଟା ଗ୍ରାମରେ । ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭାଗ ନେଇଥିଲେ । ରାଜ୍ୟ ସରକାରଙ୍କ 'ଶିଶୁ ସାହିତ୍ୟ ସମିତି'ର ସେକ୍ରେଟାରୀ ଏବଂ 'ଶିଶୁଲେଖା' ପତ୍ରିକାର ସମ୍ପାଦକ—ଏହାଙ୍କ କବିତା ପୁସ୍ତକ 'ଅବାନ୍ତର' କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ—ରଚନାବଳୀ : 'କୁନୁମୁନୁ', 'ଛବିଟିକି ଗପଟିଏ', 'ନାଲି ଟୁକୁ ଟୁକୁ', 'ରାଇକ ଛୁଟା', 'ଅଲୋଡ଼ା ଲୋଡ଼ା' ପ୍ରଭୃତି । ]

## ଟୁପୁରୁ ଟୁପୁ

ଟୁପୁରୁ ଟୁପୁ ବରଷେ ମେଘ
ଅଗଣାସାକ ପାଣି,
ଆଆ ରେ ଆଆ ! ପାଣିଫୋଟକା
ହାତରେ ନେବା ଗୁଣି !
ଆହା ରେ ସେ ତ ନ ଛୁଇଁ ଛୁଇଁ
ମିଳାଇଯାଏ କାହିଁ ?
ତାକୁଇ ଯିବା ପାରିଲେ ଧରି
ଅସଲ ମଜା, ଭାଇ !
ଟୁପୁରୁ ଟୁପୁ ପତର ଝଡ଼େ
ଥୁରୁଥୁରିଆ ବାଆ,
ଛକ ଛକକା ପତରଚକି
ଉଡ଼ାଇଦେବା, ଆଆ ।

ଗୋଟିକ ପରେ ଗୋଟିଏ ଯିବ,
ରହିବା କେଉଁ ଠାଇଁ ?
ପବନ ସୁଏ ଭାସି ଭାସିକା
ଧରିବାନକ ଧାଇଁ ?
ଖୁପୁରୁ ଖୁପ୍ ବେଙ୍ଗ ଡିଏଁ
ଝିଣ୍ଟିଆ ପୋକ ଉଡ଼େ,
ଝଙ୍କଝଙ୍କା ଝିଙ୍କିଟିଏ
ଲୁଚେ କି ବାଟ, ଲୁଚେ ?
ପିଢ଼ାରେ ଅନା, କଖାରୁ ଫୁଲ
ସୁନାର ଥାଳ ଅବା !
ଗୁଳିଆ ତଳେ ଚଇଁଚଇଁକା
ଚଢ଼େଇ କୁଳ ସଭା ।
ସୁରୁସୁରିଆ ପତର ନାଆ
ନାଇଁରେ ତାର ଗୁଣ,
ଝିଣ୍ଟିକାଠି, ଗୋଡରେ ତାର
ମାଲୁଚ ବସି କାଉ !
ଆଆ ରେ ଆଆ ! କାଗଜେ ଗଢ଼ି
ଜାହାଜ ଦେବା ଛାଡ଼ି,
ଆଣିବା ଯାଇ ମାଣିକ ମୋତି
ଦରିଆପୁର ଝାଡ଼ି ।
ଝୁପୁରୁ ଝୁପୁ ଡାକୁଛି ମେଘ
କାହାରେ କେତେ ସାଥୀ,
ଆଆ ରେ ଆଆ ! ସବୁରି ମେଳେ
ଖେଳିବା ଆଜି ମାତି ।
ଥାଉ ରେ ଥାଉ କାଞ୍ଜି ପଠା
କଉଡ଼ି ଖେଳ ଥାଉ,
କ୍ୟାରମ-ଗୋଟି ଥାଉ ରେ ଗଡ଼ି
କଣକୁ କାହିଁ, ଯାଉ !

( 'କୁନୁକୁନ,' ୧୯୬୭ )

# ଲିଲୁ କହେ ଲିଲି

ଲିଲୁ କହେ 'ଲିଲି' 'ଲିଲି' ଲୁଲୁ କହେ 'ଲୁ' !
ସନ୍ ସନାସନ୍ ବହିଲା ବାଆ ନଈରେ ସୁଅ ସୁ ।
ନାହିଁ ରେ ନାହିଁ ସୂର୍ଯ୍ୟ ନାହିଁ !
ବିଜୁଳି ମାରେ ସାଇଁ ସାଇଁ !

ଝମ୍ ଝମାଝମ୍ ବର୍ଷା ଝରେ ଘର୍‌କୁ ଦେବା ଛୁ !
ଲିଲୁ କହେ ଝପଟି ଯିବା ଲୁଲୁ କହେ ହୁଁ !

ଖପ୍ ଖପାଖପ୍ ବେଙ୍ଗ ନାଚେ ଟେଙ୍ଗ କରେ ଆଁ,
ଘୁମ୍ ଘୁମାଘୁମ୍ ଘୁମୁରି ବାଜେ ଝିଞ୍ଜି ଡାକେ ଝିଁ;
ନାହିଁ ରେ ନାହିଁ ଜହ୍ନ ନାହିଁ,
ଚମକେ ଗ୍ରୁଡ଼ି ଘୁଇଁ ଘୁଇଁ !

ସଂଜ ତାରା—ସଳିତା, ଗୁହାଁ ! ବାଦଲ୍ କଲା ଫୁଂଃ !
ଚବ୍ ଚବାଚବ୍ ରାସ୍ତା ପାଣି ଶଙ୍ଖ ବାଜେ ଭୁଁ ।

ଟପ୍ ଟପାଟପ୍ ପତର ଝଡ଼େ ବାଉଁଶ ବଣ କେଁ !
ଚକ୍ ଚକାଚକ୍ ଚକୁଳି ଡାକେ କରେଇ କୋଳେ ଚେଁ !
ନାହିଁ ରେ ନାହିଁ ସଙ୍ଗୀ ନାହିଁ
ଗର୍ଜେ ରାତି ଖାଇଁ ଖାଇଁ,

ଅରଖ୍ ଫୁଲ ପାଖୁଡ଼ା ପରେ କିଏ ସେ କାଶେ ଖୁଁ ?
ଲିଲୁ କହେ "ଲିଲି ଲିଲି ! ଘର୍‌କୁ ଦେବା ଛୁ !"
ଝମ୍ ଝମାଝମ୍ ବର୍ଷା ଝରେ ନଈରେ ସୁଅ ସୁ ।

('କୁନୁକୁନ'—୧୯୬୭)

# କଏ ଏଇ ଗୁହେଁ ରେ

ଖୁରୁ ଖୁରୁ ଖୁରୁଙ୍ଗ          ପାହାଡ଼ର ଖୁଆଡ଼େ
ଝୁଡ଼ୁ ଝୁଡ଼ୁ ଝୁଡ଼ୁଙ୍ଗ          କୁଡ଼ିଆର ଉହାଡ଼େ ।
ଘାଟି ମୂଳେ କଏ ରେ          ଜୁକ୍ରୁ ଜୁକ୍ରୁ ଜୁକ୍ରୁକା !
କଠାଗଠା ଡିଏଁ ରେ          ଗୁଣ୍ଡ ଉଠେ ଧୂଳୁକ !
ସଳପର ରସରେ          ଶୋଷ ମାରେ ବାଠୋଇ;
ଶିମୁଳର ହସରେ          ଶୁଆଠିଏ ନାଠୋଇ !

ଘାଟି ଉଠେ ମଠର,
ଶାଖି କେଁ କଠର !
ମୟୂରଠା ଡରକ
ଉଡ଼ିଗଲ ସର୍କ !

ପାହାଡ଼ର ତଳାରେ          ବେତକୋଳି ଉଇଁଚ,
ଦୋଳୁଚ କା' ଗଳାରେ          ଟକ ଟକ କାଇଁଚ !
ଧଳା, କଳା, ଧୂସର          ପରଖୋସା କେଶରେ,
ହସ କର ଅସର,          ଲଙ୍ଗୁଳି ବେଶରେ
          କଏ ଏଇ ଗୁହେଁ ରେ
ଧକ ଧକ ମଠର !          ନୂଆ ଯୁଗ ସାଥିରେ
          ଏ କି ନାହିଁ ଧାଏଁ ରେ ?

( 'ଶିଶୁଲେଖା'—୧୯୭୮ )

ରାଧାମୋହନ ଗଡ଼ନାୟକ ( ୧୯୧୧— )

[ ଅନୁଗୁଳ ନିକଟ କଲଣ୍ଡାପାଳ ଗ୍ରାମରେ ଜନ୍ମ—ଅଳ୍ପ ବୟସରୁ ତାଙ୍କ କବିତ୍ୱର ପରିଚୟ ମିଳିଥିଲା । ଗାଥା-କବିତା ରଚନାରେ ନିପୁଣ କଳାକାର—ତାଙ୍କ ଗୀତି-କବିତାଗୁଡ଼ିକରେ ମାତ୍ରାଛନ୍ଦ ପ୍ରୟୋଗ ଶୈଳୀ ଅତି ଚମତ୍କାର—ରଚନାବଳୀ :—'କାବ୍ୟନାୟିକା', 'ଉତ୍କଳିକା', 'ମୌସୁମୀ', 'ଶାମୁକାର ସ୍ୱପ୍ନ,' 'ପଶୁପକ୍ଷୀର କାବ୍ୟ', 'ନବଜାତକ', 'କୈଶୋରିକା' ପ୍ରଭୃତି । ]

## 'ଆମ ଲକ୍ଷି ଲୁଗା ଏଇ'

ସତ୍ୟବାଦୀର ନିବିଡ଼ ବଉଳ
ଛୁଇଅନା ତରୁଛାଇ,
ହସୁଥିଲା ବନ— ବିଦ୍ୟାପୀଠର
ଦୀପ୍ତ ମୟୂଖ ପାଇ ।

ସଇନିକ ହୋଇ ଚଳାଇବେ ବୋଲି
ଦେଶର ମୁକତି-ରଣ,
ପ୍ରାଣ ଗଢ଼ୁଥିଲେ ଦେଶର ତରୁଣ
କିଶୋର ଯୁବଗଣ ।

ସତ୍ୟବାଦୀର ଆଶ୍ରମବାସେ
ତରୁଣ ଜୀବନମେଳେ
ଦେଶର ସେବକ ଉତ୍କଳମଣି
ରହୁଥିଲେ ବେଳେ ବେଳେ ।

ଧନକର ଡାକ କହିଦେଲେ, "ଭାବ,
ଲୁଗା ଆଜ ମୋର ନାହିଁ,
ଭଲ କରି ଦେଖି ଲୁଗା ଖଣ୍ଡିଏ
କିଣିଆଣ ମୋହପାଇଁ ।"

ସ୍ନାହାନରୁ ଫେରି ମୋ ଦେଶବନ୍ଧୁ
ଦେଖିଲେ ହରଷଭରେ,
ନୂଆ ଲୁଗାଟିଏ ଥୁଆ ହୋଇଅଛି
ସେଇଠି ଚଉକିପରେ ।

ଖୋଲିଖୋଲି କରି ଦେଖାଚୁହାଁ କଲେ
କହିଲେ, "ରେ ଭାବଗ୍ରାହୀ !
ଏଡ଼ିକି ପତଳା ଏଡ଼େ ବଡ଼ ଲୁଗା
ମୋର ତ ଚଳିବ ନାହିଁ ।

ଯେଉଁ ମୁଲକରେ ମଣିଷ ପାଏନି
ପିନ୍ଧିବା ପାଇଁ ବାସ,
ଯୋଡ଼ିହେଲା ବିନା କଷ୍ଟେ ଯାପଇ
ଶୀତ ବରଷାର ତ୍ରାସ;

ଗାଆଁରେ ଗାଆଁରେ କାହିଁ ବନ୍ଧୁ, କାହିଁ
ନବ-ଯଉବନା ଝିଅ
ସାତସିଆଁ ଚିରା ବସନରେ ଆହା
ଲୁଚାଇ ପାରୁନି ଦେହ;

ବରଷ ବରଷ ନଈବଢ଼ି ହୋଇ
ଗାଁ ଘର ଯାଏ ବୁଡ଼ି,
ବରଷା ଅଭାବେ ନଆଁ ଜଳେ କାହିଁ
ଗୃହବାସ ଯାଏ ଉଡ଼ି;

ଅଭିଶପ୍ତ ଏ ଗରିବ ଦେଶରେ
କହ ଆଜ କେଉଁଘର
ବିବେକ ନନ୍ଦ ଏ ଲୁଗା ପିନ୍ଧି
ଗୃଳିବ ଅବୋଧ ଭଳି ?”
ନୂଆ ବସନଟି ସେଇଠି ସେମିତି
ଚଉକି ଉପରେ ଥୋଇ
ତଳେ ବସିପଡ଼ି ଉପାସନା କଲେ
କାତରହୃଦୟ ହୋଇ ।
ଆକୁଳ ଅଶ୍ରୁ ଜଟିଳ ଶ୍ମଶ୍ରୁ
ଜଳରେ ଧଉତ କରି
ଦରଦୀ ପ୍ରାଣର ବକ୍ଷ ଉପରେ
ଅଝଟରେ ପଡ଼ିଲା ଝରି ।
ବିଶ୍ୱର ଲାଗି ଅବିରତ ଜାଗି
ଢାଳଇ ଜୀବନ ସାର,
ନିଃସ୍ୱ ଦଳିତ ପ୍ରାଣର ବ୍ୟଥାରେ
ନୟନୁଁ ଝରଇ ଧାର;
ଉପାସନା ସାରି ଦେଖିଲେ ଆମରି
ଗରିବ ଦେଶର ସଖା,
ପୂରୁବ ଜାଗାରେ ଶ୍ରେଷ୍ଠ ଲୁଗାଟିଏ
ସେମିତି ହୋଇଛି ରଖା ।
ପିନ୍ଧିଲେ ଅଣ-ଓସାର ଲୁଗାଟି
ଆଶ୍ରୁ ଲୁଚିଲା ନାହିଁ,
ହୃଦ ଖୋଲି ଦେଇ କହିଦେଲେ, “ବାବୁ,
ଆମ ଲାଗି ଲୁଗା ଏଇ ।”

# ସୁଭାଷ ଓ ଗୁଣିଆ

ଛଅ ଦିନ ହେଲା  କଟକ ସହରେ
ଲାଗିଅଛି ମହାମାରୀ,
ଦିନଟିଏ ଗଲେ  ଯୁଗ ମଣୁଅଛି
ଶଙ୍କିତ ନରନାରୀ ।

ଯାହା ଘରେ ଅଛି  ଧନ ଦଉଲତ
ଯାଉ ଅଛି ଧନ-ଜନ,
ତାଆରି ଦୁଆରେ  ଦେଖା ଦେଉଅଛି
କବିରାଜ, ଡାକ୍ତର ।

ମୃତ୍ୟୁର ଲୀଳା  ସାଇରେ ସାଇରେ
ବଢ଼ୁଅଛି ଦିନରାତି,
ଭରି ଉଠୁଅଛି  ସଞ୍ଜ-ଚଉପାର,
ଖାନ୍-ନଗରର ସ୍ମୃତି ।

ଭସ୍ମେ ଭସ୍ମେ ଧୂଳି  ଝଡ ଝପେଟେ
ଚମକଇ ପଥଭୁଷୀ,
ଛଅ ଦିନ ହେଲା  କଟକ ସହରେ
ଲାଗିଅଛି ମହାମାରୀ ।

ଚଉଦ ବରଷ  ବୟସ ତାହାର
ନୟନେ ଉଜ୍ଜଳ ଆଶା,
କଣ୍ଠେ କୋମଳ  ସହାନୁଭୂତିର,
ସମବେଦନାର ଭାଷା ।

ସ୍ୱେଚ୍ଛାସେବକ—　　　　ଦଳଟିଏ ଗଢ଼ି
　　ବୁଲି ବୁଲି ଘରେ ଘରେ,
ଅନ୍ନୌଷଧ, ପଥ୍ୟ　　　　ବଣ୍ଟଇ ଆଜି
　　ସେବା କଲ୍ୟାଣ କରେ ।

କିଏ ସେ ବାଳକ　　　　ପୀଡ଼ିତ ପ୍ରାଣର
　　ବୁଝୁଅଛି ଅବଶୋଷ,
ଏଇ କଟକର　　　　ଛୁଆଟିଏ ସେ
　　ଦରଶା ସୁସ୍ପଷ୍ଟ ତୋଷ ।

ମୂର୍ଚ୍ଛାର ଘେନି　　　　ଦୁଇ ଦୁଇ ଥର
　　ସଙ୍ଗୀ ଭଗ୍ନୀଙ୍କୁ ଯାଇ,
କ୍ଲାନ୍ତ ସୁରଥ—　　　　ଦଳ ଫେରୁଅଛି
　　ଦୁସ୍ତର ପଥ ବାହି ।

ଅନ୍ତରାଳରୁ　　　　କହଇ କିଏ ସେ,
　　"ଦୁଖିଆର, ଦୁଖିଆର,
କାଲି ଦେଖିନେବ　　　　ତୁମେ କରିଜାଣ
　　କେତେକ ପର ଉପକାର ।

ଜାଣୁ ଜାଣୁ ତୁମେ　　　　ମୋହର ଖାନାରେ
　　ଭରି ଦେଉଅଛ ଧୂଳି,
କାଲି ଦେଖିନେବ　　　　କି ସେବା କରିବ
　　ଘର ଘର କେତେ ବୁଲି ।"

ଶରତ କହଇ,　　　　"କିଏ ଏ ଲୋକଟା
　　ଜାଣିଅଛ କେବେ ଭାଇ ?"
"ମନ୍ଦ, ସନ୍ଦ　　　　କରି ଏ ଗୁଣିଆ
　　ଘୂରୁଅଛି ଯାଇ ଯାଇ ।"

ସୁଭାଷ ବୋଲଇ, "ଆମେ ତ ଲଗିଛୁ
ପାଢ଼ିରେ ମଣିଷ ପାଇଁ,
ବିପଦକୁ ଆମେ ଖାତିର କରୁନୁ
ଶଙ୍କା ଆମର ନାହିଁ ।"

ତହିଁ ଆର ଦିନ ଗୁଣିଆର ଘରେ
ଠାକୁରାଣୀ ଦେଲେ ଦେଖା,
ଗୁଣିଆ ତ ଘରେ ନାହିଁ, ଗୁଣିଆଣୀ
ପଡ଼ି ରହିଅଛି ଏକା ।

ପାଖରେ ସୁଭାଷ ସାଦରେ ବସିଛି,
କରୁଛି ରୋଗୀର ସେବା,
ଯଦୁନାଥ ଧାଆଁ— ଦଉଡ଼ କରୁଛି
ଅଉଷଧ ଆଣି ଦେବା ।

ଦିନ ଅବସାନେ ଗୋଧୂଳି ବେଳାରେ
ଗୁଣିଆ ଫେରିଲା ଆସି,
ଶତ୍ରୁ ଯାହାକୁ ଭାବୁଥିଲା କାଲି
ସେଇ ତ ସ୍ନେହର ରାଶି ।

କାତର ହୋଇ ସେ କାନ୍ଦିଲା, "ଭାଇ,
କ୍ଷମା ମୋତେ ଦିଅ ଆଗେ,
ମୂର୍ଖ ଅବୋଧ ଯାହା ଯାହା କାଲି
କହିଦେଲି ମୁହିଁ ରାଗେ ।

ବାଡ଼-ଠାକୁରାଣୀ ପୂଜା ଦେଇ ମୁହିଁ
ଯା କିଛି କମାଉଥିଲି,
କାଲି ଭାବୁଥିଲି ବାଧା ଦେଉଅଛ
ତୁମେମାନେ ସବୁ ମିଳି ।

କାଲି ସେଇ ଲାଗି ତୁମରି ପଥରେ
ରୋଷରେ ମୁଁ ଥିଲି ଶାସି,
ଦେବଦୂତ ତୁମେ ଜୀବନ ଦେଇତ
ମୋହର ଘରକୁ ଆସି ।

କାଲି ହୋଇଥିଲି ଶତ୍ରୁ ତୁମର,
ମିତ୍ର ହେଲି ମୁଁ ଆଜି,
ନୟନ ଖୋଲି ମୁଁ ଦେଖୁଅଛି ଖାଲି,
ଜୀବନ-ତନ୍ତ୍ର-ରାଜି ।”

“ମଣିଷ ଆମେ ରେ”, ସୁଭାଷ କହଇ,
“ଲାଗିରୁ ମଣିଷ ପାଇଁ,
ଜଗତେ ଯେ କରେ ମଣିଷର ସେବା
ଶତ୍ରୁ ତାହାର ନାହିଁ ।”

“ଜାଣୁଆର ମୁହିଁ”, ଗୁଣିଆ ବୋଲଇ,
ସ୍ଫୁରିତ ଗହନ ବଚନେ,
ତୁମରି ଦଳରେ ମଣିଷ ଦଳରେ
ମତେ କରନିଅ ଜଣେ ।”

## ମାଆ ଓ ପୁଅ

"କହ କହ ମାଆ          ସରଗପୁର କ
ଆମ ଏ ଦେଶରୁ ବଳ ?
ସେ ଦେଶେ ଅଛୁ ନା          ମନଭୁଲଣିଆ
ଏତେ ଖଜ ଭଲ ଭଲ ?
ସେ ଦେଶେ ଅଛୁ ନା          ତରା ପୁଞ୍ଜି ପୁଞ୍ଜି
ଇମିତିକା ଜହ୍ନମାମୁ ?
ସେ ଦେଶେ ଅଛୁ ନା          ଇମିତି ବିଜୁଳି
ସାତରଙ୍ଗୀ ଇନ୍ଦ୍ରଧନୁ ?
ସେଠା ବଗିଚାରେ          ନାନା ପରକାରେ
ଫୁଟେ ନା ଭରଆ ଫୁଲ ?
ଏଠା ଫୁଲ ପରି          ବାସେ ମହ ମହ
ସୁନ୍ଦର ଏଠିକା ଭୁଲ ?
ସେ ଦେଶ ଚଢ଼େଇ          ଗୀତ ଗାଏଟିକି
ଆମ କୋଇଲଠୁଁ ବଳ ?
ସେ ଦେଶେ ଅଛନ୍ତି          ପିଲପିଲି ଯେତେ
ଖେଳୁଆଡ଼ ଆମଭଳି ?
ପୁଷମାସ ଶୀତ          ନ ମାନି ଟିକିଏ
ଭୋର ନ ହେଉଣୁ ରାତି
ସେ ଦେଶ ପିଲାଏ          ଫୁଲ ତୋଳନ୍ତି ନା
ମିଳମିଶି ସାଙ୍ଗସାଥୀ ?

ଆଈବୁଢ଼ୀ ସେଠି ସଞ୍ଜବେଳେ ବସି
ସାନ ପିଲାପିଲା ଆଗେ
ବୁଢ଼ୀ ଅସୁରୁଣୀ, ଝୁଆଁ-ଝୁଇଁ ଗପ
କହନ୍ତି ନା କେତେ ବାଗେ ?

ସେ ଦେଶେ ଅଛି ନା କଉତୁକା ଚଳ
ଗୀତ ହସ ଖେଳ ଖାଲି ?
କହ କହ ମାଆ ଶୁଣିବା ନିମନ୍ତେ
ବଳୁଛି ମୋ ମନ ଭାରି ।"

ସେନେହ ସୁଆଗେ ଚୁମା ଦେଇ ମାଆ
କହିଲେ, "ମୋ ଧନ ଆରେ,
ସରଗ ଭଳିଆ ବଢ଼ିଆ ରାଇଜ
ନାହିଁ ପରା କେଉଁଠାରେ ।

ଏ ଦେଶରୁ ବଳି ଆହୁରି ସୁନ୍ଦର
ମନୋହର ଚଉଦିଶ,
ବାରମାସୀ ସେଠି ବସନ୍ତର ସଭା
ଅପୂରୁବ ଭଲି କିସ ?

ସେ ଦେଶେ ମିଳଇ ସବୁ ଦରବ ରେ
ସେ ରାଇଜ ଅକଳନ୍ତା,
ଆଖିରେ ସେ ଦେଶ କିଏ ଦେଖିଛି ସେ
କହିବ ସକଳ କଥା ?"

ନିତ୍ୟାନନ୍ଦ ମହାପାତ୍ର ( ୧୯୧୨— )

( ଜନ୍ମସ୍ଥାନ—ଭଦ୍ରକ ନିକଟସ୍ଥ ତାଳପଦା ଗ୍ରାମ—କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସୁଯୋଗ୍ୟ ପୁତ୍ର—ବିଶିଷ୍ଟ ଗାଳ୍ପିକ ଏବଂ 'ଡଗର' ପତ୍ରିକାର ସମ୍ପାଦକ—୧୯୫୭ରେ ଓଡ଼ିଶା ବିଧାନସଭା ଏବଂ ମନ୍ତ୍ରୀମଣ୍ଡଳର ସଭ୍ୟ—ସାହିତ୍ୟ ସମାଲୋଚନା, କ୍ଷୁଦ୍ର ଗଳ୍ପ ଏବଂ ହାସ୍ୟରସାତ୍ମକ ରଚନା ତାଙ୍କର ବୈଶିଷ୍ଟ୍ୟ । ରଚନାବଳୀ—'ଭୁଲ', 'ଧଳାଗାର କଳାଗାର', 'ଏଗାରଟା', 'ଜଳନ୍ତା ନିଆଁ', 'ହିଡ଼ ମାଟି' ପ୍ରଭୃତି । ]

## ନାନାବାଇ

ନାନାବାଇ ନାନାବାଇ    ଫୁଲ ଖାଇଗଲା ଗାଈ
ଫୁଲ ନାଲି ଟହଟହ    ବାସୁଥାଇ ମହମହ
ବଡ଼ ଧୀର    ହୁଅ ଥିର ।

ନାନାବାଇ ନାନାବାଇ    ମାଆ ଗଲା ଆଣି ଗାଈ
ଖିଆ ତୋର ହଜିନ    ବିନା ସର ଲହୁଣୀ
ନେବୁ ଦୁହିଁ    କାଲି ତୁହି ।

ନାନାବାଇ ନାନାବାଇ    ବାପ ତୋର ମାହୁନ୍ତ
ଧରୁଥିଲେ ଖଣ୍ଡା    ରଣେ ଥିଲେ ରାଉତ;
ତାଙ୍କ ସରି ଯୋଦ୍ଧା    ହେବାକୁ ତୁ ଚାହୁଁ ତ
ଆଜି ଧୀରେ ଶୁଅ ରେ    ହେବୁ ସୁନାପୁଅ ରେ ।

ବାପଧନ ବାପଧନ    ସୁକୁମାର ଫୁଲଟି
ଦୁନିଆରେ କିଏ ରେ    ତୋହସମ ଭୁଲଟି ?

ଆଜି ତୁହି ଶୁଅ ରେ    ସ୍ଲେଟ କଲୁକୁଲଟି
କାଲି ପୁଣି ଉଠିବୁ    ଦୁଧସର ଲୁଟିବୁ ।

ବାଇୟାରେ ବାଇୟାରେ    ବୁହାନାହିଁ ଲୁହ ରେ
କାଲି ପୁଣି ଉଠିବୁ    ଆଜି ଧୀରେ ଶୁଅ ରେ ।

ସେ ଦିନଟି ଆସୁଛି    ଡର ତୋର ନ ଥିବ—
ଶୋଇବାକୁ ଟିକିଏ    ରୁହିଁ କାଲି ବଞ୍ଚିବ ।

ବାଇୟାରେ ବାଇୟାରେ    ଆସୁଛି ରେ ସେ ବେଳ
ନିଦ ତୋର ଭାଙ୍ଗିବ    ବାଜି ରଣ ମାଦଳ;

ଗଜପତି ଦେବେ ରେ    ଯେବେ ତୋତେ ଆଦେଶ
ଶୋଇବୁ ତୁ କେବେ ରେ    ଚେଇଁ ଦେଇ ଏ ଦେଶ ।

ଧନମଣି ଧନମଣି    ବାଇଧନ ଧନ ରେ
ତୋର ବାପ ଗୋସାପ    ଥିଲେ ମହାଜନ ରେ ।

ସାଗରର ଲହରୀ    କାଟିଗଲେ ବଣିକେ
ଆଣି ଧନ ରତନ    ଦଉଲତ ଖଣିକେ ।

ଜାଭା ସୁମାତ୍ରାରେ    ତୋହ ଦେଶ ସୁ-କାରୁ
ଆଜଯାଏ ଝଟକେ    ଦର୍ଶେ କେଡ଼େ ସୁରୁଚୁ !

ତହିଁ ପଦ ପୋତିଲେ    କୀର୍ତ୍ତିର ସ୍ତମ୍ଭ
ଆଜଯାଏ ଅଟଳ    ରହିଛି ସେ ଦମ୍ଭ ।

ବାଜୁଥିଲା ଭାରତେ    ତାଙ୍କ ବୀର ବାଇଦ
ଗୋଦାବରୀ ଗଙ୍ଗା    ଥିଲା ତାଙ୍କ ଗାଇଜ ।

ବଡ଼ ହେବୁ ଯେବେ ତୁ    ହେବୁ ତାଙ୍କ ପରି ରେ
ବୀର ପାଠ ପଢ଼ିବୁ    ବୋଲାଇବୁ ଗୁଣୀ ରେ
    ଆଜି ହୁଅ ତୁନି ରେ ।

ବାଇସ୍ପାରେ ବାଇସ୍ପାରେ  ହୁଅ ନାହିଁ ନରମା,
ତୋହ ପରି ବକଟେ  ଥିଲା ପଗ ଧରମା ।

ବାରଶହ ବଢ଼େଇ  ଦାୟୂ ହେଲା ବେଶୀ ରେ
ହସି ତେଣୁ ପଶିଲା  ସାଗରରେ ଝାସି ରେ ।

କୋଣାରକ କରମା  ନ ଥିଲା ତା ଦରପ,
ତା ନାଆଁ ଟି ଲେଖା ରେ  ଆଜ ସୁନାହରଫ ।

ତାହାପରି ହେବୁ ରେ  ଜଗତକୁ ଚେତାଇ
ଦେଶବଳୀ ହେବୁ ତୋ  ସବୁରିକ ବତାଇ
ନାନାବାଇ ନାନାବାଇ ।

ତୋ ଦେଶର କାହାଣୀ  ଗଉରବେ ଭରତି
ଖାରବେଳ ଭାରତେ  ଥିଲେ ଚକ୍ରବରତି ।

ପୁରୁଷଉତ୍ତମରେ  କୀରତିର ମୁକୁର
କାଞ୍ଚିର ବିଜୟୀ  ନିଜେ ବଡ଼ ଠାକୁର ।

ଗଜପତି ମୁକୁନ୍ଦ  ମନେ ରଖ ଭୁଲ୍ବ ରେ
ବୁହାଇଲେ ଗଙ୍ଗା  ଉତ୍କଳ ଭୁଇଁରେ ।

ଭକତଙ୍କ ମୁକୁଟ  ପରତାପରୁଦ୍ର
ତୋହପରି ଧନେ ରେ  ଥିଲେ ଶିଶୁ କ୍ଷୁଦ୍ର ।

ତାଙ୍କ ପରି ହେବୁ ତୁ  ଜିତିନେବୁ ଜଗତ,
ରକତରେ ପୂଜିବେ  ତୋ ଦେଶର ଭକତ ।

ନରସିଂହ ତୋ ଦେଶେ  କଲେ କୋଣାରକ ରେ
ତୋ ଦେଶର କୀରତି  ଲେଖା ସୁନା ଅକ୍ଷରେ ।

କାଠଯୋଡ଼ି ବନ୍ଧ  ମରକତ କେଶରୀ
ସେ କୀରତି କଏ ସେ  ଯିବ ହେଲେ ପାସୋରି ?

ବଡ଼ଦେଉଳକୁ ରେ  ଗଢ଼ି ଗଲେ ଅନଙ୍ଗ
ତୋ ଦେଶର ନାମଟି  ଥିଲା ପଗ କଳଙ୍ଗ ।

ତୋ ଦେଶର ମାଟିରେ    ତୋ ଦେଶର ଜନମ
ଏଠି ତୋର କରମ    ଏଠି ତୋର ମରଣ ।
ତୋହ ମଥା ଉପରେ    କେତେ ·ହେବ ଝଡ଼ ରେ
ହେବୁ ଯେବେ ବଡ଼ ରେ ।

ନାନାବାଇ ନାନାବାଇ    ଶୁଅ ହୋଇ ତୁନ ରେ
କାଲି ପୁଣି ଉଠିବୁ    ଉଠିବୁ ତୁ ପୁଣିରେ ।
ଶୁଣିବାକୁ ନ ଦେବ    ତୋ ଦେଶର ହୀନତା
ହତାଶର ଭାବନା    ଅତି ବଡ଼ ହୀନତା ।
ମନେ ରଖ ଏତକ    ଦିନେ ତୁହି ଉଠିବୁ
ତୋ ଦେଶର ପାଇଁକ    ବାଇସ୍ୱା ତୁ ଛୁଟିବୁ ।
ବଇରି ତୋ ବହୁତ    ନ କାନ୍ଦରେ ତୁହାଇ
ତାଙ୍କ ଦେହ ରକତ    ଦେବୁ ଦିନେ ବୁହାଇ ।
ନାନାବାଇ ନାନାବାଇ ।

●

( ଜହ୍ନମାମୁ—ଫାଲ୍‌ଗୁନ, ୧୩୪୨ )

**ବଂଶୀଧର ସାମନ୍ତରାୟ ( ୧୯୧୨— )**

[ ଜନ୍ମସ୍ଥାନ କଟକ ଜିଲ୍ଲା ବଡ଼ପଡ଼ା ଗ୍ରାମ—ଓଡ଼ିଶାର ଜଣେ ବିଶିଷ୍ଟ ଉଦ୍ଭିଦବିଜ୍ଞାନୀ, ଗବେଷକ ଏବଂ ଶିକ୍ଷାବିତ୍—ଏକଦା ରେଭେନ୍‌ସା କଲେଜର ଅଧ୍ୟକ୍ଷ ଓ ଶିକ୍ଷା ବିଭାଗର ନିର୍ଦ୍ଦେଶକ ଥିଲେ । ତାଙ୍କର ସାହିତ୍ୟ-ସେବା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ତାଙ୍କୁ ସମ୍ମାନିତ କରିଛି । 'ଉତ୍କଳ ସାହିତ୍ୟ', 'ସହକାର', 'ନବଭାରତ', 'ଜହ୍ନମାମୁଁ', 'ରସରଙ୍ଗ' ଆଦି ପତ୍ରିକାରେ ତାଙ୍କର ବହୁ ପ୍ରବନ୍ଧ ଓ କବିତା ପ୍ରକାଶିତ । ଲେଖାବଳୀ :—'ଶିଶୁର ବାଣୀ', 'ଦରିଆପାରିର ସୁନା' ପ୍ରଭୃତି । ]

## ସାଧବ ଗୀତ

ଦରିଆପାରି ସେ ଦରିଆପାରି
ଡାକେ ମୋତେ ନୀଳ ଲହରୀ ଠାରି ।
ଭାସିଯାଏ ମୋର ବୋଇତ ରଙ୍ଗେ
ଖେଳି ଖେଳି ନୀଳ ଲହରୀ ସଙ୍ଗେ ।
କାହିଁ ଯାଏ ମୁହିଁ ନ ପାରେ ବାରି
ଦରିଆପାରି ସେ ଦରିଆପାରି ।

ସାଧବପୁଅ ମୁଁ ସାଧବପୁଅ
ନ ମାନଇ ନଈ ସମୁଦ୍ର ସୁଅ;
ବୋଇତ ବାହି ମୁଁ ଯାଏ ବିଦେଶେ
ବଣିଜ ପାଇଁ ସେ ବଣିକବେଶେ ।
ଖେଳ ଘର ମୋର ଦରିଆ ସୁଅ
ସାଧବପୁଅ ମୁଁ ସାଧବପୁଅ ।

ଦରିଆ ସେପାରେ ସେ ଯେଉଁ ଦେଶ
ଧରିଥାଏ ଆହା ମୋହନ ବେଶ !
ଭୁଲାଏ ସେ ମୋତେ ଭୁଲଇ ମୁହିଁ
କାଉଁର କାଠି ବା ଦିଅଇ ଛୁଇଁ !
ଦୁଃଖ ଶୋକ ମୋର ନ ରଖେ ଲେଶ
ଦରିଆ ସେପାରେ ସେ ଯେଉଁ ଦେଶ ।

ଭୁଲଇଁ ଶୁଣି ସେ ଦେଶ କାହାଣୀ
ସେ ଦେଶ ମୋ ମନ ନିଅଇ ଟାଣି;
ସୁନାରୁପା ତହୁଁ ଆଣଇ ଯେତେ
ସେ କଥା ଅବା ମୁଁ କହିବ କେତେ !
କେତେ ଛବି ମୋତେ ଦେଖାଏ ଆଣି
ଭୁଲଇଁ ଶୁଣି ସେ ଦେଶ କାହାଣୀ ।

ବେପାର ବଣିଜ ବେବସା ମୋର,
ନାହିଁ ଡରେଁ ମୁହିଁ ବିପଦ ଘୋର ।
ବୋଇତେ ମୋ ପାଲ ଦିଅଇ ମେଲି
ନିଅଇ ପବନ ବିଦେଶେ ଠେଲି ।
ବିକାକିଣାରେ ମୁଁ ସଦା ବିଭୋର,
ବେପାର ବଣିଜ ବେବସା ମୋର ।

ମଝି ଦରିଆର ଝଡ଼ତୋଫାନ
ମୋହିନିଏ ମୋର ମନ ପରାଣ ।
ଦେଖାଏ କେତେ ସେ ଲହରିଖେଳ
ଛୋଟ ବଡ଼ କେତେ ଲହରିମେଳ ।
ଶୁଣାଏ ସେ କେଉଁ ଅଜଣା ଗାନ
ମଝିଦରିଆର ଝଡ଼ତୋଫାନ ।

ସେ ଦେଶଁ ବୋଇତ ଫେରଇ ଯେବେ,
ପୁରନାରୀମାନେ ଆନନ୍ଦେ ଛେବେ
ବନ୍ଦାଇ ନଅନ୍ତ ପ୍ରିୟ ବୋଇତ
ସେ କାଳ ଆନନ୍ଦ ନୁହେ କହି ତ !
ସେ ଛବି ମୁଁ କାହିଁ ନ ଦେଖେ କେବେ
ସେ ଦେଶଁ ବୋଇତ ଫେରଇ ଯେବେ ।

ଦରିଆପାରି ରେ ଦରିଆପାରି
ତାକୁ ମୋତେ ନିଅ ଲହରୀ ଠାରି ।
ଭରିଦେଇ ମୋର ଜୀବନେ ସୁଖ
ତତେ ଦେଖି ମୁହିଁ ଭୁଲଇଁ ଦୁଃଖ ।
କୋଳଟି ତୋ' କେବେ ନ ଯିବି ଛାଡ଼ି
ଦରିଆପାରି ରେ ଦରିଆପାରି ।

( 'ଜହ୍ନମାମୁ'—ମାଘ, ୧୩୪୩ )

ବିନୋଦ କାନୁନ୍‌ଗୋ ( ୧୯୧୨— )

[ ଜନ୍ମ—କଟକ ଜିଲ୍ଲା କିଶୋରନଗର ନିକଟ ମଲିପୁର—ବିଶିଷ୍ଟ ଦେଶସେବକ ଏବଂ ଲେଖକ—୧୯୩୦ରେ ମୁକ୍ତି-ସଂଗ୍ରାମରେ ଯୋଗଦେଇ କାରାବରଣ କରିଥିଲେ—ସାପ୍ତାହିକ 'କୃଷକ' ଓ ମାସିକ 'ଶିଶୁ ସଂପଦ'ର ସଂପାଦକ ଥିଲେ । 'ଜ୍ଞାନମଣ୍ଡଳ' ସଂକଳନ ତାଙ୍କର ଅକ୍ଷୟ କୀର୍ତ୍ତି—୧୯୬୦ ରେ ପ୍ରଥମ ଖଣ୍ଡ ପ୍ରକାଶିତ—ଶିଶୁ କିଶୋର ଉପଯୋଗୀ ବହୁ ପୁସ୍ତକର ପ୍ରଣେତା । ]

## ବଡ଼ କିଏ ? ସାନ କିଏ ?

ମନୁଷ୍ୟ ଯେତେବେଳେ ବୁଢ଼ା ହୋଇ ମରିଯାଏ, ସେତେବେଳେ ତା ଭାଇବନ୍ଧୁ, ପୁଅଝିଅ, ନାତି ନାତୁଣୀ କାନ୍ଦନ୍ତି । ମଶାଣିରେ ନେଇ ପୋଡ଼ି ଦେଇ ଆସିଲା ପରେ ଦଶବାର ଦିନ ପର୍ଯ୍ୟନ୍ତ ଗାଁଗଣ୍ଡାରେ ବନ୍ଧୁ-ବାନ୍ଧବଙ୍କ ଘରେ ତା' କଥା ପଡ଼େ । ତେଣିକି ସେ ଲୋକଟି କଥା ସମସ୍ତେ ଭୁଲିଯାନ୍ତି । ତା ନିଜର ପୁଅ ଝିଅ ବା ସ୍ତ୍ରୀ ଆହୁରି ଛ'ମାସ ବର୍ଷକ ପାଇଁ ତା' କଥା ମନେ ପକାଇ ଦୁଃଖ କରନ୍ତି ।

କିନ୍ତୁ ଲକ୍ଷେକେ ଜଣେ ଲେଖାଏଁ ଜନ୍ମ ହୁଅନ୍ତି—ତାଙ୍କ ମରଣ ପରେ ବହୁ ବର୍ଷ ପାଇଁ ଦେଶର ଲୋକେ ତାଙ୍କ କଥା ମନେ ପକାଇ ବ୍ୟସ୍ତ ହୁଅନ୍ତି । କୋଟିକେ ଗୋଟିଏ ଲୋକ ବାହାରିପଡ଼ନ୍ତି—ତାଙ୍କ କଥା ଦେଶର ଲୋକେ ସବୁଦିନ ପାଇଁ ଝୁରନ୍ତି । ଦାସେ ଆପଣେ ସେମିତିକା ।

୧୯୨୮ ମସିହା ଜୁନ୍ ମାସରେ ଦାସେ ଆପଣେ ବୋଲି ଯିଏ ଏ ସଂସାର ଛାଡ଼ି ଗୁଲିଗଲେ, ସିଏ ସେମିତିକା ଜଣେ ଲୋକ ଥିଲେ । ତାଙ୍କ କଥା ଓଡ଼ିଶାର ଦେଢ଼ କୋଟି ଲୋକ ଏ ପର୍ଯ୍ୟନ୍ତ ଭୁଲିନାହାନ୍ତି । ଓଡ଼ିଆ ଜାତି ଯେତେଦିନ ଯାଏ ଥିବ, ତାଙ୍କ କଥା ମନେ ପକାଉଥିବ ।

କାହିଁକି କହିଲ ?

ତାଙ୍କ ମନ ସଫା ଥିଲା । ଛୋଟ କଥାଗୁଡ଼ାକ ତାଙ୍କ ମନ ଭିତରେ ବସା ବାନ୍ଧି ରହିଯାଇ ପାରୁ ନଥିଲା । କୁଲା ଦେଖିଥିବ; ଗୁଡ଼ିଲକୁ ରଖି

କୁଣ୍ଡାକୁ ବାହାର କରିଦିଏ । ତାଙ୍କ ମନ ଏମିତି ହୋଇଯାଇଥିଲା ଯେ ସେ ଭଲ କଥାତକ ରଖି ଖରାପ କଥାତକ ବାହାର କରି ଦେଉଥିଲେ । ଫଳରେ ତାଙ୍କ ଭିତରଟା ସବୁବେଳେ ସଫା ଥିଲା ।

ଆରସିଟା ଯଦି ବେଶ୍ ସଫା ହୋଇଛି, ମୁହଁଟା ବେଶ୍ ସଫା ଦେଖାଯାଏ । ତାଙ୍କ ମନ ସଫା ଥିବାରୁ ସବୁ କଥାରେ ସେ ଭଲ ଦେଖିଥିଲେ । ପୁରୀ ବଡ଼ଦେଉଳରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଅଛନ୍ତି । ଅନେକ ଲୋକ କହନ୍ତି, ବଡ଼ଦେଉଳ ଭିତରକୁ ସମସ୍ତଙ୍କୁ ଛାଡ଼ିବା ନାହିଁ । ତା' ଭିତରକୁ ପାଣ କଣ୍ଡରା ଯାଇ ପାରିବେ ନାହିଁ । ବିଲାତର ଗୋରା ଲୋକ ଯିବେ ନାହିଁ । ଆଫ୍ରିକାର ହିପଣ୍ଡ କଳା ଲୋକ ଗଲେ ମନ୍ଦିର ଅପବିତ୍ର ହେବ । ଚୀନ ଦେଶର ହଳଦିଆସିଆ ରଙ୍ଗର ଲୋକଙ୍କ ପାଇଁ ଏ ବଡ଼ଦେଉଳ ନୁହେଁ ।

କିନ୍ତୁ ଦାସେ ଆପଣେ ଥରେ କଣ କହିଲେ ଶୁଣ । ଧର୍ମ ବିଷୟରେ ଆଲୋଚନା ହେବାପାଇଁ ଗୋଟିଏ ସଭା ହୋଇଥିଲା । ସେତେବେଳକୁ ଗୋପବନ୍ଧୁ ଦାସଙ୍କୁ ବେଶି ବୟସ ମଧ୍ୟ ହୋଇନାହିଁ । ସେହି ସଭାରେ ସେ କହିଲେ, ଏ ପୃଥିବୀରେ ତିନି ରଙ୍ଗର ଲୋକ ଅଛନ୍ତି—ଧଳା ବା ଗୋରା, ଆଫ୍ରିକାର ଲୋକେ କଳା, ଚୀନର ମାଙ୍ଗୋଲିଆର ଲୋକେ ହଳଦିଆ । ବଡ଼ଠାକୁର ଜଗନ୍ନାଥ କଳା, ବଳଭଦ୍ର ଗୋରା ଓ ସୁଭଦ୍ରାଙ୍କ ରଙ୍ଗ ହଳଦିଆ । ତେଣୁ ସେହି ଜଗତର ନାଥ ଜଗନ୍ନାଥ ସତେ ଯେମିତିକି କହୁଛନ୍ତି—ଆମେ ତିନିଜଣ କହିଦେଉଛୁ ଯେ ଦୁନିଆର ସମସ୍ତେ ସମାନ । କେହି ସାନବଡ଼ ନୁହନ୍ତି ।

ସେ ସଭାରେ ଯେତେ ପୁରୁଣାକାଳିଆ ପଣ୍ଡିତ ଥିଲେ, କିଛି ଉତ୍ତର ଦେଇପାରିଲେ ନାହିଁ ।

ସେହି ଦାସେ ଆପଣେ ବା ଗୋପବନ୍ଧୁ ଦାସଙ୍କୁ ଶିଶୁ ସମ୍ପଦ ପ୍ରଣାମ ଜଣାଉଛି ।

"ଯହିଁ ଥିଲେ ମୁହିଁ ଭାରତବକ୍ଷରେ
ମଣିବ ଅଛି ମୁଁ ନୀଳାଚଳ ତଳେ ।"

## ବଳଦକୁ କୋଳଥ, ଗଧକୁ ଘାସ

ବହୁ ବର୍ଷ ତଳର କଥା । ସନ୍ଧ୍ୟା ହୋଇ ଆସିଲାଣି । ଜଣେ ପଣ୍ଡିତ ଆସି ପହଞ୍ଚିଗଲେ । ଘରବାଲା ତାଙ୍କୁ ଦଣ୍ଡବତ ହୋଇ ପଚାରିଲେ, "ମୋର ଆଜି ବଡ଼ ଭାଗ୍ୟ ! ଆପଣ କୁଆଡ଼େ ଆସିଲେ ?"

ପଣ୍ଡିତେ ପିଣ୍ଡାରେ ବସି କହିଲେ, "ଏଠୁ ଆହୁରି ପାଞ୍ଚ କୋଶ ଯିବାକୁ ଅଛି । ରାତିକ ଟିକିଏ ଏଠି ରହିଯାଆନ୍ତି ?" ଅତି ଆନନ୍ଦରେ ସେ ଘରବାଲା ରାଜି ହୋଇଗଲେ । ତାଙ୍କର ଅତିଥି-ଅଭ୍ୟାଗତଙ୍କ ପାଇଁ ଗୋଟିଏ ବାହାର ଘର ଅଛି । ସେଇଠି ନେଇ ତାଙ୍କୁ ରଖାଇଲେ ।

ତାର କିଛି ସମୟ ପରେ ଆଉ ଜଣେ ପଣ୍ଡିତ ଆସି ପହଞ୍ଚିଲେ । ତାଙ୍କୁ ମଧ୍ୟ ଅତି ଆଦରରେ ସେହି ଘରେ ରଖାଇଲେ । ରାତିରେ ସେମାନଙ୍କ ଖିଆପିଆ କଥା ବୁଝିଲେ । ବିଛଣା କରି ଦିଆଗଲା । ସେମାନେ ଶୋଇଲେ ।

ସକାଳେ ପହିଲା ପଣ୍ଡିତ ଉଠି ନଈକୁ ଚାଲିଗଲେ ଗାଧୋଇବାକୁ । ପଛ ପଣ୍ଡିତେ ସେ ଘରବାଲାଙ୍କୁ ଡାକି ପଚାରିଲେ, "କଣ କରୁଛ କି ?" ସେ କହିଲେ, "ଆପଣମାନଙ୍କ ପାଇଁ ଜଳପାନ ତିଆରି କରାଇବାରେ ବ୍ୟସ୍ତ ।"

ସେଇଠୁ ସେ ତାଙ୍କୁ ଆଉ ଟିକିଏ ପାଖକୁ ଡାକି କହିଲେ, "ଆର ଜଣକ ପଣ୍ଡିତ ବୋଲି ମୁଁ ବିଚାରିଥିଲି । ଦେଖିଲି, ସେ ଗୋଟିଏ ବଳଦ ।"

ଏତିକି କହି ସେ ଚାଲିଗଲେ ନଈକୁ । ପହିଲା ପଣ୍ଡିତ ଯେମିତି ଫେରିଛନ୍ତି, ସେମିତି ସେହି ଘରବାଲାଙ୍କୁ ପାଖକୁ ଡାକି କହିଲେ,

"ଶୁଣିଲଣି, କାଲି ରାତିରେ ପରୀକ୍ଷା କରି ଦେଖିଲି, ସେଇଟା କିଛି ଜାଣି ନାହିଁ । ସେଇଟା ଗୋଟାଏ ଗଧ ।"

ଦୁ'ଜଣଯାକ ପୂଜା-ସେବା କଲାପରେ ଜଳଖିଆ ଖାଇବାକୁ ବାହାରିଲେ । ଗଲାବେଳକୁ ଗୋଟିଏ ମାଟି ପଲମରେ କୋଳଥ ସିଝା ଓ ଛୁଣ୍ଡା ପାଛିଆଟିରେ ଘାସ ବଡ଼ା ହୋଇଛି । ଦୁ'ଜଣଯାକ କାବା ହୋଇଗଲେ । ଏ କି ବ୍ୟବହାର !

ଘରବାଲା ତାଙ୍କୁ କହିଲେ, "ଦେଖନ୍ତୁ, ଆପଣମାନଙ୍କ ପାଇଁ ମୁଁ ପୁରି ଲଡ଼ୁ ତିଆରି କରାଉଥିଲି । କିନ୍ତୁ ଯେତେବେଳେ ଜାଣିଲି, ଆପଣ-ମାନଙ୍କ ଭିତରୁ ଜଣେ ବଳଦ ଓ ଆଉ ଜଣେ ଗଧ, ସେତେବେଳେ ଭାବିଲି କୋଳଥ-ସିଝା ଓ ଘାସ ଆପଣମାନଙ୍କୁ ଭଲ ଲାଗିବ ।"

ଦୁ'ଜଣଯାକ ବୁଝିପାରିଲେ ନିଜ ନିଜର ଭୁଲ । ପଛରେ ପୁରି ଲଡ଼ୁ ଖାଇ ଗଲାବେଳେ ବାଟରେ କୁହାକୁହି ହେଲେ—ଯେଉଁମାନେ ଶିକ୍ଷିତ ଲୋକ, ପଢ଼ାଶୁଣା ଲୋକ, ସେମାନେ ଯଦି ଈର୍ଷାରେ ଇଏ ତାକୁ ସିଏ ଯାକୁ ଅନ୍ୟମାନଙ୍କ ଆଗରେ ଗାଳିଦିଅନ୍ତି, ଅନ୍ୟମାନେ କ'ଣ ଧାରଣା କରନ୍ତି ଆଜି ଶିକ୍ଷା ମିଳିଲା ।

●

( 'ଶିଶୁ ସମ୍ପଦ'—୧୯୬୨, ଜୁଲାଇ )

କୁଞ୍ଜବିହାରୀ ଦାଶ ( ୧୯୧୪— )

[ ପୁରୀ ଜିଲା ରେଣ୍ଟ ଶାସନରେ ଜନ୍ମ—ଶିକ୍ଷା ଶେଷରେ ସରକାରୀ କଲେଜମାନଙ୍କରେ ଅଧ୍ୟାପନା—ବିଶ୍ୱଭାରତୀ ବିଦ୍ୟାଭବନରେ ଓଡ଼ିଆ ବିଭାଗର ଅଧ୍ୟକ୍ଷ—'ଲୋକରତ୍ନ' ଉପାଧିରେ ଭୂଷିତ—ରେଭେନ୍‌ସା କଲେଜ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ—ଉତ୍କଳ ସାହିତ୍ୟ ସମାଜର ସଭାପତି—ରଚନାବଳୀ :—'ଉଡ଼ୁମା', 'ଆଲବମ୍', 'ସନନ୍ଦ', 'ମାଟି ଓ ଲଟି', 'ଆମେରିକାରୁ ଇଉରୋପ ଓ ଆଫ୍ରିକା', 'ଜୀବନାୟନ', 'ଲୋକଗୀତି ସଞ୍ଚୟନ' 'ମୋ କାହାଣୀ' କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ । ]

## ରଜାପୁଅ ଯାଏ ପାରିଧି କରି

ଗଜାମୁଗ ଆଗୋ କାକୁଡ଼ି କଷି
ରଜାପୁଅ ଯାଏ ଘୋଡ଼ାରେ ବସି
ଦୁଆରେ କେନ୍ଦରା ବଜାଏ ନାଥ
କଇଁଫୁଲ ପରି ଦୁଇଟି ହାତ,
ଭିକ ଦେଉଁ ଲୁହ ପଡ଼ଇ ଝରି
ରଜାପୁଅ ଯାଏ ପାରିଧି କରି ।

ଉଡ଼ି ଉଡ଼ି ଯାଏ ବଢ଼ିଆ କାଙ୍କ
କୁଣିଆ ଆସିବେ ବୋବାଏ କାକ,
ଗୁଲଚ ସୁଆରି ଧପଡ଼ ଧାଇଁ
ହୁମୁରି ଭାଇ ରେ ହୁମୁରି ଭାଇ ।
କଇଁ କଇଁ କାନ୍ଦେ କାହାର ଝିଅ ?
ଲୁହ ପୋଛୁ ପୋଛୁ 'ବୁଝାଇଦିଅ ।
ଗଛରୁ ପତର ପଡ଼ୁଚି ଝଡ଼ି
ରଜାପୁଅ ଯାଏ ପାରିଧି କରି ।

ଘୁପି ଘୁପି ଘୁପି ଗହନ ଘୁଇ
ଛପି ଛପି ଷ୍ଟଲେ ଭାଲୁଆ ଭାଇ
ଭାଲୁଆନନାର ଗେଲେଣ୍ଡ ମାଆ
ଲହୁଲୁହାଣିଆ କହୁଣୀ ଖାଆ ।
ଝାଙ୍କ ଲଗାଇଛି ମାଙ୍କଡ଼ ଅଜା
ଘାକୁଆ ଘାଟିରେ ଖାଇବ ଖଜା ।
ଚକ ଚକ ଚକ ମୁକୁଟ ଜର
ରଜାପୁଅ ଯାଏ ପାରିଧି କର ।

ଡିଙ୍କି କି ଚକୁଳ କଲାଣି ବାଇ
ନହରପହର ହେଉଛି ଆଣ୍ଟ ।
ଛି-ଛି-ଛି-କହିବ କିସ
ଆଣ୍ଟର ମୁହଁରେ ଉଠିଚି ନିଶ ।
କରଡ଼ା ନିଶକୁ ଫୁଲାଏ ଭୂଆ
ଭୂଆର ସମୁଦ୍ର ଦେଇଛି ଗୁଆ ।
ଗୁଆ ଭରଣକୁ ଷାଠିଏ ଟଙ୍କା
ଟଙ୍କା ଥିଲେ ଆଗେ ପାହୁଲ ପକା ।

ଘାଇକ ପାହୁଲ ଆଗକୁ ଆଗ
ହୁରୁଡ଼ ହୁରୁଡ଼ ପଳାଏ ବାଘ ।
ଚଡ଼ପ ଚଡ଼ପ ଘୋଡ଼ାର ଟାପୁ
ଦରିଆ ମଝିରେ ସପନ ଟାପୁ
ବାଟେ ବାଟେ ପଡ଼େ ଆଲୁଅ ଝରି
ରଜାପୁଅ ଯାଏ ପାରିଧି କରି ।

## କାଠଘୋଡ଼ା ପାଣି ପି

ଘାସ ଫୁଲ ଚଅଁର — ମହୁ ପିଏ ଭଅଁର
ମାଳକାଇଁ ଗିଲାସେ — ମହୁ ପିଏ ଉଲ୍ଲାସେ ।
ମହୁମାଛି ମଉଜେ — ବରଷିଲା ବଉଦେ
ପାଣି ପିଏ ଗୃତକ — ହଂସବାଳ, ବତକ
ଗିଲାସରେ ଆଣିଚ — କାଠଘୋଡ଼ା ପାଣି ପି ।

ଛୁଇଁ ଆମ୍ବ ବଉଳ — ଗାଆଁ ମୁଣ୍ଡ ଦେଉଳ
ପବନରେ ପହଁର — ନଈସୁଖ ଉଅଁର
ଡେଇଁ ମେଘେ ପଣୀ ଯା — ଥକା ହେଲେ ବସିଯା ।
ପରବତ ଚୂଳରେ — ପିଆଶାଳ ମୂଳରେ
ମନ ଯନ୍ଧ ହଉଚ — କାଠଘୋଡ଼ା ପାଣି ପି ।

ପାଦ ତୋର ବଢ଼ାଇ — କୋଳି ଦେ ଝଡ଼ାଇ
ବାଘ ଦେଖି ହସିବେ — ବାଗେ ନାଚ କଷି ଦେ
ପକ୍ଷୀଟିଏ ଝଡ଼ାଇ — ମୟୂର ଦେ ଉଡ଼ାଇ
କା କହୁଚ ଗୁଣ୍ଡୁଚି ? — କାଠଘୋଡ଼ା ପାଣି ପି ।

ଉରାଇ ଦେ ଶାଗୁଣା — ଗରଜ ତୁ ଢଗୁଣା
କାନ ଦୁଇ ଗୁଠି ଦେ — ମାଠି ଚାଲ ହଟିବେ ।
ଲାଞ୍ଜ ଦେ ହଲାଇ — ପାରୁ ଯିବେ ପଳାଇ
ଝଡ଼ପରି ଝପଟ — ନ କର ରେ କପଟ ।
ଭଲ ମନେ ଦଉଚ — କାଠଘୋଡ଼ା ପାଣି ପି ।

ନଆଁ ଯହୁଁ ବାହାରେ    ଡରେ ମୁଁ ସେ ପାହାଡ଼େ
ଓହ୍ଲା ନାହିଁ ସତରେ    ବରଫର ସ୍ରୋତରେ
ପଡ଼େ ନାହିଁ ପ୍ରପାତ    ହେବା ତହିଁ ନପାତ
ମହା ମହା ସାଗର    ନଶ କାଟେ ମଗର
କମ୍ଭୀରକୁ ହାଙ୍ଗର    ଅକ୍ଟୋପସ୍ ସଙ୍ଗର
ସାଙ୍କୁଶକୁ ତିମି ଯେ    ଥିବେ ଯଦି ଜମି ସେ
ଖାଇଯିବେ କହୁଚ    କାଠଘୋଡ଼ା ପାଣି ପି ।

ଦି ପାହାଡ଼ ମଝିରେ    ଝରଣାର ଜଞ୍ଜିରେ
ଦୁଇକୂଳେ ପଡ଼ିଆ    ଫୁଲ ଫୁଟେ ବଢ଼ିଆ
ପ୍ରଜାପତି ଧାଇଁବେ    ଖେଳ ସାଥି ହୋଇବେ
ଖେଳ ସାରା ଦିନ ତ    ଯେତେ ହବ ମନ ତ
ଭୋକ ହେଲେ ଫେରିବ    କାଠଘୋଡ଼ା ପାଣି ପି ।

## କଳାକାହ୍ନୁ ମୋର ପଡ଼ିବ ଶୋଇ

କଳାକାହ୍ନୁ ମୋର ପଡ଼ିବ ଶୋଇ ରେ
ଶୋଇ ପଡ଼ିବ ମୋ କାଇଁଚମାଳୀ,
ବାଆ ସରସର ମଥାନ ଖେତରୁ
ବାଇଆ କହୁଚି ଆସିବ ବୋଲି ରେ
ଆସିବ ବୋଲି ।

ଚଢ଼େଇଛୁଆଟି ଦରଦର କଥା
କହେ ଘୁମାଇ ରେ କହେ ଘୁମାଇ,
ଲତା ମାଆ ତାର କୁନିକଡ଼ିଟିକି
ଦିଏ ଖୁଆଇ ରେ ଦିଏ ଖୁଆଇ ।
ଆଲୁଅ ପାଖରେ ନାଚଇ ଗ୍ଳୁଇରେ
କୋକମିନା ପରି ହୋଇ ବାଇଆ,
ମୋ ଗୁନ ଆଖିରେ ଟିପ ଗ୍ଳଳଦେବେ
ସରଗ ଦେବତା ବଡ଼ିବଡ଼ିଆ ରେ
ବଡ଼ିବଡ଼ିଆ ।

ବାଙ୍କେ ବାଙ୍କେ ନଈ କି ଗୀତ ଗାଏ ରେ
ଲହଣୀକ କାଠି ଗ୍ଳଲଇ ନାଆ,
ନାଉରୀ ପିଲଟି ସୁନାରାଇଜର ସପନେ ହସଇ
ବନ୍ଧଆନେସ ସୁଲୁସୁଲିଆ ବାଆ ରେ
ଫୁଲିଆ ବାଆ ।

ଦରିଆ ପାଣିରେ ଗୋଲାପୀ ପଣ୍ଟ ରେ
ଭୁଟେନ୍ତେ କ ମନ୍ତର ହାତେ କୁଆଁ ଷ,
କୁନିପିଲା ସୁନା ଆଖିପତାରେ ସେ
ନିଦର ବଟିକା ଢଅନ୍ତ ଘୋର ରେ
ଢଅନ୍ତ ଘୋର ॥

ଚଗଲା ନୁରିଆ ବୁଢ଼ୀ ମାଆ କୋଳେ
ଝୁଲୁ ଝୁଲୁ ଖେଳ ଭୁଲିଗଲାଣି ରେ
ଝୁଲଣ ହାଣ୍ଡି ।

ଟିପାଟିପି କଥା କହୁଁ କହୁଁ ମାଆ
ଆଖିପତା ବେନି ହେଲେଣି ସାଥୀ ରେ
ହେଲେଣି ସାଥୀ ।

ଶୋଇପଡ଼ିଲାଣି ଗଛପତର ହୋ
ନଈ ପୋଖରୀର କୁନି ଲହରୀରେ
ପବନ ଥିର ।

ଶୋଇପଡ଼ିବ ମୋ ଧନମାଳୀ କାହ୍ନୁ
'କାହ୍ନୁ କାହ୍ନୁ' ଶୁଣାଇ ଦେଲାଣି ପଣ୍ଟ ରେ
ଧନ ମୋହର ।

●

( କଟକ, ୧୯୩୯ )

ସଚ୍ଚିଦାନନ୍ଦ ରାଉତରାୟ ( ୧୯୧୬— )

[ ଖୋର୍ଦ୍ଧା ନିକଟବର୍ତ୍ତୀ ଗୁରୁଜଙ୍ଗ ଗ୍ରାମରେ ଜନ୍ମ—ପ୍ରଥମ ଜୀବନରେ କଲିକତାର 'କେସୋରାମ କଟନ୍ ମିଲସ୍'ରେ ଉଚ୍ଚ ଗ୍ରେକର—ଅଷ୍ଟ୍ରେଲିଆ ଓ ଆମେରିକାରେ ଅନୁଷ୍ଠିତ ସମାଜସେବା, କଳା ଓ ବିଜ୍ଞାନ ସେମିନାରରେ ଯୋଗଦେଇଥିଲେ—ଆଧୁନିକ ଓଡ଼ିଆ କବିତାର ଅନ୍ୟତମ ସ୍ରଷ୍ଟା—ତାଙ୍କର 'କବିତା—'୧୯୬୨' କେନ୍ଦ୍ର ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କୃତ—ନିଖିଳ ଭାରତ କବି-ସମ୍ମିଳନୀର ସଭାପତି—ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି—ରଚନାବଳୀ :—'ଚିତ୍ରଗ୍ରୀବ', 'ପ୍ଲୁଇ', 'ମାଟିର ତାଜ', 'ମଶାଣିର ଫୁଲ' ପ୍ରଭୃତି—'ପଦ୍ମଶ୍ରୀ' ଉପାଧିରେ ସମ୍ମାନିତ ୧୯୬୨ । ]

## ଛୋଟ ମୋର ଗାଆଁଟି

ଛୋଟ ମୋର ଗାଆଁଟି,
ଭୂଗୋଳ ପୋଥି-ପତରେ ପଛେ ନ ଥାଉ ତାର ନାଆଁଟି ।
ମାଟିର ସେଇ ସରଗ ମୋର,
ସେଇଠି ଅଛି ମୋ ଷଠୀଘର,
ଜଳିବ ପୁଣି ସେଇଠି ଶେଷେ
ମୋହର ଚିତା-ନିଆଁଟି,
ଛୋଟ ମୋର ଗାଆଁଟି । ୧ ।

ଜନମି ତାର ଏନ୍ଦୁଡ଼ିଶାଳେ
ବୁଲିଛି କେତେ ତା ତୋଟାମାଳେ
ପାଞ୍ଚଟି ମୋର ପଞ୍ଜରା କାଠି,
(ଶେଷେ) ସେଇଠି ହେବ ଡାହାଟି,
ଛୋଟ ମୋର ଗାଆଁଟି । ୨ ।

ତାହାର ଜଳ ରକତ ହୋଇ
ଶିରାରେ ବହେ ଯେସନ ନଇ
ନିଶ୍ୱାସେ ମୋର ତାହାର ବାୟୁ
ଚଳାଏ ପ୍ରାଣ-ନାହାଟି,
ଶ୍ରେଷ୍ଠ ମୋର ଗାଆଁଟି । ୩ ।

ତାହାର ଫୁଲ, ଶାଗୁଆ ଲତା
କଣ୍ଠେ ମୋର ଦେଲା ଯେ କଥା,
ଆଖିରେ ଦେଲା ଚାହାଣି ନୂଆ
(ତାର) ଫଗୁଣ ଉଷା ପାହାନ୍ତି,
ଶ୍ରେଷ୍ଠ ମୋର ଗାଆଁଟି । ୪ ।

ଝରଣା ତାର କଲା ଯେ କବି
ନୟନେ ଦେଲା ରୂପର ଛବି,
ବୁହାଇ ଦେଲା ସପନ ଢେଉ
ପଥର ବୁକେ ନହାଣ୍ଟି,
ଶ୍ରେଷ୍ଠ ମୋର ଗାଆଁଟି । ୫ ।

ତାହାର ଲଟା, ତାହାର ବଣ,
ତା' ଗାଈଗୋଠ ମୁରଲୀ ସ୍ୱନ,
ଫସଲକଟା ମଧୁର ଗାନ
ସକଳ ମୋର ସାହାଟି,
ଶ୍ରେଷ୍ଠ ମୋର ଗାଆଁଟି । ୬ ।

ଆଲୁଅ ତାର କି ମନୋହର
ଅନ୍ଧକାର ତାଠାରୁ ଭଲ,
ଜୀବନପଥେ ସକଳ ତାର
ଫିଟାଏ ନୂଆ ସୁହାଟି;
ଶ୍ରେଷ୍ଠ ମୋର ଗାଆଁଟି । ୭ ।

ଦୁନିଆ କଣେ ଗୃଖଣ୍ଡେ ଥାନ,
ଅତି ସେ ଶ୍ରେଷ୍ଠ, ନହାନ୍ତି ସାନ,
ତଥାପି ଭଲେ ଛବଟି ଦୂରୁଁ
ଥରେ ମୁଁ ତାରେ ଗୃହାନ୍ତି;
ଶ୍ରେଷ୍ଠ ମୋର ଗାଆଁଟି । ୮ ।

ଖୁଦ୍ରର ତାର ଉଦରର ତଳେ
କେତେ ଯେ ରଥୀ ଜନମ ନେଲେ
(କେତେ) ନାଉଁଆ ଲୋକେ ଅଇଲେ ଗଲେ
ଆଜି ସେ ସବୁ କାହାନ୍ତି ?
ଶ୍ରେଷ୍ଠ ମୋର ଗାଆଁଟି । ୯ ।

ପେଟରେ ପେଟେ ମାମଲା ବୁଦ୍ଧି
ଜନମିଥିଲେ ହରି ସୁବୁଦ୍ଧି,
ସାଥୀଙ୍କୁ ତାଙ୍କ ଗୋଦର ଗୋଡ଼
ମନ୍ତ୍ରୀ ଛଣି ମାହାନ୍ତି;
ଶ୍ରେଷ୍ଠ ମୋର ଗାଆଁଟି । ୧୦ ।

ଖଣ୍ଡିଆ କାହ୍ନୁ ଗାଆଁଟା ହେଲା
ଡହରେ ନାଚେ ବଲୁଆପିଲା,
ଉଚ୍ଛନ୍ନ ହେଲେ ଆସାମ ଗଲେ
ଘରେ ତ ଗୃଷୀ ନାହାନ୍ତି;
ଶ୍ରେଷ୍ଠ ମୋର ଗାଆଁଟି । ୧୧ ।

ପ୍ରତାପଶାଳୀ ସାମନ୍ତରାୟ,
ଗାଆଁରେ କଲେ ଏମନ୍ତ ରାୟ,
ଦେଏଣା ଭରେ ସକଳେ ହାୟ
ରେଙ୍ଗାମ ଭୂଇଁ ଧାଆନ୍ତି;
ଶ୍ରେଷ୍ଠ ମୋର ଗାଆଁଟି । ୧୨ ।

ଗାଆଁରେ ଥିଲେ କପିଳ ନନ୍ଦେ
ଚାଲିଲେ ଭୁଇଁ ଲସେ ଯେ ଖନ୍ଦେ,
ସବୁ କଥାରେ ମୁରବି ସାଜି
ହଲାଉଥିବେ ବାହାଟି;
ଶ୍ରେଷ୍ଠ ମୋର ଗାଆଁଟି । ୧୩ ।

ସରବାକାର ଅଗାଧୁ ଷଣ୍ଢ
ଗାଧୋଇ ସାରି ଦିଅନ୍ତି ଦଣ୍ଡ,
ପୋଷିଲେ ଜଣେ, ଶୋଷନ୍ତି ପଣେ
କଲମ-କାଠି ଛୁଆଁନ୍ତି;
ଶ୍ରେଷ୍ଠ ମୋର ଗାଆଁଟି । ୧୪ ।

ଚଉକିଦାର ଗୋବରା ଭୋଇ
ଚିଲମ ଟାଣି ଘଣ୍ଟା ଶୋଇ
ସକାଳୁ କହେ, 'ବୁଲାଇ ଦେଲି
ଚୋରଙ୍କୁ କାଲି ଭୂଆଁଟି',
ଶ୍ରେଷ୍ଠ ମୋର ଗାଆଁଟି । ୧୫ ।

ଆଇର ଥିଲା ଜଟିଆ ବୁଢ଼ୀ
ପିଲାଠୁଁ ବଡ଼ ସବୁରି ଖୁଡ଼ୀ,
କା'ଘରେ କେତେ ମୂଷାର ଗାଡ଼
ସବୁ ତା ଜଣେ ଥୁଆଟି;
ଶ୍ରେଷ୍ଠ ମୋର ଗାଆଁଟି । ୧୬ ।

ମୁହଁଟା ତାର କାଣ୍ଡରୁ ଦାଢ଼
ପଣତକାନ ଛୁଆଇଁ ବାଢ଼,
ଲଗାଇ କଳି ଫୁଙ୍କିବ ହାଡ଼
ଡାକବ କେତେ ଲୁହାଟି;
ଶ୍ରେଷ୍ଠ ମୋର ଗାଆଁଟି । ୧୭ ।

ଗାଆଁ ର ପୁଣି ବାଗୁଡଖେଳେ
କେଳୁଆ, ନଧି, ଅଇଣ୍ଠାମେଳେ
କେତେ କେ ଜୀଏ, କେତେ କେ ମରେ,
ମରେନା ଖାଲି କାଆଁଟି;
ଶ୍ରେଷ୍ଠ ମୋର ଗାଆଁଟି । ୧୮ ।

ଗାଆଁ ର ଶେଷେ ଏକଣା ଘରେ
ବଉଳ ଫୁଲ ଯେଉଁଠି ଝରେ
ଥିଲା ଯେ ପୁଣି ବିଧବା ଏକ
ବାଳୁତ ତାର ଛୁଆଟି;
ଶ୍ରେଷ୍ଠ ମୋର ଗାଆଁଟି । ୧୯ ।

ହବିଷ ଖାଇ ଚଉରା ମୂଳେ
ନିତି ସେ ଆସି ପ୍ରଣତି ଢାଳେ,
ଆକାଶ ଦୀପ ହୋଇ ସେ ଜଳେ
ଦେଖିଲା ତାର 'ସାହା'ଟି;
ଶ୍ରେଷ୍ଠ ମୋର ଗାଆଁଟି । ୨୦ ।

ଏସବୁ କଥା ଛବିଟି ପରି
ପ୍ରବାସେ ମନେ ଉଠଇ ଜଳି,
ଇଚ୍ଛା ହୁଏ ମାଟିରେ ତାର
ଗିରଟି ଥରେ ନୁଆନ୍ତି;
ଶ୍ରେଷ୍ଠ ମୋର ଗାଆଁଟି । ୨୧ ।

( 'ପଲ୍ଲୀଶ୍ରୀ'—୧୯୪୧ )

ଦୁର୍ଗାପ୍ରସାଦ ପଟ୍ଟନାୟକ ( ୧୯୧୮— )

[ ଜନ୍ମ—ଖୋର୍ଦ୍ଧା ନିକଟସ୍ଥ ପଣ୍ଡିଆପଡ଼ା ଗ୍ରାମରେ—କଲିକତାରୁ ଚାରୁକଳାରେ ଡିପ୍ଲୋମା ଏବଂ ପରେ ଏମ୍. ଏ., ପିଏଚ୍. ଡି. ଡିଗ୍ରୀ ଲାଭ କରିଛନ୍ତି—୧୯୫୭-୭୮ ପର୍ଯ୍ୟନ୍ତ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଅଧୀନରେ ଲଳିତ କଳା ଅଧ୍ୟାପକ—ବିଶିଷ୍ଟ ଶିଶୁ-ସାହିତ୍ୟିକ—ରଚନାବଳୀ :—'ଟୁଆଁ ଟୁଇଁଙ୍କ ଘର', 'ଟୁଆଁ ଟୁଇଁଙ୍କ ଗୃଷ', 'ତପନର ସପନ', 'ନଈ ବହିଲା', 'ଭୂଆଟିଏ' ପ୍ରଭୃତି—ଶେଷୋକ୍ତ ବହିଟି କେନ୍ଦ୍ର ପୁରସ୍କାରପ୍ରାପ୍ତ—ଅନେକ ବହି ମଧ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ।]

## ବିଲେଇ ଲାଞ୍ଜରେ ବତୀ

ଗୋଟିଏ ରାଜା ଥାଏ । ତା ପାଖକୁ ଯିଏ ବେପାରୀ ଜିନିଷପତ୍ର ବିକିବାକୁ ଯାଏ, ସିଏ ତାକୁ ଗୋଟିଏ ଉପାୟ କରି ଠକି ଭଣ୍ଡି ନିଏ । ଅନ୍ଧାର କୋଠରୀରେ ତାକୁ ବନ୍ଦୀ କରି ରଖେ ।

ଥରେ ଜଣେ ହୀରା ନୀଳା ବେପାରୀ ଯାଇ ପହଞ୍ଚିଲା । ରାଜା ତାକୁ ଡାକିଲା । କଅଣ କଅଣ ଆଣିଚି ସବୁ ବୁଝିଗଲା । କହିଲା, "ହଉ, ତୁ ଆସ୍, ଆଜି ରାତିରେ ପଶା ଖେଳିବା । ମୋର ଗୋଟିଏ ବିଲେଇ ଅଛି । ତା ଲାଞ୍ଜରେ ସାତଟି ବତୀ ଜଳିବ; ଖେଳ ଚାଲିବ । ଖେଳ ସରିବା ଯାଏ ଯଦି ସେ ସ୍ଥିର ହୋଇ ବସିବ, ଆଉ ବତୀ ତା ଲାଞ୍ଜରୁ ଖସିବ ନାହିଁ, ତେବେ ତୋ ଧନ ମୋର ହେବ । ମୁଁ ତୋତେ ଅନ୍ଧାର ଘରକୁ ଠେଲି ଦେବି । ଯଦି ବିଲେଇ ଖେଳ ସରିବା ଭିତରେ ବତୀ ପକାଇଦେବ,

ତେବେ ମୋ ଧନ ତୋର ହେବ; ଆଉ ତୁ ମୋତେ ଯାହା ମନ ତାହା କରିପାରୁ ।"

ବେପାରୀକୁ ଡର ମାଡ଼ିଲା; କିନ୍ତୁ ଆଉ ଉପାୟ କଣ ? ଖେଳିବାକୁ ହେବ । ସଞ୍ଜ ହଉ ହଉ ଖେଳ ଆରମ୍ଭ ହେଲା । ବିଲେଇ ଲାଞ୍ଜରେ ସାତଟି ମହମବତୀ ଜାଳି ରଖିଦିଆଗଲା । ଖେଳ ଚାଲିଥାଏ । ବିଲେଇ ପଥର ପରି ବସିଥାଏ । ନା ହଲି ନା ଚଲି । ଦେଖୁ ଦେଖୁ ରାତି ପାହିଗଲା । ରାଜାର ଜିତାପଟ ହେଲା । ରାଜା ସାଧବଠାରୁ ସବୁ ହାରି ମାଳା ନେଲା । ତାକୁ ଗୋଟିଏ ଅନ୍ଧାର କୋଠରୀକୁ ଠେଲିଦେଲା ।

ବେପାରୀର ଚାକର ଏକଥା ଦେଖି ପଳାଇଗଲା । ସେ ଯାଇ ବେପାରୀର ସ୍ତ୍ରୀକୁ ସବୁ କଥା କହିଲା । ସାଧବାଣୀ ଏ କଥା ଶୁଣି କାନ୍ଦିଲା ନାହିଁ କି ବୋବାଇଲା ନାହିଁ । ସେ ଗୋଟିଏ ପୁରୁଷ ବେଶ ଧରିଲା । ଦୁଇ ଚାରିଜଣ ଚାକରବାକର ଧରି ସେଇ ରାଜା ପାଖରେ ପହଞ୍ଚିଲା । ଗୋଟିଏ ଥାଳୀରେ ସୁନା ଭରି ରାଜାକୁ ଭେଟି ଦେଲା । କହିଲା, "ମଣିମା, ମୁଁ ବେପାର କରି ଆସିଚି ।"

ରଜା କହିଲା, "ଭଲ କଥା । ବେପାରୀଙ୍କ ସାଙ୍ଗରେ ମୋର ଆଗରୁ ଗୋଟିଏ ବୁଝାପଡ଼ା ଆଗରୁ ହୋଇଥାଏ । ସେଇଟା ଶୁଣ—

ଖେଳିବା ଖେଳ ପାହିବ ରାତି
ବିଲେଇ ଲାଞ୍ଜରେ ଜଳିବ ବତୀ ।
ନ ପଡ଼ିଲେ ବତୀ ଖେଳ ଭିତରେ
ତୋ ଧନଜୀବନ ମୋ ହାତରେ ।
ଖସିଲେ ବତୀ, ମୋ ରାଇଜରେ ତୋ ରାଜୁତି,
ମୋ ଧନ ଜୀବନ ହେବ ତୋହରି, ନିୟମ ମୋର ।

ସାଧବାଣୀ ରାଜି ହେଲା । ଚାକରମାନଙ୍କୁ କହିଦେଲା—ଖେଳ କିଛି ସମୟ ଚାଲିଥିବ, ତୁମେ ସେଇ ଘର ଦୁଆର ପାଖରେ ମୋ ବଡ଼ ପେଡ଼ିଟିକୁ ଥରେ କରି ଖୋଲିଦବ, ଫେର ବନ୍ଦ କରିଦବ । କିଛି ସମୟ ପରେ ଫେର୍ ଖୋଲିବ, ଫେର୍ ବନ୍ଦ କରିବ । ଏମିତି ସାତ ଥର କରିବ ।

ଖେଳ_ଗୃଳାଲ୍ । ବିଲେଇ ଲାଞ୍ଜରେ ସାତଟି ବଣ୍ଟା ଜଳାଲା । ବିଲେଇ ସେମିତି ପଥର ପର ବସିଥାଏ । ଏତିକିବେଳେ ସାଧବାଣୀର ଗୃକର ପେଡ଼ି ଖୋଲିଦେଲା । ପେଡ଼ିରୁ ଗୋଟିଏ ମୂଷା ବାହାରି ପଡ଼ି ଘର ଭିତରେ ଡେଇଁଲା ।

ବିଲେଇ ମୂଷାକୁ ଦେଖି ଜିଭ ଗୃଟିଲା । ଏଣେ ରାଜା ତାକୁ କଟମଟ କରି ଅନେଇଦେଲା । ବିଲେଇ ଫେର୍ ପଥରଟି ପର ବସି ରହିଲା । କିଛି ସମୟ ପରେ ପୁଣି ପେଡ଼ି ଫିଟିଲା । ଫେର୍ ଦୁଇ ଗୃରିଟା ମୂଷା ବାହାରି ପଡ଼ି ଘରଭିତରେ ପଶିଗଲେ ।

ବିଲେଇ ଖାଲି ଜିଭ ଗୃଟୁଥାଏ । ପୁଣି ରାଜାକୁ ଅନାଇ ଦେଇ ଚୁପ୍ ହୋଇ ବସୁଥାଏ ।

ଫେର୍ ଟିକିକ ପରେ ପେଡ଼ି ଖୋଲିଲା । ଆହୁରି କେତେକ ମୂଷା ବାହାରି ଘରସାରା ଡେଇଁଲେ । ଆଉ କି ବିଲେଇ ସମ୍ଭାଳି ହୁଏ ? କୁଦାମାରି ଧାଇଁଲା ମୂଷାଙ୍କ ପଛେ ପଛେ । ରାଜା ହାରିଗଲା । ସାଧବାଣୀର ରାଜ୍ୟ ହେଲା । ରାଜାର ଗୃକର ହାତରେ ସାଧବାଣୀ ରାଜାକୁ ବାନ୍ଧିଲା । ସାଧବକୁ ଅନ୍ଧାର କୋଠରୀରୁ ମୁକୁଳାଇଲା । ସେଇ ଘରେ ରାଜାକୁ ବନ୍ଦୀ କଲା । ଆଉ ରାଇଜରେ ନିୟମ କରିଦେଲା ଯେ, କେହି ମୂଷା ମାରିବେ ନାହିଁ ।

●

( 'ଭୁଆଟିଏ'—୧୯୭୧ )

ଗୋଲୋକବିହାରୀ ଧଳ ( ୧୯୨୧-୧୯୭୪ )

[ ଜନ୍ମ—ଢେଙ୍କାନାଳ ଜିଲାର ଗଞ୍ଜେଇଡିହ ଗ୍ରାମରେ—ସେ ପାଟନା ଏବଂ ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଏମ୍. ଏ. ପାସ କରିଥିଲେ—ରେଭେନ୍ସା କଲେଜରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଥିଲେ—ଶିଶୁ ସାହିତ୍ୟ, ଭ୍ରମଣ କାହାଣୀ, ଜୀବନ ଗଳ୍ପ, ଭାଷା ଓ ଧ୍ୱନିତତ୍ତ୍ୱ ପ୍ରଭୃତି ବିଷୟରେ ପ୍ରାୟ ୪୦ ଖଣ୍ଡ ବହି ଲେଖିଛନ୍ତି ଏବଂ କେତେକ ବହି ଅନୁବାଦ କରିଛନ୍ତି । ]

## ମାଟିରୁ ଆକାଶ

ତମେ ଯେତେବେଳେ ଯାଇ ଉଡ଼ାଜାହାଜ ପାଖରେ ପହଞ୍ଚିବ, ଯଦି ଆଗରୁ କେବେ ଦେଖି ନ ଥିବ, ତେବେ ନିଶ୍ଚୟ ଚମକି ପଡ଼ିବ । ଆକାଶରେ ଉଡ଼ିଲାବେଳେ ଯେଉଁ ଜାହାଜ ଚିଲ ପରି ଦେଖାଯାଉଥାଏ, ସେଟା ଏଡ଼େ ବିରାଟ ହୋଇଥିବ ବୋଲି ତମେ କେବେହେଲେ କଳ୍ପନା କରି ନ ଥିବ । ଗୁନ୍ଦରୁପା ଭଳି ଚକ୍‌ଚକ୍ ଏକ ବିରାଟ ମତ୍ସ୍ୟାସୁର ପରି ଠିଆହୋଇଥିବ; ତା ପେଟ ଭିତରେ ହୁଏ ତ ଶହେ ଜଣ ମଣିଷ ଗଳିଯିବେ । ମସ୍ତ ବଡ଼ ବଡ଼ ପକ୍ଷୀ, ବଖରାଏ ଘର ପରି ଲମ୍ବ ଓସାର । ଗୁରୁ ଗୁରୁଟା ଇଞ୍ଜିନ୍, ପ୍ରତି ଇଞ୍ଜିନ୍ ମୁହଁରେ ଖୁବ୍ ବଡ଼ ବଡ଼ ପଙ୍ଖା । ଚଢ଼େଇ ଦୁଇ ଗୋଡ଼ରେ ଠିଆହେଲା ପରି ଦୁଇଟା ଗ୍ଲେଟ ଗ୍ଲେଟ ଚକ ଉପରେ ଲୁହା ଗୋଡ଼ରେ ଠିଆହୋଇଥିବ ସେ ଜାହାଜଟା । ପ୍ରବେଶ-ଦ୍ୱାରଟି ଭୂଇଁରୁ ପ୍ରାୟ ଦୁଇ ମିଟରରୁ ଅଧିକ ଉଚ୍ଚ । ତେଣୁ ଜାହାଜରେ

ପଶିବା ପାଇଁ ଗୋଟିଏ ଶିଡ଼ି ଲଗାଇ ଦିଆଯାଇଥାଏ । ଯାତ୍ରୀମାନେ ପଶିସାରିଲା ପରେ ତାକୁ ପୁଣି କାଢ଼ି ନିଆଯାଏ ।

× × × ×

ମନେକର ତମେ ଉଡ଼ାଜାହାଜ ଭିତରେ ବସିଗଲ, ପାଞ୍ଚ ଦଶ ମିନିଟ ଗଲା । ଜାହାଜ ଏଥର ଉଡ଼ିବ । ପ୍ରଥମେ ଇଂଜିନ୍‌ର ପଙ୍ଖାଗୁଡ଼ିକ ଏତେ ଜୋର୍‌ରେ ବୁଲିବ ଯେ ଭୟଙ୍କର ଗର୍ଜନ ଶୁଣାଯିବ । ଜାହାଜ ଗୋଟାଯାକ ଖାଲି ଥରିଯିବ । ତମ ସାମ୍‌ନାରେ ଜାହାଜ ବାଉଦେହରେ କେତେଗୁଡ଼ିଏ ନାଲି ଅକ୍ଷର ଜଳି ଉଠିବ । ସେଥିରେ ଲେଖାଥିବ, "ସିଗାରେଟ୍ ଖାଆନ୍ତୁ ନାହିଁ, ସିଟ୍ ବେଲ୍‌ଟ୍ ବାନ୍ଧନ୍ତୁ ।" ସିଗାରେଟ କଥା ତମେ ଜାଣ, କିନ୍ତୁ ସିଟ୍‌ବେଲ୍‌ଟ୍ କଥାଟି ବୋଧହୁଏ ଜାଣନାହିଁ । କଥାଟା ହେଉଛି, ପ୍ରତ୍ୟେକ ସିଟ୍‌ରେ ଗୋଟାଏ ବେଲ୍‌ଟ୍ ଲାଗିଥାଏ । ଜାହାଜ ଉଡ଼ିବାକୁ ବାହାରିଲାବେଳେ ସେହି ବେଲ୍‌ଟ୍ ଲଗାଇବାକୁ ହୁଏ । ଇଂଜିନ୍ ଷ୍ଟାର୍ଟ୍ ହେବାର ପାଞ୍ଚ ମିନିଟ ଭିତରେ ଜାହାଜଟା ପଡ଼ିଆ ଭିତରେ ବୁଲେ । ଧୀରେ ଧୀରେ ଦୁଇ ବେଗ ବୁଲି ଫୁଟ୍‌କରି ଭୂଇଁରୁ ଉଠିପଡ଼େ । ପାଞ୍ଚ ମିନିଟ ଭିତରେ ଚିଲ ପରି ଉଡ଼ି ଉଡ଼ି ଆକାଶକୁ ଉଠିଯାଏ । ଜାହାଜଟା ଯେତେବେଳେ ଆକାଶକୁ ଉଠେ, ପାଣିରେ ମାଛ ପହଁରିଲା ପରି ଉପରକୁ ଭାସି ଚାଲିଯାଏ । ସେତେବେଳେ ଦୋଳିରେ ପହଁରିଲା ପରି ଭଲ ଲାଗେ । ଜାହାଜ ବାଉଦେହରେ ଛୋଟ ଗୋଲ କାଚ ଝରକା ଥାଏ । ସେଗୁଡ଼ିକ ସମ୍ପୂର୍ଣ୍ଣରୂପେ ବନ୍ଦ । ସେଥିରେ ଦେଖିହୁଏ, କିନ୍ତୁ ବାହାର ପବନ ତହିଁରେ ପଶିପାରେ ନାହିଁ ।

ଆକାଶ ଭିତରକୁ ଜାହାଜ ଚାଲିଯାଇ ଉଡ଼ିବାକୁ ଆରମ୍ଭ କଲାମାତ୍ରେ ପୂର୍ବର ସେହି ନାଲି ଅକ୍ଷର ଲିଭିଯାଏ । ସମସ୍ତେ ବେଲ୍‌ଟ୍ ଫିଟାଇ ଦିଅନ୍ତି । ଜାହାଜ ସେତେବେଳକୁ ହଜାର ହଜାର ମିଟର ଉପରକୁ ଉଠିଯାଇଥାଏ । ଯେଉଁ ମେଘ ସବୁ ଆମ ମୁଣ୍ଡ ଉପରେ ରହି ବର୍ଷା କରେ, ସେ ସବୁ ଜାହାଜର ବହୁତ ତଳେ ରହିଯାଏ । ଜାହାଜଟା ଘଣ୍ଟାରେ ତିନିଶ' ଚାରିଶ' କିଲୋମିଟର ବେଗରେ ଉଡ଼ୁଥାଏ; କିନ୍ତୁ ଦେହ ଏତେ ଟିକେ ବି

ହଟେଲ ନାହିଁ । ଶଗଡ଼ ଗାଡ଼ିରେ ତିନି କୋଶ ଗଲେ-ତିନି ଦିନଯାଏ ଦେହ ପୀଡ଼ା ଛାଡ଼େ ନାହିଁ । ବେଳେବେଳେ ରେଳଗାଡ଼ିରେ ବି ଦେହ ମୁଣ୍ଡ ବଥାଇଯାଏ । ଛୋଟ ଛୋଟ ଜଳଜାହାଜ ଜୋରରେ ହାଲଲେ ଟେବୁଲ ଚଉକି ଖସିପଡ଼େ; କିନ୍ତୁ ଉଡ଼ାଜାହାଜରେ ଦେହର ରୁମ ବି ହଲେ ନାହିଁ । ପୃଥିବୀରେ ଯେତେ ଯାନବାହନ ଅଛି, ଉଡ଼ାଜାହାଜ ବୋଧହୁଏ ସବୁଠୁ ସୁଖକର ।

× × × ×.

ତମେ ତଳେ ବୁଲୁଥିଲାବେଳେ ଗାଁଗଣ୍ଡା ବିଲବାଡ଼ି ଯେମିତି ଦେଖାଯାଏ, ଦୋମହଲା କୋଠା ଛାତଉପରକୁ ଉଠିଗଲେ, କିମ୍ବା ପାହାଡ଼ ଉପରେ ଗଛରେ ଚଢ଼ି ଦେଖିଲେ ସେମିତି ଦେଖାଯାଏ ନାହିଁ । ବହୁତ ଭିନ୍ନ ଦେଖାଯାଏ । ଉଡ଼ାଜାହାଜ ଯେତେବେଳେ ହଜାର ହଜାର ମିଟର ଉପରେ ଉଡ଼େ, ସେତେବେଳେ ପୃଥିବୀଟା କେମିତି ଦେଖାଯାଏ ଜାଣ ? ବଡ଼ ବଡ଼ ନଦୀଗୁଡ଼ାକ ଧଳା ଧଳା ଗାର ପରି ଦେଖାଯାନ୍ତି, ସଡ଼କଗୁଡ଼ା ସୂତାଖିଅ ପରି ଓ କୋଠାବାଡ଼ିଗୁଡ଼ାକ ଛୋଟ ଛୋଟ ଖେଳନାପରି । ରେଳ, ମଟର, ଜଳଜାହାଜ ସବୁ ଯେମିତି ଗୋଟିଏ ଗୋଟିଏ ଛୋଟ କଣ୍ଢେଇ । ଖୁବ୍ ବହୁତ ଉଚ୍ଚରେ ଉଡ଼ୁଥିବାବେଳେ ଗାଁଗଣ୍ଡା କିଛି ଚିହ୍ନି ହୁଏ ନାହିଁ । କିନ୍ତୁ ବଡ଼ ବଡ଼ ସହର ପାଖ ହେଲେ ଚାଳକମାନେ ଜାଣି ଜାଣି ଉଡ଼ାଜାହାଜ ତଳକୁ ଖସାଇ ଦିଅନ୍ତି ଓ ଚିଲପରି ସହର ଉପରେ ଚକ୍କର କାଟି ବୁଲନ୍ତି । ଫଳରେ ଯାତ୍ରୀମାନଙ୍କର ସେ ସହର ବିଷୟରେ ଗୋଟାଏ ସାଧାରଣ ଧାରଣା ଆସିଯାଏ । ଯେଉଁଠି ଏପରି ଜଣାଶୁଣା ଜାଗା ପଡ଼େ, ସେଠି ଜାହାଜ ଲୋକେ ଯାତ୍ରୀମାନଙ୍କୁ ଡାକି କହିଦିଅନ୍ତି—'ଆମେ ବର୍ତ୍ତମାନ ଅମୁକ ଜାଗା ଉପରେ ଉଡ଼ୁଛୁ, ଆପଣମାନେ ସେହି ଜାଗାକୁ ଚାହିଁ ଦେଖନ୍ତୁ ।' ମନେକର ତୁମେ ଇଟାଲୀର କର୍ସିକା ଦ୍ୱୀପଉପରେ ଉଡ଼ୁଛ । ମହାବୀର ନେପୋଲିଅନ ସେଇଠି ଜନ୍ମ ହୋଇଥିଲେ ବୋଲି ଯଦି ତମକୁ କେହି କହିଦିଏ, ତେବେ ତମ ଦେହ କ'ଣ ଆନନ୍ଦରେ ଉଲସିଉଠିବ ନାହିଁ ?

ବେଳେବେଳେ ମେଘତଳେ ଯିବା ସମୟରେ ବର୍ଷା ହେଲେ ଜାହାଜ ଦେହରେ ପାଣି ପଡ଼େ । ଦେହରେ ବର୍ଷା ପଡ଼ିଲେ ଚଢ଼େଇମାନେ ପକ୍ଷି

ଝାଡ଼ବଅନ୍ତି, ନଚେତ୍ ଗଛଖୋଲରେ ଲୁଚିଯାନ୍ତି । କିନ୍ତୁ ଉଡ଼ାଜାହାଜ ଉପରେ ପାଣି ପଡ଼ିଲେ ସେ ବଉଦର ପେଟ ଚିରି ତା ଉପରକୁ ଉଠି ପଳାଏ । ମେଘତଳେ ରହିଥାଏ ବୋଲି ମଣିଷ ସିନା ଡରିଯାଏ, କିନ୍ତୁ ତା ଉପରକୁ ଉଠିଗଲେ ମେଘ ଆଉ କରିବ କଣ ? ମେଘ ଉପରେ ଉପରେ ଉଡ଼ିଲେ ତମକୁ କେମିତି ଲାଗିବ ଥରେ ଭାବିଲ ଦେଖି ? ଉଡ଼ାଜାହାଜଟା ଯେତେବେଳେ ମେଘ ଉପରକୁ ଉଠିଯାଏ, ସୂର୍ଯ୍ୟ-କିରଣରେ ମେଘ ଉପରଟା ଭୁଲାଗଦା ପରି ଧଳା ଦେଖାଯାଏ । ବେଳେ-ବେଳେ ବଉଦ ସଙ୍ଗେ ଉଡ଼ାଜାହାଜ ଲୁଚକାଳି ଖେଳିଲା ପରି ଲାଗେ । ଖଣ୍ଡେ ମେଘ ପାରି ହେଲାବେଳକୁ ଆଉ ଖଣ୍ଡେ ମେଘ ମାଡ଼ିଆସେ । ଉଡ଼ାଜାହାଜ ଯେତିକି ପଳାଇବାକୁ ଚେଷ୍ଟା କରେ, ମେଘ ସେତିକି ମାଡ଼ି ଆସେ । କିନ୍ତୁ ଶେଷରେ ଉଡ଼ାଜାହାଜ ଜିତେ । ମଣିଷର ବୁଦ୍ଧି ଆଗରେ ବଉଦର ବଳ ବା କେତେ !

ରାତିରେ ମଧ୍ୟ ଉଡ଼ାଜାହାଜରେ ଗଲାବେଳେ ଖୁବ ଭଲ ଲାଗେ । ଅନ୍ଧାର ରାତିରେ ତାରାଗୁଡ଼ିକ ଖୁବ୍ ଉଜ୍ଜ୍ୱଳ ଦେଖାଯାନ୍ତି । ସେଗୁଡ଼ିକ ଏତେ ପାଖରେ ଥିଲାପରି ଲାଗନ୍ତି, ସତେ ଯେମିତି ହାତ ବଢ଼ାଇ ତୋଳି ଆଣି ହେବ । ଅନ୍ଧାର ଭିତରେ ସବୁ ନୀରବ ନିଶ୍ଚଳ ହୋଇଯାଇଥାଏ; କେବଳ ଶୁଭୁଥାଏ ଉଡ଼ାଜାହାଜର ଗୁଁ ଗୁଁ ଶବ୍ଦଟି । ଚନ୍ଦ୍ର ପକ୍ଷରେ ଜାହାଜଯାତ୍ରା ଆହୁରି ଭଲ ଲାଗେ । ଜଣାପଡ଼େ ଚନ୍ଦ୍ରଟା ଯେମିତି ଆସି ଉଡ଼ାଜାହାଜ ପଛରେ ଲାଗିଯାଉଛି । ଆକାଶରେ ଚନ୍ଦ୍ର ଓ ତଳେ ମେଘ ଥିଲେ ଚନ୍ଦ୍ର-ଆଲୁଅରେ ମେଘ ଅତି ସୁନ୍ଦର ଦେଖାଯାଏ । ଜଣାପଡ଼େ ସତେ ଯେମିତି ଉଡ଼ାଜାହାଜଟା ମେଘ ଉପରେ ଘୁଷୁରିଯାଉଛି । ଘରଦ୍ୱାର, ସାଙ୍ଗସାଥୀ ସମସ୍ତଙ୍କୁ ଛାଡ଼ି ସେହି ମେଘମାଳା ଭିତରେ ବାନ୍ଧି ହୋଇ ରହିଲାବେଳେ କେମିତି ଲାଗେ, ନିଜେ ଅନୁଭବ ନ କଲେ ବୁଝି ହୁଏ ନାହିଁ ।

●

( 'ସ୍ୱଦେଶଯାତ୍ରା'—୧୯୬୪ )

ବସନ୍ତକୁମାର ବେହୁରା ( ୧୯୨୨— )

[ ଜନ୍ମ—କଟକ ଜିଲ୍ଲା ବାଲିକୁଦା ଥାନା ବିଲିପଡ଼ା ଗ୍ରାମରେ—ଏଡ଼ିନ୍‌ବରାରେ ଉଚ୍ଚ ଶିକ୍ଷା ଏବଂ ଲଣ୍ଡନରେ ପ୍ରାଣୀବିଜ୍ଞାନରେ ଗବେଷଣା—ପିଲାମାନଙ୍କ ପାଇଁ ବିଜ୍ଞାନ-ଗଳ୍ପ ଲେଖିବାରେ ଆଗ୍ରହୀ—ଉତ୍କଳ ବିଶ୍ୱ-ବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ—କିଛି କାଳ 'କୁଳପତି' ମଧ୍ୟ ଥିଲେ । ସର୍ବଭାରତୀୟ ସ୍ତରରେ ଜଣେ ବିଶିଷ୍ଟ ପ୍ରାଣୀବିଜ୍ଞାନୀ ରୂପେ ସମ୍ମାନିତ ଏବଂ ପୁରସ୍କୃତ—'ଓଡ଼ିଶାର ସାପ', 'ଓଡ଼ିଶାର ବେଙ୍ଗ' ପ୍ରଭୃତି ପୁସ୍ତକର ଲେଖକ । ]

## 'ହାଚି'ର ଅମର କାହାଣୀ

୧୯୮୩ ମସିହା ଅଗଷ୍ଟ ମାସରେ ଦୁଇ ୟେନ୍ ମୂଲ୍ୟର ଏକ ନୂଆ ଡାକଟିକଟ ଜାପାନରେ ବାହାର କରାଯାଇଥିଲା । ତାହା ଗୋଟିଏ କୁକୁରର ସ୍ମୃତି-ଟିକଟ । ୧୯୨୩ ମସିହା ନଭେମ୍ବର ୨୦ ତାରିଖରେ ସେ କୁକୁରର ଜନ୍ମ । ତା ନାଁ ହାଚି । ସେ ମୋଟେ ମାସକର ହୋଇଥିଲାବେଳେ ଟୋକିଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ କଶାବୁରେ ତାକୁ କିଣିଥିଲେ । ସେ ଗୋଟିଏ ଆକିଟା ଜାତିର କୁକୁର । ଏ ଜାତିର କୁକୁରମାନେ ଭାରି ପ୍ରଭୁଭକ୍ତ ହୁଅନ୍ତି ।

ଅଧ୍ୟାପକ କଶାବୁରେ ଟୋକିଓର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ବାସ କରୁଥିଲେ । ତାଙ୍କ ଘର ସିବୁୟା ନାମକ ରେଲଷ୍ଟେସନ ପାଖରେ । ସେ ପ୍ରତିଦିନ ସକାଳେ ରେଳରେ ବିଶ୍ୱବିଦ୍ୟାଳୟକୁ ଯାଆନ୍ତି ଓ ଉପରବେଳା ଫେରନ୍ତି । ହାଚି ବର୍ଷକର ହେଲାଦିନୁ ପ୍ରତିଦିନ ସକାଳେ ତାଙ୍କ ସହିତ ରେଲଷ୍ଟେସନ ପର୍ଯ୍ୟନ୍ତ ଯାଏ । ଅଧ୍ୟାପକ ରେଲଗାଡ଼ିରେ ଯାଆନ୍ତି । ସେ ଫେରିଆସିବାଯାଏ ହାଚି ଷ୍ଟେସନରେ ତାଙ୍କୁ ଅପେକ୍ଷା କରିଥାଏ । ହଠାତ୍ ୧୯୨୫ ମସିହା ମେ ମାସରେ କଶାବୁରେଙ୍କର ମୃତ୍ୟୁ ଘଟିଲା । ଏହା ପରେ

ତାଙ୍କ ପରିବାର ଟୋକିଓର ଅନ୍ୟ ଏକ ଅଞ୍ଚଳକୁ ଉଠିଗଲେ । ମାତ୍ର ପ୍ରଭୁଭକ୍ତ 'ହାଚି', କାଳେ ତାର ମୁନିବ ଉପରବେଳା ଗାଡ଼ିରେ ଫେରି-ଆସିବେ, ଏଇ ଆଶାରେ ପ୍ରତିଦିନ ସିବୁୟା ରେଲଷ୍ଟେସନକୁ ଯାଉଥିଲା । ଏହିପରି ସାତ ବର୍ଷ କଟିଗଲା ।

ଦିନେ ଜାପାନର ବିଖ୍ୟାତ ଖବର-କାଗଜ 'ଆଶାହି ସିମ୍ବୁନ୍'ର ଜଣେ ପ୍ରତିନିଧିଙ୍କ ଦୃଷ୍ଟି ହାଚି ପ୍ରତି ଆକୃଷ୍ଟ ହେଲା । ସେ ତା ବିଷୟ ଅନୁସନ୍ଧାନ କରି ତା'ର ପ୍ରଭୁଭକ୍ତି ସମ୍ବନ୍ଧରେ ଏକ ବିସ୍ତାରିତ ବିବରଣୀ ୧୯୩୨ ମସିହାରେ ପ୍ରକାଶ କଲେ । ତାଙ୍କ ଲେଖାର ଶିରୋନାମା ଥିଲା—'ସାତ ବର୍ଷ ହେଲା ସେ ତା'ର ପ୍ରଭୁକୁ ଅପେକ୍ଷା କରିଛି ।' ଏହି ପ୍ରବନ୍ଧ ପ୍ରକାଶିତ ହେବା ପରେ ବହୁ ଲୋକ ହାଚିକୁ ଦେଖିବାକୁ ସିବୁୟା ରେଲ-ଷ୍ଟେସନକୁ ଆସିଲେ ।

୧୯୩୩ ମସିହା ଜୁନ୍ ମାସରେ ଜାପାନର ନାମଜାଦା ମୂର୍ତ୍ତି-କାରିଗର ଅଉଡ଼ୋ ଆକିରା ହାଚିର ଗୋଟିଏ ମୂର୍ତ୍ତି ତିଆରି କରି ଏକ ପ୍ରଦର୍ଶନୀକୁ ପଠାଇଲେ । ଏହା ଦେଖିବାକୁ ଲୋକଙ୍କର ପ୍ରବଳ ଆଗ୍ରହ ହେବାରୁ ହାଚିର ଗୋଟିଏ ବ୍ରୋଞ୍ଜ୍ ମୂର୍ତ୍ତି ପାଇଁ ଚାନ୍ଦା ଅସୁଲ ହେଲା ଓ ୧୯୩୪ ମସିହା ଏପ୍ରିଲ ୨୧ ତାରିଖରେ ସିବୁୟା ଷ୍ଟେସନ ଆଗରେ ତାହା ଉନ୍ମୋଚିତ ହେଲା । ହାଚି ନାମ ଏତେ ଲୋକପ୍ରିୟ ହେଲା ଯେ ସେହି 'ଟ୍ରେଡ୍ ମାର୍କ'ର ଖେଳନା, ଚକୋଲେଟ ଇତ୍ୟାଦି ତିଆରି ହେଲା ଏବଂ ଜାପାନୀ ସାହିତ୍ୟରେ ତା' ବିଷୟରେ କବିତା ଲେଖା ହେଲା । ଏପରିକି ଗୋଟିଏ ନାଚର ନାମ ହେଲା 'ହାଚି ନାଚ' ।

୧୯୩୫ ମସିହା ମାର୍ଚ୍ଚ ୮ ତାରିଖରେ ବାରବର୍ଷ ବୟସରେ ହାଚିର ମୃତ୍ୟୁ ହେଲା । ପ୍ରାୟ ଦଶ ବର୍ଷ କାଳ ସେ ପ୍ରତ୍ୟହ ସିବୁୟା ଷ୍ଟେସନକୁ ଆସି ତାର ମୁନିବ ପାଇଁ ଅପେକ୍ଷା କରୁଥିଲା । କୁକୁର 'ହାଚି' ତାର ପ୍ରଭୁଭକ୍ତି ପାଇଁ ଜାପାନରେ ଇତିହାସ ସୃଷ୍ଟି କରିଛି । ଟୋକିଓ ଜାତୀୟ ବିଜ୍ଞାନ ସଂଗ୍ରହଶାଳାରେ ହାଚିର ଦେହ ସଂରକ୍ଷିତ ହୋଇ ରହିଛି ।

●

( 'ସଂସାର'—ଜାନୁଆରୀ, ୧୯୫୮ )

## ଜୟକୃଷ୍ଣ ସାହୁ (୧୯୨୨—      )

[ଜନ୍ମ ପୁରୀ ଜିଲ୍ଲା ବେଣୁପୁର ଗ୍ରାମରେ—ତାଲିମପ୍ରାପ୍ତ ଗ୍ରାଜୁଏଟ୍ ଶିକ୍ଷକ ଭାବରେ ଅବସର ଗ୍ରହଣ କରିଛନ୍ତି । ଶିଶୁ ପତ୍ରିକାମାନଙ୍କରେ ତାଙ୍କ ରଚନା ପ୍ରକାଶ ପାଏ । 'ଶିଶୁ ସାଥୀ', 'ପାଠସାଥୀ', 'ପାଠପ୍ରମୋଦ', 'ସାହିତ୍ୟ ବିକାଶ' ପ୍ରଭୃତି ପାଠ୍ୟପୁସ୍ତକର ରଚୟିତା ।]

### 'ପିଇବି ନାହିଁ ସେ ବଙ୍କା କ୍ଷୀର'

ଅନ୍ଧଟିଏ ଆଉ ଛୋଟାଟିଏ,          ଏକା କୁଡ଼ିଆରେ ଥିଲେ ଦୁହେଁ ।
ଛୋଟାକୁ ବସାଇ କାନ୍ଧପରେ          ଭିକ ମାଗିଯାଏ ଅନ୍ଧ ଧୀରେ ।
ବାଟ ତ କଢ଼ାଏ ଛୋଟା ଭାଇ          ଅସୁବିଧା କିଛି ହୁଏ ନାହିଁ ।
ବରଷାରେ ଭିଜି ଦିନକର          ଅନ୍ଧକୁ ହୋଇଲା ଭାରି ଜ୍ୱର ।
ଜର ବଢ଼ିଗଲା ଦେଖୁ ଦେଖୁ          ଡାକା ହେଲା ଗାଁ ବଇଦକୁ ।
ବଇଦ କହିଲା ଦେଖି ନାଡ଼ୀ          'କ୍ଷୀର ଦିଅ, ଜର ଯିବ ଛୁଡ଼ି ।'

ଏହା କହି ସିଏ ଗଲା ଚାଲି          ଛୋଟା ମନେ ମନେ ହୁଏ ଭାଳି ।
କହିଲା, "ଶୁଣ ହେ ଅନ୍ଧ ଭାଇ,     ଯାଉଅଛି ମୁହିଁ କ୍ଷୀରପାଇଁ ।"
ଅନ୍ଧ ପଚାରଇ ଆଖି ମଳି,          "କ୍ଷୀର ଜିନିଷଟା କେଉଁଭଳି ?"
ଛୋଟା କହେ, "କର ଅନୁମାନ,     ବଗ ପରି ଧଳା କ୍ଷୀର ଜାଣ ।"
ଅନ୍ଧ କହେ "ବଗ କି ପ୍ରକାର ?     କିପରି ଆକାର ହେବ ତାର ?"
ଛୋଟା କହେ, "ତାର ଲମ୍ବା ବେକ, ବଙ୍କା ବାଡ଼ି ପରି ଗ୍ରୀବ ଏକ ।"
ଶୁଣି ଅନ୍ତରଛେ ଅନ୍ଧ ଭାଷେ,          "ପିଇଲେ ତଣ୍ଟିରେ ଲାଗିବ ସେ ।
ଅକାରଣେ ପ୍ରାଣ ଯିବ ମୋର,          ପିଇବି ନାହିଁ ସେ ବଙ୍କା କ୍ଷୀର ।"

●

( 'ବାଘମାମୁଁ'—୧୯୭୬ )

ବାଞ୍ଛାନିଧି ଦାଶ—(୧୯୨୩—        )

[ଜନ୍ମ କଟକ ଜିଲ୍ଲା ବାଇଁଶ୍ରୀଆ ଗ୍ରାମରେ—ଜାତୀୟ ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ—ଜାତୀୟବାଦୀ ଚାରଣ କବି ରୂପେ ପରିଚିତ—'ସମାଜ' କାର୍ଯ୍ୟାଳୟରେ ସହ-ସଂପାଦକ ରୂପେ ନିଯୁକ୍ତ—ରଚନାବଳୀ—'ମୋ ଜନମଭୂଇଁ', 'ଜୟଭେରୀ', 'ବାଳପ୍ରଭାତୀ', 'ପଲ୍ଲୀଛବି', 'ଆମ ବଡ଼ ଦେଉଳ', 'ଆମ କୋଣାର୍କ' ପ୍ରଭୃତି ।]

## ପହିଲି ପଞ୍ଚକ

ପହଡ଼େ ହେଲାଣି     ଦଶମୀ ଜହ୍ନଟି
ବାରି ଆମ୍ବତୋଟା ପଛରେ
ବୁଡ଼ିଲାଣି; ଆଜି     ବହଳ ଅନ୍ଧାର
ନାହିଁ ବାଡ଼ି ବେଲ ଗଛରେ ।

ବାଉଁଶ ଗଛର     ବହଳ ଫାଙ୍କରେ
ଶୁଦ୍ଧ କଇଁଫୁଲ ପରାଏ
ପୂରୁବ ଆକାଶେ     ଫାହାନ୍ତିଆ ତରା
ଜକ ଜକ ତନୁ ନଚୁଏ ।

ସରୁ ମଖମଲ     ଚଦର ସରିକା
ଫାହାନ୍ତା ପହର କୁହୁଡ଼ି
ବାଡ଼ି ପଛଆଡ଼ି     ଧାନ ବିଲ ପରେ
ଘୋଡ଼ାଇ ଦେଇଛି ଉଢ଼ୁଣୀ ।

ଘର ଅଗଣାର ଚେମିଣିଆ ଉଡ଼ି-
ବୁଲେ, ଦେଲ ଝଟଝଟିଆ
ଗାଆଁ ଦାଣ୍ଡ ଗୋଟି ଦଣ୍ଡକ ଭିତରେ
ଉଚ୍ଛୁଳେ, ଆଲୋ ଝଅଟି ଆ ।
ରାତି ପାହିଲାଣି କେଉଁ ଅମଳରୁ
ଯିବୁ ନାହିଁ କଲେ ତୁଳସୀ ?
ଏତେ ଅଳସେଇ ଚଞ୍ଚଳ ଆ'ମ
କିଏ ତୋ ପାଇଁ ଥିବ ବସି ?
କୁକୁର କାକୁର ହୋଇ ଶୋଇଥାଅ
ଆଲୋ ରାଜଜେମା କନକ,
ମଲା ମ, ତମର ଇଚ୍ଛା ନାହିଁ ଯେବେ,
କିଆଁ ନ କହିଲ ଏତକ ?
ହେଇ ଆସିଲେଣି ଦୁରୁଗା, କମଳା,
ସୀତା, ଉମା, ଉଷା, ମାଳିଆ,
ସବୁ ତ ଆସିଲେ, କେଣେ ଗଲେ କଲେ
ତମ ସାଇ ରୁକ, ମରୁଆ ?
ଥର ଥର ଆସି ପଦୁଆଁ ମା ବୁଢ଼ୀ
କହିଲା, "ହା, ତମେ ଗୋପସି,
ସୁରୁଯ ଦେବତା ଉଇଁବେ ଉଚ୍ଛୁଣି,
ସବୁଗୁଡ଼ାକ ତ ଚଞ୍ଚଳୀ !
ଝିଅଗୁଡ଼ା ତମେ କି ଶୁଆ ଶୁଅ ଲୋ ?
ଆହୁରି ତ ଅଛି କାଳକ,
ଆସ ଲୋ ଚଞ୍ଚଳ ଦିଅ ହୁଳହୁଳି,
ଆଜି ଯା ପହିଲି ପଞ୍ଚକ ।"

( 'ପଲ୍ଲୀଛବି'—୧୯୪୭ )

# ମୋ ଦେଶ

ଘୁପିଘୁପିକା ପରଜାପତି
ଉଡ଼ଇ ଫୁଲ ପତର ଫନେ,
ଛପି ଛପିକା ଜହ୍ନମାମୁଁ ଟି
ହସଇ କଳା ବଉଦ ତଳେ;
ଆମରି ସଙ୍ଗେ ଖେଳିବା ପାଇଁ
ଯିଏ ରେ ଭାଇ ଅଛୁ ସଜାଇ
ସଞ୍ଜ ସକାଳ ସୁନେଲି ଖରା
ଚକଚକିଆ ତରା,
ମାଆଟି ପରି ନାଆଁଟି ତାର
ସେଇ ମୋ ଦେଶ ପରା ।

ଆମରି ଘର ବାରି ବଗିଚ୍ଛ
ଶାଗୁଆ ବଣ ବିଲ,
କଜଳପାତି କାଉ କୋଇଲି
ଡାହୁକ ଶଙ୍ଖଚିଲ,
ଗୁଣ୍ଡୁଚିମୂଷା ନେଉଳ ଭାଇ
ସାଇତିଛି ଯେ ଆମରି ପାଇଁ,
ଝୁଲୁଝୁଲିଆ ମିଠା ପବନ
ବରଷା ଶୀତ ଖରା,
ମାଆଟି ପରି ନାଆଁଟି ତାର
ସେଇ ମୋ ଦେଶ ପରା ।

ନାଲି ଟହ-ଟ’ ପାଚିଲା ଆମ୍ବ
ସପୁରି ଖିରକୋଳି,
କେତେ ଜାତିକା ଫଳ ଫୁଲୁର
ଆମକୁ ଦିଏ ଢୋଳି;
ପାଣି ଭରିଛି ଆମରି ପାଇଁ
ପାହାଡ଼ ଝରି ପୋଖରୀ ନଈ,
ଯେତେବେଳକୁ ଯେଉଁ ଦରବ
ସାଇତିଅଛି ଭରା,
ମାଆଟି ପରି ନାଆଁଟି ଯାର
ସେଇ ମୋ ଦେଶ ପରା ।

ଏଇ ଦେଶରେ ଜନମ ଯେତେ
ନୁହେଁ ରେ କେହି ପର,
ସଭିଏଁ ଆମେ ଭାଇ ଭଉଣୀ
ଗୋଟିଏ ଆମ ଘର ।
ଆମେ ପଛକେ କୋଟିଏ ହେଉ
ଦେଶ ଆମର ଗୋଟିଏ ବୋଉ,
ଦେଶର କାମେ ଲାଗିବା ଆମେ
ନ ମାନି ଖରା ତରା,
ସଜାଇ ଦେବା ପଥ-ଘାଇକ—
ପରି ମୋ ଦେଶସାରା ।

( ‘ମୋ ଦେଶ’—୧୯୪୭ )

ଗୋକୁଳାନନ୍ଦ ମହାପାତ୍ର (୧୯୨୩—      )

[ଜନ୍ମସ୍ଥାନ—ଭଦ୍ରକ । କଲିକତା ପ୍ରେସିଡେନ୍‌ସି କଲେଜରେ ଶିକ୍ଷା ଶେଷ କରି ରେଭେନ୍‌ସା କଲେଜରେ ଅଧ୍ୟାପନା—ଆମେରିକାରେ ଉଚ୍ଚ ଶିକ୍ଷା ପାଇଛନ୍ତି—କିଛିକାଳ 'ଟେକ୍‌ସ୍ଟବୁକ୍ ବ୍ୟୁରୋ'ର ନିର୍ଦ୍ଦେଶକ ଥିଲେ—ପ୍ରାୟ ୫୦ ଖଣ୍ଡ ବିଜ୍ଞାନ ପୁସ୍ତକର ଲେଖକ—ବିଜ୍ଞାନ ପ୍ରଚାର ସମିତିର ପ୍ରତିଷ୍ଠାତା ଏବଂ 'ବିଜ୍ଞାନାଲୋକ' ପତ୍ରିକାର ସମ୍ପାଦକ । **ରଚନାବଳୀ** :—'କୃତ୍ରିମ ଉପଗ୍ରହ', 'ଛବି କେମିତି କଥା କହେ', 'ଯନ୍ତ୍ର ମଣିଷ', 'ଚନ୍ଦ୍ରର ମୃତ୍ୟୁ' ଇତ୍ୟାଦି ।]

## ଆକବର ବାଦଶାହା ଓ ଚେସ୍‌ଖେଳ

ଚେସ୍ ଖେଳ ପୃଥିବୀର ପ୍ରାୟ ସବୁ ଦେଶରେ ଖେଳାଯାଏ । ପାଶ୍ଚାତ୍ୟ ଦେଶମାନଙ୍କରେ ଏହାର ଲୋକପ୍ରିୟତା ଖୁବ୍ ବେଶି । ସେ ଦେଶମାନଙ୍କରେ ଏମିତି ଦକ୍ଷ ଚେସ୍ ଖେଳାଳି ଅଛନ୍ତି, ଯେଉଁମାନଙ୍କୁ ପରାସ୍ତ କରିବା ସହଜ ନୁହେଁ । ଆଜିକାଲି ସେ ସବୁ ଦେଶରେ କମ୍ପ୍ୟୁଟର ସାହାଯ୍ୟରେ ମଧ୍ୟ ଚେସ୍ ଖେଳାଯାଉଅଛି । ଅନେକେ ଜାଣି ନ ଥିବେ ଏହି ଜନପ୍ରିୟ ଖେଳର ଉଦ୍ଭାବନ ସର୍ବପ୍ରଥମେ ଆମ ଦେଶରେ ହୋଇଥିଲା । ଭାରତରେ ଏହି ଖେଳର ନାମ ହେଉଛି ସତରଞ୍ଜ ଖେଳ । ଏହିଠାରୁ ସୃଷ୍ଟି ହୋଇ ପୃଥିବୀର ବିଭିନ୍ନ ଦେଶକୁ ଏହା ବ୍ୟାପିଛି । ଐତିହାସିକ-ମାନଙ୍କ ମତରେ ଷୋଡ଼ଶ ଶତାବ୍ଦୀରେ ବନାରସ ନିକଟବର୍ତ୍ତୀ ଏକ ସ୍ଥାନରେ ଏହି ଖେଳର ଜନ୍ମ । ଆକବର ବାଦଶାହାଙ୍କ ଅମଳରେ ଏହି ଖେଳର ଜନ୍ମ ହୋଇଥିଲା ବୋଲି କେତେକ ଲୋକ କହନ୍ତି । ଆକବର

ଏହି ଖେଳକୁ ଖୁବ ଭଲ ପାଉଥିଲେ । ସେ ଅବସର ବିନୋଦନ ପାଇଁ କେବେ କେବେ ମନ୍ତ୍ରୀମାନଙ୍କ ସହିତ, କିମ୍ବା ହାରେମ୍‌ରେ ଥିଲେ ବେଗମ୍-ମାନଙ୍କ ସହିତ ଖେଳିବାକୁ ଭଲ ପାଉଥିଲେ । ଯେଉଁ ବେଗମ୍‌ମାନେ ଭଲ ଚେସ ଖେଳିପାରୁଥିଲେ, ଆକବର ସେହି ବେଗମ୍‌ମାନଙ୍କୁ ବିଶେଷ ଭଲ ପାଉଥିଲେ ।

ଦିନେ ଆକବର ଶୁଣିବାକୁ ପାଇଲେ ଯେ ତାଙ୍କର ଅତି ପ୍ରିୟ ଏହି ସତରଞ୍ଜି ଖେଳର ପ୍ରକୃତ ଉଦ୍ଭାବକ ତାଙ୍କ ରାଜ୍ୟର ଜଣେ ପ୍ରଜା । ସେ ବନାରସ ନିକଟବର୍ତ୍ତୀ ଏକ ସ୍ଥାନରେ ରହନ୍ତି । ଏହା ଶୁଣି ଆକବର ସେହି ଚେସ୍ ଖେଳର ସ୍ରଷ୍ଟାଙ୍କୁ ତାଙ୍କ ଦରବାରକୁ ଆଣିବାପାଇଁ ସେନାପତି ମାନସିଂହଙ୍କୁ ପଠାଇଲେ । ମାନସିଂହ ବନାରସ ଯାଇ ନାନା ଖୋଜଖବର ନେଲେ ଏବଂ ଖେଳର ପ୍ରକୃତ ସ୍ରଷ୍ଟାଙ୍କର ସନ୍ଧାନ ପାଇ ତାଙ୍କୁ ଆକବରଙ୍କ ପାଖକୁ ଘେନିଆସିଲେ । ଖେଳର ସ୍ରଷ୍ଟା ଜଣେ ଗରିବ ବ୍ରାହ୍ମଣ । ତାଙ୍କ ନାଁ ଦକ୍ଷିଣାବର୍ତ୍ତି । ଗରିବ ହେଲେହେଁ ସେ ବିଦ୍ୱାନ୍ ଓ ବୁଦ୍ଧିମାନ୍ । ଅଧ୍ୟାପନା କାର୍ଯ୍ୟ କରି ନିଜ ପେଟ ପୋଷନ୍ତି ।

ଆକବରଙ୍କ ରାଜଦରବାରରେ ଦକ୍ଷିଣାବର୍ତ୍ତିଙ୍କର ଜୋରସୋରରେ ସ୍ୱାଗତ-ସମ୍ବର୍ଦ୍ଧନା କରାଗଲା । ଆକବର ତାଙ୍କୁ ନିଜ ସିଂହାସନ ନିକଟରେ ବସାଇ ଖୁବ୍ ସମ୍ମାନ ଦେଲେ । ମନ୍ତ୍ରୀ, ସେନାପତିମାନଙ୍କ ମେଳରେ ବସି ଦକ୍ଷିଣାବର୍ତ୍ତିଙ୍କୁ କହିଲେ, "ଦକ୍ଷିଣାବର୍ତ୍ତି, ମୁଁ ତୁମ ଉଦ୍ଭାବନରେ ଖୁବ୍ ପ୍ରୀତ ହୋଇଅଛି । ମୋ ରାଜ୍ୟରେ ଏଭଳି ଗୁଣୀ ଲୋକ ଅଛନ୍ତି ଦେଖି ମୁଁ ଖୁସି ହେଉଛି । ମୁଁ ତୁମକୁ ପୁରସ୍କୃତ କରିବାକୁ ଇଚ୍ଛୁକ । ତୁମେ ଯେଉଁ ପୁରସ୍କାର ମାଗିବ, ମୁଁ ଦେବାକୁ ପ୍ରସ୍ତୁତ ।"

ଦାତା ହିସାବରେ ଆକବର ସାରା ରାଜ୍ୟରେ ସୁପରିଚିତ ଥିଲେ । ଗରିବଙ୍କର ଦୁଃଖ ଦେଖିଲେ ତାଙ୍କ ହୃଦୟ ତରଳି ଯାଉଥିଲା । ଦକ୍ଷିଣାବର୍ତ୍ତି କ'ଣ ଯେ ତାଙ୍କୁ ମାଗିବ, ଭାବି ସ୍ଥିର କରିପାରିଲା ନାହିଁ ।

ଆକବର ପୁଣି ଥରେ ଦକ୍ଷିଣାବର୍ତ୍ତିଙ୍କୁ ପୁରସ୍କାର ମାଗିବାକୁ କହିଲେ । ବହୁ ଚିନ୍ତା କରି ଦକ୍ଷିଣାବର୍ତ୍ତି ଥରଥର ଗଳାରେ କହିଲା,

"ହଜୁର, ଗରିବର ମା' ବାପ, ମୁଁ ଦ୍ୱାର ଦ୍ୱାର ବୁଲି ପିଲାମାନଙ୍କୁ ପାଠ ପଢ଼ାଇ ମୋ ଜୀବିକା ଅର୍ଜନ କରେ । ସେଥିରେ ମୁଁ ଯାହା ରୋଜଗାର କରେ, ତାହା ମୋ କୁଟୁମ୍ବ ପୋଷିବାକୁ ଯଥେଷ୍ଟ ହୁଏନି । ହଜୁର ମୋତେ ଯଦି କିଛି ଧାନ ଦିଅନ୍ତି, ତେବେ ମୋ କୁଟୁମ୍ବ ଟିକିଏ ଅଧିକ ସୁଖରେ ରହନ୍ତେ ।"

ଆକବର କହିଲେ, 'ମୋ ରାଜ୍ୟରେ ତୁମଭଳି ବିଦ୍ୱାନ୍ ଓ ବୁଦ୍ଧିମାନ୍ ଲୋକ ନିଜ କୁଟୁମ୍ବ ପୋଷିପାରନ୍ତି ନାହିଁ, ଏହାଠାରୁ ଅଧିକ ଲଜ୍ଜା ମୋ ପକ୍ଷରେ ଆଉ କ'ଣ ହୋଇପାରେ, ଦକ୍ଷିଣାବର୍ତ୍ତି ? ମୁଁ ଦେଖୁଛି ତୁମେ ବଡ଼ ନିଃସ୍ୱ ଓ ସରଳ । ତୁମର ସୁନା, ମଣି, ମୁକ୍ତା ପ୍ରତି ଲୋଭ ନାହିଁ । ତା' ନ ହୋଇଥିଲେ ତୁମେ ସେସବୁ ପଦାର୍ଥ ନ ମାଗି ମୋତେ ସାମାନ୍ୟ ଧାନ ମାଗି ନ ଥାନ୍ତ । ମୁଁ ତୁମ ସରଳତାରେ ଖୁବ୍ ମୁଗ୍ଧ ହୋଇଛି, ଦକ୍ଷିଣାବର୍ତ୍ତି ! ଏଥର ତୁମେ କୁହ, ତୁମର କେତେ ପରିମାଣର ଧାନ ଦରକାର । ତୁମ ପରିବାରର ସାରାଜୀବନ ଚଳିବା ପାଇଁ ଯେତେ ଧାନ ଦରକାର, ମୁଁ ଦେବାକୁ ପ୍ରସ୍ତୁତ ଅଛି ।"

"ହଜୁର, ଆପଣ ଏ ଗରିବର ଉଦ୍ଭାବନରେ ଯଦି ସନ୍ତୁଷ୍ଟ ହୋଇଛନ୍ତି, ତେବେ ସେହି ସତରଞ୍ଜି ଖେଳରେ ଯେତୋଟି ଘର ଅଛି, ପ୍ରତି ଘରପାଇଁ କ୍ରମବର୍ଦ୍ଧିଷ୍ଣୁ ହାରରେ ସେତିକି ସଂଖ୍ୟକ ଧାନ ଦେଲେ ମୋର ଯଥେଷ୍ଟ ହେବ, ଆଜ୍ଞା !"

"ତୁମ ମାଗୁଣି ସ୍ପଷ୍ଟ ହେଉନି, ଦକ୍ଷିଣାବର୍ତ୍ତି ! ଆଉ ଟିକିଏ ସ୍ପଷ୍ଟ କରି କୁହ," ଆକବର କହିଲେ ।

ନିକଟରେ ଠିଆହୋଇଥିଲେ ବିଦୂଷକ ବୀରବଲ୍ । ସେ ଦକ୍ଷିଣାବର୍ତ୍ତିଙ୍କ ମାଗୁଣିର ମର୍ମ ଆକବରଙ୍କୁ ବୁଝାଇଦେଲେ । ବୀରବଲ୍ କହିଲେ, "ହଜୁର, ସତରଞ୍ଜ ଖେଳରେ ଚଉଷଠିଟି ଘର ଅଛି । ଦକ୍ଷିଣାବର୍ତ୍ତି ମାଗୁଛନ୍ତି, ପ୍ରଥମ ଘର ପାଇଁ ତାଙ୍କୁ ଗୋଟିଏ ଧାନ ଦେବେ, ଦ୍ୱିତୀୟ ଘର ପାଇଁ ଦୁଇଟି ଧାନ । ତୃତୀୟ ଘର ପାଇଁ ଚାରୋଟି, ଚତୁର୍ଥ ଘର ପାଇଁ

ଆଠଗୋଟି, ପଞ୍ଚମ ଘର ପାଇଁ ଷୋଳଗୋଟି, ଷଷ୍ଠ ଘର ପାଇଁ ବତିଶ ଗୋଟି, ସପ୍ତମ ଘର ପାଇଁ ଚଉଷଠି ଗୋଟି ଧାନ...... ।"

"ଥାଉ ଥାଉ, ମୁଁ ଏଥର ବୁଝିପାରିଲି, ବୀରବଲ୍ ।" ଦକ୍ଷିଣାବର୍ତ୍ତିଙ୍କୁ ଅନାଇ କହିଲେ, "ବୀରବଲ୍ ଯାହା କହୁଛନ୍ତି, ତୁମେ କ'ଣ ଠିକ୍ ସେତିକ ସଂଖ୍ୟକ ଧାନ ମାଗୁଛ, ଦକ୍ଷିଣାବର୍ତ୍ତି ?"

"ହଜୁର, ଗରିବଙ୍କ ମା' ବାପ, ଶ୍ରେଷ୍ଠ ମୁହଁରେ ବଡ଼ କଥା ସୁନ୍ଦର ଦିଶେନା । ଆପଣ ସେତିକ ଧାନ ଦେଲେ ମୋ ଗୁରୁଋଣ ସେଣ୍ଟି-ପାରିବ । ତା'ହେଲେ ମୁଁ ଛାତ୍ରମାନଙ୍କୁ ବିନା ପାରିଶ୍ରମିକରେ ସବୁଦିନପାଇଁ ପାଠ ପଢ଼ାଇ ପାରିବ ।"

ହସିଲେ ଆକବର । "ମୁଁ ଭାବିଥିଲି ଦକ୍ଷିଣାବର୍ତ୍ତି, ତୁମ ବୁଦ୍ଧି ଖୁବ୍ ପ୍ରଖର । କିନ୍ତୁ ମୁଁ ଯାହା ଦେଖୁଛି, ଏହା ତାର ଓଲଟା । ତୁମେ ଏହିଭଳି ଗୋଟିଏ, ଦୁଇଟି, ଚାରିଗୋଟି, ଆଠଗୋଟି ଧାନ ନେଇ ନିଜ କୁଟୁମ୍ବର କି ଭରଣପୋଷଣ କରିବ ଶୁଣେ ? ତୁମର ମାଗୁଣିକୁ ରକ୍ଷା କରିବା ପାଇଁ ଲଜ୍ଜା ଲାଗୁଛି । ହେଲେ, ଯେତେବେଳେ କଥା ଦେଇଛି, ସେତେବେଳେ ତୁମକୁ ତାହା ଦିଆଯିବ ।" ତା'ପରେ ଅର୍ଥମନ୍ତ୍ରୀ ତୋଦରମଲ୍ଲଙ୍କୁ ଅନାଇ କହିଲେ, "ତୋଦରମଲ୍ଲ, ଯେତିକ ସଂଖ୍ୟକ ଧାନ ଦକ୍ଷିଣାବର୍ତ୍ତି ଚାହୁଁଛନ୍ତି, ଆମ ଖମାରରୁ ସଙ୍ଗେ ସଙ୍ଗେ ତାହା ଯୋଗାଇଦିଅ ।" ଆକବର ଏତିକି କହି ଦରବାରରୁ ବାହାରିଗଲେ । ଚାଲିବେଳେ ଦକ୍ଷିଣାବର୍ତ୍ତିଙ୍କୁ ଅନାଇ କହିଦେଇଗଲେ, "ସେତିକ ଧାନରେ ଯଦି ତୁମର ଗୁରୁଋଣ ନ ସେଣ୍ଟେ, ତେବେ ମୋତେ ଆହୁରି ଅଧିକ ଧାନ ମାଗିବାକୁ କୁଣ୍ଠାବୋଧ କରିବନି, ଦକ୍ଷିଣାବର୍ତ୍ତି ! ମୁଁ ତୁମକୁ ସାହାଯ୍ୟ କରିବା ପାଇଁ ସବୁଦା ପ୍ରସ୍ତୁତ ଅଛି । ତୁମେ ସିଂହଦ୍ୱାରଠାରେ ଅପେକ୍ଷା କର । ତୁମର ପ୍ରାପ୍ୟ ଧାନ ସଙ୍ଗେ ସଙ୍ଗେ ମିଳିଯିବ ।"

"ହଜୁରଙ୍କର ଏ ଦୟା ଭୁଲିବାର ନୁହେଁ ।" ବିନମ୍ର ସ୍ୱରରେ କହି ଦକ୍ଷିଣାବର୍ତ୍ତି ଆକବରଙ୍କ ଫେରିଯିବା ପଥକୁ ଅନାଇରହିଲି ।

(୨)

ସନ୍ଧ୍ୟା ହେବାକୁ ବସିଲାଣି । ଦକ୍ଷିଣାବର୍ତ୍ତ ଧାନ ପାଇଁ ସିଂହଦ୍ୱାର-ଠାରେ ଅପେକ୍ଷା କରନ୍ତି । ଏ ପର୍ଯ୍ୟନ୍ତ ଆକବରଙ୍କ ଖମାରରୁ ଧାନ ଦିଆଯାଇ ପାରିନାହିଁ । ତୋଦରମଲ୍ଲ ତାଙ୍କ ଗଣିତଜ୍ଞମାନଙ୍କୁ ଧରି ହିସାବ ଚଳାଇଛନ୍ତି, ପ୍ରକୃତରେ କେତେ ପରିମାଣର ଧାନ ଦକ୍ଷିଣାବର୍ତ୍ତ ପାଇବ ।

ହାରେମ୍‌ରେ ବେଗମ୍‌ଙ୍କ ସହିତ ସତରଞ୍ଜ ଖେଳୁଥିଲାବେଳେ ହଠାତ୍ ଆକବରଙ୍କର ଦକ୍ଷିଣାବର୍ତ୍ତ କଥା ମନେପଡ଼ିଲା । ତାକୁ ତା' ପ୍ରାପ୍ୟ ଧାନ ଦିଆଯାଇଛି କି ନା ବୁଝିବା ପାଇଁ ସେ ତୋଦରମଲ୍ଲଙ୍କ ପାଖକୁ ଦୂତ ପଠାଇଲେ ।

ଦୂତ ଫେରିଆସି ଖବର ଦେଲା, "ହଜୁର, ଦକ୍ଷିଣାବର୍ତ୍ତ ଘୁମୁଙ୍କ କହିବା ଅନୁସାରେ ସିଂହଦ୍ୱାରଠାରେ ଅପେକ୍ଷା କରିଛନ୍ତି । ତାଙ୍କୁ ତାଙ୍କ ପ୍ରାପ୍ୟ ଧାନ ଏପର୍ଯ୍ୟନ୍ତ ଦିଆଯାଇପାରିନାହିଁ । ଗଣିତଜ୍ଞମାନେ ଗଣନା ସାରିନାହାନ୍ତି । ଗଣନା ସାରିଲେ ଧାନ ଦିଆଯିବ ।"

ଆକବର ବଡ଼ ବିରକ୍ତ ହେଲେ । ତୋଦରମଲ୍ଲଙ୍କଠାକୁ ଖବର ପଠାଇଲେ ସକାଳ ହେବା ପୂର୍ବରୁ ଦକ୍ଷିଣାବର୍ତ୍ତକୁ ତା ପ୍ରାପ୍ୟ ଧାନ ଯେମିତି ଦିଆଯାଇଥାଏ । ସେ ନିଦ୍ରାରୁ ଉଠିବା ପୂର୍ବରୁ ଦକ୍ଷିଣାବର୍ତ୍ତ ଯେମିତି ରାଜନଅରରୁ ବିଦା ହୋଇଥିବ ।

ତହିଁ ପରଦିନ ।

ଆକବର ଶଯ୍ୟାତ୍ୟାଗ କରୁଛନ୍ତି । ହଠାତ୍ ଦୂତ ଆସି ଖବର ଦେଲା—ମନ୍ତ୍ରୀ ତୋଦରମଲ୍ଲ ଘୁମୁଙ୍କ ଦର୍ଶନ ଅପେକ୍ଷାରେ ବାହାରେ ଠିଆ ହୋଇଛନ୍ତି ।

ଆକବର ବିରକ୍ତ ହେଲେ । "ଏତେ ସକାଳୁ ଆସିବାର ପ୍ରୟୋଜନ ? ନହେଉ, ଡାକିଆଣ ।"

"କଣ ତୋଦରମଲ୍ଲ, ଦକ୍ଷିଣାବର୍ତ୍ତକୁ ତା ପ୍ରାପ୍ୟ ଧାନ ଦିଆଯାଇ ବିଦାୟ କରାଯାଇଛି ତ ?"

ତୋଡରମଲ୍ଲ ବଡ଼ ବ୍ୟସ୍ତ ହୋଇ କହିଲେ, "ନାହିଁ ଆଜ୍ଞା, ଦକ୍ଷିଣାବର୍ତ୍ତିଙ୍କୁ ତା ପ୍ରାପ୍ୟ ଧାନ ଏ ପର୍ଯ୍ୟନ୍ତ ଦିଆଯାଇପାରିନି ।"

"ଆଁ ! ଦିଆଯାଇପାରିନି ? ନ ଦିଆଯିବାର କାରଣ ?" ବିରକ୍ତ ସ୍ୱରରେ ପଚାରିଲେ ଆକବର ।

"ହଜୁରଙ୍କ ଖମାରରେ ସେତେ ପରିମାଣର ଧାନ ନାହିଁ ।" ତୋଡରମଲ୍ଲ ରହି ରହି କହିଲେ ।

"ହିନ୍ଦୁସ୍ଥାନର ସମ୍ରାଟ ଆକବର ବାଦଶାହାଙ୍କ ଖମାରରେ ଦକ୍ଷିଣାବର୍ତ୍ତିର ସାମାନ୍ୟ ମାଗୁଣିକୁ ପୂରଣ କଲାଭଳି ଧାନ ନାହିଁ ? ହାଃ, ହାଃ, ହାଃ, ହସାଇଲ, ହସାଇଲ ମୋତେ, ତୋଡରମଲ୍ଲ !"

"ହଜୁର, ଏହାକୁ ଠିକଏ ଗୁରୁତ୍ୱର ସହିତ ବିଚାରକୁ ନିଅନ୍ତୁ । ମାତ୍ର ଚଉଷଠିଟି ଘର ପାଇଁ ଦକ୍ଷିଣାବର୍ତ୍ତି ଯେତିକ ଧାନ ମାଗିଛନ୍ତି, ସେତିକ ଧାନ ମଣିମାଙ୍କ ଖମାରରେ କାହିଁକି, ସାରା ହିନ୍ଦୁସ୍ଥାନର ସମସ୍ତ ଖମାରରେ ବି ନାହିଁ ।"

ହଠାତ୍ ଗମ୍ଭୀର ହୋଇଯାଇ ଆକବର ପଚାରିଲେ, "ତୁମେ ଯାହା କହୁଛ, ତାହା କଣ ସତ, ତୋଡରମଲ୍ଲ ?"

"ଗ୍ରୀମୁଙ୍କଠାରେ ଅସତ୍ୟର କୌଣସି ଅବକାଶ ନାହିଁ, ହଜୁର ! ଆମ ଗଣିତଜ୍ଞମାନେ ଗତ ରାତିସାରା ଗଣନା କରି ଦେଖିଛନ୍ତି, ଦକ୍ଷିଣାବର୍ତ୍ତି ଯେଉଁ ଧାନ ଆମଠାରୁ ପାଇବେ, ସେହି ଧାନର ପରିମାଣ ହେଉଛି ଅତି ବିରାଟ ।"

"ମୋର ସାରା ରାଜ୍ୟରେ ଅସଂଖ୍ୟ ଖମାର ଥାଇ ସବୁ ଖମାରର ଧାନ ଠୁଳ ହେଲେ କଣ ଏହି ପରିମାଣ ପାଇଁ ଯଥେଷ୍ଟ ନୁହେଁ, ତୋଡରମଲ୍ଲ ?"

"ନାହିଁ ଆଜ୍ଞା ! କ୍ଷମା କରିବେ, ଚେସ୍ ଖେଳର ଉଦ୍ଭାବକ ଜଣେ ବିଚକ୍ଷଣ ପଣ୍ଡିତ । ସେ ମଣିମାଙ୍କୁ ଯେଉଁ ପୁରସ୍କାର ମାଗିଲେ, ତାହା ଉପରକୁ ଅତି ନ୍ୟୂନ ଦିଶିଲେହେଁ ଗଣନାପରେ ଯାହା ଜଣାଯାଉଛି, ତାହା

ଏକ ଅତି ବିରାଟ ପରିମାଣ । ତାହା ପୁଣି ଏତେ ବିରାଟ ଯେ ସାରା ପୃଥିବୀରେ ଏତେ ପରିମାଣର ଧାନ ଉତ୍ପନ୍ନ ହୁଏ କି ନାହିଁ ସନ୍ଦେହ, ହଜୁର ! ଗଣନାଦ୍ୱାରା ଯାହା ଦେଖାଯାଉଛି, ସେ ମାଗିଥିବା ଧାନକୁ ରଖିବାପାଇଁ ଯେଉଁ ବିରାଟ ଆକାରର ଖମାର ଦରକାର ହେବ, ସେହି ଖମାରର ଉଚ୍ଚତା ସାତ-ହାତ ଓ ଓସାର ଦଶ ହାତ ହେଲେ, ଖମାରଟିର ଲମ୍ବ ହେବ ପ୍ରାୟ ଦଶକୋଟି କ୍ରୋଶ ।"

"ଆଁ ! ଲମ୍ବ ହେବ ଦଶକୋଟି କ୍ରୋଶ ?" ଆକବର ହଠାତ୍ ଚମକି ପଡ଼ିଲେ । ତାଙ୍କ ଆଖି ଖୋସିହୋଇଗଲା । ଦକ୍ଷିଣାବର୍ତ୍ତିର ଏତାଦୃଶ ମାଗୁଣିରେ ସେ ଅତିଶୟ ପ୍ରୀତ ହୋଇ ତାହାକୁ ଡକାଇ ପଠାଇଲେ । ତାଙ୍କର ପ୍ରଖର ବୁଦ୍ଧି ପାଇଁ ତାଙ୍କୁ ଅଶେଷ ପ୍ରଶଂସା କଲେ । ନାନାପ୍ରକାର ପୁରସ୍କାର ଦେଇ ତାଙ୍କ ପରିବାରର ଭରଣପୋଷଣ ପାଇଁ ବୃତ୍ତି ଖଞ୍ଜିଦେଲେ । କଥିତ ଅଛି, ଆଜିପର୍ଯ୍ୟନ୍ତ ବନାରସଠାରେ ତାଙ୍କ ବଂଶଧରମାନେ ସେହି ଜମିକୁ ଭୋଗ-ଦଖଲ କରି ଚଳୁଛନ୍ତି ।

ବର୍ତ୍ତମାନ ଆମେ ଦେଖିବା ତୋଡରମଲ୍ଲ ଯେଉଁ ଗଣନା କଲେ, ତାହା କେତେଦୂର ସତ୍ୟ । ଦକ୍ଷିଣାବର୍ତ୍ତି କହିଥିଲେ ପ୍ରତି ଘର ପାଇଁ ପୂର୍ବ ଘର ବାବଦ ପାଇଥିବା ଧାନର ଦୁଇଗୁଣ ଧାନ ନେବେ; ଅର୍ଥାତ୍ ସେ ଯଦି ପ୍ରଥମ ଘର ପାଇଁ ଗୋଟିଏ ଧାନ ନିଅନ୍ତି, ତେବେ ଦ୍ୱିତୀୟ ଘର ପାଇଁ ଦୁଇଗୋଟି, ତୃତୀୟ ଘର ପାଇଁ ଚାରିଗୋଟି, ଚତୁର୍ଥ ଘର ପାଇଁ ଆଠଗୋଟି; ଏହି ରୀତିରେ ଚଉଷଠି ଘର ପାଇଁ କ୍ରମବର୍ଦ୍ଧିଷ୍ଣୁ ସଂଖ୍ୟାରେ ଧାନ ନେବେ । ତେଣୁ ସେ ନେବା ଧାନର ସଂଖ୍ୟା ହେବ ୧ + ୨ + ୪ + ୮ + ୧୬ + ୩୨ + ୬୪ + ୧୨୮ + ··· ଏହି କ୍ରମରେ ଚଉଷଠିତମ ଘର ପର୍ଯ୍ୟନ୍ତ । ଏହି ପରିମାଣକୁ ମିଶାଇଲେ ଏହା ହେବ ୧୮,୪୪୬,୭୪୪,୦୭୩, ୭୦୯,୫୫୧,୬୧୫ । ଏତକ ସଂଖ୍ୟକ ଧାନର ଆୟତନ ହେବ କଳ୍ପନାତୀତ । ଏକ ଘନଫୁଟ ଧାନରେ ଯଦି ହାରାହାରି ଲକ୍ଷେ ଧାନ ରହେ, ତେବେ ଉପରୋକ୍ତ ଧାନର ଆୟତନ ହେବ ପ୍ରାୟ ୧୮୫,୦୦୦, ୦୦୦,୦୦୦,୦୦୦ ଘନଫୁଟ । ଏତକ ଧାନ ରଖିବା ପାଇଁ ଯଦି

ଗୋଟିଏ ଖମ୍ବାର ତିଆରି କରାଯାଏ, ତେବେ ସେ ଖମ୍ବାରର ଉଚ୍ଚତା ଦଶ ଫୁଟ ଓ ଓସାର ପନ୍ଦର ଫୁଟ ହେଲେ ତାହାର ଲମ୍ବ ହେବ ପ୍ରାୟ କୋଡ଼ିଏ କୋଟି ମାଇଲ । ସେହି ଖମ୍ବାରଟିକୁ ଯଦି ପୃଥିବୀପୃଷ୍ଠରେ ତିଆରି କରାଯାଏ, ତେବେ ଏହା ସାରା ପୃଥିବୀକୁ ଆଠ ହଜାର ଥର ଘୂରି ଆସି-ପାରିବ । ଏହି ଖମ୍ବାରକୁ ଯଦି ସୂର୍ଯ୍ୟ ଆଡ଼କୁ ତିଆରି କରାଯାଏ, ତେବେ ତାହା ସୂର୍ଯ୍ୟମଣ୍ଡଳ ଟପି ଆହୁରି କେତେ କୋଟି ମାଇଲ ସୂର୍ଯ୍ୟମଣ୍ଡଳ ଆରପାରିକୁ ଚାଲିଯିବ । ପୃଥିବୀଠାରୁ ସୂର୍ଯ୍ୟଙ୍କର ଦୂରତ୍ୱ ଯେତେ, ସେହି ଖମ୍ବାରର ଲମ୍ବ ହେବ ତହିଁର ଦୁଇଗୁଣରୁ ଅଧିକ ।

●

( 'ମହଣେ ତୁଳା ବେଶି ଭାରି
ନା ମହଣେ ଲୁହା ବେଶି
ଭାରି ?' —୧୯୭୩ )

ଜାନକୀବଲ୍ଲଭ ମହାନ୍ତି ( ଭରଦ୍ୱାଜ ) ( ୧୯୨୫— )

[ ଜନ୍ମ—ନିମାପଡ଼ା ନିକଟସ୍ଥ ଡଗରସାହି—ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମ୍. ଏ., ପିଏଚ୍. ଡି. ଡିଗ୍ରୀ ଲାଭ କରିଛନ୍ତି—ବିଭିନ୍ନ କଲେଜରେ ଅଧ୍ୟାପନା କାର୍ଯ୍ୟ କଲାପରେ ରେଭେନ୍ସା କଲେଜରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଅଛନ୍ତି—ପ୍ରାୟ ୩୦ ଖଣ୍ଡରୁ ଊର୍ଦ୍ଧ୍ୱ ପୁସ୍ତକର ଲେଖକ—ରଚନାବଳୀ :— 'ଶାର୍ଯ୍ୟକ୍', ''ଫକୀରମୋହନ ପରିକ୍ରମା', 'ଓଡ଼ିଆଗୀତିକାବ୍ୟ', 'ସ୍ପୁଟରୁ ବଡ଼', 'ଦେଶବିଦେଶର ଗଳ୍ପ' ଇତ୍ୟାଦି ।

## କଣ କରିବା ?

ଆମେ ସବୁ କରିବା କାମ
ରହିବା ନାହିଁ ବସି,
ବିପଦେ କେବେ ଡରିବା ନାହିଁ
ବିପଦ ଦେବା ନାଶି ।
ଖଟିବା କ୍ଷେତେ, ଖେଳିବା ଖେଳ
ପହଁରି ନେବା ଶିଖି,
ଚଢ଼ିବା ଗଛେ, ଡେଇଁବା ଉଚେ
ଧାଇଁବା ବାଜି ରଖି ।
ଖଟିବା ଆମେ ମନ ଲଗାଇ
ଦେହରୁ ବୁହାଇ ଝାଳ,
ରୋଗୀ ଲୋକଙ୍କ କରିବା ସେବା
ଦୁଃଖୀର ଉପକାର ।

କରିବା ନାହିଁ କା' ସାଥେ କଳି
କହିବା ନାହିଁ ମିଛ,
ଗୁରୁଜନଙ୍କ ଆଦେଶ ମାନ
ଚଳିବା ହୋଇ ସ୍ୱଚ୍ଛ ।

ପାଠପଢ଼ାରେ କଦାପି ଆମେ
କରିବା ନାହିଁ ହେଳା,
ଭଲ ପିଲଙ୍କ ସାଥିରେ ମିଶି
କରିବା ଆମେ ଖେଳା ।

●

( 'ଗ୍ଲେଟରୁ ବଡ଼'—୧୯୬୧ )

ନନ୍ଦକିଶୋର ସାମଲ ( ୧୯୨୫— )

[ ଜନ୍ମ—କଟକ ଜିଲ୍ଲା କୁସୁପୁର—ତାଲିମପ୍ରାପ୍ତ ଗ୍ରାଜୁଏଟ୍—ନନ୍ଦକିଶୋର ବିଦ୍ୟାମନ୍ଦିରରେ ଶିକ୍ଷକତା କରନ୍ତି—ଏହାଙ୍କର ବହୁ ଗୀତିନାଟ୍ୟ ମଞ୍ଚସ୍ଥ ହୋଇଛି । ଅନେକ ରଚନା ଅପ୍ରକାଶିତ—ପ୍ରକାଶିତ ପୁସ୍ତକ : ଗୁଣ୍ଡୁଚି ମୂଷାର ପିଠିରେ ଗାର', 'ସରଗ ଫୁଲ' । ]

## ଭାରି ଭଲ ଲାଗେ ମତେ ମୋ ଘର

ଭାରି ଭଲ ଲାଗେ ମତେ ମୋ ଘର
ନଡ଼ା ବାଉଁଶର ଘର ଛପର,
କାରଣ ଜାଣେନା ତାର ।
ଯୁଆଡ଼କୁ ଗଲେ ମନେ ପଡ଼ୁଥାଏ
ସେଇ ମୋର ଶ୍ରେଷ୍ଠ ଘର ।
ସକାଳରେ ଥରେ ସଞ୍ଜରେ ଥରେ
ଘର ଲିପେ ମାଆ ଅତି ଆଦରେ ।

ସକାଳୁ କୁଆଡ଼େ ଯାଏ
ଗଲାବେଳେ ମତେ କହେ...
"ଦୁଆରମୁହଁରେ ଖେଳୁଥିବୁ ବାପା
ମୋହର ଆସିବାଯାଏ ।"
କାନରେ ସେ କଥା ଶୁଣିଲି ଧରି
ମାଆ ମୋର ଆସେ ଭାରି ଥିଇରି...
ଶୁଖିଯାଇଥାଏ ମୁହଁ,

ମତେ ଦେଖି ହସି ପଚ୍ଚାରନ୍ତି ସେ
　　　　"ଖାଇଥିଲୁ ନା ରେ ପୁଅ ?"
ଉତ୍ତର ପାଏ, ଖୁସିଟା ହୁଏ,
　　　　ତୋରାଣି ଚୋପିଏ ପିଏ,
ଗାଈଗୋରୁ ଧନ୍ଦା ଛୁଡ଼ାଇ ଚଞ୍ଚଳ
　　　　ବୋଷେଇ ବସେଇନ୍ଦିଏ ।

(ଆମ) ଦୁଆରମୁହଁରେ କବାଟ ଛାଟି,
କାନ୍ଥ କରଅଛୁ ଝାଟିରେ ମାଟି;
ଧାନ, ମୁଗ, ଚଣା, ହରଡ଼ ଓଲଆ
ଆମ ଘରେ ନାହିଁ ଟିକେ ଅଲଆ,
　　　　ସୁନା ରୁପା ନାହିଁ ଘରେ,
ସେଇ ଖାଲି ଘରେ ମନ ମୋର ପୂରେ
　　　　ଗୁହିଁଦେଲେ ତା'ରେ ଥରେ ।

( 'ସରଗ ଫୁଲ'—୧୯୭୯ )

ଗୋପାଳଚନ୍ଦ୍ର ମିଶ୍ର ( ୧୯୨୫—    )

[ ଜନ୍ମ—ପୁରୀ ଜିଲ୍ଲା ରଣପୁର—ଏ ଓଡ଼ିଆରେ ପିଏଚ୍. ଡି. କରି ବର୍ତ୍ତମାନ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଅଛନ୍ତି—ଶିଶୁ-ସାହିତ୍ୟ ସମେତ ତାଙ୍କର ଗଳ୍ପ, ସମାଲୋଚନା ଓ କବିତା ପତ୍ରପତ୍ରିକାରେ ନିୟମିତ ପ୍ରକାଶ ପାଏ । ରଚନାବଳୀ :—'ମାଟି କୁଣ୍ଢେଇ' 'ବାଲୁଆ ନନାର ହୁକା', 'ଗଳ୍ପସୁରଭି', 'ଭାରତୀୟ କ୍ଷୁଦ୍ର ଗଳ୍ପ', 'ସେ ପାରେ ପ୍ରିୟାର ଗାଁ' ପ୍ରଭୃତି । ]

## ଗୋ-ଧନ

କାନ୍ଦନା କାନ୍ଦନା ରଙ୍କରତନ
ଝୁଲାଉଛି ଝୁଲି କରି ଯତନ
ଅଝଟ ନୋହି
ଗାଉଛି ଗୀତ ମୁଁ ସୁନାପୁଅ ପରି
ପଡ଼ରେ ଶୋଇ ।

ବାଇଚଢ଼େଇ ରେ ବାଇ ଚଢ଼େଇ
ଯାଇଛନ୍ତି ବାପା ଗାଈ ଅଡ଼େଇ
ପାକଲା ବେଲ
ଆଣିବେ ତୋ ଲାଗି ଖାଇବୁ ରେ ଧନ
କରିବେ ଗେଲ ।

ନାହିଁ ଖରା ବର୍ଷା ନାହିଁ ପବନ
ବୁଲୁଛନ୍ତି ଗୋରୁ ପଛରେ ଧନ
ସାର ଗୋଧନ
ସମାନ ତା ସଙ୍ଗେ ନୁହେଁ ଆଉ ଯେତେ
ଅଛଇ ଧନ ।

ଜମି ଚଷେ ଚଷା ବଳଦବଳେ
ତହିଁ ଧାନ ମୁଗ ଗହମ ଫଳେ
ଗୋରସ ଜାଣ
ରଖିଛି ବଞ୍ଚାଇ ତୋହପରି କେତେ
ଛୁଆଙ୍କ ପ୍ରାଣ ।

ଦୁଧ ଦହି ଛେନା ସର ଲବଣୀ
ଖିରି ପିଠା ଲଡୁ ରେ ଗୁଣମଣି
ଯେତେ ମିଠାଇ
ରଖିଥିବୁ ମନେ ସବୁଯାକ ଦିନା
ଗୋରୁଙ୍କ ପାଇଁ ।

ବଡ଼ ହେଲେ ବାପ ରଖିଥା ମନେ
କରିବୁ ଗୋରୁଙ୍କ ସେବା ଯତନେ
ଜଗତ ହିତ
ସାଧନ କରିବୁ ଗୋଜାତି ମଙ୍ଗଳେ
ବଳାଇ ଚିତ୍ତ ।

●

( 'ଜହ୍ନମାମୁ' —୧୩୪୭ ସାଲ ଜ୍ୟେଷ୍ଠ )

# ବଲୁଆନନାର ହୁକା

ପାହାଡ଼ତଳେ ବଣଗହଳେ ବଲୁଆନନା ଏକା
ସକାଳୁ ନିତି ଶେଯରୁ ଉଠି ମଡ଼କେ ଟାଣେ ହୁକା ।

ନାଳୁନାଳୁକା ସାରୁବଣରେ ଝିରିବରଷାବେଳେ
ବଲୁଆନନା ଟାଣଇ ହୁକା ନାଚନାଚୁଣୀମେଳେ ।

କଟାସ ଦିନେ କହିଲା ଦୁଃଖେ, "ଆହେ ବଲୁଆ ରଜା !
ଆମେ ତ କେହି ଜାଣିଲୁ ନାହିଁ ହୁକାର କେଡ଼େ ମଜା ।"

ନାଶ ଫୁଲାଇ ଲାଞ୍ଜ ହଲାଇ ବଲୁଆନନା ଫୁଲି
କହିଲା, "ହୁକା ଟାଣିଲେ ଥରେ ପାରିବୁ କରେ ଭୁଲି ?

ନିଅ ଏ ହୁକା, କାହାକୁ ଆଉ ନ ଦେବ କେବେ ଥରେ;
ଫେରାଇଦେବ ଅତି ଚଞ୍ଚଳ କାଲି ମଙ୍ଗଳବାରେ ।

ହୁକା ନ ଥିଲେ ମରିଯିବଟି ପୁଷମାସିଆ ଶୀତ,
ହୁକା ଖାଇଲେ ଯିବ ରେ ସିନା ପଦର ଆଖୁକ୍ଷେତ ।"

କଟାସ ତେଣେ ଗଧିଆହାତେ ମରିଲା ଯାଉଁ ଯାଉଁ,
ମଙ୍ଗଳବାର ଦିନ ସେ ହୁକା ଫେରାଇ ନାହିଁ ଆଉ ।

ବଲୁଆ ଏଣେ ହୁକା ନ ଖାଇ ଝୁରଇ ଦିନ ରାତି,
ଭାବଇ ମନେ, ଏଡ଼ିକ ଠକ ଖଣ୍ଟେ କଟାସଜାତି !

ସାଙ୍ଗରେ ଧରି ବନ୍ଧୁବାନ୍ଧବ ଗୁଡ଼ଇ ନିତି ଡକା
ସଞ୍ଜ ପହରେ ଗମ୍ଭୀର ବୋଲେ— 'କାହିଁ ଗଲା ମୋ ହୁକା !'

ପଦରବାଡ଼ି ଆଖୁ କିଆରି କଙ୍କଡ଼ା ଗାତ ବୁଲି
ବଲୁଆନନା ଖୋଜଇ ହୁକା ଶୀତରେ ଫୁଲି ଫୁଲି ।

●

( 'ବଲୁଆନନାର ହୁକା' )

ରାମପ୍ରସାଦ ମହାନ୍ତି ( ୧୯୨୭— )

[ ଜନ୍ମ—ପୁରୀ ଜିଲ୍ଲା ନିମାପଡ଼ା ଥାନା କଣ୍ଟଲୋ ଗ୍ରାମରେ—ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ଜେଲ ଯାଇଥିଲେ—'ମୋ ଦେଶ' ପତ୍ରିକାର ସହସଂପାଦକ ଏବଂ ପରେ ନୂତନ ପ୍ରସ୍ଥ 'ମୋ ଦେଶ'ର ସଂପାଦକ—'ପ୍ରଜାତନ୍ତ୍ର'ରେ ଯୋଗ ଦେଇ ପ୍ରାୟ ୨୦ ବର୍ଷ 'ମୀନାବଜାର' ସଂପାଦନା କରିଥିଲେ 'ଜହ୍ନରା ଭାଇ' ଛଦ୍ମନାମରେ—ବହୁ ଶିଶୁ-ପତ୍ରିକାରେ ତାଙ୍କ ଲେଖା ପ୍ରକାଶିତ । ]

## ମୋ ଭାଇ, ମୋ ଭଉଣୀ, ମୋ ବନ୍ଧୁ, ମୋ ସାଥୀ

ଭାଇ ମୋର ଦୁଇ ଜଣ
ଜଣେ ବଡ଼ ଅଳସୁଆ
କୁସ୍ତି ତ ଜଣା ନାହିଁ
ଜଣେ ଥାଏ ଲଣ୍ଡନ

ଦାରା ସିଂ କଂ କଂ
ଆଉ ଜଣେ ଚଂ ଚଂ
ଜଣା ଖାଲି ପିଂ ପଂ
ଜଣେ ଥାଏ ହଂକଂ ।

ଭଉଣୀ ମୋ ଦୁଇଜଣ
ଜଣେ ସରୁ ଆଉ ଜଣେ
ବାଟଘାଟ ଦୁନିଆରେ
ଜଣେ ଗଲା ନିଉୟର୍କ

ଟୁନ୍ ଟୁନ୍ ଚଣ୍ଡୀ
ବନ୍ଧିଥାଏ ଗଣ୍ଠି ;
ଜଣାନାହିଁ କାସ୍କୋ
ଜଣେ ଗଲା ମସ୍କୋ ।

ବନ୍ଧୁ ମୋ ଦୁଇଜଣ
ଜଣେ ବଡ଼ ବଚ୍ଛୁଆଣ୍ଡି
ଜଣକର ସୂତା ଖଣ୍ଡ
ଜଣେ ରହେ ପାରିସ୍‌ରେ

ହୁଣ୍ଡା ଓ ଗୁଣ୍ଡା
ଜଣେ ସୁନା ମୁଣ୍ଡା,
ଜଣକର ଟେଲିନ୍
ଜଣେ ଗଲା ବର୍ଲିନ୍ ।

ସାଥୀ ମୋର ଦୁଇଜଣ    ନରସିଂ ହରସିଂ
ଜଣେ ବଡ଼ ହସକୁରା    ଜଣେ ଖାଲି ଟିଂ ଟିଂ,
ଜଣେ କଳା ମଚମଚ    ଆଉ ଜଣେ ଫରସା
ଜଣେ ଗଲା ଟୋକିଓ ତ    ଜଣେ ଗଲା ଓ୍ୱାରସା ।

ଯାଉ ସିଏ ଯେତେ ଦୂର    ମୁଁ ତ ଥିବ ବଲ୍ଲୀ
ଦୁନିଆରେ ମହକିବ    ଫୁଲ ହୋଇ ମଲ୍ଲୀ;
ସଭିଏଁ ତ ସାଥୀ ମୋର    ରହୁ ସିଏ ଯେଉଁଠି
ଆମେ ଏକା ପରିବାର    ଭିନେ ନୋହୁଁ କେଉଁଠି ।

( 'ମୋ ଦେଶ'—ଅଗଷ୍ଟ, ୧୯୭୨ )

## ଠୋକେଇ ( ଶିଶୁ ଏକାଙ୍କିକା )

ପାତ୍ର : ନଋକାର—ନବେ ବର୍ଷର ବୁଢ଼ା

ବୁଦ୍ଧିମନ୍ତ—ନଋକାରର ପୁଅ

ଗୁଣବନ୍ତୀ—ବୁଦ୍ଧିମନ୍ତର ସ୍ତ୍ରୀ

**ଘନୁ**—ବୁଦ୍ଧିମନ୍ତର ଆଠ ବର୍ଷର ପୁଅ

ପ୍ରଥମ ଦୃଶ୍ୟ

( ଦାଣ୍ଡପିଣ୍ଡାରେ ତାଳପତ୍ରର ପଟିଟିଏ ପକାଇ ବସିଚ ନଋକାର—ନବେ ବର୍ଷର ବୁଢ଼ା । ହାତରେ ଖଣ୍ଡିଏ ବାଡ଼ି । ଆଖିକୁ ଭଲ ଦିଶୁନାହିଁ କି କାନକୁ ଭଲ ଶୁଣାଯାଉନାହିଁ । )

ନଋକାର—ବୁଧିଆ, ଆରେ ବୁଧିଆ ! ବାପା ବୁଦ୍ଧିମନ୍ତ ! ବୁଧିଆ କୁଆଡ଼େ ଗଲା କି ? ଆସି ଗୁଡ଼ର ଲେଉଟିବାକୁ ବସିଲାଣି । ପିଲାଟା ଏତେବେଳଯାଏ ଖାଇବାକୁ ଆସିଲା ନାହିଁ । ଆଲୋ ବୋହୂ, କୁଆଡ଼େ ଗଲୁ ? ଖିଆପିଆ ସାରିଲୁଣିଟି ? ବୁଧିଆ କଣ ଆଜି ଆସିବ ନାହିଁ ?
( ଦାଣ୍ଡଘର ଖଟରେ ଗଡ଼ପଡ଼ ହେଉଥିଲା ବୋହୂ ଗୁଣବନ୍ତୀ )

ଗୁଣବନ୍ତୀ—ଓଃ ! ବୁଢ଼ାଟା ଟିକିଏ ଶୁଆଇ ଦେବ ନାହିଁ । ସବୁବେଳେ କଟର କଟର ହେଉଥିବ । ( ବୁଢ଼ା ପାଖକୁ ଉଠିଆସି ) ସେ ଆସିଲେ ନ ଆସିଲେ ତୁମର କ'ଣ ଯାଉଚି ଯେ ! ତୁମେ ତ ପେଟେ ଠୁଙ୍କି ସାରିଲଣି । ଏବେ ଯାଇ ଲମ୍ବ ହୋଇ ଶୋଇପଡ଼ । ବୁଢ଼ା ଶୁଆଟା ପରି ସବୁବେଳେ ଖାଲି କଟର କଟର ହେଉଥିବ !

ନଗକାର—ହଁ ଲୋ ବୋହୂ, ମୁଁ ତ ତୁମକୁ ଅଡୁଆ । ହେଲେ ମୋ ପୁଅଟା ଏତେବେଳଯାଏଁ ଖାଇବାକୁ ଆସିଲା ନାହିଁ ଯେ । ହଇରେ ଭାନୁ ! ଭାନୁଟା ପୁଣି କୁଆଡ଼େ ଗଲା ? କ'ଣ ଗଣ୍ଡାଏ ଖାଇ ପିଲାଟା ସକାଳୁ ପଢ଼ିବାକୁ ଯାଇଚି ଯେ ଏତେବେଳଯାଏ ଫେରିଲା ନାହିଁ ।

ଗୁଣବନ୍ତୀ—ଓହୋ···କାହିଁକି ମିଛଟାରେ ବକର ବକର ହଉଚ, ଶୁଣେଁ ? ସ୍କୁଲ ଛୁଟି ହେଲେ ଭାନୁ ସିନା ଆସିବ ? ଆଉ ତୁମ ପୁଅ ତ କହିଯାଇଛନ୍ତି, ଆଜି ସେ ସେଆଡ଼େ ଖାଇବେ । ତମର ତ ଆଉ କିଛି କାମ ନାହିଁ । ଖାଲି ଖାଇବା ଉପରେ ନଜର । ପିଲାଟା ଖାଇଲା କି ନାହିଁ, ତୁମେ ବୁଝିବାକୁ କିଏ ? ଖବରଦାର, ଆଉ ଦିନେ କାହାର ଖାଇବା କଥା ତୁମେ ପଚାରିବ ନାହିଁ । ନିଜେ ଖାଅ, ଖାଲି ମାଟି-ମେଦଭଳି ବସି କଟର କଟର ହେଉଥାଅ ।

( ନଗକାରର ପୁଅ ବୁଦ୍ଧିମନ୍ତ ଘରକୁ ଫେରିଲା )

ବୁଦ୍ଧିମନ୍ତ—ଆଜି ପୁଣି କ'ଣ ଝଗଡ଼ା ଲାଗିଚି ? ହଇଓ ବାପା, ତୁମକୁ ପଚା ହଜାର ଥର କହିଲିଣି—ଚୁପ୍‌ଚାପ୍ ହୋଇ ମୁହଁରେ ତାଲାଟିଏ ପକାଇ ବସ; ଘରକଥାରେ ମୁଣ୍ଡ ଖେଳାଇବା ଦରକାର ନାହିଁ । ଓଃ, ଘରେ ପଶିବାମାତ୍ରେ ଫାଟିଗଲି, ଅଶାନ୍ତି !

ଗୁଣବନ୍ତୀ—ଖାଲି ଅଶାନ୍ତି ନୁହଁ, ଶୁଣ ଏଆଡ଼େ ! ( ବୁଦ୍ଧିମନ୍ତକୁ ଘରକୁ ଡାକି ନେଇ ନେଇ ) ଆଉ ଏଣିକି ବୁଢ଼ାଟାକୁ ସମ୍ଭାଳି ହେବନାହିଁ । କିଏ ଏତେ ଦିନ ଖଟି ଖଟି ତାକୁ ଭୁଞ୍ଜାଇବାରେ ଖାଇବାକୁ ଦେବ ହୋ ! ଖାଇବା ଉପରେ ତାର ପୁଣି ଏତେ ଶ୍ରେଷ୍ଠ ନଜର ! କହୁଚି କ'ଣ ନା, ତୁମ ପାଇଁ ଆଉ ଭାନୁ ପାଇଁ ଯେଉଁ ଭାତ ତିଅଣ ଅଛି, ତାକୁ ନିଜେ ଖାଇବ । ଏଇଟା ମଣିଷ ନୁହଁ, ବ୍ରହ୍ମରାକ୍ଷସ ।

ନଗକାର—ହଇରେ ବୁଆ, ତୁ ଏତେବେଳଯାଏ ଖାଇନାହୁଁ ? ଆଗ ବସି ଗଣ୍ଡାଏ ଖାଇଦେଲୁ ବାପ ! ତୋ ଖାଇବା କଥା ପଚାରିବାରୁ ବୋହୂ ମୋ ସାଥିରେ କଳିଆ କରୁଚି ।

ଗୁଣବନ୍ତୀ—ଆହା-ହା-ହା ! ମରିଯାଉଥାଏଁଟି ! ଯୋଉ ସୋଗେଇଛର ବାପ ନା ! ଏଇଟା ବାପ ନୁହଁ ଯେ ଶତ୍ରୁ—ଶତ୍ରୁ । କାମଧନ୍ଦା ତ କିଛି ନାହିଁ—ବେକାର ବସି ବସି ଖାଉଚ ! ମୋର କଏ ଏତେ ରାନ୍ଧିବାଢ଼ି ଖାଇବାକୁ ଏଇଟାକୁ ପରଷିବ କା ?

ବୁଦ୍ଧିମନ୍ତ—କଣ ତା ହେଲେ କରିବା, ଗୁଣବନ୍ତୀ ? ଇଏ ଅଶାନ୍ତ କେତେ ଦିନଯାଏ ଚାଲିଥିବ ?

ଗୁଣବନ୍ତୀ—ଯେତେ ଦିନଯାଏ ବୁଢ଼ାଟା ଥୁଣ୍ଟା ବରଗଛ ପରି ବସିଥିବ ।

ବୁଦ୍ଧିମନ୍ତ—ନାଇଁ, ଏ ଘରକୁ ଶାନ୍ତ କପରି ଫେରିବ କହିଲ ?

ଗୁଣବନ୍ତୀ--ଫେରିବ, ଯଦି ଏ ବୁଢ଼ାଟା କେଉଁଆଡ଼େ ଚାଲିଯିବ । ହେ ଶୁଣ, ମୁଁ ଗୋଟାଏ ବୁଦ୍ଧି ପାଞ୍ଚିଚ । ସେଇଆ ଯଦି କରିବ ନା, ସବୁ ଆଡ଼କୁ ସୁବିଧା ହେବ । ଆମ ମୁଣ୍ଡରୁ ଏ ବୋଝ ଯିବ ।

ବୁଦ୍ଧିମନ୍ତ—କୁହ, କୁହ, ଗୁଣବନ୍ତୀ, କ ବୁଦ୍ଧି ପାଞ୍ଚିଲ ?

ଗୁଣବନ୍ତୀ—ଶୁଣ, ତୁମେ ଆଜ ଏ ବୁଢ଼ାକୁ ନେଇ କୁଆଡ଼େ ଛାଡ଼ି ଦେଇ ଆସିଲ । ଏଇ ଜଗନ୍ନାଥ ସଡ଼କରେ ସିଧା ପୁରୀ ନେଇଯାଅ । ପୁରୀ ନ ନେଇ ପାରିଲେ ଅଧା ବାଟରେ ଯେଉଁଠି ତୁମକୁ ବେଶୀ ବାଧା ହେବ, ସେଇଠି ଛାଡ଼ି ଦେଇ ଚାଲିଆସିବ । ସେବାଟେ ତ ଅନେକ ତୀର୍ଥଯାତ୍ରୀ ପୁରୀ ଯାଉଥିବେ । ନବେ ବର୍ଷର ଏଇ ବୁଢ଼ାଟାକୁ ଦେଖିଲେ ନିଶ୍ଚୟ ସେମାନଙ୍କର ଦୟା ହେବ । ପାଞ୍ଚ ପଇସା, ଦଶ ପଇସା କରି କଏ କେମିତି ବୁଢ଼ା ପାଖରେ ପକାଇ ଦେଇଯିବେ । ବୁଢ଼ାକୁ ଦୟା କରି କେହି କେହି ଖାଇବାକୁ ମଧ୍ୟ ଦେଇଦେବେ । ସେବା କରିବେ । ବୁଢ଼ାର କିଛି ଅସୁବିଧା ହେବନାହିଁ···

ବୁଦ୍ଧିମନ୍ତ—ଆଉ ଆଉ, ଗୁଣବନ୍ତୀ । ତୁମ ବୁଦ୍ଧିଟା ମୋ ଦେହରେ ଛୁଞ୍ଚି ଫୋଡ଼ିଲା ପରି ଲାଗୁଛି । ହଇଓ, ସାଇପଡ଼ିଶା ଲୋକେ ଏ କଥା ଜାଣିଲେ ଆମକୁ କ'ଣ କହିବେ ? ବୁଢ଼ାଟାକୁ ଚଲାଇ ପାରିଲେ

ନାହିଁ ବୋଲି କେଉଁଠି କି ପଠାଇଦେଉଛନ୍ତି । ତୁମେ ସେତେବେଳେ କି ଜବାବ ଦେବ, ଗୁଣବତୀ ?

ଗୁଣବତୀ—କାହିଁକି ? ତୁମର କ'ଣ ଏତିକି ବୁଦ୍ଧି ନାହିଁ ? ତୁମକୁ ବୁଦ୍ଧିମନ୍ତ ନାଆଁ କିଏ ଦେଇଥିଲା ବା ? ତୁମେ ତ ସମସ୍ତଙ୍କୁ କହିବ —ବାପା ଯାଇଛନ୍ତି ପୁରୀକୁ ତୀର୍ଥ କରିବା ପାଇଁ । ଆଉ ସାଇପଡ଼ିଶାଙ୍କ କଥା, ମୁଁ ବୁଝିବି ।

ବୁଦ୍ଧିମନ୍ତ—କଥାଟା ତ ମନ୍ଦ ନୁହଁ । ହେଲେ, ଗୁଣବତୀ, ବୁଢ଼ାକୁ ନେବ କେମିତି କହିଲ ?

ଗୁଣବତୀ—କଉ, ଆଜି ନୂଆ ହାଟରୁ ଟୋକେଇଟିଏ କିଣିଆଣ । ସେଥିରେ ଅଖା ଆଉ କନାପଟା ପାରିଦେବା । ବୁଢ଼ାକୁ ବସାଇ ତୁମେ ଟୋକେଇଟା ମୁଣ୍ଡାଇ ନେଇଯିବ । ବାଟରେ କେଉଁଠି ଛାଡ଼ିଦେଇ ଆସିଲେ ସେ କଣ ଆଉ ଘରକୁ ଫେରିବ ?

[ ସ୍କୁଲରୁ ଛୁଟିପରେ ଘରକୁ ଫେରିଲା ଆଠ ବର୍ଷ ବୟସର ପୁଅ ଘନୁ । ସେ ବାପା-ମା'ଙ୍କ କଥାବାର୍ତ୍ତା ଶୁଣିପାରିଲା । ]

ଘନୁ—ଜେଜେବାପାଙ୍କୁ କେଉଁଠିକି ନେବା ପାଇଁ କହୁଛୁ, ବୋଉ ?

ଗୁଣବତୀ—ତୁ ପିଲାଲୋକ, କଣ ବୁଝିବୁ ରେ ପୁଅ ? ଜେଜେବାପା ତୀର୍ଥ କରିବା ପାଇଁ ବାହାରିଛନ୍ତି, ପୁରୀ ।

ଘନୁ—ମୁଁ ତାଙ୍କ ସାଙ୍ଗରେ ଯିବି, ବୋଉ ।

ଗୁଣବତୀ—ଖରାଛୁଟି ହୋଇଗଲେ ଆମେ ସମସ୍ତେ ପୁରୀ ଯିବା ଯେ !

ଘନୁ—ଟୋକେଇରେ ବସିଲେ ଜେଜେବାପାଙ୍କୁ କଷ୍ଟ ହେବ ନାହିଁ ?

ଗୁଣବତୀ—ସେଥିରେ ପରା ଅଖା ଆଉ କନାପଟା ପଡ଼ି ଗଦି ତିଆରି ହେବ; କଷ୍ଟ ହେବ କାହିଁକି ?

ଘନୁ—ପୁରୀକୁ ସେ କଣ ଏକୁଟିଆ ଯିବେ, ବୋଉ ?

ଗୁଣବତୀ—ସାଥିରେ ତୋ ବାପା ଯାଉଛନ୍ତି ପରା ?

ଭାନୁ—ବାପା ତ ଗୁଡ଼ୁଦେଇ ଚାଲିଆସିବେ । ଜେଜେବାପା ସେଠି ରହିବେ କେମିତି ?

ଗୁଣବନ୍ତି—ପୁରୀରେ ଅନେକ ଧର୍ମାତ୍ମା ଅଛନ୍ତି । ଧର୍ମକର୍ମ କରିବା ପାଇଁ ବହୁତ ତୀର୍ଥଯାତ୍ରୀ ଆସନ୍ତି । ତୋ ବୁଢ଼ା ଜେଜେବାପାଙ୍କୁ ଦେଖିଲେ ସେମାନେ ବଡ଼ ଦୟା କରିବେ । ତାଙ୍କର ସେବା-ଶୁଶ୍ରୂଷା କରିବେ । ତାଙ୍କୁ ଖାଇବା ପିଇବାକୁ ଦେବେ । ଖବରଅନ୍ତର ବୁଝିବେ ।

ଭାନୁ—ଆମେ କଣ ଆଉ ଜେଜେବାପାଙ୍କୁ ଦେଖିପାରିବା ନାହିଁ ?

ବୁଦ୍ଧିମନ୍ତ—ଦେଖିପାରିବା ନାହିଁ କାହିଁକି ? ମଝିରେ ମଝିରେ ପୁରୀ ଯାଇ ତାଙ୍କୁ ଦେଖିଆସିବା ଯେ ।

ଭାନୁ—ବୁଢ଼ା ମଣିଷ ସେଠି କେମିତି ଚଳିବେ, କେମିତି ଖିଆପିଆ କରିବେ···ମୋତେ ତ ବହୁତ ଖୋଜିବେ, ବାପା !

ବୁଦ୍ଧିମନ୍ତ—ତାଙ୍କର ତ କିଛି ଅସୁବିଧା ହେବ ନାହିଁ । ମୁଁ ମାସକୁ ମାସ ତାଙ୍କ ପାଖକୁ ଟଙ୍କା ପଠାଇଦେବି ଯେ !

ଭାନୁ—ତୁମେ ଦୁହେଁ ଜେଜେବାପାଙ୍କୁ ଘରୁ ତଡ଼ିଦେଉଛ କାହିଁକି ?

ଗୁଣବନ୍ତି—ତାଙ୍କର ଏଠି ସେବା କରିବାକୁ ଲୋକ କାହାନ୍ତି କହିଲୁ, ଭାନୁ ? ପୁରୀରେ ଯେଉଁ ଧର୍ମାତ୍ମା ଓ ସାଧୁ-ସନ୍ନ୍ୟାସୀ ଅଛନ୍ତି, ସେମାନେ ସମସ୍ତେ ଜେଜେବାପାଙ୍କ ସେବା କରିବେ । ଜଗନ୍ନାଥଙ୍କ ପାଖରେ ରହି ମହାପ୍ରସାଦ ଖାଉଥିବେ । ସେ ତ ସେଠାରେ ଆରାମରେ ରହିବେ ରେ !

ବୁଦ୍ଧିମନ୍ତ—ହଉ, ତୁ ଯାଇ ଖିଆପିଆ କରୁ, ଭାନୁ ! ( ଭାନୁ ଚାଲିଯିବା ପରେ ) ଦେଖ, ଗଲା ତ ?

ଗୁଣବନ୍ତି—ହୁଁ । ତୋ ଭାତ ବଢ଼ାହୋଇଚି ରେ ପୁଅ ! ଯୋଉଣିଟି କାଢ଼ିଦେଇ ଖାଇ ବସ ।

ବୁଦ୍ଧିମନ୍ତ—ବଡ଼ ଅସୁବିଧା ହୋଇଗଲା, ଗୁଣବନ୍ତି ! ଟୁଆଟା ତ ସବୁ କଥା ଶୁଣିଦେଇଛି । ସେ ତ ଗୁରୁଆଡ଼େ ଧେଣ୍ଡୁରା ପିଟିଦେଇ ଆସିବ ।

ଗୁଣବନ୍ତୀ—ତୁମେ କାହିଁକି ଚିନ୍ତା କରୁଛ ଯେ ? ଭାନୁ କଥା ମୁଁ ବୁଝିବି ।

ବୁଦ୍ଧିମନ୍ତ—ମୁଁ ତାହାହେଲେ ହାଟକୁ ବାହାରିଲି ଟୋକେଇ କିଣିବା ପାଇଁ ?

ଗୁଣବନ୍ତୀ—ଆସ, ତୁମେ ଗଣ୍ଡାଏ କଣ ଖାଇଦେଇ ଯାଅ ।

( ଦୁହେଁ ଘର ଭିତରକୁ ଗଲେ )

ନରକାର—ଆଲୋ ବୋହୂ, ଭାନୁ ସ୍କୁଲରୁ ଆସିଲା କି ?

ଗୁଣବନ୍ତୀ—( ଭିତରୁ ବଡ଼ ପାଟିରେ ) ତୁମେ ଆଉ ପିଲାଟାକୁ ହଇରାଣ କରନା । ସେ ଗଣ୍ଡାଏ ଶାନ୍ତିରେ ଖାଇଦେଉ ।

ନରକାର—ହଉ ହଉ, ତାକୁ ଚଞ୍ଚଳ ଖାଇବାକୁ ଦିଅ । ମୁଁ ତ ଆସି ନବେ ବର୍ଷର ବୁଢ଼ା ହେଲିଣି । ଆଖିକୁ ଯଦି ଭଲ ଦିଶୁଥାନ୍ତା, ମୁଁ ତ କେତେ କାମ କରିଦିଅନ୍ତି । ନାତି ଟୋକାକୁ ସବୁଦିନେ ନେଇ ସ୍କୁଲରେ ଛାଡ଼ିଦିଅନ୍ତି । ପୁଣି ଛୁଟି ହେଲେ ନେଇ ଆସନ୍ତି । ଠାକୁରେ ତ ମୋତେ ଅଚଳ କରିଦେଲେ । ଆଖିକି ଟିକିଏ ଭଲ ଦିଶନ୍ତା କି ମୋ ନାତିକୁ ଟିକିଏ ଆଖି ପୂରାଇ ଦେଖନ୍ତି ।

ଭାନୁ—ଜେଜେବାପା, ରହ ରହ, ତୁମ ପାଖକୁ ଯାଉଛି । ( ଜେଜେବାପା ଚାଲିଯିବେ ବୋଲି ଭାନୁ ମନରେ ଆଜି ବଡ଼ ଦୁଃଖ । ତା' ପେଟକୁ ଭାତ ଗଲାନାହିଁ । ସେ ଖାଇବା ଥାଳରୁ ଉଠିଆସିଲା । )

ନରକାର—( ଭାନୁର ପାଦ ଶବ୍ଦ ଶୁଣି ପାରି ) କିଏ ଆସିଲା, ଭାନୁଟିରେ ?

ଭାନୁ—ହଁ, ଜେଜେ ବାପା ।

ନରକାର—ତୁ କଣ କିଛି ଖାଇଲୁ ନାହିଁ କିରେ ? କଣ ଏତେ ଚଞ୍ଚଳ ଉଠି ଆସିଲୁ ?

ଭାନୁ—ଆଜି ମୋତେ ଭୋକ ଲାଗୁନାହିଁ, ଜେଜେବାପା । ତୁମେ ଆଁ କର ।

ନରକାର—ମୋତେ ତୁ ଏଣୁ ତେଣୁ କ'ଣ ଖୁଆଇଦେବୁ ନା କଣ ? ଆଁ କରିବି କାହିଁକି ?

ଘନୁ—ତୁମେ ଟିକିଏ ଆଁ କର ନା, ଜେଜେବାପା । ନ କଲେ ମୁଁ ତୁମକୁ ଆଉ ମୋଟେ କଥା କହିବି ନାହିଁ ।

ନବକାର—ହଉ ବାବା, ହଉ ହଉ । ଆଁ କଲି ।

( ନବକାର ପାଟି ଖୋଲିବା ମାତ୍ରେ ଘନୁ ତାଙ୍କ ପାଟିରେ ବିସ୍କୁଟ ଖଣ୍ଡେ ପୂରାଇ ଦେଲା । )

ଘନୁ—ହଁ, ଏଥର କୁହ—ଠିକ୍ ଖାଇବା ଜିନିଷ, ନା ଏଣୁ ତେଣୁ ବାଜେ ଜିନିଷ ଦେଇଚି ?

ନବକାର—ଆରେ, ଏଇଟା ଖଣ୍ଡେ ବିସ୍କୁଟ୍ ଦେଇଚୁ ନା କଣ ? ଏ ତ ବୁଢ଼ାଙ୍କ ଖାଇବା ଜିନିଷ ନୁହେଁ, ପିଲାଙ୍କର ।

ଗୁଣବନ୍ତୀ—( ଘର ଭିତରୁ ଚଡ଼ ଚଡ଼ ହୋଇ ଆସି ) ଏ କି ସୁଆଙ୍ଗ ଗୁଲିଚି ରେ ଘନୁ କୁଳାଙ୍ଗାର ? ପଇସା ଏମିତି ଖତଗଦାରେ ପକାଉଚୁ, ନା ? ଏତେ ଗୁଡ଼ାଏ ବିସ୍କୁଟ୍ ଏମିତି ଖିନଖରାପ କଲୁ ? ( ବୁଢ଼ାକୁ ଲକ୍ଷ୍ୟ କରି ) ତୁମେ ପରା ବୁଢ଼ାଟିଏ ହେଲଣି ? ଛୁଆଟାର ବିସ୍କୁଟଗୁଡ଼ାକ ଏମିତି ଖାଇଯାଉଛ ? ବେକାର ମଣିଷ—କାମ ନାହିଁ କି ଧନ୍ଦା ନାହିଁ । ପଇସାଟିଏ ରୋଜଗାର ନାହିଁ···

ଘନୁ—ମୁଁ ଯେତେବେଳେ ବିସ୍କୁଟ ଯାଚେ, ଜେଜେବାପା ତ ମନା କରନ୍ତି ଲୋ ବୋଉ । ସେ ମୋଟେ ବିସ୍କୁଟ ଖାଆନ୍ତି ନାହିଁ । ଆଜି ବହୁତ କଷ୍ଟରେ ଖଣ୍ଡିଏ ତାଙ୍କ ପାଟିରେ ଦେଲି । ତୁ ଜେଜେ ବାପାଙ୍କୁ ଆଉ କେବେ ଏମିତି କହିବୁ ନାହିଁ ଲୋ ବୋଉ । ତାଙ୍କ ମନରେ ବଡ଼ କଷ୍ଟ ହେବ ।

ନବକାର—( ହସି ହସି ) ତୁ ନାତି ଟୋକା ଆଜି ମୋତେ ଗାଳି ଶୁଣାଇଲୁ, ନା ? ମୋତେ ଗାଳି ଦେଲେ ତୋର ଆନନ୍ଦ । ଏଇ କଥା ତ ?

ଘନୁ—କେଡ଼େ ବଢ଼ିଆ ମଜା ହେଲା, ଜେଜେବାପା ! ଆଜି ଦିନର କଥା ମୁଁ ମୋଟେ ଭୁଲିବି ନାହିଁ । ···ତୁମେ ମୋତେ କେତେ ଭଲ ପାଅ କହିଲ ଜେଜେବାପା ?

ନଗରକାର—ତୁ ତ ଟଗଲା ନାତି ଟୋକାଟାଏ । ମୁଁ ତୋତେ କାହିଁକି ଭଲ ପାଇବ କରେ ?

ଭାନୁ—ତୁମେ ତାହାହେଲେ ମୋତେ ତୁମର ସାଙ୍ଗ କରିବ ନାହିଁ ନା ? କୁଆଡ଼େ ଯାତ୍ରା ଯାତ ଦେଖି ଯାଅ, କି ନୂଆ ଜାଗାକୁ ବୁଲିଯାଅ, ମୋତେ ସାଥିରେ ନେବନାହିଁ ?

ନଗରକାର—କିଏ ତୋତେ ସେ କଥା କହିଲା ରେ ଭାନୁ ? ତୋତେ ସାଙ୍ଗରେ ନ ନେଇ ମୁଁ ପୁଣି ଯିବି କୁଆଡ଼େ ? ତୁ ପରା ମୋ ନୟନ ପିତୁଳା, ଅନ୍ଧର ବାଡ଼ି ! ତୁ ତ ମୋ ପାଖରୁ ମୁହୂର୍ତ୍ତେ ଚାଲିଗଲେ ମୋତେ ସବୁ ଅନ୍ଧାର ଲାଗେ ।

( ଭାନୁକୁ ଆଦର କରି କୋଳକୁ ଟାଣିନେଲେ । )

## ଦ୍ୱିତୀୟ ଦୃଶ୍ୟ

( ସଞ୍ଜବେଳ—ପବନରେ ଭାସି ଆସୁଛି ଠାକୁର ଘରୁ ପୂଜା ଆରତିର ଘଣ୍ଟା କାହାଳୀର ଧ୍ୱନି—ହାଟରୁ ଫେରୁଛି ବୁଦ୍ଧିମନ୍ତ—ହାତରେ ଗୋଟିଏ ବଡ଼ ଟୋକେଇ । )

ବୁଦ୍ଧିମନ୍ତ—ଗୁଣବନ୍ତୀ, ହଇଓ ଗୁଣବନ୍ତୀ ! ଦେଖିଲ, ଏଇ ଟୋକେଇଟା ଚଳିବ ତ ?

ଗୁଣବନ୍ତୀ—ଏଡ଼େ ଦାମ୍ଭ ଟୋକେଇଟା ଆଣିଚ ? କେତେଗୁଡ଼ାଏ ପଇସା ତ ନେଇଥିବ ! ଟିକିଏ ହାଲୁକା ଆଉ ବଡ଼ ଟୋକେଇଟାଏ କମ୍ ପଇସାରେ ଆଣିଲ ନାହିଁ ?

ବୁଦ୍ଧିମନ୍ତ—ହଉ ହେଲା । ଶୁଣ ଗୁଣବନ୍ତୀ, ତୁମ କଥାରେ ପଡ଼ି ବୁଢ଼ାକୁ ତ ଚିରଦିନ ପାଇଁ ଏ ଘରୁ ତଡ଼ିବାର ବ୍ୟବସ୍ଥା ହେଲା । ମାତ୍ର ମୋ ଛାତିଟା କେମିତି ଧୁଡ଼ୁ ଧୁଡ଼ୁ ହେଉଛି । ବୁଢ଼ାକୁ ଏବେ ନେବ କେମିତି କହିଲ, ଗୁଣବନ୍ତୀ ?

ଗୁଣବନ୍ତ—କାହିଁକି, ତୁମେ ମରଦପୁଅଟି ? କୋଉ ପାପ କରୁଚ କି ? ସପ୍ତା ସପ୍ତା କହିବ ତୀର୍ଥ କରି ଯିବାକୁ କହୁଥିଲ; ଚାଲ ପୁରୀ ଯିବା ।

ବୁଦ୍ଧିମନ୍ତ—ହଉ, ତାହାହେଲେ ମୁଁ ଏ ଝୋଟକେଇରେ ଅଖା ପାରି କନାପଟା ବିଛେଇ ଦଉଚି । ତୁମେ ବୁଢ଼ାକୁ ନେଇଆସ ।

ଗୁଣବନ୍ତ—ହଉ ଯାଉଚି । ମା'ଲୋ, ଏତକ କାମ ପୁଣି ବାକୀ ଥିଲା ମୋ ପାଇଁ ! ( ବୁଦ୍ଧିମନ୍ତ କନାପଟା ଆଣି ଝୋଟକେଇରେ ବିଛାଇ ଦେଲା । ଗୁଣବନ୍ତ ବୁଢ଼ାକୁ ଧରି ଆସିଲା । )

ଧୀରେ ଧୀରେ ପାଦ ପକା । ହଁ, ପାହାଚଟା । ହୁସିଆର ଗୋଡ଼ ଉଠାଇଦିଅ । ଏଇ ତ ବାପା ଆସିଲେ । ତାଙ୍କୁ କଣ କହୁଥିଲ କହୁନ ?

ବୁଦ୍ଧିମନ୍ତ—ତୁମେ କହୁନ ?

ଗୁଣବନ୍ତ—କାହିଁକି ? ତୁମେ କହୁନ ?

ବୁଦ୍ଧିମନ୍ତ—ବାପା, ତୁମେ ମତେ ଅନେକଦିନ ତଳେ କହିଥିଲ ତୀର୍ଥ କରି ଯିବାପାଇଁ ? ଆଜି ମୁଁ ପୁରୀ ଯାଉଚି । ଚାଲ ତୁମକୁ ନେଇଯିବି । ଜଗନ୍ନାଥଙ୍କ ପାଖରେ କିଛିଦିନ ରହିଯିବ ।

ନରକାର—ହଉ, ତୋର ଯାହା ଇଚ୍ଛା ତା କର ରେ ପୁଅ । ମୋ ଦେହ ତ ଅଚଳ ହେଲାଣି । ଏଇ ପାଟିଟା ଯାହା କାମ କରୁଚି । ମୋର କଣ ଆଉ କେଉଁ କଥାରେ ଚୁରି ଅଛି ?

ବୁଦ୍ଧିମନ୍ତ—ତା ହେଲେ ତୁମେ ଏଇ ଝୋଟକେଇରେ ବସ । ହଇଓ ଗୁଣବନ୍ତ, ଆସିଲ; ମତେ ଟିକିଏ ସାହାଯ୍ୟ କର । ବାପାଙ୍କୁ ଝୋଟକେଇରେ ବସାଇଦେବା ।

ଗୁଣବନ୍ତ—ଓ ହୋ···ବୁଢ଼ାଟାକୁ ରାତିରେ ନେଇ କଣ ବାଟରେ ହଇରାଣ ହେବ ? କାଲି ସକାଳେ ଯାଇଥିଲେ କଣ ହୋଇ ନ ଥାନ୍ତା ? ହଉ, ଯେତେବେଳେ ଅନୁକୂଳରେ ବାହାରିଲଣି, ତୁମକୁ ଆଉ ଅଟକାଇବ କଣ ? ହୁଁ···( ଦୁହେଁ ବୁଢ଼ାକୁ ଧରାଧରି କରି ଝୋଟକେଇରେ ବସାଇବାର ଉଦ୍ୟମ )

ବୁଦ୍ଧିମନ୍ତ—ଧୀରେ ବସ । କଣ ଠିକ୍ ହୋଇ ବସିଲ ତ ?

ନଗରକାର—ଠିକ୍ କି ଭୁଲ୍ ମୁଁ କଣ ଜାଣେ ରେ ବାପ ? ସବୁ ସେହି ଚକାଆଖି ଜଗନ୍ନାଥଙ୍କୁ ଜଣା । ଆରେ, ମୋ ଭାନୁଟା କୁଆଡ଼େ ଗଲା ? ତାକୁ ଟିକଏ ଦେଖିପାଇଥାନ୍ତି ।

( ଏତୁଣ୍ଡି ବାଡ଼ରେ ଠିଆ ହୋଇଥିଲା—ଦଉଡ଼ି ଆସିଲା । )

ଭାନୁ—କଓ ଜେଜେବାପା, ତୁମେ ମୋତେ ଛାଡ଼ି କରି ଯିବ ନାହିଁ ବୋଲି କହୁଥିଲ ପରା ? ଏବେ କଣ ପୁରୀ ଯିବା ପାଇଁ ସଜବାଜ ହୋଇ ବାହାରିଲଣି ? ତୁମକୁ ତ ଏଇ ଟୋକେଇରେ ବସିବା ପାଇଁ ବଡ଼ କଷ୍ଟ ହେଉଥିବ, ଜେଜେବାପା ?

ନଗରକାର—ଆଉ କେଇଟା ଦିନ ବଞ୍ଚିବ·ରେ ଭାନୁ ? ଏମିତି କଷ୍ଟରେ ସମୟତକ କଟିଗଲେ ଗଲା । ଈଶ୍ୱର ତୋତେ ଦୀର୍ଘ ପରମାୟୁ ଦିଅନ୍ତୁ । ତୁ ଯେତେବେଳେ ବଡ଼ ମଣିଷ ହେବୁ, ବୁଢ଼ା ଆଉ ଅକ୍ଷମ ମଣିଷଙ୍କୁ ସବୁବେଳେ ଦୟା କରିବୁ ରେ ଭାନୁ !

ଗୁଣବନ୍ତ—ହଉ ହଉ, ଏଥର ଟୋକେଇଟା ମୁଣ୍ଡାଅ । ହୁଁ···( ବୁଢ଼ାକୁ ଉଠାଇବା ପାଇଁ ଦୁହେଁ ପୁଣି ଉଦ୍ୟମ କଲେ । ) ଧୀରେ ଟେକୁନ ? ବୁଢ଼ାଙ୍କୁ କଷ୍ଟ ହେଉଥିବ ଯେ ।

ବୁଦ୍ଧିମନ୍ତ—ମୋ ହାତଟା ତ ଥରୁଚି, ଗୁଣବନ୍ତ ! ହେ ଭାନୁ, ମୋ ମୁଣ୍ଡରେ ମୁଚୁଳାଟା ଭଲ କରି ଦେଇଦେଲୁ ବାପ !

ଭାନୁ—ହଉ ଦଉଚି । ମୋ ହାତ କଣ ପାଉଚି, ବାପା ? ରହ, ଟୁଲ୍‌ଟା ଉପରେ ଠିଆ ହୋଇଯାଏଁ । ( ଟୁଲ୍‌ଟାଏ ଭିଡ଼ିଆଣି ଭାନୁ ତା ଉପରେ ଠିଆହେଲା ଓ ବୁଦ୍ଧିମନ୍ତ ମୁଣ୍ଡରେ ମୁଚୁଳାଟି ରଖିଦେଇ ) ହେଲା ତ ?

ବୁଦ୍ଧିମନ୍ତ—ହଁ ।

ଭାନୁ—ତୁମେ ତ ପୁରୀ ଯାଉଚ, ବାପା ? ମୋ ପାଇଁ ଗୋଟିଏ ଗ୍ଲେଟିଆ ଜିନିଷ ଆଣିବ ।

ବୁଦ୍ଧିମନ୍ତ—କହ ବାପ, କହ କହ, କି ଜିନିଷ ତୋ ପାଇଁ ଆଣିବ ?

ଭାନୁ—କୌଣସି ଦାମିକା ଜନଷ ନୁହଁ ମ ବାପା ? ଏଇ ଯେଉଁ ଟୋକେଇରେ ଜେଜେବାପାଙ୍କୁ ନେଉଚ, ଫେରିଲାବେଳେ ଏଇଟାକୁ ମନେ କରି ମୋ ପାଇଁ ନେଇ ଆସିବ ।

ବୁଦ୍ଧିମନ୍ତ—ଟୋକେଇଟା ତୋର କଣ ହେବକରେ ଭାନୁ ? ଏ କଣ ଖେଲନା ହୋଇଛି ?

ଭାନୁ—ଖେଲନା ନୁହେଁ ଯେ ବାପା ! ଏଇଟାକୁ ତ ତୁମେ ପୁଣି ପଇସା ଦେଇ କିଣିଚ ? ମୁଁ ଏଇଟା ସାଇତି କରି ରଖିବ । ଆମ କାମରେ ପୁଣି ଏହା ଲାଗିବ ଯେ । ଏଥିରେ ଜେଜେବାପାଙ୍କୁ ବସେଇ ତୁମେ ତ ନେଉଚ କେଉଁଆଡ଼େ ଛାଡ଼ିଦେଇଆସିବ । ଯେତେବେଳେ ତୁମେ ଆଉ ବୋଉ ବୁଢ଼ାବୁଢ଼ୀ ହୋଇଯିବ, ସେତେବେଳେ ମୁ ପୁଣି ତୁମକୁ କେଉଁଥିରେ ନେବ ? ଆଉ ନୂଆ ଟୋକେଇ କଣା ହେବ କାହିଁକି କହିଲ ? ଏଇଥିରେ ତୁମ ଦୁହିଁଙ୍କୁ ଜଣ ଜଣ କରି ବସାଇ ନେଇଯିବ । ବାଟରେ ଯେଉଁଠି ମତେ ବାଧା ହେବ, ସେଇଠି ଛାଡ଼ିଦେଇ ଆସିବ । ସେଠାରେ ବାଘ ଭାଲୁ ଥିବେ ଯେ ତୁମ ଖବର ଠିକ୍ ବୁଝିବେ ।

ବୁଦ୍ଧିମନ୍ତ—ଏଁ ! କଣ କହିଲୁ ଭାନୁ ? ମତେ ଏଇ ଟୋକେଇରେ ଏମିତି ପୂରାଇ କେଉଁଆଡ଼େ ଛାଡ଼ିଦେଇ ଆସିବୁ ?

ଗୁଣବନ୍ତୀ—ତୋର ବଡ଼ପ ତ କମ୍ ନୁହେଁ ରେ ବଦମାସ୍ ଟୋକା ! ମୁ ଏତେ କଷ୍ଟ ସହି ଦଶମାସ ଦଶଦିନ ଗର୍ଭରେ ଧରି ତୋତେ ଜନ୍ମ ଦେଲି; ତୁ ପୁଣି ମତେ ଏଇଆ କରିବୁ ? ଏଇ ଟୋକେଇରେ ପୂରାଇ ଆମକୁ କେଉଁଠି ବାଘ-ଭାଲୁମୁହଁରେ ଛାଡ଼ିଦେଇ ଆସିବୁ ?

ଭାନୁ—ତୁମେ ତୁମ ବାପାଙ୍କୁ ଯେମିତି କରୁଚ, ମୁଁ ତ ପୁଣି ମୋ ବାପାଙ୍କୁ ସେମିତି କରିବ, ନା ?

ବୁଦ୍ଧିମନ୍ତ—( ଥରି ଥରି ) ଗୁଣବନ୍ତୀ, ଧର, ଏ ଟୋକେଇଟା ଧର । ଏଇଟା ମୋ ମୁଣ୍ଡରୁ ଆଗ ଓହ୍ଲାଅ, ଗୁଣବନ୍ତୀ ! ଏ ଯେ ମୋତେ ପାହାଡ଼ପରି ଭାରି ଲାଗୁଚି । ମୋ ମୁଣ୍ଡ ଘୂରାଇଦେଉଚି, ଗୁଣବନ୍ତୀ ।

( ବୁଦ୍ଧିମନ୍ତ ଓ ଗୁଣବନ୍ତୀ ଟୋକେଇଟାକୁ ଓହ୍ଲାଇଲେ । )

ଗୁଣବନ୍ତ—( ଚୋକେଇ ଓହ୍ଲାଉଥିବାବେଳେ ସକେଇ ସକେଇ ) ସତ କହୁଚୁ ଭାନୁ, ତୁ ଆମକୁ ଏମିତି କରିବୁ ?

ଭାନୁ—ନବେ ବର୍ଷର ବୁଢ଼ାଟାକୁ ତୁମେ ଚଳାଇପାରୁନ । ତାଙ୍କ ସେବା କରିବା ପାଇଁ ତୁମକୁ କଷ୍ଟ ଲାଗୁଚ । ସେଥିପାଇଁ ପୁରୀ ନେବା ବାହାନାରେ କେଉଁଠି ଗହ୍ମାକଡ଼ରେ ତାଙ୍କୁ ଛାଡ଼ିଦେଇ ଆସିବାକୁ ନେଉଚ । ପୁଣି ତୁମେ ଦୁଇଜଣ ବୁଢ଼ାବୁଢ଼ୀ ହୋଇଗଲେ ମୁଁ କେମିତି ତୁମର ସେବା କରିବ ବୋଲି ଭାବୁଚ ?

ନଟବର—କିଏ କାହାକୁ କଣ କଲା ରେ ଭାନୁ ? ଆରେ ବୁଧିଆ, ମତେ କାହିଁକି ପୁଣି ତଳକୁ ଓହ୍ଲାଇଲୁ ?

ଭାନୁ—ଜାଣିଲ ଜେଜେବାପା ! ବାପା ତୁମକୁ ପୁରୀ ନେଉନାହାନ୍ତି ମ । ଅଧବାଟରେ ତୁମକୁ କେଉଁଠି କେଉଁ ଗଛ କି ବୁଦା ମୂଳେ ଛାଡ଼ିଦେଇ ଆସିବେ । ତୁମକୁ ଏ ଘରୁ ତଡ଼ିଦେଉଛନ୍ତି । ତୁମ ସେବା ଆଉ କରିପାରିବେ ନାହିଁ ।

ବୁଦ୍ଧିମନ୍ତ—ବଡ଼ ଭୁଲ ହୋଇଗଲା ରେ ଭାନୁ !

ଭାନୁ—ଜେଜେବାପା, ମୁଁ ତୁମ ସାଙ୍ଗରେ ଯିବ । ତୁମ ପାଖେ ପାଖେ ରହି ତୁମ କଥା ବୁଝିବ । ତୁମ ସେବା କରିବ ।

ନଟବର—( ରାଗରେ ଥରି ଥରି ) ହଇରେ ବୁଧିଆ, ବୁଦ୍ଧିମନ୍ତ ! ଏଇ ବୁଦ୍ଧି ? ତୁ ଏଡ଼େ କୁଳାଙ୍ଗାର ପୁଅ ଜନ୍ମ ହୋଇଥିଲୁ ? ପିଲାଟି ଦିନରୁ ତୋତେ ପାଳି ପୋଷି ଏତ୍ତୁଟିରୁ ଏଡ଼ୁଟିଏ କଲି; ପାଠ ପଢ଼ାଇଲି । ତୋ'ଠାରେ ଡେଣା ଲଗାଇ ତୋତେ ଉଡ଼ାଇଲି । ତୋତେ ମଣିଷ କଲି । ଶେଷରେ ତୁ ମତେ ଏଇ ପୁରସ୍କାର ଦେଉଚୁ ? ତୁ ଏଡ଼େ ଅଯୋଗ୍ୟ ! ଅପଦାର୍ଥ ! ଏଡ଼େ କୃତଘ୍ନ ପୁଅ ଜନ୍ମ ହୋଇଚୁ ?

ଭାନୁ—ବାପା, ତୁମେ ତୁମ ବୁଢ଼ା ବାପାଙ୍କୁ ଯେମିତି ହତାଦର କରୁଚ, ମୁଁ ମୋ ବାପାଙ୍କୁ ବୁଢ଼ା ବୟସରେ ସେମିତି କରିବ ନା ?

ବୁଦ୍ଧିମନ୍ତ—ତୋର କୋଟି ପରମାୟୁ ହେଉ ରେ ଭାନୁ । ପିଲା ହୋଇ ମଧ୍ୟ ତୁ ତୋ ବାପା-ବୋଉଙ୍କୁ ଉଚିତ ଶିକ୍ଷା ଦେଇଛୁ ।

ନଗରକାର—ଆଉ ତୁମ ପାଖରେ ମୁହ ଭିଁଟିଏ ସୁଦ୍ଧା ମୁଁ ରହିବ ନାହିଁ ରେ ବୁଦ୍ଧିଆ ! ଏଇକ୍ଷଣି ନେଇ ମତେ ପୁଘରେ ଗୁଡ଼ ଦେଇ ଆ ।

ବୁଦ୍ଧିମନ୍ତ—ତୁମେ ଆଉ କେଉଁଠିକି ଯିବା ଦରକାର ନାହିଁ, ବାପା ! ମୋ ଅପରାଧ କ୍ଷମା କର ।

ଗୁଣବନ୍ତୀ—ଆଜି ଭାନୁ ଆମ ଆଖିରୁ ଅନ୍ଧପୁଟୁଳିଟା ଖୋଲିଦେଇଛି । ମୁଁ ଭୁଲ୍ ବାଟରେ ପଶିଯାଇଥିଲି, ବାପା ! ସେ ମତେ ଅବାଟରୁ ଫେରାଇ ଆଣିଚି ।

—ଯବନିକା—

( 'ଉତ୍କଳ ପ୍ରସଙ୍ଗ'—୧୯୮୦, ନଭେମ୍ବର )

ବିଦ୍ୟୁତ୍‌ପ୍ରଭା ଦେବୀ ( ୧୯୨୬—୧୯୭୭ )

[ ଜନ୍ମ—କଟକ ଜିଲ୍ଲା କେନ୍ଦ୍ରାପଡ଼ା ନିକଟବର୍ତ୍ତୀ ଝଙ୍କଡ଼ୀ ଗ୍ରାମରେ—ପଲ୍ଲୀ ଓ ପ୍ରକୃତିର ଚିତ୍ର ବହୁ କବିତାରେ ରୂପାୟିତ—ମାନବିକତା ତାଙ୍କ ରଚନାର ଅନ୍ୟ ଏକ ବିଶେଷତ୍ୱ—ସାହିତ୍ୟକୃତି :—'ସବିତା', 'କନକାଞ୍ଜଳି', 'ମଲ୍ଲିଚକା', 'ବନ୍ଦନିକା', 'ଝରଣୀଜଳ', 'ମାଟି ପାଣି ପବନ' ପ୍ରଭୃତି । ]

## ବାଇଆ ରଜା

କଇ ରେ ଟୋକା ! କିଏ ସେ ତତେ
ଖୋଇଲା ଆଜି ହସର ଲଡ଼ୁ ?

ବାଇଆ ରଜା ! ବାଇଆ ପରି
କାହିଁକି ଆରେ ଧୂଳିରେ ଗଡ଼ୁ ?

ହସ ଓ ଖୁସି ଯାଆଁଳା ଭାଇ
ଖେଳୁଛନ୍ତି କା ପେଟରେ ତୋର ?

ହାବୁକା ମାରି ପାଟି ଭିତରୁ
ହସ ତେଉ ତ ଉଠୁଚି ଜୋର ।

ନକଲି ହସ ବରଫ ପରି
ଦାନ୍ତ ମୂଳରେ ମିଳେଇଯାଏ,

ଅସଲି ହସ ନାହିମୁଣ୍ଡରୁ
ଆସଇ ମାଡ଼ି ଜୁଆର ପ୍ରାୟେ ।

ହସିହସିକା ପାରେ ଯେ କାଢ଼
ସେହ୍ନ ହସଟି ହସର ହସ,
ପସ୍ସ ଯେବେ ନ ଲାଗେ ପେଟ
ତହ୍ନିଁରେ କଛୁ ଥାଏ କ ରସ ?
ମୁରୁକ ହସ ମହ୍ଲ ଫୁଲ
ହୋଓ ହୋ ହସ ମିଶିର ମିଠା,
ଫାଟିଲ ଓଠ ଶୁଖିଲ ହସ
ଗମର୍ ଖୁଦ ଚକୁଳ ପିଠା ।
ନ ଖାଆ ଫଳ ନ ଖାଆ ମାଛ
ନ ଖାଆ ଦୁଧ ଲହୁଣୀ ସର,
ନଇଷ ଟିକେ ପାରଲେ ହସି
ବଢ଼ି ଯିବ ତୋ ଆଇଷ-ବଳ ।
ଚନ୍ତା ରୋଗର ଅସଲ ଜଡ଼
କଉଡୁକର ନଧନ ସାଥୀ,
ଗୁଡ଼ବୁ ନାହିଁ ଗୁଡ଼ବୁ ନାହିଁ
ସେହ୍ନଟି ସବୁ ସୁଖର ଥାଣ ।
ଦେଇଛୁ ଦାନ୍ତ ଦେଇଛୁ ମନ
ହସେଇବାକୁ ବଧାତା ତତେ,
ଖୁସିରେ ନାଚ ବାଇଆ ରଜା
ନଜେ ଭୁ ହସି ହସାରେ ମତେ ।

●

( 'ମୋ ପେଁକାଲୀ ବଜେଇ ଦେ'—୧୯୬୦ )

# ମେଘ ଝୋପା

ମେଘ ବରଷିଲା ଟପର୍ ଟପର୍
କେଷୁର ମାଇଲା ଗଜା,
କେଉଁ ରାଇଜରେ ରହିଲେ ମୋ ରଜା
ଚେଲିଙ୍ଗି ବାଲିଧ ସଜା ।

ମେଘ ବରଷିଲା ଟପର୍ ଟପର୍
ବେଙ୍ଗ ଧଏ ଭୁଲଭୁଲି,
ଭଅଁର ଦଉଡ଼େ ମାଳତୀ ବଣକୁ
ଖାଇବାକୁ ସରସୁଳି ।

ମେଘ ବରଷିଲା ଟପର୍ ଟପର୍
ଝିଙ୍କି-ବାଘ ଝଟେ ମାଛି,
ପାହାଡ଼ ଉପରେ ଲଠା ଚଢ଼ି ବୁଲେ
ପାଗଳା ବଉଦ-ହାତୀ ।

ମେଘ ବରଷିଲା ଟପର୍ ଟପର୍
ଭୁଙ୍କାରେ ଭୁଞ୍ଜିଲା ଛଭୁ,
ପାଖେଇ ପାଖେଇ ଅଳଅଳୀ ଝିଅ
ଗଡ଼ଆସେ ଘରବନ୍ତୁଁ ।

ମେଘ ବରଷିଲା ଟପର୍ ଟପର୍
ଭଲୁଆଳନାର ବାନ୍ଧା,
ଗୋଳିଆ ନଈକି ନାଳ ଡାକ ଶୁଭେ
ଘଙ୍କୁ ଝିଙ୍କଏ ଭୁଷାଁ ।

ମେଘ ବରଷିଲା          ଝୁମର ଝାଉଁ ଲୋ
ମଉଳୁବ ଫୁଲ ବନେ,
ଧାନ କିଆରିରେ          ବାଗୁଡ଼ି ଖେଳଇ
ବଡ଼ାସି ଖାଲୁଆ ମନେ ।

ମେଘ ବରଷିଲା          ଝପର ଝପର
ଯୂଇ ଉଠେ ଆଖି ମଳି,
ବଧର ଉଦିଆ          ବାଣ ଘଣ୍ଟି ସୁନା-
ଝୁଲ୍ଲି ଉଠଇ ଜଳି ।

ମେଘ ବରଷିଲା          ଝପିର ଝପର
ନଈରେ ଗୁଞ୍ଜଲା ନାଆ,
ଗାଏ ବନମାଳୀ          ଭାଟେ ମାଲ୍ ତାଳ
ଭାକ୍ ଧନାଶ୍ରୀ ଭାଆ ।

(.'ମୋ ଝୈଁକାରୀ ବଉଳର ଡେ'—୧୯୬୦ )

ଅନ୍ନଦାପ୍ରସାଦ ରକ୍ଷିତ ( ୧୯୨୭— )

[ ଜନ୍ମ ବାଲେଶ୍ୱରରେ—ଶିକ୍ଷା ବିଭାଗର ପରିଦର୍ଶକ ରୂପେ ବର୍ତ୍ତମାନ ଉତ୍କଳରେ ଅବସ୍ଥାପିତ—ତାଙ୍କର ଶିଶୁ-କବିତା ସଂକଳନ 'ଟିମ୍ ଟିମା ଟିମ୍' ସରକାରଙ୍କ ଶିକ୍ଷାବିଭାଗ ଦ୍ୱାରା ପୁରସ୍କୃତ—'କୁମାର ମଞ୍ଚ', 'ସ୍ୱର୍ଣ୍ଣରେଣୁ', 'ନୀଳ ଆକାଶ ଓ ସବୁଜ ଧରଣୀ', 'କେତେ କଣ୍ଟା, କେତେ ଫୁଲ' ପ୍ରଭୃତି ପୁସ୍ତକର ଲେଖକ । ]

## କହ ତୋର କାହାଣୀ

ଦରିଆର ନୀଳ ପାଣି          କହ ତୋର କାହାଣୀ,
ଗୋଟି ପରେ ଗୋଟି ଢେଉ          ଗଣି କିଆଁ ହୁଏନ ?

କହିବୁ କି ସେ କାହାଣୀ          ଆରେ ନୀଳ ଦରିଆ,
ସାତ ତାଳ ପାଣି ଆହା          ସବୁ କିଆଁ ଲୁଣିଆ ?

ଏତେ ନୀଳ ରଙ୍ଗ କାହୁଁ          ତୋ ଦେହରେ ଢାଳିଲ,
ଏତେ ଏତେ ଜୀବଜନ୍ତୁ          ଅକାତରେ ବଣ୍ଟିଲୁ !

ତୋ ଜଳରେ ଖେଳେ ତିମି          ମଗର ବି ଖେଳଇ,
ବୁଡ଼ାଳି ତୋ ତଳେ ଯାଇ          ମୁକୁତା ବି ତୋଳଇ ।

ରବି ଛବି ନିତି ନିତି          ହସେ ତୋର ଛାତିରେ,
ତାରାସବୁ ଲୁଚକାଳି          ଖେଳେ ନିତି ରାତିରେ ।

× × × ×

ମେଘ ଯେବେ ଘୋଟିଆସେ          କଳା ଦିଶେ ଆକାଶ
ତାରା ସବୁ ହଜିଯାଏ          ବହେ ଝଡ଼ବତାସ,

ଝମାଝମ୍ ପାଣି ପଡ଼େ    ଚମକଇ ବିଜୁଳି
ଗୁଡ଼ି ତୋର ନାଚଉଠେ    ଚାଲେ ଚାଲେ ଉଚ୍ଛୁଳି ।
ମେଘ ସାଥେ ରଙ୍ଗ ଗୁଡ଼ି    କରୁ ପୁଣି ଲଢେଇ
ତାଳ-ଗଛ-ଉଚ୍ଚ ଢେଉ    ଆକାଶକୁ ବଢେଇ ।

କି ବିରାଟ ଦରିଆ ତୁ    କେତେ ତୋର ସାହସ !
ଠୋପେ ପାଣି ପାଇଁ ମୋତେ    କରୁ କିଆଁ ନିରାଶ ?
ଏ ପାରରୁ ଚାହିଁଦେଲେ    ଆଖି ମୋର ପାଏନ,
ଅରେ ନୀଳ ଦରିଆ ତୁ    କହ ତୋର କାହାଣୀ ।

●

( 'ଝିମ୍ ଝିମା ଝିମ୍' —୧୯୭୪ )

ପଠାଣି ପଟ୍ଟନାୟକ ( ୧୯୨୮— )

[ ଜନ୍ମ—ପୁରୀ ଜିଲା ଗୋଲବାଇ ଗ୍ରାମରେ—ରେଭେନ୍‌ସା କଲେଜରୁ ଏମ୍. ଏ. ପାସ୍ କରିଛନ୍ତି—କିଛିକାଳ ସହକାରୀ ସମ୍ପାଦକ 'ପ୍ରଜାତନ୍ତ୍ର', 'ଝଙ୍କାର' ଓ 'ମାତୃଭୂମି'—ଗବେଷକ ଓ ସାହିତ୍ୟ ସମାଲୋଚକ—ବର୍ତ୍ତମାନ ଖ୍ରୀଷ୍ଟ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ—ଶିଶୁ-ପତ୍ରିକାମାନଙ୍କରେ ବହୁ ଲେଖା ପ୍ରକାଶିତ ହୋଇଛି—'ସମାଜ ଓ ସାହିତ୍ୟ', 'ଓଡ଼ିଆ ସାହିତ୍ୟର ଇତିହାସ', 'ଦେଶବିଦେଶର କଥା ଓ କାହାଣୀ' ପ୍ରଭୃତି ପୁସ୍ତକର ଲେଖକ । ]

## ମେଘ ଉଠିଆସେ କଳାହାଣ୍ଡିଆ

ମେଘ ଉଠିଆସେ କଳାହାଣ୍ଡିଆ ଲୋ
ପବନ ପିଠିଇ ଖରେ,
ଝର ଝର ଝର ବରଷା ପଡ଼େ ଲୋ
ନଈ ନାଳ ବଣ ଉଲେ ।
କଟର କଟର ବେଙ୍ଗ ରଡ଼ି କଲା
ସାରୁ ଗଛ ତଳ ରଜା,
ଚବଚବ କରି ପିଲାଏ ଖେଳିଲେ
ତେଲିଙ୍ଗି ବାଇଦ ବଜା ।
ମେଘ ଉଠିଆସେ କଳାହାଣ୍ଡିଆ ଲୋ
ବିଜୁଳି ମାରଇ ଖରେ,
ଗାଆଁ ବିଲମାନ ବେଉଷଣ ସାରି
ହଳିଆ ଫେରଇ ଘରେ ।

ଅବଧାନଙ୍କର ଗୃହାଳୀ ସଇଲା,
ପିଲେ ହେଲେ ଘରମୁହାଁ,
ମେଘ ବରଷୁଛି ଖରା ପଡ଼ୁଅଛି
ବିଲୁଆନନାର ବାହା ।

ବୃକ୍ଷର ମଥାନେ କାଉ କାଆ କଲା
ଗାଈଗୋଠ ଗାଆଁ ଚଳେ,
ଠିକ ନୂଆବୋହୂ ସଞ୍ଜବଳଣାଟି
ଥୁଅଇ ଚଉରା ମୂଳେ ।

ବୁଢ଼ୀମାଆ କୋଳେ କୁନିପୁଅ ବସି
ଜୁଲୁଜୁଲୁ ରହେ ଚାହିଁ,
ଅସୁର ଅସୁରୀ ରଜାପୁଅ କଥା
ନାତି ଆଗେ କହେ ଆଈ ।

କୁନା ଡାକୁଅଛି କୁନି ଚଢ଼େଇକି
ଆ'ରେ ଚାଲକୁ ଉଡ଼ି,
ମନ ଇଚ୍ଛା ଖାଆ ଆଣିଚି ତୋ ପାଇଁ
ଅଣ୍ଟିରେ ଅଣ୍ଟିଏ ମୁଢ଼ି ।

କେତେ ନଈନାଳ ଉକାଣି ଉଠିଲା
ବିଲ ପାଚି ଗଲା ପୂର,
ମେଘ ଉଠାଇଲା କଳାହାଣ୍ଡିଆ ନେଲା
ପିଲାଏ ଗୁଡ଼ିଲେ ହୁର ।

ଦୁର୍ଗାମାଧବ ମିଶ୍ର ( ୧୯୨୯—       )

[ ଜନ୍ମ—ପୁରୀ ଜିଲା ନୟାଗଡ଼ ଅନ୍ତର୍ଗତ ବ୍ରାହ୍ମଣସାହିରେ । ଅର୍ଥନୀତିରେ ଏମ୍. ଏ. ପାସ୍ କରି ପୋଲିସ ବିଭାଗରେ ଚାକିରି ଆରମ୍ଭ କରିଥିଲେ—ରାଜ୍ୟ ଗୁପ୍ତଚର ବିଭାଗର ଆଇ. ଜି. ପୋଲିସ ପଦକୁ ଉନ୍ନୀତ ହୋଇଥିଲେ—ସେଠାରୁ ବଦଳି ହୋଇ ବର୍ତ୍ତମାନ କଲିକତାରେ ଅବସ୍ଥାପିତ—ଶିଶୁ-ସାହିତ୍ୟରେ ଆଗ୍ରହୀ—ପତ୍ରପତ୍ରିକାରେ ତାଙ୍କର ବହୁ ରଚନା ପ୍ରକାଶିତ । 'ତାରା ଓ ତିମିର', 'ମନ୍ଦାକ୍ରାନ୍ତା' ଆଦି ପୁସ୍ତକର ଲେଖକ । ]

## ଅସୁର

"ହୁସିଆର୍···ଖବରଦାର୍···"

ମନୁର ଗହନ ନିଦ ହଠାତ୍ ଭାଙ୍ଗିଗଲା । କଟିକଟିଆ ଅନ୍ଧାର ରାତି । ବୋଉ ନିଦରେ ଶୋଇପଡ଼ିଛି । କୁନିପୁଅ ବୋଉ କୋଳକୁ ଲାଗି ଶୋଇଛି ।

ଧୀରେ ଧୀରେ ଶେଯରୁ ଉଠିଲା ମନୁ । ଭାରି ଡର ଲାଗୁଥାଏ । ଝରକା ଦେଇ ବାହାରକୁ ଅନାଇଲା । କଳା ମଚ୍‌ମଚ୍ ଗୋଟାଏ ଅସୁର । ଗୋଟାଏ ହାତରେ ଲଣ୍ଠନ । ଆର ହାତରେ ମଣିଷେ ଉଞ୍ଚର ଠେଙ୍ଗା । ବାଉଁଶଟାଏ ଟାଣୁଛି । ମାଡ଼ିଯାଉଛି ଏଡ଼େ ଏଡ଼େ ପାଦରେ । ଆଉ କହୁଛି—"ହୁସିଆର୍‌ର୍·· ଖବରଦାର୍‌ର୍···"

"ଇଲେ ନେବ ରେଲେ" କହି ଦୁଲ୍‌ଦାଲ୍ ବୋଉ ଉପରେ କଚଡ଼ି ହୋଇ ପଡ଼ିଲା ମନୁ । ଚେତା ହଜିଗଲା ତାର । ପୁଷ ମାସ ଶୀତ, ତଥାପି

ଦେହ ସାରା ତାର ଝାଳ ସରସର ! କୁନିପୁଅ କାନ୍ଦିଉଠିଲା । ବୋଉ ଉଠି ପଡ଼ିଲା । "ଆରେ କ'ଣ ହେଲା ?"

ଆଉ ମନୁର ଚେତା ଅଛି ଯେ ସେ କଣ କହିବ ? ତକିଆ ତଳୁ ଟର୍ଚ୍ଚ ଲାଇଟ୍ କାଢ଼ି ବୋଉ ଟିପିଲେ । ମନୁ ମୂର୍ଚ୍ଛା ହୋଇ ପଡ଼ିଛି ! ବଡ଼ ପାଟି କରି ଆର ଘରୁ ବାପାଙ୍କୁ ଡାକ ପକାଇଲେ ବୋଉ—"ଧାଇଁ ଆସ, ଧାଇଁ ଆସ, ମନୁର କ'ଣ ହୋଇଗଲା !"

ବାପା ତରତର ହୋଇ ଧାଇଁଆସିଲା ବେଳକୁ ଦୁଆରବନ୍ଧରେ ଝୁଣ୍ଟି ପଡ଼ିଲେ । ବୁଢ଼ୀମା', ଖୁଡ଼ା ବାପା, ବଡ଼ଭାଇ କୁନୁ ସମସ୍ତେ ସେ ଶବ୍ଦରେ ଉଠିପଡ଼ିଲେ । ସମସ୍ତେ ନିଦ ମଳମଳ ଆଖିରେ ଦଉଡ଼ିଲେ ମନୁ ପାଖକୁ । ଚାକର ଟୋକା ନରିଆ ଲଣ୍ଠନ ଜାଳି ଧାଇଁଲା ।

ପାଣି ଆସିଲା । ମୁହଁରେ ପାଣି ଛିଟିବାରୁ ମନୁର ଚେତା ଫେରିଲା । ସେ ଜଳଜଳ ହୋଇ ଚାହିଁଲା ସମସ୍ତଙ୍କୁ । ସମସ୍ତେ ତାକୁ ଚାହିଁଛନ୍ତି । ଆଉ ଚାହିଁଛି ସେ ଅସୁରଟା !

ମୁହଁରେ ତାର ବଡ଼ ନାହିଁ । କିନ୍ତୁ ଗୋଟିଏ ହାତରେ ଲଣ୍ଠନ, ଆର ହାତରେ ଠେଙ୍ଗା । ସେ ହସୁଛି । ହଁ, ସେଇ ତ ! "ଅସୁର, ଅସୁର" କହି ମନୁ ଆଉ ଥରେ ଆଖି ବୁଜିଦେଲା ।

ସମସ୍ତେ ବାବା ହୋଇଗଲେ । ଅସୁର କାହିଁ ? ବାପା ଟେକିନେଲେ ମନୁକୁ । "ଆରେ ଅସୁର କାହିଁ ?" ଅଧା ଆଖି ଖୋଲି ବାପାଙ୍କ କାଖରୁ ଚାହିଁଲା ମନୁ । "ହେଇ, ହେଇ ଅସୁର । ସେଇଠି ଠିଆ ହୋଇ ହସୁଛି !"

ସମସ୍ତେ ତା କଥା ଅନୁସାରେ ଚାହିଁଲେ ପଛକୁ । ମନୁ କିନ୍ତୁ ବାପାଙ୍କ କାନ୍ଧରେ ମୁହଁ ଗୁଞ୍ଜି ବରଡ଼ାପତର ପରି ଥରୁଛି । ବାପା ବୁଝିଗଲେ । ହସିଲେ । "ମନୁ, ତୁ ଗୋଟାଏ ପାଗଳ । ସେ କାହିଁକି ଅସୁର ହେବ ? ସେ ପରା ନବ ନାଏକ, ଆମ ଗାଆଁ ଚଉକିଦାର । ଆମ ଘରେ ପାଟିତୁଣ୍ଡ ଶୁଣି କ'ଣ ହେଲା ବୋଲି ଧାଇଁଆସିଛି ।"

ବାପା ମନୁର ମୁହଁକୁ ତାଙ୍କ କାନ୍ଧରୁ କାଢ଼ିନେଇ ଦେଖାଇ-ଦେଲେ । ନଈଆ ଲଣ୍ଠନ ଟେକିଦେଲା । ନବ ନାଏକ ନିଜ ଲଣ୍ଠନ ଟେକିଦେଲା ନିଜ ମୁହଁ ପାଖକୁ, ଆଉ ହସୁଥିଲା । ତା'ପରେ ଠେଙ୍ଗାଟା ତଳେ ପକେଇ ଦେଇ ଆଦରରେ ମନୁକୁ ନେଇଗଲା ତା ପାଖକୁ । ପୂରା ନିଃଶ୍ୱାସ ବନ୍ଦ କରି ଗୁଡିପିଡି ହୋଇ ତା ପାଖକୁ ଗଲା ମନୁ । "ମନୁ ବାବୁ, ତୁମେ ଡରିଗଲ ?"

ସତେ ତ, ଅସୁର କଣ ନାଁ ଧରି ଡାକୁଛି, ମୋତେ ଆଦର କରୁଛି ! ଅଳ୍ପ ମୁହଁ ଟେକି ତାକୁ ଚାହିଁଲା ମନୁ । ତଥାପି ଅସୁର କି ମଣିଷ ଭାବିପାରିଲା ନାହିଁ ସେ । ମଣିଷ କଣ ଏତେ କଳା, ଏତେ ବଡ଼ ମୁଛ, ଏତେ ଢାଗଡ଼ା ଦାଢ଼ି ହୋଇପାରେ ? ଆଉ ମଣିଷ କଣ ରାତିଅଧରେ ବୁଲେ ? ପୁଣି ମୁହଁ ଲୁଚେଇଦେଲା ମନୁ ।

ଚୌକିଦାର ନବ ନାଏକ ସ୍ୱରକୁ ଯେତେ ପାରେ ସେତେ ନରମ କରି ମନୁ କାନରେ ଫୁସ୍‌ଫୁସ୍ ହୋଇ କହିଲା—"ମନୁବାବୁ, ହୁଇସିଲ ବଜାଇବ ? ହୁଇସିଲ !!"

ଗୋଟାଏ ହୁଇସିଲ ପାଇଁ ସେ ବାପାଙ୍କୁ କେତେଥର ନ କହିଛି ! ଆଗ୍ରହରେ ନବ ମୁହଁକୁ ଚାହିଁଲା ମନୁ । ନବ ନାଏକ କଳା କୋଟ ପକେଟରୁ ଧଳା ହୁଇସିଲଟିଏ କାଢ଼ି ମନୁପାଟିରେ ଧରାଇଦେଲା । "ବଜାଅ, ମନୁବାବୁ ।"

ହୁଇସିଲ ବଜାଇବାକୁ ମନ, ଏଣେ ଅସୁରକୁ ଡର । ତଥାପି ହୁଇସିଲ ଫୁଙ୍କିଦେଲା ମନୁ । ହୁର୍‌ର୍ ହୁର୍‌ର୍ ହୋଇ ବାଜି ଉଠିଲା ହୁଇସିଲ୍ । 'ଆରେ ସତସତକିଆ ହୁଇସିଲ ତ ! ତେବେ ଏ ଅସୁର ନୁହେଁ ?

ସେତେବେଳକୁ ମନୁର ଡର ପୂରାପୂରି ଛାଡ଼ିଗଲାଣି । ସେ ନବ ଚୌକିଦାର କାଖରେ ଆରାମରେ ବସି ହୁଇସିଲ୍ ବଜାଉଛି । ଆଉ ତା ପକେଟରେ ହାତ ପୂରାଇ ପେନସିଲ୍ ନୋଟ ଖାତା କାଢ଼ୁଛି । ଆଉ ପକେଟରୁ କାଢ଼ୁଛି ଦିଆସିଲି ଓ ଚଡ଼କଠାଟା ।

ସମସ୍ତେ ହସି ହସି ଗଡ଼ିଯାଉଛନ୍ତି । କୁନି ପୁଅ ମଧ୍ୟ ହାତ ଗୋଡ଼ ହଲାଇ ହସୁଛି । ବାପା କହୁଛନ୍ତି—"ସେ ଅସୁର ନୁହେଁରେ ମନୁ ! ସେ ଆମ ଗାଁ ଚୌକିଦାର । ସେ ଗାଆଁଯାକ ରାତିରେ ବୁଲି ଚୋର ଡକାଏତ-ମାନଙ୍କୁ ଧରେ । ଥାନାରେ ଖବର ଦିଏ । ତା'ର ଯୋଗୁଁ ଆମେ ସମସ୍ତେ ଆରାମରେ ରାତିରେ ଶୋଇପାରୁ ।

ସେତେବେଳକୁ ଷ୍ଟୋଭ୍ ଲଗାଇ ବୋଉ ଚାହା କରୁଥିଲେ ସମସ୍ତଙ୍କ ପାଇଁ । ମନୁ କିନ୍ତୁ ନବ ଚୌକିଦାର କାଖରୁ ତଳକୁ ଆସିବାକୁ ନାରାଜ !

●

( 'ମଣିମାଣିକ ଗଳ୍ପମାଳା'—୧୯୭୭ )

ରୁକମଣି ସାମଲ ( ୧୯୨୯—        )

[ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମ୍. ଏସ୍‌ସି., ପିଏଚ୍. ଡି. ଡିଗ୍ରୀ ଲାଭ କଲାପରେ କାନାଡ଼ାରେ ଗବେଷଣା—ସେଠାରୁ ଫେରି ଓଡ଼ିଶାର ବିଭିନ୍ନ କଲେଜରେ ପଦାର୍ଥବିଜ୍ଞାନରେ ଅଧ୍ୟାପନା—ସରଳ ଭାଷାରେ ପିଲାମାନଙ୍କ ପାଇଁ ବିଜ୍ଞାନ-ଗଳ୍ପ ଲେଖି ଓଡ଼ିଶା ସରକାରଙ୍କ ଦ୍ୱାରା ତିନଥର ପୁରସ୍କୃତ—'ବିଜ୍ଞାନ-ପ୍ରଭା' ପତ୍ରିକାର ସମ୍ପାଦକ । ]

## ଆମେ ସବୁ ଭାଇ ଭାଇ

ସେତେବେଳକୁ ସୂର୍ଯ୍ୟ ଉଇଁ ନ ଥାନ୍ତି । ବଣବୁଦା ପାଖରୁ ଅନ୍ଧାର ଛାଡ଼ି ନ ଥାଏ । ଗାଁ ଗହୀର ବିଲରୁ ଗୋଟିଏ ଉଦଜାନ ଅଣୁ ଉପରକୁ ଉଠିଲା । ନୀଳ ଆକାଶରେ ବୁଲିବୁଲିବାପାଇଁ ତା'ର ଆଜି ମନ ବଳିଛି । ମହାମଉଜରେ ବାୟୁମଣ୍ଡଳର ଅମ୍ଳଜାନ ଓ ଯବକ୍ଷାରଜାନ ଅଣୁମାନଙ୍କୁ ଠେଲି ଠେଲି ସେ ଉପରକୁ ଉଠୁଥାଏ । ସେମାନେ ବି ଆଡ଼େଇ ହୋଇ ଯାଉଥାନ୍ତି । ଠିକ୍ ପାହାଡ ଉଚ୍ଚକୁ ଉଠିଲାବେଳକୁ ତାର ଟିକିଏ ଇଚ୍ଛା ହେଲା ପାହାଡ ମଥାନରେ ବସନ୍ତା । ସେତିକବେଳକୁ ତା ସାମ୍ନାରେ ଖଣ୍ଡିଏ ପଥର ପଡ଼ିଥିଲା । ସେହି ପଥରଖୋଲରେ ସେ ଅଟକିଗଲା ।

ସେ ଏଣିକି ତେଣିକି ଗୁହାଁ ଦେଖେ ତ ସେଇ ପଥର ଖଣ୍ଡିକରେ ଅନେକଗୁଡ଼ିଏ ୟୁରେନିୟମ୍ ପରମାଣୁ ଲାଗି ଯାଇଛନ୍ତି । ଟିକିଏ ବି ହଲଚଲ ହେଉନାହାନ୍ତି । ସେମାନଙ୍କ ମଧ୍ୟରୁ ଜଣକୁ ଅନେଇ ସେ କହିଲା, "ହଇଏ ୟୁରେନିୟମ ଭାଇ, ଏମିତି ମାଦଳ ପରି ପଡ଼ିଛ କାହିଁକି ? ହଁ, କଣ ଆଉ କରିବ ? ମୋଟା ହେଲେ ଅବସ୍ଥା ଯାହା ହୁଏ ! ତୁମେ ତ କିଛି କମ୍ ଓଜନିଆ ନୁହଁ ! ହଇଏ, ତୁମେ କଣ ଆଉ ଡାକ୍ତରଙ୍କ କଥା

ଶୁଣୁନାହିଁ ? ରକ୍ତଚାପ, ବହୁମୂତ୍ର, କର୍କଟ—ଏ ଆଦି ଯାବତୀୟ ରୋଗ ଏଇ ମୋଟା ଲୋକଙ୍କ କପାଳରେ । ତା ଛଡ଼ା ରାସ୍ତାକୁ ବାହାରିଲେ ତୁମକୁ ନେବାକୁ କୌଣସି ରିକ୍ସାବାଲା ଭଲ ରାଜି ହେବ ? ବସ୍‌ରେ ଗଲାବେଳେ କୌଣସି ଯାତ୍ରୀ ବା ତୁମକୁ ପାଖରେ ବସାଇବାକୁ ମନ କରିବ ?"

ସକାଳୁ ସକାଳୁ ଏମିତିକା କଥାଗୁଡ଼ା କାହାକୁ ବା ଭଲ ଲାଗେ ? ସ୍ଥୂଳେନ୍ଦ୍ରସ୍ୱମ୍ ରାଗିଯାଇ କହିପକାଇଲା, "ହଉ, ରଖ୍ ରଖ୍ ସେ ଫୁଟାଣି-ଗୁଡ଼ାକ । ତୋ ମନେ ମନେ ତୁ ଭଲ । ଖାଲି ଦୌଡ଼ାଦୌଡ଼ି କରିବା ଛଡ଼ା ଆଜି କ କାମରେ ତୁ ଆସୁଛୁ ଶୁଣେ ? ଏ ପୃଥିବୀରେ ତୋତେ କିଏ ପଚାରେ ? ଆମେ ଯେତେବେଳେ ପରମାଣୁ ବୋମା ହୋଇ ଜାପାନରେ ଫୁଟିଲୁ, ଦୁନିଆସାରା ଚହଳ ପଡ଼ିଗଲା । କାଲି ଦେଶରୁ ତେଲ, କୋଇଲା ସରିଗଲେ ଆମେ ଲୋକଙ୍କୁ ଶକ୍ତି ଯୋଗାଇବୁ । ଆମ ଶକ୍ତିରେ କଳ-କାରଖାନା ଚାଲିବ, ବତି ଜଳିବ, ରନ୍ଧାରନ୍ଧି ବି ହେବ । ତୁ ତ ପିଲାଙ୍କ ବେଲୁନ୍‌ରେ ପଶି ଉଡ଼ିଲାବାଲା । ଆରେ ବାବୁ, କିଛି କାମ କର; ଖାଲି ନେତାଙ୍କ ପରି କଥା କହି କହି କେତେଦିନ କାଟିବୁ ? ତୋତେ ଫୁଙ୍କି ଦେଲେ ତୁ ଉଡ଼ିଯିବୁ, ଜାଣୁ ? ତୁ ପୁଣି ମୋତେ ଚିଡ଼ାଉଛୁ ?"

ବିଚାରା ଉଦଜାନ ଏମିତି କଡ଼ା କଥା ଶୁଣିବ ବୋଲି ଭାବି ନ ଥିଲା । ତା ମନ ଫିକା ପଡ଼ିଗଲା । ଦୂରରେ ଯବକ୍ଷାରଜାନ ଅଣୁଟିଏ ସେମାନଙ୍କ କଥାବାର୍ତ୍ତା ଶୁଣୁଥିଲା । ସେ ଆଉ ସମ୍ଭାଳି ପାରିଲା ନାହିଁ । କହିଲା, "ହେ ସ୍ଥୂଳେନ୍ଦ୍ରସ୍ୱମ ଭାଇ, ତୁମେ ତାକୁ ଏମିତି ଛି-ଛି କରୁଛ କାହିଁକି ? ସେ ଆମଠାରୁ ଶ୍ରେଷ୍ଠ ଦିଶୁଛି ବୋଲି ତୁମେ ତାକୁ ବେଖାତିର କରୁଛ କି ? ସେ ଆମ ସମସ୍ତଙ୍କଠାରୁ ବଡ଼ । ଏ ବିଶ୍ୱବ୍ରହ୍ମାଣ୍ଡ ଜନ୍ମହେଲା-ବେଳକୁ ସେ ଥିଲା । ସୃଷ୍ଟି ଲୋପ ପାଇଲାବେଳକୁ ବି ସେ ଥିବ । ବୃକ୍ଷଲତା, ଜୀବଜନ୍ତୁ, ପ୍ରତ୍ୟେକର ଶରୀରରେ, ଖାଦ୍ୟ ପାନୀୟ ସବୁଥିରେ ଏହି ଉଦଜାନର ଖେଳ ଚାଲିଛି ।

"ତୁମେ ଭାଇ, ଆଜିକାଲି ବୋଧହୁଏ ଖବରକାଗଜ ପଢ଼ୁନାହଁ । ଏବେ ଯେଉଁ ଉଦଜାନ ବୋମା ବାହାରିଲାଣି, ତାହା ତୁମମାନଙ୍କ

ବୋମାଠାରୁ ଶହ ଶହ ଗୁଣ ଶକ୍ତିଶାଳୀ । ତୁମେ ସିନା ଖଣ୍ଡ ଖଣ୍ଡ ହୋଇ ଶକ୍ତି ଯୋଗାଅ; ଏମାନେ ମିଳମିଶି ଶକ୍ତି ଯୋଗାନ୍ତି । ସେଇ ଶକ୍ତିବଳରେ ଯେତେ ସୂର୍ଯ୍ୟ, ନକ୍ଷତ୍ର ଅଛନ୍ତି, ସମସ୍ତେ ଏତେ ତେଜୀୟାନ୍ ।

"ସଂସାରରେ ଲୋକେ ଆଜକାଲି କଳା ଗୋରା, ହିନ୍ଦୁ ମୁସଲମାନ, ଧନୀ ଦରିଦ୍ର ପ୍ରଭୃତି ଭେଦ ଜନ୍ମାଇ ଛଣାକଟା ଲଗାଇଛନ୍ତି । ଅଥଚ ସମସ୍ତଙ୍କ ଶରୀର ରକ୍ତ, ମାଂସ ଓ ଅସ୍ଥିରେ ଗଢ଼ା । ସେମିତି ଆମ ସମସ୍ତଙ୍କର ଶରୀର ନ୍ୟୁଟ୍ରନ, ପ୍ରୋଟନ ଓ ଇଲେକ୍‌ଟ୍ରନରେ ଗଢ଼ା । କେବଳ ଏଗୁଡ଼ିକର ସଂଖ୍ୟାଭେଦରେ ଆମ୍ଭମାନଙ୍କର ଏତେ ନାମ ଓ ପ୍ରକୃତି । ସତରେ ଦେଖିଲେ ଆମେ ସମସ୍ତେ ଭାଇ ଭାଇ ।"

ଉଦଜାନର ଡେର ହୋଇଯାଉଥିଲା । ସେ ହଠାତ୍ ସମସ୍ତଙ୍କୁ ଟା-ଆ-ଟା-ଆ କହି ଉଡ଼ିଯିବାକୁ ବସିଲା । ୟୁରେନିୟମ୍ ପଚାରିଲା, "ହଇରେ ଉଦଜାନ, ପୁଣି କେବେ ଫେରିବୁ ?" "କିଏ ଜାଣେ ଭାଇ, ମୁଁ ଜଣେ ଯାତ୍ରୀ । ସୃଷ୍ଟି ଆରମ୍ଭରୁ ଏମିତି ବୁଲୁଚି । ଏବେ ମହାକାଶ-ଭ୍ରମଣରେ ବାହାରିଚି । ତୁ ଯଦି ରକେଟ୍‌ରେ ପଶି ଆସିବୁ, କେଜାଣି ବା ଦେଖାହୋଇପାରେ । କିଛି ଦୁର୍ଘଟଣା ନ ହେଲେ ମୁଁ ତଳକୁ ଆସିବି ନାହିଁ । ଯଦି ତଳକୁ ଆସିବି, ତାହାହେଲେ ଦେଖାହେବ ।" ଏଇ କଥା କେଇ ପଦ କହୁ କହୁ ସେ ଅନେକ ବାଟ ଆଗେଇଯାଇଥିଲା । ୟୁରେନିୟମ୍ ଓ ଯବକ୍ଷାରଜାନ କେବଳ ଚାହିଁରହିଥିଲେ ତାଙ୍କର ସେଇ ଯାତ୍ରୀ ଭାଇଟିକୁ ।

●

( 'ମୀନାବଜାର'—୧୯୮୦ )

ଯଦୁନାଥ ଦାସ ମହାପାତ୍ର ( ୧୯୨୯—        )

[ ଜନ୍ମ—ବାଲେଶ୍ୱର ଜିଲ୍ଲା ସୋର ଥାନା କୁଡ଼େଇ ଗ୍ରାମରେ—ଶୈଶବରୁ ପିତୃମାତୃହୀନ—କଲିକତା ବିଶ୍ୱବିଦ୍ୟାଳୟରୁ ଏଲ୍‌ଏଲ୍., ବି. ଡିଗ୍ରୀ ଲାଭ କରି ବାଲେଶ୍ୱରରେ ଆଇନ-ବ୍ୟବସାୟ କରନ୍ତି—'ଆସନ୍ତାକାଲି'ର ପ୍ରଥମ ସମ୍ପାଦକ—ସାହିତ୍ୟ ଓ ରାଜନୀତି ଉଭୟ କ୍ଷେତ୍ର ସହ ସମ୍ପୃକ୍ତ—୧୯୭୨-୭୭ ମଧ୍ୟରେ ଓଡ଼ିଶା ମନ୍ତ୍ରିମଣ୍ଡଳରେ ଯୋଗଦାନ—କବିତା, ଗଳ୍ପ, ନାଟକ, ଉପନ୍ୟାସ, ସମାଲୋଚନା ଓ ଶିଶୁସାହିତ୍ୟ ବିଭାଗରେ ଲେଖନ୍ତି । ତାଙ୍କର 'ଅଥବା ଅନ୍ଧାର' ନାଟକ ଓଡ଼ିଶା ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କୃତ ( ୧୯୭୮ ) । ]

## ମାମୁନି

ମା' ମା' ପା' ପା'
ମାମୁନି ନୂଆ କହୁଚି କଥା ।
ମାମୁନି ନୂଆ ଶିଖୁଚି ଚାଲି
ଚାଲୁ ଚାଲୁ ସେ ଯାଉଚି ପଡ଼ି,
ଧରିଲେ ହାତ ଛୁଞ୍ଚାଡ଼ି ଦେଇ
ବଡ଼ ପାଟିରେ ଛାଡ଼ୁଚି ରଡ଼ ।

ମା ମା ତାର ମାଆଟି ସିନା
ପା ପା ତାର ବାପା,
ଯା' ଛଡ଼ା କିଛି ଜାଣେନା ଆଉ
କହିଲେ ହୁଏ ଖପା ।

ଅଇଲେ ଦିନେ ଘରକୁ ଅଜା
ଚା' ପାଇଁ ଆଣିଥିଲେ ତ ଖଜା
"ନେଏ ମିଠାଇ" କହିଲେ ମାଆ
"ଅଜା କୋଳରେ ବସିବୁ ଯାଆ,"
ମାମୁନ ଗଲା ଚଢ଼ି,
ଟାଣିଲା ନାକ ମୋଡ଼ିଲା କାନ
ଚଷମା ନେଲା କାଢ଼ି ।

ଖେଳନା ଭାବି କଚୁଡ଼ି ଦେଲା
ଚଷମା କାଚ ଛଖଣ୍ଡ ହେଲା
ଅଜାଙ୍କୁ ବାଟ ଦିଶିଲା ନାହିଁ
ଆଉଁସି କାନ ଗଲେ ପଳାଇ
ମାମୁନ କରେ ହା' ହା'
କହନ୍ତି ମାଆ "ଦୁଷ୍ଟ ହେଲା
ବରଷକର ଝିଅଟା ।"

ଘରର ପୁଷି ମିଆଁଉ କରେ
ମାମୁନ ଧାଏଁ ତାର ପଛରେ,
ପୁଷି ଦଉଡ଼ି ପଳାଇଯାଏ
ଧୂଳିଆ ଜଙ୍ଘା କାମୁଡ଼ିଦିଏ
ମାମୁନ ଯାଏ ଗଡ଼ି,
ଫଟାଇ ଘର ଆକାଶ ପୁର
ଛାଡ଼େ ଭେଁ ଭେଁ ରଡ଼ି ।

ମା' ନିଅନ୍ତି କୋଳକୁ ଟେକି
କହନ୍ତି "କିଆଁ ଗୁଲୁଗୁଟିକି ?
ଥିଇର ହେଇ ପାରୁନୁ ରହି
ଅଣାଇଦେବି ଛବିର ବହି
ଶେଯରେ ଯାଇ ଶୋଇଥା,
ଉଠିବୁ ଯଦି ହାତରେ ଏଇ
ବାଡ଼କୁ ମୋର ଚୁହିଁଥା ।"

ମାମୁନ ସ୍କୁଲ ଯାଉଚ ପଢ଼
ପୁଉଣ ଉଠି ଯାଏ ଦଉଡ଼,
ମାମୁନ ନୂଆ କହୁଚ କଥା
ମୁହଁରେ ତାର ମା ମା-ପା ପା
ବରଷକର ଛୁଆ ।
ଏମିତି କର ଭାଙ୍ଗି ଗଢ଼ି
ଶିଖିବ ସବୁ ନୂଆ,

●

( ରଚନାକାଳ—୧୯୮୦ )

# ରଙ୍ଗ

ନୀଳ ଆକାଶ    ନୀଳ ଦରିଆ    ନୀଳ ପାହାଡ଼ମାଳା,
ନୀଳ ପୋଷାକ    ପିନ୍ଧି 'ବାପୁ'    ଯାଉଛି ପାଠଶାଳା ।

ସବୁଜ ବିଲ    ସବୁଜ ବନ    ସବୁଜ ଗଛଲତା
ସବୁଜ କାଳି-    କଲମେ ଲେଖି    'ବାପୁ'ର ହାତ ବଥା ।

କଳା ରାତିରେ    କଳା ବାଦୁଡ଼ି    ଗଛ ଡାଳରେ ଝୁଲେ,
କଳା କୁକୁର    ଭୋ' ଭୋ ଡାକି    ରାତିଟା ସାରା ବୁଲେ ।

ଧଳା ବଗଟା    ପାଣି ପାଖରେ    ମାଛକୁ ଠାକି ବସେ,
ଦାନ୍ତ ଧଳା    ଦେଖାଇ 'ବାପୁ'    ଠୋ ଠୋ କରି ହସେ ।

ସକାଳ ହେଲେ    ନାଲି ସୂରୁଯ    ଧରାକୁ ମାରେ ଡିଆଁ,
ରଂଗ ନାଲି    ମଂଦାରର    ନାଲିଆ ଦିଶେ ନିଆଁ ।

ଆମ୍ବ ପାଚି    ହଳଦି ହୁଏ    ହୁଏ ପାଚିଲା ଧାନ,
ହଳଦି ବିନା    ତିଅଣ ସବୁ    ସୁଆଦ-ହୀନ ଜାଣ ।

ଦୁନିଆଯାକ    ରଂଗେ ଭରା    ଲେଖ ରେ ଲେଖ ପିଲେ,
ରଂଗ ବିନା    ଅଂଧ ଆମେ    କି ଲାଭ ଆଖି ଥିଲେ ?

ବିଶ୍ୱାନନ୍ଦ କର ( ୧୯୨୯—        )

[ କଟକ ସହରରେ ଜନ୍ମ—ସ୍ୱର୍ଗତ ବାଳକୃଷ୍ଣ କରଙ୍କ ପୁତ୍ର—ଏମ୍. ଏ. ପାସ୍ କଲାପରେ 'ମାତୃଭୂମି'ର ସଂପାଦନା ଦାୟିତ୍ୱରେ ଅଛନ୍ତି । ସେ ଉତ୍କଳ ସାହିତ୍ୟ ସମାଜର ସଂପାଦକ ଓ ଉପସଭାପତି ରୂପେ କିଛିଦିନ କାର୍ଯ୍ୟ କରିଥିଲେ—ବିଭିନ୍ନ ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନ ସହ ସଂପୃକ୍ତ—ତାଙ୍କ ଲେଖାମାନ 'ମୋ ଦେଶ', 'ଶିଶୁଲେଖା', 'ମୀନାବଜାର' ପ୍ରଭୃତି ପତ୍ରିକାରେ ପ୍ରକାଶିତ । ]

## ପାଠ ଓ ଶାଠ

ବିମଳ ମୋଟେ ପାଠ ପଢ଼ିଲା ନାହିଁ । ଖାଲି ଖେଳିଲା, ବୁଲିଲା । ତା'ର ବାପା ମାଆ ଭାରି ଦୁଃଖ କଲେ । ପିଲାଟା ନ ପଢ଼ିଲେ କଣ କରିବ ? ଦିନେ ବିମଳକୁ ନେଇ ତା ବାପା ସ୍କୁଲରେ ନାଆଁ ଲେଖାଇଦେଲେ । ଘରେ ମଧ୍ୟ ମାଷ୍ଟର ରଖିଲେ । ମନ ଭୁଲାଇବା ପାଇଁ କେତେ ଭଲ ଭଲ ଜିନିଷ ଆଣି ତାକୁ ଦେଲେ; କିନ୍ତୁ ବିମଳ ପାଠ ପଢ଼ିବ କଣ, ଓଲଟି ମାଷ୍ଟରଙ୍କ ସଙ୍ଗେ ଥଟ୍ଟା ଖେଳିଲା । ତେଣୁ ମାଷ୍ଟର ଆଉ ତାକୁ ପଢ଼ାଇବାକୁ ଆସିଲେ ନାହିଁ । ବିମଳର ବାପା ଆଉ ଜଣେ ମାଷ୍ଟର ଆଣିଲେ । ସେ ତାଙ୍କୁ ମଧ୍ୟ ଅମାନ୍ୟ କଲା । ସେ ବି କିଛି ଦିନ ପରେ ଚାଲିଗଲେ ।

ବିମଳର ବାପା ମହା ଚିନ୍ତାରେ ପଡ଼ିଲେ । ଦୁଇଟି ପୁଅରୁ ଗୋଟିଏ ଭଲ ହେଉଛି; ଆଉ ଗୋଟିଏ କଣ ମୂର୍ଖ ହେବ ? କିନ୍ତୁ ଏ ଚିନ୍ତା ତାଙ୍କର ବେଶି ଦିନ ରହିଲା ନାହିଁ । ତିନି ଦିନ ଜରରେ ପଡ଼ି ସେ ଚିରଦିନ ପାଇଁ ଆଖି ବୁଜିଲେ ।

ସମସ୍ତେ କହାକହି କଲେ; କିନ୍ତୁ ବିମଳର ମନ ବଦଳିଲା ନାହିଁ । ସେ ପାଠପଢ଼ାରେ ମନ ଦେଲା ନାହିଁ । ଘୁଲିଘାଙ୍କିଆ ହୋଇ ବୁଲୁଥାଏ, ଖେଳୁଥାଏ । ମାଆକୁ ଧମକେଇ ପଇସା ନେଇ ବଜାରରେ ଗୁଡ଼ପକୁଡ଼ି ଖାଏ । ସକାଳୁ ଉଠି ବନଶୀ ଧରି ପୋଖରୀ ହୁଡ଼ାକୁ ଧାଏଁ । ଖରାବେଳେ ଖେଳରେ ମାତିଥାଏ ।

ବିମଳର ବଡ଼ଭାଇ ବିନୟ କିନ୍ତୁ ଭାରି ସୁଧାର ପିଲା । ସେ ମନ ଲଗାଇ ପାଠ ପଢ଼େ । ଶ୍ରେଣୀରେ ପ୍ରଥମ ହୁଏ । ପରୀକ୍ଷାରେ ଟିକିଏ ଖରାପ ଦେଲେ କାନ୍ଦେ । ପାଠ ପଢ଼ି ବସିଲେ ସେ ଖାଇବା ପିଇବା ଭୁଲିଯାଏ । ପଢ଼ିଲାବେଳେ କେହି ତାକୁ ଡାକିଲେ ସେ ଚିଡ଼ିଉଠେ । ପୋଖରୀହୁଡ଼ାକୁ ସେ ଯାଏ ନାହିଁ । ତାର ପାଠ ଭଲ ତ ସେ ଭଲ । ବହି ଖାତା ତାର ସାଙ୍ଗ । ବନ୍ଧୁବାନ୍ଧବ, ଗୁରୁଜନ ସମସ୍ତେ ତାକୁ ପ୍ରଶଂସା କରନ୍ତି ।

ଦିନେ ମାମୁ ବିମଳକୁ କହିଲେ, "ହଇରେ, ତୁ ପାଠ ପଢ଼ୁନୁ, ମୂର୍ଖ ହେଲୁ ! ଦେଖିଲୁ ବିନୟ କେମିତି ପଢ଼ାପଢ଼ି କରୁଛି । ତୁ ପଦ ଶୁଣିଛୁ—

"ପାଠ ପଢ଼ିବି ମୁଁ ପାଠ ପଢ଼ିବି,
ମଧୁବାବୁ ସଙ୍ଗେ ଲଢ଼ିବି,
କଳିଆ ଘୋଡ଼ାରେ ଚଢ଼ିବି ।"

ମାମୁଙ୍କ କଥା ଶୁଣି ବିମଳ ଟାହିଲି କଲାଭଳି କହିଲା, "ପାଠ ପଢ଼ି କ'ଣ ହେବ ? ସେ ପୁରୁଣାକାଳିଆ କଥା ଗଲାଣି, ମାମୁ ! ତୁମେ ଦେଖୁନ, ଆମ ମଧୁ କକେଇ କିଛି ପାଠ ନ ପଢ଼ି ଦୋକାନ କରି ଏବେ କେମିତି ସୁଖରେ ଚଳୁଛନ୍ତି । ତାଙ୍କର ଖାଇବା, ପିଇବା ଓ ଚଳଣିରେ କଣ କିଛି ଊଣା ଅଛି ? ପାଠ ପଢ଼ି ଚାକିରି ନ କଲେ କଣ ଲୋକ ପେଟ ପୋଷିପାରିବ ନାହିଁ ?"

ବିମଳର କଥା ଶୁଣି ମାମୁ ଚୁପ୍ । ଆଜିକାଲିର ପିଲା; କଥାରେ ତାଙ୍କୁ ପାରିବ କିଏ ?

ବିମଳ ବଡ଼ ପିଲା ହେଲା । ଏଣିକି ତାର ଚିନ୍ତା ହେଲା ସେ ଚଳିବ କେମିତି । ପରଘରେ ଚାକିରି କରିବାକୁ ତାର ମନ ଡାକିଲା ନାହିଁ । କିଛି ଜମି ତାଙ୍କର ଥିଲା । ଭଲ ଭାବରେ ଚାଷ ହେଉ ନ ଥିବାରୁ ସେଥିରୁ ବେଶି

ଅମଳ ହେଉ ନ ଥିଲା । ବିମଳ ଭାବିଲା, ଭଲ ଚାଷ କଲେ ଭଲ ଫସଲ ମିଳିବ । ସେ ଚାଷରେ ମନ ଦେଲା; କିନ୍ତୁ ନୂଆ ହୋଇ ଚାଷ କରୁଥିବାରୁ ସବୁ ବାଟଘାଟ ତାକୁ ଜଣା ନ ଥାଏ । ତେଣୁ ପହିଲୁ ପହିଲୁ ତାର କ୍ଷତି ହେଲା । ତା ମନର ବଳ ଟିକିଏ ଭାଙ୍ଗି ପଡ଼ିଲା ।

ସେତେବେଳକୁ ତା ବଡ଼ଭାଇ ବିନୟ ପାଠ ପଢ଼ି ଭଲ ଛାତ୍ର ଭାବରେ ଅନେକ ପୁରସ୍କାର ଓ ପ୍ରଶଂସା ପାଇଥାଏ । ଅନ୍ୟ କିଛି ଚାକିରି ନ କରି ସେ ଅଧ୍ୟାପକ ହେଲା । ପାଠ ପଢ଼ାଇବାକୁ ପବିତ୍ର କାର୍ଯ୍ୟରୂପେ ସେ ବାଛି ନେଇଥାଏ । ସେ ଭଲ ଲେଖାଲେଖି ମଧ୍ୟ କରେ ।

ବିମଳ ଦେଖିଲା, ଦିନେ ଖବରକାଗଜରେ ବିନୟର ଫଟୋ ବାହାରିଛି; ତାର ଖୁବ୍ ପ୍ରଶଂସା କରାଯାଇଛି । ଅନେକ ମାନ୍ୟଗଣ୍ୟ ଲୋକ ତାକୁ ଅଭିନନ୍ଦନ ଜଣାଇଛନ୍ତି । କାରଣ ତାର ଗୋଟିଏ ଲେଖା ଲଣ୍ଡନରେ ଖୁବ୍ ଆଦର ପାଇଛି । ସେ 'ବିଦ୍ୟା-ଭୂଷଣ' ଉପାଧିରେ ମଣ୍ଡିତ ହୋଇଛନ୍ତି । ବଡ଼ ବଡ଼ ଜ୍ଞାନୀ ଲୋକେ ତା ଲେଖାକୁ ବହୁତ ପସନ୍ଦ କରିଛନ୍ତି ।

ବଡ଼ଭାଇର ଏ ପ୍ରଶଂସାରେ ବିମଳ ଭାରି ଖୁସି ହେଲା । ମନରେ ଭାବିଲା ସେ କଣ ଦିନେ ଏଇ ଭଳି ପ୍ରଶଂସା ଶୁଣିବ ନାହିଁ ! ସେ ପୁଣି ଚାଷରେ ମନ ଦେଲା । ଜମିକୁ ଭଲଭାବରେ ହାଲ କରି, ଭଲ ବିହନ ଓ ସାର ଦେଇ ବଢ଼ିଆ ଫସଲ ଉଠାଇଲା । ପୁରୁଣା ଚାଷୀମାନେ ସୁଦ୍ଧା ତାହା ଦେଖି କାବା ହୋଇଗଲେ । କୃଷି-ବିଭାଗ ଅଫିସରମାନେ ଯାଇ ବିମଳର ଜମି ଦେଖିଲେ ଏବଂ ତା କୃଷିକାର୍ଯ୍ୟର ଖୁବ୍ ପ୍ରଶଂସା କଲେ ।

ଦିନେ ବିମଳ ପାଖକୁ ଦିଲ୍ଲୀ ସରକାରଙ୍କ ଚିଠି ଆସିଲା । ସେଥିରେ ଲେଖାଥିଲା—"ସରକାର ଅତ୍ୟନ୍ତ ଆନନ୍ଦର ସହିତ ଆପଣଙ୍କୁ 'କୃଷି-ପଣ୍ଡିତ' ଉପାଧିରେ ଭୂଷିତ କରିଛନ୍ତି ।"

ଅନେକ ଲୋକ ଆସି ବିମଳକୁ ଅଭିନନ୍ଦନ ଜଣାଇଲେ । ସେମାନେ କହିଲେ—"ଦୁଇ ଭାଇଙ୍କ ଭିତରୁ ଜଣେ ପାଠରେ ପଣ୍ଡିତ, ଆଉ ଜଣେ କୃଷିରେ ପଣ୍ଡିତ ! ସାବାସ୍ ! ଧନ୍ୟ ସେମାନେ, ଦିଲ୍ଲୀ ଯାଏଁ ବାହାର ନାଁ ରଖିଲେ ।"

( 'ଶିଶୁଲେଖା'—୧୯୬୮ )

ଗୋରାଚନ୍ଦ ମିଶ୍ର (୧୯୩୦—)

[ଜନ୍ମ—ପୁରୀ ଜିଲ୍ଲା ବାଣପୁର କୁମାରଙ୍ଗ ଶାସନରେ—'କୃଷକ' ପତ୍ରିକାର ସମ୍ପାଦକ (୧୯୫୦-୫୭)—ତା' ପରଠାରୁ 'ପ୍ରଜାତନ୍ତ୍ର'ର ବାର୍ତ୍ତା-ସମ୍ପାଦକ ଅଛନ୍ତି । ପତ୍ରପତ୍ରିକାରେ ପିଲମାନଙ୍କ ପାଇଁ ଲେଖାଲେଖି କରନ୍ତି—ବହୁ ପୁସ୍ତକର ଲେଖକ—ସନ୍ଧ୍ୟା ସିରିଜ୍, ସାଇ ଗଳ୍ପମାଳା, ପିଲଙ୍କ ଏକାଙ୍କିକା, ବୈଜ୍ଞାନିକ ଜୀବନୀ ସିରିଜ୍ ପ୍ରଭୃତି ।

## ଅଳ୍ପ ବିଦ୍ୟା ଭୟଙ୍କରୀ

ଦୁଇଜଣ ସାଙ୍ଗ । ଜଣକ ନାଁ ନନ୍ଦଆଗୃନ୍ଦ, ଆଉ ଜଣକର ନାଁ ନିତ୍ୟାନନ୍ଦ । ଦୁହେଁ ଯେଉଁଦିନ ଘର ଛାଡ଼ି ଚାଲିଗଲେ, ସେଦିନ ସେମାନଙ୍କ ଘରେ କାନ୍ଦ-ବୋବାଳି କହିଲେ ନ ସରେ । ନୂଆ ହୋଇ ବାହା ହୋଇଥିଲେ । ଘର ସଂସାର ଆରମ୍ଭ ହେଉଁ ହେଉଁ ସେମାନଙ୍କ ମନରେ କି ବୈରାଗ୍ୟ ଆସିଲା କେଜାଣି, ଦୁହେଁ ଚାଲିଗଲେ ଆସାମର କାମରୂପକୁ । ସମସ୍ତେ ଭାବିଲେ ବାବାଜୀ ହୋଇ ଚାଲିଗଲେ ଦୁହେଁ ।

କିନ୍ତୁ ପାଞ୍ଚ ବର୍ଷ ପରେ ସେମାନେ ନିଜ ନିଜ ଘରକୁ ଫେରିଆସିଲେ । ନିତ୍ୟାନନ୍ଦର ଘର ନନ୍ଦଆଗୃନ୍ଦର ଘରଠାରୁ ପ୍ରାୟ ପାଞ୍ଚ କୋଶ ବାଟ । କାମରୂପରୁ ସେମାନେ ଏକ ନୂଆ ବିଦ୍ୟା ଶିଖି ଆସିଥିଲେ । ଏହି ବିଦ୍ୟାଟିର ନାଁ ହେଉଛି "ଶାକୁନ୍ତ" ବିଦ୍ୟା ।

ଏମାନେ ଫେରିଆସିବା ପରେ ଘରେ ସମସ୍ତେ ଖୁସି ହୋଇଉଠିଲେ ।

ଦିନେ ରାତିରେ ନନ୍ଦଆନନ୍ଦ ସ୍ତ୍ରୀ ଆଗରେ ନିଜର ବଡ଼େଇ ବଖାଣୁ ବଖାଣୁ କହିଲା, "ଇମିତି ବିଦ୍ୟା ଶିଖି ଆସିଚି ଯେ ଇଚ୍ଛାକଲା ମାତ୍ରେ ଯେ କୌଣସି ଜନ୍ତୁ ହୋଇଯାଇ ପାରିବି । କାମରୂପରୁ ମୁଁ ସେହି ବିଦ୍ୟା ଶିଖିଆସିଚି ।"

ସ୍ତ୍ରୀ କୌତୂହଳୀ ହୋଇ କହିଲା, "ହଇହେ, ମୁଁ ଜୀବନରେ କେବେହେଲେ କୁମ୍ଭୀର ଦେଖିନି । ପିଲାଦିନୁ କୁମ୍ଭୀର ଦେଖିବି ଦେଖିବି ବୋଲି କେତେଥର ଆମ ଗାଁ ନଈ ପାଖକୁ ଯାଇଚି; କିନ୍ତୁ କୁମ୍ଭୀର ବାହାରିଲେ ସିନା ଦେଖିବି । କୁମ୍ଭୀର ଦେଖା ଆଉ ହୋଇପାରିଲା ନାହିଁ । ବାହାହୋଇ ଚାଲିଆସିଲି ତମ ଘରକୁ ।"

ନନ୍ଦଆନନ୍ଦ କହିଲା, "ଏଇ କଥା ତ । ମୁଁ ନିଜେ କୁମ୍ଭୀର ହୋଇ ତତେ ଦେଖେଇଦେବି । କିନ୍ତୁ ଗୋଟିଏ ଅସୁବିଧା ହେଉଚି, ମୁଁ କୁମ୍ଭୀର ହୋଇସାରିବା ପରେ ମଣିଷ ଦେହକୁ ଫେରିଆସିବା ପାଇଁ ମୋର ଆଉ ଶକ୍ତି ରହିବ ନାହିଁ । ସେଥିଲାଗି ମୁଁ ଆଗରୁ ବ୍ୟବସ୍ଥା କରିଦେଇ ଯାଉଥିବି—ତୁ ସାହାଯ୍ୟ କଲେ ଯାଇ ପୁଣି ମତେ ସ୍ୱାମୀ ରୂପରେ ଫେରିପାଇବୁ ।"

ଏହା କହି ନନ୍ଦଆନନ୍ଦ ଥାଳେ ପାଣି ଆଣି ମନ୍ତ୍ରେଇ କହିଲା, "ଏହି ଥାଳକ ପାଣି ରହିଲା । ମୁଁ କୁମ୍ଭୀର ହେବାପରେ ଯେତେବେଳେ ତୋର କୁମ୍ଭୀର ଦେଖା ସରିଯିବ, ସେତେବେଳେ ମୋ ଦେହରେ ଏତିକ ପାଣି ଛିଞ୍ଚିଦେବୁ; ତାହେଲେ ମୁଁ ପୁଣି ମଣିଷ ହୋଇଯାଇ ପାରିବି । ଯଦି ଦୈବାତ୍ ଏ ପାଣିଥାଳକ ଇଡ଼ିଯାଏ, ତାହାହେଲେ ମୋର ସାଙ୍ଗ ନିତ୍ୟାନନ୍ଦକୁ ତାଙ୍କ ଘରୁ ଡକାଇ ଆଣିଲେ ସେ ପୁଣି ମନ୍ତ୍ରେଇ ଦେଇପାରିବ ।"

ଏହା କହି ନନ୍ଦଆନନ୍ଦ ଆଉ ଗୋଟିଏ ଘରକୁ ଯାଇ ସଙ୍ଗେ ସଙ୍ଗେ କୁମ୍ଭୀରରୂପ ଧରି ଆସିଲା ସ୍ତ୍ରୀ ପାଖକୁ । ବିରାଟ ଏକ କୁମ୍ଭୀର । ଡିଙ୍ଗି ଭଳି ଲମ୍ବା । କରତ ଭଳି ଏଡ଼େ ଲାଞ୍ଜ । ଏଡ଼େ ବଡ ଆଁ । ଲାଞ୍ଜକୁ ପିଟୁଚି ଯେ ଘର କମ୍ପୁଚି । ସ୍ତ୍ରୀ ତ ଆଗରୁ କୁମ୍ଭୀର ଦେଖି ନ ଥିଲା; କୁମ୍ଭୀରର ଭୟଙ୍କର

ବିକଟାଳ ରୂପକୁ ଦେଖି ତାର ପିଲେଇଁ ପାଣି । ମନେ ହେଲା ଯିପରି କୁମ୍ଭୀରଟା ତାକୁ ଟାକୁକିନା ଗିଳିପକାଇବ । ଚୁଲିଆଁରେ ଘରୁ ଦୌଡି ପଳେଇବାବେଳେ ମନ୍ଦୁରା ହୋଇଥିବା ଚାଳକପ କ ପାଖି ତା ଗୋଡ ବାଜି ଇଡ଼ିଗଲା ।

ନନ୍ଦଆଗୃନ୍ଦ କୁମ୍ଭୀର ହେଲେ କ'ଣ ହେବ ସବୁ ଦେଖୁଥିଲା, ଜାଣୁଥିଲା; କିନ୍ତୁ କିଛି କହିପାରୁ ନ ଥିଲା । ମନୁଷ୍ୟ ପାଣିଟିକ ଲଢିଯିବା ଦେଖି ସେ ଜାଣିପାରିଲା ଯେ ଆଉ ମଣିଷ ହୋଇ ଫେରିଆସିବା ମୁସ୍କିଲ୍ । ରାତିଟା-ଯାକ ସେ ଘର ଭିତରେ ଛଟପଟ ହେଲା, ରାତି ପାହିଲେ ଲୋକେ ତାକୁ ଦେଖି କଷ୍ଟେ ପିଟିପିଟି ମାରିଦେବେ—ଏହା ଭାବି ସେ ସୂର୍ଯ୍ୟୋଦୟ ପୂର୍ବରୁ ଚାଲିଗଲା ପାଖ ନଦୀ ଭିତରକୁ ।

ସକାଳ ହେବାପରେ ସ୍ତ୍ରୀ ଦେଖିଲା କୁମ୍ଭୀର ଆଉ ନାହିଁ କି ସେ ମନୁଷ୍ୟ ପାଣି ଆଉ ନାହିଁ । ଭାବେଲେଣି ପଡିଗଲା ତାର । ସଙ୍ଗେ ସଙ୍ଗେ ଲୋକ ପଠାଇଲା ନିତ୍ୟାନନ୍ଦକୁ ଡାକିଆଣିବା ପାଇଁ । ନିତ୍ୟାନନ୍ଦ ଗାଁରେ ନ ଥିଲା । ସେ ଚାଲିଯାଇଥିଲା ତାର ଜଣେ ବନ୍ଧୁ ଘରକୁ । ଚାରି ପାଞ୍ଚ ଦିନ ପରେ ଖବର ପାଇ ସେ ଆସିଲା ନନ୍ଦଆଗୃନ୍ଦ ଘରକୁ । ସବୁ କଥା ବୁଝିବା ପରେ କହିଲା, "ନନ୍ଦଆଗୃନ୍ଦ ଆଉ ମଣିଷ ହୋଇପାରିବ ନାହିଁ । ଆମେ ଯେଉଁ ବିଦ୍ୟା ଶିଖିଚୁ ତାର ନିୟମ ହେଉଛି ଜନ୍ତୁ ହେବାପରେ ଜନ୍ତୁଟି ଯଦି ତାର ସ୍ୱଭାବ ଅନୁଯାୟୀ ଆହାର ଖାଇପକାଏ, ତାହାହେଲେ ସେ ଆଉ ମଣିଷ ହୋଇପାରିବ ନାହିଁ । ନନ୍ଦଆଗୃନ୍ଦ ଏବେ କଣ ଅଜିଆ ଅପିଆ ରହିଥିବ ? ପାଣି ଭିତରେ ତାର ଆହାର ଖାଇ ନିଶ୍ଚିନ୍ତରେ ବୁଲୁଥିବ । ମାତ୍ରଣା ସେ ମଣିଷ ହେବା କଥା ସମ୍ପୂର୍ଣ୍ଣ ଭୁଲି ଯିବଣି । କାରଣ ସେ ସ୍ୱରୂପରେ କୁମ୍ଭୀର ହୋଇଗଲାଣି ।"

ନନ୍ଦଆଗୃନ୍ଦ ଆଉ ମଣିଷ ହୋଇ ନ ପାରି ସେହି ନଦୀରେ ରହିଲା । ସୀରିବ କୁମ୍ଭୀର ଦେଖିବା ସଉକ ଏକାବେଳକେ ମେଣ୍ଟିଗଲା । "ଅଳ୍ପ ବିଦ୍ୟା ଭୟଙ୍କରୀ" ବୋଲି କଥାରେ ଯାହା କୁହାଯାଏ, ତାହାହିଁ ଘଟିଲା ।

( 'ମୀନାବଜାର'—୧୯୭୮, ଡିସେମ୍ବର )

ବିନୋଦ ରାଉତରାୟ (୧୯୩୩—)

[କଟକ ଜିଲ୍ଲା କାଳିକାପୁର ଗ୍ରାମରେ ଜନ୍ମ—ବିଶ୍ୱଭାରତୀ କଳା-ଭବନର ସ୍ନାତକ—ଖଲ୍ଲିକୋଟ ଦୃଶ୍ୟ ଓ କାରୁ କଳା ମହାବିଦ୍ୟାଳୟରେ ଅଧ୍ୟାପକ—ଚିତ୍ର-ଶିଳ୍ପ ପାଇଁ ବହୁବାର ପୁରସ୍କୃତ—ଶିଶୁ-ସାହିତ୍ୟ କୃତି :—'ଛୁଟି', 'ବେଙ୍ଗବାଦେ', 'ମାଟିକଣ୍ଢେଇ', 'ପିଲାଙ୍କ ଅବନୀନ୍ଦ୍ର-ନାଥ' ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ—'କଳା ଓ କାହାଣୀ' କେନ୍ଦ୍ର ପୁରସ୍କାର ପ୍ରାପ୍ତ (୧୯୭୯) ]

## ସୁନାନାକୀ ଝିଅଟାଏ ଲୋ

ସୁନାନାକୀ ଝିଅଟାଏ ଲୋ
ଲୁଚେଲ ଆଖିରେ ଚହେଁ ଲୋ
ହୁଏ ନାହିଁ କେବେ ଅବୁଝା ଅଝଟ
ଖୁସିମନେ ଖେଳୁଥାଏ ଲୋ ।

ସୁନାନାକୀ ଝିଅଟାଏ ଲୋ
କଜଳ ସିନ୍ଦୂର ନାଏ ଲୋ
ଗାଧୋଇ-ପାଧୋଇ ଅଇନା ଆଗରେ
ବେଶ ହୁଏ ଘୁଏଁ ଘୁଏଁ ଲୋ ।

ସୁନାନାକୀ ଝିଅଟାଏ ଲୋ
ବୋଉ ଯାହା ଦେଲେ ଖାଏ ଲୋ
ବାହାର ପିଣ୍ଡାରେ ଚଉକରେ ବସି
ଝଉକରେ ଝୁଲୁଥାଏ ଲୋ ।

ସୁନାନାଙ୍କ ଝିଅଟାଏ ଲୋ
ଗୁଣୁ ଗୁଣୁ ଗୀତ ଗାଏ ଲୋ
ସାଙ୍ଗସାଥୀମେଳେ ବହି ଖାତା ଧରି
ନିତ ପାଠ ପଢ଼ି ଯାଏ ଲୋ ।

ସୁନାନାଙ୍କ ଝିଅଟାଏ ଲୋ
ସବୁରି ଆଦର ପାଏ ଲୋ
ଟାଣ କରି କଥା ପଦଏ କହିଲେ
ଆଖି ଲୁହ ଝାରୁଥାଏ ଲୋ !

( ରଚନା କାଳ—୧୯୭୧ )

ବୀରକିଶୋର ପାଢ଼ୀ (୧୯୩୦—      )

[କଟକ ଜିଲ୍ଲା ଧର୍ମଶାଳା ଥାନା କୋଟପୁର ଗ୍ରାମରେ ଜନ୍ମ—ଏମ୍. ଏ., ବି. ଇଡ଼୍. ପାସ୍ କରି ହାଇସ୍କୁଲରେ ପ୍ରଧାନ ଶିକ୍ଷକ କାର୍ଯ୍ୟ କରନ୍ତି—ବହୁ ପତ୍ରପତ୍ରିକାରେ ତାଙ୍କର ରଚନା ପ୍ରକାଶିତ—କବିତା 'କୁନୁ ମୁନୁ' ରାଜ୍ୟ ପୁରସ୍କାର ପ୍ରାପ୍ତ (୧୯୬୨)—ଅନ୍ୟାନ୍ୟ କୃତି :—'ସ୍ମୃତିର ସଙ୍କେତ', 'ଜାଗୁଲାଇ ଜ୍ୟୋତି', 'ଜଣାଣ ଜ୍ୟୋତି' ପ୍ରଭୃତି ।]

## ଆମ ମୁଲକର ମଣି

ଶୁଣିବ କି ପିଲେ ଶୁଣିବ
ମାନଚିତ୍ରଟି ଆଣିବ,
କାହିଁ କୋରାପୁଟ, କାହିଁ କନ୍ଧମାଳ,
ନକ୍ସାରୁ ସବୁ ଜାଣିବ ।
କାହିଁ ବାରିପଦା, ଉଦଳା,
କାହିଁ କେନ୍ଦୁଝର, କୋଦଳା,
କାହିଁ ବାଣପୁର, ରଣପୁର, ପୁରୀ,
ଆସିକା, ପାରଳା, ତରଳା ।

କପିଳାସ ଗୀତ ଗାଉଛି,
ମେଘାସନ ତାଳ ଦେଉଛି,
ଶିମୁଳିପାଳରେ ଫୁଲ ଫୁଟି ଫୁଟି
ବାସନା ମହକି ଯାଉଛି ।
ଏଇ ଆମ ମାଆ ରାଇଜେ
କେତେ ଗାଆଁ ଅଛି କାହିଁ ଯେ
କେତେ କୁନା ମୁନା ଟୁନା କାହିଁ ଥିବେ
ହିସାବ ତାହାର ନାହିଁ ଯେ ।

ଏଇ ବଇଶାଖି ଖରାରେ
ବୁଲୁଥିବେ କେତେ ପରା ରେ
ମହୁଲ, କଇଁଆ, ଆମ୍ବ ତୈପା ସିନା
ଗୋଟି ଗୋଟି ବଣ ସାରା ରେ ।

ପେଏଣ୍ଟ୍ ନ ଥିବ ଦେହରେ
ମଳି ଲାଗିଥିବ ମୁହଁରେ
ଅଳି କରୁଥିବେ ବୋଉ କାନି ଧରି
ଆଖି ଛଳ ଛଳ ଲୁହରେ ।

ସୁଭୁରା ଦରବ ଖାଇବା
ସୁଭୁରା ପୋଷାକ ନାଇବା
କପାଳରେ ନାଇଁ ସୁଭୁରା କୋଠାରେ
ବଜୁଳି ଆଲୁଏ ରହିବା ।

ବଣ ରାଇଜର ଭୂଇଁରେ
ନାଇଁ ଗାଡ଼ି ଘୋଡ଼ା କାହିଁ ରେ
ବସ୍‌କୁଟ୍ ଖାଇ ସିନେମା ଦେଖିବା
ସପନ ତ ତାଙ୍କ ପାଇଁ ରେ ।

ମଣିଷ ସେ ଆମ ପରି ରେ
ନ ହେବେ କି ଆମ ସରି ରେ ?
ରହିଲେ ସେମାନେ ଦୁଖୁରା ନାସନା
ପାରିବା କି ଦେହ ଧରି ରେ ?

ସବୁ ଚିଜ ଅଛି ଖଣିରେ
ଆମରି ମୂଲକେ ଜାଣି ରେ
ଲୁହ ପୋଛିପାରି ହସାଇବା ଚାଲ
ଆମ ମୂଲକର ମଣିରେ ।

ନନ୍ଦପ୍ରିୟଦାସ ମହାନ୍ତି (୧୯୩୧— )

[କଟକ ସହରରେ ଜନ୍ମ—'ପ୍ରଜାତନ୍ତ୍ର' କାର୍ଯ୍ୟାଳୟରେ ଅଳ୍ପଦିନ ସାମ୍ବାଦିକତା କଲାପରେ 'ଆକାଶବାଣୀ'ରେ ଯୋଗଦାନ—ବର୍ତ୍ତମାନ ଶିଶୁ-କାର୍ଯ୍ୟକ୍ରମର ପ୍ରଯୋଜକ—'ସଂସାର', 'ମୀନାବଜାର', 'ଶିଶୁଲେଖା', 'ମନପବନ' ପ୍ରଭୃତିରେ ତାଙ୍କ ଲେଖା ପ୍ରକାଶିତ ହୁଏ—ପୁସ୍ତକାବଳୀ :— 'ସପନଗୁଡ଼', 'ଅନନ୍ତ ପଥେ ଶ୍ରୀମନ୍ତ', 'ମୀନା ମୀନା ମୀନା', 'ଠେକୁ ମହାରାଜ' ପ୍ରଭୃତି ।]

## କୁଣ୍ଢେଇବାଲା

କୁଣ୍ଢେଇବାଲା ଜଲିଲ ମିଆଁ; ତାକୁ ପିଲାଏ ଡାକନ୍ତି 'ଜଲି' । ତାର କାମ ହେଲା ଗୋଟିଏ ଡାଲାରେ କୁଣ୍ଢେଇ ସଜେଇ ବଜାର ବଜାର ବୁଲି ବିକିବା ।

ତା ଡାଲାରେ କେତେ ଜାତିର କୁଣ୍ଢେଇ ବସିଥାଆନ୍ତି । ରାଜା, ରାଣୀ, ପୁଅ, ଝିଅ, ଦାଢ଼ିଆ, ନଗୁଆ, ହାତୀ, ଘୋଡ଼ା, ହରିଣ, ବାଘ; ପୁଣି କେତେ ଜାତିର ବାଜା ଓ ପେଁକାଳୀ ।

ଡାଲାରେ ସିନା ଏମାନେ ଥାଆନ୍ତି; ହେଲେ ଜଲି ତା ହାତରେ ଗୋଟିଏ ବାଉଁଶ କାଣ୍ଡରେ ବେଲୁନ୍ ସବୁ ଫିର୍କି ସୂତାରେ ବାନ୍ଧି ଝୁଲେଇ-ଥାଏ । ଆଉ ପେଁକାଳୀ ଟିଏ ବଜେଇ ବଜେଇ ବଜାର, ହାଟ, ଗଳିକନ୍ଦି ବୁଲି କୁଣ୍ଢେଇ ବିକେ ।

ଜଲିଲ ମିଆଁର ପେଁକାଳୀ ଶୁଣିଲେ ପିଲାଏ ଜମାହୋଇ ଯାଆନ୍ତି । 'ଜଲି' 'ଜଲି' କହି ତାକୁ ବ୍ୟସ୍ତ କରି ପକାନ୍ତି । କିନ୍ତୁ ସେ

ମୋଟେ ସ୍ୱରେନ । କୋଉଁ ପିଲର ପିଠି ଆଉଁସିଦିଏ ତ, କାହା ଓଠ ଧରି କହେ—"ମୋ ସୁନାବାବୁ । ନଅ ଏଇ ନୂଆ କୁଣ୍ଢେଇଟି ନଅ, ତା ସାଙ୍ଗରେ ଖେଳିବ । ତାକୁ ଲୁଗା ପିନ୍ଧେଇଦବ; ତାକୁ ଖାଇବାକୁ ଦବ; ଗେଲ କରିବ ।" ଆଉ କାହାକୁ ଯେଉଁ କାଳୀଟିଏ ଧରେଇ ଦେଇ କେମିତି ବଜେଇବାକୁ ହବ, ଶିଖେଇଦିଏ ।

ଏମିତି ପିଲମାନଙ୍କୁ ବୁଝେଇ ସୁଝେଇ ତା କୁଣ୍ଢେଇତକ ବିକେ । ସେଇଥିରୁ ଯାହା ରୋଜଗାର ହୁଏ, ସେଥିରେ ସେ, ତା ସ୍ତ୍ରୀ ଆଉ ଗୋଟିଏ ଛୋଟ ପୁଅ ଚଳିଯାଆନ୍ତି ।

ଏମିତି ଏମିତି ତା ଦିନ କଟିଯାଏ ।

ଏଥର ଦଶହରାକୁ ସେ ଅନେକ ରକମର କୁଣ୍ଢେଇସବୁ କିଣି ଆଣିଛି । ଡାଲାରେ ସେଗୁଡ଼ିକୁ ସଜେଇ ଦେଇଛି । ତା କୁଣ୍ଢେଇ ଡାଲାରେ ଯେଉଁ ଭାଲୁ କୁଣ୍ଢେଇଟି ଆସିଚି, ସେଇଟି ଭାରି କଉତୁକିଆ । ସେଥିରେ ଗୋଟାଏ ଚାବି ଲାଗିଚି । ଚାବି ଦେଲେ ସେ ଚାଲୁଚି ।

ସେଇ କୁଣ୍ଢେଇଟି ନବାପାଇଁ ପିଲମାନଙ୍କର ଭାରି ଭିଡ଼ । ସେ ସପ୍ତମୀ ବଜାରଠାରୁ ବେଶ୍ ଦି' ପଇସା ରୋଜଗାର କରି ସାରିଲଣି ।

ଆଜି ଦଶମୀ । କାଲି ସକାଳୁ କାଠଯୋଡ଼ି କୂଳେ ଦେବୀ ବିସର୍ଜନ ହେବ । ପୁରୀଘାଟ ପାଖରେ ବସି କୁଣ୍ଢେଇ ବିକିବ ବୋଲି ସେ କେତେ ପିଲଙ୍କୁ କହିସାରିଛି । ହେଲେ 'ଦଇବ ଦଉଡ଼ି, ମଣିଷ ଗାଈ, ଯେଣିକି ଟାଣଇ ତେଣିକି ଯାଇ ।' ହଠାତ୍ ଦଶମୀ ରାତିରେ ଜଲିଲ ବଜାରରୁ କୁଣ୍ଢେଇ ବିକା ସାରି ଫେରିଲା ପରେ ତାକୁ ଭାରି ଜର ହେଲା । ଦିହ ହାତ କମ୍ପିଲା । ସେ ଖାଲି ଜର ବାଉଳାରେ କାନ୍ଦିବାକୁ ଲାଗିଲା ।

ତା ପୁଅ, ସ୍ତ୍ରୀ ଯେତେ ବୁଝେଇଲେ, ସେ କିଛି ବୁଝିଲା ନାହିଁ । ତା ସ୍ତ୍ରୀ କହିଲା—ସେ କୁଣ୍ଢେଇଡାଲା ନେଇ ଦଶରା ବଜାରକୁ ଯିବ । ପୁଅ କହିଲା, "ବାବା, ବ୍ୟସ୍ତ ହୁଅନା, ମୁଁ ଯିବି ।"

କିନ୍ତୁ ଜଲିଲର ମନ କୋଉଥିରେ ମାନିଲା ନାହିଁ । ସେ ଖାଲି ଆଲ୍ଲାଙ୍କୁ ପ୍ରାର୍ଥନା କରୁଥାଏ ତାକୁ ଭଲ କରିଦେବା ପାଇଁ ।

ଏଣେ ତା ଦେହ ମୁଣ୍ଡ ଖୁବ୍ ଢୋଳାବଢା କରୁଥାଏ । କିନ୍ତୁ କେଣା ହେଲା କେଜାଣି ତାକୁ ନିଦ ଆସିଗଲା । ସେଇ ନିଦରେ ତାକୁ ଜଣାଗଲା, ସତେ ଯେମିତି କିଏ ତା ଦେହ, ହାତ, ଅଣ୍ଟା ଉପରେ ଦାଲୁ ଦାଲୁ ହୋଇ ଚାଲୁଛି । ମୁଣ୍ଡ ପାଖରେ କିଏ ବସି ତା ମୁଣ୍ଡ ଚିପି ଦଉଛି । ଗୋଡ଼ ଆଙ୍ଗୁଠି ଧରି କିଏ ଯେମିତି ଫୁଟେଇ ଦଉଛି ।

ଜଲ୍ଲିଲ ଉଠିବାକୁ ଚେଷ୍ଟା କଲା, କିନ୍ତୁ ପାରିଲା ନାହିଁ । ଘଷା ମୋଡ଼ା ଖାଇ ତକ୍ ବେଶ୍ ଆରାମ ଲାଗିଲା । ଶୋଇ ଶୋଇ ସେ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲା । ସେ ଦେଖିଲା, କୁଣ୍ଢେଇ ଡାଲରୁ କୁଣ୍ଢେଇମାନେ ବାହାରି ତା ଘରପଟେ ଚାଲିବୁଲି କରୁଛନ୍ତି । ସମସ୍ତଙ୍କ ଆଖିରେ ଲୁହ । ସେମାନେ ସମସ୍ତେ ଭାବିଥିଲେ ଦଶରା ପଡ଼ିଆକୁ ଡାଲରେ ବସି ଯିବେ । ଦେଖା ଦେଖିବେ । ତା'ପରେ ପିଲାମାନଙ୍କ ହାତରେ ମିଏ ଯୁଆଡ଼େ ବନ୍ଦି ହୋଇ ପଳେଇବେ । କିନ୍ତୁ ଜଲ୍ଲିଲ ତ ଜରରେ ପଡ଼ିଲାଣି; ତାଙ୍କୁ ନେବ କିଏ ?

ଶେଷରେ ସମସ୍ତେ ଏକାଠି ହୋଇ ଜଲ୍ଲିଲର ସେବାରେ ଲାଗି-ପଡ଼ିଲେ । ବାଘ, ଭାଲୁ, ହାତୀଯାକ ତା ପିଠି ଓ ଅଣ୍ଟା ଉପରେ ନାଚିବାକୁ ଆରମ୍ଭ କଲେ । ପୁଅ, ଝିଅ କୁଣ୍ଢେଇମାନେ କିଏ ତା ମୁଣ୍ଡ ଚିପି ଦେଲା ତ, କିଏ ଗୋଡ଼ ମୋଡ଼ିଦେଲା । ଜଲ୍ଲିଲ ସ୍ୱପ୍ନରେ ସବୁ ଗୋଟି ଗୋଟି କରି ଦେଖୁଥାଏ, ଅନୁଭବ କରୁଥାଏ ।

ସକାଳୁ ସୂରୁଯ ଉଇଁଲେ । ଜଲ୍ଲିଲର ନିଦ ଭାଙ୍ଗିଗଲା । ସେ ଉଠି ଆଗ ତା କୁଣ୍ଢେଇ ଡାଲାକୁ ଚାହିଁଲା । ଶୋଇବା ପୂର୍ବରୁ ସେ କୁଣ୍ଢେଇମାନଙ୍କୁ ଯେମିତି ସଜେଇ ରଖିଥିଲା, ସେମାନେ ସେମିତି ଅଛନ୍ତି ।

ସେତେବେଳକୁ ଜଲ୍ଲିଲର ଜର ଛାଡ଼ିଯାଇଥିଲା । ଦେହ ହାତ ଦରଜ ମଧ୍ୟ କମିଯାଇଥିଲା । ରାତିସାରା ତ ଘଷାମୋଡ଼ା ଖାଇଛି । କୁଣ୍ଢେଇମାନଙ୍କୁ ଦେଖି ତା ଆଖିରୁ ଝର ଝର ହୋଇ ଆନନ୍ଦରେ ଲୁହ ଝରିପଡ଼ିଲା ।

ଜଲ୍ଲିଲ ତା ସ୍ତ୍ରୀ ପୁଅଙ୍କୁ ସ୍ୱପ୍ନକଥା କହିଲା । ତା ସ୍ତ୍ରୀ କହିଲା, "ଆଲ୍ଲା ତୁମ ପ୍ରାର୍ଥନା ଶୁଣି କୁଣ୍ଢେଇମାନଙ୍କୁ ତୁମ ସେବାରେ ଲଗାଇ

ଦେଇଥିଲେ ।" ଜଲିଲ ଆଲ୍ଲାଙ୍କୁ ସଲାମ ଜଣାଇଲା ଏବଂ ସଜବାଜ ହୋଇ କୁଣ୍ଢେଇ ଡାଲା ଧରି ଚାଲିଲା ଦଶହରା ପଡ଼ିଆକୁ ।

ପିଲାମାନେ ଜଲିଲକୁ ଅପେକ୍ଷା କରି ରହିଥିଲେ । କିଏ ଖଲ୍ଲ କୁଣ୍ଢେଇ କିଣିବାକୁ, କିଏ ବା ପୁଅ କୁଣ୍ଢେଇ, ଆଉ କିଏ ପେଁ କାଳୀ, ବେଲୁନ୍ କିଣିବାକୁ, ଗୁହିଁ ରହିଥିଲେ । ସେ ପଡ଼ିଆରେ ପହଞ୍ଚୁ ପହଞ୍ଚୁ ତା କୁଣ୍ଢେଇ ଡାଲା ଖାଲି ହୋଇଗଲା । ମୁଠିରେ ମୁଠିଏ ପଇସା ଧରି ସେ ଘରକୁ ଫେରିଆସିଲା । ତାକୁ ଦଶହରା ପଡ଼ିଆର ଖବର ତାଡ଼ି ବା ସହିବାକୁ ପଡ଼ିଲା ନାହିଁ ।

ଜରରେ ଦୁର୍ବଳ ହୋଇ ପଡ଼ିଥିବାରୁ ପିଲାମାନେ ତାକୁ ଧରି ଧରି ଆଣି ଘରେ ଛାଡ଼ି ଦେଇଗଲେ । ଜଲିଲକୁ ସବୁ ଆଶ୍ଚର୍ଯ୍ୟ ଲାଗିଲା । ସେ ଭାବୁଥାଏ ସତେ କଣ ପିଲାମାନେ ତାକୁ ଏତେ ଭଲ ପାଆନ୍ତି !

କୁଣ୍ଢେଇବାଲା ଜଲିଲ । ଏବେ ବି କୁଣ୍ଢେଇ ବିକିଲାବେଳେ ସେ ଦିନର କଥା ତାର ମନେ ପଡ଼େ । ପିଲାମାନଙ୍କ ସ୍ନେହ ଏବଂ ଆଲ୍ଲାଙ୍କ ଦୟା କଥା ଭାବିଲାମାତ୍ରେ ତା ଆଖିରୁ ଧାର ଧାର ଲୁହ ବୋହିଯାଏ ।

●

( 'ସୁନାପିଲା'—୧୯୮୦ ପୂଜାସଂଖ୍ୟା )

## ଡାଃ ଝାଙ୍କୁ ଟିଙ୍କୁ

[ ଗୋଟିଏ ଶ୍ରେଷ୍ଠ ବୈଠକଖାନା, ଟେବୁଲଟାଏ ପଡ଼ିଛି । କେତେକ ଡାକ୍ତରୀ ଆସବାବପତ୍ର ସଜାସଜ ହୋଇ ରହିଛି । ଟେବୁଲ ପାଖରେ ଜଣେ ଗେଣ୍ଡା, ଚନ୍ଦା ଓ ମୋଟାମୋଟି ଦେଖାଯାଉଥିବା ବାବୁ ବସିଛନ୍ତି । ଘର ଭିତରେ ଗୋଟିଏ ସାଇନବୋର୍ଡ ଲଗିଛି । ଲେଖା ଅଛି— 'ଆନ୍ତର୍ଜାତିକ ଶିଶୁବର୍ଷ ଯୋଗୁ ଶିଶୁମାନଙ୍କ ପାଇଁ ଚିକିତ୍ସା ଖର୍ଚ୍ଚ ଛାଡ଼' । ମଞ୍ଚ ଆଲୋକିତ ହେଲା । ସମୟ ୪ ଟା, କାନ୍ଥଘଣ୍ଟାରେ ୪ ଟା ବାଜିବାର ଶବ୍ଦ । ]

ଡାକ୍ତରବାବୁ—( ବେକରେ ଷ୍ଟେଥିସ୍କୋପ୍ ପକାଇ ଗୋଟାଏ ମୋଟା ବହି ପଢ଼ୁଥିଲେ—ଏତିକିବେଳେ ବାହାରୁ କଲିଂ ବେଲ୍ ବାଜି-ଉଠିଲା । ) ଆସନ୍ତୁ, ଆସନ୍ତୁ···

ଭୋଳବାବୁ—ଆଜ୍ଞା ଅଛନ୍ତି ତେବେ ?

ଡାକ୍ତରବାବୁ—ହିଁ, କହିଲି ପରା, ଭିତରକୁ ଆସନ୍ତୁ ।

ଭୋଳବାବୁ—ଆଜ୍ଞା ନମସ୍କାର ।

ଡାକ୍ତରବାବୁ—ହିଁ, କଣ ହେଲା ?

ଭୋଳବାବୁ—କ'ଣ ଏମିତି ଚହ୍ନି ପାରୁ ନାହାନ୍ତି, ଆଜ୍ଞା ! ସେଦିନ ଆସି ଏତେ ଦୁଃଖସୁଖ ହୋଇଗଲା ।

ଡାଃ—ହୋଇଥିବେ, ହୋଇଥିବେ । ହେଲେ ଏ ଜାଗା ତ ଆଜ୍ଞା ଦୁଃଖୀକୁ ସୁଖ ଦେବାକୁ ହୋଇଚି । ଦୁଃଖ ସୁଖ କଥା ମନେ ପଡ଼ୁଚି କୋଉଠି ?

ଭୋଳବାବୁ—ସେଇ ତ ମଜା କଥା, ଆଜ୍ଞା ! ଆପଣ ଆମକୁ ଦୁଃଖରୁ ପାରଉତ୍ତର କରୁଛନ୍ତି, ଆମେ ବି ଦୁଃଖରେ ଆପଣଙ୍କୁ ପାରଉତ୍ତର କରୁଛୁ ।

ଡାଃ—ମାନେ ? ଆପଣ କଅଣ କହିବାକୁ ଚାହାନ୍ତି ?

ଭୋଳବାବୁ—ବୁଝିପାରଲେ ନ ? ବୁଝି ତ ପାରବେ ନାହିଁ । ଆପଣଙ୍କର କାଲିକା କଥା ଆଜି ବ ମନେ ରହୁନ; ଆଉ ଆପଣଙ୍କୁ ଏ ଦୁଃଖ-ସୁଖର ରହସ୍ୟ ବୁଝିବାକୁ ବେଳ କାହିଁ ? ହଉ, ଆଉଦନେ ଆସି ବୁଝେଇଦେବ ।

ଡାଃ—ତା ହେଲେ ଆପଣ ଅସିଥିଲେ କୁଆଡେ ?

ଭୋଳବାବୁ—ମୋ ପୁଅଟା ଗ୍ଛରୁ ପଡ଼ି, ଗୋଟାଏ ଗୋଡ଼, ଗୋଟାଏ ହାତ, ଦି'ଟା ଦାନ୍ତ ଭାଙ୍ଗି ବସିଛି ।

ଡାଃ—ନେଇ ଆସନ୍ତୁ, କିଛି ବ୍ୟସ୍ତ ହେବାର ନାହିଁ ।

ଭୋଳବାବୁ—ଏଠି ତ ପିଲାଙ୍କ ପାଇଁ ଚକିତ୍ସାର ସବୁ ଆଉ ସୁବଧା ରହିଛି । ପୁଣି ମାଗଣା ଚକିତ୍ସା ।

ଡାଃ—କ'ଣ ସାଇନବୋର୍ଡ଼ ପଢ଼ି ନେଇଛନ୍ତି କି ?

ଭୋଳବାବୁ—ନ ପଢ଼ି କଣ ଆସିଛି ? ଖାଲି କଣ ଭିତର ସାଇନବୋର୍ଡ, ବାହାରେ ଯେଉଁଟା ଲଗିଛି, ତାକୁ ବ ।

ଡାଃ—ଦି'ଟା ଯାକ ପଢ଼ି ଦେଇଛନ୍ତି ?

ଭୋଳବାବୁ—ମୁଁ ଆଜ୍ଞା ଜଣେ ଚିତ୍ରକର କି ନା···ଏ ସବୁ ନୂଆ ରକମର ଲେଖା, ଆଉ ଶୈଳୀ ମତେ ଭାରି ଭଲ ଲାଗେ ।

ଡାଃ··· ବାଃ, ଆପଣ ତା'ହେଲେ ଜଣେ କଳାକାର ?

ଭୋଳବାବୁ—ଛାଡ଼ନ୍ତୁ ଆଜ୍ଞା, ଆଗ ମୋ ପୁଅଟାକୁ ଉଦ୍ଧାର କରନ୍ତୁ ।

ଡାଃ—କଣ ତାକୁ ସାଙ୍ଗରେ ଆଣିଛନ୍ତି ?

ଭୋଳବାବୁ—ନାଇଁ ଆଜ୍ଞା, ଆପଣ ଅଛନ୍ତି କି ନାହିଁ ନ ଜାଣି କେମିତି ନେଇ ଆସିଥାନ୍ତି ?

ଡାଃ—ତାହେଲେ ଘର ଏଇ ପାଖରେ; ନୁହେଁ ?

ଭୋଳବାବୁ—ଆଜ୍ଞା ଏଇ ଡାକେ ବାଟ । ଆପଣ ଗଲାବେଳେ ମୋ ସ୍ଲେଟ କୋଠାଖଣ୍ଡିକ ଦେଖିନାହାନ୍ତି ? ଲେଖା ହୋଇଚ—'ଭୋଳ-ମହଲ' ।

ଡାଃ—ଆପଣଙ୍କ ନାଁ ତାହାହେଲେ 'ଭୋଳାବାବୁ', ନୁହେଁ ?

ଭୋଳବାବୁ—ଆଜ୍ଞା ହଁ ।

ଡାଃ—ଆପଣ ଜଣେ ନାମଜାଦା ସାଇନବୋର୍ଡ ଲେଖାଳି, ଶୁଣି ଭାରି ଖୁସି ହେଲି । ଯାଆନ୍ତୁ, ପୁଅକୁ ନେଇ ଆସନ୍ତୁ ।

ଭୋଳବାବୁ—ଗଲି ଆଜ୍ଞା ଆସିଲି ଆଜ୍ଞା ! ( ଚାଲିଗଲେ )

ଡାଃ—( ଯିବାପରେ ) ଭଲ ରୋଗୀଟାଏ ହାବୁଡ଼ରେ ପଡ଼ିଛି । ଯାହାର ହାତରେ ବାଙ୍କାଚଙ୍କା ସାଇନବୋର୍ଡ ଲେଖେଇ ନେବ । ···( ମନେ ମନେ ଭାବି ପୁଣି ଟେବୁଲ ଉପରେ ବସିପଡ଼ିଲେ । )

ଭୋଳବାବୁ—ଆଜ୍ଞା ଯାଉ ଯାଉ ଫେରି ଆସିଲି ।

ଡା.ଃ—କଣ ହେଲା ?

ଭୋଳବାବୁ—ଆପଣଙ୍କର କିଛି ସାଇନବୋର୍ଡ ଲେଖିବାକୁ ଥିଲା କି ? ଦେଇଦିଅନ୍ତୁ, ସାଙ୍ଗରେ ନେଇ ଯାଇଥାଏଁ । ପୁଅଟାକୁ ଆଣିଲେ ନବାକୁ କିଛି ସୁବିଧା ହବନି ।

ଡାଃ—ଠିକ୍ ଅଛି, ଏ ଦି'ଖଣ୍ଡ ଲେଖା ନେଇ ଯାଆନ୍ତୁ । ଦି'ଖଣ୍ଡ ବିଜ୍ଞାପନ ବି ଅଛି । ମୁଁ ଅନେକ ଦିନୁ ସଜାଡ଼ି ରଖିଚି । ଏ କାଗଜ ଦିଖଣ୍ଡ ଦେଖନ୍ତୁ । ଓଡ଼ିଆରେ ଲେଖା ହେବ ।

ଭୋଳବାବୁ—ମତେ ସେ କଥା ଶିଖାଇବାକୁ ହବନି । କଣ କଳା-ଧଳା, ନା ରଙ୍ଗିନ୍ ଅକ୍ଷରରେ ଲେଖିବାକୁ ହବ ?

ଡାଃ—ସେ କଥା ଆପଣଙ୍କ ଉପରେ ନିର୍ଭର କରେ ।

ଭୋଳବାବୁ—କିନ୍ତୁ···ହଉ, ମୁଁ ଆସେଁ କହିବି । ( ଚାଲିଗଲେ )

ଡାଃ—ଶୀଘ୍ର ଆସନ୍ତୁ, ଡେରି କରିବେନି । ( ପୁଣି ଚୌକିରେ ବସିଲେ । )

ରତନ୍—( ସ୍ଲେଟ ପିଲଟିଏ, କାନ ବନ୍ଧୁଚି—ଡାକ ଛାଡ଼ିଲା ) ସାର୍ ! ସାର୍ !

ଡାଃ—କିଏ ? ଭିତରକୁ ଆସ୍ ।

ରତନ୍—ମୁଁ ସାର୍, ମୋ ନାଁ ରତନ୍ ।

ଡାଃ—ହଁ, କଣ ହେଲା ?

ରତନ୍—ମୋ କାନ···କାନ ସାର୍···କାନଭିତରେ କଣ ଗୋଟାଏ କାମୁଡ଼ୁଚି । ମରିଗଲି, ମରିଗଲି, ସାର୍··· !

ଡାଃ—ଆରେ ସେମିତି କାଇଁକି ହଉଚୁ ?

ରତନ୍—କାମୁଡ଼ୁଚି ।

ଡାଃ—କଣ ପିମ୍ପୁଡ଼ି ?

ରତନ୍—ଓହୋ···ମରିଗଲି··· ।

ଡାଃ—ପଳା, ପଳା ଏଠୁ ।

ରତନ୍—କୁଆଡ଼େ ଯିବି ? କାନଭିତର ବନ୍ଧ ଫଟେଇଦଉଚି·· ଓଃ··· ।

ଡାଃ—ମୁଁ କେବଳ ଅଣ୍ଟା ପାଖରୁ ଗୋଡ଼ପାଦଯାଏ ଚିକିତ୍ସା କରେ । ସିଆଡ଼କୁ ମୋ ଭାଇ ଚିକିତ୍ସା କରନ୍ତି । ସେ ଆଜି ନାହାନ୍ତି ।

ଭୋଳବାବୁ—( ତାଙ୍କ ପିଲାକୁ ଧରି ପହଞ୍ଚିଗଲେ ) ଦେଖନ୍ତୁ ଆଜ୍ଞା, ପୁଅଟା ମୋର ହାଲିଆ ହେଇ ପଡ଼ିଲାଣି ।

ଡାଃ—ସେ ପାଖ ଖଟରେ ଶୁଆଇଦିଅନ୍ତୁ । ( ଖଟ ଦେଖାଇ )

ରତନ୍—ମୁଁ କଣ ଫେରିଯିବି ? ମୋ କାନ ବନ୍ଧ ଫଟେଇଦଉଚି । ( ପିଲାଟି ତଳେ ପଡ଼ି କାନ୍ଦୁଥାଏ । )

ଭୋଳବାବୁ—ପିଲାଟାକୁ ବଢ଼ିଆ କରିଦିଅନ୍ତୁ ଆଗ, ଡାକ୍ତରବାବୁ !

ଡାଃ—ବଢ଼ିଆ କରିଦେଇଚି ତ ।

ଭୋଳବାବୁ—ହେଲେ ସେ କଣ କହୁଚି ଫେରିଯିବ !

ଡାଃ—ତାକୁ ସତ କଥାଟା କହିଲି—ମୋ ଚିକିତ୍ସା ହଉଚି ଅଣ୍ଟାଠାରୁ ପାଦଯାଏ; ତା ଉପରକୁ ଯାହା ହୁଏ, ମୋ ଭାଇ କରନ୍ତି ।

ଭୋଳବାବୁ—ତା' ମାନେ ? ମୋ ପୁଅର ଗୋଡ଼ ଭଙ୍ଗାଟା ଆପଣ ଦେଖିବେ; ବାଙ୍କି ହାତ ଆଉ ଦାନ୍ତ ଆପଣଙ୍କ ଭାଇ ଦେଖିବେ ?

ଡାଃ—ସେ ବି ଜଣେ ଡାକ୍ତର ।

ଭୋଳବାବୁ—ସେ ଅଛନ୍ତି ତ ?

ଡାଃ—ନା, ସେ ଆଜି ନାହାନ୍ତି । କାଲି ଫେରିବେ ।

ଭୋଳବାବୁ—ତା ହେଲେ କଣ ହବ ?

ଡାଃ—କଣ ଆଉ ହବ···ମୁଁ ଗୋଟାଏ ଟିକେଟା କରି ଛାଡ଼ିଦେବି, କାଲି ଘରେ ଆସିଲେ ହାତ ଆଉ ଦାନ୍ତ ଦେଖିଦେବେ ।

ରତନ୍—ମରିଗଲି···ଓଃ ମରିଗଲି···ମୋ କାନ···।

ଭୋଳବାବୁ—( ସ୍ୱଗତ ) କି ମୁସ୍କିଲ ! ଏଠିକି ଆସିବା ତ ଗୋଟାଏ ଯମଦଣ୍ଡ ! ପିଲାଟା ଗଡ଼ୁଛି, ଅଥଚ ତା' କାନରେ ଏ ଡାକ୍ତରବାବୁ ହାତ ବି ବଢ଼ାନାହାନ୍ତି !

ଡାଃ—କରେ ଟୋକା, ଯିବୁ ନା ନାହିଁ, ଧକ୍କା ମାରି ବାହାର କରିଦେବି ?

ଭୋଳାବାବୁ—କଣ ହେଲା ! ଧକ୍କା ମାରି ବାହାର କରିଦେବେ ? ଏଠିକି ଆ ପୁଅ ! କଣ ହେଇଚି ଦେଖେଁ ତୋ କାନଭିତରେ ।

ରତନ୍—ମଉସା, କଣ ଗୋଟାଏ କାନଭିତରେ କାମୁଡ଼ୁଚି ।

ଭୋଳବାବୁ—ତୋ ନାକ ଆଉ ପାଟି ଟିକେ ବନ୍ଦକରି ରଖ୍ ତ । ହଁ, ଆଉ ଟିକେ···ଆଉ ଟିକେ ।···ଦେଖୁଚ, ପିମ୍ପୁଡ଼ିଟା ପଶିଯାଇଥିଲା । ( କାନ ପାଖରୁ ରୁମାଲରେ ଝାଡ଼ିଦେଲେ । )

ରତନ୍—ଓହୋ ! ଭଲ ଲାଗିଲା ତ !

ଡାଃ—ଆରେ ପିମ୍ପୁଡ଼ିଟା ପଶିଚି,···ପରେ କହୁନୁ ?

ରତନ୍—ଆପଣ ତ ନାହିଁ କଲେ । କହିଲେ ପେଟଠାରୁ ମୁଣ୍ଡଯାଏ ଟିକେଟା ଆପଣଙ୍କ ଘରେଙ୍କର ।

ଭୋଳବାବୁ—ରଘୁ, ଉଠ୍, ମୋ କାଖକୁ ଆ, ଆମେ ବି ପଳେଇବା ।
( ପୁଅକୁ କାଖେଇ )

ଡାଃ—ଆପଣ କୁଆଡ଼େ ବାହାରିଲେ ?

ଭୋଳବାବୁ—ନମସ୍କାର, ନମସ୍କାର, ଡାକ୍ତରବାବୁ ! ଆମର ଏମିତିଆ ଡାକ୍ତର ଦରକାର ନାହିଁ । ଆପଣ ଶରୀରର ଫାଳେ ଦେଖିବେ, ଆଉ ଫାଳେ ଦେଖିବେ ଆପଣଙ୍କ ଭାଇ, ବୁଝିଲି । ବ'ଆଉ ରୋଜଗାର !

ଡାଃ—ଟିକିଏ ସଂଯତ ହୋଇ କଥାବାର୍ତ୍ତା କରନ୍ତୁ । ମୁଁ ହଉଚି ଡାଃ ବାଙ୍କୁ । ଇଂଲଣ୍ଡ, ଆମେରିକା, ଚୀନ୍, ଜାପାନ, ସବୁଠୁଁ ପାଠ ପଢ଼ି ଆସିଛି ।

ଭୋଳବାବୁ—ଆଉ ଆପଣଙ୍କ ବଡ଼ ଭାଇ ?

ଡାଃ—ଡାକ୍ତର ଟିଙ୍କୁ । ସେ କଲିକତା, ଗୌହାଟି, ଜଳନ୍ଧର, ପୁନା, ପାଟନାରୁ ତାଲିମ ପାଇଛନ୍ତି ।

ରତନ୍—( ହସି ହସି ) ବୁଝିଲ ମଉସା, ଦୁ'ଭାଇ ଯାକ ବେଶ୍ ଦେଶୀ-ବିଦେଶୀ ଯୋଡ଼ ସାଜିଛନ୍ତି ।

ଭୋଳବାବୁ—ଚାଲ୍ ପୁଅ, ଆଉ ଦିନେ ଏଠିକି ଆସିବୁନି ।

( ଯିବାକୁ ଉଦ୍ୟତ )

ଡାଃ—ମୋ ସାଇନ୍ ବୋର୍ଡ଼ ?

ଭୋଳବାବୁ—ସାଇନବୋର୍ଡ ରିକ୍ସା ଖର୍ଚ୍ଚ ବାବଦ କଟିଗଲା ।

ଡାଃ—ମାନେ ? ମୋ ବଡ଼ଭାଇ ଡାଃ ଟିଙ୍କୁ ଆସିଲେ ସେଗୁଡ଼ା ଖୋଜିବେ ଯେ···ଆଚ୍ଛା ମୁସ୍କିଲ ! ( ବିରକ୍ତ ହୋଇ )

ଭୋଳବାବୁ—ରିକ୍ସା କରି ଡାକ୍ତର ବାବୁ ଟିଙ୍କୁ ମୋ ଘରକୁ ଯାଇ ସେଗୁଡ଼ିକ ନେଇ ଆସିବେ ।

ଡାଃ—ମାନେ ?

ରତନ୍—ମାନେ ମଉସାଙ୍କ ରିକ୍ସା ଖର୍ଚ୍ଚ ବାବଦକୁ ଆପଣଙ୍କ ରିକ୍ସା ଖର୍ଚ୍ଚଟା କଟିଯିବ ।

ଡାଃ—ତୁମେମାନେ ଭୁଲିଯାଉଛ ଆମେ ଦୁହେଁ ଦୁ'ଜଣ ନାମଜାଦା ଡାକ୍ତର । ( ଗମ୍ଭୀର ହୋଇ )

ରତନ୍—ସେଇଥିପାଇଁ ତ ମୋ କାନରୁ ପିମ୍ପୁଡ଼ିଟାଏ ବି ବାହାର କରି ପାରିଲେନାହିଁ ! ଧନ୍ୟରେ ଡାକ୍ତର ବାବୁ ଟିଙ୍କୁ !

( ଭୋଳବାବୁଙ୍କ ପୁଅ ଓ ରତନ୍ ହସିଉଠିଲେ । )

ଭୋଳବାବୁ—ଆଆନ୍ତୁ, ନମସ୍କାର ।

( ସେମାନେ ଚାଲିଗଲେ । ଡାକ୍ତର ବାବୁ ଟେବୁଲ ଉପରେ ମୁଣ୍ଡତଳେ ହାତ ଦେଇ ବସିପଡ଼ିଲେ । ଆଲୋକ ଲିଭିଗଲା । )

●

( 'ମୀନାବଜାର'—ଡିସେମ୍ବର, ୧୯୭୯ )

ସୁଧାକର ଦାଶ ( ୧୯୩୨—          )

[ ବାଲେଶ୍ୱର ଜିଲ୍ଲା ବାସୁଦେବପୁର ଥାନା ସୁଆଁ ଗ୍ରାମରେ ଜନ୍ମ —ଏମ୍. ଏ., ବି. ଇଡ୍. ପାସ୍ କରି ସରକାରୀ ହାଇସ୍କୁଲରେ ସହକାରୀ ଶିକ୍ଷକ ରୂପେ ଅବସ୍ଥାପିତ—ପ୍ରାୟ ୨୫ ଖଣ୍ଡ ପୁସ୍ତକର ଲେଖକ— ରଚନାବଳୀ :—'ବଚସା', 'ରୂପାୟନ', 'ମଞ୍ଚ ଏକାଙ୍କୀ'; 'ନୃତ୍ୟ ନାଟିକା' ଅପେରା—'ଜୟଦ୍ରଥବଧ', 'ଭକ୍ତ ଗୟାସୁର', 'ତ୍ରିପୁରାସୁରବଧ' ଇତ୍ୟାଦି । ]

## ଚତୁରୀ

( ଶିଶୁ-ସଙ୍ଗୀତ ନାଟିକା )

[ ସୂଚନା—ମଞ୍ଚଉପରେ ଦେଖାଗଲା ବଲୁଆଟିଏ ରଡ଼ି ଛାଡ଼ୁଛି । କିଛିକ୍ଷଣ ପରେ ତା'ର ରଡ଼ି ଶୁଣି ଡେଇଁ ଡେଇଁ ଆସିଲା ଠେକୁଆଟିଏ—ଠେକୁଆକୁ ଦେଖି ବଲୁଆ କହିଲା— ]

ବଲୁଆ—ବନସ୍ତରେ ଥାଏ ପଶୁରାଜ ସିଂହ
ପ୍ରକୋପ ତାହାର ଅତି,
ମାରିଖାଏ ନିତି କେତେ କେତେ ଜୀବ
ଆଚରି ଘୋର ଅନୀତି ।
କି କରିବା କହ କହ,
କିପରି ବଞ୍ଚିବା ସିଂହ କବଳରୁ ଉପାୟ ବତାଇ ଦିଅ ।

ଠେକୁଆ—ଏଥିପାଇଁ ଏତେ ଡର ?
ସମସ୍ତଙ୍କୁ ଡାକି ସଭା ବସାଇବା, କରିବା ଉପାୟ ସ୍ଥିର ।

ବିଲୁଆ—ସଭାପତି ହେବ କିଏ ?

ଠେକୁଆ—ବାଘମାମୁଁ ଆମ ସଭାପତି ହେବ,
ଡାକି ଆଣିବି ମୁଁ ଯାଏଁ ।

( ବିଲୁଆ ନାଚି ନାଚି ହାତୀ, ହରିଣ, ଭାଲୁ ପ୍ରଭୃତିଙ୍କୁ ଡାକିଆଣି ଆସନ ଦେଖାଇ ବସାଇଲା । ଏତିକିବେଳେ ବାଘକୁ ଡାକି ଆଣିଲା ଠେକୁଆ । ସମସ୍ତେ ଠିଆହୋଇ ପଡ଼ିଲେ । ବିଲୁଆ ତାଙ୍କୁ ପାଛୋଟି ନେଇ ସଭାପତି କରି ଆସନରେ ବସାଇଲା । ଠେକୁଆ ଫୁଲମାଳ ଦେଲା । ତା'ପରେ ସଭାକାର୍ଯ୍ୟ ଚାଲିଲା । )

ବିଲୁଆ—ଶୁଣ ଶୁଣ ଭାଇ କି ବୁଦ୍ଧି କରିବା
ବୁଦ୍ଧି ଦିଶୁନାହିଁ କିଛି,
ସିଂହ କବଳରୁ କିପରି ବଞ୍ଚିବା
ସେହି ବିପଦ ବଢ଼ିଛି ।

ହରିଣ—ଆଜି ଏ ସଭାରେ ଆମ ସଭାପତି
ଉପାୟ କରିବେ ସ୍ଥିର,
ଭୁଲିଯାଅ ଏବେ ବିଲୁଆନନାରେ
କାହିଁ ପାଇଁ ତୋର ଡର ?

ବାଘ—ହାଉଁ ଗରଜି ସଭାପତି କହଇ ବଚନ,
ତୁମ ଭିତରୁ ଉପାୟ ଏକ ବତାଅ ବହନ ।

ହାତୀ—କାନ ହଲାଇ କହିଲା ହାତୀ
କି ବୁଦ୍ଧି କରିବା ରେ କି ବୁଦ୍ଧି କରିବା
ବେଳ ଆସିଛି ସିଂହ ହାବୁଡ଼େ
ସମସ୍ତେ ମରିବା ରେ ସମସ୍ତେ ମରିବା ।

ଭାଲୁ—କି କଥା କହୁଛ ତୁମେ ହେ,
ହରତାଳ କରି ସିଂହ ଆଦେଶକୁ
ମାନିବା ନାହିଁ ତ ଆମେ ହେ ।

ଠେକୁଅ—ଶୁଣ ଶୁଣ ଭାଇ ମୋ କଥା ଶୁଣ,
ଅନଶନ କରି ବସିବା ପୁଣ ।

ବିଲୁଆ—ଶୁଣ ଶୁଣ ଭାଇ କହୁଛି ମୁହିଁ
ଅନଶନ କରି ଲାଭ ତ ନାହିଁ ।
ସିଂହ ପରା ଆମ କାଳ ହେ
ତାହା ହାବୁଡ଼ରୁ ରକ୍ଷା ମିଳିବ କି
କରତେଲେ ହରତାଳ ହେ ।
ଜଣ ଜଣ କରି ପାଳି କରିବା,
ସିଂହ ରାଜାଙ୍କର ଆହାର ହେବା ।

ବାଘ—ବିଲୁଆ ନନା କହିଲେ ଯାହା
ହୋଇଲା ତାହା ସାର
ସିଂହ ରାଜାଙ୍କୁ ସଅଳ ଯାଇ
ଦେଇଆସ ଖବର ।
( ସଭା ଶେଷ ହେଲା । ଏହାପରେ ସମସ୍ତେ ଆନନ୍ଦରେ ନୃତ୍ୟ କଲେ । )

## ଦ୍ୱିତୀୟ ଦୃଶ୍ୟ

( ସୂଚନା—ପାହାଡ଼ ତଳ ଗୁମ୍ଫା—ପେଟବିକଳରେ ଗର୍ଜନ କରୁଥାଏ ପଶୁରାଜ ସିଂହ । ଖବର ଦେବାକୁ ପ୍ରବେଶ କଲା ବିଲୁଆ । ତରଟି ରୁହିଁଲା ସିଂହ । ଡରି ଡରି ପ୍ରକାଶ କଲା ବିଲୁଆ । ଭୟରେ ତା ଦେହଟା ଥରୁଥାଏ । )

ବିଲୁଆ—କାନ ଡେରି ଥରେ କହୁଅଛି ମୁହିଁ
ଶୁଣ ଶୁଣ ପଶୁରାଜ,
ବୁଝାଇ କହିବି ସଭାରେ ଆମର
ସ୍ଥିର ହେଲା ଯାହା ଆଜ ।
ପାଳିକରି ନିତି ଆସିବେ ପଶୁଏ
ଆହାର ହେବେ ତୁମର,

ପ୍ରତିବାଦନ ଆଜ କରନାହିଁ ଏତେ
ମନଇଚ୍ଛା ଅତ୍ୟାଚାର ॥

ସିଂହ—ଯାହା କହିଲୁ, କରିବି ତାହା
କହ ଆଜ କାʼ ପାଳି,
ପେଟ ଜଳୁଚି ଭୋକରେ ତୋତେ
ନୋହିଲେ ଦେବି ଗିଳି ।

ବିଲୁଆ—ଦୟାକର ପଶୁରାଜ ହେ
ଯଥା ସମୟରେ ଆସିବ ଠେକୁଆ
ପାଳି ତ ତାହାର ଅଜ ହେ ।

ସିଂହ—ଏଠାରୁ ଯାଅ ଯାଅ,
କେଉଁଠି ଅଛି ଠେକୁଆ ତାକୁ
ସତ୍ୱର ପଠାଇ ଦିଅ ।

( ପ୍ରଣାମ କରି ଚାଲିଗଲା ବିଲୁଆ । ସିଂହ ଗର୍ଜନ କରି ବଣକୁ କମ୍ପାଇ ଦେଉଥାଏ । )

## ତୃତୀୟ ଦୃଶ୍ୟ

[ ସୂଚନା—ବିଲୁଆର ଶବ୍ଦ ଶୁଣି ଡେଇଁ ଡେଇଁ ଆସିଲା ଠେକୁଆ । ବିଲୁଆ ତାକୁ ଦେଖି କୂଅ ପାଖକୁ ନେଇଗଲା । କୂଅକୁ ଦେଖାଇ ତା କାନରେ କଣ ଚୁପ୍‌ଚୁପ୍ କହିଲା । କୂଅ ପାଖରୁ ଫେରି ଆସୁ ଆସୁ ବାଟ ମଝିରେ ବିଲୁଆ କହିଲା ଠେକୁଆକୁ— ]

ବିଲୁଆ—ସାବଧାନ ଥିବୁ ଠେକୁଆ ଭାଇ
ଯାହା ବୁଝାଇଲି କରିବୁ ଯାଇ ।

ଠେକୁଆ—ବଲୁଆ ନନା ରେ ଚିନ୍ତା ନ କର,
ବିଦାୟ ଦିଅ ଭୁ ଜୁହାର ମୋର ।

[ ସୂଚନା—ଠେକୁଆ ଚାଲିଗଲା । ବଲୁଆ ତା' ପଛେ ପଛେ ଯାଇ ତାକୁ ବାଟେଇଦେଲା । ଫେରିଆସି ଶବ୍ଦ କରି ସମସ୍ତଙ୍କୁ ଡାକିଲା । ଭାଲୁ, ହରିଣ, ହାତୀ ଓ ବାଘ ଗୋଟିଏ ପରେ ଗୋଟିଏ ଆସି ପୁଣି ପହଞ୍ଚିଲେ । ସମସ୍ତେ ବଲୁଆ ମୁହଁକୁ ଚାହିଁ ରହିଲେ । ]

ବଲୁଆ—ସିଂହ ରଜାଙ୍କୁ ମାରିବା ପାଇଁ
କରିଛି କଉଶଳ,
ଚୁପ୍ ଚୁପ୍ ଛପି ଛପି କୂଅ ପାଖକୁ ଚାଲ ।

ଭାଲୁ—ହୁଁ ହୁଁ ମୋତେ ଆସିଛି ଜର,
ଯିବି ନାହିଁ ଭାଇ ମାଡ଼ୁଛି ଡର ।

( ଏତିକିବେଳେ ସିଂହ ଗର୍ଜନ ଶୁଣି ସମସ୍ତେ ଧାଇଁ ଧାଇଁ ଚାଲିଗଲେ । ଜୀବନବିକଳରେ ଭାଲୁ ମଧ୍ୟ ଉଠି ଦଉଡ଼ିଲା । )

## ଚତୁର୍ଥ ଦୃଶ୍ୟ

[ ସୂଚନା—ପେଟବିକଳରେ ଏପାଖ ସେପାଖ ହେଉଥାଏ ସିଂହ । କାତର ହୋଇ ପ୍ରବେଶ କଲା ଠେକୁଆ । ତାକୁ ଦେଖି ଗର୍ଜନ କରି ସିଂହ କହିଲା— ]

ସିଂହ—କହରେ ଠେକୁଆ ଏତେ ଡେରି କାହିଁ
ମୁଣ୍ଡ ତୋହର ମୋଡ଼ିବି ରେ,
ହାବୁଡ଼େ ପଡ଼ିଛୁ ମାଉଖିଆ ଶଶା
ରଗଡ଼ିଆ ବଧା ମାରିବି ରେ ।

ପଶୁରାଜ ବୋଲି ଜାଣିନାହୁଁ ତୁ ତ
ମୋ ସଙ୍ଗରେ ଖେଳ ନୁହଁଇ ଉଚିତ,
(ତୋ) ଗୁଣ୍ଡି ପରେ ଚଢ଼ି ଅନ୍ତକୁ ଫାଡ଼ି
ରକତ ତୋହର ପିଇବ ରେ ।

ଶଶା—ଦୋଷ କିଛି ନାହିଁ ମୋର
ପଥ ଓଗାଳିଲା ଅନ୍ୟ ଏକ ସିଂହ
ମୋତେ ତ ମାଡ଼ିଲା ଡର ।

ତାଙ୍କୁ କେତେ କୁହାବୋଲା କରି
ଆସିଅଛି ମୁହିଁ ତୁମ ନିକଟକୁ
ରାଗ ନାହିଁ ଦୟା କର ।

ସିଂହ—ହୁଁ, ମୋ'ଠାରୁ କେ ଅଛି ବଡ଼ ରେ
ଦେଖାଇଦେଲେ ତୁ ମାଡ଼ି ବସି ତାର
ଭାଙ୍ଗିଦେବ ମୁହିଁ ହାଡ଼ ରେ ।

ଶଶା—ଆସନ୍ତୁ ଆଜ୍ଞା ସଙ୍ଗରେ ମୋର
ଦେଖାଇଦେବ ତାକୁ—
( ଗର୍ଜିଲା ସିଂହ ହଲାଇ ଲାଞ୍ଜ
ପାଟି ତା' ଫାକୁଫାକୁ । )

[ ଠେକୁଆ ନେଇ ତାକୁ କୂଅ ଦେଖାଇଦେଲା । ସିଂହ କୂଅବନ୍ଧ ଉପରେ ଆଗ ଦୁଇଗୋଡ଼ ରଖି ଭିତରକୁ ଚାହିଁଲା । ନିଜର ଛାଇକୁ ଦେଖି ରାଗରେ ଅସ୍ଥିର ହୋଇ ପଡ଼ିଲା । ]

ସିଂହ—କୂଅ ଭିତରେ ତୁ କିଏ ରେ—
ଦେହରେ ଯେବେ ଅଛି ତୋ ବଳ,
ମୋ ଆଗକୁ ଆ' ରେ ।

[ ସିଂହ କୂଅ ଭିତରକୁ ଅନାଇ ରାଗରେ ଜରଜର ହୋଇଗଲା । ଠେକୁଆ କାତର ହୋଇ ଅଛୁଥାଏ । କୂଅଭିତରୁ ତାକୁ ନ ଆସିବାର

ଦେଖି ସିଂହ କୂଅକୁ ଡେଇଁପଡ଼ିଲା । ଆନନ୍ଦରେ ନାଚଗଲା ଠେକୁଆ । କୂଅ ଭିତରେ ଗଁ ଗଁ ହେଉଥାଏ ସିଂହ । ସଙ୍ଗେ ସଙ୍ଗେ ଧାଇଁଆସିଲା ବିଲୁଆ । ତାହାର ଶବ୍ଦ ଶୁଣି ଲୁଚିରହିଥିବା ବାଘ, ହାତୀ, ଭାଲୁ ଓ ହରିଣ ଧାଇଁଆସିଲେ । କୂଅଭିତରକୁ ଚାହିଁ ଆନନ୍ଦରେ ଅଧୀର ହୋଇ ପଡ଼ିଲେ ସମସ୍ତେ । ]

ଗୀତ—( ସମସ୍ତେ )

ବାଃ ବାଃ ବଢ଼ିଆ ମଜା
କୂଅ ଭିତରେ ରହିଲେ ରଜା ।
ଆମେ ସବୁ ହେବା ତାଜା
ବଜାରେ ବଜାରେ ବାଇଦ ବଜା
ବାଃ ବାଃ ବଢ଼ିଆ ମଜା ।

[ ନାଚି ନାଚି ଗୋଟିକ ପରେ ଗୋଟିଏ ବିଦାୟ ନେଲେ । ହୁକେ-ହୋ ରଢ଼ି ଛାଡ଼ି ସମସ୍ତଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଉଥିଲା ବିଲୁଆ । ]

●

( 'ନୃତ୍ୟନାଟିକା'—୧୯୬୮ )

ପରମାନନ୍ଦ ଅଧିକାରୀ ( ୧୯୩୨—        )

[ କୁଜଙ୍ଗ ଅଧିକାରୀ ସାହିରେ ଜନ୍ମ—'କଳାଶ୍ରୀ', 'କଳାବିନୋଦ', 'ମଣିମାଣିକ', 'ସାଗରିକା' ପ୍ରଭୃତି ବହୁ ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନର ସ୍ଥାପୟିତା ଓ ପରିଚାଳକ—ଗଳ୍ପ, ଉପନ୍ୟାସ, ଜୀବନୀ ଓ ଶିଶୁସାହିତ୍ୟର ଲେଖକ—ରଚନାବଳୀ—'ନନ୍ଦଘୋଷ', 'ଅଶ୍ରୁ ନୁହେଁ ଅନଳ', 'ଖାଲ ଢିପ', 'ମାଂସ କଣ୍ଢେଇ', 'ଝୁଆଁ ଝୁଇଁ' ପ୍ରଭୃତି । ]

## ପିଠି ଅରକ୍ଷିତ, ତୁଣ୍ଡ ନରେନ୍ଦ୍ର

ଗାଆଁଟି ନାଁ ଭୁଆଣପୁର । ମାନ ଖାଇଲାବେଳକୁ କାହାରି ଘରେ ତରକାରି ନ ଥାଏ । ସେ ଗାଆଁର ଲୋକଗୁଡ଼ାକ ଭାରି ଅଳସୁଆ । ସବୁବେଳେ ଖାଲି ପରଉପରେ ନିର୍ଭର କରନ୍ତି, ପର ହାତକୁ ଅନାଇ-ଥାଆନ୍ତି । ନିଜ କାମ ବି ନିଜେ କରନ୍ତି ନାହିଁ । କଥାରେ ଅଛି—ହାତ ଅଳସରେ ମଧ୍ୟ ନଶ ବଙ୍କା ହୋଇଯାଏ ।

ସେହି ଗାଆଁ ଭିତରେ ଦୁଇ ଭାଇ ଥାଆନ୍ତି—ଅବଦୁଲ ଆଉ ଗବଦୁଲ । ସେ ଦୁଇଜଣ ପୁଣି ଗାଆଁଯାକରେ ସବୁଠୁଁ ବେଶି ଅଳସୁଆ । ବାପ ମରିଗଲା ପରେ ଜମିବାଡ଼ି ଯାହା ଥିଲା, ଦୁଇ ଭାଇ ତାକୁ ବିକଭାଙ୍ଗି ଖାଇଲେ । ତା'ପରେ ଗୋରୁ, ମେଣ୍ଢା, ଛେଳି ସବୁ ବିକିଲେ । ସବୁ ଜିନିଷ ବିକି ଖାଇସାରିଲା ପରେ ଦୁଇ ଭାଇଙ୍କର ମହା ଭାଲେଣି ପଡ଼ିଲା । କେମିତି ଏବେ ଚଳିବେ ? ଶେଷରେ ଠିକ୍ କଲେ ମୂଲ ଲାଗିବେ । ଦୁଇ ଭାଇଯାକ ଯାଇ ଗାଆଁ ମହାଜନର ହଳ ବାଛିଲେ ।

ଠିକ୍ ଉଦୁଉଦିଆ ଦି'ପହରବେଳେ ମହାଜନ ବୁଢ଼ା ହଳଆଡ଼େ ବୁଲିଯାଇଥାଏ । ତା ସାଥିରେ ବୋଲକରା ଚାକର ମଧ୍ୟ ଯାଇଥାଏ । ଜମି

ଆଉ ଅଳ୍ପ ଦୂର ଅଛି, ଶୁଣିଲେ ଯେ ବଡ଼ ଜୋରରେ କଣ ଘଡ଼ ଘଡ଼ ଶବ୍ଦ ଶୁଭୁଛି । ବିଲପାଖ ଡଣ୍ଡାରେ ଚରୁଥିବା ଗାଈ ବଳଦ ହୁରୁଡ଼ି ଲାଞ୍ଜ ଟେକି ଅଚରଛରେ ଏଣେତେଣେ ଦଉଡ଼ୁଛନ୍ତି । ମହାଜନ ତା ଗୁଜରର ଆଡ଼କୁ ଅନେଇଲା । ଗୁଜର ମହାଜନ ଆଡ଼କୁ ଅନେଇଲା । ଦୁହିଁଙ୍କ ପାଟି ଖଣ୍ଡ ମାରିଗଲା ।

ମହାଜନ ପଚାରିଲା—"କ'-କ'-କ' କଣ କରେ ?"

ଗୁଜର କହିଲା—"ବା-ବା-ବା ବାଘ !"

ଆଉ ନିମିଷେ ଡେରି ନ କରି ମହାଜନ ଆଉ ତା ଗୁଜର ଦୁହେଁ ଭୟରେ ପଛେଇ ପଛେଇ ଖୁବ୍ ଜୋର୍‌ରେ ଦଉଡ଼ିଲେ । ମହାଜନ ଭାରି ମୋଟା ଲୋକ । ଆକୁଳ ଥାକୁଳ ହୋଇ ଦଉଡ଼ିଲାବେଳେ ଦଶ ଜାଗାରେ ପଡ଼ିଯାଉଥାଏ । ବିଲ ହିଡ଼ରେ ଥିବା ବେଣାବୁଦା ଓ କୋଇଲଖିଆ କଣ୍ଟାରେ ପଡ଼ି ଦେହହାତ ତାର ନହୁ-ନୁହାଣ ହୋଇଗଲା । ଦୂରରେ ଜଣେ ଚାଷୀ ବିଲ ବାହୁଡ଼ୁଥିଲା । ସେ ମହାଜନକୁ ଅଣନିଃଶ୍ୱାସୀ ହୋଇ ଦଉଡ଼ିବାର ଦେଖି ଆଗ୍ରହରେ ପଚାରିଲା—"କି ମହାଜନେ ! କାହିଁକି ଏପରି ଦଉଡ଼ୁଛ ?"

ମହାଜନ ଥରଥର ଗଳାରେ କହିଲେ, "ବା···ବା···ବା··· ବାଘ !" ତାଙ୍କ ଦେହରୁ ଝାଳ ବୋହିଯାଉଥାଏ । ଭୟରେ ତଣ୍ଟି ଶୁଖି ଅଠା ।

ଚାଷୀ କହିଲା, "ବାଘ କାହିଁକି ଆସିବ ପାଣି-କାଦୁଅ ବିଲକୁ ? ଚାଲ ଦେଖିବା କି ଶବ୍ଦ ଶୁଭୁଛି ।" ବହୁତ ବୁଝାବୁଝି କଲାପରେ ମହାଜନ ଘଟଣା-ସ୍ଥାନକୁ ଗଲା । ସେଠାରେ ପହଞ୍ଚି ସେମାନେ ଯାହା ଦେଖିଲେ, କ'ଣ କହିବା ? ବାଘ ନାଇଁ କି ଫାଗ ନାଇଁ । ବିଲ ହିଡ଼ ଉପରେ, କୋଇଲଖିଆ କଣ୍ଟା ବଣରେ, ଗାମୁଛା ପାରି ଅବଦୁଲ ଗବଦୁଲ ଦୁହେଁ ଶୋଇ ଖୁବ୍ ଜୋରରେ ଘୁଙ୍ଗୁଡ଼ି ମାରୁଛନ୍ତି । ପାଟି ମେଲା ହୋଇ ଗଉଳ ବୋହୁଛି । ପାଟି ଭିତରେ ମାଛି ଭଣଭଣ ହେଉଛନ୍ତି ।

ଦୁଇଟା ଭେଣ୍ଡା ମୂଲିଆ କପର ବିଲ ବାଛୁଛନ୍ତି, ତାହା ସମସ୍ତେ ଦେଖିବା ପାଇଁ ଗଲେ । ଦେଖିଲେ ବାଳୁଙ୍ଗା ଗଛ ସବୁ ବିଲରେ ପବନରେ ଦୋହଲୁଛନ୍ତି । ଧାନ ଗଛଗୁଡ଼ାକ ଓପଡ଼ା ହୋଇଯାଇଛି ।

ମହାଜନ ରାଗରେ ଚମ୍ପା ପରି ଫଁଅ ଫଁଅ ହୋଇ ହାତରେ ଧରିଥିବା ବଙ୍କୁଲି ବାଡ଼ିରେ ଦୁଇ ଭାଇଙ୍କୁ ବହେ ପିଟିପକାଇଲା । ଦୁଇ ଭାଇଙ୍କର ନାଦ ଭାଙ୍ଗିଲା । ଗୃହକର ଟୋକା ଦୁଇଭାଇଙ୍କ ଚୁଟି ଧରି କାଦୁଅରେ ପରସ୍ପେ ଘୋଷାରିଲା ।

ଗୃହିଣୀଜଣେ କହିଲା, “ସେମାନଙ୍କୁ ଗାଳିଦେଲେ ଅବା ମାରିଲେ କଣ ହେବ ? ପିଲାବେଳେ ତ ସେମାନେ ପାଠ ପଢ଼ିଲେ ନାହିଁ କି କିଛି ଘରକାମ ଶିଖିଲେ ନାହିଁ । ଖାଇପିଇ ମଉଜ ମଜଲିସ୍‌ରେ ଫୁଲଫାଙ୍କିଆ ହୋଇ ଏଣେତେଣେ ବୁଲିଲେ । ‘ଯାହା ହୋଇ ନାହିଁ ପିଲାକାଳେ, ଆଉ କି ହବ ପାଚିଲା ବାଳେ ?’ ପିଲାବେଳୁ ପାଠ ପଢ଼ିବା ସଙ୍ଗେ ସଙ୍ଗେ ସବୁ କାମ ନ ଶିଖିଲେ ପଛରେ ଏମିତି ହୀନସ୍ତା ହେବାକୁ ପଡ଼େ ।”

ମହାଜନ କହିଲା, “ମୋ ବିଲବଛା ସେତିକି ଥାଉ, ତୁମେ ଦୁହେଁଯାକ ଆଉ ଆସିବ ନାହିଁ ।” ଅବଦୁଲ, ଗବଦୁଲ ମୁହଁ ତଳକୁ କରି ଘରକୁ ବାହୁଡ଼ିଲେ । ବାଟରେ ଯିଏ ଦେଖିଲା, ସିଏ ପଚାରିଲା, “ତୁମ ଦୁହିଁଙ୍କୁ ମହାଜନ କୁଅଡ଼େ ଆଜି ଖୁବ୍ ବାଡ଼େଇଲା ?”

ଦୁଇ ଭାଇଯାକ ସମସ୍ୱରରେ ଉତ୍ତର ଦେଲେ, “ନା, ନା, ମହାଜନ ଭାରି ଭଲ ଲୋକ । ବାଡ଼େଇବ କାହିଁକି ? ଆମେ ଭଦ୍ରଘରର ପିଲା ବୋଲି, ବିଲରେ ଖଟିବାକୁ ମନା କଲେ ।”

ଲୋକେ ଦୁଇଭାଇଙ୍କ କଥା ଶୁଣି କୁହାକୁହି ହେଲେ, “ଏଇମାନଙ୍କୁ କହନ୍ତି ‘ପିଠ ଅରକ୍ଷିତ, ତୁଣ୍ଡ ନରେନ୍ଦ୍ର’ ।”

●

‘ମଣିମାଣିକ ଗଳ୍ପମାଳା—୧୯୭୭ )

କୃଷ୍ଣଚରଣ ବେହେରା ( ୧୯୩୨— )

[ ଜନ୍ମ ବାଲେଶ୍ୱର ଜିଲ୍ଲା ଅର୍ଜୁନ ବନ୍ଧା ଗ୍ରାମରେ—ଶିକ୍ଷାଶେଷରେ ବିଭିନ୍ନ କଲେଜରେ ଅଧ୍ୟାପନା କାର୍ଯ୍ୟ କରୁଛନ୍ତି—କିଛିକାଳ ବିଶ୍ୱଭାରତୀ ଓଡ଼ିଆ ବିଭାଗରେ ଅବସ୍ଥାପିତ ଥିଲେ—ଓଡ଼ିଆ ଉପନ୍ୟାସରେ ଡକ୍ଟରେଟ୍ କରିଛନ୍ତି—ଶିଶୁ ପତ୍ରିକାରେ ମଧ୍ୟ ଲେଖାଲେଖି କରନ୍ତି—'ଗପ ସପ', 'ଚରୁ ଓ ଚରିତ', 'ନାରୀ ଏକ ନଦୀର ନାମ' ପ୍ରଭୃତି ପୁସ୍ତକର ଲେଖକ । ]

## ମାଟି ମାଆଟି !

ମାଆଟି ସେଇ ମାଟି
ଛାତିରେ ତାର ଆକାଶ ଦିଏ ବରଷା ବିନ୍ଦୁ ଛାଟି ।
ଶିହରି ଉଠେ ଶସ୍ୟର ଶୋଭା
ସବୁଜ ଆଭା କି ମନଲୋଭା !
ମଣିଷ ମୁଖେ ଦେବାକୁ ଦାନା ଛାତି ତା' ଯାଏ ଫାଟି ।
ମାଆଟି ସେଇ ମାଟି !
ମାଆଟି ସେଇ ମାଟି
ମଣିଷ ମୁଖେ ଦେବାକୁ ଦାନା ଛାତି ତା' ଯାଏ ଫାଟି;
ଝଟକି ଉଠେ ସୁନାଫସଲ
କିଆରି କୋଣେ ଜଳେ ମଶାଲ
ଲକ୍ଷିମୀ ଆସେ, ମଣିଷ ଯେବେ ଫସଲ ଆଣେ କାଟି,
ମାଟି ମମତା ଅତୁଳ ଦାନ
ଜଗତେ ନାହିଁ ତାହା ସମାନ
ମାଆର ଋଣ ଶୁଝିବ କିଏ ? ରଖିଛୁ ଜୀବ-ନାଟି ।
ମାଆଟି ସେଇ ମାଟି ।

( ରଚନାକାଳ : ୧୯୭୫ )

# କୌମୁଦୀ କଥା

ପନ୍ଦର ଷୋଳ ବରଷର ବାଳିକା କୌମୁଦୀ । ବାପ-ମାଆଙ୍କର ଭାରି ଗେହ୍ଲା ଝିଅ । ଦେହରେ ସେ ଅତି ଆଦରରେ ନାନା ଗହଣା ପିନ୍ଧିଥାଏ ।

ଥରେ ମହାତ୍ମା ଗାନ୍ଧି ହରିଜନ କାର୍ଯ୍ୟରେ ଦାକ୍ଷିଣାତ୍ୟ ଗସ୍ତ କରୁଥିଲାବେଳେ କୌମୁଦୀର ଗାଆଁକୁ ଯାଇଥିଲେ । ଗାଆଁରେ ଗୋଟିଏ ସଭା କରି ସେ ଝିଅ ବୋହୂମାନଙ୍କୁ ହରିଜନ କାର୍ଯ୍ୟ ପାଇଁ ଗହଣାଗାଣ୍ଠି ସବୁ ଦାନ କରିଦେବାକୁ ନିବେଦନ କଲେ । ଗାନ୍ଧିଜୀଙ୍କର ନିବେଦନ କୌମୁଦୀ ଭଲଭାବରେ ବୁଝିଲା ଏବଂ ଭାବିଲା—ଆମ ଦେଶର ହଜାର ହଜାର ହରିଜନ ଯେତେବେଳେ ଭଲ କରି ଗଣ୍ଡିଏ ଖାଇବାକୁ ଓ ଖଣ୍ଡିଏ ପିନ୍ଧିବାକୁ ପାଉନାହାନ୍ତି, ସେତେବେଳେ ତାହାର ଏତେ ସୁନା ଗହଣା ପିନ୍ଧିବା ଉଚିତ ନୁହେଁ । ଗହଣା ପିନ୍ଧିବାରେ ମଧ୍ୟ କୌଣସି ଲାଭ ନାହିଁ । କାରଣ ସୁନାରୂପାର ଗହଣା ପ୍ରକୃତରେ ମଣିଷକୁ ସୁନ୍ଦର କରିପାରେ ନାହିଁ; ସୁନ୍ଦର କରେ ତାହାର ଚରିତ୍ର ଓ ଚିତ୍ତର ପବିତ୍ରତା ।

ତା'ପରେ କୌମୁଦୀ ଲାଜ ନ କରି ସଭାମଣ୍ଡପ ଉପରକୁ ଉଠିଗଲା । ଗାନ୍ଧିଙ୍କ ଆଗରେ ବିନା ସଙ୍କୋଚରେ ଆପଣା ଦେହରୁ ଗୋଟିକ ପରେ ଗୋଟିଏ ସବୁ ଅଳଙ୍କାର ଫିଟାଇ ପକାଇଲା । ହାତରୁ ଚୁଡ଼ି, ବେକରୁ ହାର, କାନରୁ ମାଙ୍ଗଡ଼ କାଢ଼ିଦେଲା ।

ସଭାସ୍ଥଳରେ ଥିବା ହଜାର ହଜାର ଲୋକ ଆଶ୍ଚର୍ଯ୍ୟ ହୋଇ କୌମୁଦୀର ଏ କୌତୁକ ଦେଖୁଥାଆନ୍ତି । ଗାନ୍ଧିଜୀ କହିଲେ, "ଏକ ମହତ୍ ଉଦ୍ଦେଶ୍ୟରେ ତୁମେ ଗହଣା ଦାନ କରୁଛ, ଭଲ କଥା । କିନ୍ତୁ ଏଥିପାଇଁ ବାପା ବୋଉଙ୍କର ଅନୁମତି ନେଇଛ କି ?"

କୌମୁଦୀ ହଠାତ୍ କିଛି ଉତ୍ତର ଦେଇପାରିଲା ନାହିଁ । ଜୀବନରେ ସେ ଆଉ କେବେ ଏହି ଅଦରକାରୀ ଗହଣାଗୁଡ଼ାକ ପିନ୍ଧିବ ନାହିଁ ବୋଲି ମନେ ମନେ ପଣ କରିସାରିଥିଲା । ନିଜର ବାପା ବୋଉଙ୍କୁ ମଧ୍ୟ ଏଥିରେ ରାଜି କରାଇପାରିବ ବୋଲି ତାହାର ବିଶ୍ୱାସ ଥିଲା । ପରେ ଗାନ୍ଧିଜୀ କୌମୁଦୀର ଏହି ପ୍ରତିଜ୍ଞା ବିଷୟ ଜାଣି ବଡ଼ ଖୁସି ହୋଇଥିଲେ ।

ଏକ ସାଧାରଣ ଝିଅର ଏପରି ତ୍ୟାଗ ଓ ଆଦର୍ଶ କଥା ଜାଣି ଦେଶର ସମସ୍ତେ ଧନ୍ୟ ଧନ୍ୟ କଲେ ।

('କଥାଟିଏ କହୁଁ, ଗୀତଟିଏ ଗାଉଁ')

ସ୍ନେହଲତା ମହାନ୍ତି (୧୯୩୭—    )

[ଜନ୍ମ ଜଗତ୍‌ସିଂହପୁର ନିକଟସ୍ଥ ବାଗସାହି ଗ୍ରାମରେ—୧୯୫୮ ମସିହାରୁ ବିଭିନ୍ନ ଶିଶୁ ପତ୍ରିକାରେ ଲେଖୁଛନ୍ତି । ଆକାଶବାଣୀର ଶିଶୁ-କାର୍ଯ୍ୟକ୍ରମରେ ତାଙ୍କର ଲେଖା ପ୍ରସାରିତ ହୋଇଛି— ତାଙ୍କ ପୁସ୍ତକ 'ନଅ ତିଅଣ ଛଅ ଭଜା' (୧୯୬୪) ରାଜ୍ୟ ସରକାରଙ୍କଦ୍ୱାରା ପୁରସ୍କୃତ ।]

## ଫୁଲକୋବି

କୁହୁଡ଼ି କାକର ଅତି ଆପଣାର
ଶୀତ ମୋର ଅଟେ ମିତ,
କୁହ ମୁଁ କିଏ ପଉଷ ରାତିରେ
ଏକୁଟିଆ ଗାଏ ଗୀତ ।

ଫୁଲକୋବି ଅଟେ ନାଆଁଟି ମୋହର
ସୁଆଦେ ତୁଳନା ନାହିଁ,
ସୁଆଦଠୁଁ ବଳି ରୂପଟି ସୁନ୍ଦର
ଜଗତେ ମିଳିବ କାହିଁ ?

ଗରମ ମସଲା ଗୋଲ ଆଳୁ ଏକା
ଭୋଜିର ମଉଜ ରଖେ,
ନଈ ଇଲିଶିର ଚଟକା ଗାଲିସି
ଚୁଲିପରେ ମୋତେ ଡାକେ ।

ଏଇ ଦେଖ ମୋର ଗୋଲଗାଲ ରୂପ
ଠିକ୍ ଫେଣ୍ଟୁଟିଏ ଭଳି,
ସବୁରି ସାଥିରେ ମିଳମିଶି କରି
ଭଲେଁ ମୁଁ ପାରଇ ଚଳି ।

ଚୂନ ଚୂନ କରି ପନଙ୍କରେ କାଟି
ପକାଇ ମଝରେ ମଞ୍ଜି
ଘିଅ ଦେଇ କଷି ଥୋଇଦେବ ଯଦି
ଫିଟିବ ଭୋକର ପାଞ୍ଜି ।

ଚଅପ୍, ପକୁଡ଼ି ପାଇଁକି ମୋତେ ତ
ନଇତ ଓଟର ଟଣା,
ସବୁ ଘରଦ୍ୱାର, ସବୁ ହାଣ୍ଡିଶାଳ
ମୋ ପାଖରେ ସବୁ ଜଣା ।

ଆଗୁରକୁ ମୋର ଭଲପାଏ ଜର
ପଥ୍ୟ ଔଷଧରୁ ବଳି,
ବେଶି ଖାଇଦେଲେ ବଇଦ ବାପୁଡ଼ା
ଫିଟାଏ ତାହାର ଥଳୀ ।

●

('ନ' ଛଅଣ ଛ' ଭଜା')

# ସ୍ଲେଟ୍-ଭିକ୍ଷା

ବାପା ହେ ଦଅ ସିଲଟ ଖଣ୍ଡେ        ଦିଅ ହେ ଫୁଲଖଡ଼ି,
ଗାଆଁ ଗୁହାଳୀ ଡାକଇ ମୋତେ        ଯିବ ମୁଁ ପାଠ ପଢ଼ି ।

ସାଙ୍ଗ ସାଥୀଏ ନୂଆ ପଡ଼ାରେ        ଗଲେଣି ମୋତେ ବଳି,
ବୁକୁରେ ମୋର ଲହର ମାରେ        ଭାବନା ଭଳି ଭଳି ।

ଲେଖିବ ନୂଆ ପାଠ ଯେତେକ        ଶିଖିବ ନୂଆ ଅଙ୍କ,
ଲିଭାଇଦେବ ପୁରୁଣା କଥା        ଭୁଲିଲ କଥାତକ ।

ନ—ଲିଭାଇ ଲେଖିଲେ ମୁହିଁ        ଜଗତ ଯିବ ପୂରି,
ଲିଭାଇ ଦେବା ନାହାନ୍ତି ଲୋଡ଼ା        ଯେ ନୁହେଁ ଦରକାରୀ ।

ଗାରେଇନେବ ଲିଭାଇଦେବ        ଲେଖିବ ବାରବାର,
ମନେ ରଖିବ ଗୁରୁବଚନ        ପାଠର ସାର ସାର ।

ସିଲଟଟିଏ ଦଅ ହେ ବାପା        ଦଅନା ଖଣ୍ଡେ ଖଡ଼ି,
ଆଗୁଆ ଛାତ୍ର ହୋଇବ ସିନା        ବହୁତ ପାଠ ପଢ଼ି ।

( 'ଅମେ ସବୁଜ' : ୧୯୮୦ )

ଶାନ୍ତନୁ କୁମାର ଆଚାର୍ଯ୍ୟ ( ୧୯୩୩— )

[ କଟକ ଜିଲ୍ଲା ସିଦ୍ଧେଶ୍ୱରପୁର ଅଧିବାସୀ, ମାତ୍ର କଲିକତାରେ ଜନ୍ମ—ଏମ. ଏସ୍‌ସି. ପାସ କଲାପରେ କଲେଜରେ ଅଧ୍ୟାପନା ଓ ଗବେଷଣା କାର୍ଯ୍ୟରେ ନିଯୁକ୍ତ—ଏହାପରେ ଶିକ୍ଷା-ଉପନିର୍ଦ୍ଦେଶକ—ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥାର ସାଧାରଣ ସଚିବ—ଔପନ୍ୟାସିକ ଏବଂ କ୍ଷୁଦ୍ର ଗଳ୍ପ ଲେଖକ—ପ୍ରକାଶିତ ୧୭ ଖଣ୍ଡ ପୁସ୍ତକ ମଧ୍ୟରେ 'ଆକାଶକୁ ସାତୋଟି ପାହାଚ', 'ମୋ କାଠଘୋଡ଼ା କଥା କହେ', 'ରାଜକୁମାର ମୋହନ', 'ବାଗ୍‌ବଗିଚ୍ଚର ସୌଦାଗର' ପ୍ରଭୃତି । ]

## ବୋଉଲ ଡାକ ଫେରି ଆସିଲା

"ମୁଁ ଜାହାଜ ମେଲିଲି । ବଞ୍ଚିଥିଲେ ଆଉ ସବୁକୁ ଭେଟିବିଛି । ନାହିଁ ଯଦି ନ ଫେରେ, ତା'ହେଲେ ନୀଳାଚଳଠାରେ ଡାକିଲେ ମୁଁ 'ଓ' କରିବି ।"

ସେଇ ଦିନଠୁଁ ଦୁଇ ହଜାର ବର୍ଷ ବିତିଗଲାଣି । ଅଚ୍ୟୁତ ମାଝି ଆଉ ଫେରିଲା ନାହିଁ । ତା' ଜାହାଜର ପତ୍ତା ବି ମିଳିଲା ନାହିଁ ।

ଅଚ୍ୟୁତ ମାଝି କଥା କହିଲେ ଏଇଲେ ଲୋକେ ଚିହ୍ନିବେ ନାହିଁ । କିନ୍ତୁ ବାଲେଶ୍ୱରରେ ଗୋଟିଏ ମାଝିଘର ଅଛି । ଏଇ ମାଝିଘରେ ଗୋଟିଏ ପ୍ରଥା ଅଛି । ସେମାନେ ପ୍ରତିବର୍ଷ ରଥଯାତ୍ରାକୁ ପୁରୀ ଆସନ୍ତି । ଜଗନ୍ନାଥ-ଦର୍ଶନ ସାରି, ସେମାନେ ପିଲାଛୁଆ ନେଇ ମହୋଦଧି କୂଳକୁ ଯାଆନ୍ତି । ସେଇଠି ଠିଆ ହୋଇ ଏଇ ମାଝିଘରର ସବୁଠୁଁ ବଡ଼ପିଲାଟି ଡାକପକାଏ—

# ସ୍ଲେଟ୍-ଭିକ୍ଷା

ବାପା ହେ ଦଅ ସିଲଟ ଖଣ୍ଡେ    ଦିଅ ହେ ଘୂଲଖଡ଼ି,
ଗାଆଁ ଗୃହାଳୀ ଡାକଇ ମୋତେ    ଯିବ ମୁଁ ପାଠ ପଢି ।

ସାଙ୍ଗ ସାଥୀଏ ନୂଆ ପଡାରେ    ଗଲେଣି ମୋତେ ବଳି,
ବୁକୁରେ ମୋର ଲହର ମାରେ    ଭାବନା ଭଲି ଭଲି ।

ଲେଖିବ ନୂଆ ପାଠ ସେତେକ    ଶିଖିବ ନୂଆ ଅଙ୍କ,
ଲିଭାଇଦେବ ପୁରୁଣା କଥା    ଭୁଲ କଥାତକ ।

ନ—ଲିଭାଇ ଲେଖିଲେ ମୁହିଁ    ଜଗତ ଯିବ ପୂରି,
ଲିଭାଇ ଦେବା ନହାନ୍ତି ଲୋଡ଼ା    ସେ ନୁହେଁ ଦରକାରି ।

ଗାରେଇନେବ ଲିଭାଇଦେବ    ଲେଖିବ ବାରବାର,
ମନେ ରଖିବ ଗୁରୁବଚନ    ପାଠର ସାର ସାର ।

ସିଲଟଟିଏ ଦଅ ହେ ବାପା    ଦଅନା ଖଣ୍ଡେ ଖଡ଼ି,
ଅଗୁଆ ଗ୍ଲଟ ହୋଇବ ସିନା    ବହୁତ ପାଠ ପଢି ।

( 'ଅମେ ସବୁଜ' : ୧୯୮୦ )

ଶାନ୍ତନୁ କୁମାର ଆଚାର୍ଯ୍ୟ ( ୧୯୩୩—         )

[ କଟକ ଜିଲ୍ଲା ସିଦ୍ଧେଶ୍ୱରପୁର ଅଧିବାସୀ, ମାତ୍ର କଲିକତାରେ ଜନ୍ମ—ଏମ. ଏସ୍‌ସି. ପାସ କଲାପରେ କଲେଜରେ ଅଧ୍ୟାପନା ଓ ଗବେଷଣା କାର୍ଯ୍ୟରେ ନିଯୁକ୍ତ—ଏହାପରେ ଶିକ୍ଷା-ଉପନିର୍ଦ୍ଦେଶକ—ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥାର ସାଧାରଣ ସଚିବ—ଔପନ୍ୟାସିକ ଏବଂ କ୍ଷୁଦ୍ର ଗଳ୍ପ ଲେଖକ—ପ୍ରକାଶିତ ୧୬ ଖଣ୍ଡ ପୁସ୍ତକ ମଧ୍ୟରେ 'ଆକାଶକୁ ସାତୋଟି ପାହାଚ', 'ମୋ କାଠଘୋଡ଼ା କଥା କହେ', 'ରାଜକୁମାର ମୋହନ', 'ବାଗ୍‌ବଗିଚ୍ଚର ସୌଦାଗର' ପ୍ରଭୃତି । ]

## ବୋଇତ ଡାକ ଦେନା ଆସିଲା

"ମୁଁ ଜାହାଜ ମେଲିଲି । ବଞ୍ଚିଥିଲେ ଆଉ ସଭିଙ୍କୁ ଭେଟିବି । ନାହିଁ ଯଦି ନ ଫେରେ, ତା'ହେଲେ ମହୋଦଧିରେ ଡାକିଲେ ମୁଁ 'ଓ' କରିବି ।"

ସେଇ ଦିନଠୁଁ ଦୁଇ ହଜାର ବର୍ଷ ବିତିଗଲାଣି । ଅଚ୍ୟୁତ ମାଝି ଆଉ ଫେରିଲା ନାହିଁ । ତା' ଜାହାଜର ପତ୍ତା ବି ମିଳିଲା ନାହିଁ ।

ଅଚ୍ୟୁତ ମାଝି କିଏ କହିଲେ ଏଇଲେ ଲୋକେ ଚିହ୍ନିବେ ନାହିଁ । କିନ୍ତୁ ବାଲେଶ୍ୱରରେ ଗୋଟିଏ ମାଝିଘର ଅଛି । ଏଇ ମାଝିଘରେ ଗୋଟିଏ ପ୍ରଥା ଅଛି । ସେମାନେ ପ୍ରତିବର୍ଷ ରଥଯାତ୍ରାକୁ ପୁରୀ ଆସନ୍ତି । ଜଗନ୍ନାଥ-ଦର୍ଶନ ସାରି, ସେମାନେ ପିଲାଛୁଆ ନେଇ ମହୋଦଧି କୂଳକୁ ଯାଆନ୍ତି । ସେଇଠି ଠିଆ ହୋଇ ଏଇ ମାଝିଘରର ସବୁଠୁଁ ବଡ଼ପିଲାଟି ଡାକପକାଏ—

“ବାଆ, ବାଆଲେ ! ହେ ବାଆ ! ଫେରଆ, ଫେରଆ ।”,

ଡାକ ଦେଇସାରି ପିଲାଟି ଅନେକ ବେଳ ଅପେକ୍ଷା କରେ । ସତେ କି ତା ଡାକ ଦରିଆ ଆରପାରିକି ଚାଲିଯାଏ; କିନ୍ତୁ ଡାକ ଆଉ ଫେରେ ନାହିଁ । ଅଚ୍ୟୁତ ମାଝି ‘ଓ’ ବୋଲି ଜବାବ ଦିଏନାହିଁ । ସମୁଦ୍ର ଖାଲି ଗର୍ଜିଉଠେ—ଘୁ···ଉ···ଉ···ଉ···ଉ ।

ପିଲାଟିକୁ ନେଇ ଘରଲୋକେ ଘରକୁ ଫେରନ୍ତି । ସେଇ ମାଝିଙ୍କରେ କେତେ ପୁରୁଷ ଧରି ଏମିତି ଗୋଟିଏ ପ୍ରଥା ଚଳିଆସିଛି । ପିଲାଏ ଆସି ସମୁଦ୍ରକୂଳରେ ବଡ଼ବଡ଼ୁଆଙ୍କୁ ଡାକନ୍ତି—ଆମେ ଯେମିତି କାର୍ତ୍ତିକ ଅମାବାସ୍ୟା ଦିନ ଡାକୁ, ସେମିତି । କିନ୍ତୁ ସେ କାଳର କଳିଙ୍ଗ ଦେଶର ଅଚ୍ୟୁତ ମାଝି ଆଉ କଣ ବଞ୍ଚିଛି ଯେ ପିଲାଙ୍କ ଡାକରେ ଜବାବ ଦେବ ? ତା’ ମରିବା ତ ଆଜିକୁ ଦି’ହଜାର ବର୍ଷ ହୋଇଗଲା ।

ରାଜୀବଲୋଚନ ମାଝି ସେଇ ବଂଶର ପିଲା । ସେଦିନ ସେ ସମୁଦ୍ରକୂଳକୁ ଯାଇ ରାଜୀବ ଡାକିଲା—“ବାପା ! ବାପା ! ତୁମେ କେଉଁଠି ଅଛ, ବାପା ?”

ରାଜୀବର ବାପା ଅଳ୍ପଦିନ ତଳେ ସମୁଦ୍ରରେ ବୁଡ଼ି ମରିଥିଲେ । ଯେଦିନ ବାଲେଶ୍ୱରରୁ ଯେଉଁ ଧାନ ବୋଝେଇ ଡଙ୍ଗା କଲିକତା ଯାଉ ଯାଉ ବାଟରେ ବୁଡ଼ିଗଲା, ରାଜୀବର ବାପା ସେଇ ଡଙ୍ଗାରେ ଯାଉଥିଲେ । ହୁଗୁଳି ମୁହାଣର ଟିକିଏ ପୂର୍ବରୁ ଗୋଟାଏ ଝଡ଼ ଉଠିଲା । ସେ ଝଡ଼ରେ ଡଙ୍ଗା ଓଲଟିପଡ଼ିଲା । ଡଙ୍ଗାରେ ଯେତେ ଲୋକ ଥିଲେ ସମସ୍ତେ ବୁଡ଼ିମଲେ ।

ରାଜୀବ ସମୁଦ୍ରପାଣିକୁ ଅନାଇ ରହିଲା । ସମୁଦ୍ର ପାଣି ଘୁ-ଘୁ ହୋଇ ମାଡ଼ିଆସି ତା ପାଦ ଛୁଇଁଲା । ରାଜୀବର ଦେହ ଶୀତେଇ ଉଠିଲା—ସତେକି ଗୋଟାଏ ଶିହ୍ଲା ନାଚି ଆସି ତା’ ପାଦରେ ବାଜିଗଲା ।

ନଇଁପଡ଼ି, ହାତରେ ଟିକେ ପାଣି ଆଣି ରାଜୀବ କହିଲା—‘ରେ ସମୁଦ୍ର, ତୁ ମୋ ବାପାଙ୍କୁ ଦେଖିଛୁ କି ?’’ ସମୁଦ୍ରକୁ ସତେ କି ହସ ଲାଗିଲା—

ହୋ···ହୋ···ହୋ···ସମୁଦ୍ର ହସିଦେଲା ।

ସମୁଦ୍ରର ଥଟ୍ଟାରେ ରାଜୀବର ମୁହଁ ରଙ୍ଗା ପଡ଼ିଗଲା । ସେ ଘରକୁ ଫେରିଲା । ଚୁପ୍ ଚୁପ୍ ହୋଇ ମନେ ମନେ କେତେ କ'ଣ ଭାବିଲା ସେ । ଏଥିମଧ୍ୟରେ ଅନେକ ଦିନ ବିତିଗଲା । ରାଜୀବ ସେତେବେଳେ କଲେଜରେ ପଢ଼ୁଥାଏ । ମଝିରେ ମଝିରେ ପୁରୀ ଆସି ସମୁଦ୍ରକୁ ଦେଖିଯାଉଥାଏ । ସେ ଦିନର ସମୁଦ୍ରର ଥଟ୍ଟା କଥା କିନ୍ତୁ ସେ ମନରୁ ପାସୋରି ପାରୁନଥାଏ । ସେ ଜାଣିଥାଏ, ଦିନେ ନା ଦିନେ ସେ ଏ ସମୁଦ୍ରକୁ ସାଧି କରିବ ଓ ଗୋସ-ବାପା, ବାପାଙ୍କର ଇଜ୍ଜତକୁ ଫେରେଇଆଣିବ ।

କିନ୍ତୁ ଏଥିଭିତରେ ଅନେକ କଥା ଘଟିଗଲା । ରାଜୀବର ଜମିବାଡ଼ି ନିଲାମ ହୋଇଗଲା । ସେ ଗରିବ ହୋଇଗଲା । ଆଉ ଉଚ୍ଚକୁ ପଢ଼ି ପାରିଲା ନାହିଁ । ଚାକିରି ନ ପାଇ ରାଜୀବ ଗାଆଁରେ ଯାଇ ବସିଲା ।

ଝରିଦିନ । ତାଙ୍କ ଗାଁ ପାଖ ବୁଢ଼ାବଳଙ୍ଗ ନଈ ମୁହାଣ ପାଖକୁ ଯାଇ ରାଜୀବ ସମୁଦ୍ରକୁ ଚାହିଁଲା । ତା'ପରେ ତାର କ'ଣ ମନ ହେଲା କେଜାଣି, ସେ ଗାଆଁକୁ ଫେରିଲା । ବଢ଼େଇ ବୁଢ଼ା ବରୁଣ ମହାରଣାକୁ ଯାଇ ରାଜୀବ ଚୁପ୍‌ଚୁପ୍ କରି କଣ କହିଲା । ଦୁହେଁ ମିଶି କିଛିଦିନ ଭିତରେ ଗୋଟାଏ ବାଉଁଶ ଭେଳା କରି ଥୋଇଦେଲେ । ବରୁଣ ମହାରଣା ଭେଳା ଉପରେ ଗୋଟାଏ ସଳଖ ବାଉଁଶ ବାନ୍ଧିଦେଲା ଓ କହିଲା, "ଏଥର ତୋ କରମ ।"

ଆଜି ପୂର୍ଣ୍ଣିମା । ଜହ୍ନ ଚକ୍‌ଚକ୍ ପଡ଼ୁଛି । ମେଘ ଭିତରେ ଥାଏ । ବର୍ଷିବ କି ନ ବର୍ଷିବ । ଲୁଚି ଲୁଚି ରାଜୀବ ବାହାରିପଡ଼ିଲା । ଭେଳା ଉପରେ ପାଦ ଦେଇ ରାଜୀବ ଗାଁ ଆଡ଼କୁ ଚାହିଁ ଜୁହାର ହେଲା । ସତେକି ତା ଗୋସବାପ ଜନ୍ମଭୂଇଁଠୁ ମେଲାଣି ମାଗିନେଲା ।

ହଠାତ୍ ଗୋଟାଏ ପଶ୍ଚିମା ପବନ ଧରିନେଲା । ବାଉଁଶ ଭେଳାର ପାଲ ଫୁଲିଉଠିଲା । ଭେଳା ସମୁଦ୍ର ଭିତରକୁ ଆଗେଇଗଲା । କିଛି ସମୟ ପରେ ରାଜୀବ ଦେଖିଲା, ତା ଆଗପଟେ ଗୋଟାଏ ନାଲିଟୋପି ସମୁଦ୍ରରୁ ଉଠିଆସୁଛି । ସେ ଜାଣିଲା ତା ଭେଳା ପୂର୍ବଦିଗକୁ ଗଲାଣି । ସେଇ ଦିଗରେ ଅଛି ଜାଭା ଆଉ ସୁମାତ୍ରା ଦ୍ୱୀପ । ଯେଉଁ ଦ୍ୱୀପରେ ତାର ପୂର୍ବପୁରୁଷମାନେ ବେପାର-ବଣିଜ କରି ଧନୀ ହୋଇଥିଲେ ।

କିନ୍ତୁ ସେଇଦିନଠୁଁ ଆଉ କେହି ରାଜୀବଲୋଚନ ମାଝିଙ୍କୁ ଦେଖି-ନାହାଁନ୍ତି । ବହୁଦିନ ପରେ ପୁରୀ ସମୁଦ୍ରକୂଳରେ ଗୋଟିଏ କାଚ ବୋତଲ ଭାସୁଥିବାର ଦେଖି କେତେକ କନେଲଜପିଲା ସମୁଦ୍ରରେ ପଶି ବୋତଲଟିକୁ ଆଣିଲେ । ତାକୁ ଫିଟେଇବାରୁ ଗୋଟିଏ ଚିଠି ମିଳିଲା । ସେଥିରେ ଲେଖାଥିଲା—

"ବହୁତ ଦୂରରେ ଚଢ଼େଇଟିଏ ଉଡ଼ୁଛି । ବୋଧହୁଏ ସ୍ଥଳଭାଗ । ନକ୍ସା ଦେଖି ମନେ ହେଉଛି, ବର୍ମା ଉପକୂଳ ଆଉ ଅଳ୍ପଦୂର । ଦୂରରୁ ଲହଡ଼ି ଦେଖାଯାଉଛି । କିନ୍ତୁ କଣ ହେବ ?

"ଶୋଷରେ ତୋଣ୍ଟି ଶୁଖିଯାଉଛି । ତିନିଦିନ ହେବ ପାଣି ଶେଷ ।

"ତଥାପି ମୁଁ ଖୁସି । ଯୋଉ ପବନ ଦୁ'ହଜାର ବର୍ଷତଳେ ମୋ ଗୋସବାପାଙ୍କ ପାଲକୁ ଠେଲୁଥିଲା, ସେଇ ପବନ ମୋତେ ସାହାଯ୍ୟ କରୁଛି । କିନ୍ତୁ ପାଣି ମୋତେ ଡରଉଚି । ତଥାପି ମୁଁ ସମୁଦ୍ରକୁ ଜୟ କରିଛି । ଯାହାକୁ ଅନ୍ୟମାନେ ଜାହାଜରେ ପାରିହେଉଥିଲେ, ତାକୁ ଆଜ ମୁଁ ବାଉଁଶଭେଳାରେ ସାଧ କରିଛି । ବୋତଲକୁ ଡାକବାଲା କରି ଏ ଚିଠି ପଠାଉଛି । ଏ ଚିଠି ଯେ ପାଇବ, ସେ ମୋ ଦେଶବାସୀଙ୍କୁ ଜଣାଇଦେବ । —ରାଜୀବ ।"

●

( 'ମଣିମାଣିକ ଗଳ୍ପମାଳା'—୧୯୭୭ )

ନିକୁଞ୍ଜ କିଶୋର କାନୁନ୍‌ଗୋ ( ୧୯୩୩— )

[ ଜନ୍ମ—କଟକ ଜିଲ୍ଲା ତିର୍ତ୍ତୋଲ ଥାନା ଇନ୍ଦ୍ରସିଂହ ଗ୍ରାମରେ—ରେଭେନ୍‌ସା କଲେଜରୁ ବି. ଏ. ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡିଷ୍ଟିଂସନ ସହ ପରିସଂଖ୍ୟାନ ଡିପ୍ଲୋମାପ୍ରାପ୍ତ—'ସାପ୍ତାହିକ ମୀନାବଜାର', 'ଠୁଆଁ ଠୁଇଁ', 'ମନପବନ', 'ବାରମଜା' ପ୍ରଭୃତି ଶିଶୁପତ୍ରିକା ତାଙ୍କ ଲେଖାରେ ସମୃଦ୍ଧ—'ବିଶ୍ୱ ମିଳନ' ଏବଂ ଓଡ଼ିଶା ସରକାରଙ୍କଦ୍ୱାରା ତାଙ୍କ ରଚନା ପୁରସ୍କୃତ । ]

## ଚାଲି

ଶଗଡ଼ଟା ଚାଲିଯାଏ କେଏଁ କେଏଁ କଟର,
ବାଟେ ଧୂଳି ଝାଡ଼ିଯାଏ ଭେଏଁ ଭେଏଁ ମଟର ।
ରିକ୍‌ସାଟା ଧଡ଼୍‌ଧଡ଼୍‌ ଝୁନ୍‌ଗାଡ଼ି ସୁର୍‌ର୍‌
ପର ଝାଡ଼ି ଚଢ଼େଇଟା ଉଡ଼ିଯାଏ ଫୁର୍‌-ର୍‌ ।
ଘୋଡ଼ାଗାଡ଼ି ଚାଲେ ଦେଖ ଟପ୍‌ ଟପ୍‌ ଟାଆପୁ,
ବେଙ୍ଗୁଲି କୁଦାମାରେ ଖପ୍‌ ଖପ୍‌ ଖାଆପୁ ।
ସୁର୍‌ ଧରି ଭୁସ୍‌ ଭୁସ୍‌ ରେଳଗାଡ଼ି ଛୁଟେ ରେ
ବାଡ଼ି ଧରି ଠୁକ୍‌ ଠୁକ୍‌ ବୁଢ଼ା ଚାଲେ ବାଟରେ ।
ଏନ୍‌. ସି. ସି. ପିଲା ଯାଏ ମସ୍‌ ମସ୍‌ ମଅସ୍‌,
ଗଲା ହେଇ ସାପଟାଏ ଖସ୍‌ ଖସ୍‌ ଖଅସ୍‌ ।
କେବେ ତ ହୁଏ ନାହିଁ ପାଟହାଣ୍ଡି ଚାଲିଲେ,
ନେସହ୍ମପରି ନୂଆ ବୋହୂ ଧୀରେ ଯାଏ ଚାଲି ରେ ।
ବୁଲି ବୁଲି ଚାଲି ଦେଖି ନ ମାନିଲା ମୋ ମନ,
କାହା ଚାଲି ଛୁଇଁଲାନି ଅମାନିଆ ପରାଣ ।
ଗୁଲୁଗୁଲୁ କଥା କହି ଆମ 'ଠୁଠୁ' ଯାଉଛି
ଠୁକୁ ଠୁକୁ ଚାଲି ତାର ମନକୁ ମୋ ପାଉଛି ।

( 'ମଣିମାଣିକ'—୧୯୫୮ )

## ଫଗୁଣ

ଫଗୁଣ ମାସ ଫଗୁଣ ମାସ
ତୁମର ମୁହେଁ ଉଛୁଳା ହସ
ଗଛରେ ନୂଆ ପତର ଫୁଲ
ମହକ ଉଠେ ଫୁଲର ବାସ ।

ଦକ୍ଷିଣ ଦିଗୁ ବହଇ ବାଆ
ମଳୟ ବୋଲି ଯାହାର ନାଆଁ,
ଚଉଦିଗରେ ଶୋଭାର ହାଟ
ହସଇ ଆମ ପଲ୍ଲୀ ଗାଆଁ ।

ଗଲାଣି ଚାଲି ମାଘର ଶୀତ
କୋଇଲିମାନେ ଗାଉଛ ଗୀତ
କୁହୁ-କୁ ସୁରେ କହୁଛ 'ଆରେ
ପିଲାଏ ମୁହିଁ ତୁମର ମିତ ।'

ଭଲ ଭଲକା କୁସୁମ ଶୋହେ
ଗହନ ବନ-ବଗିଚୁଦେହେ
କଳା ଭଅଁର ପରଜାପତି
ପାଗଳ ଫୁଲ-ମହୁର ମୋହେ ।

ଦୋଳ ଯାତରା ଫଗୁଣ ମାସେ
ପରବ ଦିନ ସବୁରି ପାଶେ
ଅବିର ବୋଳି ଖେଳିବା ହୋରି
ମଜକ ଦିନ ଆମରି ଆସେ ।

ଫଗୁଣ ମାସ ଫଗୁଣ ମାସ
ବରଷକରେ ମାସ ସରସ
ମଧୁକାଳର ପହିଲି ମାସ
ସକଳ ମୁଖେ ଫୁଟାଏ ହସ ।

●

( 'ଆମ ଖେଳଣା' —୧୯୭୯ )

ମନୋଜ ଦାସ ( ୧୯୩୪—       )

[ ଜନ୍ମ ବାଲେଶ୍ୱର ଜିଲାର ସଂଖାରି ଗ୍ରାମରେ—ଜଣେ ପ୍ରସିଦ୍ଧ ଗାଳ୍ପିକ ଓ ଶିକ୍ଷାବିତ୍—ପଣ୍ଡିଚେରୀରେ ଶ୍ରୀ ଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷ କେନ୍ଦ୍ରରେ ଅଧ୍ୟାପନା କାର୍ଯ୍ୟ କରନ୍ତି । ସର୍ବଭାରତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ତାଙ୍କ ରଚନା ଉଚ୍ଚ ପ୍ରଶଂସିତ—କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ—'ଦିଗନ୍ତ' ପତ୍ରିକାର ସେ ସମ୍ପାଦକ ଥିଲେ । ତାଙ୍କର ବହୁ ଗଳ୍ପ, ପ୍ରବନ୍ଧ ଓ ଶିଶୁ-କାହାଣୀ ଭାରତ ବାହାରେ ମଧ୍ୟ ପ୍ରକାଶ ପାଇଛି । ]

## ରାଜା ଓ ଗୁଣ୍ଡୁଚିମୂଷା

ସେ ଅନେକ ଦିନ ତଳର କଥା । ଜଣେ ଥିଲେ ରାଜା, ବୟସରେ ତରୁଣ, ବିଦ୍ୟାବୁଦ୍ଧିରେ ଖୁବ୍ ପାରଙ୍ଗମ । ସେତିକି ନୁହେଁ, ବାହୁବଳରେ ବି ତାଙ୍କ ସମତୁଲ ସେ ରାଇଜରେ କେହି ନ ଥିଲେ । ଆଉ, ଧନ ସମ୍ପଦରେ ରାଜାଙ୍କୁ ବା କେଉଁ ପ୍ରଜା ବଳିଯିବ ?

ଦିନେ ବେଳ ଉତରତ । ରାଜା ତାଙ୍କ ବଗିଚା ଭିତରେ ବୁଲୁଥିଲେ । ସାଥିରେ ଥିଲେ ମନ୍ତ୍ରୀ । ମନ୍ତ୍ରୀ ମହାଶୟ ବୁଢ଼ା ଲୋକ; ଆଉ ବଡ଼ ଜ୍ଞାନୀ ବି ।

ବୁଲୁଁ ବୁଲୁଁ ରାଜା କହିଲେ, "ଗୋଟାଏ କଥା ପାଇଁ ମୁଁ ବଡ଼ ସୁଖୀ । ମୋ ଆଗରେ କେହି ଲୋକ କୌଣସି ବିଷୟରେ ବଡ଼େଇ କରି ପାରିବ ନାହିଁ । ସବୁ ଗୁଣରେ ମୁଁ ଏ ରାଇଜର ସମସ୍ତଙ୍କୁ ବଳିଯିବି । ନୁହେଁ ମନ୍ତ୍ରୀ ?"

ବୁଢ଼ା ମନ୍ତ୍ରୀ ତରୁଣ ରାଜାଙ୍କୁ ଭାରି ସ୍ନେହ କରୁଥିଲେ । ରାଜା କିଛି ପଚାରିଲେ ସେ ସଙ୍ଗେ ସଙ୍ଗେ ସୁପରାମର୍ଶ ଦେଉଥିଲେ । ରାଜା କିଛି ଠିକ୍ କଥା କହିଲେ ବା ଠିକ୍ କାମ କଲେ ସେ ସଙ୍ଗେ ସଙ୍ଗେ କଥା ବା କାମକୁ ସମର୍ଥନ କରି କିଛି କହୁଥିଲେ ।

ଆଜି ସେଦିନ ରାଜା ଯାହା କହିଲେ, ରାଜାଙ୍କ ମନେ ମନେ ତାହା ଖୁବ୍ ଠିକ କଥା । କିନ୍ତୁ ମନ୍ତ୍ରୀ ସେ କଥାକୁ ସମର୍ଥନ କରିବା ଦୂରେ ଥାଉ, କଥାଟା ଶୁଣି ନ ଶୁଣିଲା ଭଳି ରହିଗଲେ । ରାଜା ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "କଥା କ'ଣ ମନ୍ତ୍ରୀ ? ତମେ ନୀରବ ରହିଲ କାହିଁକି ?"

ମନ୍ତ୍ରୀ ଅଳ୍ପ ହସି କହିଲେ, "ରାଜା ! ତୁମେ ଯେ ପ୍ରାୟ ସବୁ ଗୁଣରେ ଏ ରାଜ୍ୟର ସମସ୍ତଙ୍କୁ ବଳିଯିବ, ସେଥିରେ ମୋର ସନ୍ଦେହ ନାହିଁ । କିନ୍ତୁ ତାହା ବୋଲି ତୁମ ଆଗରେ କେହି କେବେ କୌଣସି କଥାରେ ବଡ଼େଇ କରିବ ନାହିଁ, ସେ କଥା କିଏ କହିବ ? ହୁଏତ ଏମିତି କିଏ ଜଣେ ବାହାରିବ, ଯିଏ କି ତୁମଠାରୁ ସବୁଗୁଣରେ ନ୍ୟୂନ ହୋଇଥିଲେ ବି ସେ କଥା ମାନିବ ନାହିଁ । ସେଥିରେ କ'ଣ କରିବ ? ଦୁନିଆର ଅଧିକାଂଶ ଲୋକେ ନିଜ ନିଜକୁ ଅନ୍ୟ କାହା ଅପେକ୍ଷା କମ୍ ବୋଲି ମାନିବାକୁ ସ୍ୱୀ ମନେନ୍ତ ନାହିଁ । କୌଣସି ନିର୍ବୋଧ ଯେତେବେଳେ କୌଣସି କଥାରେ ବଡ଼େଇ କରିବ, ସେତେବେଳେ କିଛି ନ କହି ବା ନ କରି ଚୁପ୍ ରହିଯିବା ବିଜ୍ଞତାର କାମ । ନ ହେଲେ ନିଜର ଶାନ୍ତି ନଷ୍ଟ ହେବ ।"

ମନ୍ତ୍ରୀ କଥା କହୁଥାନ୍ତି, ଏତିକିବେଳେ ଗୁଣ୍ଡୁଚିମୂଷାଟିଏ କାହିଁ ଥିଲା, କେଉଁଠୁ ଆସି ଗୋଟିଏ ମାଦଳ ସ୍ତମ୍ଭ ଉପରେ ଚଢ଼ିଯାଇ ବସିଲା । ଗୁଣ୍ଡୁଚିଟି କେଉଁଠାରୁ କେଜାଣି, ଗୋଟିଏ ପଇସା ଗୋଟାଇ ଆଣିଥିଲା । ରାଜା ଓ ମନ୍ତ୍ରୀ ଯେପରି ଦେଖିପାରିବେ, ସେହିପରି ଭାବରେ ସେ ତା'ର ଆଗ ଗୋଡ଼ ଦୁଇଟିର ସାହାଯ୍ୟରେ ପଇସାଟି ଉପରକୁ ଟେକି ଧରିଲା ।

ରାଜା କୌତୂହଳୀ ହୋଇ ତା ଆଡ଼କୁ ଚାହିଁରହିବାରୁ ଦେଖି ଲାଞ୍ଜ ଫୁଲାଇ ଗୁଣ୍ଡୁଚି ଗୀତ ବୋଲିଲା :

'ମୋର ଅଛି ଏତିକ ଧନ, ରାଜାର ଅଛି କେତେ ?
ଦେଖ କମିତି ଈର୍ଷାଭରେ ଅନାଏ ରାଜା ମୋତେ !

ଏ ଗୀତ ଶୁଣି ରାଜା ଚିଡ଼ିଗଲେ । ମନ୍ତ୍ରୀ ରାଜାଙ୍କ ମନୋଭାବ ଲକ୍ଷ୍ୟ କଲେ । କିନ୍ତୁ ସେ କିଛି କହିବା ପୂର୍ବରୁ ରାଜା ଗୁଣ୍ଡୁଚି ଆଡ଼କୁ ଝପଟି ଗଲେ । ଗୁଣ୍ଡୁଚି ପଳେଇଗଲା; କିନ୍ତୁ ପଇସାଟି ଖସିପଡ଼ିଲା । ରାଜା ତାକୁ ଗୋଟେଇ ନେଇ ଟଙ୍କେଶରେ ପୂରାଇଲେ ଓ ମନ୍ତ୍ରୀଙ୍କ ଆଡ଼କୁ ଅନାଇ ମନ୍ତୋଷଭରେ ହସିଲେ । ମନ୍ତ୍ରୀ କିନ୍ତୁ ହସିଲେ ନାହିଁ କି କିଛି କହିଲେ ନାହିଁ ।

ସେ ରାତିରେ ରାଜା ଓ ମନ୍ତ୍ରୀ ଆଖପାଖ ଦେଶମାନଙ୍କର କେତେଜଣ ରାଜଦୂତଙ୍କ ସହ ବସି ବହୁତ ବଡ଼ ବଡ଼ କଥା ଆଲୋଚନା କରୁଥିଲେ । ହଠାତ୍ ଶୁଭିଲା ସେହି ଗୁଣ୍ଡୁଚିର ଗୀତ :

ଏଇ ଘୋଷଣା କରିବ ମୁହିଁ କଣ୍ଠ ଉଚ୍ଚ କରି,
ମୋହରି ଧନେ ଦେଖାଏ ରାଜା ଏତିକ ବାହାଦୁରି !

ଦାରୁଣ କ୍ରୋଧରେ ରାଜାଙ୍କ ରକ୍ତ ତାତିଗଲା । କିନ୍ତୁ ସମ୍ମାନିତ ରାଜଦୂତମାନେ ସେଠାରେ ଥିବାରୁ ସେ କୌଣସିମତେ କ୍ରୋଧ ଗୁପି ରହିଗଲେ । ଗୁଣ୍ଡୁଚି ସ୍ତମ୍ଭରୁ ସ୍ତମ୍ଭକୁ ଡେଇଁ ଡେଇଁ ବାରମ୍ବାର ସେଇ ଏକ କଥା କହିଲା । ରାଜଦୂତମାନେ ଆଶ୍ଚର୍ଯ୍ୟ ହୋଇ ତା କଥା ଶୁଣିଲେ; କିନ୍ତୁ କାଳେ ରାଜା କିଛି ମନେ କରିବେ, ସେଥିପାଇଁ ସେମାନେ ବି ନୀରବ ରହିଲେ ।

ରାଜଦୂତମାନେ ଅନ୍ତର୍ହିତ ହେବା ମାତ୍ରେ ରାଜା ଓ ପାଖଲୋକେ ଗୁଣ୍ଡୁଚିକୁ ଖୋଜିବାପାଇଁ ଲାଗିପଡ଼ିଲେ । କିନ୍ତୁ ବୃଥାରେ । ବୁଢ଼ା ରାଜା ରାତିରେ ଭଲଭାବରେ ଶୋଇପାରିଲେ ନାହିଁ !

ପ୍ରଭାତ ହେଲା । ପ୍ରତ୍ୟେକଦିନ ସକାଳେ ଦୁଃଖୀଙ୍କୁ ଦାନ ଦେବା ରାଜାଙ୍କର ପ୍ରଥମ କାମ ଥିଲା । ସେଦିନ ସେ ଦାନ ଦେଉଛନ୍ତି, ଏତିକ-ବେଳେ ଗୁଣ୍ଡୁଚି ଅଳ୍ପ ଦୂରରେ ଦେଖାଦେଇ କହିଲା :

ମୋହର ଧନେ, ଜାଣୁ ଦୁନିଆ
ରାଜା ଦେଖାଏ ଦାଢ଼ାପଣିଆ ।

ରାଜା ଗୁଣ୍ଡୁଚିକୁ ଗିରଫ୍ କରିବା ପାଇଁ ହୁକୁମ ଦେବାବେଳକୁ ସେ ଅନ୍ତର୍ଦ୍ଧାନ ହୋଇଯାଇଥିଲା । ରାଜା ଦାନ୍ତରେ ଦାନ୍ତ ଚାପି ଅନ୍ୟ କାମରେ ମନ ଦେଲେ ।

କିଛି ସମୟପରେ ରାଜା ଭୋଜନ କରିବାକୁ ବସୁଛନ୍ତି, ଏତିକି-ବେଳେ ଗୁଣ୍ଡୁଚି ଝରକା ସେପଟରୁ ଉଙ୍କି ମାରି ବୋଲିଲା :

ଦେଖ ହୋ ରାଜ ମାରୁଛି ମଜା ,
ମୋ ଧନେ ଖାଇ ରାବଡ଼ ଖଜା !

ରାଜାଙ୍କୁ ଏତେ ଖରାପ ଲାଗିଲା ଯେ ସେ କଣାଏ ବି ଖାଦ୍ୟ ପାଟିରେ ଦେଇ ପାରିଲେ ନାହିଁ । ଚୌକିଦାର ପରିଚାରକମାନେ ଚାରିଆଡ଼େ ଧାଁ ଦୌଡ଼ି କଲେ ଗୁଣ୍ଡୁଚିକୁ ଧରିବାପାଇଁ । କିନ୍ତୁ ଗୁଣ୍ଡୁଚିର ଲାଞ୍ଜଟି ବି ମିଳିଲା ନାହିଁ ।

ରାତିରେ ଭୋଜନ ରାଜା ଖାଇବାକୁ ବସୁଛନ୍ତି, ଗୁଣ୍ଡୁଚି ସିଧା ତାଙ୍କ ଆଗକୁ ଆସି ସେଇ ଗୀତଟି ପୁଣି ବୋଲି ଦେଲା । ରାଜା ତାଙ୍କ ଜୀବନରେ କେବେ ନିଜକୁ ଏତେ ଅସହାୟ ମଣି ନ ଥିଲେ । ସେ ଗୁଣ୍ଡୁଚିର ପଇସାଟି ବାହାର କରି ତା ଆଡ଼କୁ ଫୋପାଡ଼ିଦେଲେ । ସେ ସାଙ୍ଗେ ସାଙ୍ଗେ ସେଇଟାକୁ ଟେକି ନେଲା ! ରାଜା ଭାବିଥିଲେ, ଏଥର ଗୁଣ୍ଡୁଚି ହାତରୁ ଖାନ୍ତି ମିଳିବ । କିନ୍ତୁ ହାୟ ! ଗୁଣ୍ଡୁଚି ବୋଲିଲା :

ମୁଁ ବୀର ଗୁଣ୍ଡୁଚିମୂଷା ! ଜୟ ଜୟ ମୋର !
ମୋ ନାଁ ଦୁନିଆକୁ ମୁହିଁ କହିବି ଏଥର,
ମୋ ବୁଦ୍ଧି, ମୋ ବାହୁବଳେ ହୋଇ ଭୟଭୀତ
ଫେରାଇଲେ ଅବଶେଷ ରାଜ ମୋର ବିତ୍ତ !

ଏହା ଶୁଣି ରାଜ ପାଗଳ ପ୍ରାୟ ହୋଇ ଗୁଣ୍ଡୁଚିକୁ ଧରିବାକୁ ଦୌଡ଼ିଲେ ଅନ୍ୟମାନେ ବି । କିନ୍ତୁ ଗୁଣ୍ଡୁଚି ଆଖିପଲକକରେ କୁଆଡ଼େ ଲୁଚିଗଲା ।

ରାତ୍ରିସାରା ପ୍ରାସାଦର ବିଭିନ୍ନ ସ୍ଥାନରୁ ଗୁଣ୍ଡୁଚି କଣ୍ଠରୁ ତାର ଏଇ ଶେଷ ଭଣିତାଟି ଶୁଣାଗଲା । ରାଜା ଆଉ ଶୋଇବେ କ'ଣ ?

ସକାଳେ ମନ୍ତ୍ରୀଙ୍କୁ ଡକାଇ ରାଜା କହିଲେ, "ମୁଁ ଭାବୁଛି, ମୋର ସମସ୍ତ ସୈନ୍ୟବାହିନୀକୁ ଲଗାଇ ରାଜ୍ୟସାରା ଗୁଣ୍ଡୁଚିମୂଷାଙ୍କୁ ନିପାତ କରିବି । ଅନ୍ୟ ଉପାୟ ନାହିଁ ।"

ବୃଦ୍ଧ ମନ୍ତ୍ରୀ କହିଲେ, "ମହାରାଜ ! ମୁଁ ଆପଣଙ୍କ ଦୁଃଖ ଭଲ ଭାବରେ ବୁଝୁଛି । କିନ୍ତୁ ମୋ କଥା ଟିକିଏ ଧୈର୍ଯ୍ୟ ଧରି ଶୁଣନ୍ତୁ । ଏ ରାଜ୍ୟର ଦୁର୍ଗମ ଅରଣ୍ୟ ମଧ୍ୟରେ, ଶତ ଶତ ପାହାଡ଼ ପର୍ବତ ଗହନରେ, କୋଶ କୋଶ ବ୍ୟାପୀ ଗାଁଗଣ୍ଡା, ଅପନ୍ତରା ଭିତରେ ଅସୁମାରି ଗୁଣ୍ଡୁଚି ଅଛନ୍ତି । ସୈନ୍ୟମାନେ ଯେ ସମସ୍ତ ଗୁଣ୍ଡୁଚିଙ୍କୁ ମାରିବାକୁ ସକ୍ଷମ ହେବେ, ସେ କଥା କିଏ କହିପାରିବ ? ପୁଣି ଆମ ରାଜ୍ୟର ସମସ୍ତ ଗୁଣ୍ଡୁଚି ମଲେ ବି ପଡ଼ୋଶୀ ରାଜ୍ୟମାନଙ୍କରୁ ତ ଶହ ଶହ ଗୁଣ୍ଡୁଚି ପଶିଆସିପାରନ୍ତି । ତା'ଛଡ଼ା ଆମ ସୈନ୍ୟମାନେ ବଡ଼ ବଡ଼ ଯୁଦ୍ଧ ଲଢ଼ିବାରେ ଅଭ୍ୟସ୍ତ । ସାଧାରଣ ଗୁଣ୍ଡୁଚି ନିଧନ କାମରେ ସେମାନଙ୍କୁ ଲଗାଇଲେ ସେମାନେ କ'ଣ ମନେ କରିବେ ? ଆହୁରି ଦେଖନ୍ତୁ, ସବୁ ଗୁଣ୍ଡୁଚି ମରିହେବା ପରେ ବି ଯଦି ଏଇ ଦୁଷ୍ଟ ଗୁଣ୍ଡୁଚିଟା କୌଣସି ପ୍ରକାରରେ ବଞ୍ଚି ରହିଯିବ, ତେବେ ଆମର ସମସ୍ତ ଉଦ୍ୟମ ବ୍ୟର୍ଥ ହେଲା ବୋଲି ଜାଣିବାକୁ ହେବ । ତାଛଡ଼ା ଭବିଷ୍ୟତରେ ଇତିହାସ ଶ୍ରେଣୀର ଛାତ୍ରମାନେ ଆପଣଙ୍କ ବିଷୟରେ କ'ଣ ପଢ଼ିବେ ?—"ଅମୁକ ରାଜା ତାଙ୍କ ବିଶାଳ ସୈନ୍ୟବାହିନୀକୁ ଧରି ଗୁଣ୍ଡୁଚିମାନଙ୍କ ସହିତ ଯୁଦ୍ଧ କରିଥିଲେ !"

ରାଜା ବଡ଼ କରୁଣ କଣ୍ଠରେ କହିଲେ, "ମୁଁ ତେବେ କରିବି କ'ଣ ?"

ମନ୍ତ୍ରୀ କହିଲେ, "ଗୁଣ୍ଡୁଚି କଥାରେ କେବେ କାନ ଦିଅନ୍ତୁ ନାହିଁ । ତାକୁ ଖାତିର କରନ୍ତୁ ନାହିଁ । ପ୍ରଥମେ ଯେଉଁଦିନ ଗୁଣ୍ଡୁଚିଟି ବଗିଚାରେ ଆପଣଙ୍କ ଆଗରେ ବଡ଼େଇ କଲା, ସେଦିନ ଯଦି ଆପଣ ବିରକ୍ତ ନ ହୋଇ ତା କଥାକୁ ଉପେକ୍ଷା କରିଥାନ୍ତେ, କିମ୍ବା ଅନ୍ତତଃ ଚୁପ୍

ରହିଯାଇଥାନ୍ତେ, ତେବେ ଆପଣଙ୍କୁ ଏତେ ଯନ୍ତ୍ରଣା ଭୋଗିବାକୁ ପଡ଼ ନ ଥାନ୍ତା । ଯାହା ହେବାର ହେଲାଣି । ଆପଣ ଏବେ ବି ଆପଣଙ୍କ ମନର ଭାବ ବଦଳାଇ ପାରନ୍ତି ।"

କିଛି ସମୟ ପରେ ପୁଣି ଯେତେବେଳେ ଗୁଣ୍ଡୁଚିଟି ଆସି, ରଜା ତାକୁ ଉପରେ ତାର ବଡ଼ ଫେରାଇଦେଇଛନ୍ତି ବୋଲି ଭଣିତା ବୋଲିଲା, ସେତେବେଳେ ରାଜା ହସି ହସି କହିଲେ :

ଏ କଥା ଜାଣେନା କିଏ ଗୁଣ୍ଡୁଚି ମୂଷିକ
ଅର୍ଥରେ, ବୁଦ୍ଧିରେ ଅଟେ ରାଜାଠୁଁ ଅଧିକ !
ଯେହେତୁ ଅଟେ କୁକୁଡ଼ାର ହାଇର ଆକାର
ବିଶାଳ ସମୁଦ୍ରଠାରୁ ନିଶ୍ଚେ ଦୀର୍ଘତର ।

ଗୁଣ୍ଡୁଚି ଏହା ଶୁଣି ଏତେ ଖୁସି ହୋଇଗଲା ଯେ ସେ ରାଜାଙ୍କ ବୃତ୍ପଟେ ବହେ ନାଚିଲା । ତା'ପରେ ଡେଇଁ ଡେଇଁ ଯାଇ କୁଆଡ଼େ ଅଦୃଶ୍ୟ ହୋଇଗଲା । ଆଉ ତାର ଦେଖା ମିଳିଲା ନାହିଁ ।

ସନ୍ଧ୍ୟାବେଳକୁ ରାଜା ତାଙ୍କ ମନ୍ତ୍ରୀଙ୍କୁ କହିଲେ, "ବାସ୍ତବିକ ! ତୁମେ କେତେ ସତ କଥା କହୁଥିଲ !"

●

( 'ଆଲୋକ ଓ ଆନନ୍ଦର କାହାଣୀ'—୧୯୭୦ )

ମନୋରମା ମହାପାତ୍ର ( ୧୯୩୪—        )

[ ଜନ୍ମ କଟକ ଜିଲ୍ଲା ଆଠଗଡ଼ ରାଧାନାଥପୁର ଶାସନ—'ସମାଜ' ସଂପାଦକ ଡକ୍ଟର ରାଧାନାଥ ରଥଙ୍କ କନ୍ୟା—ବର୍ତ୍ତମାନ ରେଭେନ୍ସା କଲେଜରେ ଅର୍ଥନୀତି ବିଭାଗର ଅଧ୍ୟାପିକା—୧୯୫୧ରୁ ତାଙ୍କର ରଚନା ପତ୍ରପତ୍ରିକାରେ ପ୍ରକାଶିତ—ଲେଖାବଳୀ : 'ବରାଡ଼ମାନଙ୍କ ଅନଶନ', 'ଇନ୍ଦ୍ରଚାପ', 'ଜୁଆର ଯେଉଁଠି ଉଠେ', 'ଏ ପୃଥିବୀ ଶରଶଯ୍ୟା,' 'ବନ୍ଦ ଘରର କବାଟ' ଇତ୍ୟାଦି । ]

## ଇତ ଚଢ଼େଇ ଓ ଭୁଆ ବିଲେଇ

ବାପ୍‌ରେ ବାପ୍ ! ସତରେ ଏକା କହନ୍ତି—

'ବାଘ ନ ଦେଖିଲେ ବିଲେଇ ଦେଖ,
ବାଘ ପରି ସତେ ଫୁଲାଏ ବେକ ।'

ଆଖି ତ ନୁହଁ, ଦୁଇଟି ନିଆଁ ହୁଳା ଦାଉଦାଉ ଜଳୁଛି ! ଚଟୋଉ ପିଠାପରି ଏଡ଼େବଡ଼ ଫାଲୁଆ ମୁହଁ ! ଦେଖିଲେ ଡର ମାଡ଼ିବ ! ଆଉ 'ଇତି'ର କପାଳ, ରାଇଜଯାକରେ ଜାଗା ନ ମିଳିଲା ପରି ଯୋଉ ଗଛଡାଳରେ ସେ ବସା ବାନ୍ଧିଲା, ତା'ରି କୋରଡ଼ରେ ଏ ଭୁଆ ବିଲେଇ ରହିବାକୁ ଥିଲା ! ଶତ୍ରୁ ସାଙ୍ଗେ ଏକାଠି ରହିଲେ ଦହଦହ ହୋଇ ଜୀବନ ଯିବ । ଆପଣା ପାଇଁ ଇତି ଚଢ଼େଇର ଡର ନାହିଁ । ଫୁଡ୍‌କିନେ ଆଉ ଗୋଟିଏ ଗଛକୁ ଉଡ଼ିଯାଆନ୍ତା । ହେଲେ···ଏଗୁଡ଼ାକ ! ଏଇ କୁନି କୁନି ଚଢ଼େଇ-ଗୁଡ଼ିକ ଯିଏ ଏବେ ଅଣ୍ଡା ଭିତରୁ ବାହାରିଛନ୍ତି, ସେମାନେ ଯିବେ କୁଆଡ଼େ ?

ସେ ନିତ ଵଅଁଙ୍କୁ ଜୁହାର ହେଉଚ୍ଛି କେମିତି ଟିକଏ ତାଙ୍କ ଦେହରେ ପର ଲଗିଯିବ, ସେ ଖଣ୍ଡି ଉଡ଼ା ଦେବେ । ଆଉ ଗୋଟିଏ ଭଲ ଜାଗାରେ କାଠିକୁଟା ଦେଇ ବସା କରି ସେ ସେମାନଙ୍କୁ ନେଇଯିବ । ହେଲେ···ଏତକ ଧନ ? ଏ ଭୁଆ କବଳରୁ ରହିଲେ ତ ! କଣ କରିବ ? ଇତି ଚଢ଼େଇକୁ ରାତିଦିନ ନିଦ ହୁଏ ନାହିଁ ।

ଆଉ ସେ ଭୁଆଟା ! ସବୁବେଳେ ଛକି ବସିଥିବ । ସବୁବେଳେ ଜଭରେ ଗୁହଁଥିବ । ଇତି ଚଢ଼େଇ ଠିକ୍ ବୁଝିଛି । ପାଟି ଠାକୁ ଠାକୁ ହେଉଚ୍ଛି ଭୁଆର । ଜଲଖିଆ ଖାଇବାକୁ ମନ ।

କୁନି କୁନି ଥାକୁଲୁ ଥୁକୁଲୁ ଲହୁଣୀ ପରି ନରମ ଚଢ଼େଇ ପିଲାଙ୍କ-ଠାରେ ତାର ଖର ନଜର । କେତେବେଳେ ବେଳ ଉଣ୍ଡି ପାଟିରେ ପକେଇଦେବ ।

ସକାଳୁ ଉଠିଲେ ଇତି ଚଢ଼େଇର ସବୁଠୁଁ ବଡ଼ କାମ ହେଲା ଭୁଆ ବଳେଇ ସାଙ୍ଗେ ଗପିବା । ଇତି କହେ, "ନାମ୍ନି ମ ! ଏତେ ଆଡ଼େ ବୁଲୁଚ୍ଛି; ବଣ ଜଙ୍ଗଲ ଆଉ ଗାଆଁମାନଙ୍କୁ ବ ଯାଉଚ୍ଛି । ହେଲେ ତମ ମୁହଁ ଭଳି ସୁନ୍ଦର ମୁହଁ ଆଉ କୋଉଠି ଦେଖୁନାହିଁ । ଆକାଶରେ ପୁନେଇଁ ଜହ୍ନ ଦେଖିବ; ନ ହେଲେ ତମ ମୁହଁ ଦେଖିବ । ସେଇଥିପାଇଁ ପରା ନିତି ସକାଳୁ ଉଠି ମୁଁ ତମ ମୁହଁ ଗୁହେଁ । କହନ୍ତି ପରା—

'ସକାଳୁ ଦେଖିବ ସୁନ୍ଦର ମୁଖ,
ପାଣି ପରି ବୋହିଯିବଟି ଦୁଃଖ ।"

ଆପଣା ରୂପର ପ୍ରଶଂସା ଶୁଣି ଭୁଆ ବଳେଇ ଆଉ ଟିକଏ ଫୁଲିଯାଏ । ନ ଜାଣିଲା ପରି କହେ—

"କେମିତି ସୁନ୍ଦର ଇତି ତୁ କହ
ଜହ୍ନପରି ସତେ ଅଟେ ମୋ ମୁହଁ ?"

ଇତି ହସି ହସି କହେ, "ମଲ ମଲ ! ଜହ୍ନ ସିନା ଗୋଲ, ହେଲେ ତାର ଆଖି କାହିଁ ? ତମ ମୁହଁ ଜହ୍ନ ପରି, ଆଖିଯୋଡ଼ିକ ମୁକୁତାପରି,

କାନ ଦୁଇଟି ଫୁଲ ପାଖୁଡ଼ାପରି । ଆଉ ନଶ ସତେ ଅବା ଫୁଲ ଚଅଁର । ସତରେ କେଡ଼େ ସୁନ୍ଦର କରି ଢଅଁ ତମକୁ ଗଢ଼ିଛନ୍ତି ! ମୋଟା ନୁହଁ, ପତଳା ନୁହଁ, ଯେତିକି ହେଲେ ସୁନ୍ଦର ଦିଶିବ, ସବୁ ଭାଗମାପ ସମାନ କରି ତୁମକୁ ଗଢ଼ିଛନ୍ତି । ମୁଁ ପରା ସବୁବେଳେ କହେ—"ଆମ ନାମା ମୁହଁ ପରି ସୁନ୍ଦର ମୁହଁ କାହାରି ନାହିଁ ।"

ବଲେଇ କହେ, "ତତେ ମୁଁ ଖାଇ ଭଲ ପାଏ ଲୋ ଇଚି । ଦେଖୁନୁ, ତୋ ପିଲଙ୍କ ମାଉଁସରେ ମୋର ଜମାରୁ ଲୋଭ ନାହିଁ ।" ଚଭୁସି ଇଚି କହେ, "ନାଇଁ ମ ନାମା ! ଠାକୁର ତ ମତେ ଛଅଗୋଟି ଦେଇଛନ୍ତି । ସେଥିରୁ ତମକୁ ଗୋଟିଏ ଦେବି । ହେଲେ ଟିକଏ ମାଉଁସ ଲାଗିଯାଉ, ନ ହେଲେ ତମ କାଳକୁ ଲାଗିବନି ।" ଭୂଆ ଖୁସି ହୋଇ କହେ, "ହଉ, ହଉ ।"

ଏମିତି ସବୁଦିନ ମନରୁ କେତେ କଥା ଫାନ୍ଦି ଭୂଆର ସୁନ୍ଦରପଣ ଗାଇବସେ ଇଚି ଚଢ଼େଇ । ତା ମନକୁ ଖୁସି କରାଏ । ଏଇଟା ତାର ନିତିଦିନିଆ କାମ ।

ଏଣେ ଖଣ୍ଡେ ଦୂର ଗଛରେ କାଠି କୁଟା ନେଇ ମଜଭୁତିଆ ବସାଟାଏ ସେ ତିଆରି କରି ସାରିଲଣି । ପିଲାଏ ତାର ଖଣ୍ଡିଉଡ଼ା ଦେଲେ । ଭୂଆର ଆଖି ଦୁଇଟା ଖାଲି ଲୋଭରେ ଦାଉଦାଉ ଜଳୁଥାଏ । ଇଚି ଚଢ଼େଇକୁ ରାତିରେ ନିଦ ନାହିଁ । ସକାଳ ହେଉ ନ ହେଉଣୁ ପିଲାଗୁଡ଼ିକୁ ସାଙ୍ଗରେ ନେଇ ସେ ନୂଆ ବସାରେ ରଖିଦେଇ ଆସିଲା । ଏଥର ଜନଷ-ଫଳ ଧରି ତାର ଯିବା ପାଳି । ଭୂଆ ଚାହିଁ ବସିଛି କେତେବେଳେ ଇଚିଠାରୁ ଶୁଣିବ ତା ରୂପର ପ୍ରଶଂସା । କିନ୍ତୁ କାହିଁ ? ଆଜି ତ ଶୁଭୁନି ସେ ଗୀତ ପଦକ—

'ସକାଳୁ ଦେଖିବ ସୁନ୍ଦର ମୁଖ,
ପାଣିପରି ବୋହିଯିବନି ଦୁଃଖ ।'

ଚରବର ହୋଇ ଭୂଆ ଗଛ ଉପରକୁ ଉଠିଗଲା । "କାଲେ ଇଚି, ମୋ ମୁହଁ କେମିତି ସୁନ୍ଦର କହୁବୁନି କି ?"

ଇଚି କହିଲା, "ସୁନ୍ଦର ?

ଚକୁଳମୁହାଁ ଲୋ ଚେପେଟିନାକୀ
ଫଣ ଫଣ ମୁହଁ ଦୁହୁଡ଼ ଆଖି ।

ଲାଜ ମାଡ଼ୁନି ? ଯା, ଦରପଣରେ ମୁହଁ ଦେଖ୍ ।" ଭୁଆ କାକା ହୋଇ ଚାହିଁଛି । ନାଶ ଫୁଲେଇ ଲାଞ୍ଜ ହଲେଇ କହିଲା, "ଆଚ୍ଛା, ତୁ ଏଡ଼େ ସିଆଣୀ ! ଏଥର ତୋ ପିଲାଙ୍କୁ ଖାଇବି ।" ଏହା କହି ତା ବସା ଭିତରେ ପଶିଗଲାବେଳକୁ ବସା ଖାଲି । ଫୁର୍‌କିନେ ଉଡ଼ି ଯାଉ ଯାଉ ଇଡି ଚଢ଼େଇ କହିଲା,

"ସୁନ୍ଦର ଛତେ ମୁଁ କହୁଥିଲି ମୋର ଥିବାରୁ କାମ,
ନିତି ତୋର ଗୁଣ ଗାଉଥିଲି ରଖିବାକୁ ତୋ ମନ ।
ପିଲା ମୋର ଉଡ଼ି ଶିଖିଲେଣି ଏବେ ଯାଉଛି ମୁହିଁ
ନିଜ ରୂପ ଦେଖୁଥାଆ ଲୋ ବସି ଚନ୍ଦ୍ରମାମୁହାଁ ।"

ଏ କଥା ଶୁଣି ଭୁଆକୁ ଭାରି ଲାଜ ମାଡ଼ିଲା । ସେ ମନେ ମନେ ଭାବିଲା—

"ଚାଟୁ କଥାରେ ସେ ଦେଲା ଭୁଲେଇ,
ଶିକାର ଖସିଲା ପାଇଲି ନାହିଁ ।
ଧୋବଫରଫର କଅଁଳ ପକ୍ଷୀ
କେଡ଼େ ଓଲୀ ପାରିଲିନି ମୁଁ ଚାଖି !"

ବିଲୁଆ ଆଉ କଅଣ କରିବ ? ମୁଣ୍ଡ କୋଡ଼ ହୋଇ ରହିଲା ।

# ଖୁଡ଼ୀ ଓ କଖାରୁ

ଦେଖା ହୁଲଗଲେ ଭଣେଇର ଗଲ୍ପ ସବୁ
ଗାଆଁକୁ ଯିବାକୁ ସଜ ହେଲା ଆମ ଖୁଡ଼ୀ
ସାଙ୍ଗରେ ତ ବନମାଳୀ,
ଖୁଣ୍ଟୁଣୀ ଗାଆଁରେ ଓହ୍ଲେଇ ପଡ଼ିଣ
ଯାଏ କାଣ୍ଟ ଯିବ ଭୁଲି ।

ଘାଉଡ଼ର ଦୁଧ ସୁଜି ଅଟା ଆଜ୍ଞ ରଜ
ଗଣେଶ ମାର୍କା ତେଲଲୁ ଗୋଟିଏ ଟିଣି
ଘ' ବୋତଲ କଗ୍ରସିଗ
ସକାଢ଼ ବସିଲ ଯିବ ବୋଲି ଖୁଡ଼ୀ
କାହାର ମନା ନ ମାନି ।

ଟିଣର କେଟଲି, ଘୁମୁଟ ଟେବୁଲଘଡ଼ି,
ଫୁଲଝାଡ଼ୁ ଗୋଟେ, ଯାମଡ଼ି ବୁଜଳ ବଡ଼ି
ଶସ୍ତାରେ ମିଳୁଛି ବୋଲି
ଚରବର ହୋଇ କଣି ପକାଇଛି
ବୁଢ଼ଖଣ୍ଡ ଭୁମ୍ବଗାଡ଼ୀ ।

ଟ୍ରଙ୍କ୍ ଡୋକେଇ ସବୁ ମିଶି ହେଲା ଭୂର
ସୁଦଳ ସୁଦଳ ଗାଧୁଆ ଗାଧୁଆ ସାର
ମୁଣ୍ଡିଆ ଗୋଟିଏ ମାରୁ
ମଙ୍ଗଳା ସୁମର ଖୁଡ଼ୀ ବାହାରିଲା
ସାଥେ ଥାଏ ବନମାଳୀ ।

ଛତର ବଜାର — ଫରିବା ଧାଡ଼କ ଧାଡ଼ି
ଝୁଣ୍ଟୀର ଘାଟିରୁ — ନାଳ ପଡ଼ିଲାଣି ଗଡ଼ି
କହିଲା—"ରେ ବନମାଳୀ,
ନାକ ଟେକଟେକ — ଖାସା କଖାରୁଟେ
ନ ନେଇ ଯିବା କି ଗୁଡ଼ି ?"

ଝୁଣ୍ଟୀ ପେଟଠାରୁ — କଖାରୁ ଆହୁରି ବଡ଼
ଟେକି ଥୋଇବାକୁ — ବନମାଳୀ ହଡ଼ବଡ଼
ରିକ୍‌ସା ବାଲାର ଜୋର—
"ଏତେ ଖାସା ବୋଝ — ଲଦୁଅଛ ଯଦି
ଅଧିକ ପଇସା ଦାଓ ।"

ଗାଳି ହେଲା ହେଲା — ଝୁଣ୍ଟୀ କହେ ମାରି ହାଙ୍କ୍,
"ପଇସା ଦେବାକୁ — ଶୋଭନା ମୋହର ନାହିଁ
ଝୁଅଠ ଗୁଙ୍କିଲେ ଛୁଞ୍ଚି
ଭଲରେ ଭଲରେ — ଗାଡ଼ି ଚଡ଼ି ଗଲେ
ବକ୍‌ସିସ୍ ଦେବ ମୁହିଁ ।"

ସବୁ ହେଲା ଠିକ୍ — କେ କରି ପାରିବ ଭିଡ଼ି
ଚୁଣ୍ଡୋଚୁଣ୍ଡି ଲୋକ — ବସିବାକୁ ମାଉଟୋକ
ଝୁଲୁଛନ୍ତି ମାଳ ମାଳ
କେମିତି ବସିବ — ଗାଡ଼ିରେ ଝୁଣ୍ଟୀ ମୋ
ମିଳୁନାହିଁ ଅନୁକୂଳ ।

ସବୁ ଦେଖି ଶୁଣି — ବନମାଳୀ କହେ, "ଝୁଣ୍ଟୀ,
ଅଉ ଟିକକରେ — ରେଳଗାଡ଼ି ଦେବ ଛାଡ଼ି;
ଚଡ଼ି ଯାଅ ତାଡ଼ାତାଡ଼ି
କଖାରୁର ମାୟା — ନ ଛାଡ଼ିବ ଯେବେ
ଛାଡ଼ ଥିବ ଏଠି ରଡ଼ି ।"

ହାତେ ଜଭ କାଢ଼ି  ଖୁଡ଼ୀ କହେ, "ଆରେ ଓଲୁ !
ମୁଠାଏ ପଇସା  ସାର କଣିଛୁ କଖାରୁ,
ପାଆଞ୍ଚ ପଚଶ ପଡ଼ୁ
ଦୁଇଜଣ ମିଶି  ଠେଲପେଲ ଦେବା
ଧଅ ଭୁ ସେପଟ ତଳୁ ।"

ତିନ ଜଣ ଲାଗି  କଖାରୁ ଚଢ଼ିଲା ଗାଡ଼ି
ପୃଥୁଳ ବପୁରୁ  ଝାଳ ପଡ଼ୁଅଛି ଗଡ଼ି
ଚଢ଼ି ନ ପାରଇ ଖୁଡ଼ୀ
ରୁଦ୍ଧ ହୋଇଗଲା  ଲୁମ୍ଫପକା ଶାଢ଼ୀ
ଖୁଡ଼ୀ ଗଲା ତଳେ ପଡ଼ି ।

ପ୍ଲାଟ ଫର୍ମପରେ  ଖୁଡ଼ି ଗୁଡ଼ୁଥାଏ ରଡ଼ି
କଖାରୁକୁ ଧରି  ଟ୍ରେ'ନ୍ ଛୁଟିଲା
ଲମ୍ବା ହୁଇସିଲ ଗୁଡ଼ି ।

●

('ଶିଶୁ ସଇଜ'—୧୯୫୭)

ମଙ୍ଗୁଚରଣ ବିଶ୍ୱାଳ ( ୧୯୩୫— )

[ ଜନ୍ମ—ସମ୍ବଲପୁର ଜିଲ୍ଲା ପିଠାପାଲି ଗ୍ରାମର ( ଅଧୁନା ଜଳନିମଜ୍ଜିତ ) ଏକ ବ୍ରାହ୍ମଣ ପରିବାରରେ—ଉପାଧ୍ୟୁତ୍ତର ଶିକ୍ଷାପରେ ଶିକ୍ଷକତା କରୁଛନ୍ତି—ପ୍ରାୟ ୨୨ ଖଣ୍ଡ ପୁସ୍ତକର ଲେଖକ—କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ୨ ଖଣ୍ଡି ପୁସ୍ତକ ପୁରସ୍କୃତ—ରଚନାବଳୀ :— 'ଆ'ରେ ନିଦମାଉସୀ ଆ', 'ଦେଖ କଇଁଛ କାଢ଼ିଛି ବେକ', 'ପାଉଁଶ ତଳର ନିଆଁ', 'ଦରିଆ ପାରିର କବିତା' ଇତ୍ୟାଦି । ]

## ପାହାଡ଼ ଓ ଧରଣୀ

"ସବୁଠୁ ମୁଁ ବଡ଼" ପାହାଡ଼ କହିଲା ଦିନେ,
କାହିଁକି କେଜାଣି ଗରବେ ଫୁଲାଇ ଛାତି,
"ଦେଖୁନା କେମିତି ଆକାଶର ନୀଳ ଛୁଇଁ
ମୋ ହୁକୁମ ମାନି ଆସଇ ଦିବସ ରାତି ।

"ଦେହର ଡାଳରେ ସୁଲୁ ସୁଲୁ ବୁଲୁ ବାଆ
ମଥାପରେ ରହି ମେଘ କରୁଥାଏ ଛାଇ,
ଏ ବୁଢ଼ୀ ଧରଣୀ ଦାସୀ ପରି ତଳେ ମୋର
ମୋ ପାଦର ଧୂଳି ତା ମଥାରେ ବୋଳୁଥାଇ ।"

ନରମ ଗଳାରେ ଧରଣୀ କହିଲା, "ପୁଅ,
ତୋ ଛୋଟ ବୋଲି ମୁଁ ନଇଁପଡ଼ିଛି ରେ ଧନ,
ଧରିତ୍ରୀ ବୋଲି ମୁଁ ତୁ ସିନା ଟେକିଛୁ ମଥା
କହୁଛୁ ସରବେ ଗରବେ ଫୁଲାଇ ମନ ।"

●

( ରଚନାକାଳ—୧୯୬୨ )

ଧ୍ରୁବଚରଣ ପଣ୍ଡା ( ୧୯୩୫— )

[ ଜନ୍ମ ଢେଙ୍କାନାଳ ଜିଲ୍ଲା ଜିରାଳ ଗ୍ରାମରେ—ବର୍ତ୍ତମାନ କଟକ ସହର ମାଛୁଆବଜାର ଆଦର୍ଶ ଉ. ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ—ପ୍ରାଥମିକ ଶିକ୍ଷକ ୟୁନିଅନ (କଟକ)ର ସଂଗଠନ-ସଂପାଦକ—ଶିଶୁପତ୍ରିକା-ମାନଙ୍କରେ ବହୁ ରଚନା ପ୍ରକାଶିତ—'ଫୁଲଝରି', 'ମୋ ପେଁକାଳୀ ବାଜିଲା', 'କାହାଣୀ ମୁଣି', 'ଆଈମାଆର ମଜା ଗପ' ପ୍ରଭୃତି ପୁସ୍ତକର ଲେଖକ ]

## ଚମି-ଚମାଙ୍କ ଗଣେଶପୂଜା

ଗଣେଶ ପୂଜିବେ ଚମି ଆଉ ଚମା
ଦୁଅନ୍ତ ଖୁସିରେ ଡିଆଁ ଡେଇଁ,
କାହାର କପଡ଼ ବଢ଼ିଆ କୁରୁତା
ଛଡ଼ାଛଡ଼ି ନିଆ ଦିଆହେଲେ ।

ରଙ୍ଗରେ ଫରକ ମୂଲରେ ବହକ
ଚହଲାଇ ସଭିଙ୍କି ଚମି-ଚମା
ଟଣାଓଟରାରୁ ହାତାହାତି ଯାଏ
ବଢ଼ିଲା ଝମିଲା ଝିମିଝିମା ।

ଉଦଣ୍ଡିଆଙ୍କର କାଣ୍ଡ ଦେଖି ଆଈ
ବିରକତେ ହେଲା ଗାଉଁ ଗାଉଁ,
ମାରେ କି ନ ମାରେ ଦୁହିଙ୍କି ଆସିଲା
କଢ଼ା କଥା କହି ଟାଉଁଟାଉଁ ।

ରାଗରେ ପେଡ଼ରେ ରଖିଲା କୁରୁତା
କହିଲା ତିଆର ଧମାଧମ,
"ଗଧପିଲା ତମେ ନାହିଁ ପାଠଶାଠ
ଯୋଡ଼ୁଛ କଢଅା ଘମାଘମ ।

ଭୋଜନ ବେଳକୁ ଯୋଜନ ଦଉଡ଼
ଚୂଲେ ଖୋସି କହ୍ନି ମାର ଡଆଁ,
ପଢ଼ାକଥା ଶୁଣି ମଡ଼ାପର ଚୁପ
ଭୁଙ୍ଗାଠାରେ ପୂଜାପୂଜ କଅାଁ ?

ଶକତ ନ ଥାଇ ପଥର ଠେକଲେ
କପାଳେ କେବଳ ହଟହଟା,
ଭକତ ନ ଥାଇ ପୋଷାକ, ଛୁଆ ଲୋ
କେଉଁ ଗୁଣକୁ ଏ ଛଇଛଟା ?"

ଏତିକି ବେଳାରେ ମୂଷାଛୁଆଟିଏ
ପେଟରା ସନ୍ଧରେ ରୁଟୁରୁଟୁ,
ରଙ୍ଗିନ୍ କୁରୁତା ମୂଲ କି ବୁଝିବ ?
ପେଟରା କାଟିଲା କୁଟୁକୁଟୁ ।

ମହରଗ କାଳ ଘରୁଆ ଜଞ୍ଜାଳ
ଇଆଡ଼େ ପିଲାଙ୍କ କୁଆଭୁଆ,
ବୁଢ଼ୀ ମୁଣ୍ଡେ ପିତ୍ତ ଚହଟି ଉଠିଲା
ଯେମିତି ଦେଖିଛୁ ମୂଷାଛୁଆ ।

ଗୋଡ଼ଉ ଗୋଡ଼ଉ ଛପିଯାଏ ମୂଷା
ଗଣେଶ ପଛରେ ଚୁପ୍‌କନା,
ବାଡ଼ୋଉ ବାଡ଼ୋଉ ବୁଢ଼ୀ ଠେଙ୍ଗା ଶିରେ
ଠାକୁର ହୋଇଲେ ଚୂନ୍‌ଚୂନା ।

●

( 'ମୋ ପେଁକାଳୀ ବାଜଲ' : ୧୯୭୭ )

ବଇକୁଣ୍ଠ ଓଝା ( ୧୯୩୭—          )

[ ଜନ୍ମ—କଟକ ଜିଲ୍ଲା ଧର୍ମଶାଳା ଥାନା ଚନ୍ଦଣ୍ଠା ଗ୍ରାମରେ—୧୯୫୮ ମସିହାରୁ ଶିକ୍ଷକତା କରୁଛନ୍ତି । ପ୍ରାବନ୍ଧିକ ଭାବରେ ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ—ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ତାଙ୍କ 'ମୋ କୁନି କୁନି କବିତା' ପୁସ୍ତକ ପୁରସ୍କୃତ ହୋଇଛି (୧୯୭୮)—ଶିଶୁ ପତ୍ରିକାରେ ସେ ନିୟମିତ ଲେଖାଲେଖି କରନ୍ତି । ]

## ବୁଲୁର ଭୁଲ

ଅଜାଙ୍କ ଚଷମା ପିନ୍ଧି ବାଙ୍କୁବାଡ଼ି ଧରି
ନଇଁ ନଇଁ ବୁଲୁ ବୁଲେ ବୁଢ଼ାଟିଏ ପରି ।
ଏ ଘର ସେ ଘର ବୁଲି ଝୁଲି ଝୁଲି ନାଚି
ପାକୁଆ ପାଟିରେ କଥା କହେ ବାଛି ବାଛି ।

ଖଟତଳେ ଲୁହିଁଦେଲା ବୁଢ଼ିଗଲା ଚେତା
"ବୋଉ ଲୋ ! ବୋଉ ଲୋ ! ବାଘ"—ମୁହଁ ହେଲେ ଶେତା ।
ବାପା ବୋଉ ଦଉଡ଼ିଲେ ଶୁଣି ତାର ପାଟି
ଦେଖିଲେ ସେ ପଡ଼ିଅଛି ଗୋଡ଼ ଦୁଇ ଛାଟି ।

କୋଳ କରି ପାଣି ଛାଟି ଫୁଙ୍କି କାନ ଆଖି
ଅନେଇଲେ ବାପା ବୋଉ 'ବୁଲୁ' ଡାକି ଡାକି ।
ନିଦରୁ ଉଠିଲା ପରି ବୁଲୁ କହେ ଥରି
"ଖଟତଳେ ବାଘ ଦେଖି ଯାଉଛି ମୁଁ ଡରି ।

ବନ୍ଧୁକଟା ଆଣ ବାଘା ମାରିଦେବା ଆଗ
ଗୃହ୍ମଁ ଗୃହ୍ମଁ ମିଳିଗଲା ଦେଖ କେଡ଼େ ବାଗ ।"
ପାଟିଗୋଳ ଶୁଣି ଶୁଣି ଭୂଆଟିଏ କାହିଁ
ଖଟତଳେ ଲୁଚିଥିଲା ପଳାଇଲା ଧାଇଁ ।

ମାମି କହେ, "ଏଡ଼େ ବୋକା ବୁଲୁ ହେଲୁ ଆରେ !
ବିଲେଇକୁ ବାଘ କହୁ କେଉଁ ବୁଦ୍ଧି ଠାରେ ?"
ଅଜାଙ୍କ ଚଷମା ଥୋଇ ବୁଲୁ ଦେଲା ଗୃହ୍ମଁ,
ହତେ ତ ବିଲେଇଟାଏ ପଳାଉଛି ଧାଇଁ !

ମୁହଁକୁ ତଳକୁ କରି ବୁଲୁ କହେ ଟର
"ଚଷମାରେ ବିଲେଇଟା ଦିଶେ ବାଘପରି ।"
ହସି ହସି ନାକେଦମ୍ ସାଙ୍ଗସାଥୀଦଳ
ନ ଜାଣିଲା ପରି ବୁଲୁ ଗୃହ୍ମେଁ ଜଳଜଳ ।
"ଲୁଇଁବନି କାହା ଠକ" ବୁଲୁ କହେ, "ଅଜା !
କରିବନି ଥଟ୍ଟା ଆଉ," ପାଇଗଲା ମଜା ।

( ରଚନାକାଳ—୧୯୭୯ )

ଜଗନ୍ନାଥ ମହାନ୍ତି ( ୧୯୩୭—          )

[ ଜନ୍ମ—ପୁରୀ ଜିଲ୍ଲା ଗୋପଥାନା ଜଙ୍ଗଲପୁରୀ ଗ୍ରାମରେ—ଶିକ୍ଷା ଓ ଗଣତନ୍ତ୍ର ସମ୍ପର୍କରେ ଗବେଷଣା କରି ପିଏଚ୍. ଡି. ପାଇଛନ୍ତି—ପୁସ୍ତକ ପ୍ରଣୟନ ଓ ଶିକ୍ଷା ଉଦ୍ୟୋଗ କ୍ଷେତ୍ରରେ ବଲାତରୁ ଉଚ୍ଚ ଶିକ୍ଷା ଲାଭ କରିଛନ୍ତି—ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ଶିକ୍ଷା ଉଦ୍ୟୋଗ ଓ ପ୍ରକାଶନ ଦାୟିତ୍ୱରେ ଅଛନ୍ତି—ଶିଶୁସାହିତ୍ୟରେ ଏକାଧିକ ବାର ପୁରସ୍କୃତ—ପ୍ରାୟ ୨୫ ଟି ପୁସ୍ତକର ଲେଖକ—ରଚନାବଳୀ :—'କିଶୋର ସଂସାର', 'ମୋ ଧୂଳିଘର' ପ୍ରଭୃତି ]

## ସବୁବେ ଆମେ ଭାଇଭଉଣୀ

ଆମେ ସକଳ ପିଲା
ମାଟି ମାଆର          କୋଳ-କାଖର
ସ୍ନେହସୁଆଗବୋଳା ।

ସବୁ ଦେଶର ସକଳ ପିଲା
ଯିଏ ଯେଉଁଠି ଥାଆନ୍ତୁ ପଛା
କେହି ନୁହଇ ପର,

ସବୁବେ ଆମେ          ଭାଇଭଉଣୀ
ଗୋଟିଏ ଫୁଲହାର ।

ଆସ ଭଉଣୀ ଭାଇ
ହାତରେ ହାତ          ମିଳାଇ ଆମେ
ନାଚିବା ଗୀତ ଗାଇ ।

ପବନ, ପାଣି, ଆଲୁଅ, ମାଟି,
ସବୁ ଆମର ଜୀବନକାଠି
କେହି ନୁହଇ ଆନ,
ସବୁରି ହୃଦ ସମାନ ଭାଇ
ଏକ ସବୁରି ମନ ।

ଆମେ ସକଳ ଶିଶୁ
ସବୁରି ଦୁଃଖେ ଦୁଃଖିତ ଆମେ
ସବୁରି ସୁଖେ ହସୁ ।
ଧନୀ ଗରିବ ପିଲା ସବୁରି
ଭଗାରି ନୁହେଁ କେହି କାହାରି,
ସଭିଏ ଆମେ ସାଥୀ
ନାଚିବା ଆସ ଖେଳିବା ଆସ
ଗାଇବା ଗୀତ ମାତି ।

( 'କିଶୋର ସଂସାର'—୧୯୫୯ )

# ଯେତେ ସଳଖିଲେ କୁକୁର ଲାଙ୍ଗୁଡ଼ ବଙ୍କା

ସରଗ ରାଇଜରେ ଭାରି ଗହଳ ଚହଳ । କାହାକୁ ଆଜି ଟିକିଏ ହେଲେ ନିଃଶ୍ୱାସ ମାରିବାକୁ ବେଳ ନାହିଁ । ବଉଡ଼ଧାପଡ଼, ପାଟିତୁଣ୍ଡରେ ଘରଆଡ଼ ଘୁ'ଘୁ' କମ୍ପୁଛି । ଦେବତାମାନଙ୍କର ଏକ ଖୁବ୍ ବଡ଼ ଯଜ୍ଞ ଚାଲିଛି ।

ସେଦିନ ସରଗ ରାଇଜରେ ସଭିଁର ପାଇଁ ଅମୃତ ଭୋଜନର ଯୋଗାଡ଼ ହୋଇଛି । ଅମୂଲ ମୂଲ ଖାଟପିତାମିଷ୍ଟ ସଭିଁର ପାଇଁ । ହଜାର ହଜାର ଲିଟର ଘିଅ ଆସି ଭଣ୍ଡାରଘରେ ଭରପୂର ।

ଆଗେ ଏଇ ମରତ ଦେଶରେ କୁକୁର ନ ଥିଲେ । ସେମାନଙ୍କର ଆଦିପୁରୁଷମାନେ ସରଗରେ ଦେବତାମାନଙ୍କର ଦୂତଭଳି ସବୁ କରୁଥିଲେ । ସେମାନଙ୍କର ସତୋଟଣିଆ ଓ ତୀକ୍ଷ୍ଣ ଦୃଷ୍ଟିଶକ୍ତି ଯୋଗୁ ଦେବତାମାନେ ସେମାନଙ୍କୁ ଭାରି ଆଦର କରୁଥିଲେ । ସେମାନଙ୍କୁ ଦେବଶ୍ୱାନ କୁହାଯାଉଥିଲା । ଦେବତାମାନଙ୍କ ଘରେ ଖୁବ୍ ଆରାମରେ ସେମାନେ ରହୁଥିଲେ । ସେମାନଙ୍କ ଲାଙ୍ଗୁଡ଼ ସେତେବେଳେ ପୂରା ସଳଖ ଥିଲା ।

ଦେବତାମାନଙ୍କର ଏଇ ଯଜ୍ଞରେ ଭଣ୍ଡାରଘର ଜଗିବା ଦାୟିତ୍ୱ ରହିଲା ଗୋଟିଏ ଦେବଶ୍ୱାନ ଉପରେ । ଦେବତାମାନେ ଯଜ୍ଞ ପାଇଁ ଜିନିଷପତ୍ର ଯୋଗାଡ଼ କରିବାରେ ବ୍ୟସ୍ତ ଥାନ୍ତି । ଦେବଶ୍ୱାନକୁ ସେଦିନ ଜଗିଲା ମଠାଧିକାରୀ ମିଳିଥିଲା । ମୁଣ୍ଡରେ ସିନ୍ଦୂର ଚନ୍ଦନ ମାରି, ହାତରେ ଗୋଟିଏ ଲଗିଟିମି ବାଡ଼ି ଧରି, ଗୋଡ଼ରେ ଝୁମୁକା କଠାଉ ମାଡ଼ି ସେ ଖାଲି ଭଣ୍ଡାରଘର ଆଗରେ ଟହଲ ମାରୁଥାଏ ।

ଦେବଶ୍ୱାନ ମନେ ମନେ ବଡ଼ ଗର୍ବ ଅନୁଭବ କଲା । ମନ ଖୁସିରେ ନାଚି ନାଚି ସେ ଗୀତ ଗାଉଥାଏ—

ଭଣ୍ଡାରଘରର ଗୃହ ରକ୍ଷକ ମୋ      ହାତେ ମୋ ହାତେ<br>
ମୁଁ ନ ଥିଲେ କିଏ ଭଣ୍ଡାର ଜଗନ୍ତା      ଏତେ ରେ ଏତେ ?<br>
ଯାହା ମୁଁ କରିବ କିଏ ସେ କରିବ      ମନା, ମୋତେ ମନା,<br>
ମୋ ନାଆଁରେ ଆଜି ଉଡ଼ୁଛି ଜଗତେ      ବାନା, ମୋତେ ଜନା ।

ଏହି ସମୟରେ ସରଗର ଚନ୍ଦନଗିରିରୁ ସୁଲୁସୁଲିଆ ବାଆ ବହି ଆସିଲା । ଭଣ୍ଡାରଘରୁ ଗୁଆଘିଅ ବାସନା ସେଇ ପବନରେ ଭାସିଆସୁଥାଏ । ଦେବଶ୍ୱାନ ନାକରେ ଯେମିତି ଘିଅବାସନା ବାଜିଛି, ଆଉ କି ନାଚ, କି ଗୀତ ! ଲହଲହ ହୋଇ ଲଡ଼କୁଥିବା ଜିଭରୁ ଥପ୍‌ଥପ୍ ହୋଇ ନାଳ ବୋହିପଡ଼ିଲା । ଦେବଶ୍ୱାନ ଦି' ଘରି ଥର ନାଳ ଢୋକିଛି କି ନାହିଁ, ତା ପେଟରେ ଅସମ୍ଭାଳ ଭୋକ ! ଥରେ ଦି'ଥର ଘୂରିଆଡ଼କୁ ଘୂହିଁ ଦେବଶ୍ୱାନ ଭାବିଲା—

ମହମହ ଆହା ବାସନା ଘିଅ, ସୁଆଦ ଘିଅ,<br>
ଲହଲହ ମୋର ଜିଭରେ ଦିଅ, ନାକରେ ନିଅ ।

ପୁଣି ଭାବିଲା—ଅରେ ଏ ଘିଅ ପରା ଯଜ୍ଞ କାମ ପାଇଁ ରହିଛି ! ମୁହଁ ମାରିଦେଲେ ଅଇଁଠା ହୋଇଯିବ ଯେ । ତେଣୁ ସେ କହିଲା—

ମାଠିଆ ଭରି ରହିଛି ଘିଅ, ନ ଦେବ ମୁହଁ,<br>
ଲାଙ୍ଗୁଳ ପୂରାଇ ଆଣିଲେ ଘିଅ, ମାଇଲା ତ ନୁହଁ ?

ଏହା କହି ସେ ତାର ସିଧାସଳଖ ଲାଙ୍ଗୁଳଟିକୁ ମାଠିଆଭିତରେ ପୂରାଇଦେଲା । କିନ୍ତୁ ହାୟ ! କି ଦଇବ ଚଡ଼କ ! ଯେତେ ଟାଣିଲେ ବି ଲାଙ୍ଗୁଳଟା ମାଠିଆରୁ ଆଉ ବାହାରିଲା ନାହିଁ ।

ଶେଷରେ ଦେବଶ୍ୱାନ ଜୀବନବିକଳରେ ରଡ଼ିକଲା—ଭୌ-ଭୌ-କେଁ-କେଁ । ତାର ରଡ଼ି ଶୁଣି କୁବେର ଦେବ ତରତର ହୋଇ ଭଣ୍ଡାର ଘରକୁ ଧାଇଁଆସିଲେ । ଦେଖିଲେ ଘିଅ ମାଠିଆଟା ଗଡ଼ି ଗଡ଼ି ଘିଅତକ ଲଇଯାଉଛି । ଦେବଶ୍ୱାନର ମଠାହଳକ ଘିଅରେ ଜୁଡ଼ୁବୁଡ଼ୁ ହୋଇଗଲା । ଆଖି ଦି'ଟା ତାର ଉଙ୍ଗ ପଡ଼ଯାଇଥାଏ । ମୁଣ୍ଡରୁ ଚନ୍ଦନ

ଟିକିଏ ନିର୍ଭୟାଇଥାଏ । ଦେବଶ୍ୱାନ ଲାଭ ବାହାର କରି ଧଇଁସଇଁ ହେଉଥାଏ । ସତ କଥାଟା ଜାଣିବାରେ କୁବେରଙ୍କୁ ଅସୁବିଧା ହେଲା ନାହିଁ ।

କୁବେର ନିଜେ ମାଠିଆ ଭିତରୁ ଦେବଶ୍ୱାନର ଲାଙ୍ଗୁଳଟାକୁ ବାହାର କରିଦେଲେ । କହିଲେ, "ତୁ ଦେବଶ୍ୱାନ ହୋଇ ଏମିତି ଗୋଟେ କାମ କରିବୁ ବୋଲି କିଏ ଜାଣିଥିଲା ? ଘିଅତକ ମାରି ହେଲା । ତୁ ଆଉ ଏ ସରଗରେ ରହିପାରିବୁ ନାହିଁ । ନରକର ପଚାସଡ଼ା ଜିନଷ ଖାଇ ଅରମା ଅସନା ଜାଗାରେ ଚଳିବୁ । ତୋର ଲାଙ୍ଗୁଳଟା ସିଧା ଥିବାରୁ ସିନା ମାଠିଆ ଭିତରେ ପଶିଗଲା, କିନ୍ତୁ ଏଥର ତୋ ଲାଙ୍ଗୁଳ ବଙ୍କା ହୋଇଯିବ ।"

ଦେବଶ୍ୱାନ ବହୁତ ଅନୁନୟ ବିନୟ କଲା । କାନ୍ଦିବୋବାଇ ତାଙ୍କ ଗୋଡ଼ତଳେ ଗଡ଼ିଲା । କୁବେର ତେଣୁ କହିଲେ, "ମରତରେ ତୁ ଅନୁତାପ କଲେ ତୋ କଥା ବିଚାର ହେବ । ଏବେ କିଛି ହୋଇ ପାରିବ ନାହିଁ ।"

ଦେବଶ୍ୱାନ ସେଇଦିନଠାରୁ ପୃଥିବୀକୁ ଚାଲିଆସିଲା । ତା ଲାଙ୍ଗୁଡ଼ ସେମିତି ବଙ୍କା ହୋଇ ରହିଗଲା । କେତେବେଳେ କେମିତି ଲୁଚି ଛପି ସେ ଯଦି ମଣିଷଘରୁ କିଛି ଖାଇଦିଏ, ତେବେ ଚୋରିସ ମାଡ଼ରେ ତା ହାତଗୋଡ଼ ଭାଙ୍ଗେ ।

ହାୟ ! କାହିଁ ସରଗର ଧନ ଦଉଲତ କୁବେରପୁରୀ,
କାହିଁ ମରତର ନାଳ ପାଇଖାନା ଅଇଁଠା ଖାଲି !
କାହିଁ ସେ ଲାଙ୍ଗୁଡ଼ ଉଜଳଜାଉଲ ସିଧାସଳଖ,
ଆଜି ଏ ଲାଙ୍ଗୁଡ଼ ବଙ୍କାଟଙ୍କା, ଆଉ ଲାଗିଛି ଠିଙ୍କ !

ଯେତେ ଚେଷ୍ଟା କଲେ ବି କୁକୁରର ଲାଙ୍ଗୁଡ଼ ଆଉ ସିଧା ହେଉନାହିଁ । ସେଥିପାଇଁ ଲୋକେ କହନ୍ତି—'ଯେତେ ସଳଖିଲେ କୁକୁର ଲାଙ୍ଗୁଡ଼ ବଙ୍କା' ।

●

( ରଚନାକାଳ : ୧୯୬୨ )

ବିଭୂତି ପଟ୍ଟନାୟକ ( ୧୯୩୭—        )

[ ଜନ୍ମ—କଟକ ଜିଲ୍ଲା ଜଗତସିଂହପୁରରେ—ବିଶିଷ୍ଟ ଗାଳ୍ପିକ, ଔପନ୍ୟାସିକ ଏବଂ ସମାଲୋଚକ—ଅଧୁନା ରାଜଧାନୀ କଲେଜରେ ଅଧ୍ୟାପନା କରନ୍ତି । ତାଙ୍କର ଶିଶୁପୁସ୍ତକ 'ହସଖୁସି' 'କହି ଜାଣିଲେ କଥା ସୁନ୍ଦର' ଓଡ଼ିଶା ସରକାରଙ୍କ ଦ୍ୱାରା ପୁରସ୍କୃତ—ଅନ୍ୟାନ୍ୟ ଲେଖାବଳୀ—କିଶୋର-ଉପନ୍ୟାସ 'ନୌକା ନଗରୀର ମାଲପରୀ', 'ଖରାବର୍ଷାର ଖେଳ' ପ୍ରଭୃତି ]

## ବୋକା ପଣ୍ଡିତ

"ଜାଣିଲୁ, ଖୁବ୍ ଜଣେ ପଣ୍ଡିତ ଥିଲେ । ବଡ଼ ପଣ୍ଡିତ । ପଣ୍ଡିତ କଏ ଜାଣୁ ?"

ଠୁଣୁଠୁଣିଆ କଥା ଶୁଣି ମଣିଆ ତା' ମୁହଁକୁ ଅନେଇଲା । ଝାଇଁ-ଝାଇଁ ଖରାରେ କାନମୁଣ୍ଡା ଝାଇଁଝାଇଁ ହୋଇଯାଉଛି । ଝାଳ ନିଗିଡ଼ି ପଡ଼ୁଛି ଦେହରୁ । ଏତେବେଳେ ଠୁଣୁଠୁଣିଆ ତାକୁ ପଣ୍ଡିତ କଥା ପଚାରୁଛି କାହିଁକି ?

ମଣିଆ କିଛି ବୁଝି ନ ପାରି ପଥର ଟୋକେଇଟା ମୁଣ୍ଡ ଉପରକୁ ଉଠାଇ ନେଲାବେଳେ କହିଲା, "ତୁ ସିନା ପାଠ ଦି'ଅକ୍ଷର ପଢ଼ିଛୁ, ମୁଁ ତ ମୂରୁଖ ଲୋକ । ପଣ୍ଡିତ କଏ ମତେ କି ଜଣା ?"

ଠୁଣୁଠୁଣିଆ ବହୁତ ଖୁସି ହୋଇ କହିଲା, "ଯାଃ, ଏଇଟା ଏମିତି କି କଥା ? ତୋ'ଠୁଁ ଛୋଟ ପିଲାଏ ମଧ୍ୟ ଜାଣନ୍ତି, ଯିଏ ଅନେକ ଶାସ୍ତ୍ର

ପୁରାଣ ପଢ଼ିଥାଏ, ସେ ହେଉଛି ପଣ୍ଡିତ ଲୋକ । ଗୋଟିଏ ଦେଶରେ ଏମିତି ଜଣେ ବଡ଼ ପଣ୍ଡିତ ଥିଲେ ।''

ଟୋକେଇରୁ ପଥରତକ ବନ୍ଧଉପରେ ଅଜାଡ଼ି ଦେଇ ମଣିଆ ଫେରିଆସିଲା । ହାତର ନେଡ଼ରେ ମୁହଁରୁ ଝାଳ ପୋଛି କହିଲା, "ତା'ହେଲେ ମୋ ସାନଭାଇକୁ ମୁଁ ବହୁତ ଶାସ୍ତ୍ର ପୁରାଣ ପଢ଼ାଇବି । ସେ ମଧ୍ୟ ଜଣେ ବଡ଼ ପଣ୍ଡିତ ହେବ । ମୋ ଖରଚରୁ ବଞ୍ଚାଇ ମୁଁ ତା ପଢ଼ା-ଖରଚ ଯୋଗାଇବି, ନା କଅଣ କହୁଛ ?''

ଗଇଁତିରେ ପଥର ତାଡୁ ତାଡୁ ଠୁଣ୍ଠୁଣିଆ କହିଲା, "ଅଗ ମୋ କଥା ଶୁଣ୍; ତାପରେ ତୋ ସାନଭାଇ ଗଣିଆକୁ ପଣ୍ଡିତ କରିବୁ କି ନାହିଁ କହିବୁ । ହଁ, କଅଣ କହୁଥିଲି । ଗୋଟିଏ ଦେଶରେ ଜଣେ ବଡ଼ ପଣ୍ଡିତ ଥିଲେ । ତାଙ୍କ ମୁହଁରେ ଲମ୍ବା ଦାଢ଼ି, ମୁଣ୍ଡରେ ଗୋଟିଏ ଚୁଟି । ଭାରି ସୁନ୍ଦର ଚେହେରା । କିନ୍ତୁ ହେଲେ କଅଣ ହେବ, ପଣ୍ଡିତଙ୍କର ଭାରି ଝକଲା ପ୍ରକୃତି । ଲଡ଼ୁ ଖାଇବା ପାଇଁ ଭାରି ଲୋଭ । ଆମ୍ବୁର ଦେଖିଲେ ତୋ ପାଟିରୁ ଯେମିତି ଲାଳ ଗଡ଼େ, ସେ ପଣ୍ଡିତଙ୍କର ସେମିତି ଲଡ଼ୁ ଦେଖିଲେ ଜିଭ ଲଳେଇଯାଏ ।''

ଆଜି କାମକୁ ଆସିଲାବେଳକୁ ମଣିଆ ବେଲଏ ପଖାଳ କରମଙ୍ଗା ଆମ୍ବୁର ଘଷି ଖାଇ ବସିଥିଲା । ଠୁଣ୍ଠୁଣିଆ ତାହା ଦେଖିଥିଲା । ତେଣୁ ତାର ଆମ୍ବୁର ଲୋଭ କଥା ନ କହି ସେ ରହି ପାରିଲା ନାହିଁ ।

ମଣିଆ ଟିକିଏ ଚିଡ଼ିଯାଇ କହିଲା, "ମୋ ଆମ୍ବୁର କଥା ଥାଉ । ତମ ପଣ୍ଡିତଙ୍କ ଲଡ଼ୁଖିଆ କଥା ଚଞ୍ଚଳ କହ । ଠିକାଦାରବାବୁ ଆସିଯିବେ ଯେବେ, ପାଟିରେ କୋଲପ ପଡ଼ିଯିବ । ଗପ କହିବା ବନ୍ଦ ହୋଇଯିବ ।''

ଠୁଣ୍ଠୁଣିଆ ଭାବିଲା ସତ କଥା । ଠିକାଦାରବାବୁ ସେମାନଙ୍କୁ ଯେତିକି ପଥର ତାଡ଼ି ବନ୍ଧରେ ପକାଇବା ପାଇଁ କହିଥିଲେ, ସେତିକି ଅଧା ହୋଇନାହିଁ । କାଙ୍ଗୁଲୁ କାଙ୍ଗୁଲୁ ରାତି ଥାଉଁ ଥାଉଁ ସେମାନେ ଆସି କାମରେ ଲାଗିଛନ୍ତି । ହେଲେ କଅଣ ହେବ, ଏ ପଥର ଭାରି କଡ଼ା । ସହଜରେ ଗଇଁତି ଭେଦୁନାହିଁ । ତା' ହାତ କଅଁଳ ହୋଇଗଲାଣି ।

ସେ ଥକ୍କା ମାରି ବସିପଡ଼ିଲା । —କହିଲା, "ଜାଣିଲୁ, ମୁଁ ଗପ କହୁଥିଲେ ପଥରଭଙ୍ଗା କଷ୍ଟ ଭୁଲିଯାଏ । ଦେହରେ ଜୋର୍ ଫେରିଆସେ । ଶୁଣ୍, ତାପରେ କ'ଣ ହେଲା···"

ଗପ କହିବା ଯେମିତି ଠୁଣ୍ଠୁଣିଆର ସଉକ, ଗପ ଶୁଣିବା ସେମିତି ମଣିଆର ଗୋଟାଏ ନିଶା । ଜଣେ ହାତରେ ପଥର କାଟେ, ଜଣେ ମୁଣ୍ଡରେ ପଥର ବୁହେ । ଜଣେ ଗପ କହେ, ଜଣେ ମନ ଦେଇ ଶୁଣେ ।

ମଣିଆ ମୁଣ୍ଡ ହଲାଇ କହିଲା, "ହଁ, କୁହ । ଲଡ଼ୁ ଦେଖିଲେ ପଣ୍ଡିତଙ୍କ ପାଟିରୁ ଲାଳ ଗଡ଼େ । ସେଇଠୁଁ କଅଣ ହେଲା ?"

"ଧନେ ପଣ୍ଡିତେ ଭାବିଲେ, ଆମ ପୃଥିବୀର ଲଡ଼ୁ ତ ଏତେ ସୁଆଦିଆ ଲାଗୁଛି, ସ୍ୱର୍ଗର ଲଡ଼ୁ ନିଶ୍ଚୟ ଆହୁରି ଅଧିକା ଭଲ ଲାଗୁଥିବ । ସ୍ୱର୍ଗକୁ ଯାଇ କେମିତି ଲଡ଼ୁ ଖାଇବେ, ଏକଥା ଭାବି ଭାବି ତାଙ୍କୁ ଆଉ ରାତିରେ ନିଦ ହେଲା ନାହିଁ । କେଉଁ ଉପାୟରେ ସେ ଯାଇ ସ୍ୱର୍ଗରେ ପହଞ୍ଚିବେ, ସେଇ କଥା କେବଳ ସେ ମନେ ମନେ ପାଞ୍ଚିହେଲେ ।"

ମଣିଆ ମନକୁ କଥାଟା ଆଦୌ ପାଇଲା ନାହିଁ । ସେ ପଚାରିଲା, "ହଇରେ ଠୁଣ୍ଠୁଣିଆ ଭାଇ, ଲୋକେ ମଲେ ସରଗକୁ କି ନରକକୁ ଯାଆନ୍ତି ବୋଲି ଶୁଣାଅଛି । ହେଲେ ବଞ୍ଚି ଥାଉଁ ଥାଉଁ ଲଡ଼ୁ ଖାଇବାକୁ କିଏ ସରଗକୁ ଯାଏ ?"

ସେ ଗପ କହୁଥିଲାବେଳେ କେହି ବାଧା ଦେଲେ ଠୁଣ୍ଠୁଣିଆ ରାଗିଯାଏ । ମଣିଆର କଥା ଶୁଣି ସେ ବିରକ୍ତ ହୋଇଗଲା । କହିଲା, "ତୁ ଗୋଟାଏ ଜନ୍ମମୂରୁଖ । ତୁ କଅଣ ଜାଣିବୁ ? ପଣ୍ଡିତେ କେତେ ପାଠ ପଢ଼ିଛନ୍ତି । ଶାସ୍ତ୍ର, ପୁରାଣ ତାଙ୍କ ମୁହେଁ ମୁହେଁ । ବଞ୍ଚି ଥାଉଁ ଥାଉଁ ସ୍ୱର୍ଗକୁ ନେବା ଉପାୟ ତାଙ୍କୁ ଜଣାଥିଲା । ସେ ଜାଣିପାରିଲେ ସ୍ୱର୍ଗର ରାଜା ଇନ୍ଦ୍ର ତାଙ୍କର ବାହନ ଐରାବତ ହାତୀ ଉପରେ ବସି ପୃଥିବୀକୁ ବୁଲିଆସିବେ । ଇନ୍ଦ୍ର ସ୍ୱର୍ଗକୁ ଫେରିଲାବେଳେ ସେ ଯଦି ତାଙ୍କ ବାହନ ଐରାବତ ହାତୀର ଲାଙ୍ଗୁଳ ଧରି ଝୁଲିପଡ଼ନ୍ତି, ତା'ହେଲେ ସିଧା ସେ ଜୀଇଁ ଥାଉଁ ଥାଉଁ ସ୍ୱର୍ଗରେ ପହଞ୍ଚିବେ । ବୁଝିଲୁ ?" ମଣିଆ ମୁଣ୍ଡ ହଲାଇ ହଁ ଭରିଲା ।

ଖୁସି ହୋଇ ଠୁଣୁଠୁଣିଆ କହିଲା, "ଜାଣିଲୁ, ସ୍ୱର୍ଗକୁ ଯିବାର ବାଟ ଖୋଜି ବାହାର କରି ସାରିଲା ପରେ ପଣ୍ଡିତଙ୍କୁ ଆଉ ଗୋଟାଏ ବୁଦ୍ଧି ଦେଖାଗଲା । ସେ ଭାବିଲେ—ଲଡ଼ୁ ଖାଇବାକୁ ମୁଁ ଏକା ସ୍ୱର୍ଗକୁ ଯାଇ ଲାଭ କଅଣ ? ମୋ ସାଙ୍ଗରେ ମୋ ଗାଆଁ ଲୋକେ ଗଲେ ଭାରି ମଜା ହେବ । ସେମାନେ ମଧ୍ୟ ସରଗ ଲଡ଼ୁର ମଜା ଚାଖିବେ ।"

ମଣିଆ ପଚାରିଲା, "ପଣ୍ଡିତେ ସିନା ହାତୀ ଲାଙ୍ଗୁଳ ଧରି ସ୍ୱର୍ଗକୁ ଯିବେ, ହେଲେ ତାଙ୍କ ଗାଁ ଲୋକେ ଯିବେ କେମିତି ? ଐରାବତ ହାତୀର କେଇଟା ଲାଙ୍ଗୁଳ କି ?"

ଏଥର ଠୁଣୁଠୁଣିଆ ମଣିଆ ଉପରେ ଆଉ ରାଗିଲା ନାହିଁ । ଅଳପ ଅଳପ ହସି କହିଲା, "ହାତୀର ସିନା ଗୋଟାଏ ଲାଙ୍ଗୁଳ, ପଣ୍ଡିତଙ୍କର ତ ଦୁଇଟା ଗୋଡ଼ ଅଛି ! ଗାଁ ଲୋକଙ୍କୁ ଡାକି ପଣ୍ଡିତେ କହିଲେ—ମୁଁ ହାତୀ ଲାଙ୍ଗୁଳ ଧରି ସ୍ୱର୍ଗକୁ ଗଲାବେଳେ ତମେ ମୋ ଗୋଡ଼ ଧରି ଓହଳିପଡ଼ିବ । ଜଣକ ଗୋଡ଼ ଆଉ ଜଣେ—ତା ଗୋଡ଼ ଧରି ଆଉ ଜଣେ—ଏମିତି ସାରା ଗାଁଲୋକେ ସ୍ୱର୍ଗକୁ ଚାଲିଯିବା ।"

କଥା କହୁ କହୁ ଠୁଣୁଠୁଣିଆ ପୁଣି ପଥର-ଚଡ଼ାରେ ମନ ଦେଲା ।

ଉଦୁଉଦିଆ ଖରାବେଳର ତାତି କମିଆସୁଛି । ଦୂର ଶାଳବଣରୁ ଦେହଜଲୁସା ଥଣ୍ଡା ପବନ ବହିଆସୁଛି । ଏତିକିବେଳେ ମନ ଦେଇ କାମ ନ କଲେ ଠିକାଦାରଙ୍କ ମାପ ଅନୁସାରେ ପଥରକଟା ସରିବ ନାହିଁ ।

ମଣିଆର କିନ୍ତୁ ଗପ ଶୁଣିବାର ନିଶା ଲାଗିଯାଇଛି । ପଥର ଠୋକେଇ ମୁଣ୍ଡକୁ ଉଠାଇ ନେଲାବେଳେ ସେ ପଚାରିଲା, "ହଁ ! ତାପରେ କଅଣ ହେଲା ? ସେମାନେ ଗୋଡ଼ ଧରାଧରି ହୋଇ ଝୁଲି ଝୁଲି ସରଗକୁ ଗଲେ ? ଲଡ଼ୁ ଖାଇଲେ ତ ?"

"ଶୁଣ୍ ! ତା'ପରେ ପଣ୍ଡିତଙ୍କ କଥା ଶୁଣି ଗାଁଲୋକେ ଖୁବ୍ ଖୁସି ହୋଇଗଲେ । ଜୀଇଁ ଥାଉଁ ଥାଉଁ ସରଗକୁ ଯାଇ ଲଡ଼ୁ ଖାଇବା କଥା ଶୁଣିଲେ କିଏ ଅବା ଖୁସି ନ ହେବ ? ସେମାନେ ସେଇଦିନୁ ଦଳ ଦଳ

ହୋଇ ପ୍ରତିଦିନ ଆସି ପଣ୍ଡିତଙ୍କୁ ପଚାରିଲେ, "ପଣ୍ଡିତେ, ଇନ୍ଦ୍ର ଐରାବତ ହାତୀ ଉପରେ ବସି କେଉଁଦିନ ପୃଥିବୀକୁ ଆସିବେ ?" ପଣ୍ଡିତେ ଜ୍ୟୋତିଷ ଶାସ୍ତ୍ର ଘାଣ୍ଟି ଘାଣ୍ଟି ଦିନ ବେଳା ଠିକ୍ କଲେ । ନିର୍ଦ୍ଦିଷ୍ଟ ଦିନ ଗାଁ ଲୋକଙ୍କୁ ସାଙ୍ଗରେ ଧରି ଐରାବତ ହାତୀକୁ ଖୋଜି ବାହାରିଲେ ।"

ଖବରର ତେଜ କମି ଆସିଥିଲେ ବି ପେଟ ଭିତରେ ଭୋକର ତେଜ ବଢ଼ି ଯାଇଥିଲା । ପାହା ପାହା ରାତିରୁ ପେଜ ତେ ବାସିମିଶା ପଖାଳ ଗଣ୍ଡାଏ ଲେଖାଁ ଖାଇ ଦେଇ ସେମାନେ ବାହାରି ଆସିଥିଲେ କାମ କରିବାକୁ । ବେଳ ଗଡ଼ି ଆସି ଖୁଆଇ ଲେଉଟାଣି ହେଲାଣି । ତଥାପି ମଣିଆର ଗପ ଶୁଣିବାର ଝୁଙ୍କ୍ କମିନାହିଁ । ସେ ପଚାରିଲା— "ହଁ, ତା ପରେ କଅଣ ହେଲା ?"

ଠୁଣ୍ଟୁଠୁଣିଆ କହିଲା, "ତାପରେ ପଣ୍ଡିତେ ଗାଁ ଲୋକଙ୍କ ସାଙ୍ଗରେ ବୁଲି ବୁଲି ଗୋଟାଏ ଗହନ ଜଙ୍ଗଲରେ ପହଞ୍ଚିଲେ । ବର୍ଷା ହେଉଥାଏ । ହାତୀ ଶୁଣ୍ଢରେ ଇନ୍ଦ୍ର ଦେବତା ବର୍ଷା ପାଣି ଅଜାଡ଼ି ଦେଉଥାଆନ୍ତି । ପଣ୍ଡିତେ ଦେଖିଲେ ମୁଣ୍ଡ୍ରା ପାହାଡ଼ଉପରେ ଚଢ଼ି କଳାହାଣ୍ଡିଆ ମେଘ ଭଳି ଦେଖା ଯାଉଥିବା ଐରାବତ ହାତୀ ସ୍ୱର୍ଗକୁ ଯିବାକୁ ବାହାରିଛି । ସେ ସେଇ ମେଘ-ପାଣିରେ ଭିଜି ଦଉଡ଼ି ଦଉଡ଼ି ମୁଣ୍ଡ୍ରା ପାହାଡ଼ ଉପରକୁ ଚଢ଼ିଗଲେ । ତାଙ୍କ ପଛେ ପଛେ ଗାଁ ଲୋକେ ମଧ୍ୟ ଦଉଡ଼ିଲେ । ଐରାବତ ହାତୀ ସ୍ୱର୍ଗକୁ ଯିବାପାଇଁ ଉପରକୁ ଉଠିଲାବେଳେ ତା ଲାଞ୍ଜକୁ ଧରି ପଣ୍ଡିତେ ଓହଳିପଡ଼ିଲେ । ତାଙ୍କ ଗୋଡ଼କୁ ଧରି ଜଣକ ପରେ ଜଣେ ଗାଁ ଲୋକ ମଧ୍ୟ ଝୁଲି ପଡ଼ିଲେ—"

ମଣିଆ ଖୁସି ହୋଇଯାଇ ତାଳିଟାଏ ମାରିଦେଲା । କହିଲା, "ଆରେ ବାଃ ! ମୁଁ ଭାବିଥିଲି ସେମାନେ ଯାଇପାରିବେ ନାହିଁ । ଯାହା ହେଉ, ସେମାନେ ଏତେ ସହଜରେ ସ୍ୱର୍ଗକୁ ଚାଲିଗଲେ ? ଲଡ଼ୁ ଖାଇଲେ ?"

ଠୁଣ୍ଟୁଠୁଣିଆ ତାକୁ ଦବାଇ ଦେଇ କହିଲା, "ଆଗ ଶୁଣ୍, ଶୁଣିଲେ ସବୁ ଜାଣିବୁ । ହଁ, ତା'ପରେ କଣ ହେଲା ନା ଐରାବତ ହାତୀ ଲାଙ୍ଗୁଳ ଧରି ପଣ୍ଡିତେ ଓ ଗାଁ ଲୋକେ ମାଟିର ପୃଥିବୀକୁ ଛାଡ଼ି ଧୀରେ ଧୀରେ ଉପରର ସ୍ୱର୍ଗଦେଶକୁ ଚାଲିଲେ । ସେ ଗାଁ ଲୋକମାନଙ୍କ ଭିତରେ ଜଣେ

କୃଷୀ ଥିଲା । ସ୍ୱର୍ଗକୁ ଗଲାବେଳେ ସେ ଥରେ ତଳକୁ ଅନେଇ ଦେଲା । ତାକୁ ତା'ର ଶାଗୁଆ ଧାନ କିଆରିଟି ହଠାତ୍ ଦିଶିଗଲା । ସେ ମନେ ମନେ ଭାବିଲା, ଲଡ଼ୁ ଖାଇବାକୁ ମୁଁ ସ୍ୱର୍ଗକୁ ଯାଉଛି । ଫେରୁ ଫେରୁ କେତେଦିନ ଲାଗିବ କିଏ ଜାଣେ ? ଏଣେ ଧାନ କିଆରି ବହୁତ ବେଉଷଣ ହୋଇନାହିଁ । ଠିକ୍ ସମୟରେ କୃଷି କାମ ନ କଲେ କଣ ଭଲ ଫସଲ ମିଳିବ ? ଯଦି ସତ୍ୟ ମୁଁ ଯେଉଁ ଲଡ଼ୁ ଖାଇବାକୁ ଯାଉଛି, ସେ ସରଗ ଲଡ଼ୁର ଆକାର ପ୍ରକାର କଥା ପଣ୍ଡିତଙ୍କୁ ପଚାରି ବୁଝିନେବା ଦରକାର । ତା ନ ହେଲେ ପଛରେ ପସ୍ତାଇବାକୁ ପଡ଼ିବ । ସେ ସାଙ୍ଗେ ସାଙ୍ଗେ ପଚାରିଲା, "ପଣ୍ଡିତେ, ସରଗ ଲଡ଼ୁ କେତେ କେତେ ? ଆମ ଏଠା ଲଡ଼ୁଠାରୁ ବଡ଼ ନା ଛୋଟ ?"

ପଣ୍ଡିତେ ସେତେବେଳେ ସରଗ ଲଡ଼ୁର ସ୍ୱପ୍ନ ଦେଖୁଥିଲେ । କୃଷୀର କଥା ଶୁଣି ସ୍ୱର୍ଗ ଲଡ଼ୁର ଆକାର ଯେ ଖୁବ୍ ବଡ଼ ସେ କଥା ଦୁଇ ହାତରେ ଦେଖାଇଦେବା ପାଇଁ ସେ ହାତୀଲାଙ୍ଗୁଳ ଛାଡ଼ିଦେଲେ । ସାଙ୍ଗେ ସାଙ୍ଗେ ପଣ୍ଡିତଙ୍କ ସହିତ ସ୍ୱର୍ଗକୁ ଯାଉଥିବା ସବୁ ଗାଁ ଲୋକେ ଅଧା ସ୍ୱର୍ଗରୁ ଖସି ପଡ଼ିଲେ । ବୁଝିଲୁ ମଣିଆ ! ଲଡ଼ୁର ଆକାର ଦେଖାଇବାକୁ ଯାଇ ପଣ୍ଡିତଙ୍କ ସରଗ ଲଡ଼ୁ ଖିଆ ମଜା ପଣ୍ଡ ପଡ଼ିଲା ।"

ପଣ୍ଡିତଙ୍କ ବୋକାମି କଥା ଶୁଣି ଭୋକିଲା ପେଟରେ ମଧ୍ୟ ମଣିଆ ହସି ପକାଇଲା । କହିଲା, "ଆହା ! ଏତେ ଶାସ୍ତ୍ର ପୁରାଣ ପଢ଼ିଥିଲେ କଅଣ ହେବ, ପଣ୍ଡିତ ସତରେ ଜଣେ ନିପଟ ବୋକା । ଆମ ଗଣିଆକୁ କହିଦେବ କେବଳ ବହି ପଢ଼ି ପଣ୍ଡିତ ହେଲେ ଚଳିବ ନାହିଁ, ବୁଦ୍ଧିଆ ହେବା ମଧ୍ୟ ଦରକାର । ନା, କଣ କହୁଛ ଠୁଣୁଠୁଣିଆ ଭାଇ !" ଖୁସିରେ ଠୁଣୁଠୁଣିଆ ହଁ ଭରିଲା ।

( ଆଦିବାସୀ ଲୋକକଥା ଅବଲମ୍ବନରେ )

( 'ଶିଶୁଲେଖା'—୧୯୭୮ )

କ୍ଷୀରୋଦଚନ୍ଦ୍ର ପୋଥାଳ ( ୧୯୩୭—        )

[ ଜନ୍ମ—କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ନିକଟ ଗୋପପୁର ଗ୍ରାମରେ—୧୯୬୫ ରୁ ୧୯୭୭ ଯାଏ 'ମାତୃଭୂମି' କାର୍ଯ୍ୟାଳୟରେ ସହକାରୀ ରୂପେ ଥିଲେ—ଆକାଶବାଣୀର ଗୀତିକାର ଏବଂ ଶିଶୁ-ସାହିତ୍ୟିକ—ଶିଶୁ-ପତ୍ରିକାରେ ତାଙ୍କର ଲେଖା ପ୍ରକାଶ ପାଏ । 'ଗାଆଁ ମାଟି ମୋର ହସେ ରେ, 'ଅକଲ ମକଲ ଟକଲ ଟିଆଁ', 'ହସପସର', 'ସତ କଥାଟୁ ସାତଟି', 'କ୍ଷୀରୋଦ-ଚନ୍ଦ୍ର ସଙ୍ଗୀତାବଳୀ' ପ୍ରଭୃତି ବହିର ଲେଖକ ! ]

## ରଜ ରଜ ରଜ ରେ

ରଜ ରଜ ରଜ ରେ
ରଜ ଲାଗି ତ ଲାଗି ଯାଇଛି      କେତେ ସଜବାଜ ରେ ।

ଝଲକ ଝଲ ପେଣ୍ଟ୍ କୁରୁତା
ହଲକ ହଲ ବଡ଼ିଆ ଜୋତା
ଝିଲମିଲିଆ ସିଲକ୍ ଫିତା      ହେଉଛି ଲୋଡ଼ା ଆଜରେ
                                ରଜ ରଜ ରଜ ରେ ।

କେତେ ଯେ ମିଠା, ଚଅଣ, ଜାଉ
ପଲଉ କଥା ନ କୁହ ଆଉ
ଆମ୍ବ ପଣସ କହନ୍ତୁ—ଆମ      କଥା ଟିକଏ ହେଜ ରେ
                                ରଜ ରଜ ଉଜ ରେ ।

ଝୁଲଇ କଏ ଦୋଳରେ ବସି
ବୁଲଇ କଏ ହୋଇଣ ଖୁସି
ବୋଲଇ କଏ 'କବାଲି' ଗୀତ  ବଜାଇ ପଖାଉଜ ରେ
                    ରଜ ରଜ ରଜ ରେ ।

କେଉଁଠି ଝୁଲେ ବାଗୁଡ଼ି, ଡୁ ଡୁ
କେଉଁଠି ପୁଣି ଚାଆସ, ଲୁଡୁ
ହାରିଲା ଯିଏ ନେଉଛି ସିଏ   କେଜାଣି କେତେ ବୋଝ ରେ
                    ରଜ ରଜ ରଜ ରେ ।

ଆସ ଓସକା, କଉଳ, ମିତ
ଖେଳିବା ଦୋଳ, ଗାଇବା ଗୀତ
ରଜପର୍ବ ଏ ମଉଜ ଦିନେ   କାହିଁକି ଏତେ ଲାଜ ରେ ?
                    ରଜ ରଜ ରଜ ରେ ।

●

( 'ଅକଲ ମକଲ ଟକଲ ଟିଆଁ'—୧୯୭୧ )

# ଅଜା ଦିନେ ମଜା କଥା କହିଲେ

ଅଜା ଦିନେ ମଜା କଥା କହିଲେ
ପିଲାମାନେ ବସିପଡ଼ି ପହିଲେ ।
ମନ ଦେଇ ଶୁଣିଥିବ, ଗୋଳମାଳ ନ କରିବ
ଜାଣିଥାଅ ପଳାଇବ ନଇଲେ ।

ରଜାଟିଏ ଥିଲେ ଏକ ଦେଶରେ
ବୁଲୁଥିଲେ ସାଦାସିଧା ବେଶରେ;
ପରଜାଙ୍କର ଗୁହାରି, ଶୁଣୁଥିଲେ କାନ ପାରି
ଭୋଜନ ଦିଅନ୍ତି କେହି ଉପବାସେ ରହିଲେ
ଅଜା ଦିନେ ମଜା କଥା କହିଲେ ।

ଯିଏ ଯାହା ମାଗେ ତାହା ଦିଅନ୍ତି
ଦବାରେ ପଛୁଆ କେବେ ନୁହନ୍ତି;
ରଜାଙ୍କର ଦାନୀପଣ, ଜାଣିପାରି ଦେବଗଣ
ପରଖିବା ପାଇଁ ଥରେ ମରତକୁ ଆଇଲେ,
ଅଜା ଦିନେ ମଜା କଥା କହିଲେ ।

'ଦେହରୁ ମାଉଁସ କଟି ବାହାର
ଦିଅ ରଜା ଆମ ପାଇଁ ଆହାର,'
ରାଜି ହୋଇଗଲେ ରାଜା, ବାଜିଲା ଢମକବାଜା,
ଶାଣଦିଆ ଛୁରୀ ଗୋଟା ରାଜା ହାତେ ଧଇଲେ
ଅଜା ଦିନେ ମଜା କଥା କହିଲେ ।

ଛୁରି ଧରି ରାଜା ଠିକେ ହସିଲେ
ଦେବତାଙ୍କ ବୁଦ୍ଧି ଠାକୁ କଷିଲେ,
କହିଲେ, 'ଖାଇବାଲାଗି, ମାଉଁସ ତ ଥିଲ ମାଗି,
ଦାୟୀ ହେବ ମୋ ଦେହରୁ ଲହୁ ଟୋପା ବହିଲେ'
ଅଜା ଦିନେ ମଜା କଥା କହିଲେ ।

ଏହା ଶୁଣି ଦେବତାଏ ହଟିଲେ
ରାଜାଙ୍କର ପାଦତଳେ ଲୋଟିଲେ
ସେଇ ଦିନଠାରୁ ରଜା, ସୁଖରେ ପାଳିଲେ ପ୍ରଜା
କଥା ଶୁଣି ପିଲାମାନେ ହସି ତାଳି ମାଇଲେ,
ଅଜା ଦିନେ ମଜା କଥା କହିଲେ ।

ରମେଶଚନ୍ଦ୍ର ଧଳ ( ୧୯୩୮— )

[ ଢେଙ୍କାନାଳର ଗଞ୍ଜେଇଡିହ ଗ୍ରାମରେ ଜନ୍ମ—ଭୁବନେଶ୍ୱରରେ ଆଇନ ବ୍ୟବସାୟ କରନ୍ତି । ଗଳ୍ପ, ଉପନ୍ୟାସ, କବିତା, ଜୀବନୀ ଓ ଶିଶୁ-ସାହିତ୍ୟର ଲେଖକ—'ଜନପଥ' ପତ୍ରିକାର ସଂପାଦକ—ଶିଶୁ-ସାହିତ୍ୟରେ ଏକାଧିକ ବାର ପୁରସ୍କୃତ—ରଚନାବଳୀ :— 'ଛିନ୍ନପତ୍ର', 'ଝରଣା ଝରି ଝରି ଯାଏ', 'ପାପୁର ସମୁଦ୍ରଦେଖା', 'ମାଛଙ୍କ ମହାସଭା', 'ହୀରା ନଗରୀର କାହାଣୀ' ପ୍ରଭୃତି । ]

## କାଠୁରିଆ ବୁଢ଼ା ଓ ନାଲି କୁକୁଡ଼ା

ଗୋଟିଏ ଜଙ୍ଗଲରେ ଜଣେ ଗରିବ ବୁଢ଼ା କାଠୁରିଆ ଘର କରି ରହୁଥିଲା । ପ୍ରତିଦିନ ଜଙ୍ଗଲରୁ କାଠ କାଟି ମୁଣ୍ଡରେ ମୁଣ୍ଡାଇ ସେ ହାଟକୁ ବିକିବାକୁ ନିଏ । କାଠ ବିକି ଯାହା ପାଏ, ସେଥିରେ ସେ ଚଳିଯାଏ । ବୁଢ଼ା କାଠୁରିଆର ଦୁଃଖ ଦେଖି ସମସ୍ତେ ଆହା କରନ୍ତି । ଦିନେ ଦିନେ ତା କାଠ ମୋଟେ ବିକ୍ରି ହୁଏ ନାହିଁ । ସେ ମନଦୁଃଖରେ ଘରକୁ ଫେରିଆସେ । ସେଦିନ ସେ ଉପବାସରେ ରହେ ।

ସେ ଯେଉଁ ହାଟକୁ କାଠ ବିକିବାକୁ ନିଏ, ସେଠାରେ ତା ପାଖରେ ଆଉ ଜଣେ ଲୋକ ବସି କୁକୁଡ଼ା ଓ କୁକୁଡ଼ା ଅଣ୍ଡା ବିକେ । ଏ କୁକୁଡ଼ା-ବିକାଳି ଓ ବୁଢ଼ା କାଠୁରିଆ ଭାରି ସାଙ୍ଗ । ଯେଉଁଦିନ କାଠ ବିକ୍ରି ହୁଏ ନାହିଁ, ସେଦିନ କାଠୁରିଆ ତା କାଠକୁ କୁକୁଡ଼ାବିକାଳି ପାଖରେ ଥୋଇଦେଇ ଆସେ । କେବେ କେବେ କୁକୁଡ଼ାବିକାଳି କାଠୁରିଆକୁ ଦୟା କରି ଦୁଇ ତିନି ଗୋଟି ପଇସା ଦେଇଥାଏ । ଥରେ ଏହି କୁକୁଡ଼ାବିକାଳି

କାଠୁରିଆ ବୁଢାକୁ ଖାଇବାକୁ ଗୋଟିଏ ଭଲ ନାଲି କୁକୁଡ଼ା ଦେଲା । କୁକୁଡ଼ାଟି ଧରି ବୁଢ଼ା କାଠୁରିଆ ଅତି ଖୁସିରେ ତା ଘରକୁ ଫେରିଲା ।

କୁକୁଡ଼ାଟିକୁ ସକାଳେ ମାରିବ ବୋଲି ମନେ ମନେ ଠିକ୍ କରି ରାତିରେ କାଠୁରିଆ ବୁଢ଼ା ଶୋଇବାକୁ ଗଲା । ସକାଳ ହେଲା; କାଠୁରିଆ ବୁଢ଼ା ନିଦରୁ ଉଠିଲା । ହାତରେ ଗୋଟିଏ କାତି ଧରି ସେ ନାଲି କୁକୁଡ଼ାକୁ ମାରିବାକୁ ଗଲା । ନାଲି କୁକୁଡ଼ାକୁ ମାରିବାକୁ ଗଲାବେଳେ ସେ କହିଲା, "ହେ ବୁଢ଼ା କାଠୁରିଆ ଭାଇ ! ତୁମେ ମୋତେ ମାରନାହିଁ । ମୁଁ ତୁମର ବହୁତ ଉପକାର କରିବ ।" କାଠୁରିଆ ବୁଢ଼ା ପଚାରିଲା, "ତୁ ମୋର କି ଉପକାର କରିପାରିବୁ ?" ନାଲି କୁକୁଡ଼ା ଅତି ଧୀରେ ଧୀରେ କହିଲା, "ମତେ ନ ମାରି ଯଦି ପୋଷି ରଖିବ, ତେବେ ମୁଁ ସବୁଦିନେ ନୂଆ ନୂଆ ରଙ୍ଗର ଅଣ୍ଡା ଦେବ । ତୁମେ ସେ ସବୁ ବିକି ବହୁତ ପଇସା ପାଇବ । ଅଳ୍ପ ଦିନ ମଧ୍ୟରେ ତୁମେ ଧନୀ ହୋଇଯିବ ।"

ବୁଢ଼ା କାଠୁରିଆ ମନକୁ ନାଲି କୁକୁଡ଼ାର କଥା ପାଇଲା । ତା ସାଙ୍ଗ ମଦନ କପରି ଅଣ୍ଡା ବିକି ସବୁଦିନେ ପଇସା ପାଏ, ତାର ମନେ ପଡ଼ିଗଲା । ସେ ନାଲି କୁକୁଡ଼ାକୁ କହିଲା, "ଅଚ୍ଛା ହେଉ, ମୁଁ ତୋତେ ମାରୁନାହିଁ; କିନ୍ତୁ ଦେଖ୍, ତୁ ସବୁଦିନ ଅଣ୍ଡା ଦେବୁ ।" ବୁଢ଼ା କାଠୁରିଆ ନାଲି କୁକୁଡ଼ା ପାଇଁ ଗୋଟିଏ ଛୋଟ ଘର ତୋଳିଦେଲା । ସେହି ଘରେ ନାଲି କୁକୁଡ଼ା ସୁଖରେ ରହିଲା । ସବୁଦିନ ସେ ନୂଆ ନୂଆ ରଙ୍ଗର ଧଳା, ନାଲି, ନେଳି, ହଳଦିଆ ଏବଂ ଟିପିଟିପିକିଆ ଅଣ୍ଡା ଦେଲା ।

ଅନ୍ୟମାନଙ୍କର ଅଣ୍ଡା ଗୋଟିଏ ରଙ୍ଗର । ମାତ୍ର କାଠୁରିଆ ବୁଢ଼ାର ଅଣ୍ଡାଗୁଡ଼ିକ ବହୁ ରଙ୍ଗର ଏବଂ ସୁନ୍ଦର ସୁନ୍ଦର ହୋଇଥିବାରୁ ହାଟରେ ପ୍ରଥମେ ବିକି ହୋଇଯାଏ । ଦିନକୁ ଦିନ ଅଣ୍ଡା ବିକିରୁ କାଠୁରିଆ ବୁଢ଼ା ଅଧିକରୁ ଅଧିକ ପଇସା ପାଇଲା । ଆଉ କେତେଗୋଟି ନୂଆ କୁକୁଡ଼ା ମଧ୍ୟ ସେ କିଣିଲା । ମାତ୍ର ସେ ସବୁଠୁ ବେଶି ଭଲ ପାଏ ନାଲି କୁକୁଡ଼ାକୁ । ତାକୁ ବେଶି ବେଶି ମୁଗ, ଚାଉଳ ଓ ଖୁଦ ଖାଇବାକୁ ଦିଏ ।

ଅଣ୍ଡା ବିକି ବୁଢ଼ା କାଠୁରିଆ ବେଶ୍ ଦି'ପଇସା ପାଇଲା । ସେ ତ ସହଜେ ବୁଢ଼ା ହୋଇଯାଇଥିଲା ଏବଂ କାଠ କାଟି ପାରୁ ନ ଥିଲା । ଅଣ୍ଡା ବିକି ସୁବିଧାରେ ପଇସା ପାଇବାରୁ ସେ ଆଉ କାଠ କାଟିଲା ନାହିଁ । ନିଜ ଲାଗି ଭଲ ଘରଟିଏ ତୋଳିଲା । ଭଲ ଭଲ ଜିନିଷ କିଣି ଖାଇଲା । ଭଲ ଲୁଗା କାମିଜ କିଣି ପିନ୍ଧିଲା । ସମସ୍ତେ କାଠୁରିଆ ବୁଢ଼ାର ଘର ଦେଖିବାକୁ ଆସିଲେ ।

ଦିନେ ନାଲିକୁକୁଡ଼ାର ଦେହ ଭଲ ନ ଥିବାରୁ ସେ ଅଣ୍ଡା ଦେଇ ନ ଥିଲା । ସେଥିଲାଗି କାଠୁରିଆ ବୁଢ଼ା ତାକୁ ବହୁତ ଗାଳିଦେଲା । କୁକୁଡ଼ାକୁ ଧମକାଇ କହିଲା, "ଦେଖ୍, ତୁ ଯଦି କାଲି ଅଣ୍ଡା ନ ଦେଉ, ତତେ ହାଣି ଖାଇବି । ସାବଧାନ !" ଏ କଥା ଶୁଣି ନାଲି କୁକୁଡ଼ା ବହୁତ ମନଦୁଃଖ କଲା; ଅନେକ କାନ୍ଦିଲା । ମନକୁ ମନ କହିଲା, "ମୁଁ ସବୁଦିନ ଅଣ୍ଡା ଦେଉଥିଲି । ସେହି ଅଣ୍ଡା ବିକି କାଠୁରିଆ ବୁଢ଼ା ଧନୀ ହେଲା । କିନ୍ତୁ ମୋ ଦେହ ଦିନେ ଖରାପ ହେଉ ଅଣ୍ଡା ନ ଦେବାରୁ ମୋତେ ହାଣିଦବ ବୋଲି ଧମକ ଦେଉଛି ! ଏଠାରେ ରହିବା ଆଉ ଉଚିତ ନୁହେଁ ।" ଏହା ଭାବି ସେ ବୁଢ଼ା କାଠୁରିଆକୁ ତା ଗ୍ଲେଟ ପେନ୍‌ସିଲରେ ଗୋଟିଏ ଚିଠି ଲେଖିଲା । ଚିଠି ଲେଖିସାରି ତାକୁ ଗୋଟିଏ ଟିକି ଲଫାପାରେ ବନ୍ଦ କରି ରଖିଦେଲା । ସକାଳ ହେବା ପୂର୍ବରୁ ନାଲି କୁକୁଡ଼ା ତା ଘରୁ ବାହାରି ଜଙ୍ଗଲ ଭିତରକୁ ଚାଲିଗଲା ।

ସକାଳୁ କାଠୁରିଆ ବୁଢ଼ା ଅଣ୍ଡା ନେବାଲାଗି ଆସି ଦେଖିଲା ନାଲି କୁକୁଡ଼ା ଘର କବାଟ ଫିଟିନାହିଁ । ସେ ଭାବିଲା, ବୋଧହୁଏ ତାକୁ ବେଶି ଜ୍ୱର ହୋଇଛି । ମାତ୍ର ତା ଘର ଖୋଲି ଦେଖେ ତ ସେ ଘରେ ନାଲି କୁକୁଡ଼ା ନାହିଁ କି ଅଣ୍ଡା ନାହିଁ । ଗୋଟିଏ ଟିକି ଲଫାପା ଚିଠି ଥୁଆ ହୋଇଛି ।

ଚିଠିଟି ଲଫାପାରୁ କାଢ଼ି ସେ ପଢ଼ିଲା । ନାଲି କୁକୁଡ଼ା ଲେଖିଛି —ବୁଢ଼ା କାଠୁରିଆ ଭାଇ, ମୁଁ ତୁମକୁ ସବୁଦିନ ଅଣ୍ଡା ଦେଉଥିଲି; ତାକୁ ବିକି ତୁମେ ଧନୀ ହେଲ । ମାତ୍ର ଦିନେ ମୋତେ ଜ୍ୱର ହେଉ ମୁଁ ଅଣ୍ଡା

ଦେଲନାହିଁ ବୋଲି ତୁମେ ଧମକ ଦେଉଛ 'ମତେ ହାଣି ଖାଇବ' । ସେଥିପାଇଁ ମୁଁ ଚାଲିଯାଉଛି । ତୁମେ ମୋଟେ ଭଲ ଲୋକ ନୁହଁ । ମୋତେ ଆଉ ଖୋଜିବ ନାହିଁ । ତୁମ ପାଖରେ ମୁଁ ଆଉ ରହିବ ନାହିଁ ।

ବୁଢ଼ା କାଠୁରିଆ ଚିଠିଟି ପଢ଼ି ଭାବିଲା । ସେ ବୁଝିଲା, ସତରେ ତାର ଭୁଲ ହୋଇଛି । ସେ ଖୁବ ମନକଷ୍ଟ କଲା । ଜଙ୍ଗଲ ଭିତରକୁ ଯାଇ ସେ ଖୁବ୍ ବଡ଼ ପାଟି କରି ଡାକିଲା—"ହେ ନାଲିକୁକୁଡ଼ା, ନାଲି କୁକୁଡ଼ା ! ତି, ତି, ତି, ତି···ନାଲିକୁକୁଡ଼ା ! ତୁ ଫେରିଆ । ମୁଁ ତୋତେ ଆଉ ମୋଟେ ମାରିବ ନାହିଁ ।" କିନ୍ତୁ ସେତେବେଳକୁ ସେ କୁକୁଡ଼ା କାଠୁରିଆ ଘରଠାରୁ ଜଙ୍ଗଲ ଭିତରକୁ ବହୁତ ଦୂର ଚାଲିଯାଇଥିଲା । ବୁଢ଼ା ଖୁବ୍ ପାଟି କରି ଡାକିଲେ ମଧ୍ୟ ତାକୁ ଶୁଭିଲା ନାହିଁ । ନାଲିକୁକୁଡ଼ା ଆଉ ଫେରିଲା ନାହିଁ । ଶେଷରେ କାଠୁରିଆ ବୁଢ଼ା କାନ୍ଦି କାନ୍ଦି ନିଜ ଘରକୁ ଫେରିଲା ।

●

( ମଣିମାଣିକ ଗଳ୍ପମାଳା—୧୯୭୭ )

ପୁଣ୍ୟପ୍ରଭା ଦେବୀ ( ୧୯୩୮—          )

[ ଜନ୍ମ କଟକ ସହରରେ—ପିତା ସ୍ୱର୍ଗତ ନିମାଇଁଚରଣ ଦାସ—ସୁପରିଚିତା ଲେଖିକା ବିଦ୍ୟୁତ୍‌ପ୍ରଭାଙ୍କର କନିଷ୍ଠା ଭଗ୍ନୀ—ଏହାଙ୍କ ଶିଶୁ-କବିତା ପୁସ୍ତକ 'କାଳିଆ ବଳଦ ଗଳା ଗଳି' ୧୯୬୦ ରେ ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ—ଅନ୍ୟାନ୍ୟ ରଚନାବଳୀ :—'ଟିକି ରାଇଜ', 'ଅନାବନା', 'ଶିଶୁ ସୈନିକ ଜାଗରେ,' 'ଶିଶୁ ସୈନିକ' ପ୍ରଭୃତି । ]

## କଥାଟିଏ କହୁଁ କଥାଟିଏ

କଥାଟିଏ କହୁଁ କଥାଟିଏ
ବୁଢାଟିର ଥିଲା ଛତାଟିଏ
ଛତାବିନା ତାର ଟିକିଏ ଚଳେନା
ଥିଲା ଯେଣୁ ଚନ୍ଦା ମଥାଟିଏ ।

ବରଷଯାକର ବାର ମାସ
ଛତା ଘେନି କରେ ଯାଆ-ଆସ
ଖରା ବରଷା ଓ ଶୀତ କାକରରେ
ଛତାଟି ତାହାର ଥାଏ ପାଶ ।

ବୁଢ଼ା ଯାଉଥିଲା ବାଟେ ବାଟେ
ନଈ ସେପାରିର ବଡ଼ ହାଟେ,
ଜିନିଷ-ପତର ଆଣିବ ବୋଲିକି
ବୁଢ଼ୀ ଦେଇଥିଲା ଚିଠା ଗୋଟେ ।

ଦୋକାନ କଣରେ ରଖି ଛତା
ବୁଢ଼ା କିଣୁଥିଲା ଜିନିଷ ତା,
ହିସାବ ନିକାଶ ସରିଗଲା ଯହୁଁ
ଛତା ପାଇଁ ବୁଢ଼ା କଲା ପ୍ରଶ୍ନ ।

ବୁଢ଼ା ଛତାଟିକି ନେଇ ଯାଇ
ବାଡ଼ି ରଖିଥିଲା ସେଠି କେହି,
ବଙ୍କୁଲି ବାଡ଼ିକୁ ଛତା ମନେ କରି
ବୁଢ଼ା ଚାଲୁଥିଲା ଧଇଁସଇଁ ।

ବାଟେ ଯିଏ ତାକୁ ଦେଖୁଥିଲା
ମନେ ମନେ ସିଏ ହସୁଥିଲା,
ବଙ୍କୁଲି ବାଡ଼ିକୁ ଉପରକୁ ଟେକି
ବୁଢ଼ା ତା ଘରକୁ ପଶୁଥିଲା ।

ବୁଢ଼ୀ ପଚାରିଲା—ଏ କି କଥା !
କାହିଁ ଗଲା ତମ କଳା ଛତା ?
ଛତା ପରି କାହା ବାଡ଼ିକୁ ଧରିଛ
ସେ କଥା, ତୁମକୁ ନାହିଁ ପ୍ରଶ୍ନ ?

ବୁଢ଼ା ମନ ହେଲା ହାଇଁପାଇଁ
'ଛତା କାହିଁ, ମୋର ଛତା କାହିଁ ?'
କାହାକୁ କହିବ କିଏ ବା ଶୁଣିବ
ମୁଣ୍ଡ ଯେ ହେଲାଣି ଝାଇଁଝାଇଁ !

( 'କୁନି ରାଇଜ'—୧୯୭୮ )

ପ୍ରମିଳା ନାୟକ ( ୧୯୩୯—        )

[ ପୁରୀ ଜିଲ୍ଲା ନିମାପଡ଼ାରେ ଜନ୍ମ—ବି. ଏ., ସି଼ଟି. ପାସ୍ କରି ଖୋର୍ଦ୍ଧା ରୋଡ଼୍ ରେଲୱେ ହାଇସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି—'ମୀନା-ବଜାର', 'ଶିଶୁଲେଖା,' 'ମନପବନ' ପ୍ରଭୃତି ଶିଶୁପତ୍ରିକାରେ ତାଙ୍କ ରଚନା ପ୍ରକାଶିତ ହୋଇଛି । ୧୯୭୯ ରେ 'ବନ୍ଧୁ ମିଳନ' ଉତ୍ସବରେ ଓ 'ଟିକି ଦୁନିଆ' ବାର୍ଷିକ ମିଳନରେ ସମ୍ବର୍ଦ୍ଧିତା । )

## ବରଷା ଝରେ

ଝରଝର ବରଷା
ଭୂଇଁ କରେ ସରସା
ଗଛ ଲତା ଜୀବଜନ୍ତୁ ସବୁର ସେ ଭରସା ।

ମେଘକୋଳେ ବିଜୁଳି
ଦଶଦିଗ ଉଜ୍ଜ୍ୱଳି
ନଈ ନାଳ ବନ୍ଧ ଡେଇଁ ପାଣି ପଡ଼େ ଉଛୁଳି ।

ଆମେ ସବୁ ପିଲାଏ
କରି ମନ ମଉଜ
ପାଣି-ସୁଏ ଭସାଉଛି କାଗଜର ଜାହାଜ ।

ଆଈ କହେ ହରଷେ
ହାତୀ ସୁନା-କଳସେ
ଢାଳେ ପାଣି ଆକାଶରୁ, ମେଘ ହୋଇଁ ବରଷେ ।

ନାହିଁ ନାହିଁ ନାହିଁ ରେ
ଖଗ ଠାଇଁଠାଇଁରେ
ଜଳ ସବୁ ଶୂନ୍ୟେ ଉଡ଼ିଯାଏ ବାଷ୍ପ ହୋଇ ରେ ।

ମଉସୁମୀ ବହଇ
ବାଷ୍ପକୁ ସେ ଛୁଅଁଇ,
ପାଲଟାଇ ଜଳବିନ୍ଦୁ ଆକାଶକୁ ଧୂଅଇ ।

ଗୋଟି ଗୋଟି ମିଶଇ
ଟୋପି ଟୋପି ଖସଇ
ସବୁଜ ସୁନ୍ଦର ରୂପ ମାଟି-ମାଆ ହସଇ ।

ମନ ସଦା ମହତ
ଦାନ ତାର ବହୁତ
କେବେହେଲେ କାହାର ସେ ନ ପାଞ୍ଚଇ ଅହିତ ।

●

( 'ନୀଳ ସୂରୁଯ ବୁଣେ ମୁରୁଜ'—୧୯୭୯ )

ନଟବର ସାହୁ ( ୧୯୪୦—        )

[ ଜନ୍ମ କଟକ ଜିଲ୍ଲା ବାଲଚନ୍ଦ୍ରପୁର ଗ୍ରାମରେ—ଅଳ୍ପ ଦିନର ଶିକ୍ଷକତା ପରେ ବର୍ତ୍ତମାନ ମାଧ୍ୟମିକ ଶିକ୍ଷାବୋର୍ଡ଼ରେ ମୂଲ୍ୟାୟନ ଅଧିକାରୀ ଭାବେ ନିଯୁକ୍ତ—ତାଙ୍କ ରଚନାବଳୀ :—'ଆଉ ଏକ ଅଧ୍ୟାୟର ଆରମ୍ଭ', 'ଗୋଟିଏ ଅଲଗା ଜ୍ୟୋତି,' 'କିଶୋର କାହାଣୀ', 'ଆମର ଗାଇଜ ମଣ୍ଡଳମଣି ଉତ୍କଳମଣି' ପ୍ରଭୃତି । ]

## କେମିତି ଗାଇବ ଆଉ ମୁଁ ଗୀତ ?

ଠିକ ମଇନାରେ ଠିକ ମଇନା,
ଜୁଲୁଜୁଲୁ କର ଏଣିକି ଅନା ।

ତୋ ଲାଗି ଆଣିଚି ପାଚିଲା କୋଳି
ଖାଇଦେଲେ ଯିବ ଭୋକ ତୋ ମରି ।

କାହିଁପାଇଁ ମନ କରୁଛୁ ଊଣା ?
ପିଇବାକୁ ଦେବ ପଇଡ଼ ପଣା ।

ଆମ ଘରେ ମନ ଲାଗୁନି ଭଲ ?
ଉଡ଼ିବୁଲୁଥିଲୁ ପାହାଡ଼ ବଲ ।

କିଏ ଦେଉଥିଲା ସରଲବଣୀ,
କିଏ ଝୋଉଥିଲା ତୋ ମନ ଜାଣି ?

ଛୁଟୁନାହିଁ ଏଠି ଭାତ ଓ ଦୁଧ,
ବଣର ଫଳେ କି ତୋ ମନ ବୋଧ ?

ଆଣିଦେବ କେତେ ପାଚିଲା ଫଳ
ମନରେ 'ମଇନା' ଦୁଃଖ ନ କର ।

କଚର-ମିଚର ମଧୁର ସୁରେ
ଗାଆ ଗୀତ ଟିକ ମଇନା ଆରେ ।

ଫଡ଼ଫଡ଼ କର ଟିକ ମଇନା
କଚର-ମିଚର କଲା ଗାଉଣା—

ପରାଧୀନ ହେଲେ ପୀୟୂଷ ବିଷ,
ସୁନା ପଞ୍ଜୁରୀରେ ମନ ନ ତୋଷ ।

ଖୁଣ୍ଟି ଦାନା, ପିଇ ଝରଣାପାଣି
ଥିଲି ଆରାମରେ ଇଚ୍ଛାରେ ପୁଣି ।

ଉଡ଼ି ବୁଲୁଥିଲି ନୀଳ ଆକାଶେ
ଖାଏ ବା ନ ଖାଏ ମନ ଉଲ୍ଲାସେ ।

ଏଠି ବିଷପିଚା ଏ ଦୁଧଭାତ
କମିତି ଗାଇବ ଆଜି ମୁଁ ଗୀତ ?

●

( 'ଝୁଆଁଝୁଇଁ' )

ଭଗବାନ ପାଣ୍ଡୀ ( ୧୯୪୦—        )

[ ଜନ୍ମ କଟକ ଜିଲା ଯାଜପୁର ରୋଡ଼ ନିକଟ ଲକ୍ଷ୍ମୀନଗର ଗ୍ରାମରେ—ଓଡ଼ିଶାର ବହୁ ପତ୍ରପତ୍ରିକାରେ ତାଙ୍କର ଲେଖା ପ୍ରକାଶିତ ହୋଇଛି । ପ୍ରଜାତନ୍ତ୍ର ପ୍ରଚାର ସମିତି ଓ ରାଜ୍ୟସ୍ତରୀୟ ଶିଶୁସାହିତ୍ୟିକ ସମ୍ମିଳନୀ ତରଫରୁ ବହୁବାର ପୁରସ୍କୃତ—ବର୍ତ୍ତମାନ ଫକୀରପଡ଼ା ହାଇସ୍କୁଲରେ ଶିକ୍ଷକ ଅଛନ୍ତି । ]

## ତୁଳସୀ ବାପର ଦୁଇପତରରୁ

ଦିନକର କଥା ଗୃହଶାଳୀ ଘରେ
ଶୋଇପଡ଼ିଥିଲେ ଅବଧାନେ,
ଘର ଅଗଣାରେ ଖେଳ ଖେଳିବାରେ
ମାତିଗଲେ ଚଞ୍ଚୁ ପିଲାମାନେ ।

କେତେ ବେଳ ଗଲା ମନରେ ପଡ଼ିଲା—
'ଗୁରୁ କାଳେ ଉଠି ରାଗିଯିବେ,
କିଛି ଶୁଣିବେନି, ଜଣ ଜଣ କରି
ଗୋଗଛ-ବାଡ଼ିଆ ବାଡ଼େଇବେ ।

ପଢ଼ା ସମୟରେ ଖେଳିବା ବୁଲିବା
ନୁହଇଁ ତ କେବେ ଭଲ କଥା,
ଏହା ଭାବି ଝୁଏ ପଶିଲେ ଭିତରେ
ଭୟରେ ତଳକୁ କରି ମଥା ।

ଦେଖିଲେ ଖଟରେ ନିଘୋଡ଼ ନିଦରେ
ଶୋଇଯାଇଛନ୍ତି ଅବଧାନ,
ଖଟ ଉପରକୁ ଚଢ଼ୁଅଛି ନାଗ !
ଘୁଡ଼ ଫଁ ଫଁ ଗରଜନ !
ପିଲାଙ୍କ ଭିତରେ ଭାଳେଣି ପଡ଼ିଲା—
ଗୁରୁଜୀଙ୍କୁ ସାପ ଚୋଟ ଦେବ,
ସାପକୁ ମାରିବେ—ଭଲ ହେଲେ ସିନା,
କିଏ ସେ କାମରେ ଦେଖାଇବ ?
ସଭିଏଁ ରହିଲେ ଠିଆ ଗଛ ପରି
ଥରିଲା ବରଡ଼ା ପରି ଦେହ,
ଗୋଟିଏ ବାଳକ ଏଇ ଘଟଣାରେ
ଭାଳିଲା ହୋଇଲା ଅଥୟ ।
ଖଟ ଉପରକୁ ନାଗ ଚଢ଼ୁଅଛି !
ଆଉ ନିମିଷକେ ଦେବ ଚୋଟ,
ପିଲା ବସାଇଲା ଠେଙ୍ଗାରେ ପାହାରେ
ସାପ ପଡ଼ି ହେଲା ଛଟପଟ ।
ପିଲାଙ୍କର ଗୋଳମାଳ ଭିତରେ
ଗୁରୁଜୀଙ୍କ ନିଦ ଭାଙ୍ଗିଗଲା,
ପଚାରିବାରୁ ସେ, ଜଣେ କହିଗଲା
ଏ ଭିତରେ ଯାହା ଘଟିଥିଲା ।
ସେହି ପିଲାଟିର ସାହସକୁ ଦେଖି
ଗୁରୁଜୀ ହୋଇଲେ ଆଚମ୍ବିତ,
ପିଠି ଆପୁଡ଼ାଇ କହିଲେ, "ଗୋପ, ତୁ
ବଞ୍ଚାଇଲ, ମୋର ଦେବଦୂତ ।
ତୁଳସୀ ବାସଇ ଦୁଇ ପତରରୁ
ବଡ଼େ ହେବୁ ତୁହି ବଡ଼ ଲୋକ,
ପର ଦୁଃଖେ ଦୁଃଖୀ ହେବୁ ତୁ ବାବୁ ରେ,
ବୁଝିବୁ ଆନର ଶୋକ ଭୋକ ।"

ସତକୁ ସତ ସେ ବଡ଼ ହେଲା ଦିନେ,
ଦେଶକାମେ ହେଲା ଆଗଭର,
ସେ ଯେତେ ପ୍ରତାପୀ ହେଉ ପଛେ କା'ରେ
ନ ଥିଲା ତାହାର ତିଳେ ଡର ।
ଦେଶ ଦଶ ପାଇଁ ଜୀବନତମାମ
ସିଏ କେତେ କାମ କରିଗଲା,
ଭାବି ହୁଏ ନାହିଁ ଜଣେ ସେ କପରି
ଏତେ ମନ କିଣି ପାରିଥିଲା ।
ସେ ଆଉ କେ ନୁହେଁ—ସିଏ ତ ଆମରି
ଗରବର ବନ୍ଧୁ ଗୋପବନ୍ଧୁ,
ସେବା-ସାଧନାର, ଦୟା-ମମତାର
ସେ ଥିଲା ଗୋଟିଏ କ୍ଷୀର-ସିନ୍ଧୁ ।
ତା' ପରି କିଏ ସେ ଲେଖିପାରିନାହିଁ
ପରାଧୀନ ମାଟି-ମନକଥା,
ତା'ପରି କିଏ ସେ ଛାଡ଼ିପାରିନାହିଁ
ଧନ ଓ ମାନର ଆକୁଳତା ।
ବିପଦ ବେଳର ବନ୍ଧୁ ଥିଲା ସେ,
ସିଏ ଗୁଣମଣି, କୁଳମଣି,
ତା'ପରି ଆଉ କେ କୋଟି ଜନ ମନ
କଥା ପଦକରେ ନେବ କିଣି ?
ତୁଳସୀ ବାସଇ ଦୁଇ ପତରରୁ
ଏଇ କଥାଗୋଟି ସତ ଭାଇ,
ପିଲାବେଳୁ ଆସ ଭଲ କାମ କରି
ହସାଇବା ଆମ ଦେଶଭୂଇଁ ।

( ରଚନାକାଳ : ୧୯୫୮ )

ରମେଶଚନ୍ଦ୍ର ଭଞ୍ଜ ( ୧୯୬୧—     )

[ ଜନ୍ମ ପୁରୀ ଜିଲା ହଳଦିଆଗଡ଼ରେ—ବର୍ତ୍ତମାନ ଖୋର୍ଦ୍ଧା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟର ସହକାରୀ ଶିକ୍ଷକ—ବହୁ ଶିଶୁ-ପତ୍ରିକାରେ ତାଙ୍କ ଲେଖା ପ୍ରକାଶିତ ହୋଇଛି । 'ମୀନାବଜାର'ର ଲେଖକ ଭାବରେ ବିଷୁବ-ମିଳନ ଉତ୍ସବରେ ପୁରସ୍କୃତ—ରଚନାବଳୀ :—'କାଠି କୁଟା ପଥର,' 'ଭେଳୀ ଚୁଲୀ ମଡ଼ୁରୀ,' 'ଗପ ଗଣ୍ଠିଲି ଇତ୍ୟାଦି । ]

## ଆମରି ପାଇଁ

କୁସୁମ କଳି, ଉଳକି ଉଳି,
ପଥର କୋଳେ ପବନେ ଦୋଳେ,
ସୁବାସ ଧରି, ସେବକ ପରି,
ଆମରି ପାଇଁ
ବନେ ଉପବନେ ଫୁଟାଇ ଦେଇଛ ଜଗତସାଇଁ ।

ବାଦଲ ଝରି—ବରଷା, ଖରା,
କରଇ ଧରା ଫସଲଭରା,
ବୃଷ୍ଟିଦା ଜାଣି ଆହାର, ପାଣି,
ଆମରି ପାଇଁ
ମାଟି ମାଆ କୋଳେ ଲୋଟାଇ ଦେଇଛ ଜଗତସାଇଁ ।

ପାହାଡ଼ୀ ନଈ ଧାଉଁଛି ବହି,
ଗାଉଛି ଗୀତ, ସାଧୁଛି ହିତ,
ମଧୁର ପାଣି ଦେଉଛି ଅଣି,
ଆମରି ପାଇଁ
କୁଳୁକୁଳୁ ନାଦେ ଛୁଟାଇ ଦେଇଛ ଜଗତସାଇଁ ।

ଶୀତଳ ବାଆ  ସେବଇ ଆହା,
ସାଉଁଳ ଦେଇ  ସାଉଁଟି ନେଇ
ପୀଡ଼ା-ପରସ,  ହାଆ-ହୁତାଶ,
ଆମର ପାଇଁ
ସୁଲୁସୁଲୁ ବାଆ ଖଟାଇ ଦେଇଛ ଜଗତସାଇଁ ।

ଜଗତ ପତି !  ଦିବସ ରାତି
ଦେଇତ ଗତି  ରହିଛ ଜଡ଼—
ଆଲୁଅ ରୁଇ  ଦୁଇଟି ଭାଇ,
ଆମର ପାଇଁ
ଆଚର ଧରମ କରନ୍ତ କରମ ଜଗତସାଇଁ ।

କିଏ ସେ ତୁମେ ?  ଜାଣିନୁ ଆମେ
କେଉଁଠି ଥାଅ ?  କଅଣ ଖାଅ ?
କପଟି କର  ଏତେ ବେପାର ?
ଜଗତସାଇଁ !
ଭାବଲେ ସେ କଥା ଭାଙ୍ଗି ହୋଇ ମଥା
ପଡଇ ନଇଁ ।

( 'ବାରମଜା'—୧୯୭୮, ଅକ୍ଟୋବର )

ମହେଶ୍ୱର ମହାନ୍ତି ( ୧୯୪୧—     )

[ କଟକ ଜିଲ୍ଲା ଓଷକଣା ଗ୍ରାମରେ ଜନ୍ମ—ରେଭେନ୍‌ସା କଲେଜରେ ଶିକ୍ଷା ସାଙ୍ଗକର ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅଧ୍ୟାପକ ଅଛନ୍ତି । 'ମନପବନ' ଶିଶୁ-ପତ୍ରିକାର ସମ୍ପାଦକ—'ଛବି କହୁଛି କଥା', 'ପଣ୍ଡିତଙ୍କ ନାସଦାନ', 'ବେଲୁନ ଗଲା ଉଡ଼ି', 'ହୀରା ଗଛ ମୋତି ଫୁଲ' 'ସୁବର୍ଣ୍ଣ ନଗରର ରାଜା', 'ଫୁଲରାଣୀ' ପ୍ରଭୃତି ପୁସ୍ତକର ଲେଖକ । ]

## ଦୁଇଟି ଛେଳି

"ଛାଡ଼ ଦେ' ବାଟ          କହୁଛି ଛେଳି
ପହିଲେ ଯିବ ମୁଇଁ,
ନଇଲେ ମୁଣ୍ଡ          କରିବ ଛଚୁ
ଗଡ଼ିବୁ ଯାଇ ଭୂଇଁ ।"

ଦିନକର ଏ କଥା,
ଦୁଇଟି ଛେଳି          କରିଲେ କଳି
ମଥାରେ ଯୋଡ଼ି ମଥା ।
ପାହାଡ଼ୀ ନଈ—          ସୁଅର ତୋଡ଼
ପୋଲଟି ସରୁ ଭାରି,
ଏକାବେଳକେ          ଦୁହିଁକ ଦହେଁ
କେମିତି ହେବେ ପାରି ?

କେହି କାହାଠୁଁ          ନୁହନ୍ତି ଊଣା
ବଳରେ ସମ ସରି,
କିଏ ସେ ଅବା          ଛାଡ଼ୁଛି ବାଟ
କିଏ ସେ ଅଛି ଡରି ?

ଗୋଟିଏ ଛେଳି ବୁଢ଼ିଆ ଥିଲା
କହିଲା ତାକୁ, "ଭାଇ,
ମରିବା କଥାଁ ନଈରେ ପଡ଼ି
ଛୋଟିଆ କଥା ପାଇଁ ?

ପଡ଼ୁଛି ମୁଇଁ ଶୋଇ
ତୁମେ ପଛକେ ଆଗରେ ଯାଅ
ପିଠିରେ ଗୋଡ଼ ଦେଇ ।"

ପଦେ କଥାରେ ତୁଟିଲା କଳି
ଫିଟିଲା ଏବେ ବାଟ,
ଭୁଲାଅ ଏତେ ଝଗଡ଼ା କଥାଁ
ଭୁଲାଅ ଏବେ ନାଇଁ ?

●

( 'ଛୁଆ କହୁଛି କଥା'—୧୯୭୪ )

# ବିରାଡ଼ି ବେକରେ ଘଣ୍ଟି

ଶଂଖୀ ବିଲେଇ
ବାଟରେ ନଦିଏ ଆଉ ଚଲେଇ,
ଗୋଟି ଗୋଟି କରି ଖାଇଲା ମାରି
ମୂଷାଙ୍କ ଭିତରେ ଚହଲ ଭାରି,
କରିବା କିସ ?

କିଏ ସେ କହିଲା          ଫାଶୀ ଚଢ଼େଇବା
କିଏ ସେ କହିଲା ଭିଡ଼ିବା ନଶ ।

ଆମର ସଙ୍ଘରେ          ସବୁ ମୂଷା ଦଳେ
ହେଲେ ଏକାଠି,

କଥ ସ୍ଥିର ହେଲା          ବିଲେଇ ବେକରେ
ବାନ୍ଧିବେ ଘଣ୍ଟି ।

ଘଣ୍ଟି ଠନ୍ ଠନ୍ ପଡ଼ିଲେ ଜଣା,
ଯିଏ ଯହିଁ ଥାଇଁ          ପଳାଇ ଲୁଚିବେ
ଶଂଖୀ ବୁଦ୍ଧି ଏକା ହୋଇବ ବଣା ।

ବୁଢ଼ିଆ ମୂଷାଟେ          ଉଠି ଠିଆହୋଇ
କହିଲା "ଭାଇ,

କାମଟା ନ କଲେ          ଅଲଣା କଥାରେ
କି ଲାଭ ଥାଇ ?

କିଏ ଅଛି ଏତେ ଛାତିଦାର
ବିଲେଇ ବେକରେ ଝୁଲାଇବ ଘଣ୍ଟି
ହେଉ ବାହାର ।"

"ସତ କଥା ଏକା, ସତ କଥା ଏକା"
ଶୁଭିଲା ପାଟି,

କାହିଁ ଥିଲା ଛୁଂଚୀ ଝପଟି ଆସିଲା
ପେଲୁ ଛୁଟି ।

ଆଜି କେ ରହେ ?
ଘଣ୍ଟ ବନ୍ଧା କାମ ସେଇଠି ରହିଲା
କିଏ କାହିଁ ଯାଇ ଲୁଚିଲା ଭୟେ ।

('ଛିଣ୍ଡ ଜହ୍ନର କଥା'—୧୯୭୪)

ନନ୍ଦକିଶୋର ସିଂହ ( ୧୯୪୨—    )

[ ଜନ୍ମ କଟକ ଜିଲ୍ଲା କୋରେଇ—ଶିକ୍ଷା ଯୋଗ୍ୟତା ବି. ଏ., ବି. ଇଡ଼. ଏବଂ ଅସମୀୟା ଭାଷାରେ ଡିପ୍ଲୋମା—ଡୋଳପୁର ଟ୍ରେନିଂ ସ୍କୁଲରେ ଶିକ୍ଷକତା କରନ୍ତି—'ଝଙ୍କାର', 'ମୀନାବଜାର'; 'ସଂସାର', 'ମନପବନ', 'ସହକାର' ପ୍ରଭୃତି ପତ୍ରପତ୍ରିକାରେ ଲେଖା ପ୍ରକାଶିତ—ଆକାଶବାଣୀର ଜଣେ ନାଟ୍ୟଶିଳ୍ପୀ ଓ ଗୀତିକାର—'ରଂଗବେରଂଗ,' 'ସାବାସ୍ ଟୁଟୁ,' 'ମଜା କାହାଣୀ,' 'ଗୀତିଗୁଚ୍ଛ' ଆଦି ପୁସ୍ତକର ଲେଖକ । ]

## ସ୍କୁଲ ଯିବା ପିକ୍‌ନିକ୍

ଗାଡ଼ି ଛୁଟିଲେ ଝିକ୍ ଝିକ୍
ସ୍କୁଲ ଯିବା ପିକ୍‌ନିକ୍ ।

ନାଚିବା ନାଚ    ଗାଇବା ଗୀତ
ତୋଳିବା ଫୁଲ    ଖେଳିବା ଖେଳ
ନଈ ପହଁରି    କାଟି ଭଉଁରି
ଉଡ଼ାଇ ଗୁଡ଼ି    ଯୋଡ଼ିକ ଯୋଡ଼ି
ମାରିବା ତାଳି    ହସିବା ଖାଲି
ଫିକ୍ ଫିକ୍ ଫିକ୍ ଫିକ୍
ସ୍କୁଲ ଯିବା ପିକ୍‌ନିକ୍ ।

ନୀଳ ଆକାଶେ ସୂରୁଯ ଦିଶେ
ବିଜୁଳି ହସେ ଚନ୍ଦ୍ର ବି ହସେ
ବଜ୍ରଦ ଭସେ ମେଘ ବରଷେ
ମୟୂର ନାଚେ ଆମେ ତା ସାଥେ
ହୋଇବା ସାଥୀ ଯିବା ରେ ମାତି
ଆକାଶେ ତାରା ଜଳବେ ପରା
ଝିକ୍ ଝିକ୍ ଝିକ୍ ଝିକ୍
ଚାଲ ଯିବା ପିକ୍ନିକ୍ ।

ଏକାଠି ବସି ହୋଇବା ଖୁସି
ଗଛର ତଳେ ଘାସ ଉପରେ
ଏକାଠି ଖାଇ ଏକାଠି ପିଇ
ଆସିଲେ କେହି ସାଙ୍ଗରେ ନେଇ
କହିବା ହସି ସଭିଏଁ ମିଶି
ଆମେ ଏକା ଠିକ୍ ଠିକ୍
ଚାଲ ଯିବା ପିକ୍ନିକ୍ ।

●

( 'ମୀନାବଜାର'—୧୯୭୯ )

ରାଜକିଶୋର ପାଢ଼ୀ ( ୧୯୪୨—      )

[ କଟକ ଜିଲ୍ଲା ଧର୍ମଶାଳା ଥାନା କୋଟପୁର ଗ୍ରାମରେ ଜନ୍ମ—ଏମ୍. ଏ., ବି. ଇଡ୍. ପାସ କଲାପରେ ମୁରାରିପୁର ଗୋପାଳଜୀଉ ହାଇ-ସ୍କୁଲର ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ କରୁଛନ୍ତି—ବହୁ ଶିଶୁପତ୍ରିକାରେ ତାଙ୍କ ଲେଖା ପ୍ରକାଶିତ—ଗୋକର୍ଣ୍ଣିକା ସାହିତ୍ୟ ସମାଜର ଜଣେ ସକ୍ରିୟ ସଭ୍ୟ । ]

## ହାତ ଓ ଗୋଡ଼

ଗୋଡ଼ ଦିନେ ଡାକି କହିଲା ହାତକୁ, "ଭାଇ,
ମୋ' ପରି ଦୁଃଖୀ ଦୁନିଆରେ କେହି ନାହିଁ ।
ଥକି ମୁଁ ପଡ଼ୁଛି ନିତି ବାଟ ଚାଲି ଚାଲି,
ହେଉ ସେ କାଦୁଅ ଅଥବା ତାତଲା ବାଲି ।

ଧୂଳି ମଳି ବୋଲି ଫୁଟାଇ କଣ୍ଟା ପାଦେ
ଅହରହ ପଥ ଚାଲେ ଦୁଃଖେ ଅବସାଦେ ।
ସୁଖ ଆରାମରେ ରହିଛୁ ହୋଇ ତୁ ଭୋଳ,
ପଲଉ, ମାଉଁସ, ଖିରି, ପୁରି, ମାଛଝୋଳ,

ତୋ' ଯୋଗୁ ସବୁ ରନ୍ଧାବଢ଼ା ଖିଆପିଆ,
ତୋ' ଯୋଗୁ ପୁଣି ଯେତେ ସବୁ ଦିଆନିଆ ।
ଯେତେ ଯିଏ ଯାହା କରୁଛି ତାହାର ମୂଳ,
ସେ ହାତ ଦୁଇଟି ସବୁ ସୁଖ କରେ ଠୁଳ ।"

ଶୁଣିସାରି ସବୁ ଗୋଡକୁ କହିଲା ହାତ,
"ତୋ କଥାରେ ଭାଇ ଥାଇପାରେ କିଛି ସତ;
ହେଲେ ମୁଁ ରହିଛି ଆରାମରେ ମହାସୁଖେ
କଅଣ ଭାବି ତୁ ଧରିଲୁ ଏ କଥା ମୁଖେ ?

ମୁଁ ବି ଖଟୁଛି ତୋ'ପରି ଦିନରାତି,
ଭୋଗବିଳାସରେ ଉଠିନାହିଁ କେବେ ମାତି ।
ଯେତେ ସୁଖ ଦୁଃଖ ଭୋଗବିଳାସର କଥା
ସେ ସବୁରେ ସିନା ମଣିଷ ଘୂରାଏ ମଥା ।

ଆମେ ଦୁହେଁ ତାର ସେବକ ଆଜ୍ଞାଧୀନ,
କର୍ମକୁଶଳ ଗତିଶୀଳ ରାତିଦିନ ।
ସୁଖ ଦୁଃଖ ସାଥୀ ଦରକାରୀ ଦୁଇ ଅଙ୍ଗ
ରହିପାରିବାନ ଛାଡ଼ି ମଣିଷର ସଙ୍ଗ ।"

ବୈକୁଣ୍ଠ ସ୍ୱାଇଁ ( ୧୯୪୨—      )

[ କଟକ ଜିଲ୍ଲା କିଶୋରନଗର ଥାନା ସାରଙ୍ଗା ଗ୍ରାମରେ ଜନ୍ମ— କଟକ ସହର ଝାଞ୍ଜିରିମଙ୍ଗଳା ଉ. ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଛନ୍ତି । 'ମୀନାବଜାର,' 'ଶିଶୁଲେଖା', 'ସୁନାପିଲ' ପ୍ରଭୃତି ଶିଶୁ ପତ୍ରିକାରେ ତାଙ୍କ କବିତା ପ୍ରକାଶିତ—'ହସଫୁଲ' ବହିର ଲେଖକ । ]

## ତିନି ମାଆ

ଏକ ମାଆ ଥାଏ ଘରେ ନିତି ମୋର ପାଖରେ
ଦୁଧଭାତ ଖୋଇଦିଏ ଧରି ମୋତେ କାଖରେ ।
ଅମାନିଆ ଅଝଟିଆ ଗୁଣ କଲେ ବାହାର
ବୁଝେଇ ସୁଝେଇ ମୋତେ ଦିଏ ମୁଖେ ଆହାର ।
କହିଁ ଲେଇ ଡାକି କହେ କଥା ମୋ ଧନ ରେ
ତାର କୋଳେ ଥିଲେ ଭୟ ନ ଥାଏ ମୋ ମନରେ ।

ଜନମ ହୋଇ ପହିଲୁ ପାଇଲି ଯା ପରଶ,
ନାଚ କୁଦ ବଡ଼ ହେଲି ବରଷକୁ ବରଷ;
ମୋର ଲାଗି ସବୁ ଚିଜ ରଖିଛି ସେ ସଜେଇ,
ଶୋଭାର ପସରା ମେଲି ରଖେ ମନ ମଜେଇ,
ମାଆ ପରି ବୁକୁ ପାତି ସହେ ସବୁ ପିଏ ରେ
'ଜନମଭୂମି' ମାଆକୁ ଭୁଲିପାରେ କିଏ ରେ ?

ବିପଦ ପଡ଼ିଲେ ସିଏ ହୋଇଥାଏ ସାହାଟି,
ଭକତିରେ ଡାକ ଦେଲେ ବତାଏ ଯେ ବାହାଟି ।
ଆଶିଷ ଦେଇ ଯେ ମୋର କାମ କରେ ସରସ,
ମୁଖେ ମୋର ଉକୁଟାଏ ସଦା ଚିର ହରଷ;
ଯାହାକୁ ହେଜିଲେ ମୋର ଛୁଡ଼ିଯାଏ ଭୟରେ,
'ଦଶଭୁଜା' ମାଆ ସିଏ ନମେ ତାର ପୟରେ ।

●

( 'ସୁନାପିଲା'—ଅକ୍ଟୋବର, ୧୯୮୦ )

କାନନବାଳା ତ୍ରିପାଠୀ ( ୧୯୪୩—    )

[ ଜନ୍ମ କଟକ ସହରରେ—ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମ୍. ଏ. ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଏମ୍. ଲିଟ୍.ରେ ପ୍ରଥମ ହୋଇ ଉତ୍ତୀର୍ଣ୍ଣ—'ଓଡ଼ିଆ ମହାକାବ୍ୟର ଇତିହାସ' ପାଇଁ ବିଶ୍ୱବିଦ୍ୟାଳୟଦ୍ୱାରା ପୁରସ୍କୃତ—ଅଳ୍ପ ବୟସରୁ ତାଙ୍କର କବିତା ରଚନା ଦିଗରେ ଆଗ୍ରହ ଥିଲା । 'ମନର ମୁକୁଳ' ଓ 'ହିରମୋତି ମାଣିକ'ର ଲେଖିକା—ଶେଷ ବହିଟି ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ]

## ଇଟିକିଲି ମିଟିକିଲି

ଇଟିକିଲି ମିଟିକିଲି ଫୁଟିଗଲି କାଇଁତ,
ଆମ ବେଣୀ ଡାଲିଭାତ ତମେ କେବେ ଖାଇଛ ?
ଗୋଡ଼ ହୁଏ ଚୁଲି ତା ହାଣ୍ଡି ହୁଏ ସଢ଼େଇ,
ପତର ତା ଶାଗଭଜା, ଖପରା ତା କଡ଼େଇ ।

ଇଟିକିଲି ମିଟିକିଲି ଫୁଟିଗଲି କାଇଁତ,
ଆମ ବେଣୀ ଘରକୁ କି ତମେ କେବେ ଯାଇଛ ?
କାଠି, କୁଟା, ପାଳ ଆଉ ମାଟି ପାଣି ସାଥିରେ
ଟିକିଘର ଗଢ଼ୁଥାଏ ଖରବେଳ ତାତିରେ ।

ଇଟିକିଲି ମିଟିକିଲି ଫୁଟିଗଲି କାଇଁତ,
ଆମ ବେଣୀ ହାର ତମେ ନାଇଛ କି ନାଇଛ ?
ଟିକି ଟିକି ସୂତା ଅଉ ମାଳିସବୁ ଗୋଟେଇ
କଣ୍ଢେଇର ହାର କିତ ଗଢ଼ୁଥିବ ଜଠେଇ ।

ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ,
ଆମ ବେଙ୍ଗ ସାଥିରେ କି ଗୀତ ତମେ ଗାଇଚ ?
କଅଁଳିଆ ସୁରେ ସେ ଯେ ଗାଏ କେତେ ଗୀତ ରେ,
କହେ, "ମୁଁ କୋଇଲି ସାଥେ ବସିବଟି ମିତ ରେ।"

ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ଆମ ବେଙ୍ଗ ଖେଳୁଥିଲେ ତମେ କେବେ ଗୁହାଁଚ ?
ହାତ ଗୁଟି ପାଟି ଚପି କୁନି କୁନି ପାଦରେ
ଦିନରାତି ଖେଳୁଥିବ ନାହିଁ ତାର କାନ୍ଦ ରେ ।

( 'ହୀରା ମୋତି ମାଣିକ' )

ପ୍ରଫୁଲ୍ଲ କୁମାର ଗିରି ( ୧୯୪୪—        )

[ କଟକ ଜିଲ୍ଲା ବାଙ୍କୀ ଥାନା ବାଲିବଲ ଗ୍ରାମରେ ଜନ୍ମ— ଶିକ୍ଷା ଶେଷରେ କିଛିଦିନ ଶିକ୍ଷକତା କରିଥିଲେ । ବର୍ତ୍ତମାନ ଅନୁଗୁଳ ରାଜ୍ୟ ପ୍ରୌଢ଼ ଶିକ୍ଷା ସାଧନ କେନ୍ଦ୍ରରେ ସହକାରୀ ନିର୍ଦ୍ଦେଶକ—ଜଣେ ସୁବକ୍ତା ଏବଂ ଉତ୍ତମ ଅଭିନେତା—ତାଙ୍କର ବହୁ ଲେଖା ପତ୍ରପତ୍ରିକାରେ ପ୍ରକାଶିତ —ରାଜ୍ୟସ୍ତରୀୟ ଶିଶୁ-ସାହିତ୍ୟିକ ସମ୍ମିଳନୀରେ ପୁରସ୍କୃତ—'ଉତ୍ତରଣୀ' ସାହିତ୍ୟ ପତ୍ରିକାର ସମ୍ପାଦକ । ]

## ମନ ଦେଲେ ଫଳ

ଶିଖଧର୍ମ ପ୍ରଚାର କରିବା ଉଦ୍ଦେଶ୍ୟରେ ସେତେବେଳେ ଗୁରୁ ନାନକ ଦେଶସାରା ବୁଲୁଥାନ୍ତି । ଏଣେତେଣେ ବୁଲି ବୁଲି ଶେଷରେ ସେ ଯାଇ ଲାହୋରରେ ପହଞ୍ଚିଲେ । ସେତେବେଳେ ଭାରତ ଓ ପାକିସ୍ତାନ ଭାଗ ଭାଗ ହୋଇ ନ ଥାଏ । ପଞ୍ଜାବରେ ଥାଏ ଲାହୋର । ନାନକ ଲାହୋରରେ ପହଞ୍ଚିଲାକ୍ଷଣି ଚାରିଆଡ଼େ ଚହଳ ପଡ଼ିଗଲା—ଗୁରୁଜୀ ଆସୁଛନ୍ତି । ସଭିଙ୍କ ମନରେ ଆନନ୍ଦର ଜୁଆର ।

ଧର୍ମ ଉପଦେଶମାନ ଦେଇ ଦେଇ ନାନକ ସହରର ଏଣେତେଣେ ବୁଲୁଥାନ୍ତି । ସଞ୍ଜବେଳକୁ ସେ ଯାଇ ଗୋଟିଏ ଭଙ୍ଗା କୁଡ଼ିଆ ପାଖରେ ପହଞ୍ଚିଲେ । ମାଟି-ମାଟିର ଘର । ସେ ଘରଟି ଗୋଟିଏ ଗରିବ ମୂଲିଆର । ନାଆଁ ତାର ଲାଲୋ । ଗୁରୁଜୀ ତା କୁଡ଼ିଆ ପାଖରେ ପହଞ୍ଚିଛନ୍ତି, ଏ ଖବର ପାଇ ଲାଲୋ ପଦାକୁ ବାହାରିଆସିଲା । ତାକୁ ଦେଖି ନାନକ କହିଲେ, "ଲାଲୋ, ମୁଁ ଆଜି ଏଇଠି ରହିବି । ତମର କିଛି ଅସୁବିଧା ହେବ ନାହିଁ ତ ?"

ଏଭଳି ଗୌରବ କେତେଜଣଙ୍କ ଭାଗ୍ୟରେ ଜୁଟେ ! ଲାଲୋ ବା ଗୁରୁଜୀଙ୍କୁ କ'ଣ ଉତ୍ତର ଦେବ ! ଅତି ଆନନ୍ଦରେ ତା ଆଖିରୁ ଲୁହ ଝରିବାକୁ ଲାଗିଲା । ନାନକ ତା ମନକଥା ବୁଝିପାରିଲେ । ସେ ରାତିକ ସେଠାରେ ରହିଲେ ସେ ।

ଲାଲୋ ପାଖରେ ଖାଇବା ଜିନିଷ କିଛି ନ ଥାଏ । ଅତି କଷ୍ଟରେ ତାର ଦିନ ଯାଏ । କେଉଁ ଦିନ ଦି'ଓଳି ରୁଟି ଦି'ଖଣ୍ଡ ମିଳେ ତ, କେଉଁ ଦିନ ତାହା ବି ମିଳେନାହିଁ ।

ସେଦିନ ରାତିରେ ଖାଇବାବେଳେ ଲାଲୋ ଦି'ଖଣ୍ଡ ଶୁଖିଲା ରୁଟି ନେଇ ନାନକଙ୍କୁ ଦେଲା । ହାତ ଯୋଡ଼ି କରି ଅତି ବିନୟରେ କହିଲା, "ମୁଁ ବହୁତ ଗରିବ, ଗୁରୁଦେବ ! ଏହାଛଡ଼ା ମୋ ପାଖରେ ଆଉ କିଛି ନାହିଁ । ଦୟା କରି ଏହାକୁହିଁ ଆହାର କରନ୍ତୁ ।"

ତା ହାତରୁ ଶୁଖିଲା ରୁଟି ଦି'ଖଣ୍ଡ ନେଇ ନାନକ ଅତି ଆନନ୍ଦରେ ଖାଇବାକୁ ଲାଗିଲେ । ଖାଉଁ ଖାଉଁ ସେ କହିଲେ, "ଦେଖ ଲାଲୋ, ଏ ରୁଟି ଦି'ଖଣ୍ଡ ତ ମୋତେ ଅମୃତ ଭଳି ଲାଗୁଛି । ଏଭଳି ସୁଆଦିଆ ଖାଦ୍ୟ ମୁଁ ଆଗରୁ କେବେ ଖାଇନାହିଁ ।"

ଲାଲୋ ନାନକଙ୍କ ଗୋଡ଼ତଳେ ପଡ଼ିଯାଇ କହିଲା, "ମୁଁ ବା ଆପଣଙ୍କୁ କଣ ଦେଇଛି ? ଏ ଶୁଖିଲା ରୁଟି ଦି'ଖଣ୍ଡ ଖାଇ ଆପଣ ମୋତେ ଏତେ ପ୍ରଶଂସା କରନ୍ତୁ ନାହିଁ, ଗୁରୁଜୀ ! ମୋତେ ଭାରି ଲାଜ ମାଡ଼ୁଛି ।"

ଏଇ ସମୟରେ ଲାହୋରର ଜଣେ ନାମଜାଦା ଜମିଦାର 'ଭାଗୋ' ଆସି ସେଠାରେ ପହଞ୍ଚିଲା । ତା ଲୋକମାନଙ୍କଠାରୁ ସେ ଖବର ପାଇଥିଲା ଯେ ଗୁରୁଜୀ ଲାହୋରକୁ ଆସିଛନ୍ତି ଏବଂ ସେ ଯାଇ ଲାଲୋର କୁଡ଼ିଆଘରେ ରହିଛନ୍ତି ।

ଭାଗୋ ତା ଘରେ ବହୁତ ପ୍ରକାର ଭଲ ଭଲ ଖାଇବା ଜିନିଷ ବରାଦ ଦେଇ ରନ୍ଧେଇଥିଲା । ନାନକଙ୍କୁ ତାଙ୍କ ଘରକୁ ଡାକି ନେବା ପାଇଁ ସେ ନିମନ୍ତ୍ରଣ କରିବାକୁ ଆସିଥିଲା; କିନ୍ତୁ ନାନକ ସେ କଥା ଶୁଣି ଝୋକ୍‌ଠୋକ୍ ମନା କରିଦେଲେ । ସେ କହିଲେ, "ତୁ ଗରିବମାନଙ୍କର

ରକ୍ତ ଶୋଷଣ କରି କରି ଧନୀ ହୋଇଛୁ । ତେଣୁ ତୋ ଘରେ ଯାଇ ସେ ବଡ଼ଲୋକୀ ଖାଦ୍ୟ ସବୁ ଖାଇବା ଭଳି ପାପ ମୁଁ କରିପାରିବି ନାହିଁ । କିନ୍ତୁ ଲାଲୋ ଗରିବ ହେଲେ କଣ ହେଲା, ତାର ନିଜ ଝାଳବୁହା ଧନରେ ଏ ରୁଟି ତିଆରି କରିଛି । ତେଣୁ ତାହା ମୋ ପକ୍ଷରେ ଅମୃତ । ଯେଉଁଦିନ ତୁ ଏଭଳି ଝାଳ ବୁହାଇ ସଚ୍ଚୋଟ ଭାବରେ ପଇସା ରୋଜଗାର କରିବୁ, ସେଦିନ ମୁଁ ଯାଇ ତୋ ଘରେ ଖାଇବି । ଆଜି ନୁହେଁ ।"

ଭାଗୋ ନିରାଶ ହୋଇ ଫେରିଗଲା ସିନା, ଲାଲୋ କିନ୍ତୁ ମନେ ମନେ ଭାବୁଥିଲା--ତାର ଗୁରୁଜୀ ସତେ କେତେ ବଡ଼ ! ସାକ୍ଷାତ୍ ଦେବତା ସେ । ଯିଏ ଗରିବର ରୁଟିକୁ ଅମୃତ ମନେକରି ଅତି ଆନନ୍ଦରେ ଖାଇପାରନ୍ତି, ସେ ଦେବତା ନୁହନ୍ତି ତ ଆଉ କ'ଣ ?

ଭାଗୋ ଫେରିଗଲାବେଳେ ଭାବୁଥିଲା—'ଲାଲୋ ତାର ମନ ଘେନି ଫଳ ପାଇଛି । କିନ୍ତୁ ମୋର ସେଭଳି ଭାଗ୍ୟ କାହିଁ ?'

( 'ମୀନାବଜାର'—ଫେବୃଆରୀ, ୧୯୮୦ )

ଅପୂର୍ବରଂଜନ ଗୁପ୍ତ ( ୧୯୪୭—   )

[ ଜନ୍ମସ୍ଥାନ—ବାଲେଶ୍ୱର ଜିଲ୍ଲା ଭୁଯୁଁଓ୍ୱାସ—ସାମ୍ପାଦକ—ସଂପାଦକ 'ଗଳ୍ପଘର'—ରଚନାବଳୀ :—'ଚକାଚକା ଭଉଁରୀ', 'ଟିକିଫୁଲ', 'କାନ୍ତକବି ଲକ୍ଷ୍ମୀକାନ୍ତ', 'କେତୋଟି ଅଲଭା ଶିଖା', 'ବିଶ୍ୱବରେଣ୍ୟ ସ୍ୱାମୀ ବିବେକାନନ୍ଦ' ପ୍ରଭୃତି ]

## ଟିକି ମନର ଆଶା

କାକପୋଇ ତୁ ଯାଆ ରେ ଉଡ଼ି
ଦୂର ଦେଶକୁ ଚାଲି,
ଶୁଭ ଖବର ଦେବୁ ରେ ମୋତେ
ଆସିବୁ ଯେବେ ବୁଲି ।

ଖୁଦ ମୁଠିଏ ଦେଉଛି ତୋତେ
ମନ ହରଷେ ଖାଆ,
ହସିହସିକା ଭାଇଙ୍କ ପାଶେ
ଉଡ଼ି ଉଡ଼ି ତୁ ଯାଆ ।

ନୂଆବୋଉର ଆଖିର ପାଣି
ଆଖିରେ ତାର ମଲା,
ଭାଇ କପାଇଁ ଚିଠି ଖଣ୍ଡିଏ
ଦେଉନାହାନ୍ତି ଭଲା ?

'କାଆ କାଆ' ତୁ ହେଉଛୁ କିଆଁ
ଡାଣ୍ଡରେ ବସି ଏକା,
'କଲକତା'କୁ ଯାଆରେ ଉଡ଼ି
ଅଛନ୍ତି ସେଠି କକା ।

ଶୁଭ ଖବର ଯଦି ଦେବୁ ତୁ
ଭଲ ଜିନିଷ ଦେବି,
ଖୁସି ହେଲେ ତୁ ମନହରଷେ
ମୁହଁ ବି ଖୁସି ହେବି ।

ଯାଉନୁ କିଆଁ ଉଡ଼ି ରେ କାକ
ଯାଉନୁ କିଆଁ ଚୂଳି,
ଖୁଦ ତୋତେ ମୁଁ ଦେଇଥିଲି କି
ଖାଇବୁ ବୋଲି ଖାଲି ?

( 'ଠିକ ଫୁଲ'—୧୯୭୧ )

ଶରତ୍ କୁମାର ସାମନ୍ତରାୟ ( ୧୯୪୬--   )

[ ପୁରୀ ଜିଲ୍ଲା ବାଲିପାଟଣା ଥାନା ପାଦମାନ୍ଦି ଗ୍ରାମରେ ଜନ୍ମ— ଡିଗ୍ରୀ ଶିକ୍ଷାପରେ ନିଜ ଗ୍ରାମ ମ. ଇ. ବିଦ୍ୟାଳୟର ସ୍ଥାପୟିତା ଓ ପ୍ରଧାନ ଶିକ୍ଷକ—'ଟୁଙ୍କୁ ମୁଷ୍ଟି' ( ୧୯୭୧ ) ର ସମ୍ପାଦନା—'କଥାଟିଏ କହୁଁ', 'ପିଲାଙ୍କ ଶ୍ରୀକୃଷ୍ଣ', 'ଝୁରୁ ନେହେରୁ', 'ସହଜ ରାଇଜ', 'କୁରୁକୁରୁ' ଆଦି ପୁସ୍ତକର ଲେଖକ । 'ପିଲାଙ୍କ ଉତ୍କଳମଣି' ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ]

## ମାଆର ମମତା

ସେଦିନ ଚାରିଟାବେଳେ ପାପକ ସ୍କୁଲରୁ ଫେରି ସିଧା ଚାଲିଲା ମାଆଙ୍କ ପାଖକୁ । ମା' ତାର ରୋଷେଇଘରେ ରନ୍ଧାରନ୍ଧିରେ ଲାଗିଥାନ୍ତି । ପାପକ ଦୁଆରମୁହଁରେ ଠିଆ ହୋଇ ପଚାରିଲା, "ବୋଉ, ଘଣ୍ଟା କାହିଁ ?"

ମା' ମୁହଁ ବୁଲାଇ ପାପକକୁ ଚାହିଁଲେ । ତା'ପରେ ଖୁବ୍ ନରମ ସ୍ୱରରେ କହିଲେ, "ଆଜି ତୋର ବାପାଙ୍କ ଦରମା ମିଳିଲା ନାହିଁ; ଆଉ ଘଣ୍ଟା ଆସିଥାନ୍ତା କେମିତି ?"

ପାପକ ଟିକେ ରାଗିଯାଇ କହିଲା, "ଦଶଟା ବେଳେ ତ ଘର ଠାଣରେ କହୁଥିଲ, 'ଯେମିତି ହଉ ପଛେ, ଚାରିଟା ଭିତରେ ନିଶ୍ଚେ ଘଣ୍ଟା ଆସିଯିବ ।' ଏବେ କାହିଁ ? ସେ ଠାଣି କଥା ତ ଜମା ଟିକେ ବି ରହିଲାନି ।"

ମା' କହିଲେ, "କାରଖାନାରେ କଣ ଗଣ୍ଡଗୋଳ ଲାଗିଲା ବୋଲି ବାପା ତୋର ଦରମା ପାଇଲେନି । ଘରେ କଣ ଆଉ ଟଙ୍କା ଥିଲା ଯେ ଘଣ୍ଟା ଆସିଥାନ୍ତା ?"

ପାପକ ଆହୁରି ରାଗିଯାଇ କହିଲା, "ଏଇ ଟଙ୍କା ନ ଥିବା କଥା ତ ତୁ ଛଅମାସହେଲା କହି ଆସୁଛୁ । ସେଇ କଥା ମୋତେ ମୂଳରୁ କହି-ଦେଲୁନି କାହିଁକି ? ସେତିକି ଶୁଣିଥିଲେ ତ ଲାମ୍ପକଥା ଆଉ ମୁହଁରେ ବି ଧରି ନ ଥାନ୍ତି ।"

ମା' ଆଦରରେ କହିଲେ, "ପାପୁ, ତୁ ଜାଣିବାର ପିଲା ହୋଇ ଏମିତି ଅବୁଝା କାହିଁକି ହେଉଛୁ କହିଲୁ ? ତୁ ତ ଜାଣୁ, ବାପାଙ୍କ ଦରମା କେତେ । ଘରଖର୍ଚ୍ଚ ସାଙ୍ଗକୁ ତୋ ପଢ଼ାଖର୍ଚ୍ଚ ବି ଅଛି । ପଇସା ଆଉ ବଳୁଛି କୋଉଠି ?"

ଏଥର ପାପକ ଏକଦମ୍ ରାଗରେ କହିଲା, "ମୁଁ ତ ତୋତେ ଜମାଖର୍ଚ୍ଚ କଥା ପଚାରୁନି । ସେ କଥା ମତେ କହି ଲାଭ କ'ଣ ? ବେଳ ଅନୁସାରେ ପଢ଼ାପଢ଼ି କରିବି ବୋଲି ଟେବୁଲ ଲାମ୍ପଟିଏ ପାଇଁ କହିଥିଲି । ତା' ଯଦି ନ ହୋଇପାରିବ, ତେବେ ଆଜିଠୁଁ ମୋ ପାଠପଢ଼ା ବି ବନ୍ଦ । ମୋ ଭଳି କେତେ ପିଲା ତ ପୁଣି କାମଧନ୍ଦା କରି ପେଟ ପୋଷୁଛନ୍ତି । ମୁଁ ଏବେ ସେଇଆ କଲେ କ୍ଷତି କଣ ?" ଏତିକି କହି ସେ ରାଗତମତମ ହୋଇ ବାହାରକୁ ଚାଲିଗଲା ।

ମାଆ ପଛରୁ ଡାକୁଥାନ୍ତି, "ଆରେ ପାପୁ, ଦି'ଟା ଖାଇଦେଇ ଯା ।" ହେଲେ ପାପକ ଟିକିଏ ବି ଫେରି ଚାହିଁଲା ନାହିଁ । ଦୁଆର ଡେଇଁ ରାସ୍ତା ଉପରକୁ ଚାଲିଗଲା ।

ମା' ତାର ଯିବା ବାଟକୁ ଚାହିଁ ମନେ ମନେ ଭାବୁଥାନ୍ତି—ଏଇ ତାଙ୍କର ପାପୁ, ଏକମାତ୍ର ପୁଅ । ପାଠରେ ଯେମିତି, ଗୁଣରେ ବି ସେମିତି । ମାଛିକୁ ମର ବୋଲି କହେନା । ସବୁବେଳେ ନିଜ ପଢ଼ାରେ ଲାଗିଥାଏ । ଘରେ ବି ଅଳି-ଅର୍ଦ୍ଦଳି କରୁ ନାହିଁ । ହାଇସ୍କୁଲରେ ପାଠ ପଢ଼ିଲାଣି ପରେଷ୍ଠ, ଖର୍ଚ୍ଚ ପାଇଁ କେବେ ପାଞ୍ଚପଇସିଟିଏ ବି ମାଗିନି । ହେଲେ ଏଇ କେତେଦିନ ହେଲା କଣ ଯେ ତାର ହୋଇଛି, ସବୁବେଳେ ସେଇ ଗୋଟିଏ କଥା—ଲାମ୍ପ ଆଣ । ଯେତେ ବୁଝାଇ କହିଲେ ବି ବୁଝିବାକୁ ନାରାଜ । ସେଇଥିପାଇଁ ସେ ଆଜି ଲାମ୍ପ ଆଣିଦେବେ ବୋଲି କଥା ଦେଇଥିଲେ । ହେଲେ କଣ ହେବ, ବାପା ତାର ଦରମା ପାଇଲେନି; ଯାହାର ଫଳ

ହେଲା ଦୀପକ ଆଜି ପାଠ ପଢ଼ିବ ନାହିଁ ! ତା' ବାପାଙ୍କର କେତେ ଆଶା —ପୁଅ ତାଙ୍କର ପାଠ ପଢ଼ି ବଡ଼ମଣିଷ ହେବ । ସେଇଥିପାଇଁ ସେ କାରଖାନାରେ ରକ୍ତକୁ ପାଣି ପକାଇ ପରିଶ୍ରମ କରୁଛନ୍ତି । କିନ୍ତୁ ଚୁର ଘଣ୍ଟାଟା ପାଇଁ ତାଙ୍କ ଆଶା କଣ ଏମିତି ମଉଳିଯିବ ? ନା, ସେ ମା' ହୋଇ ଏ କଥା ସହିପାରିବେ ନାହିଁ । ଯେମିତି ହେଉ ପଛେ, ଦୀପୁପାଇଁ ଘଣ୍ଟା କିଣିଦେବେ ।

ଘରୁ ବାହାରିଗଲା ପରେ ଦୀପକ ଡେର୍ ବେଳଯାଏ ସହର ଭିତରେ ଥିବା ପାର୍କରେ ବସିରହିଲା । ବସି ବସି ସେ କେବଳ ଘଣ୍ଟା କଥାହିଁ ଭାବୁଥାଏ । ରାତି ହୋଇଯିବାରୁ ବାଧ୍ୟ ହୋଇ ସେ ଘରକୁ ଫେରିଲା ।

ରାସ୍ତାଘାଟ ଚାରିଆଡ଼େ ବିଜୁଳି ଆଲୁଅର ରୋଷଣୀ । କୋଠାଘର-ମାନଙ୍କରୁ ମଧୁର ଗୀତର ସ୍ୱର ମଧ୍ୟ ଶୁଣାଯାଉଥାଏ । ହେଲେ ଏ ସବୁ ଦୀପକକୁ ସୁଖ ଲାଗୁ ନ ଥାଏ । ତଳକୁ ମୁହଁ ପୋତି ସେ କେବଳ ଘରଆଡ଼େ ଚାଲିଥାଏ ।

ଦାଣ୍ଡଦୁଆର ପାଖରେ ପହଞ୍ଚି ଦୀପକ ଟିକେ ଠିଆହେଲା । ଘର ଭିତରେ ବାପା ବୋଉ ତା'ର କଥା କଣ ପକେଇଛନ୍ତି । ତେଣୁ ସେ କବାଟ ପାଖେ ଚୁପ୍ ହୋଇ ଠିଆହେଲା ।

ବାପା ତାର କହୁଥିଲେ—"ମୋତେ କିନ୍ତୁ ଏକଥା ଜମା ଭଲ-ଲାଗୁନାହିଁ । ଆଜି ଘଣ୍ଟା ଆସିଲାନି ବୋଲି ସେ ଧମକ ଦେଉଛି ପାଠପଢ଼ା ଛାଡ଼ିଦେବ । ଘଣ୍ଟା ଆସିଲାପରେ ପୁଣି ଯଦି ସାଇକେଲ ପାଇଁ ଅଡ଼ିବସେ ?"

ମା' କହୁଥିଲେ, "ନା, ଦୀପୁ ମୋର ସେମିତି ପିଲା ନୁହେଁ । ଏଉଟିଏ ଆସି ହେଲାଣି, କେବେ କେଉଁ ଜିନିଷ ପାଇଁ ଅଳି କରିବା ଦେଖିଛ ? ତା'ର ସାଙ୍ଗସାଥୀମାନେ କେତେ ଦାମିକା ପୋଷାକ ପିନ୍ଧୁଛନ୍ତି, କେତେ ଖୁସିରେ ଅଛନ୍ତି, ସେ କଣ ଦେଖୁନି ? ଦେଖୁଛି, ସବୁ ବୁଝୁଛି । ସେଇଥିପାଇଁ ସେ କେବେହେଲେ ସାର୍ଟ ପ୍ୟାଣ୍ଟ ପାଇଁ ଅଳି କରିନି କି ଅଡ଼ି-ବସିନି । ହେଲେ ଏଇ ଘଣ୍ଟାଟା ପାଇଁ ସେ କାହିଁକି ଯେ ଏତେ ଜିଦ୍

କରୁଛନ୍ତି, ସେ କଥା ସେଇ ଏକା ଜାଣେ । ତା'ର କଥା ଏବେ ରହୁ । ଆମେ ତ ଯାହା କରୁଚେଁ, ସବୁ ତା'ରି ପାଇଁ । ଘଣ୍ଟାଟା ପାଇଗଲେ ଯଦି ସେ ଖୁସି ହେବ, ତେବେ ତମେ ଏଇ ସାଙ୍ଗେ ସାଙ୍ଗେ ଯାଇ କିଣିଆଣ । ପିଲାମନ ତ; ଗୋଟାଏ ସଉକରେ କହୁଚି ଯେତେବେଳେ, ତା ସଉକଟା ଭାଙ୍ଗିଦେବା ଠିକ୍ ହେବନାହିଁ ।''

ବାପା କହିଲେ, ''କେଉଁ ଟଙ୍କା କାହିଁ ? ଦେହବ୍ୟସ୍ତରେ ପଡ଼ିଥିଲାବେଳେ ଯେଉଁ ଟଙ୍କା ଧାର କରିଥିଲି, ସେତକ ତ ଆଜିଯାଏ ଶୁଝାହୋଇ ପାରିଲା ନାହିଁ । କେଉଁ ମୁହଁରେ ପୁଣି କାହାକୁ ଉଧାର ମାଗିବି ?''

ମା' କାନରେ ପିନ୍ଧିଥିବା ଇୟରିଙ୍ଗ୍ ହଳକ ବାପାଙ୍କ ହାତକୁ ବଢ଼ାଇ ଦେଉ ଦେଉ କହିଲେ, ''ଜିନିଷ ଭିତରେ ଏଇ ଦି'ଖଣ୍ଡ ପାଖରେ ଥିଲା । ଏଥିକୁ ରଖି ଆଉ ଲାଭ କଣ ? ପୁଅ ମୋର ପାଠପଢ଼ା ଛାଡ଼ିଦବ, ଆଉ ମୁଁ କାନରେ ଇୟରିଙ୍ଗ୍ ପିନ୍ଧି ବୁଲିବି ? ନା, ତମେ ଏଥିକୁ ନେଇ ବଜାରରେ ବିକି କରିଦିଅ । ଯାହା ଟଙ୍କା ହେବ, ସେଇଥିରେ ଆଗ ଘଣ୍ଟାଟିଏ କିଣିବ । ବାକି ଟଙ୍କାରେ ତା ପାଇଁ ହଳେ ସାର୍ଟ ପ୍ୟାଣ୍ଟ୍ ଆଉ ଜୋତାମୋଜା କିଣି ଆଣିବ । ଯାହା ହଉ ପଛେ, ମୋ ପୁଅର ଶୁଖିଲା ମୁହଁ ମୁଁ ଆଉ ଦେଖିପାରିବି ନାହିଁ ।''

ମାଆଙ୍କ କଥା ଶୁଣି ଧୀରୁର ଛାତି ଭିତରଟା କରତ ହୋଇଯାଉଥାଏ । ସେ ମନେ ମନେ ଭାବୁଥାଏ—ଏଇ ତାର ମା' ! ସ୍କୁଲରୁ ଫେରି ଯାହାକୁ ସେ ଏତେ ଟାଣ କଥା କହିଯାଇଥିଲା, ସେଇ ମା' ପୁଣି ତା ମୁହଁରେ ହସ ଫୁଟାଇବାପାଇଁ ନିଜର ଶେଷ ସମ୍ବଳତକ ବି ବାପାଙ୍କ ହାତକୁ ଟେକିଦେଉଛନ୍ତି···! ଆଉ ଆଗକୁ ଭାବିପାରିଲା ନି ସେ । କବାଟ ଠେଲି ଘର ଭିତରକୁ ପଶିଗଲା । ମା'କୁ କୁଣ୍ଢାଇ ପକାଇ ଆବେଗରେ କହି ପକାଇଲା, ''ବୋଉ, ମୋର ଘଣ୍ଟା, ସାର୍ଟପ୍ୟାଣ୍ଟ କି ଜୋତାମୋଜା କିଛି ହେଲେ ଦରକାର ନାହିଁ । ତୋ ପରି ସ୍ନେହମୟୀ ମା' ଯାହାର ଅଛି, ତାର ତ ସବୁ ଅଛି । ତା'ଠୁଁ ବଳି ସୁଖୀ କିଏ ? ମତେ କ୍ଷମା କରିବୁ

ବୋଉ ! ସତରେ ମୋ ମୁଣ୍ଡକୁ କାହିଁକି ଯେ ଘଣ୍ଟାଭୂତ ପଶିଗଲା, ସେ କଥା ମୁଁ ନିଜେ ବି ଜାଣିପାରିଲି ନାହିଁ । ହେଲେ ଏବେ କିନ୍ତୁ ସେ ଭୂତ ମୋ ମୁଣ୍ଡରୁ ଛାଡ଼ିଯାଇଛି । ମୁଁ ତୋର ଆଗର ସେଇ ଆଦରର ପାପୁ ।"

ମା' ଆଦରରେ ପାପକର ମୁଣ୍ଡ ଆଉଁସି ଦେଉ ଦେଉ କହିଲେ, "ପାପୁ, ଏ କଣ ତୋ ମନର କଥା ?"

ପାପକ ହସି ହସି କହିଲା, "ହଁ ବୋଉ ! ଘଣ୍ଟାଭୂତ ମୋତେ ଦିନାକେତେ ଅବାଟକୁ ଟାଣିନେଇଥିଲା; କିନ୍ତୁ ତୋ'ର ମମତା ମତେ ପୁଣି ବାଟକୁ ଫେରାଇଆଣିଛି । ଏବେ ଚାଲ୍, ମୋତେ ଖାଇବାକୁ ଦେବୁ । କେତେଦିନ ହେଲା ମୁଁ ବାପାଙ୍କ ସାଙ୍ଗରେ ଖାଇନାହିଁ । ଆଜି ବାପା ମୁଁ ଏକାଠି ଖାଇବୁ ।" କହୁ କହୁ ରୋଷେଇଘର ଆଡେ ଚାଲିଗଲା ସେ । ତା'ର ଯିବାବାଟକୁ ଚାହିଁ ବାପା ମା' ଭାବୁଥିଲେ—ପାପୁ ତାଙ୍କର କେତେ ଭଲ ସତେ !

●

( ରଚନାକାଳ-ନଭେମ୍ବର, ୧୯୭୯ )

ଦିଗରାଜ ବ୍ରହ୍ମା ( ୧୯୪୯—

[ କଟକ ଜିଲ୍ଲା ଜଗତ୍ସିଂହପୁର ନିକଟସ୍ଥ ରୁଦ୍ରପୁର ଗ୍ରାମରେ ଜନ୍ମ—ଯୁବାବସ୍ଥାରୁ 'କଳିଙ୍ଗ'ର 'ଉଦୟଭାନୁ'ରେ ଲେଖୁଥିଲେ—ବର୍ତ୍ତମାନ ସମ୍ବଲପୁର ପ୍ରଶିକ୍ଷଣ ବିଦ୍ୟାଳୟରେ ଅଧ୍ୟାପନା କରନ୍ତି—ଶିଶୁସାହିତ୍ୟର ଶିକ୍ଷାଗତ ପ୍ରୟୋଗ ଉପରେ ଗବେଷଣାରତ—'ମୀନାବଜାର', 'ସୁନାପିଲା', 'ବାରମଜା' ପ୍ରଭୃତି ପତ୍ରିକାରେ ଲେଖାଲେଖି କରନ୍ତି । ]

## କୃପଣର ଦାନ

ମହାଜନପୁରର ରାମ ସାହୁ । ସେ ଯେପରି ଧନୀ, ସେହିପରି କୃପଣ । ତେଣୁ ତାଙ୍କୁ ଆଖପାଖ ଅଞ୍ଚଳର ଲୋକମାନେ 'କୃପଣ ରାମସାହୁ' ବୋଲି ଡାକୁଥିଲେ । ଏକଥା ଶୁଣି ରାମ ସାହୁ ବେଳେବେଳେ ବିରକ୍ତ ହୋଇ କହୁଥିଲେ, "ଆରେ, ଦୁନିଆରେ ଯଦି ସବୁଠାରୁ ବଡ଼ ଦାନୀ କିଏ ଅଛି, ତେବେ ସିଏ ହେଉଛି କୃପଣ ଲୋକ । କାରଣ କୃପଣ ଲୋକ ତାର ସ୍ୱଅର୍ଜିତ ଧନ ନିଜେ ଖର୍ଚ୍ଚ ନ କରି ପର ପାଇଁ ରଖିଯାଇଥାଏ । ମୋ ଧନ ମୋ ଅନ୍ତେ ଅନ୍ୟମାନେ ଭୋଗ କରିବେ । ମୁଁ ବଡ଼ ଦାନୀ ନୁହେଁ ତ କ'ଣ ଗାଁ ଲୋକେ ବଡ଼ ଦାନୀ ?"

ସେହି ଗାଁରେ ଭୂପତି ପଣ୍ଡିତେ ବାସକରୁଥିଲେ । ଦିନେ ସେ ଆସି ରାମ ସାହୁ ଘରେ ପହଞ୍ଚିଲେ । ରାମ ସାହୁ ପଣ୍ଡିତଙ୍କୁ ନିଜର ମନକଥା କହିଲା । ପଣ୍ଡିତେ ହସି ହସି କହିଲେ, "ରାମ ସାହୁ ! ଏ କଥା ସତ ଯେ କୃପଣ ଲୋକ ଏକ ପ୍ରକାରର ଦାନୀ । ମାତ୍ର ସେ ତ ତା' ଜୀବନରେ ନିଜେ ହାତ ଟେକି କାହାକୁ ଦାନ କରି ନ ଥାଏ । ତେଣୁ ଦାନଦ୍ୱାରା ମଣିଷ ଯେଉଁ ପୁଣ୍ୟ ଅର୍ଜନ କରେ, କୃପଣ ଲୋକ ତାହା ପାଇପାରେ ନାହିଁ ।" ଏହା କହି ପଣ୍ଡିତେ ଶ୍ଳୋକଟିଏ ବୋଲିଲେ; ଯାହାର ଅର୍ଥ ହେଉଛି—

'ସୁପାତ୍ରରେ ଦାନ କଲେ ଧନ ବଢ଼େ । ଧନଦ୍ୱାରା ପୁଣ୍ୟ ଲାଭ ହୁଏ । ପୁଣ୍ୟବଳରେ ସ୍ୱର୍ଗ-ସୁଖ ମିଳିଥାଏ; ପୁଣି ଧନବାନ୍ ଲୋକ ସୁଖ ଲାଭ କରିବା ମଧ୍ୟ ସମ୍ଭବ ।'

ରାମ ସାହୁ ଧନର ମୋହରେ ଏପରି ପଡ଼ିଥିଲା ଯେ ତାକୁ ପଣ୍ଡିତଙ୍କ କଥା କାଲି ଆଗରେ ମୂଳା ଶୁଣାଇଲା ଭଳି ଲାଗିଲା । କିନ୍ତୁ ପଣ୍ଡିତଙ୍କ ଆଗରେ ସେ କିଛି କହିପାରିଲା ନାହିଁ । ପଣ୍ଡିତେ ଚାଲାପରେ ସେ ମନକୁ ମନ କହିହେଲା—ଆଚ୍ଛା କଥାଏ ପଣ୍ଡିତେ କହୁଛନ୍ତି । ମୁଁ ଧନ ଅର୍ଜନ କରିବି, ଆଉ ସେହି ଧନକୁ ସୁପାତ୍ରରେ ବାଣ୍ଟିବି । ସ୍ୱର୍ଗଲାଭ କରି ସ୍ୱର୍ଗସୁଖ ପାଇବି, ପୁଣି ସୁଖୀ ହେବି । ଏ ସବୁ ପଣ୍ଡିତଙ୍କ ମନଗଢ଼ା ଶ୍ଳୋକ । ମୋ'ଠାରୁ ଦି'ପଇସା ପାଇବା ପାଇଁ ଏ ଗୋଟାଏ ଫିକର । ସ୍ୱର୍ଗ ଗୋଟାଏ କଣ ? ମୋ ଧନ ହିଁ ମୋ ସ୍ୱର୍ଗ ।

ଭୂପତି ପଣ୍ଡିତେ ଯିବାର ଦୁଇ ଚାରିଦିନପରେ ଦଳେ ଡକାଏତ ମହାଜନପୁର ଗ୍ରାମରେ ଆସି ପହଞ୍ଚିଲେ । ରାମ ସାହୁ ଯେ ଧନୀ ଲୋକ, ଏକଥା ସେମାନଙ୍କୁ ଅଜଣା ନ ଥିଲା । ତେଣୁ ସେମାନେ ସିଧା ସିଧା ରାମ ସାହୁଙ୍କ ଘରେ ପହଞ୍ଚିଗଲେ । ସାହୁଙ୍କୁ ଗୋଟାଏ ଖୁଣ୍ଟରେ ବାନ୍ଧି ପକାଇ ନିସ୍ତୁକ ମାଡ଼ଦେଲେ । ମାଡ଼ବିକଳରେ ରାମ ସାହୁ ଡକାଏତ-ମାନଙ୍କୁ ଟଙ୍କା ପଇସା ରଖିଥିବା ସ୍ଥାନଗୁଡ଼ିକ ଦେଖାଇଦେଲା । ଡକାଏତ ଦଳ ମନଖୁସିରେ ପଇସାପତ୍ର ସଂଗ୍ରହ କଲେ । ଗଲାବେଳେ ରାମ ସାହୁଙ୍କୁ କହିଲେ, "ଧନ୍ୟବାଦ ସାହୁଏ ! ଯାହାହେଉ, ଆପଣ ପେଟକୁ ନ ଖାଇ ଆମ ପାଇଁ ଏତେ ଧନ ଦଉଲତ ରଖିଥିବାରୁ ଆମେ ଆପଣଙ୍କୁ ଧନ୍ୟବାଦ ନ ଦେଇ ରହିପାରୁନାହୁଁ । ଆପଣଙ୍କ ଯୋଗୁଁ ଆମେ ଏତେ ଧନ ପାଇଲୁ । ତେଣୁ ଆପଣ ହେଉଛନ୍ତି ଏ ପୃଥିବୀର ସର୍ବଶ୍ରେଷ୍ଠ ଦାନୀ ।"

ଡକାଏତଦଳ ଚାଲିଗଲାପରେ ରାମ ସାହୁଙ୍କ ମୁଣ୍ଡରେ ବୁଦ୍ଧି ପଶିଲା । ସେ ଅଯଥା ଏତେଗୁଡ଼ାଏ ଧନ ସଞ୍ଚୟ କରି ରଖିଥିବାରୁ ନିଜର ଭୁଲ ବୁଝିପାରିଲେ । ସେ ଯେ ପ୍ରକୃତରେ ବଡ଼ କୃପଣ ଥିଲେ, ଏ ବିଶ୍ୱାସ ମଧ୍ୟ ତାଙ୍କର ଆସିଲା । ଆଉ ଭୂପତି ପଣ୍ଡିତଙ୍କ କଥାକୁ ଭୁଲ ବୁଝିଥିବାରୁ ସେ ମନେ ମନେ ବଡ଼ ଲଜ୍ଜା ଅନୁଭବ କଲେ ।

( ରଚନାକାଳ—୧୯୮୦ )